
ଅପ୍ରେଲ ୨୦୨୨ • ୫୦ ଟଙ୍କା
ରେବତୀ
ଆମ ମାଟିର ସ୍ୱର
website :
www.rebatee.in
ପ୍ରସଙ୍ଗ:
ଓଡ଼ିଆ
କବିତା
ଓଡ଼ିଆ
ଅ ଆ ଇ



Azadi Ka Amrit Mahotsav
adventz
DEFINING A NEW PRESENT
ENVISAGING A BETTER FUTURE
canonfire
PARADEEP PHOSPHATES LIMITED
www.paradeepphosphates.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୬ଷ୍ଠ ସଂଖ୍ୟା, ଅପ୍ରେଲ ୨୦୨୨ ■ Vol-4, Issue : 6, April 2022



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**Bhubaneswar Office**
Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

# ସୂ ଚୀ ପ ତ୍ର

୪ର୍ଥ ବର୍ଷ ୬ଷ୍ଠ ସଂଖ୍ୟା । ଅପ୍ରେଲ ୨୦୨୨ ।

ରେବତୀ
ଆମ ମାଟିର ସ୍ୱର

୦୩ ସମ୍ପାଦକୀୟ : ପରିବାରରେ ସମାନତା : ସୁବାସିନୀ ଜେନା







୮
ବିଶେଷ ମତ : ଲିଙ୍ଗ ଉପାସନା....: ଡକ୍ଟର ଶିଶିର ବେହେରା

୧୪
ଜୀବନ-ଜୀବିକା : ଚମକେ ଚାନ୍ଦୁଆ: ସଂଯୁକ୍ତା ପରିଡ଼ା

୨୧
ଓଡ଼ିଆ କବିତା-୧ : ପସନ୍ଦର ପାଞ୍ଚ : ମନୋଜ ମେହେର

୩୦
ଓଡ଼ିଆ କବିତା-୨ : ଚାରିକେ ଚାରି : ଈପ୍ସିତା ଷଡ଼ଙ୍ଗୀ

୪୧
ଓଡ଼ିଆ କବିତା-୩ : ନାରୀ ବିନିର୍ମାଣ : ଡକ୍ଟର ଗୌତମ ଜେନା

୪୬
ଓଡ଼ିଆ କବିତା-୪ : ସନେଟ୍‌ର ସିମ୍ଫୋନି: ଡକ୍ଟର ଭରତ ବେହେରା

୫୨
ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ

୫୪ ଦ୍ୱି-ପ୍ରଚ୍ଛଦ : ଶ୍ୱେତା ବସାକ୍
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ଜୟନ୍ତ ମହାପାତ୍ର
୫୮ : ଫନୀ ମହାନ୍ତି
୫୯ : ମମତା ଦାଶ
୬୦ : ଅପର୍ଣ୍ଣା ମହାନ୍ତି
୬୧ : ଶ୍ରୀଦେବ
୬୨ : ସଦାଶିବ ଦାଶ
୬୩ : ସେନାପତି ପ୍ରଦ୍ୟୁମ୍ନ କେଶରୀ
୬୪ : ପୀତାମ୍ବର ତରାଇ
୬୫ : ଦୁର୍ଗା ପ୍ରସାଦ ପଣ୍ଡା
୬୬ : ଗଂଗାଧର ବିଶ୍ୱାଳ
୬୭ : ମୁକୁଲ୍ ମିଶ୍ର
୬୮ : ପ୍ରଶାନ୍ତ ଦାସ
୬୯ : କିଶୋର ପାଣିଗ୍ରାହୀ
୭୦ : ସ୍ୱପ୍ନା ମିଶ୍ର
୭୧ : ରଜନୀ ଶତପଥୀ
: ଧନଞ୍ଜୟ ସ୍ୱାଇଁ
୭୨ : ପିନାକୀ ମିଶ୍ର
୭୩ : ମନୋଜ ମେହେର















୭୪ କଥା-କାହାଣୀ-୧ : **ବିଜୟ ନାୟକ**

୭୯ କଥା-କାହାଣୀ-୨ : **ସୁଜାତା ଶୁଭଦର୍ଶିନୀ ନାୟକ**

୮୨ ଅନୁଶୀଳନ : **ଡକ୍ଟର ନଟବର ଶତପଥୀ**

୮୮ ଓଡ଼ିଆ କବିତା-୫ : **ସୁଚେତା ମିଶ୍ର**

୯୪ ମୋ ବାପା : **ଡାକ୍ତର ସିଦ୍ଧାର୍ଥ ଷଡ଼ଙ୍ଗୀ**


## ନିୟମିତ ବିଭାଗ


୧୦୨ ରୋଷେଇଶାଳ: **ରୋନାଲିସା ପଣ୍ଡା**









୧୦୪ ଶେଷପୃଷ୍ଠା : **ସର୍ଜନଶୀଳତାରେ ସମାନତା : କୃଷ୍ଣ କୁମାର ମହାନ୍ତି**










ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ରିଆ ନନ୍ଦ,** ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୭ ଇଞ୍ଚ୍**
ଶିକ୍ଷା : **ଏମ୍‌ବିଏ**
ବୃତ୍ତି : **ଟିଭି ଉପସ୍ଥାପିକା**
ପ୍ରବୃତ୍ତି : **ଲେଖାଲେଖି ଓ ଫଟୋଗ୍ରାଫି**
ପ୍ରଚ୍ଛଦ ଫଟୋଗ୍ରାଫି : **ବିକାଶ ଫଟୋଗ୍ରାଫି,** ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ,** ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ଅରୁଣ ଓ ଟିନା,** ଭୁବନେଶ୍ୱର
ସ୍ଥାନ : **ରାଜାରାଣୀ ମନ୍ଦିର, ଭୁବନେଶ୍ୱର**

**ମଲାଟ କଥା :** ଭାଷା ଭିତ୍ତିରେ ରାଜ୍ୟ ଗଠନ ହେବାରେ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ । ୧୯୩୬ ମସିହା ଅପ୍ରେଲ ୧ ତାରିଖ ଦିନ ଭାଷା ଭିତ୍ତିରେ ନବଗଠିତ ଓଡ଼ିଶା ହେଲା ସ୍ୱତନ୍ତ୍ର । ଏହି ଦିନଟିକୁ ଉତ୍କଳ ଦିବସ ଭାବେ ପାଳନ କରାଯାଇଥାଏ । ୧୫୬୮ରେ ଶେଷରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ବ୍ରିଟିଶ୍ ଶାସନରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା । ଓଡ଼ିଆ ଭାଷା ଭିତ୍ତିରେ ଗଠିତ ଓଡ଼ିଶାର ଏହି ସ୍ୱତନ୍ତ୍ରତା ପ୍ରାପ୍ତିରେ ଯେଉଁ କର୍ଣ୍ଣଧାରମାନେ ସଂଗ୍ରାମ କରିଥିଲେ ସେମାନଙ୍କ ସମ୍ମାନରେ ଏଥରର ଆମର ଏ ପ୍ରଚ୍ଛଦ ।




## ‘କୁହୁକିନୀ କାଶ୍ମୀର’ ଚମତ୍କାର ଉପସ୍ଥାପନା

● ‘ରେବତୀ’ର ‘ଜନଜାତି ବିଶେଷ ସଂଖ୍ୟା-୨୦୨୨’ ପଢିବାର ସୁଯୋଗ ପାଇଲି । ଏଥିରେ ସନ୍ନିବେଶିତ ସମସ୍ତ ଲେଖା ଭିତରୁ ସମ୍ପାଦକୀୟ ଓ ଶେଷପୃଷ୍ଠା ମୋତେ ବେଶ୍ ପ୍ରଭାବିତ କଲା । ‘ସରୋଗେସି ମାତୃତ୍ୱର ଅନୁଭବ ଏବଂ ‘ସର୍ଜନଶୀଳ ଓ ସରୋଗେସି’, ଏମିତିରେ ଦେଖିଲେ ଦୁଇଟିରେ ଗୋଟିଏ କଥା କୁହାଯାଇଛି । କିନ୍ତୁ ଗୋଟିକରେ ସନ୍ତାନ ଓ ଅନ୍ୟଟିରେ ସାହିତ୍ୟ । ସରୋଗେସି ମା’ଟିଏକୁ ହୁଏତ ଧିରେ ଧିରେ ସମାଜ ଗ୍ରହଣ କରୁଛି । କିନ୍ତୁ ସରୋଗେସି ସର୍ଜନଶୀଳ ମଣିଷଟିଏକୁ ‘ସର୍ଜନଶୀଳ ସମାଜ’ କେମିତି ଗ୍ରହଣ କରିବ ? ଏହା ଏକ ଶଠ, ଭାଣ୍ଡାମୀ ଓ ମୁଖାପିନ୍ଧା ମଣିଷର ରୂପ । ଏମିତି ଯଦି ( ? ) ହୋଇଥାଏ ବା ହେଉଥାଏ ତେବେ ନିଶ୍ଚେ ସାହିତ୍ୟ ଜଗତ ଧ୍ୱସ୍ତନ୍ୟସ୍ତ ହେଇଯିବ । ବେଳ ହୁଁ ସାବଧାନ ! ପର୍ଯ୍ୟଟନ ଆଲେଖ୍ୟରେ ‘କୁହୁକିନୀ କାଶ୍ମୀର’ ଚମତ୍କାର ଉପସ୍ଥାପନା । ଜନଜାତି-୧ କିସାନ ଜନଜାତିର ବିବାହବିଧି ସଂପର୍କରେ ଲେଖିକା ଅନେକ ଅଜଣା ତଥ୍ୟ ପରଷି ଦେଇଛନ୍ତି ପାଠକଙ୍କ ପାଇଁ । ଏହା ସହିତ ‘ପରଜାଙ୍କ ପାର୍ବଣ’, ବନବାସୀଙ୍କ ଲୋକଗୀତ, ଅକ୍ଷର ବ୍ରହ୍ମ ଯାତ୍ରା, ସାଜ୍‌ର ସିମ୍ଫୋନି, ଆଦିମ ଅଧିବାସୀଙ୍କ ଚାଲି ଚଳଣି, ଖାଦ୍ୟପେୟ, ଜାନି ଯାତ୍ରା, ପୂଜାପାର୍ବଣ ଓ ଅନ୍ୟାନ୍ୟ ଅନେକ ଅଜଣା କଥା ଜାଣିହେଲା । କବିତା ସବୁ ଅତି ଚମତ୍କାର । ବିଶେଷ ଭାବେ ଗୌରହରି ଦାସଙ୍କ ‘ମେଘରାତି’, ବିଶ୍ୱରଞ୍ଜନ ସାର୍‌ଙ୍କ ‘ରାତି ପାହିଗଲା କଥା ନସରିଲା’, ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ ‘ସକାଳର ଅପେକ୍ଷାରେ’ ଏବଂ ରଂଜିତା ପଣ୍ଡା, ଅଙ୍ଗୁରବାଳା ପରିଡ଼ା ଓ ଅଜୟ କୁମାର ପଣ୍ଡାଙ୍କ କବିତା ଭଲ ଲାଗିଲା । ‘ଦାସେ ଆପଣେ’ ଏକ ଅନନ୍ୟ ଶୈଳୀର ଲେଖା ଓ ‘ପ୍ରଜ୍ଞାପୀଠରେ ତେତିଶ ବର୍ଷ’ ହୃଦୟସ୍ପର୍ଶୀ । ସବୁ ଦିଗରୁ ‘ରେବତୀ ଆମ ମାଟିର ସ୍ୱର’ ଆମ ଭାଷାର, ଆମ ମାଟିର ଏକ ଅନନ୍ୟ ପତ୍ରିକା । ତେବେ ଗୋଟେ ଅନୁରୋଧ, କିଛି ଆକ୍ଷରିକ ତ୍ରୁଟି ରହୁଛି, ପ୍ରୁଫ୍ ରିଡିଂ ପ୍ରତି ଟିକେ ଦୃଷ୍ଟି ଦେଲେ ଭଲ ହେବ ।

**ଭଗବାନ ପଣ୍ଡା ଭଗତ୍,**
ଶ୍ରୀମାନଗର ପ୍ରଥମଗଳି, ଲୋଚାପଡ଼ା, ବ୍ରହ୍ମପୁର

## ‘ରେବତୀ’ ଅନେକ କାରଣରୁ ଦୃଷ୍ଟାନ୍ତକାରୀ

● ନୃତାତ୍ତ୍ୱିକ ଅଧ୍ୟୟନ ଓ ପ୍ରତ୍ୟକ୍ଷାନୁଭୂତି ଆଧାରିତ ଅନୁଶୀଳନ ସଂବଳିତ ‘ରେବତୀ’ର ଏହି କୃତି ସଂକଳନ ଏକ ଦୃଷ୍ଟାନ୍ତ ହୋଇ ରହିବ । ପାଠକଙ୍କୁ ଆମର ବହୁସ୍ତରୀୟ ଓ ବହୁମୁଖୀ ସଂସ୍କୃତିର ରୂପାବଳି ସହିତ ପରିଚିତ କରାଇବା ଭଳି କାମ କରୁଥିବାରୁ କୃଷ୍ଣ, ତମେ ମୋର ଆନ୍ତରିକ ଧନ୍ୟବାଦ ନିଅ ।

**ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ, କଟକ**

## ଜୟନ୍ତୀ ସାହୁଙ୍କ ‘ଭାଷାମଗ୍ନା’ ଗଳ୍ପଟି ତଥ୍ୟଭିତ୍ତିକ ହୋଇଛି

● ‘ଶେଷପୃଷ୍ଠା’ରେ ସର୍ଜନଶୀଳତା ଓ ସରୋଗେସି ପଢି ‘ଭଣତି’ ବୋଲି ଶବ୍ଦଟିଏ ମନେ ପଡ଼ିଲା । ଆଗକାଳରେ କବି/ଚିତ୍ରକର ମାନେ ରଜାମହାରଜା ମାନଙ୍କୁ ମୁଦ୍ରା / ପୁରସ୍କାର ବିନିମୟରେ ନିଜର ସୃଷ୍ଟି ଭଣତି କରି ଦେଉଥିଲେ । ଶେଷପଦରେ ‘ଭଣତି’ ଶବ୍ଦ ରହୁଥିଲା ଓ ସେଥିରୁ ଜଣା ଯାଉଥିଲା ମୂଳ ସର୍ଜନାକାର ଆଉ ଜଣେ । ସୃଷ୍ଟି ଓ ସର୍ଜନା ଈଶ୍ୱରଦତ୍ତ, ପ୍ରାକୃତିକ । ଏଥିରେ ସରୋଗେସି କରିବାର ଆବଶ୍ୟକତା ବା କଣ ? ଯଶ, କୀର୍ତ୍ତି କର୍ମ ଦିଏ । ତାହା ବି ସାମୟିକ ନିଶ୍ଚିତ । ଅନେକ ବିଜ୍ଞ ଲେଖନୀକୁ ମଧ୍ୟ ଏଯାଏ ପଢ଼ିପାରିନୁ ଆମେ । ଭଲ ଲାଗେ କୃଷ୍ଣସାର୍‌ଙ୍କର ସତ କହିବାର ଶୈଳୀ ପ୍ରତିଥର ସମ୍ପାଦକୀୟରେ । ‘କୁହୁକିନୀ କାଶ୍ମୀର’ ପଢ଼ିକି ପ୍ରତ୍ୟୟ ଆସିଲା ଯେ ଏବେ ତେବେ ଯାଇହେବ ଭାରତର ସ୍ୱର୍ଗ ଦେଖିବାକୁ । ତାର ସୌନ୍ଦର୍ଯ୍ୟ ତ ଅବର୍ଣ୍ଣନୀୟ । ଚିତ୍ର ସବୁ ସୁନ୍ଦର । ବହୁତ କିଛି ଜାଣିହେଲା । ଟିକେ ଆହୁରି ବିସ୍ତାର ଭାବେ ଲେଖି ହୋଇଥାନ୍ତା ବର୍ଣ୍ଣନା ଦୃଷ୍ଟିରୁ ବୋଲି ପାଠକୀୟ ମତ ରଖିଲି । ପ୍ରଣତୀ ମ୍ୟାମ୍‌ଙ୍କ ଜନଜାତି ଲେଖାଟି ଖୁବ୍ informative. ସ୍ୱଷ୍ଟ ପ୍ରାଞ୍ଜଳ ଉପସ୍ଥାପନା । ବହୁତ ଭଲ ଲାଗିଲା । କେତେକ କଥା, ପ୍ରଥା ଜାଣିହେଲା କିସାନ୍ ଜନଜାତିଙ୍କୁ ନେଇ । ଧନ୍ୟବାଦ ମ୍ୟାମ୍ ।

- ଡଃ ରଂଜନ ସାର୍ ଓ ଡଃ ପ୍ରଦୀପ ସାର୍ । ଲୋକଗୀତରେ ଫୁଲ ଏବଂ ସ୍ନେହର ରୂପେଶଙ୍କର ଅକ୍ଷର ବ୍ରହ୍ମ ଯାତ୍ରା ସହ ଡଃ ରାଜେନ୍ଦ୍ର ପାଢ଼ୀ ସାର୍‌ଙ୍କୁ ଧନ୍ୟବାଦ ଏତେ ନିଖୁଣ ବର୍ଣ୍ଣନା ଆଦିବାସୀ ସଭ୍ୟତା, ସଂସ୍କୃତି, ପରମ୍ପରା, ଚଳଣି, ସମାଜକୁ ନେଇ ଆମକୁ ଜାଣିବାର ସୁଯୋଗ ଦେଇଥିବାରୁ । ଅନେକ ନୂତନ ଶବ୍ଦ ସହ ପରିଚୟ ହେଲା । ଶିଖିଲି । ପବିତ୍ର ଦାଶଙ୍କ ‘ଦାସେ ଆପଣେ’ ତ ନିଜେ ଏକ କିମ୍ବଦନ୍ତୀ ଇତିହାସ । ଆମ ମାଟିର ଗୌରବ । ଆମ ନିଜର ଉତ୍କଳମଣିଙ୍କୁ ନେଇ କେତେ ଅଜଣା କଥା ଓଡ଼ିଆଙ୍କ ଠି ପହଞ୍ଚେଇ ଦେଉଛନ୍ତି ଭାଇନା ପ୍ରତିଥର । ପଢ଼ିଲେ ଭାଇନାଙ୍କ ଲେଖିବା ଶୈଳୀରୁ ଅନେକ କିଛି ଶିଖିହୁଏ । ତାଙ୍କର ଅନୁଧ୍ୟାନ, ଗବେଷଣା- ଏ ବିଷୟ ନେଇ କେତେ ଯେ ପ୍ରଗାଢ଼ ଜଣାଯାଏ । ଭାଇନାଙ୍କୁ ପ୍ରଣାମ ଓ ଧନ୍ୟବାଦ । ଡ. ମଣୀନ୍ଦ୍ର ସାର୍‌ଙ୍କର ମିମି ଏବେ ବି ସମାନ ଅବସ୍ଥାରେ ରହିଛି । ଆମେ ପିଲା ଥିଲା ବେଳେ ଆଉ ଆମେ ବଡ଼ ହେଲା ପରେ ଭିନ୍ନ ମଣିଷ, ଭିନ୍ନ ବ୍ୟକ୍ତିତ୍ୱ ପାଲଟିଯିବା ଏବଂ ନିଜ ଭିତରେ କୋମଳତାକୁ ଉଚ୍ଚ ଆକାଂକ୍ଷା ତଳେ ଦବେଇ ଦେବା ବା ହଜେଇ ଦେବା ନିଶ୍ଚିତ ଦୁଃଖ ଦାୟକ । ଶିଶୁ ତ ଶିଶୁ । ତାଠୁ ଜୋର କରି ରାତା ରାତି ନିଜ ଅଭିଳାଷର ପୁଷ୍ଟି କରେଇବାର ଚେଷ୍ଟା ଅସମୀଚୀନ । ଧନ୍ୟବାଦ ସାର୍ । ଶିଶୁ ମନସ୍ତତ୍ୱକୁ ନେଇ ଏତେ ସୁନ୍ଦର ଲେଖା ନେଇ । ବଦଳିଯାନ୍ତେ କି ବାପା, ବଡ଼ ବାପାମାନେ । ‘ଭାଷାମଗ୍ନା’ ଗଳ୍ପଟି ତଥ୍ୟଭିତ୍ତିକ । ସବୁଥର ପରି ପ୍ରଜ୍ଞାପୀଠର ଅଭିଜ୍ଞତା ଓ ଏଥରର ଗୋଲାପ ଗାଥା ଖୁବ୍ ସୂଚନାରେ ଭରା । ସୁନ୍ଦର ଲେଖା । ଶ୍ୱେତା ମ୍ୟାମ୍ ବହୁତ ପଢୁଥିବେ, ରିସର୍ଚ୍ଚ କରୁଥିବେ ନା । କେତେ ସବିଶେଷରେ ସିଏ ଫୁଲମାନଙ୍କୁ ନେଇ ଲେଖନ୍ତି । ଧନ୍ୟବାଦ ମ୍ୟାମ୍ । ବାଳିକାବଧୂର ବିଧିରେ ଜାଣି ମନକଷ୍ଟ ଲାଗିଲା ଯେ ଏବେବି ଲୋକେ ଏମିତି ଅବସ୍ଥାରେ ଅଛନ୍ତି । ଟିକି ଟିକି ଝିଅମାନଙ୍କୁ ପରମ୍ପରା ନାଁରେ, ଅନ୍ଧବିଶ୍ୱାସର ସାହାରା ନେଇ ଆଜିକା ସମୟରେ ମୂଳ ଅଧିକାର ଯେମିତିକି ପଢ଼ାଲେଖା, ଶିଖିବା ଖେଳିବାରୁ ବଂଚିତ କରୁଛନ୍ତି । ଆଉ ପୁଣି ଜଙ୍ଗଲରେ ଛାଡ଼ି ଆସୁଛନ୍ତି । ଦୁଃଖଦାୟକ । ନିଜର ପରମ୍ପରାକୁ ବଞ୍ଚାଇ ରଖିବା, ମାନିବା, ପାଳନ କରିବା, ଆଉ ପରପୀଢ଼ିକୁ ସଂପତ୍ତି ରୂପେ ଯତ୍ନରେ ବଢ଼େଇ ଦେବା ଭିତରେ ତାକୁ ସଜାଡ଼ିନେବା ବି ଚାହି । ସେଇଟି ବର୍ତ୍ତମାନ ପୀଢ଼ିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଶ୍ଚିତ । ତେବେ ସିଏ ନିଜେ ସେଥିପ୍ରତି ସଜାଗ ଥିଲେ ତ ବଦଳାଇବ । ସେଥିପାଇଁ ସମୂହ ଶିକ୍ଷା ଜରୁରୀ । ପାଠକୀୟ ମତ ରଖୁଛି କେବଳ । ‘ହସଖୁସିର ପରିବାର’ରେ ମୋର ପରିବାରକୁ ଏତେ ସୁନ୍ଦର କରି ସ୍ଥାନିତ କରିଥିବାରୁ କୃଷ୍ଣ ସାର୍‌ଙ୍କୁ ଅଶେଷ ଧନ୍ୟବାଦ । ମୋର ପିଲେ ଖୁସି ହେଲେ ନିଜକୁ ‘ରେବତୀ’ ଫର୍ଦ୍ଦରେ ଦେଖି । ସେଇ ମୋର ଖୁସି । ଧନ୍ୟବାଦ ସାର୍ । ହୁଣ୍ଡିଗ୍ ହାଇଟି ଗ୍ୟାସରେ କରିବି, ଯଦିଓ ଶାଳପତ୍ର ତ ପାଇବିନି । କଖାରୁ ପତ୍ରରେ ଚଳେଇ ନେବି । ଶୁକୁ ଦୁଲୁ ଲାଦ, ମୁଇଁ ଆଳା ଉତୁକୁ ନୂଆ ନାଁରେ ଜାଣିଲି । ରାନ୍ଧି ପରଶିବି । ଧନ୍ୟବାଦ ଗୀତାମଣି ମ୍ୟାମ୍ । ଶିଳ୍ପୀ ଜ୍ୟୋତ୍ସ୍ନା ନନ୍ଦଙ୍କ ହରିଣ ଛବି ଓ ସ୍ନେହର ଶ୍ୱେତା ମିଶ୍ରଙ୍କ ଛବି ମନଛୁଆଁ । Jugal Sarkar sirଙ୍କର ଛବି ତ ସବୁବେଳେ ଆକର୍ଷଣୀୟ । ଦ୍ୱିପ୍ରଚ୍ଛଦର ମଡ଼େଲ ଏଲିନା ସିଂଙ୍କୁ ଶୁଭେଚ୍ଛା । ବହୁତ ସୁନ୍ଦର ସାଜସଜ୍ଜା, ଠାଣି ଏବଂ ଫଟୋଗ୍ରାଫି । ମାଠିଆ, ଗହଣା, back-ground ରେ ଟାଇଲ ଓ ବାଉଁଶ ବାଡ଼, ଶାଢ଼ିର ମୟୂର, ହସ ଓ ଚାହାଣୀ ସବୁ perfect ଅଭିନ୍ନ ଏଲିନା ।

**ଲୋପାମୁଦ୍ରା ପରିଡ଼ା,**
ପାନାଥୁର, ବାଙ୍ଗାଲୋର

SMILE GOLD
JEWELLERS



Making
**Flat 50% OFF**
**On Gold Ornaments**

**Flat 25% OFF**
**On Diamond Ornaments**

Making
**Flat 50% OFF**
**On Silver Ornaments**

**Flat 20% OFF**
**On Branded Watches**

**Saheed Nagar, Bhubaneswar**
Mob: 9438019696, 9438029797
Ph.: 0674-2969696, 2969797

ବିଶେଷ ମତ

# ଲିଙ୍ଗ ଉପାସନା ଓ ଶିବମୟ ଜଗତ : 'ରେବତୀ'ର ଦେବାଳୟ


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪





▲ ଶିଶିର ବେହେରା

ଧର୍ମକ୍ଷେତ୍ର, ଆଧ୍ୟାତ୍ମିକ ପୀଠ, ଦେବଭୂମି, ତୀର୍ଥାଟନ ପ୍ରଭୃତି ପ୍ରସଙ୍ଗ ପର୍ଯ୍ୟଟନ ସହ ସଂଯୋଜିତ । ପ୍ରକାରାନ୍ତରେ ଏହି ସମସ୍ତ କ୍ଷେତ୍ରକୁ ଯାତ୍ରା କରିବା ହିଁ ବ୍ୟକ୍ତିର ଭ୍ରମଣ ଓ ପର୍ଯ୍ୟଟନ କରିବାର ଅଭିଳାଷକୁ ଚରିତାର୍ଥ କରିଥାଏ ଯଦିଓ ଏଥିରେ ବ୍ୟକ୍ତିଭେଦର ମାନସିକତା ବିବିଧ; ତଥାପି ସ୍ଥିରୀକୃତ କ୍ଷେତ୍ରଗମନ କରି ଆନନ୍ଦଲାଭ କରିବା ହେଉଛି ପର୍ଯ୍ୟଟନର ମୂଳ ହେତୁ । ଭ୍ରମଣରୁ ପ୍ରାପ୍ତ ଆନନ୍ଦ ହିଁ ଭ୍ରମଣକାରୀର ସ୍ମୃତି-ସଂପଦ । ଭାରତବର୍ଷର ବିଭିନ୍ନ କ୍ଷେତ୍ର, ବିଶେଷକରି ଧାର୍ମିକସ୍ଥଳୀ ପର୍ଯ୍ୟଟନର ମାନ୍ୟତାପ୍ରାପ୍ତ । ନିଜର ଆଧ୍ୟାତ୍ମିକ ଅନ୍ୱେଷାର ପରିତୃପ୍ତି ସହ ସ୍ଥାନର ମହାତ୍ମ୍ୟ ଏବଂ ପାରିବେଶିକ ସାମାଜିକ ରୀତିନୀତି ସହ ଅଙ୍ଗାଙ୍ଗୀ ହେବାର ମହାର୍ଘ ସୁଯୋଗ ଆଣିଦିଏ ପର୍ଯ୍ୟଟନ । ଉଭୟ ଶାରୀରିକ ଏବଂ ମାନସିକ ସୁସ୍ଥତା ମଧ୍ୟ ଏଥିରେ ସନ୍ନିହିତ । ତେଣୁ ତୀର୍ଥକ୍ଷେତ୍ରମାନଙ୍କୁ ପର୍ଯ୍ୟଟନ ମାନ୍ୟତା ଦେବା ମୂଳରେ ଅପର ସଂସ୍କୃତି, ପରମ୍ପରା, ଐତିହ୍ୟ ସର୍ବୋପରି ସାମାଜିକ ଜନଜୀବନ ସହ ଓତଃପ୍ରୋତ ହେବା ଲାଗି ବ୍ୟକ୍ତିର ମାନସିକ ବିକାଶ ଓ ଆନନ୍ଦ ହିଁ ପ୍ରମୁଖ ଉଦ୍ଦେଶ୍ୟ ।

ଏହି ସମସ୍ତ ସାଂସ୍କୃତିକ ପର୍ଯ୍ୟଟନ ଭୁକ୍ତ । ଏଥିରେ ରହିଛି ଧର୍ମୀୟ ସ୍ଥାନ, ଐତିହାସିକ କ୍ଷେତ୍ର ଓ ସୌଧ, ସ୍ମୃତିସୌଧ, ପ୍ରତ୍ନତାତ୍ତ୍ୱିକ କୋଷାଗାର ଇତ୍ୟାଦି । 'ରେବତୀ'ର ମାର୍ଚ୍ଚ ୨୦୨୨ ସଂଖ୍ୟାଟି ପର୍ଯ୍ୟଟନ ବିଶେଷାଙ୍କ । ପ୍ରାୟତଃ ଧାର୍ମିକ କ୍ଷେତ୍ର ଏବଂ ତା'ର ମହାତ୍ମ୍ୟ ପ୍ରତିପାଦିତ ହୋଇଛି ବିଷୟମାନଙ୍କରେ । ପାଠକ ପଢ଼ିବା ମାତ୍ରେ ସ୍ୱତଃ ଭ୍ରମଣମନସ୍କ ହୋଇଯିବା ନିଃସନ୍ଦେହ । ଏହି ପ୍ରସଙ୍ଗରେ ଲେଖକ ନାରାୟଣ ରାଉତରାୟଙ୍କ 'ଶିବଭୂମି ଯାଜପୁର' ଆଲେଖ ଉପରେ ଏହି ସଂଖ୍ୟାରେ ମୋର ବିଶେଷମତ ।

ଭାରତୀୟ ପଟ୍ଟଭୂମିରେ ଶିବପୂଜା, ଶିବମହାତ୍ମ୍ୟ ବିଶେଷକରି ଲିଙ୍ଗପୂଜାନୁଷ୍ଠାନ ବହୁ ପ୍ରାଚୀନ । ପ୍ରାକ୍ ବୈଦିକ କାଳରୁ ପ୍ରଜନନର ଦେବତା ଭାବରେ ଅନାର୍ଯ୍ୟଙ୍କ ଦ୍ୱାରା ପୂଜିତ ହେଉଥିଲେ ଏବଂ ପରେ ଦ୍ରାବିଡ଼ମାନଙ୍କ ଦ୍ୱାରା କୃଷି ଏବଂ ପଶୁପାଳନର ଅଧିକର୍ତ୍ତା ଦେବତା ରୂପେ ମର୍ଯ୍ୟାଦା ପାଇଲେ । କ୍ରମେ ଆର୍ଯ୍ୟେତର ଏବଂ ଆର୍ଯ୍ୟମାନଙ୍କ ସାଂସ୍କୃତିକ ମିଳନ ଫଳରେ ରୁଦ୍ରପୂଜାର ପ୍ରଚଳନ ଆରମ୍ଭ ହେଲା । ଲିଙ୍ଗ-ଯୋନିର ମୂର୍ତ୍ତି ପରବର୍ତ୍ତୀ କାଳରେ ଶିବ-ଶକ୍ତିର ମିଳନ ଭାବରେ ପୂଜିତ ହେଲା । ସଂସ୍କୃତ ଗ୍ରନ୍ଥ 'କପିଳସଂହିତା' 'ଏକାମ୍ରଚନ୍ଦ୍ରିକା' 'ଏକାମ୍ର ପୁରାଣ', 'ସ୍ୱର୍ଣ୍ଣାଦ୍ରି ମହୋଦୟ', 'ତୀର୍ଥଚିନ୍ତାମଣି' ପ୍ରଭୃତିରେ ଓଡ଼ିଶାରେ ଲିଙ୍ଗପୂଜାର ବିବରଣୀ ପାଇଥାଉଁ । ଓଡ଼ିଶାର ଭୂମିଖଣ୍ଡ ଶୈବଧର୍ମ ଓ ଶିବ ଉପାସନାର ଉତ୍କୃଷ୍ଟ କ୍ଷେତ୍ର । ଭାରତର ଅନ୍ୟାନ୍ୟ ପ୍ରଦେଶ ଅପେକ୍ଷା ଓଡ଼ିଶାର ଶୈବକ୍ଷେତ୍ରର ପୁରାଣ ପ୍ରସିଦ୍ଧି ରହିଛି । ଏତଦ୍‌ଭିନ୍ନ ରାଜନ୍ୟବର୍ଗଙ୍କ ପୃଷ୍ଠପୋଷକତା, ମନ୍ଦିର ନିର୍ମାଣ ଏବଂ ସାହିତ୍ୟରେ ତା'ର ପ୍ରତିଫଳନ ମଧ୍ୟ ଦେଖିବାକୁ ମିଳେ । ଶକ୍ତିପୀଠ ଯାଜପୁର ଶିବପୂଜା-ଆରାଧନା ଲାଗି ସୁପ୍ରସିଦ୍ଧ । ଶିବଶକ୍ତିଙ୍କ ଉପାସନାର କ୍ଷେତ୍ର ଭାବରେ ଯାଜପୁରର ଐତିହ୍ୟ ସମୃଦ୍ଧ । ବିରଜା କ୍ଷେତ୍ରାଧିଶ୍ୱରୀ ହେଲେ ହେଁ ଉପାସନାର କ୍ଷେତ୍ର ଭାବରେ ଯାଜପୁର ଐତିହ୍ୟ ସମୃଦ୍ଧ । ବିରଜା କ୍ଷେତ୍ରାଧିଶ୍ୱରୀ ହେଲେ ହେଁ ବିଭିନ୍ନ ନାମରେ ଆବିର୍ଭୂତ ମହେଶ୍ୱରଙ୍କ ପୂଜାର୍ଚ୍ଚନାରେ ମୁଖରିତ ହୋଇଥାଏ ଏଠାକାର ମଠ-ମନ୍ଦିର । ଲେଖକ ରାଉତରାୟ ଯାଜପୁରରେ ଶିବାରାଧନାରେ ସଂକ୍ଷିପ୍ତ ଇତିହାସକୁ ଉପସ୍ଥାପନ କରିଛନ୍ତି । ବିଶେଷକରି କ୍ଷେତ୍ର ମହାତ୍ମ୍ୟର ସୂଚନାକ୍ରମେ ଇତିହାସର ସାହଚର୍ଯ୍ୟରେ ସେ କ୍ଷେତ୍ରାଧିଶ୍ୱରୀଙ୍କ ବହୁବିଧ ରୂପ ଏବଂ ମନ୍ଦିରର ପରିଚୟ ପ୍ରଦାନ କରିଛନ୍ତି । ପୁଣ୍ୟତୋୟା ବୈତରଣୀ କୂଳରେ ବିରାଜିତ ବାରୁଣୀତୀର୍ଥ, ଗୋକର୍ଣ୍ଣତୀର୍ଥ, କପିଳତୀର୍ଥାଦିର ବିବରଣୀ ମଧ୍ୟ ଦେଇଛନ୍ତି । ଭୌମକର ରାଜତ୍ୱକାଳୀନ ଇତିହାସ ଠାରୁ ସୋମବଂଶୀ ରାଜାଙ୍କର ଯଯାତିନଗର ପ୍ରତିଷ୍ଠା ସହ ଦଶାଶ୍ୱମେଧ ଯଜ୍ଞ କରିବାର ଐତିହାସିକ ବିବରଣୀ ଏଥିରେ ପ୍ରଦତ୍ତ । ୧୦୮ ଶିବଶିଙ୍ଗର ପରିଚୟ ସହ କେତେଗୋଟି ନିର୍ବାଚିତ କ୍ଷେତ୍ରର ନାମୋଲ୍ଲେଖ କରିଛନ୍ତି, ଯାହା ପ୍ରାସଙ୍ଗିକ ।



▲ ଲେଖକ ନାରାୟଣ ରାଉତରାୟ

ଶିବଙ୍କ ପ୍ରତୀକ ରୂପେ 'ଲିଙ୍ଗ' ପୂଜାର ପରମ୍ପରା ପ୍ରଚଳିତ । ତେଣୁ ଶୈବଧର୍ମରେ ଲିଙ୍ଗ ଉପାସନା ବା ଲିଙ୍ଗପୂଜା ଏକ ବହୁମୁଖୀ ପ୍ରସଙ୍ଗ । ଶିଶ୍ନଦେବ ବା ଲିଙ୍ଗପୂଜା ଶୈବଧର୍ମର ବିଶିଷ୍ଟ ଦିଗକୁ ଏହି ଦୃଷ୍ଟିରୁ ଦ୍ୟୋତିତ କରିଥାଏ । ଏହାର ସ୍ପଷ୍ଟ ନିର୍ଦ୍ଦେଶ 'ମହାଭାରତ'ର ଅନୁଶାସନ ପର୍ବରେ ଉପଲବ୍ଧ ହେଲେ ହେଁ ଏହାର ପ୍ରଥମ ସଂକେତ ମିଳେ ବୈଦିକ ସାହିତ୍ୟରେ । ଶିଶ୍ନଦେବଙ୍କ



# କୃଷି ଓ କୃଷକର ସାମଗ୍ରିକ ବିକାଶ ଲକ୍ଷ୍ୟରେ ସମବାୟର ଅବିରତ ପ୍ରୟାସ

- ମିଆଦୀ ଋଣରେ ଆବଶ୍ୟକ ହେଉଥିବା ଅଂଶଧନରେ ବ୍ୟାପକ ରିହାତି
- ଋଣ ଦ୍ୱାରା ସୃଷ୍ଟ / ଅର୍ଜିତ ସମ୍ପତ୍ତି , ଦେୟ ତଲବ (**charge creation**) ଏବଂ ବନ୍ଧକ (**hypothecation**) ଦ୍ୱାରା ସୁରକ୍ଷିତ
- ସମସ୍ତ ସଭ୍ୟ /ସଭ୍ୟାମାନଙ୍କର ଆର୍ଥିକ ଅନ୍ତର୍ଭୁକ୍ତି ନିମନ୍ତେ ଆକାଉଣ୍ଟରେ ଆଧାର (**Aadhaar**) ସଂଯୋଗୀକରଣର ସୁବିଧା(**PACS/FSCS/LAMPCS**)
- ବିନା ସୁଧ ଓ ରିହାତି ହାରରେ ଫସଲ ଋଣ ଯୋଗାଣ
- ପ୍ରତ୍ୟେକ ଚାଷୀଙ୍କ ପାଇଁ କୃଷି ବୀମା
- ଯୁଗ୍ମ ଦେୟ ଗୋଷ୍ଠୀ (**JLG**) ମାଧ୍ୟମରେ ଭୂମିହୀନ ଋଷୀ, ପ୍ରକୃତ ଋଷୀ କ୍ଷୁଦ୍ର ଓ ନାମମାତ୍ର ଋଷୀଙ୍କୁ ଫସଲ ଋଣ ଯୋଗାଣର ବ୍ୟବସ୍ଥା
- ରୁପେ କିଷାନ୍ କାର୍ଡ଼ ଦ୍ୱାରା ଏ.ଟି.ଏମ୍.ରୁ କୃଷି ଋଣ ଉଠାଣ
- ଜମାକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା (**PMSBY**) ଏବଂ ଜୀବନଜ୍ୟୋତି ବୀମା ଯୋଜନା (**PMJBY**) ର ପ୍ରଚଳନ (**OSCB/DCCB**)












ODISHA STATE CO-OPERATIVE BANK LTD.
ESTD. 1948

ଆମେ ବଢ଼ାଉ ସମ୍ପର୍କ

## ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍

www.odishascb.com

ଉପାସକମାନେ ଥିଲେ ସାଧାରଣତଃ ଦାସ ବା ଦସ୍ୟୁଶ୍ରେଣୀର । ଯେଉଁମାନେ ଆର୍ଯ୍ୟଋଷିମାନଙ୍କ ଯଜ୍ଞରେ ବାଧା ସୃଷ୍ଟି କରୁଥିଲେ । ଋଗ୍‌ବେଦରେ ଏକ ମନ୍ତ୍ରରେ ଋଷିମାନେ ଇନ୍ଦ୍ରଙ୍କୁ ପ୍ରାର୍ଥନା କରି କହିଛନ୍ତି, ଦୁଷ୍ଟମାନଙ୍କୁ ସଂହାର କରି ଯଜ୍ଞରକ୍ଷା ନିମନ୍ତେ । ତେଣୁ ଋଗ୍‌ବେଦରେ ଶିଶ୍ନଦେବ ବା ଲିଙ୍ଗ ଉପାସନା ନିନ୍ଦିତ ହେଲେ ମଧ୍ୟ ଏହାର ଧାରା ପରବର୍ତ୍ତୀ ସମୟରେ ବ୍ୟାପକ ହୋଇଛି । ସେହିପରି ଲିଙ୍ଗ ଓ ଯୋନିପୂଜା ଶିବଙ୍କ ସହ ଯୁକ୍ତ ହେବାର ସଂକେତ ମିଳେ 'ଶ୍ୱେତାଶ୍ୱେତର' ଉପନିଷଦରେ । ପାରମ୍ଭିକ ପର୍ଯ୍ୟାୟରେ ଲିଙ୍ଗ ଓ ଯୋନି ପୃଥକ୍ ରୂପରେ ପୂଜିତ ହେଉଥିଲେ । ପ୍ରାକ୍ ଗୁପ୍ତଯୁଗରେ ଯେଉଁ ସମସ୍ତ ଶିବଲିଙ୍ଗ ବା ମୁଦ୍ରାରେ ଅଙ୍କିତ ଓ ଶିଳାରେ ଖୋଦିତ ଚିତ୍ର ଦେଖାଯାଏ, ସେଥିରେ ଯୋନିପଟ୍ଟ ଦେଖାଯାଏ ନାହିଁ । ଏହି ସମୟରେ ଏକ ମୂର୍ତ୍ତି ଆନ୍ଧ୍ରପ୍ରଦେଶର ଗୁଡ଼ିମଲ୍ଲମ ଗ୍ରାମରୁ ଆବିଷ୍କୃତ ହୋଇଅଛି । ମୂର୍ତ୍ତିଟି ପରଶୁ ଓ ମୃଗଧାରୀ ଦ୍ୱିଭୁଜ ଶିବଙ୍କ ମୂର୍ତ୍ତି । ସଂଶ୍ଳିଷ୍ଟ ଲିଙ୍ଗଟିଏ ଏଥିରେ ଉର୍ଦ୍ଧ୍ୱକୁ ଉତ୍‌ଥିତ ଓ ମୁକ୍ତ ମୁଖଚର୍ମ ପୁରୁଷାଙ୍ଗ ଆକାରରେ ରୂପାୟିତ । ସେହିପରି ମଥୁରା ଓ ଲକ୍ଷ୍ନୌ ସଂଗ୍ରହାଳୟରେ ଖ୍ରୀଷ୍ଟୀୟ ପ୍ରଥମ ତିନିଶତକର ଯେଉଁ ଯୋନିପଟ୍ଟହୀନ ଶିବଲିଙ୍ଗ ସଂରକ୍ଷିତ ହୋଇଅଛି, ସେଗୁଡ଼ିକ ମୁକ୍ତ ମୁଖଚର୍ମ ପୁରୁଷାଙ୍ଗର ସଂପୂର୍ଣ୍ଣ ଅନୁକରଣ । ଉଜ୍ଜୟିନୀରୁ ପ୍ରାପ୍ତ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକର ମୁଦ୍ରାର ଏକ ପାର୍ଶ୍ୱରେ ଶିବଙ୍କ ମନୁଷ୍ୟମୂର୍ତ୍ତି ଏବଂ ଅପରପାର୍ଶ୍ୱରେ ତଙ୍କର ଲିଙ୍ଗମୂର୍ତ୍ତି ଅଙ୍କିତ ହୋଇଥିବାର ଦେଖିବାକୁ ମିଳେ । କ୍ରମେ ତାନ୍ତ୍ରିକ ପ୍ରଭାବ ବୃଦ୍ଧି ପାଇବା ସହିତ ଲିଙ୍ଗ ଓ ଯୋନିର ମିଳିତ ରୂପ ଅଧିକ ଆଦୃତ ହୋଇଛି ।

ମହାଭାରତର 'ଅନୁଶାସନ ପର୍ବ'ରେ ଉପମନ୍ୟୁ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଶିବଙ୍କ ଗୁଣଗାନ କରି କହିଛନ୍ତି- 'ଶିବ ହିଁ ଏକମାତ୍ର ଦେବତା, ଯାହାଙ୍କ ଲିଙ୍ଗ ବ୍ୟାପକ ଭାବରେ ପୂଜିତ ହୁଏ ।' ତେଣୁ ଲିଙ୍ଗପୂଜାର ବ୍ୟାପକ ପ୍ରସାର ହେବା ଫଳରେ ଶିବଙ୍କ ମନୁଷ୍ୟ ମୂର୍ତ୍ତି କ୍ରମେ ଗୌଣ ହୋଇଗଲା । ପ୍ରତି ଶୈବମନ୍ଦିରର ଗର୍ଭଗୃହ ମଧ୍ୟରେ ଏହି ଲିଙ୍ଗ ହିଁ ମୁଖଭାବରେ ପୂଜିତ ହେଲା । 'ଋଗ୍‌ବେଦ'ରେ କିନ୍ତୁ ଶିବଙ୍କ ପରିବର୍ତ୍ତେ ରୁଦ୍ରଙ୍କର ପରିଚୟ ମିଳେ । ଶତ୍ରୁମାନଙ୍କୁ ରୋଦନ କରାଇବାର ଶକ୍ତି ଥିବାରୁ ତାଙ୍କୁ ରୁଦ୍ର କୁହା ଯାଉଥିଲା । ଏଥିରେ ସେ ଭୟର ଦେବତା । ସେହିପରି 'ଯଜୁର୍ବେଦ'ର ଶତରୁଦ୍ରୀୟ ଅଂଶରେ ରୁଦ୍ରଙ୍କର ଏକଶତ ନାମୋଲ୍ଲେଖ ରହିଛି । ଏହା ମଧ୍ୟରୁ କେତେକ ନାମ ଉଗ୍ରରୂପକୁ ବ୍ୟଞ୍ଜିତ କଲାବେଳେ ଅନ୍ୟ କେତେକ ନାମ ତାଙ୍କର ମଙ୍ଗଳ ସତ୍ତାକୁ ଦ୍ୟୋତିତ କରିଥାଏ । 'ଅଥର୍ବବେଦ'ରେ ରୁଦ୍ରଙ୍କର କେତୋଟି ବିଶେଷ ନାମ ରହିଛି, ଯଥା- ରୁଦ୍ର, ଶର୍ବ, ଉଗ୍ର, ଭାବ, ପଶୁପତି, ମହାଦେବ ଓ ଇଶାନ । ଶ୍ୱେତାଶ୍ୱେତର ଉପନିଷଦ'ରେ ରୁଦ୍ର ସର୍ବପ୍ରଧାନ ଦେବତା ସହ ଏକେଶ୍ୱର ଭାବରେ ପରିଚିତ । ଶିବ ନାମଟି ତାଙ୍କର ଉପାଧି । ସେ ସର୍ବଭୂତରେ ସ୍ଥିତଶିବ (ଶିବଂ ସର୍ବଭୂତେଷୁ ଗୂଢ଼ମ୍), ଈଶ୍ୱରମାନଙ୍କ ମଧ୍ୟରେ ଗରମ ମାହେଶ୍ୱର, ଦେବତାମାନଙ୍କ ମଧ୍ୟରେ ପରମ ଦୈତ (ତମୀଶ୍ୱରାଣାଂ ପରମଂ ମହେଶ୍ୱରମ୍ ତ୍ୱଂ ଦେବତାନାଂ ପରମ ଦେବତମ୍) । ସେ ବିଶ୍ୱସ୍ରଷ୍ଟା, ତାଙ୍କର ଅନେକ ରୂପ (ବିଶ୍ୱସ୍ୟ ସ୍ରଷ୍ଟାରମନେକ ରୂପମ୍)



ପ୍ରାଚୀନ ଗ୍ରନ୍ଥମାନଙ୍କରେ ଶିବଙ୍କ ସଂପର୍କରେ ବହୁ ସୂଚନା ମିଳେ । ଯେପରି 'ବୌଦ୍ଧନିକାୟ' ଗ୍ରନ୍ଥରେ ଈଶାନଙ୍କ ନାମୋଲ୍ଲେଖ ରହିଛି । ଏଥିସହିତ ପାଲିଗ୍ରନ୍ଥମାନଙ୍କରେ ମଧ୍ୟ ଶିବଙ୍କ ନାମ ଦେଖିବାକୁ ମିଳେ । ଆନୁମାନିକ ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ ରଚିତ 'ବୌଦ୍ଧ ମହାମାୟୂରୀ' ଗ୍ରନ୍ଥରେ ଶିବପୁର ଏବଂ ଭୀଷଣ ନାମକ ନଗରଦ୍ୱୟର ପାଳକ-ଦେବତା ଭାବରେ ଶିବ ଏବଂ ଶିବଭଦ୍ରଙ୍କ ଉଲ୍ଲେଖ ଅଛି । ଗ୍ରୀକ୍ ଲେଖକମାନେ ଏ ଦେଶରେ ଶିବପୂଜାର ବ୍ୟାପକତାକୁ ଲକ୍ଷ୍ୟ କରିଥିଲେ ଏବଂ ନିଜର ଦେବତା ଦିଓନେସିସ୍ ସହିତ ତାହାର ତୁଳନା କରିଥିଲେ । ସେହିପରି ଲକ୍ଷ୍ୟକଲୁ, ପାଣିନୀଙ୍କ 'ଅଷ୍ଟାଧ୍ୟାୟୀ' ଗ୍ରନ୍ଥରେ ଭବ, ଶର୍ବ, ରୁଦ୍ର ଏବଂ ମୃ ନାମ ରହିଛି । ପତଞ୍ଜଳିଙ୍କ 'ମହାଭାଷ୍ୟ'ରେ ମଧ୍ୟ ରୁଦ୍ର ଓ ଶିବଙ୍କ ନାମ ଦେଖିବାକୁ ମିଳେ । 'ରାମାୟଣ'ରେ ଶିବ ଶିତିକଣ୍ଠ, ମହାଦେବ, ରୁଦ୍ର, ତ୍ର୍ୟମ୍ବକ, ପଶୁପତି ଓ ଶଙ୍କର ଆଦି ନାମରେ ଖ୍ୟାତ । 'ମହାଭାରତ'ରେ ଅନୁଶାସନ ପର୍ବରେ କୃଷ୍ଣଙ୍କର ଶିବ ଉପାସନାର କାହାଣୀ ସ୍ଥାନିତ । ଏଥିରେ ଉମାପତି ଶିବ ପଶୁପତ ଧର୍ମର ପ୍ରବର୍ତ୍ତକ । ପଶ୍ଚିମ ଭାରତରେ ଷଷ୍ଠ ଶତାବ୍ଦୀର ଜନେନ୍ଦ୍ର ଯଶୋଧର୍ମା, ହୁଣ ସର୍ଦ୍ଦାର ମିହିରକୁଳ, ବଲଭୀର ମୈତ୍ରକଗଣ, ପରବର୍ତ୍ତୀ ଗୁପ୍ତବଂଶୀୟ ଦେବଗୁପ୍ତ ଏବଂ ବିଷ୍ଣୁଗୁପ୍ତ ପ୍ରଭୃତି ଶାସକବର୍ଗ ପଶୁପତ ମତର ପୋଷକଥିଲେ । ଗୁପ୍ତ ଓ ଗୁପ୍ତୋତ୍ତର ଯୁଗରେ ଅଜସ୍ର ଶିବମୂର୍ତ୍ତି ଲିଙ୍ଗ ଓ ମନ୍ଦିରର ନିଦର୍ଶନ ମିଳିଥାଏ । ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ମଧ୍ୟ ତାଙ୍କ ଗ୍ରନ୍ଥରେ ପଶୁପତ ସଂପ୍ରଦାୟ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ୧୧୦୩ ଖ୍ରୀଷ୍ଟାବ୍ଦରେ କର୍ଣ୍ଣାଟକରୁ ପ୍ରାପ୍ତ ଏକ ଶିଳାଲେଖରୁ ଜଣାଯାଏ, ନ୍ୟାୟ ବୈଷୟିକ-ଦାର୍ଶନିକ ମୋମେଶ୍ୱର ସୁରି ଲକୁଳିଶ ପଶୁପତ ମତବାଦର ଜଣେ ଉତ୍ସାହୀ ପ୍ରଚାରକ ଥିଲେ । ଚାଲୁକ୍ୟ, ରାଷ୍ଟ୍ରକୂଟ, ଚୋ, ପ୍ରଭୃତି ରାଜବଂଶୀୟ ରାଜାମାନେ ମଧ୍ୟ ବହୁ ଶିବ ମନ୍ଦିର ପ୍ରତିଷ୍ଠା କରିଥିବାର ପ୍ରମାଣ ରହିଛି । ଓଡ଼ିଶାର ଭୁବନେଶ୍ୱରର ଉତ୍ତରେଶ୍ୱର ମନ୍ଦିର, ପରଶୁରାମେଶ୍ୱାର ମନ୍ଦିର, ନକୁଳୀଶ୍ୱର, କପିଳେଶ୍ୱର ଆଦି ମନ୍ଦିରରେ ପଶୁପତ ସଂପ୍ରଦାୟର ପ୍ରଭାବ ପରିଲକ୍ଷିତ । କାପାଳିକ, କାଳମୁଖ, ମତ୍ତମୟୂର, ନାଗଭୂଷଣ, ଶ୍ମଶାନଚାରୀ, ଅଶୁଚିଦିଗମ୍ବର ଚିତାଭସ୍ମଧାରୀ, ଭୂତପତି, କାଳମୁଖ, ଅଘୋରୀ, ଶମ୍ଭୁ ଆଦି ନାମରେ ତାଙ୍କର ପୂଜାର୍ଚ୍ଚନା ହୁଏ । ମାତ୍ର ଶିବ-ଶକ୍ତିତତ୍ତ୍ୱର ସଂଯୋଗ ଗୁପ୍ତଯୁଗରୁ ପରିଚିତ । ଅଗ୍ନି ଓ ତା'ର ଦାହିକା ଶକ୍ତି ଭଳି ଏକ ଓ ଅଭିନ୍ନ । କାଳାନୁକ୍ରମେ ଲିଙ୍ଗପୂଜା ଶିବ ଉପାସନାର ଆଧାର ହୋଇଛି । ସମଗ୍ର ଭାରତରେ ଶୈବଧର୍ମର ବ୍ୟାପକ ବିସ୍ତାର ମଧ୍ୟ ପରିଲକ୍ଷିତ । ଓଡ଼ିଶାରେ ଏହାର ପ୍ରଭାବ ଓ ପ୍ରତିଷ୍ଠା ଅନୁରୂପ । ରାଜବଂଶର ପୃଷ୍ଠପୋଷକତା ଓ ବିବିଧ ସ୍ଥାନିକ ମହାତ୍ମ୍ୟରେ ଏହି ଧର୍ମ ସର୍ବଜନାଦୃତ । ଯାଜପୁର ତଥା ଯାଜନଗ୍ରରେ ଲିଙ୍ଗ ଉପାସନା, ଶିବପୂଜାର ପ୍ରତୁଳ ପ୍ରମାଣ ଦେଖିବାକୁ ମିଳିଥାଏ । ପୁରାତାତ୍ତ୍ୱିକ, ନିର୍ମାଣକୌଶଳ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟଶୋଭିତ ମନ୍ଦିରର ପ୍ରତୀକ ଲିଙ୍ଗ ଉପାସନାର ଧାରାଟି ପ୍ରଚଳିତ ।

ଲେଖକ ନାରାୟଣ ରାଉତରାୟ 'ଶିବଭୂମି ଯାଜପୁର' ଶୀର୍ଷକରେ ଯାଜନଗ୍ରରେ ଥିବା ବିବିଧ ଶିବାଳୟର ପରିଚୟ ପ୍ରଦାନ କରିବା ସହିତ କ୍ଷେତ୍ରମହାତ୍ମ୍ୟ, ଶୈବପୂଜାବିଧି ଓ ଉତ୍ସବାଦିର ସୂକ୍ଷ୍ମ ପରିଚୟ ଦାନ କରିଛନ୍ତି । ପାଠକମାନେ ଯାଜପୁରର ଏହି ଶୈବପୀଠାଦି ସଂକ୍ରାନ୍ତରେ ଜ୍ଞାନଲାଭ କରିବା ସହିତ ପର୍ଯ୍ୟଟନ ନିମନ୍ତେ ଏଠାକୁ ଗସ୍ତ କରିବାର ମୋହକୁ ପୋଷଣ କରିବେ ନିଶ୍ଚୟ । ସ୍ୱଳ୍ପ ପରିସର ଭିତରେ ଲେଖକଙ୍କ ତଥ୍ୟପ୍ରଦାନ ବାସ୍ତବିକ ହୃଦ୍ୟ । ଏହି ସମସ୍ତ ପ୍ରସଙ୍ଗରୁ ଯାଜପୁର ସମେତ ଓଡ଼ିଶା ଏବଂ ଭାରତବର୍ଷରେ ଶିବ ଉପାସନା ଏବଂ ଲିଙ୍ଗପୂଜାର ସୁବିସ୍ତୃତ ଐତିହାସିକ ଭିତ୍ତିଭୂମିକୁ ଅନୁଭବ କରି ହେବ । 'ରେବତୀ'ର ଚଳିତ ପର୍ଯ୍ୟଟନ ବିଶେଷାଙ୍କଟି ଏହିଭଳି ଅତି ପରିଚିତ ଅଥଚ ତଥ୍ୟଧର୍ମୀ ସ୍ଥାନ ଓ କ୍ଷେତ୍ରକୁ ଆଧାର କରି ସମୃଦ୍ଧ । ପ୍ରତିଟି ଲେଖାରେ ଲେଖକୀୟ ଆବେଗ ସହିତ ଭ୍ରମଣକାରୀର ଦୃଷ୍ଟି-ଦିଗନ୍ତ ରୂପ ପାଇଛି ।




For Trade Enquiries :- 7325916233

## ‘ରେବତୀ’ର ମୁଖ୍ୟପ୍ରସଙ୍ଗ ଜନଜାତି ବିଷୟକ ଆଲେଖ୍ୟସବୁରୁ ବହୁ ଅଜଣା ତଥ୍ୟ ଜାଣିହେଲା

● ‘ରେବତୀ’ର ଫେବୃଆରୀ ସଂଖ୍ୟା ଖୁବ୍ ଆକର୍ଷଣୀୟ ହୋଇଛି । ଏଥରର ‘ରେବତୀ’, ଆମ ମାଟିର ସ୍ୱର’ରେ ମୁଖ୍ୟ ପ୍ରସଙ୍ଗ ଜନଜାତି, ଏଥିରେ ଅଛି ଆମ ଜନଜାତିଙ୍କ ସ୍ୱର । ଆମ ଜନଜାତିଙ୍କ ପରମ୍ପରା, ନୃତ୍ୟ, ସଂଗୀତ, ବାଦ୍ୟ, ଜୀବନ ଶୈଳୀକୁ ଅତି ଚମତ୍କାର ଭାବେ ଆଲୋଚନା କରାଯାଇଛି । ପ୍ରଣତି ବେହେରା ମାଡ଼ାମଙ୍କର ସୁନ୍ଦରଗଡ଼ର କିସାନ୍ ଜନଜାତିଙ୍କ ବିବାହ ବିଧି, ପ୍ରଥା ଓ କଥା ଉପରେ ଆଲେଖ୍ୟଟି ବେଶ୍ ଆକର୍ଷଣୀୟ ହୋଇଛି । କିସାନ ଜନଜାତିଙ୍କର କନିଆଁ ଦେଖା (କାନିଆ ଏର୍ନା) ଠାରୁ ଆରମ୍ଭ କରି ଘର ଦେଖା (ଆଲପା ଏର୍ନା), ଖାଲି ଆଜ୍ଞା (ଖଲିଦନା ସିଲେଇ), ଗୀତୁ ପାଲନା, ବାଢ଼ାଆମ୍ମୁ (ବାଡୁଅ ଜଳରେ ସ୍ନାନ), ଅଳତା ବିଧି, ବରୁ କାନାର୍ (ବରଯାତ୍ରୀ), ଗାଲ୍ଲେ ସେଁକନା (ବାଟ ବରଣୀ), କନିଆଁ ବରୁ ବିଦାୟ (ବରକନ୍ୟା ବିଦାୟ) ସବୁ କିଛି ଖୁବ୍ ସୁନ୍ଦର ଭାବେ ଆଲୋଚନା କରିଛନ୍ତି ଲେଖିକା ।

ପରଜା ଜନଜାତିଙ୍କ ପର୍ବପର୍ବାଣି ଓ ଯାନିଯାତରାକୁ ଡକ୍ଟର ରଂଜନ ପ୍ରଧାନ ସାର୍ ସୁନ୍ଦର ଭାବେ ପରିବେଷଣ କରିଛନ୍ତି । ପରଜାମାନଙ୍କର ଜୀବନ ସର୍ବଦା ପ୍ରକୃତି ସହ ଯୋଡ଼ି ହୋଇ ରହିଥାଏ । ସେମାନେ ଜଂଗଲ ମାଟି, ପ୍ରକୃତିର ପୂଜକ । ତେଣୁ ସେମାନଙ୍କ ସଂସ୍କୃତି, ପର୍ବପର୍ବାଣୀ, ଯାନିଯାତରା ପ୍ରକୃତି ଓ ଅରଣ୍ୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପରଜାଙ୍କ ପର୍ବପର୍ବାଣି ଗୁଡ଼ିକୁ ମୁଖ୍ୟତଃ ୬ ଭାଗରେ ବିଭକ୍ତ କରାଯାଇଛି, ଯଥା କୃଷି ଭିତ୍ତିକ ପର୍ବ, ପାରମ୍ପରିକ ପର୍ବ, ସାମାଜିକ ପର୍ବ, ଶିକାରଭିତ୍ତିକ ପର୍ବ, ରୋଗ ନିରାକରଣକାରୀ ପର୍ବ, ଗ୍ରାମ ସଂସ୍କାରମୂଳକ ପର୍ବ । ପରଜାଙ୍କ ଟାକୁ ପର୍ବ, ପୁଷ୍‌ପୁନି ପର୍ବ, ଚଇତ ପର୍ବ, କାନ୍ଦୁଲ ଭଜା ପର୍ବ, ଦିଆଲି ପର୍ବ, ବାଲି ଯାତରା ଆଦି ବିଷୟରେ ଜାଣି ଖୁବ୍ ଭଲ ଲାଗିଲା । ପରଜାଙ୍କ ସରଳ ଜୀବନ ଓ ନିଆରା ପର୍ବପର୍ବାଣୀ ବିଷୟରେ ସବିଶେଷ ଜାଣିବା ପାଇଁ ‘ରେବତୀ’ର ଏହି ପରଜାଙ୍କ ପାର୍ବଣ ଆଲେଖ୍ୟଟି ନିଶ୍ଚୟ ପଢ଼ିବା ଆବଶ୍ୟକ ବୋଲି ମତ ଦେବି । ‘ଜନଜାତି-୩’ରେ ଅଛି ‘ବନବାସୀଙ୍କ ଲୋକଗୀତ’ । ଡକ୍ଟର ପ୍ରଦୀପ କୁମାର ମିଶ୍ର ବନବାସୀଙ୍କ ଲୋକଗୀତରେ ‘ଫୁଲ’କୁ ନେଇ ଏକ ମୁଗ୍ଧକର ଆଲେଖ୍ୟ ଉପସ୍ଥାପନା କରିଛନ୍ତି । ଜନଜାତିଙ୍କ ଲୋକଗୀତରେ ଏକ ଛଳଛଳ ପଣ ରହିଥାଏ, ପ୍ରାଣକୁ ପୁଲକିତ କରେ ଜନଜାତିଙ୍କ ଲୋକଗୀତ । ବେଳେବେଳେ ଲୋକଗୀତର ଭାଷାକୁ ବୁଝି ନହେଲେ ବି ଭାବକୁ ବେଶ୍ ଅନୁଭବ କରିହୁଏ । ବନବାସୀମାନେ ପ୍ରେମରେ ଥାଇ ଅନେକ ଗୀତ ଗାଇଥାନ୍ତି ଯେଉଁ ଗୀତରେ ଫୁଲର ମହକ ମହକୁଥାଏ । ଏଇ ପ୍ରସଙ୍ଗରେ ଲେଖକ ଦୁଇଧାଡ଼ି ଜନଜାତି ପ୍ରେମଗୀତ ଉଦ୍ଧାର କରି ଲେଖିଛନ୍ତି ।

“ଉଦିଲାରେ ନନି କଅଁଳ ଜଣ / ଯୁବା ଧାଙ୍ଗଡ଼ାର ଫୁଟେ କୁସୁମ୍ କାଏ / ଘର ଖାଇ ପରେ ମନ୍...”

ବନବାସୀମାନେ ତାଙ୍କ ଦେବା ଦେବୀଙ୍କ ପାଇଁ ଯେଉଁ ଗୀତ ଗାଇଥାନ୍ତି ସେଥିରେ ବି ଭକ୍ତି ଓ ଶ୍ରଦ୍ଧାର ଫୁଲକୁ ଖଞ୍ଜିଥାଆନ୍ତି ଯେମିତିକି, “ପର୍ବତ ପର୍ବତ ସାତ ପରବତ / ସିଂହାସନ ମାଟି ଏ ନନ୍ଦପୁର / ଅଛନ୍ତି ବୁଢ଼ଶ ଭଇରବ / ତାଙ୍କ ନାମ ଧରି ଗୀତ ମୁଁ ଗାଇବି / ଆମ କଣ୍ଠେ ବିଜେକର / ଦେବତା ଅସନେ ଫୁଲର ଲାଠି / ଜୋହର୍ ଜାଗାର ମାଟି ।”

ବନବାସୀଙ୍କ ଲୋକଗୀତ ସମ୍ପର୍କିତ ଲେଖକଙ୍କର ଏହି ଆଲେଖ୍ୟଟି ପଢ଼ି ପାଠକ ଗୀତକୁ ନଶୁଣି ବି ଶୁଣି ପାରିବ, ପ୍ରାଣରେ ଫୁଲରେ ବାସ୍ନା ମହକିତ ହୋଇଯିବ, ମନ ଆନମନା ହେଇ ନିଶ୍ଚୟ କିଛି ସମୟ ପାଇଁ ଝୁମିଯିବ । ରାୟଗଡ଼ା ଜିଲ୍ଲାରେ ବସବାସ କରନ୍ତି ଦୁଇ ବିରଳ ଜନଜାତି ଡଙ୍ଗରିଆ କନ୍ଧ ଓ ସୌରା । ‘ଜନଜାତି-୪’ରେ ଲେଖକ ରୂପେଶ ସାହୁ ସୌରା ଜନଜାତିଙ୍କ ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିଛନ୍ତି । ଅକ୍ଷର ଉପାସନାର ଅନନ୍ୟତାରେ ଲେଖକ ରୂପେଶ ସାହୁ ସୌରା ଜନଜାତିଙ୍କ ସାଂସ୍କୃତିକ ପୃଷ୍ଠଭୂମି, ଜଗନ୍ନାଥ ସଂସ୍କୃତି ସହ ଶବରଙ୍କ ସମ୍ପର୍କ, ଅକ୍ଷର ବ୍ରହ୍ମଙ୍କ ଉତ୍ପତ୍ତି, ସୌରା ଜନଜାତିର ସାଧକ ମଙ୍ଗେଇ ଗମାଙ୍ଗ ତପସ୍ୟାରତ ରହି ଅକ୍ଷର ବ୍ରହ୍ମଙ୍କୁ ପ୍ରାପ୍ତ କରିବା ଓ ଚବିଶଟି ଅକ୍ଷରକୁ ପଥର ଉପରେ ଆବିଷ୍କାର କରିବାର କିମ୍ବଦନ୍ତୀ, ଅକ୍ଷର ବ୍ରହ୍ମ ସାଧକ ଓ ପ୍ରଚାରକଙ୍କ ଅବଦାନ, ଅକ୍ଷର ବ୍ରହ୍ମ ଯାତ୍ରା, ସୌରା ସମ୍ପ୍ରଦାୟ ଲୋକଙ୍କରେ ବିଶ୍ୱାସ ଓ ପୂଜାବିଧି ଆଦି ବିଷୟରେ ଏକ ସମ୍ପୂର୍ଣ୍ଣ ତଥ୍ୟ ସମ୍ବଳିତ ଖୁବ୍ ଉପାଦେୟ ଆଲେଖ୍ୟ ପରିବେଷଣ କରିଛନ୍ତି । ରୂପେଶଙ୍କ ଲେଖା ପଢ଼ି ଅନେକ କିଛି ଜାଣିହେଲା । ‘ଜନଜାତି-୫’ରେ ଅଛି ‘ସାଜ୍‌ର ସିମ୍ଫୋନି’ । ଡକ୍ଟର ରାଜେନ୍ଦ୍ର ପାଢ଼ୀଙ୍କ ଆଲେଖ୍ୟ ‘ସାଜ୍’ର ସିମ୍ଫୋନିରେ କୋରାପୁଟ ଆଦିବାସୀ ସଂଗୀତ ପରମ୍ପରାରେ ସାଜ୍ ବାଦ୍ୟବୃନ୍ଦ ବିଷୟରେ ଆଲୋଚନା କରାଯାଇଛି । ଜନଜାତିଙ୍କ ଲୋକଗୀତ ଓ ନୃତ୍ୟ ଭଳି ଖୁବ୍ ମଧୁର ତାଙ୍କର ବାଦ୍ୟର ଧ୍ୱନି । ‘ସାଜ୍’ ଟିକୁ ଅର୍କେଷ୍ଟ୍ରା ପରି ଯାହା ଚାରୋଟି ପୁରାତନ ବାଦ୍ୟର ସମଷ୍ଟି ଯଥା ମହୁରୀ, ଢୋଲ, ଟମକ ଓ ଟିଡିବିଡ଼ି । ଅବିଭକ୍ତ କୋରାପୁଟ ଜିଲ୍ଲାର ଭୂମିଆ, ଉତରା, ଅମାନ୍ୟତା, ମାଟିଆ, ପେଣ୍ଠିଆ, ହାଲବା, ପରଜା କନ୍ଧ ସମ୍ପ୍ରଦାୟର ପ୍ରତ୍ୟେକଟି ଉତ୍ସବରେ ଏହି ଚାରୋଟି ବାଦ୍ୟ ନିଶ୍ଚିତ ଭାବେ ବାଦନ କରାଯାଏ । ଆଦିବାସୀଙ୍କ ନୃତ୍ୟ, ଗୀତ ଓ ବାଦ୍ୟ ଆଧୁନିକ ନୃତ୍ୟ, ଗୀତ, ବାଦ୍ୟ ଠାରୁ କୌଣସି ଗୁଣରେ କମ୍ ନୁହେଁ । ଲେଖକ ଭେଟିଥିବା ସତୁରୀ ବର୍ଷ ବୟସ୍କ ସଦା ଭୂମିଆ କହନ୍ତି, “ଆମର ଆଦିବାସୀ ଲୋକକଥା କହିଲ ଗୀତ ଓ ଚାଲିଲେ ନାଚ ।” ସତରେ ଜନଜାତିଙ୍କ ଜୀବନଶୈଳୀ ତାଙ୍କ ନୃତ୍ୟ, ଗୀତ ଓ ବାଦ୍ୟ ଭଳି ଭାରି ଚଞ୍ଚଳ, ପ୍ରାଣବନ୍ତ ଓ ମୁଗ୍ଧକର । ସାଜ୍‌ର ସିମ୍ଫୋନି ବିଷୟଟିକୁ ଲେଖି ଜନଜାତଙ୍କ ବାଦ୍ୟ ସମ୍ପର୍କିତ ଅନେକ ତଥ୍ୟ ଜଣେଇଥିବାରୁ ରାଜେନ୍ଦ୍ର ପାଢ଼ୀ ସାର୍‌ଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇବି । ଫେବୃଆରୀ ‘ରେବତୀ’ରେ ଜନଜାତିଙ୍କ ବିଷୟରେ ଏହି ୫ଟି ଚମତ୍କାର ଆଲେଖ୍ୟକୁ ପଢ଼ି ଆମ ଓଡ଼ିଶାର ବିଭିନ୍ନ ଜନଜାତିଙ୍କ ବିଷୟରେ ଅନେକ କିଛି କଥା ଜାଣିହେଲା ଯାହା ପ୍ରତ୍ୟେକ ଓଡ଼ିଆ ଜାଣିବା ଉଚିତ ବୋଲି ମୁଁ ଭାବେ ।

ମୁଖ୍ୟ ପ୍ରସଙ୍ଗରେ ଏହି ପାଞ୍ଚଟି ଚମତ୍କାର ଆଲେଖ୍ୟ ବ୍ୟତୀତ ଏଥର ‘ରେବତୀ’ରେ ଜୟନ୍ତ ଶେଠ୍‌ଙ୍କର ଆଃ ! କାଶ୍ମୀର ଯାହା ମୋତେ ଖୁବ୍ ଆକର୍ଷିତ କଲା । ୩ ପୃଷ୍ଠାର ଏହି ପର୍ଯ୍ୟଟନ କାହାଣୀ ପଢ଼ି ସାରାଟା କାଶ୍ମୀର ବୁଲି ଆସିଲି । ଏଥର ‘ରେବତୀ’ର ସମସ୍ତ କବିତା, ପବିତ୍ର ମୋହନ ଦାଶଙ୍କର ଧାରାବାହିକ ଉପନ୍ୟାସ ‘ଦାସେ ଆପଣେ’, ଜୟନ୍ତୀ ସାହୁଙ୍କ ଗଳ୍ପ ‘ଭାଷା ମଗ୍ନା’, ଜୟନ୍ତୀ ରଥ ମାଡ଼ାମଙ୍କ ଧାରାବାହିକ ଆତ୍ମଜୀବନୀ, ରୋଷେଇରେ ଜନଜାତି ରାନ୍ଧଣା ବେଶ୍ ମୁଗ୍ଧକର ହେଇଛି । ‘ଶେଷପୃଷ୍ଠା’ରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ସର୍ଜନଶୀଳତା ଓ ସରୋଗେସି ସମ୍ବନ୍ଧୀୟ ଲେଖାଟି ସବୁଥର ଭଳି ଏକ ଚିନ୍ତା ଉଦ୍ରେକକାରୀ ଆଲେଖ୍ୟ । ଫେବୃଆରୀ ‘ରେବତୀ’ରୁ ଅନେକ କିଛି ନୂଆ କଥା ଜାଣିହେଲା । ‘ରେବତୀ’ର ଏହି ସଂଖ୍ୟା ମନରେ ଛାପି ହେଇ ରହିଗଲା । ‘ରେବତୀ’କୁ ଅନେକ ଅନେକ ଶୁଭେଚ୍ଛା ।

**ଲୋପାମୁଦ୍ରା ମିଶ୍ର,** ନନ୍ଦିପୁର, ଯାଜପୁର

## ଶୁଦ୍ଧ ହୃଦୟର ମୁରବୀପଣିଆର ଘୋର ଅଭାବ

● କାଲି ସନ୍ଧ୍ୟାରେ ‘ରେବତୀ’ ପାଇଲି । ରୁମ୍‌କୁ ଆସି ସମ୍ପାଦକୀୟରୁ ପଢ଼ିବା ଆରମ୍ଭ କରିଛି । ମୋ ମନକଥା ଯେମିତି ଲେଖି ଦେଇଛନ୍ତି ଆପଣ । ମୁରବି ନଥିଲେ ଘର ଚାଲିବ ଅବା କେମିତି, ମଙ୍ଗୁଆଳ ନଥିଲେ ନୌକା ଯେମିତି । କିନ୍ତୁ ଦୁଃଖର କଥା, ଶୁଦ୍ଧ ହୃଦୟର ମୁରବିପଣିଆର ଘୋର ଅଭାବ । ସାହିତ୍ୟରେ ସରପଂଚ, ସାହିତ୍ୟରେ ସଂଢ଼ଗିରି, ସାହିତ୍ୟରେ ମାମଲତକାରୀ, ଗୋଷ୍ଠୀଗିରି ବାସ୍ତବିକ ଦୁଃଖ ଦିଏ । କିଛି ଲୋକ ତ ଅଛନ୍ତି ମୁଣ୍ଡିଗିରି ଜରିଆରେ ନିଜର ପତିଆରା ଓ ସ୍ଥିତି, ସ୍ଥାୟିତ୍ୱ ବଜାୟ ରଖିବା ପାଇଁ ତତ୍ପର । ମାଆ ସରସ୍ୱତୀ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ସତ୍‌ସ୍ରଷ୍ଟାର ସୁରକ୍ଷା ହେଉ । ଛାଡ଼ନ୍ତୁ ସେ ତ ବିତର୍କିତ ବିଷୟ । ଆପଣଙ୍କ ଲେଖାଟି ସମୟୋପଯୋଗୀ ଏବଂ ସାମ୍ପ୍ରତିକ ସମୟର ଆଖି ଖୋଲିଦେଲା ଭଳି, ହେଜିବା ଲୋକ ହେଜନ୍ତୁ, ବିନମ୍ରତାର ସହ ଏତିକି ହିଁ ଚାହିଁବି । ଆପଣ ପୁଣିଥରେ ଚମକେଇ ଦେଇଛନ୍ତି କବିତା ଆଉ ଛବିଟି ପତ୍ରିକାରେ ସ୍ଥାନିତ କରି । ଆପଣଙ୍କ ନିରନ୍ତର ସ୍ନେହ ଓ ସଦିଚ୍ଛା ନିକଟରେ ଋଣୀ ରହୁଛି । ‘ରେବତୀ’ ପାଇଁ ଆଉକିଛି ହାତଗଢ଼ା ଗହଣା ଶୀଘ୍ର ପଠାଉଛି, ପସନ୍ଦ ଅପସନ୍ଦ ଆଦରଣୀୟା ‘ରେବତୀ’ର... କୃତଜ୍ଞତା ଜାଣିବେ ।

**ଡାକ୍ତର ଦୀନବନ୍ଧୁ ସାହୁ,**
ଭବାନୀପାଟଣା

ସମ୍ପାଦକୀୟ


# ପରିବାରରେ ସମାନତା

ଆମେ ପରିବାର ଭିତରେ ରହୁଥିବା ବେଳେ ସମସ୍ତଙ୍କୁ ସମାନ ଆଚରଣ, ବ୍ୟବହାର, ସ୍ନେହଶ୍ରଦ୍ଧା ଦେବାର ଆବଶ୍ୟକତା ରହିଛି । ପରିବାର ହେଉଛି ଏମିତି ଏକ ସୋପାନ, ଯେଉଁଠୁ ଆରମ୍ଭ ହୁଏ ମଣିଷର ଜୀବନ ଯାତ୍ରା । ସବୁକିଛି ପରିବାରର ପରିବେଷ୍ଟନୀ ମଧ୍ୟରୁ ଶିକ୍ଷା ଲାଭ କରି ଆମେ ଆଗକୁ ଅଗ୍ରସର ହୋଇଥାଉଁ । ଆମେ ଯେତେବେଳେ ଆଜି ସମାଜରେ ନାରୀ ଓ ପୁରୁଷର ସମାନତା କଥା କହୁଛୁ, ସେଇ ଏକା ସମୟରେ ପରିବାର ଭିତରେ ମଧ୍ୟ ଏଇ ସମାନତା ରହିବା ବାଞ୍ଛନୀୟ- ଏକଥା ଭୁଲିଯାଉଛୁ । ଗୋଟିଏ ପରିବାରରେ ବିଭିନ୍ନ ବୟସର, ବିଭିନ୍ନ ମାନସିକତାର, ବିଭିନ୍ନ ସ୍ୱଭାବର ଛୋଟବଡ଼ ଏକାଧିକ ସଦସ୍ୟସଦସ୍ୟା ଏକତ୍ର ରହନ୍ତି । ଏଇ ଏକତ୍ର ବସବାସ ଭିତରେ ଗୋଷ୍ଠୀଗତ ଜୀବନର ମୂଳଭିତ୍ତି କ'ଣ, ତା'ର ଅୟମାରମ୍ଭ ଏଇଠୁ ହୁଏ । ସଂଯୁକ୍ତ ପରିବାର ଭିତରେ ଛୋଟ ଛୋଟ ପିଲାମାନଙ୍କ ସହିତ, ତରୁଣ ଓ କିଶୋର ବୟସର ପିଲାମାନେ, ଯୁବବର୍ଗ ଓ ବୃଦ୍ଧବୃଦ୍ଧା ମଧ୍ୟ ଏକତ୍ର ହସଖୁସିରେ ଏକମନ ଏକପ୍ରାଣ ହୋଇ ରହନ୍ତି । ସେଇ ପରିବାରରେ ଛୋଟରୁ ଛୋଟ ଶିଶୁଟିର କଥା ଯେତିକି ଗୁରୁତ୍ୱର ସହିତ ବୁଝାଯାଏ, ସେଇ ଏକା ସମୟରେ ବରିଷ୍ଠ ଓ ଅତି ବୟୋଜ୍ୟେଷ୍ଠ ସଦସ୍ୟଟିର କଥାକୁ ମଧ୍ୟ ଅନୁରୂପ ଭାବେ ଗୁରୁତ୍ୱ ଦିଆଯାଏ । ଏ ହେଉଛି ପାରିବାରିକ ବନ୍ଧନର ଅମୋଘ ଚାବିକାଠି । ଏକମନ ହୋଇ ସାନମାନେ ବଡ଼ମାନଙ୍କ କଥା ମାନି ଏବଂ ବଡ଼ମାନେ ସାନମାନଙ୍କୁ ଆଦର ଯତ୍ନ କରି ପରିବାରର ବିଶାଳ ରଥକୁ ଗଡ଼େଇ ନିଅନ୍ତି । କେଉଁଠି କେମିତି ମନୋମାଳିନ୍ୟ, ଭୁଲ ବୁଝାମଣା, ରାଗରୁଷା ହେଲେ ସେସବୁକୁ ଘରର ବଡ଼ମାନେ ଅଚିରେ ସମାଧାନ କରି ଦିଅନ୍ତି । ସାନମାନେ ତାକୁ ମଥାପାତି ମାନି ନିଅନ୍ତି । ପରିବାରର ସୁଖଶାନ୍ତି ଅକ୍ଷୁର୍ଣ୍ଣ ରହେ ଓ ପରିବାରର ସଦସ୍ୟସଦସ୍ୟାଙ୍କ ମଧ୍ୟରେ ଅଶାନ୍ତି ଅବା ସ୍ୱାର୍ଥପରତା ଦେଖାଯାଏ ନାହିଁ । ପାରିବାରିକ ଶୃଙ୍ଖଳା ଭିତରେ ଏଇ ମନ୍ତ୍ର ନେଇ ଚାଲିବାକୁ ହୁଏ ।

ଆଜିର ସମୟରେ କିନ୍ତୁ ସମାନତାକୁ ନେଇ ଘର ଭିତରେ ଯେମିତି ଅଶାନ୍ତି ଏବଂ ଅରାଜକତା ଲାଗି ରହିଛି, ଘର ବାହାରେ ମଧ୍ୟ ଅନୁରୂପ ଅବସ୍ଥା । ଏକ୍‌ରେ ଆଜିର ପରିବାରରେ ସଦସ୍ୟସଦସ୍ୟା ସଂଖ୍ୟା ଖୁବ୍ କମ୍ । ସଂଯୁକ୍ତ ବଡ଼ ପରିବାରର ନକ୍ସା ବଦଳି ସାରିଛି । ୩ କି ୪ଜଣଙ୍କୁ ନେଇ ପରିବାରର ପରିସୀମା ଆବଦ୍ଧ । ତନ୍ମଧ୍ୟରୁ ଖୁବ୍ ବେଶୀର ଦୁଇ ନାରୀ, ଦୁଇ ପୁରୁଷ ହୋଇପାରେ । କେଉଁଠି କେଉଁଠି ୧ ପୁରୁଷ, ୨ ନାରୀ ମଧ୍ୟ ପରିବାର ଭିତରେ କାଳାତିପାତ କରୁଛନ୍ତି । ଏତେ କମ୍ ସଦସ୍ୟଙ୍କୁ ନେଇ ଚାଲୁଥିବା ପରିବାରରେ କାହିଁକି ତେବେ ନାରୀଟିଏକୁ ପୁରୁଷ ପରି ସମାନ ଅଧିକାର ମିଳୁନାହିଁ ! ପୁରୁଷ ପରି ସେ କାହିଁକି ମନ ଇଚ୍ଛା ବାହାରକୁ ବୁଲି ଯାଉନି । କାହିଁକି ପୁରୁଷ ପରି ସେ ମଧ୍ୟ ଅଫିସ୍‌ରୁ ଆସିବା ପରେ ନିଜେ ଫ୍ରେସ୍ ହୋଇ ନିଜ ଚା' ନିଜେ ବନେଇ ପିଉଚି ! କାହିଁକି ବର୍ଷର ୩୬୫ଦିନ ଯାକ ସେ ହିଁ ରୋଷେଇ କରୁଚି । ଘରର କୌଣସି ବଡ଼ ନିଷ୍ପତ୍ତି ନେବା ବେଳେ କାହିଁକି କେବଳ ପୁରୁଷଟିଏ ନେଉଚି । ଏମିତି ଅନେକ 'କାହିଁକି' ଭିତରେ ସତରେ 'ସମାନତା'ର ସଂଜ୍ଞାଟି ନଷ୍ଟ ବିନଷ୍ଟ ହୋଇଯାଇଛି କହିଲେ ଭୁଲ୍ ହେବନାହିଁ ।


କେବଳ ଏତିକି ନୁହେଁ, ଛୋଟିଆ ପରିବାର ଭିତରେ ଯଦି ପୁଅଟେ ଓ ଝିଅଟେ ଥାଆନ୍ତି, ତେବେ ଅନେକ କ୍ଷେତ୍ରରେ କାହିଁକି ପୁଅଟିର ଉଚ୍ଚଶିକ୍ଷା ପାଇଁ ବେଶି ଧ୍ୟାନ ଦିଆ ଯାଉଥିବା ବେଳେ ଝିଅଟି ମୁଣ୍ଡରେ ଆରମ୍ଭରୁ ପ୍ରଶେଇ ଦିଆଯାଏ ଯେ, ତୁ ଝିଅପିଲା, ତତେ ରୋଷେଇବାସ, ଘରକରଣା, ଶଣୁଣା ଆଦି ଶିଖିବା ଉଚିତ । କାରଣ ତତେ ବାହାହୋଇ ପରଘରକୁ ହିଁ ଯିବାକୁ ପଡ଼ିବ । ଆଉ ସେଠି ତତେ କେହି ସାହାଯ୍ୟ କରିବେ ନାହିଁ । କାହିଁକି ଝିଅଟିର ମନରେ ଏପରି ଏକ ଭୟ ସଞ୍ଚାର କରି ତା ଜୀବନକୁ ଆମେ ମାଟି କରିଦେଉ ! କାହିଁକି ଝିଅଟିଏ ଯେତେ ଶିକ୍ଷିତ ହୋଇଥିଲେ ବି ବିବାହ ପରେ ଶାଶୁଘରେ କେବଳ ରୋଷେଇ କରିବ, ଘର ସଜାଡ଼ିବ ! କାହିଁକି ତାକୁ ତା'ଠୁ ତା'ପରି ବଂଚିବାର ଅଧିକାରଟି ଆମେ ଛଡ଼େଇ ଆଣୁ ? କାହିଁକି ଆମେ ତାକୁ ଡେଣା କଟା ଗୋଟେ ପକ୍ଷୀରେ ପରିଣତ କରିଦେଉ ? ଏହା ସତରେ କେଉଁ ପ୍ରକାର ସାମାଜିକ ସମାନତା ? ଏହା ଆମର କେଉଁ ପ୍ରକାର ମାନସିକତା ? ଆମେ କ'ଣ ଏହି ଅସମାନତାକୁ ଭାଙ୍ଗି ଦେଇ ପାରିବା ନାହିଁ ! ଆମେ କ'ଣ ପରିବାର ଭିତରେ ଏକ ସାମ୍ୟଭାବ ଆଣି ପାରିବା ନାହିଁ ? ପାରିବା, ନିଶ୍ଚୟ ପାରିବା । ଏହା ସେତେବେଳେ ସମ୍ଭବ ଯେତେବେଳେ ଆମେ ଆମ ପିଲାମାନଙ୍କୁ ସମାନତାର ଏଇ ବର୍ଣ୍ଣବୋଧ ପଢ଼ାଇବା । ସେମାନଙ୍କୁ ସେପରି ଏକ ପରିବେଶ ଦେବା ଯେଉଁଠି, ଆମ ପୁଅମାନେ ଭାବିବେ ନାହିଁ ସେମାନେ ସେମାନଙ୍କ ଭଉଣୀ ଠୁ ଅଧିକ ସୁବଧା ପାଇବାକୁ ଯୋଗ୍ୟ । ସେମାନଙ୍କ ଭିତରେ ଭଉଣୀକୁ ନେଇ ଏକ ସମଭାବାପନ୍ନ ମାନସିକତା ତିଆରି ହେବ । ସେମାନେ ନିଜ ପରି ସମାନ ଅଧିକାର ଦେବାକୁ ଚାହିଁବେ । ଚାହିଁବେ ନାହିଁ, ବରଂ ଦେବେ । ଆଜିର ସମୟରେ ଏମିତି କିଛି ସ୍ଥାନ ଅଛି, ଯେଉଁଠି ଝିଅମାନଙ୍କୁ ପାଠପଢ଼ିବା ପାଇଁ ମଧ୍ୟ ସୁଯୋଗ ନଥାଏ ଘରେ । ଏଇଠି ବାପା ଓ ମାଆଙ୍କର ମାନସିକତା କେତେ ଘୃଣ୍ୟ, ତାହା ଦେଖିବାର କଥା । ନିଜ ଝିଅଟିକୁ ଶିକ୍ଷିତ କରାଇବାକୁ କୁଣ୍ଠାର କାରଣ ଯଦି ଖୋଜିବା, ତେବେ ସେଇ ଅବାଞ୍ଛିତ ସାମାଜିକ ପ୍ରଥା ଓ ନିୟମକାନୁନ କଥା ଆସିବ । ନାରୀଟିଏ ବିବାହଯୋଗ୍ୟା ହେଲେ ତାକୁ ଯେକୌଣସି ପ୍ରକାରେ ଜଣେ ବରପାତ୍ର ଯୋଗାଡ଼ଯନ୍ତ୍ର କରି ବିବାହ ଦେଇଦେଲେ ନିସ୍ତାର- ଏପରି ମାନସିକତା ଆଜି ବି ଅନେକ ଅଭିଭାବକମାନଙ୍କ ଠାରେ ଦେଖାଯାଏ ।ଏହା ହିଁ ବଦଳିଯାଉ ପ୍ରଥମେ । ତାଙ୍କ ଅଧିକାର ତାଙ୍କ ହାତରେ ରହୁ । ଆମେ କାହିଁକି ଛଡ଼ାଇ ଆଣିବା ସେମାନଙ୍କ ହସଖୁସିର ଜୀବନ ! ଏଭଳି ଏକ ସ୍ଥିତିର ପରିବର୍ତ୍ତନ ପାଇଁ ପ୍ରତିଟି ପରିବାରରେ ଏବେଠାରୁ ସଂକଳ୍ପ ନେବାର ଆବଶ୍ୟକତା ରହିଛି । ପରିବାରରେ ସବୁ ସଦସ୍ୟଙ୍କ ସମାନ ଅଧିକାର ଭଳି ଝିଅମାନଙ୍କୁ ସେମାନଙ୍କ ଅଧିକାର ଓ ନିଜ ଭଳି ବଞ୍ଚିବାର ଇଚ୍ଛାକୁ ମାରି ଦିଆନଯାଉ ।

ପ୍ରତିଟି ପରିବାରରେ ଅଭିଭାବକମାନେ ଏଇ ଶୁଭଶଙ୍ଖ ବଜାଇ 'ସମାନତା'ର ଶୁଭାରମ୍ଭ କରନ୍ତୁ । ଆଜିର ସଂକଳ୍ପ ଏହା ହିଁ ହେଉ । ବିଷୁବ ସଂକ୍ରାନ୍ତିର ଆନ୍ତରିକ ଶୁଭେଚ୍ଛା ଜଣାଇ ରହୁଛି ।



ସମ୍ପାଦିକା

# ଚମକେ ଚାନ୍ଦୁଆ





# ପିପିଲି ଚାନ୍ଦୁଆର କିମିଆଁ

**ସଂଯୁକ୍ତା ପରିଡ଼ା**
ରତାପଡ଼ା, ସଡ଼ଙ୍ଗଇ, ଡେଲାଙ୍ଗ, ପୁରୀ-୭୫୨୦୧୫
ଫୋନ: ୮୦୯୩୬୭୫୩୩୪

**ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍**

ଉତ୍କର୍ଷ କଳା ଓ ସଂସ୍କୃତିର ରାଜ୍ୟ ଓଡ଼ିଶା । ଏହାର କୋଣ ଅନୁକୋଣରେ ଭରିରହିଛି କଳା ଓ ସଂସ୍କୃତିର ପେନ୍ଥା ପେନ୍ଥା ଫୁଲ । କେଉଁଠି ପତ୍ରରେ ପତ୍ରରେ ପଟ୍ଟଚିତ୍ର ଅଙ୍କିତ ହେଉଛି ତ ପୁଣି କେଉଁଠି ଶିଳ୍ପୀଙ୍କର କମନୀୟ ଚାତୁର୍ଯ୍ୟରେ ଭରିଯାଉଛି ତାରକସିର କଳା ମାଧୁର୍ଯ୍ୟ । ଯାହାକୁ ଦେଖିଲେ ମନ ଗହନରୁ ଝରିପଡ଼େ ଆତ୍ମତୃପ୍ତିର ଶାଶ୍ୱତ ପ୍ରେମ । ହଁ ଆମେ କହୁଛୁ ପୁରୀ ଜିଲ୍ଲାର ପିପିଲି କଥା । ଆଉ ପିପିଲି କଥା ଉଠିଲେ ଚାନ୍ଦୁଆ ତ ନିଶ୍ଚେ ଆସିବ । ଏହି ଚାନ୍ଦୁଆର ହସ୍ତଶିଳ୍ପୀଙ୍କ ପାଇଁ ପିପିଲି ଦେଶ ନୁହେଁ ସାରା ବିଶ୍ୱରେ ବିଖ୍ୟାତ । ଚାନ୍ଦୁଆ ହସ୍ତଶିଳ୍ପୀ ହିଁ ପିପିଲିର ଅଧିବାସୀମାନଙ୍କର ରୋଜଗାରର ମୂଳ ସାଧନ । ପିପିଲି ପଟେ ଗଲେ ରାଜରାସ୍ତାର ଦୁଇ ପାର୍ଶ୍ୱରେ ଅପୂର୍ବ ସୌନ୍ଦର୍ଯ୍ୟରେ ସଜ୍ଜା ହୋଇ ଝୁଲୁଥିବା ଧାଡ଼ି ଧାଡ଼ି ଚାନ୍ଦୁଆ, କମନୀୟ ବ୍ୟାଗ୍, ଲୋଭନୀୟ ମନିପର୍ସ, କଳା ନୈପୁଣ୍ୟରେ ଭରା ଛତା, ମନଲାଖି ବେଡ୍‌ସିଟ୍, ଚିତ୍ତ ମୋହୁଥିବା ଦୋଳି, ଲ୍ୟାମ୍ପ୍ ଆଉ ବିଭିନ୍ନ ପ୍ରକାରର ହସ୍ତକଳାର ସମ୍ଭାର ଆଖିରେ ପଡ଼ିବ । ସାରା ଭାରତ ବର୍ଷରେ ପିପିଲି 'ଚାନ୍ଦୁଆ' ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଇତିହାସ ପୃଷ୍ଠା ଉନ୍ମୋଚନ କଲେ ପିପିଲି ମାଟିର ଗାଥା ତଥା ଚାନ୍ଦୁଆ ଶିଳ୍ପର କାହାଣୀ ବହୁ ପୁରାତନ । ଶ୍ରୀକ୍ଷେତ୍ରକୁ ଯିବା ରାସ୍ତାରେ ସାଧୁ, ସନ୍ଥ, ସନ୍ୟାସୀମାନଙ୍କର ପଦରଜରେ ଏହିସ୍ଥାନ ପବିତ୍ର ।



▶ଲେଖିକା ସଂଯୁକ୍ତା ପରିଡ଼ା

## ପିପିଲି ନାମକରଣ

ପିପିଲି ପିପ୍ପଳ ଶବ୍ଦର ଅପଭ୍ରଂଶ ବୋଲି କୁହାଯାଏ । ପିପ୍ପଳ ଶବ୍ଦର ଅର୍ଥ ହେଉଛି ଅଶ୍ୱତ୍‌ଥ ଗଛ । ପିପିଲି ଠାରେ ବହୁଳ ପରିମାଣରେ ଅଶ୍ୱତ୍‌ଥ ଗଛ ଦେଖା ଯାଉଥିବାରୁ ସ୍ଥାନଟିକୁ ପିପ୍ପଳ ବୋଲି କୁହା ଯାଉଥିଲା । ପିପ୍ପଳରୁ ପିପିଲିର ସୃଷ୍ଟି । ଅପରପକ୍ଷେ ପିପିଲି ନାମ ପୀରପଲ୍ଲୀର ଅପଭ୍ରଂଶ ବୋଲି ମଧ୍ୟ କୁହାଯାଏ । କାରଣ ପିପିଲି ଠାରେ କେତେଜଣ ପୀରଙ୍କର ସମାଧି ରହିଛି । ତେଣୁ ପୀରପଲ୍ଲୀରୁ 'ପିପିଲି'ର ନାମକରଣ ହୋଇଛି ବୋଲି ଅନୁମାନ କରାଯାଏ ।

## ଅବସ୍ଥିତି

ଇତିହାସ ପୃଷ୍ଠା ଓଲଟାଇଲେ, ପିପିଲିର ଅବସ୍ଥିତି ସୁବର୍ଣ୍ଣ ତ୍ରିଭୁଜ ନାମରେ ମିଳିବ । କାରଣ କୋଣାର୍କ, ପୁରୀ ଓ ଭୁବନେଶ୍ୱର ମଧ୍ୟ ଭାଗରେ ପିପିଲି ଅବସ୍ଥିତ । ଏଠାରୁ ଭୁବନେଶ୍ୱରର ଦୂରତା ମାତ୍ର ୧୯ କିଲୋମିଟର ହୋଇଥିବା ସ୍ଥଳେ କୋଣାର୍କ ଓ ପୁରୀର ଦୂରତ୍ୱ ଯଥାକ୍ରମେ ୪୨ ଓ ୪୦ କିଲୋମିଟର ଅଟେ । ଅତୀତରେ ଜଗନ୍ନାଥ ସଡ଼କ ଓ ଏବେକାର ୮ ନମ୍ବର ଜାତୀୟ ରାଜପଥ ପିପିଲି ମଧ୍ୟ ଦେଇ ଗତି କରୁଥିଲା । ଛୋଟ ବଜାରଟି ଅଧିକ ଗହଳି ହେବାରୁ ଯାନବାହାନ ଯିବା ଆସିବାରେ ଅସୁବିଧା ହେଲା । ସରକାର ଅଧୁନା ପିପିଲି ଗ୍ରାମର ପଛ ପଟେ ବାଇପାସ୍ ରାସ୍ତା କରିଛନ୍ତି । ବାଇପାସ୍ ରାସ୍ତା ଦେଇ ପୁରୀ ଓ ଭୁବନେଶ୍ୱରକୁ ଯାତାୟତ ହେଉଛି । ପୁରୀରେ ଜଗନ୍ନାଥ ମନ୍ଦିର ଥିବାରୁ





ରାସ୍ତାରେ ଯାନବାହାନର ଗହଳି ହେବା ସ୍ୱାଭାବିକ । ବାଇପାସ୍ ରାସ୍ତାରେ ସବୁ ଯାନବାହାନ ଯାଉଛି ସତ, ପିପିଲି ବଜାରର ଚାନ୍ଦୁଆ ବିକ୍ରି କିନ୍ତୁ ମାନ୍ଦା ହୋଇଯାଇଛି ।

## ଚାନ୍ଦୁଆର ଉତ୍ପତ୍ତି

'ଚାନ୍ଦୁଆ'କୁ ଆଗେ 'ଚନ୍ଦ୍ରାତପ' କୁହା ଯାଉଥିଲା । ଲୋକମୁଖରୁ ଶୁଣାଯାଏ ପିପିଲି ମାଟିର ଦରଜି ପୁଅମାନେ, ଯଥା: ଶ୍ୟାମସୁନ୍ଦର ମହାପାତ୍ର, ନୃସିଂହ ମହାପାତ୍ର ଧବଳେଶ୍ୱର ମହାପାତ୍ର ପ୍ରଭୃତି ବ୍ୟକ୍ତି ବିଶେଷମାନଙ୍କର ସେ ବେଳର ହାତ ତିଆରି ଛତା, ପାନ ବଟୁଆ, କପଡ଼ା ଦୋଳି, ବସ୍ତାନି ଓ ତ୍ରାସ ଆଦି ମଧ୍ୟ ବିଦେଶ ମାଟିରେ ଆଦୃତ ହୋଇ ଆଦର ଲାଭ କରିଥିଲା । ପ୍ରଥମେ ରଙ୍ଗବେରଙ୍ଗର କପଡ଼ା ଆଣି ପ୍ରଭୁ ଜଗନ୍ନାଥଙ୍କର ରତ୍ନ ସିଂହାସନରେ ଲାଗିଥିବା ଚାନ୍ଦୁଆ ତିଆରି କରିଥିଲେ ପିପିଲିର ଦରଜିପୁଅ । ପ୍ରଭୁ ଜଗନ୍ନାଥଙ୍କର ଘୋଷଯାତ୍ରା, ସ୍ନାନଯାତ୍ରାରେ ବ୍ୟବହୃତ ଚାନ୍ଦୁଆ, ଛତା, ତ୍ରାସ, ଆଲଟ, ଚାମର ପ୍ରଥମେ ଏହି ପିପିଲି ମାଟିର ଦରଜୀ ପୁଅର ନିଖୁଣ ସ୍ୱହସ୍ତ ନିର୍ମିତ ଛୁଞ୍ଚି ଓ ସୂତାର କଳା ନିଦର୍ଶନ ଥିଲା ।

## ଚାନ୍ଦୁଆ ପ୍ରସ୍ତୁତ ପ୍ରଣାଳୀ

ଚାନ୍ଦୁଆ ଶିଳ୍ପ ପ୍ରତି ଦେଶ ବିଦେଶରେ ଅହେତୁକ ଆଗ୍ରହ ଯୋଗୁଁ ଚାନ୍ଦୁଆର ଗୁଣାତ୍ମକ ଦିଗ ସମସ୍ତଙ୍କୁ ଖୁସି କରିପାରୁଥିଲା, କିନ୍ତୁ ହାତ କାମ ସବୁଦିନ ତା'ର ଆସ୍ଥାନ ବଜାଇ ରଖି ପାରିଲାନି । ଚାନ୍ଦୁଆ ଶିଳ୍ପ ୧୯୭୮ ମସିହା ଠାରୁ ଦୁଇ ଭାଗରେ ବିଭକ୍ତ ହେଲା । ୧. ଚାନ୍ଦୁଆ, ୨. ଆଧୁନିକ ଚାନ୍ଦୁଆ ।

ପୂର୍ବରୁ ରଙ୍ଗୀନ କପଡ଼ା ଉପରେ ପୁନଶ୍ଚ କପଡ଼ା ରଖି ସଯତ୍ନରେ କାଟି ଛୁଞ୍ଚି ଓ ସୂତା ସାହାଯ୍ୟରେ ବିଭିନ୍ନ ପ୍ରକାର ସିଲେଇ କରି ଚାନ୍ଦୁଆ ତିଆରି ହେଉଥିଲା । ହାତକାମ ବ୍ୟତୀତ ମେସିନ କାମ ଆଦୌ ହେଉନଥିଲା । ଏବେ କିନ୍ତୁ ଆଧୁନିକତାର ଚାକଚକ୍ୟରେ ଚାନ୍ଦୁଆର ଚକମକ ରୂପ ଚମକ ବଦଳିଛି । ସମାଜ ବଦଳିବା ସହ ତାଳ ଦେଇ ଚାନ୍ଦୁଆ ପ୍ରସ୍ତୁତ ଶୈଳୀ ବଦଳି ଯାଇଛି । ସୂତା କପଡ଼ା ବଦଳରେ ଭେଲ୍‌ଭେଟ୍ କପଡ଼ା ବିଦେଶୀମାନଙ୍କୁ ଆକୃଷ୍ଟ କରୁଛି । ଚାନ୍ଦୁଆ ଏବେ ପାରମ୍ପରିକ ଶୈଳୀରୁ ଟିକେ ରଙ୍ଗ ବଦଳାଇ ଆଧୁନିକତାର ରୂପ ବର୍ଣ୍ଣାଳୀରେ ସୁଶୋଭିତ । କିନ୍ତୁ ହାତ କାମ ସବୁଦିନ ତାର ଆସ୍ଥାନ ଜମାଇ ରଖି ପାରିନି । ଦେଶ ବିଦେଶରେ ଚାନ୍ଦୁଆର ଅହେତୁକ ଆଗ୍ରହ ଯୋଗୁଁ ତାର ଗୁଣାତ୍ମକ ଦିଗ ସମସ୍ତଙ୍କୁ ଖୁସି କରାଇପାରୁଛି । ଲୋକମାନଙ୍କର ବରାଦ ମୁତାବକ ଭେଲ୍‌ଭେଟ୍ କପଡ଼ାରେ ଚୁମ୍‌କି, କାଚ ଓ ଲେସ୍ ଲଗାଇ କାମ ହେଉଛି । ନୂଆ ନୂଆ କାମ ଦେଖି ବିଦେଶୀ ପର୍ଯ୍ୟଟକଙ୍କ ଆଗ୍ରହ କହିଲେ ନସରେ । ନୂତନ ପ୍ରକାରର ଚାନ୍ଦୁଆ ଜିନିଷ ତିଆରି ଦ୍ୱାରା ଶିଳ୍ପୀଙ୍କର ସୁନାମ ସାରା ଦେଶରେ ବିକଶିତ ହେଉଛି । ଏହାଦ୍ୱାରା ଶିଳ୍ପୀ ତାର ପରିଶ୍ରମର ମୂଲ୍ୟ ପାଇପାରୁଛି ଓ ତା ଜୀବନର ସାର୍ଥକତା ଅନୁଭବ କରି ପାରୁଛି ।



### ଉପକରଣ

୧- ସୂତା କପଡ଼ା
୨- ରଙ୍ଗୀନ ଭେଲ୍‌ଭେଟ୍ କପଡ଼ା
୩- ମୋଟାସୂତା
୪- ଚୁମ୍‌କି
୫- ଲେସ୍
୬- କାଚ

### ଚାନ୍ଦୁଆର ପ୍ରକାରଭେଦ

ବଜାର ଚାହିଦାକୁ ଦୃଷ୍ଟିରେ ରଖି କାରିଗର ମାନେ ବଗିଚା ଛତା, ସ୍ତ୍ରୀ ଲୋକଙ୍କ ପାଇଁ ଛତା, ଆଲୋକବତୀ ଘୋଡ଼ଣୀ, ପରଦା, ଟେବୁଲ୍ କ୍ଲଥ୍, କୁସନ୍ କଭର୍, ଶାଢ଼ି, ଦୋପଟା, ଓହଳା ବ୍ୟାଗ୍, ଭ୍ୟାନିଟି ବ୍ୟାଗ୍, କାନ୍ଥରେ ଟଙ୍ଗା ଚାନ୍ଦୁଆ ଓ କାନ୍ଥରେ ସଜା ଅନ୍ୟ ଜିନିଷ ପ୍ରଭୃତି ବ୍ୟବହାରିକ ସାମଗ୍ରୀମାନ ତିଆରି ହୋଇ ବିକ୍ରି କରୁଛନ୍ତି ।

ଆଧୁନିକ ଚାନ୍ଦୁଆର ଅନେକ ନୂତନ ନକ୍ସା ପ୍ରସ୍ତୁତ କରାଯିବା ଯୋଗୁଁ ଲୋକପ୍ରିୟତା ହାସଲ ହୋଇଛି ଓ ବେଶ୍ ଆଦରଲାଭ ମଧ୍ୟ ହୋଇପାରୁଛି, ଏହା ହେବା ଦ୍ୱାରା ବହୁଳ ଭାବରେ ବିକ୍ରି ମଧ୍ୟ ହେଉଛି ।

ଜଗନ୍ନାଥ ଧର୍ମ ସହିତ ଏହି ହସ୍ତକଳାଟି ଓତଃପ୍ରୋତ ଭାବେ ଜଡ଼ିତ । ରଥ



ଉପରେ ଲାଗିଥିବା ଚାନ୍ଦୁଆ ରଥ ମଣ୍ଡଳୀ ଓ ମନ୍ଦିରକୁ ଆବଶ୍ୟକ ହେଉଥିବା ତ୍ରାସ, ଆଡ଼ୋଣୀ, ବାନା ଓ ବୈରେଖ ପ୍ରଭୃତି ପିପିଲି ଦରଜି ପୁଅର କଳା କୌଶଳର ଚାବିକାଠି । ମେଳା ମହୋତ୍ସବ ମାନଙ୍କରେ ଛାତି, ତ୍ରାଶ, ଚାନ୍ଦୁଆ, ଆଡ଼ୋଣୀ, ବାନାସବୁ ପିପିଲି ଚାନ୍ଦୁଆର କଳା ବୈଚିତ୍ର୍ୟମୟ । ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆସୁଥିବା ବହୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ ତିନି ରଥରେ ଲାଗିଥିବା ରଙ୍ଗ ବେରଙ୍ଗର ଚିତ୍ରିତ ଚାନ୍ଦୁଆର ଫଟୋ । ରଥ ସମ୍ମୁଖ ଭାଗରେ ଶୋଭା ପାଉଥିବା ଚାନ୍ଦୁଆର ବୈଚିତ୍ର୍ୟମୟ ସୂକ୍ଷ୍ମ ଶୋଭନୀୟ କମନୀୟ, ଲୋଭନୀୟ ଫଟୋଚିତ୍ରସବୁ ବେଶ୍ ଆକର୍ଷଣୀୟ । ରଥ ପରିଚାଳନା ସମୟରେ ସାରଥି ନିକଟରେ ଦଣ୍ଡାୟମାନ ଡାହୁକର ବେତ୍ରାଘାତ ଓ ପ୍ରସାରିତ ବାହୁରେ ଶୋଭା ପାଉଥିବା ନାଲି ରଙ୍ଗର ସାଲୁ କପଡ଼ା ମଧ୍ୟ ପିପିଲି ଦରଜୀ ପୁଅର କଳା ନିପୁଣତାର ସ୍ମାରକୀ । ପ୍ରଭୁ ଜଗନ୍ନାଥଙ୍କର ପତିତପାବନ ବାନା ଯାହାକି ନୀଳଚକ୍ରରେ ଫରଫର ହୋଇ ଉଡୁଥାଏ ତାହା ମଧ୍ୟ ପିପିଲି ମାଟିରୁ ତିଆରି ଚିତ୍ରବିଚିତ୍ର ବର୍ଣ୍ଣାଳୀର ଶୈଳୀ । ମନ୍ଦିରମାନଙ୍କର ଚୂଡ଼ାରେ ଉଡୁଥିବା ବାନା ଚାନ୍ଦୁଆ ଶିଳ୍ପର ଏକ ବିରାଟ ସଫଳତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଚାନ୍ଦୁଆ ଶିଳ୍ପ ଯୋଗୁଁ ପିପିଲି ମାଟି ଦେଶବିଦେଶରେ ପରିଚିତ ହେବା ସହ ଦରଜି



ପୁଅର ଛୁଞ୍ଚ ଓ ସୂତା କିପରି ବିଶ୍ୱ ଦରବାରରେ ଦଣ୍ଡାୟମାନ, ତାହା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ । ଉତ୍କଳର ସ୍ୱର୍ଣ୍ଣ ତ୍ରିଭୁଜ ଆଭ୍ୟନ୍ତର ପ୍ରଦେଶର ଅର୍ନକେନ୍ଦ୍ର ରୂପେ ରହିଥିଲେ ସୁଦ୍ଧା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଛି ସଦାକାଳ । ଯେ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିର ରହିଛି ଚାନ୍ଦୁଆ ଶିଳ୍ପ ବଂଚି ରହିବ ।

### ଚାନ୍ଦୁଆ କାରିଗରଙ୍କ ସମସ୍ୟା


ପିପିଲି ଚାନ୍ଦୁଆ କାରିଗରମାନଙ୍କର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କର ଆକର୍ଷଣ ପାଲଟିଥିବା ପିପିଲି ଚାନ୍ଦୁଆ ଅଦରକାରୀ ହେବା ପରି ମନେ ହେଉଛି । ଏହାର ମୁଖ୍ୟ କାରଣ ପିପିଲି-ପୁରୀ ବାଇପାସ୍ ରାସ୍ତା । ଏ ସମସ୍ୟା କିପରି ସମାଧାନ ହେବ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି । ଏହାର ସମାଧାନ ହୋଇ ନପାରିଲେ ପିପିଲି ଚାନ୍ଦୁଆର ଉତ୍ପାଦନ ଓ ବିକ୍ରି କମିଯିବ । ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେବେ ।

### ଚାନ୍ଦୁଆର ବିକାଶ ପାଇଁ କାର୍ଯ୍ୟକ୍ରମ

ଓଡ଼ିଶାରେ ଅନୁମୋଦିତ ୫୦ଗୋଟି ହସ୍ତଶିଳ୍ପ ମଧ୍ୟରୁ ଚାନ୍ଦୁଆ ଅନ୍ୟତମ ।

**୧. ସ୍ୱୟଂ ସହାୟକ ଗୋଷ୍ଠୀ**

ଚାନ୍ଦୁଆ ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କୁ ଆବଶ୍ୟକୀୟ ସହାୟତା ଯଥା-କାରିଗରୀ କୌଶଳ,





ଅଭିବୃଦ୍ଧି ତାଲିମ, ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ଓ ଉକ୍ତ ଋଣ ପାଇଁ Margin Money ଇତ୍ୟାଦି ସହାୟତା ପ୍ରଦାନ କରାଯାଉଛି ।

**୨. ଆଧୁନିକରଣ ଓ ଯନ୍ତ୍ରପାତି ଉନ୍ନତି କରଣ ଯୋଜନା**

ହସ୍ତଶିଳ୍ପ ଉଦ୍ୟୋଗର ଆଧୁନିକରଣ ଓ ଯନ୍ତ୍ରପାତି ଉନ୍ନତି କରଣ ଯୋଜନାରେ କାରିଗରମାନଙ୍କ ଦ୍ୱାରା ହସ୍ତଶିଳ୍ପୀ ଉଦ୍ୟୋଗ ପ୍ରତିଷ୍ଠା ଏବଂ ଆଧୁନିକୀକରଣ ଓ ଯନ୍ତ୍ରପାତି ଉନ୍ନତିକରଣ ପାଇଁ ବ୍ୟାଙ୍କ ମାଧ୍ୟମରେ ପକଳ୍ପର ମୂଲ୍ୟ ସର୍ବନିମ୍ନ ୩ ଲକ୍ଷ



ଟଙ୍କା ଓ ସର୍ବୋଚ୍ଚ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ।

**୩. ବିପଣନ ସହାୟତା** (Maketing Support)

ଏହି ଯୋଜନା ମାଧ୍ୟମରେ ଜିଲ୍ଲା, ରାଜ୍ୟସ୍ତରରେ  ଓ ରାଜ୍ୟ ବାହାରେ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇ କାରିଗରମାନଙ୍କୁ ବିକ୍ରିବଟା ସହାୟତା ପ୍ରଦାନ କରାଯାଉଛି ।

**୪. ନୂତନ ନମୁନା ପ୍ରସ୍ତୁତି** (Design Development)

ନିଜସ୍ୱ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ହସ୍ତଶିଳ୍ପ କାରିଗରମାନଙ୍କର ଥଇଥାନ ପାଇଁ ବ୍ୟାଙ୍କ୍ ମାଧ୍ୟମରେ ଟ.୫୦,୦୦୦ ପର୍ଯ୍ୟନ୍ତ ଋଣ ପ୍ରଦାନ ସହ ଉକ୍ତ ଋଣ ଉପରେ ୨୦% (Margin Money Assistant) (ସର୍ବାଧିକ ଟ.୧୦,୦୦୦/-) ପ୍ରଦାନ କରାଯାଉଛି ।

**୬. ଆନୁଷ୍ଠାନିକ ତାଲିମ** (Institutional Training)

ହସ୍ତଶିଳ୍ପ କାରିଗରମାନଙ୍କୁ ବିକ୍ରିବଟା ସହାୟତା ପ୍ରଦାନ କରିବା ପାଇଁ ୧୯୫୯ ମସିହାରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ ଓଡ଼ିଶା ଓ ରାଜ୍ୟ ବାହାରେ ଏହାର ଶାଖା କାର୍ଯ୍ୟ କରୁଅଛି । ଚାନ୍ଦୁଆ ଉତ୍କଳିକା ମାଧ୍ୟମରେ ମଧ୍ୟ ବିକ୍ରି ହେଉଛି ।

ଭୁବନେଶ୍ୱରର କଳ୍ପନା ଛକ ଠାରୁ ୧୯ କିଲୋମିଟର ପୁରୀ ଯିବା ରାସ୍ତାରେ ପିପିଲି ପଡ଼େ ଏବଂ ଏହି ସ୍ଥାନ ପୁରୀ ଠାରୁ ୪୦ କିଲୋମିଟର ଭୁବନେଶ୍ୱର ଆସିବା ରାସ୍ତାରେ ପଡ଼େ । ପିପିଲି ରାଜରାସ୍ତାର ଦୁଇ ପାର୍ଶ୍ୱରେ

## କାରିଗରଙ୍କ ମତରେ


**ବର୍ତ୍ତମାନ ଚାନ୍ଦୁଆ କାରିଗରଙ୍କ ପାଇଁ ପିପିଲି ବାହାର ପାର୍ଶ୍ୱରେ ହୋଇଥିବା ରାସ୍ତା କାଳ ହୋଇଛି । ଅଣ ଓସାରିଆ ଓ ଗହଳି ପିପିଲି ବଜାରରେ ଭିଡ଼ ଜମିବାରୁ ସରକାର ବାହାର ପାର୍ଶ୍ୱରେ ରାସ୍ତା ତିଆରି କରିଛନ୍ତି । ଚାନ୍ଦୁଆ ଟଙ୍ଗା ହୋଇ ଝଲମଲ ଦିଶୁଥିବା ରାସ୍ତା ପଟେ ଗାଡ଼ି ମଟର ନଯିବାରୁ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ପିପିଲି ଚାନ୍ଦୁଆର ସୌନ୍ଦର୍ଯ୍ୟର ଆଢୁଆଳରେ ରହିଯାଉଛନ୍ତି । ତେଣୁ ମୋଟାମୋଟି ଚାନ୍ଦୁଆ ବିକ୍ରି ମାନ୍ଦା ହେଉଛି । ସରକାର ଏଥିପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ନେଲେ ଦରଜୀ ପୁଅର ମନ ଆନନ୍ଦିତ ହେବ ।**



ଅପୂର୍ବ ସୌନ୍ଦର୍ଯ୍ୟରେ ସଜ୍ଜା ହୋଇ ରହିଥାଏ ଧାଡ଼ି ଧାଡ଼ି ଚାନ୍ଦୁଆ, କମନୀୟ ବ୍ୟାଗ୍, ମନ ମୋହୁଥିବା ମନିପର୍ସ, କଳାନିପୁଣତାରେ ଭରା ଛତା, ମନଲାଖି ବେଡ଼ସିଟ୍, ଦୋଳି, ଲ୍ୟାମ୍ପ ଆଉ ବିଭିନ୍ନ ପ୍ରକାରର ଫଟୋଚିତ୍ର । ସାରା ଭାରତବର୍ଷରେ ପିପିଲି 'ଚାନ୍ଦଆ' ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ଇତିହାସ ପୃଷ୍ଠା ଉନ୍ମୋଚନ କଲେ ପିପିଲି ମାଟିର ଗାଥା ତଥା ଚାନ୍ଦୁଆ ଶିଳ୍ପର କାହାଣୀ ବହୁ ପୁରାତନ । ମୋଗଲ ମରହଟ୍ଟା ଶାସନ କାଳରୁ ପୁରୀର ଗଜପତିମାନେ ପୁରୀ ମନ୍ଦିରକୁ ବିଦେଶୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ପିପିଲି ନିକଟରେ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରାଯାଉଥିଲା । ଯାହାଦ୍ୱାରା ଆକ୍ରମଣକାରୀମାନେ ପୁରୀ ଅଗ୍ରସର ନ ହୋଇ ପିପିଲି ନିକଟରେ ପିସ୍ତଲିର ରସ ପାନ କରି ବୃହତ ପୁଷ୍କରିଣୀ ଭୁବନାନନ୍ଦରେ ସ୍ନାନ ତର୍ପଣାଦି ଶେଷ କରି ପ୍ରତ୍ୟାବର୍ତ୍ତନ କରୁଥିଲେ ଦିଲ୍ଲୀ ଦରବାରକୁ ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଆସୁଥିବା ବହୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ ତନି ରଥରେ ଲାଗିଥିବା ରଙ୍ଗ ବେରଙ୍ଗର ଚିତ୍ରିତ ଫଟୋ ପିପିଲିର କାରୁକାର୍ଯ୍ୟ ଓ ସମ୍ମୁଖ ଭାଗରେ ଶୋଭା ପାଉଥିବା ଚାନ୍ଦୁଆର ବୈଚିତ୍ର୍ୟମୟ ସୂକ୍ଷ୍ମ ଶୋଭନୀୟ, କମନୀୟ, ଲୋଭନୀୟ ଫଟୋଚିତ୍ରସବୁ । ରଥ ପରିଚାଳନା ସମୟରେ ସାରଥୀ ନିକଟରେ ଦଣ୍ଡାୟମାନ ଡାହୁକର ବେତ୍ରାଘାତ ଓ ପ୍ରସାରିତ ବାହୁରେ ଶୋଭା ପାଉଥିବା ନାଲି ରଙ୍ଗର ସାଲୁ କପଡ଼ା ମଧ୍ୟ ପିପିଲି ଦରଜୀ ପୁଅର କଳା ନିପୁଣ । ପ୍ରଭୁ ଜଗନ୍ନାଥଙ୍କର ପତିତପାବନ ବାନା ଯାହାକି ନୀଳଚକ୍ରରେ ଫରଫର ହୋଇ ଉଡୁଥାଏ ତାହା ମଧ୍ୟ ପିପିଲି ମାଟିରୁ ତିଆରି ଚିତ୍ର ବିଚିତ୍ର ବର୍ଣ୍ଣାଳୀର ଶୈଳୀ ।



ଉତ୍କଳୀୟ ପରମ୍ପରା ଚିତ୍ର କଳାରେ ମିଶି ରହିଛି ପିପିଲି ଚାନ୍ଦୁଆ ଶିଳ୍ପର ମହନୀୟତା । ମଠ ମନ୍ଦିରର କାରୁକାର୍ଯ୍ୟ ଓ ମଫସଲର କୁଟୀର ଶିଳ୍ପରେ ଯେମିତି ହେଲେ ପିପିଲି ଦରଜୀ ପୁଅର ହାତ ତିଆରି ଚାରୁ କଳାର କୌଶଳ ଟିକିଏ ହେଲେ ରହିଥିବ । ସର୍ବୋପରି ପିପିଲି ଚାନ୍ଦୁଆକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାର ମାଧ୍ୟମ ହେଉଛନ୍ତି ପ୍ରଭୁ ଜଗତର ନାଥ ଜଗନ୍ନାଥ । କାରଣ ନୀଳଚକ୍ର ବାନା ଠାରୁ ଆରମ୍ଭ କରି ରତ୍ନ ସିଂହାସନ ଉପରେ ମଣ୍ଡିତ ଚାନ୍ଦୁଆ ଓ ରଥରେ ବ୍ୟବହୃତ କପଡ଼ା ଓ ପାର୍ଶ୍ୱଦେବତାଙ୍କର ଚିତ୍ରିତ ଶୈଳୀ ସବୁ କୌଶଳ ପିପିଲି ଦରଜୀ ପୁଅର, ଉତ୍କଳର ସ୍ୱର୍ଣ୍ଣ ତ୍ରିଭୁଜର ଅର୍ନ୍ତଦେଶର କେନ୍ଦ୍ରବିନ୍ଦୁ ପିପିଲି । ପିପିଲିରୁ ଚାନ୍ଦୁଆ ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ବିଦେଶୀମାନେ ବାହୁଡ଼ି ଯାଆନ୍ତି, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶର ଆଭ୍ୟନ୍ତର ପ୍ରଦେଶକୁ । ଚାନ୍ଦୁଆ ଉତ୍କଳର ପରମ୍ପରା ଓ ଶିଳ୍ପକଳାର ମାନଦଣ୍ଡ । ଯାହା ଆଧୁନିକ ଓଡ଼ିଶାରେ ବେଶ ଆଦୃତ ହୋଇଅଛି । ଚାନ୍ଦୁଆ ଶିଳ୍ପକୁ ବିଶ୍ୱଦରବାରର ଶୀର୍ଷରେ ପହଞ୍ଚାଇବା ପାଇଁ ଓଡ଼ିଶା ସରକାର ବହୁ ପ୍ରଚେଷ୍ଟା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଏହାର ଉନ୍ନତି ପାଇଁ ବେଶ ତତ୍ପରତା ପ୍ରକାଶ କରିଛନ୍ତି । ପ୍ରଥମେ ଛତା ଓ କପଡ଼ା ସିଲେଇ କରୁଥିବା କାରିଗର ଗାଁ ଗାଁ ବୁଲି ବିକ୍ରି କରୁଥିଲା । ପରଦୁଆରେ ଭିକ୍ଷା ମାଗିଲା ପରି ନିଜର ଜୀବିକା ଅତିବାହିତ କରୁଥିଲା । ତାହା ଆଜି ବିକାଶର ଦ୍ୱାର ଦେଶରେ ଉପସ୍ଥିତ ହୋଇଛି । ଆଜିର ଆଧୁନିକତାର ଯୁବପିଢ଼ିମାନେ ମଧ୍ୟ ଚାନ୍ଦୁଆ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଏହାଦ୍ୱାରା ସେମାନେ କେବଳ ଉପାର୍ଜନ କରି ରୋଜଗାରକ୍ଷମ ହୋଇ ପାରୁଛନ୍ତି ତା ନୁହେଁ, ଓଡ଼ିଶାର ପାରମ୍ପରିକ କଳା କୌଶଳକୁ ବଂଚାଇ ରଖି ପାରୁଛନ୍ତି । ବର୍ତ୍ତମାନ ଚାନ୍ଦୁଆଶିଳ୍ପ ଉନ୍ନତି କରି ବହୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ପାରୁଛି । ଫାଲଗୁନ ମାସରେ ହେଉଥିବା ଦୋଳଯାତ୍ରାରେ ବିମାନ ଦୋଳକୁ ସଜ୍ଜିତ କରୁଛି ଚାନ୍ଦୁଆର କାରୁକାର୍ଯ୍ୟ । ଦୋଳ ବିମାନ ଯାତ୍ରାରେ ଆଲଟ ଚାମର, ତ୍ରାସ ସବୁ ଚାନ୍ଦୁଆରେ ନିର୍ମିତ ହୋଇଥାଏ । ଏ ସବୁ ତିଆରି କରି ଦରଜୀ ପୁଅମାନେ ବହୁ ଲାଭବାନ ହେବା ସହ ଚାନ୍ଦୁଆ ଶିଳ୍ପକୁ ସମୃଦ୍ଧ କରିଛନ୍ତି । ସମସ୍ତ ମନ୍ଦିରମାନଙ୍କର ଚୂଡ଼ାରେ ଉଡୁଥିବା ବାନା ଚାନ୍ଦୁଆ ଶିଳ୍ପର ଏକ ବିରାଟ ସଫଳତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଚାନ୍ଦୁଆ ଶିଳ୍ପ ଯୋଗୁ ପିପିଲି ମାଟି ଦେଶ ବିଦେଶରେ ପରିଚିତ ହେବା ସହ ଦରଜୀ ପୁଅର ଛୁଞ୍ଚ ଓ ସୂତା କିପରି ବିଶ୍ୱ ଦରବାରରେ ଦଣ୍ଡାୟମାନ କରିଛି ତାହା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ଉତ୍କଳର ସ୍ୱର୍ଣ୍ଣ ତ୍ରିଭୁଜର ଆଭ୍ୟନ୍ତର ପ୍ରଦେଶର ଅନ୍ତକେନ୍ଦ୍ର ରୂପେ ରହିଥିଲେ ସୁଦ୍ଧା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଛି । ଯେ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିର ରହିଛି । ଚାନ୍ଦୁଆ ଶିଳ୍ପ ବଂଚି ରହିବ । ଚାନ୍ଦୁଆ କଳା ନୈପୁଣ୍ୟତାର ମାର୍ମିକ ବିଷୟବସ୍ତୁ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଜଗନ୍ନାଥ ସଂସ୍କୃତି ସହିତ ଏହା ଓତପ୍ରୋତ ଭାବେ ଜଡ଼ିତ । ପାରମ୍ପରିକ ଶୈଳୀରୁ ଚାନ୍ଦୁଆ ଏବେ ଆଧୁନିକତାର ରୂପ ନେଇଛି । ଏହା ବଡ଼ବଡ଼ ହୋଟେଲ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ଘର ସାଜସରଞ୍ଜାମ ରୂପରେ ବ୍ୟବହୃତ ହେଉଛି ।

# ଓଡ଼ିଆ କବିତା



● ରୂପାୟନ : ରିଆ ନନ୍ଦ ● ଫଟୋ: ବିକାଶ ଫଟୋଗ୍ରାଫି
● କାଲିଗ୍ରାଫି : ବିଶ୍ୱାଳ ସୁଧାକର

# ଓଡ଼ିଆ କବିତା : ପସନ୍ଦର ପାଞ୍ଚ





# କବିତାର ୫ ବତୀଘର

ମନୋଜ ମେହେର
'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ-୧
ଫୋନ: ୯୪୩୮୭୦୫୨୫୬

ଫଟୋ ସୌଜନ୍ୟ: ଲେଖକ ଓ ଗୁଗୁଲ୍

କୌଣସି କାଳଖଣ୍ଡର ଜୀବିତ ଶ୍ରେଷ୍ଠ ବା ପ୍ରିୟ କବିଙ୍କୁ ଚିହ୍ନଟ କରିବା ଓ ତାଙ୍କର କବିତାର ସ୍ୱର ଓ ସ୍ୱରୂପକୁ ଉଦ୍‌ଘାଟନ କରିବା ପାଇଁ ସତ୍ୟନିଷ୍ଠ ଓ ମନଯୋଗୀ ହୋଇ ପ୍ରଯତ୍ନଶୀଳ ହେବା ନିଶ୍ଚିତ ଭାବେ ଦୁରୂହ ବ୍ୟାପାର ଏବଂ ଦୁଇପାଖିଆ ଖଣ୍ଡାଧାରରେ ଚାଲିବା ପରି । କାରଣ ନିରାଟ ସତ୍ୟ ନିଷ୍ଠୁର ଏବଂ ତା'ର ପରିପ୍ରକାଶ କରିବା ଅର୍ଥ ମୂଲ୍ୟ ଦେବା ପାଇଁ ପ୍ରସ୍ତୁତ ରହିବା । ଆମର ଦୁର୍ଭାଗ୍ୟ ଯେ ସମକାଳର କୌଣସି ଜୀବିତ କବିଙ୍କ କବିତାର ଯଥାର୍ଥ ମୂଲ୍ୟାୟନ ହୋଇପାରି ନାହିଁ; ତା' ବଦଳରେ ହୋଇଛି ଅନେକତ୍ର ପ୍ରଶସ୍ତିଗାନ, ସ୍ତାବକତା ବା ନିନ୍ଦାଗାନ । ସତ୍ୟର ନିକଟବର୍ତ୍ତୀ ହେବା ପାଇଁ ପ୍ରୟାସୀ ନହେବା ଏବଂ ତାର ସ୍ୱରୂପକୁ ଉଦ୍‌ଘାଟନ କରିବାରେ ପଶ୍ଚାତ୍‌ପଦ ହେବା ଆଜିର ସମାଲୋଚକ ବା ଆଲୋଚକଙ୍କ ଏକପ୍ରକାର ଧର୍ମ ବା ସ୍ୱଭାବ ପାଲଟି ଯାଇଛି । ଠିକ୍‌କୁ ଠିକ୍ ଓ ଭୁଲ୍‌କୁ ଭୁଲ୍ ଦର୍ଶାଇବାର ସତ୍‌ସାହସ ଦେଖାଇବା ପରି ବ୍ୟକ୍ତିତ୍ୱ ପରିଦୃଶ୍ୟ ହେଉନାହିଁ କହିଲେ ଚଳେ । ଏଣୁକରି ଆମ ସମୟର ପ୍ରତିଭାଦୀପ୍ତ କବି ମନୋଜ ମେହେରଙ୍କୁ 'ରେବତୀ' ପକ୍ଷରୁ ଅନୁରୋଧ କରିଥିଲୁ ତାଙ୍କ ପସନ୍ଦର ସମକାଳୀନ ପାଞ୍ଚଜଣ ପ୍ରିୟ କବିଙ୍କ ବିଷୟରେ ଏକ ଆଲେଖ୍ୟ ପ୍ରସ୍ତୁତ କରିବା ପାଇଁ । ଖୁସିର କଥା ସେ 'ରଜା ତୋ ଦେହରେ ଲୁଗା କାହିଁ?' ପରି ନ କହିଲେ ମଧ୍ୟ ଯେଉଁ ଉଚ୍ଛ୍ୱସିତ ଅନୁଭବଉର୍ମିଳ ପାଠକୀୟ ଅଭିବ୍ୟକ୍ତି ରଖିଛନ୍ତି, ତାହା ବେଶ୍ ଅର୍ଥଦ୍ୟୋତକ ହୋଇଛି । ସେଥିପାଇଁ ମନୋଜ ଧନ୍ୟବାଦାର୍ହ । ଆଶା ଓ ବିଶ୍ୱାସ ଏହି ଧାରାକୁ ଅନ୍ୟ ସୁହୃଦ୍‌ମାନେ ଆଗେଇ ନେବେ ।



◄ ଲେଖକ ମନୋଜ ମେହେର

କୌଣସି କବିତାକୁ ଶ୍ରେଷ୍ଠ କବିତା ଏବଂ କୌଣସି କବିଙ୍କୁ ପ୍ରିୟ କବି ବିବେଚନା କରିବା ନିଶ୍ଚିତ ଭାବେ ଏକ ଜଟିଳ ବ୍ୟାପାର ଏବଂ ନିହାତି ବାଚାଳାମୀ । ପାଠକ, ଲେଖକ ବା ସମାଲୋଚକ ଯିଏ ବି ହୁଅନ୍ତୁ ନା କାହିଁକି ସଭିଏଁ ନାନାପ୍ରକାର ସୀମିତତା ଓ ଆପେକ୍ଷିକତାର ଡୋରିରେ ବନ୍ଧା । ଅତଏବ କାହାର ଶିଖର, ବ୍ୟାପ୍ତି ଓ ଗଭୀରତାର ସଠିକ୍ ଆକଳନ ନ କରି କିମ୍ବା ସେଠାରେ ଅବରୋହଣ ନ କରି ଯଦି ଜଣେ ମୂଲ୍ୟାୟନ କରୁଛନ୍ତି, ତାହା ଭୁଲ୍ ଓ ବିଭ୍ରାନ୍ତି ହେବାର ଯାହା ତ ଆଶଙ୍କା ରହିଛି, ଅନ୍ଧଙ୍କ ହାତୀ ଦେଖା ପରି ସାର ହେବ । ଏହାଛଡ଼ା, ଶହଶହ ବର୍ଷ ଧରି ଯେଉଁଠି ମହାନ ଚିନ୍ତକ ଓ ସିଦ୍ଧାନ୍ତବାଦୀମାନେ କବିତା ଓ କବିର ସଂଜ୍ଞା ନିରୂପଣ କରିବାକୁ ଯାଇ କୌଣସି ନିଷ୍କର୍ଷରେ ପହଞ୍ଚି ପାରୁନାହାନ୍ତି ଏବଂ ଏବେ ବି ଚାଲିଛି ସୀମାହୀନ ପ୍ରୟାସ ସେଠାରେ ମୁଁ ଅଧିକ କହିବା ଅନୁଚିତ ।  ମନହୁଏ ଏହି ମାମଲାରେ ନିରବତା ଓ ମହାଶୂନ୍ୟତା ହିଁ ପାଥେୟ । କିନ୍ତୁ ମୁଁ ସେପରି କରିବି ନାହିଁ; କାରଣ ପକ୍ଷୀ ଗୀତ ନ ଗାଇଲେ କ'ଣ ହୁଅନ୍ତା, ନଦୀ ନ ବୋହିଲେ କ'ଣ ହୁଅନ୍ତା ପରି ଯଦି ଯୁକ୍ତିର ଦ୍ୱାହି ଦେଇ ପଳାୟନପନ୍ଥୀ ସାଜିବି, ତେବେ ଏକ ସୌନ୍ଦର୍ଯ୍ୟବୋଧର ଅନ୍ୱେଷାରୁ ଓହରି ଯାଉଛି, ମୋର ବିବେକବୋଧ ବାନ୍ଧିଯିବ ।

ସର୍ବପ୍ରଥମେ ସ୍ପଷ୍ଟ କରିଦିଏ ଯେ ମୁଁ ଅନେକ ପ୍ରକାର ସୀମିତତାର ସାମିଆନା ତଳେ ଠିଆ ହୋଇଛି ଏବଂ ଦୂରରୁ ନିକଟ ଓ ନିକଟରୁ ଦୂରକୁ ଏକାକାର କରିଦେଇ ସାହିତ୍ୟ ବିବେକର ସାପସିଡ଼ି ଖେଳ ଖେଳିବି ନାହିଁ । ସତ୍ୟର ନିକଟବର୍ତ୍ତୀ ହେବାକୁ ଚେଷ୍ଟିତ ହେବି । ପୃଥିବୀରେ ନିଚ୍ଛକ, ସ୍ୱଂୟସମ୍ପୂର୍ଣ୍ଣ ବା ନିଷ୍ପକ୍ଷ-ନିରପେକ୍ଷ ବୋଲି କିଛି ନାହିଁ । ମୁଁ ମଧ୍ୟ ପରୋକ୍ଷ-ପ୍ରତ୍ୟକ୍ଷ ବା ନିଜର ଅଜ୍ଞାତସାରରେ କାହାର ପକ୍ଷଭୁକ୍ତ ହୋଇଯାଇଛି । କାରଣ ମୋର ପସନ୍ଦ-ନାପସନ୍ଦ, ଶିକ୍ଷାଦୀକ୍ଷା, ଜ୍ଞାନଗରିମା, ବିବେକ-ବିଚାର ସବୁକିଛି ଏକ ଅଦ୍ଭୁତ ସୀମିତତାର ପରିପାଟିରେ ସମାହିତ ।

କୃଷ୍ଣଭାଇ, ଯେତେବେଳେ ମୋତେ କହିଲେ(ଏକପ୍ରକାର ଆଦେଶ) 'ରେବତୀ'ର ଆସନ୍ତା ସଂଖ୍ୟା ପାଇଁ ସମକାଳୀନ ପାଞ୍ଚଜଣ ଜୀବିତ ଓଡ଼ିଆ ପ୍ରିୟକବିଙ୍କ ଉପରେ ଆଲେଖ୍ୟ ପ୍ରସ୍ତୁତ କରିବା ପାଇଁ ମୁଁ ପ୍ରସ୍ତୁତ ହୋଇପାରୁନ ନ ଥିଲି । ତା'ର କାରଣ ହେଲା ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ କିଛି ଲେଖିବା ଅର୍ଥ ମହାବିପଦକୁ ଡାକିବା ଏବଂ ଅନେକ ଶତ୍ରୁ ଅର୍ଜନକରିବା । ମୂଳତଃ ମୁଁ ଜଣେ କବିତାନୁରାଗୀ ଏବଂ କବିତା ଲେଖାଲେଖି କରେ । କବିତାର ପ୍ରୟୋଗାତ୍ମକ ସମାଲୋଚନା ପଦ୍ଧତି ଉପରେ ମୋର ବିଶେଷ ଜ୍ଞାନ ନାହିଁ କିମ୍ବା ଅଧ୍ୟୟନ ପରିସର ମଧ୍ୟ ସୀମିତ । ଅନ୍ୟପକ୍ଷରେ, ଆମର ସାହିତ୍ୟ ପରିମଣ୍ଡଳରେ ସାହିତ୍ୟିକଙ୍କ କୁଣ୍ଠା ଓ ଅନ୍ୟକୁ ଅସ୍ୱୀକାର କରିବାର ଧାରା ଅଘୋଷିତ ପରମ୍ପରା ଭଳି ଗଢ଼ି ଆସୁଛି । ସତ୍ୟକୁ ଅନାବରଣ କିମ୍ବା ତାହାର ନିକଟବର୍ତ୍ତୀ ହେବା ଦିଗରେ ସତ୍‌ସାହସ ଦେଖାଇବାରେ ବିବେକୀ ମଣିଷଙ୍କ ଘୋର ଅଭାବ । ବେଢ଼ାବୁଲାରେ ଆମେ ଆନନ୍ଦିତ ଏବଂ  ବ୍ୟାଖ୍ୟାକାର ହେବାରେ ବିଭୋର୍ ।

କୃଷ୍ଣଭାଇ ମୋତେ ବୁଝାଇଲେ, ମନୋଜ୍ ନୀରବ ରହିବା ବି ଏକପ୍ରକାର ଅପରାଧ, କାମଚଳା ବାଟ ଧରିନେବା ବି ଅକ୍ଷମଣୀୟ । ଏହାଦ୍ୱାରା ଆମେ ଅନେକଙ୍କୁ ବିଭ୍ରାନ୍ତ କରୁଛୁ, ଭୁଲ୍ ବାଟକୁ ନେଇଯାଉଛୁ, ଅନ୍ଧକାର ଭିତରେ ରଖି ଦେଉଛୁ । ତେବେ ଆଲୋକାଭିମୁଖୀ ହୋଇ ଏକ ଉଚ୍ଛ୍ୱସିତ ଉଦ୍ୟମଟିଏ କରିବା ପାପ ନୁହେଁ, କାହା ପ୍ରତି ଶ୍ରଦ୍ଧା-ସମ୍ମାନ ସପର୍ପଣ ନୁହେଁ । ନିରୁତା ପାଠକୀୟ ପ୍ରତିକ୍ରିୟା(ଅଣସମାଲୋଚକୀୟ) ଜରିଆରେ ଅନ୍ତତଃ ଚିତ୍ରଟିଏ ଦେବାର ଉପକ୍ରମଟିଏ ହେଉ ।

ମନା କରିପାରିଲି ନାହିଁ । ହେଲେ, ଯେତେବେଳେ ପାଞ୍ଚଜଣ କବିଙ୍କୁ ଚିହ୍ନଟ କରିବା ଦିଗରେ ଅଗ୍ରସର ହେଲି ମୋ ଭିତରେ ନାନା ଦ୍ୱିଧା ଓ ଦ୍ୱନ୍ଦ୍ୱ ଜାତ ହେଲା । ନ୍ୟାୟୀ ଦେବତାର ଆସନ ନେଇ ବିଚାର କରିବାର ଧୃଷ୍ଟତା କରିପାରିଲି ନାହିଁ । ପାଞ୍ଚଜଣ କବିଙ୍କ କଥା କହି ସହୃଦୟଙ୍କୁ କୌଣସି କୁହୁକ ରସଗୋଲା ଜରିଆରେ ମାନଭଞ୍ଜନ କରି ତୃପ୍ତ କରିବାର ଆତ୍ମପ୍ରତ୍ୟୟ ପାଇଲି ନାହିଁ । ପରେ ପରେ ସିଦ୍ଧାନ୍ତ ନେଲି ଯେ  ବେଶି ଭାବିଲେ କିଛି କରିହେବ ନାହିଁ, ମୁଁ ମୋ କ୍ଷୁଦ୍ର ବିଚାରରେ ଯାହା ପାରିବି ଉଚ୍ଛ୍ୱସିତ ମତାମତ ରଖିବି, ଏଥିପାଇଁ ନିନ୍ଦିତ ହୁଏ ପଛେ । ଏହା ବି ଚିନ୍ତା କଲି ଯେ ମୋର ଏହି ଆଲେଖ୍ୟ ପଢ଼ିବା ପରେ କିଏ ହୁଏତ ମୋର ସୁପ୍ତ, ନିଷ୍କ୍ରିୟ ଅବବୋଧକୁ ଜାଗରୁକ କରିବେ କିମ୍ବା ଆଖି ଫିଟାଇ ଦେବେ । ହଁ, ଏହି ପାଞ୍ଚ ଜଣଙ୍କୁ ଛାଡ଼ି ଦେଲେ ଯେ ମୋର ଅନ୍ୟ ପ୍ରିୟକବି ନାହାନ୍ତି ଏମିତି ନୁହେଁ । ସମସ୍ତ କବିଙ୍କର କିଛି ନା କିଛି କବିତା-କବିତ୍ୱ ରହିଛି, ଯାହାର ଗୁଣାବଳୀ ଇନ୍ଦ୍ରଧନୁବିମ୍ବିତ ପରି ମୋର ହୃଦକନ୍ଦର ଓ ମନମୟୂରକୁ ଆନ୍ଦୋଳିତ କରେ । ସଭିଏଁ ମୋର ନମସ୍ୟ ଏବଂ ଅତି ଆପଣାର ।

ଗୋଟିଏ ଗୋଟିଏ କାଳଖଣ୍ଡରେ ଯୁଗଜନ୍ମା ସାରସ୍ୱତ ସାଧକ-କବି ଦୃଶ୍ୟମାନ ହେବା ଦୁଷ୍କର ହୋଇପଡ଼େ । ଦୁଇଶହ-ତିନିଶହ ବର୍ଷରେ ବିରଳ ଯୁଗ ପ୍ରବର୍ତ୍ତକଙ୍କ ଆବିର୍ଭାବ ଘଟିବା ମଧ୍ୟ କ୍ୱଚିତ୍ ଦେଖାଯାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ଇତିହାସକୁ ଯଦି ଅବଲୋକନ କରିବା ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ରାଧାନାଥ ରାୟ ଏପରିକି ସଚ୍ଚିଦାନନ୍ଦ ରାଉତରାୟ ବିରଳ ପର୍ଯ୍ୟାୟର କବି; କାରଣ ଏମାନଙ୍କୁ ନେଇ ଗୋଟିଏ ଗୋଟିଏ ଯୁଗ ଆରମ୍ଭ ହୋଇଛି ଏବଂ କବିତାର ଗତିପଥ ବା ଧାରାକୁ ଏମାନେ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇ ସ୍ୱକୀୟତାରେ କାବ୍ୟଇତିହାସକୁ ମହିମ୍ନ କରିଛନ୍ତି । ଏମାନେ ବ୍ୟକ୍ତିଗତ ପ୍ରତିଭାର ପରାକଷ୍ଠା ପ୍ରଦର୍ଶନ କରି କାବ୍ୟ ପରମ୍ପରାକୁ ସମୃଦ୍ଧ କରିବା ସହିତ ଅଭିବୃଦ୍ଧି କରିବାରେ ଜଣେ ଜଣେ ଅସାଧାରଣ କାଣ୍ଡାରୀ ।

ସ୍ପଷ୍ଟ ଭାବେ କହିବାକୁ ଗଲେ ସଚ୍ଚିଦାନନ୍ଦ ରାଉତରାୟଙ୍କ ପରେ ଓଡ଼ିଆ କବିତା କ୍ଷେତ୍ରରେ ସେହି ଦରଜାର କବିଟିଏ ପରିଦୃଶ୍ୟ ହେଉନାହାନ୍ତି,  ଯିଏ ଏକାଧାରରେ ପିପୁଲ୍ସ ପୋଏଟ୍ସ, ରାଇଟର୍ସ ପୋଏଟ୍ସ, ରିଡର୍ସ ପୋଏଟ୍ସ ଓ କ୍ରିଟିକ୍ସ ପୋଏଟ୍ସର ପରିପୂର୍ତ୍ତିକୁ ପୂରଣ କରିପାରିବେ । ଏହା ମଧ୍ୟ ସତ୍ୟ ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାର ଗତିପଥରେ ଶୈଳୀଗତ ଦୃଷ୍ଟିରୁ ସେପରି ଲକ୍ଷଣୀୟ ପରିବର୍ତ୍ତନ ଦେଖା ଦେଇନାହିଁ ।  ଯାହା ବି ନିଜପଣ ଓ ନୂଆପଣର ଦ୍ୟୁତିରେ ପ୍ରମୁଖ କାବ୍ୟଶିଳ୍ପୀମାନେ ଚମତ୍କାରିତା ଦେଖାଇବାରେ ସଫଳ ହୋଇଛନ୍ତି, ତାହା ବ୍ୟତିକ୍ରମ ମନେ ହେଉନାହିଁ । ସୁତରାଂ ନିର୍ଦ୍ଦିଷ୍ଟ ଭାବେ ଜୀବିତ ପାଞ୍ଚ ଜଣ ପ୍ରିୟକବିଙ୍କ କଥା ଯେତେବେଳେ କହିବି ମୋତେ ପ୍ରଥମେ କାଠଗଡ଼ାରେ ଠିଆ ହେବାକୁ ହେବ, ନାନା ପ୍ରଶ୍ନବାଚୀର ସମ୍ମୁଖୀନ ହେବାକୁ ହେବ । ଅତଏବ ମୁଁ ଏକ ବାଟ ବାଛି ନେଲି ଯେ ଯେଉଁ କବିଙ୍କ କବିତା ମୋତେ ନାନା ଭାବେ ଅଧିକ ଆନ୍ଦୋଳିତ କରିଛି, ସେହିମାନଙ୍କୁ ନେଇ ହିଁ ମୁଁ ମୋର ବକ୍ତବ୍ୟ ରଖିବି । ନିରୁତା କବିତାକୁ ଖିଅ କରି ବା ତା'ର ଗୁଣସୂତ୍ରକୁ ଅବଲମ୍ବନ କରି ମୋତେ ଭଲ ଲାଗିଥିବା ସମକାଳୀନ ପାଞ୍ଚଜଣ କବି ଓ ସେମାନଙ୍କର କବିତା ସମ୍ପର୍କରେ  ବିହଙ୍ଗାବଲୋକନ କରିବି ।

କବିଙ୍କ ବ୍ୟକ୍ତିଗତ ଜୀବନ ସହିତ କବିତାକୁ ଅଧିକ ଯୋଡ଼ିବା ବିପଜ୍ଜନକ । କବିତା ରଚନା ଏକ ସୃଜନଶୀଳ କଳା, ଯେଉଁ କବିଙ୍କ ନିକଟରେ ଯେତେ ଅଦ୍ଭୁତ ଚୁମ୍ବକୀୟତା ରହିଛି ସିଏ ସେତେ କୁଶଳୀ  ଶବ୍ଦ ବିନ୍ଧାଣୀ ଏବଂ କବିତାକୁ ଏକ ଅପହଞ୍ଚ ଉଚ୍ଚତା, ଗଭୀରତାକୁ ନେଇଯାଇପାରିବେ, ବ୍ୟାପ୍ତି ଦେଇପାରିବେ । ବ୍ୟକ୍ତିଗତ ଜୀବନରେ ଅନୁଜ୍ଜ୍ୱଳ ସାରସ୍ୱତ ସାଧକମାନେ ମଧ୍ୟ ଅତି ବିଶିଷ୍ଟ କବିର ଆସନ ନେଇପାରିଛନ୍ତି, କାଳଜୟୀ ରଚନା ସୃଷ୍ଟି କରିଛନ୍ତି ।  କବିଙ୍କ ବ୍ୟକ୍ତିସତ୍ତା ଓ କାବ୍ୟସତ୍ତା ଭିତରେ ଫରକ ନ ରହିଲେ ବା ଲେଖକଙ୍କ ଆଚରଣ ଓ ଉଚ୍ଚାରଣରେ ନାହିଁ ନ ଥିବା ପାର୍ଥକ୍ୟ ନ ରହିଲେ ତାହା ସମାଜ ପାଇଁ ମଙ୍ଗଳଦାୟକ ଓ ପ୍ରେରଣାଦାୟୀ ହୁଏ । ଭଲ ଲେଖକ ହେବାକୁ ହେଲେ ଭଲମଣିଷ ହେବା ନିତାନ୍ତ ଜରୁରୀ ଏପରି କହିବା ସବୁବେଳେ ଠିକ୍ ନୁହେଁ । ସାହିତ୍ୟିକ ବି ଜଣେ ମଣିଷ, ଈଶ୍ୱର ନୁହନ୍ତି;  ବିଶେଷକରି ବସ୍ତୁବାଦୀ ଦୁନିଆରେ ବାସ କରୁଥିବା ମଣିଷ ପରିସ୍ଥିତିର ଦାସ ଏବଂ ସ୍ୱଭାବର ବଶବର୍ତ୍ତୀ ହୋଇ କାମ

# ବିଦ୍ରୋହର କମନୀୟ ଦୀପଶିଖା: ଜୟନ୍ତ ମହାପାତ୍ର



ଭାରତବର୍ଷରେ ଜଣେ କିମ୍ବଦନ୍ତୀ ଇଂରାଜୀ କବି ଭାବେ ଜୟନ୍ତ ମହାପାତ୍ରଙ୍କ ପ୍ରସିଦ୍ଧି ବିଶ୍ୱବିଦିତ । ସାମ୍ପ୍ରତିକ ଓଡ଼ିଆ କବିତା କ୍ଷେତ୍ରରେ ସ୍ନେହ ଓ ସମ୍ବେଦନାର କବି ଭାବରେ ଜୟନ୍ତଙ୍କ ପରିଚିତି ଥିଲେ ମଧ୍ୟ କରୁଣବିଦ୍ରୋହର ସ୍ୱର ତୋଳିବାରେ ସମକାଳର ଜଣେ ଅସାମାନ୍ୟ କାବ୍ୟଶିଳ୍ପୀ ସେ । ଜୟନ୍ତ ଆବେଗ ଓ ବାସ୍ତବତାର ଏକ ଅଦ୍ଭୁତ ସମ୍ମିଶ୍ରଣ । ନିଜର ପୀଡ଼ା ଓ ଅସହାୟତାକୁ ଅନାବରଣ କରିବାରେ ବର୍ତ୍ତମାନର କାବ୍ୟଶିଳ୍ପୀଙ୍କ ପରିପ୍ରେକ୍ଷୀରେ ସେ ଅନନ୍ୟ ଓ ଅସାଧାରଣ । ମୁଖପେକ୍ଷିନତାରୁ ଦୂରରେ ରହି ନିଜର ଅସଲ ଛବିକୁ ଅଙ୍କନ କରନ୍ତି । ଏକାବେଳେ ସେ ବିବେକ ଓ ହୃଦୟର କବି । ମାଟିର କବି । ଓଡ଼ିଶା ହେଉଛି ତାଙ୍କର ଆକାଶ ଓ ସମୁଦ୍ର ।

ଜୟନ୍ତଙ୍କ କବିତା ରଚନା ରୀତିର ବଡ଼ ବୈଚିତ୍ର୍ୟ ହେଉଛି ଯେ ସେ ଇଂରାଜୀ କବିତା ଲେଖିବା ବେଳେ ବିବେକର ବାଣୀ ଏବଂ ଓଡ଼ିଆରେ କବିତା ଲେଖିବାବେଳେ ହୃଦୟର ଡାକ ଶୁଣି ଲେଖି ଥାଆନ୍ତି ବୋଲି ପ୍ରତୀୟମାନ ହୁଏ । ତାଙ୍କର ବିବେକ ଓ ହୃଦୟ କେତେବେଳେ ଏକାକାର ଓ ଦ୍ୱିଧାବିଭକ୍ତ ହୁଏ ତାହାକୁ କଳିବା ସହଜସାଧ୍ୟ ନୁହେଁ । ତାଙ୍କ ଇଂରାଜୀ କବିତାର ପ୍ରତ୍ୟେକ ଧାଡ଼ି ଓ ଷ୍ଟାଞ୍ଜା ଏକାନ୍ତ ଭାବେ ସୂକ୍ଷ୍ମାତିସୂକ୍ଷ୍ମ ଓ ଶିଳ୍ପବିଭବରେ ଭରା । ଓଡ଼ିଆରେ କବିତା ଲେଖିବା ତାଙ୍କ ପାଇଁ ଇଂରାଜୀ କାବ୍ୟାଦର୍ଶର ଅନୁପୂରକ । 'ସମାଜ ଓ ଜୀବନ ପାଇଁ କବିତା' ଅର୍ଥସୂତ୍ରରେ ସେ ମନର ପରିଭାଷାକୁ ପରିପ୍ଳୁତ କରନ୍ତି ଏବଂ ସମାଜିକ ପ୍ରତିବଦ୍ଧତାର ପରିଚୟ ଦିଅନ୍ତି । ବଞ୍ଚିତ, ଅସହାୟ, ଉପେକ୍ଷିତଙ୍କ ପ୍ରତି ତାଙ୍କର ଦରଦ ଅପରିସୀମ ।

ଓଡ଼ିଶାର ଧର୍ମ, ପୁରାଣ, କିମ୍ବଦନ୍ତୀ, ଇତିହାସ, ପ୍ରଥା, ପରମ୍ପରା ଆଦିକୁ ନେଇ ଜୟନ୍ତଙ୍କ କବିତା ଗଢ଼ି ଉଠିଛି । ବିଶେଷକରି ଓଡ଼ିଶାର ସାମାଜିକ, ରାଜନୈତିକ, ଅର୍ଥନୈତିକ, ଧାର୍ମିକ ଆଦି ସମସ୍ୟାବଳୀକୁ ହୃଦୟଙ୍ଗମ କରିବା, ତର୍ଜମା କରିବା ଓ ତତ୍‌ସଙ୍ଗେ ସଙ୍ଗେ ତା'ର ନିରାକରଣ ସହ ଏକ ସୁସ୍ଥ ସମାଜ ଓ ଜୀବନଯାପନର ମାର୍ଗ ଦର୍ଶନ କରାଇଥାଏ ତାଙ୍କର କବିତା । ତାଙ୍କର କବିତା ଯେ କେବଳ ଅତୀତ ଓଡ଼ିଶାର ଇତିହାସକୁ ରୋମନ୍ଥନ, ତର୍ଜମା କରେ ତା' ନୁହେଁ, ସାଂପ୍ରତିକ ସମାଜର ପ୍ରତ୍ୟେକ ଦିଗକୁ ସେ ସ୍ପର୍ଶ କରିଛନ୍ତି ।

**ଜୟନ୍ତ ମହାପାତ୍ର ଯେତିକି ଗାଁର କବି ସେତିକି ସହରର କବି । ଗାଆଁର ସରଳତା, ସ୍ୱାଭାବିକତା, ସ୍ୱଚ୍ଛନ୍ଦତା ଓ ସହରର ଜଟିଳତା, ଅବକ୍ଷୟମୁଖିନତା, ମୁଖାପେକ୍ଷିନତା, ପଣ୍ୟଧର୍ମିତାର ଜୀବନଛନ୍ଦକୁ ନେଇ ସେ ରଚନ୍ତି ପ୍ରତ୍ୟୟବୋଧର ଲିରିକ୍ ।**

'ବିଳି' (୧୯୯୩), 'କହିବି ଗୋଟିଏ କଥା'(୧୯୯୫), 'ବାୟାରଜା'(୧୯୯୭), ଓ 'ଟିକିଏ ଛାଇ'(୨୦୦୧) ଆଦି ତାଙ୍କର କାବ୍ୟ ସାଧନାର ଉଜ୍ଜ୍ୱଳ ଫସଲ । ଆବେଗ, ହୃଦୟବତ୍ତା ଓ ଆତ୍ମାର କାବ୍ୟକାର ଭାବେ ସେ ଯେପରି ନିଜକୁ ଅନନ୍ୟ କରି ଗଢ଼ି ତୋଳିଛନ୍ତି ଏବଂ ସମ୍ବେଦନା, ବିଦ୍ରୋହ ଓ ସରଳତାର ଭାଷ୍ୟ ପ୍ରସ୍ତୁତ କରିଛନ୍ତି ତାହା ତାଙ୍କୁ ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଏ । ତାଙ୍କ କବିତାରେ ଅବହେଳିତ, ଦଳିତ, ବଞ୍ଚିତ ମଣିଷର ଜୀବନଧାରା, ଆଶା,ଆକାଙ୍‌କ୍ଷା ସର୍ବୋପରି ନିଜ ମାଟି, ପାଣି ଓ ପବନର କଥା ଖୁବ୍ ଅନ୍ତରଙ୍ଗ ଭାବେ ପ୍ରକାଶ ପାଇଛି । ତଥାକଥିତ ପ୍ରଗତିବାଦୀ କବିତାର ସ୍ଲୋଗାନ ଓ ପ୍ରୟୋଗବାଦୀ କବିତାର ଶାବ୍ଦିକ-ଆଳଙ୍କାରିକ ଆଟୋପ-କୋଳାହଳ ବଦଳରେ ଶୁଣିବାକୁ ମିଳିଲା ଆତ୍ମିକ ସ୍ୱରଟିଏ । ସାମାଜିକ ପ୍ରତିବଦ୍ଧତା, ରାଜନୈତିକ ଅବବୋଧ ଓ ଜନବାଦୀ ଆଦର୍ଶକୁ ନେଇ କବିତାରେ ସେ ଯେଉଁ ସ୍ପର୍ଶ, ସମ୍ବେଦନଶୀଳ ଓ ସ୍ନେହଶୀଳ ଛବି ଦେଲେ ତାହା ଗୋଟାପଣେ କ୍ରୋଧ ଓ ଯନ୍ତ୍ରଣାର ଏକ ଚମତ୍କାର ସମ୍ମିଶ୍ରଣ ଘଟି କରୁଣ ବିଦ୍ରୋହର ସୂତ୍ରପାତ ହେଲା । ଅନ୍ୟପକ୍ଷରେ ନୈସର୍ଗିକତା, ସ୍ୱଚ୍ଛନ୍ଦତା ଓ ଜାନ୍ତବତା ପ୍ରତି ଉନ୍ମୁଖ ରହି ସେ ବାସ୍ତବତାର ମୂଳକୁ ଖୋଜିବା ପାଇଁ ନିଜ ପାଖରେ ସତ୍ୟଶୀଳ ହେବା ଫଳରେ ପ୍ରଥମଥର ପାଇଁ ସାମ୍ପ୍ରତିକ ଓଡ଼ିଆ କବିତାରେ ବିଦ୍ରୋହର ଏକ କରୁଣ ପଦଧ୍ୱନି ଏଡ଼େ ତୀବ୍ର ଭାବେ ଜୟନ୍ତଙ୍କ କବିତାରେ ହିଁ ଶୁଭାଗଲା । ତା'ଛଡ଼ା ଦୁଃସ୍ଥିତିରେ ବଞ୍ଚିରହିବାର ଆତ୍ମପ୍ରତ୍ୟୟ ସୃଷ୍ଟି ଏବଂ ସମାଜର ସାମ୍ପ୍ରତିକ ସ୍ଥିତିର ସ୍ନେହଶୀଳତାରେ ଭଲପାଇବାପଣର ବପନ ଦିଗରେ ଜୟନ୍ତ 'ମୁଁ'ତ୍ୱର ଗୋଲକଧନ୍ଦାରେ ନମାତି ଜୀବନଭିତ୍ତିକ ସ୍ୱରଧ୍ୱନିର ଅର୍କେଷ୍ଟ୍ରା ରଚିଲେ । ଗୁରୁତ୍ୱହୀନ ଘଟଣା ଓ ଚରିତ୍ରମାନଙ୍କୁ କବିତାରେ ଦେଲେ ମର୍ଯ୍ୟାଦା ।

ଶୈଳ୍ପିକ ଦୃଷ୍ଟିରୁ ଦେଖିଲେ, କଥାକୁହା ଶୈଳୀକୁ ଜୟନ୍ତ ନିଜ ବକ୍ତବ୍ୟର ମାଧ୍ୟମ ହିସାବରେ ବ୍ୟବହାର କରିଛନ୍ତି । ଅନ୍ତଃଛନ୍ଦ, ବ୍ୟଙ୍ଗ, ବିଦ୍ରୂପ ଓ ବର୍ଣ୍ଣନାରେ ଅନନ୍ୟ ସରଳତା ହେଉଛି ତାଙ୍କ ଶବ୍ଦ କାରିଗରୀର ଉଲ୍ଲେଖନୀୟ ଦିଗ । ସେ ଭୌଗୋଳିକ ଦାୟରେ ବନ୍ଧା । ମାଟିବାସ୍ନାର କଥା କହିବା ସଙ୍ଗେ ସଙ୍ଗେ ସାମ୍ପ୍ରତିକ ରାଜନୈତିକ-ଅର୍ଥନୈତିକ-ସାମାଜିକ ପ୍ରତିବଦ୍ଧତାକୁ ଅର୍ଥପୂର୍ଣ୍ଣ ଭାବେ ଆତ୍ମୀୟ-ପରିଚିତତାର ଆଶ୍ଳେଷ ଦେଇ କାବ୍ୟିକ କାନ୍‌ଭାସ୍ ସଜାଇଥାନ୍ତି ।

ଜୟନ୍ତ ମହାପାତ୍ର ଯେତିକି ଗାଁର କବି ସେତିକି ସହରର କବି । ଗାଆଁର ସରଳତା, ସ୍ୱାଭାବିକତା, ସ୍ୱଚ୍ଛନ୍ଦତା ଓ ସହରର ଜଟିଳତା, ଅବକ୍ଷୟମୁଖିନତା, ମୁଖାପେକ୍ଷିନତା, ପଣ୍ୟଧର୍ମିତାର ଜୀବନଛନ୍ଦକୁ ନେଇ ସେ ରଚନ୍ତି ପ୍ରତ୍ୟୟବୋଧର ଲିରିକ୍ । ତେବେ, ଗାଆଁର ଅଭାବୀ ମଣିଷ ଓ ସହରତଳି ଅଞ୍ଚଳର ଅବହେଳିତ ମଣିଷଙ୍କ ପ୍ରତି ତାଙ୍କର ଦରଦ ଅପରିସୀମ । ସହରରେ ବି କଳାହାଣ୍ଡି, ଇଥୋପିଆ, ଥର୍ ରହିଛି- ଏ କଥାର ସତ୍ୟତାକୁ ହାଡ଼େ ହାଡ଼େ ଅନୁଭବ କରନ୍ତି । ମାମା ସାଇକେଲ ମେକାନିକ୍ ହେଉ କି ରାଜୁ ସୁଇପର୍, ହାଡ଼ିଆଣୀ ସୀତା ଏପରିକି ଷ୍ଟେନ୍‌ପୋଡ଼ି ଘଟଣା, ଜୟନ୍ତ ସେସବୁ ଚରିତ୍ରକୁ କବିତାରେ ସ୍ଥାନ ଦେଇଛନ୍ତି; ଅନେକରେ ମଣିଷପଣିଆ ଓ ସ୍ନେହଶୀଳତାର ଛାପ ସ୍ପଷ୍ଟ । ନିତିଦିନିଆ ଜୀବନଚର୍ଯ୍ୟାରେ ଘଟୁଥିବା ଦୃଶ୍ୟରାଜିକୁ ଜୀବନ୍ତ ଭାବେ 'ଘାସ କଅଁଳିବା କଥା', 'ଘର ତିଆରି କଥା', 'ସକାଳୁ ସକାଳୁ' ଶୀର୍ଷକ କବିତାରେ ମର୍ମସ୍ପର୍ଶୀ ଭାବେ ଚିତ୍ରଣ କରିଛନ୍ତି ।



# ଅନ୍ଧାର ଓ ମୃତ୍ୟୁର ଈଶ୍ୱର : ରମାକାନ୍ତ ରଥ

କବି ରମାକାନ୍ତ ରଥ ସଚ୍ଚି ରାଉତରାୟଙ୍କ ପରବର୍ତ୍ତୀ ପିଢ଼ିର ଶ୍ରେଷ୍ଠ ପଥିକୃତ କବି ଓ ଭାରତୀୟ କବିତାର ଅନ୍ୟତମ ନିର୍ମାତା । ଆଧୁନିକ ଓଡ଼ିଆ କବିତାରେ ଭାଷା ଓ ଶୈଳୀଗତ ପରିବର୍ତ୍ତନ ଆଣି ସେ ଯେଉଁ ବୀଜାତ୍ମକ ଛାୟାଧର୍ମିତା ପ୍ରବର୍ତ୍ତନ କରିଛନ୍ତି ତାହା ଏକ ସମୟରେ ତାଙ୍କୁ ପାଠକଙ୍କ କବି, ସମାଲୋଚକଙ୍କ କବି ଓ କବିଙ୍କ କବି ଭାବେ ଉଭା କରାଇଛି । ମୁକ୍ତ କବିତାରେ ଅନ୍ତଃଛନ୍ଦର ପ୍ରୟୋଗ ଓ ଆଧିଭୌତିକତାକୁ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିବାରେ ସମସ୍ତ ଶ୍ରେୟ ଯାଏ ରମାକାନ୍ତଙ୍କ ପାଖକୁ । ଅନ୍ଧାରର ଆଭାରେ ସେ ମନେହୁଅନ୍ତି ଜାଜ୍ୱଲ୍ୟ । ନିଃସଙ୍ଗତା, ବିଷାଦ, ସଂଶୟ ଓ ମୃତ୍ୟୁବୋଧ ତାଙ୍କୁ କରିଛି ମହାମହିମ । ମୃତ୍ୟୁଲୋକରେ ସପ୍ତମ ଋତୁର ସର୍ଜନା କରି ଅନନ୍ୟ ଈଶ୍ୱର ବନିଛନ୍ତି ସେ ।

ଓଡ଼ିଆ କବିତାକୁ ରମାକାନ୍ତଙ୍କ ବଡ଼ ଅବଦାନ ହେଉଛି ଯେ ସେ ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦୀୟ ଶୈଳୀରୁ ମୁକୁଳି ଆସି ମୁକ୍ତ କବିତାରେ ଅନ୍ତରୀଣ ଛନ୍ଦ ପ୍ରୟୋଗ କରି ଅନନ୍ୟ ସରଳତା ଓ ସାଙ୍ଗୀତିକତା ଆଣିଛନ୍ତି । ଏହାର ଜ୍ୱଳନ୍ତ ନିଦର୍ଶନ ହେଉଛି 'ଶ୍ରୀରାଧା' । ରମାକାନ୍ତଙ୍କ କାବ୍ୟଯାତ୍ରା ମୂଳରୁ ବିଷାଦବାଦିତା ଦେଇ ଗତିକରିଛି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବୋଧ ପ୍ରିୟ ସହଚର ହୋଇଛି । ସେ ଭିତରେ ହତାଶା, ନିଃସଙ୍ଗତା,ବିଚ୍ଛିନ୍ନତାବୋଧ, ଶୂନ୍ୟତା ଓ ଯଥାସ୍ଥିତିବାଦିତା ସହ ପ୍ରେମ ପ୍ରମୁଖ ଅବଲମ୍ବନ ହୋଇଛି । ଏହା ହିଁ ରମାକାନ୍ତଙ୍କ କାବ୍ୟାକାଶର ବ୍ୟାପ୍ତି । ହେଲେ ସେଥିରେ ସେ ଯେଉଁ ଗଭୀରତାକୁ ଯାଇଛନ୍ତି ଏବଂ ଭିନ୍ନଭିନ୍ନ ଅକାଶ ଦେଖାଇଛନ୍ତି ତାହା ତାଙ୍କୁ ଅଦ୍ୱିତୀୟ କରିଛି । ବିଶେଷକରି କବିତାରେ ତାଙ୍କର ଆଧିଭୌତିକ ଅନ୍ୱେଷା, ଅନ୍ତର୍ଦୃଷ୍ଟିରେ ନିବିଡ଼ତା ଏବଂ ବୌଦ୍ଧିକତାର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣର ପଟାନ୍ତର ନାହିଁ ।

ରମାକାନ୍ତଙ୍କ କାବ୍ୟଯାତ୍ରାକୁ ଯଦି ଅନୁଶୀଳନ କରିବା ସେ ମୁଖ୍ୟତଃ ଦୁଇଟି ମୋଡାଣି ଦେଇ ଗତି କରିଛନ୍ତି । କେତେଦିନର(୧୯୬୨), ଅନେକ କୋଠରୀ(୧୯୬୭), ସନ୍ଦିଗ୍ଧ ମୃଗୟା(୧୯୭୧), ସପ୍ତମ ଋତୁ(୧୯୭୭) ପର୍ଯ୍ୟନ୍ତ ରମାକାନ୍ତଙ୍କ କବିତାର ଭାଷା ଓ ବାକ୍ୟଗଠନ ରୀତି ଗୋଟିଏ ପ୍ରକାର ଥିଲା, ତାହା ହେଲା ଷ୍ଟେଟ୍‌ମେଣ୍ଟ୍‌ଧର୍ମୀ । ହେଲେ 'ସଚିତ୍ର ଅନ୍ଧାର'ରେ ତାଙ୍କର ଅନ୍ୟପ୍ରକାର ଆତ୍ମ ରୂପାନ୍ତରୀକରଣର ପଦଧ୍ୱନି ଅନୁରଣିତ ହେଲା । କବିତାର ବାକ୍ୟ ଗଠନ ଓ କଥନଭଙ୍ଗୀରେ ପରିବର୍ତ୍ତନ ଆଣି ସେ ମିତବାକ୍ କଥାକୁହା ଶୈଳୀ ବା କନଭର୍‌ସେସନ୍ ଭର୍ସକୁ ଆପଣାଇଲେ । ତାହାର ପୂର୍ଣ୍ଣାଙ୍ଗ ଚିତ୍ର ଦେଖିବାକୁ ମିଳିଲା 'ଶ୍ରୀରାଧା'ରେ । ପ୍ରଥମ ଥର ପାଇଁ ମୁକ୍ତଛନ୍ଦର ଓଡ଼ିଆ କବିତା ଅନ୍ତଃଛନ୍ଦ ପ୍ରୟୋଗ କରି ରମାକାନ୍ତ ଏତେ ବଡ଼ ସଫଳତା ପାଇଲେ ଏବଂ ଓଡ଼ିଆ କବିତାକୁ ମିଳିଗଲା ଏକ ପ୍ରାଧାନ୍ୟବିସ୍ତାରକାରୀ ଜୀବନ୍ତ ବାକ୍‌ରୀତି ।

ରମାକାନ୍ତ 'ମୁଁ' ପ୍ରତ୍ୟୟବୋଧକୁ ନେଇ ଏତେଟା ଗମ୍ଭୀର ନୁହନ୍ତି, 'ତମେ'ର ସେ ହେଉଛନ୍ତି ଅଧୀଶ୍ୱର; ତମେ ଜରିଆରେ ହିଁ ସେ ନିଜକୁ ସ୍ୱଚ୍ଛନ୍ଦ ଭାବେ ପରିପ୍ରକାଶ କରିପାରନ୍ତି ଏବଂ ଆତ୍ମ ଆବିଷ୍କାର କରନ୍ତି । ଏ ପ୍ରସଙ୍ଗରେ ତାଙ୍କର ଆଖପାଖ କେହି ନାହାନ୍ତି । ଅନ୍ଧାରକୁ ସେ ନିଜର ଅଭିଳାଷ ଭାବେ ଗ୍ରହଣ କରିଛନ୍ତି । ତାଙ୍କର ଅନେକ କବିତାରେ ଛାୟାଚ୍ଛନ୍ନ ପରିମଣ୍ଡଳ ପରିଲକ୍ଷିତ । 'ସଚିତ୍ର ଅନ୍ଧାର' କବିତାଗ୍ରନ୍ଥରେ ଥିବା 'ତମେ ହିଁ' (ଦଶଟି ପ୍ରେମ କବିତା) ତାଙ୍କର ଏକ ମହତ୍ୱପୂର୍ଣ୍ଣ ସୃଷ୍ଟି । ସେଥିରେ 'ତମେ' ଉପଲକ୍ଷ୍ୟ ରହସ୍ୟମୟ । ସେ 'ତମେ' ଜଣକ ମୁଁ ଜାଣିଥିବା ସବୁ 'ତମେ', ମୁଁ ଜାଣିନଥିବା କିନ୍ତୁ କେଉଁଠି ନା କେଉଁଠି ଅଛନ୍ତି ବୋଲି ଲାଗୁଥିବା 'ତମେ' ବି । ତମେ ଜରିଆରେ ରମାକାନ୍ତ କହିଦେବାକୁ ଚାହାନ୍ତି ତମେ ସହ ସାମିଲ ହେଲେ ବ୍ୟକ୍ତି ଆପଣାର ଖର୍ବତାରୁ ମୁକ୍ତି ପାଏ ଏବଂ ନିଃସଙ୍ଗତାର ଜ୍ୱଳନରେ ଅନ୍ତର୍ଦାହିତ ଓ ଅତ୍ୟାଚାରିତ ବ୍ୟକ୍ତି ନିସ୍ତାର ପାଏ ।

ରମାକାନ୍ତଙ୍କ କବିତାରେ ଆତ୍ମଦହନ ଓ ନିର୍ଲିପ୍ତତା ଖୁବ୍ ନିବିଡ଼ ଭାବେ ପ୍ରକାଶ ପାଇଛି । ସେ କବିବନ୍ଧନୀ ମଧ୍ୟରେ ସାମାଜିକ ପୂର୍ଣ୍ଣତାର ଅପୂର୍ଣ୍ଣ ଆଶାଗୁଡ଼ିକ ଅକୁହା ସଂଳାପ ପରି ରଖିବା ସହିତ ନିଃସ୍ୱାର୍ଥ ତ୍ୟାଗକୁ ମଧ୍ୟ ଅକୁହା ରଖନ୍ତି । ଜୀବନ ପାଇଁ, ବଞ୍ଚିବା ପାଇଁ ଅନ୍ଧକାରରେ ସମ୍ଭାବନାର ମଣ୍ଡଳ ଅନେକ ସମୟରେ ରୋମାଞ୍ଚକର- ଏ କଥାକୁ ମଧ୍ୟ କହିଛନ୍ତି । ଏହା ହେଉଛି ରମାକାନ୍ତୀୟ କବିତାର ବୈଶିଷ୍ଟ୍ୟ । ବେଳେବେଳେ ଶ୍ରୀରାଧା ଲାଗେ 'ଜହ୍ନରାତି' ଓ 'ତମେ ହିଁ'(ଦଶଟି ପ୍ରେମ କବିତା)ର ଏକ ପରିବର୍ଦ୍ଧିତ ଉତ୍ତୀର୍ଣ୍ଣ ରୂପ । ହଁ, ଜୀବନରେ ପ୍ରେମ ଓ କାମନାର ବ୍ୟର୍ଥତା ଓ ଅପାପ୍ତିଜନିତ ହତାଶା, ଅଚରିତାର୍ଥତା ଏବଂ ବିଷାଦରୁ ମୃତ୍ୟୁକୁ ଜଣେ କାବ୍ୟପୁରୁଷ ପ୍ରେମର ସତ୍ୟଶୀଳ ଆକୁଳ ସନ୍ଧାନ କରିପାରେ, ଏ ଦିଗରେ ରମାକାନ୍ତ ଆମକୁ ଏକ ଅମଡ଼ାବାଟକୁ ନେଇଗଲେ । ଯାହା ଫଳରେ କୌଣସି ସୁରମ୍ୟ ଗଣ୍ଡରେ ଅକାଶର ବ୍ୟାପକତାକୁ ଖୋଜି ହେଲା । ଶ୍ରୀରାଧା ମିଥ୍‌ଧର୍ମୀ କବିତାଗ୍ରନ୍ଥ ହୋଇଥିଲେ ହେଁ ଏହା ମୋତେ ଏକ ନିରୁତା ଦୀର୍ଘ ପ୍ରେମ କବିତା ପରି ଲାଗେ । ଏଥିରେ କାବ୍ୟନାୟିକା ଓ ନାୟକଙ୍କ ପାଇବା ନ ପାଇବା ଯାହା ଅନେକଙ୍କର ପାଇବା ନ ପାଇବା ତାହା ବା ତାର ପାଖାପାଖି । ଏମାନଙ୍କ ପ୍ରେମ ଆକାଂକ୍ଷା ଓ ଆଧିଭୌତିକ ଅନ୍ୱେଷଣର ଅପୂର୍ବ ସଂଯୋଗ ଘଟି ବିଚ୍ଛିନ୍ନ ଅସ୍ତିତ୍ୱର ଚରମ ସୀମା ଅତିକ୍ରମ କରିଛି ।

ରମାକାନ୍ତଙ୍କ ଜହ୍ନରାତି, ବାଘଶୀକାର, ଚନ୍ଦ୍ରମାର ଚୂଡ଼ି, ତମେ ହିଁ(ଦଶଟି ପ୍ରେମ କବିତା), ଦୁର୍ଗା ଓ ଶ୍ରୀରାଧା ଆଦି ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ । ତାଙ୍କର ପ୍ରେମିକସତ୍ତାକୁ ନିରେଖିଲେ ଗୋଟିଏ କଥା ସ୍ପଷ୍ଟ ହୋଇଯାଏ ଯେ ତାଙ୍କ ପାଇଁ ପ୍ରେମରେ ହିଁ ସବୁକିଛି ପାଇହେବ, ଆଲୋକର ସ୍ନିଗ୍ଧ ଆଶ୍ୱାସନା ଲଭି ହେବ; କିନ୍ତୁ ପରସ୍ପରକୁ ପରସ୍ପର ଚାହିଁ ବିଫଳ ନିରବ କ୍ରନ୍ଦନ କରୁଥିବା ଓ ଶୋଚନୀୟ ଭାବେ ନିଶ୍ଚିତ ସମାଧି ଲଭୁଥିବା ଜୀବନ ଓ ବ୍ୟକ୍ତିର ନିଷ୍ଠୁର ପରିହାସମୟ ଚିତ୍ର ଅଙ୍କନ କରିବା ପ୍ରତି ସେ ଅଧିକ ପ୍ରଯତ୍ନଶୀଳ ଥିବା ମନେହୁଏ । ବହୁରଙ୍ଗୀ ଅପୂର୍ଣ୍ଣତା ଓ ବିଫଳତାର ଡାଳକୁ ଗଛ ମନେକରି ସେଠାରେ ପଥିକ ହେବାକୁ କଦାଚିତ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ସେ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜୀବନର ସମସ୍ତ ସମ୍ପର୍କକୁ ଭାଗ୍ୟ ବିପର୍ଯ୍ୟୟ ଓ ନିଷ୍ଫଳତା ମାଧ୍ୟମରେ ବିଶ୍ଳେଷଣ କରି ଅନନ୍ୟ ସୃଜନଶୀଳତାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ଏହା ରମାକାନ୍ତୀୟ ଚେତନାର ସ୍ୱାଭାବିକତା ଓ କୁହୁକତା । ଏଥିପାଇଁ ସେ କେଉଁଠି ଆଦର୍ଶର ପ୍ରତିଷ୍ଠା କରିବାକୁ ଚାହିଁନାହାନ୍ତି କିମ୍ବା ଶିକ୍ଷା ବା ଉପଦେଶ ଦେବାକୁ ଆଗ୍ରହ ଦେଖାଇ ନାହାନ୍ତି; ଅଧିକନ୍ତୁ ବିପରୀତ ଦିଗ ସବୁଥିରେ ସେ ନିଜକୁ ଉଖାରି ଚାଲିଛନ୍ତି । ତାଙ୍କର ସମସ୍ତ ପ୍ରୟାସ ପ୍ରାରମ୍ଭିକ ମାତ୍ର; ଏଥିପାଇଁ ତାଙ୍କର କୌଣସି କବିତାରେ ପୂର୍ଣ୍ଣାଙ୍ଗ ଛବି ଖୋଜିବା ବୃଥା । ଏହି ଦୃଷ୍ଟିରୁ ବି ରମାକାନ୍ତ ଏକ ବ୍ୟତିକ୍ରମ ପ୍ରତିଭା ।



# ମାଟିମଗ୍ନ ଶବ୍ଦସ୍ରଷ୍ଟପତି : ସୀତାକାନ୍ତ ମହାପାତ୍ର

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ କେବଳ ନୁହେଁ ଭାରତୀୟ ସାହିତ୍ୟର ଅନ୍ୟତମ ନିର୍ମାତା ଭାବେ ସୀତାକାନ୍ତ ମହାପାତ୍ର ଜଣେ ପ୍ରମୁଖ କାବ୍ୟଶିଳ୍ପୀ । ମୋଧାବୀ କବି ଭାବେ ତାଙ୍କର ସୁଖ୍ୟାତି ଅବିସମ୍ବାଦିତ । ପ୍ରଜ୍ଞା ଓ ଶାଣିତ ଇନ୍ଦ୍ରିୟବୋଧ ବଳରେ କବିତାର ଭାଗ୍ୟରେଖାକୁ କିପରି ବୋଲକରା କରି ଟଣା ଯାଇପାରେ ଏବଂ ସୁଚିନ୍ତିତ ଉପାୟରେ ତାହାର ନିୟତିକୁ ନିର୍ଣ୍ଣୟ କରା ଯାଇପାରେ, ତାହାର ଏକ ଦୃଷ୍ଟାନ୍ତମୂଳକ ନିଦର୍ଶନ ହେଉଛନ୍ତି ସୀତାକାନ୍ତ । ତାଙ୍କୁ ଆଲୋକ ସନ୍ଧାନ, ଅମୃତ ଆସ୍ପୃହା ଓ ଆନନ୍ଦ ଅନ୍ୱେଷାର କବି କହିବା ଅଧିକ ଯଥାର୍ଥ ମନେହୁଏ । ପ୍ରାରମ୍ଭରୁ ସୀତାକାନ୍ତ ପାରମ୍ପରାବାଦୀ ଏବଂ ଶେଷପର୍ଯ୍ୟନ୍ତ ମାଟିମଗ୍ନ ହୋଇ କବିତା ରଚନାରେ ବ୍ରତୀ ରହିଛନ୍ତି ।

ସୀତାକାନ୍ତଙ୍କ କାବ୍ୟ ସାଧନାର ଆଦ୍ୟସ୍ତବକ 'ଦୀପ୍ତି ଓ ଦ୍ୟୁତି'(୧୯୬୩)ରୁ ଆରମ୍ଭ କରି କପଟପଶା(୨୦୦୦)ପର୍ଯ୍ୟନ୍ତ କାବ୍ୟଯାତ୍ରାକୁ ଅନୁଶୀଳନ କଲେ ଗୋଟିଏ କଥା ସ୍ପଷ୍ଟ ହୋଇଯାଏ ଯେ ସେ ଅନ୍‌ପ୍ରେଡିକ୍‌ଟେବୁଲ୍ କଦାପି ନୁହନ୍ତି । ସଂସ୍କୃତିସମ୍ପନ୍ନତାର ସରଳରେଖାରେ ଗତିଶୀଳ ହୋଇ ନିଜର କାବ୍ୟାକାଶକୁ ଫର୍ଚ୍ଚା କରଛନ୍ତି । ସେ ସର୍ବଦା ଆଶା, ସମ୍ଭାବନା ଓ ଭରସାର କବି ଭାବେ ପ୍ରତିଭାତ । ଆଧୁନିକ ଓଡ଼ିଆ କବିତାକୁ ସୀତାକାନ୍ତଙ୍କ ବଡ଼ ଅବଦାନ ହେଉଛି ଯେ ସେ ପୌରାଣିକ କଥାବସ୍ତୁ(ମିଥ୍)ର ଆଧୁନିକ କବିତାରେ ସଫଳ ପ୍ରୟୋଗ କରିଛନ୍ତି ଏବଂ ସଂସ୍କୃତି ଓ ପରମ୍ପରାର ଯଥାର୍ଥ ବାହକ ଭାବେ ମାଟିମଗ୍ନ ହୋଇ ସ୍ୱକୀୟତାର ବାନା ଉଡ଼ାଇଛନ୍ତି । ମନନଶୀଳତା ଓ ଅନ୍ତର୍ଦୃଷ୍ଟିସମ୍ପନ୍ନ କବି ଭାବେ ଜୀବନ ଓ ଜଗତର ବହୁବିଧତାକୁ କବିତାରେ ସ୍ଥାନ ଦେବାରେ ତାଙ୍କର ସ୍ଥୁଳ ଓ ସୂକ୍ଷ୍ମାନୁଚିନ୍ତା ବୈଚିତ୍ର୍ୟମୟତାର ଏକ ତରଙ୍ଗାୟିତ ଆକାର । ତାଙ୍କ କବିତା ଏକାବେଳେ ମାଟିମଗ୍ନ ଓ ବିଶ୍ୱଦିଗନ୍ତ । ନିଜ ମାଟି, ପାଣି ଓ ପବନର ମହକକୁ ପ୍ରଜ୍ଞାର ଆବେଗିକ ପୁଟ ଦେଇ ଜୀବନ୍ତ କରି ଗଢ଼ି ତୋଳିଛନ୍ତି । ଯୁକ୍ତିବାଦିତା ଓ ଅନ୍ତର୍ମୁଖୀନତା– ବହିର୍ମୁଖୀନତା ସମାନ୍ତରାଳ ହୋଇ ଗତି କରିଛି ତାଙ୍କ କବିତାରେ ।

ସୀତାକାନ୍ତଙ୍କ କବିତା ଏଲିଟିୟ ଏବଂ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରୁ ଉଦ୍ଭବ ଓ ବିକାଶ ଘଟିଥିଲେ ହେଁ ସେ ମାଟିରୁ କେବେ ବିଚ୍ୟୁତ ହୋଇନାହାନ୍ତି । ପ୍ରତୀକ, ଚିତ୍ରକଳ୍ପ, ଆର୍କେଟାଇପ, ମିଥ୍ ଆଦିର ଯଥାର୍ଥ ବ୍ୟବହାର କରିଛନ୍ତି । ମିଥ୍ ପ୍ରୟୋଗ ମାମଲାରେ ସମକାଳର କବିଙ୍କ ମଧ୍ୟରେ ପ୍ରଥମ ଶ୍ରେୟ ତାଙ୍କ ନିକଟକୁ ଯାଏ । ସୀତାକାନ୍ତ ବିଶେଷକରି ଆଧୁନିକ ଦୃଷ୍ଟିସମ୍ପନ୍ନ କବି ନୁହନ୍ତି । ବ୍ୟକ୍ତିଗତ ପ୍ରତିଭାକୁ ନେଇ କାବ୍ୟ ପରମ୍ପରାକୁ ପରିବର୍ଦ୍ଧିତ କରିବା ଅପେକ୍ଷା ସମୃଦ୍ଧ କରିବା ଦିଶାରେ ସେ ବଡ଼ ପକ୍ଷଧର । 'ଅଷ୍ଟପଦୀ' ଓ 'ଆରଦୃଶ୍ୟ' କବିତା ଗ୍ରନ୍ଥରେ ମିଥ୍‌ର ସଫଳ ପ୍ରୟୋଗ ହୋଇଛି । ମିଥ୍‌ର ପୁନର୍କଥନ, ପୁନର୍ଲିଖନ ମାମଲାରେ ସୀତାକାନ୍ତ ନିଜସ୍ୱୀକରଣ କରିବାର ଧୃଷ୍ଟତା ଦେଖାଇ ନଥିଲେ ହେଁ ଜୀବନ୍ତ ଭାବେ ଯେପରି ଆଧୁନିକ ଜୀବନଚେତନା ସମ୍ପନ୍ନ କରିପାରିଛନ୍ତି ତାହା ତାଙ୍କ ନିଜପଣର ପରିଚାୟକ । କୁବ୍‌ଜା ଓ ଦୁର୍ଯ୍ୟୋଧନଙ୍କ ନିୟତିକୁ ବିଶ୍ୱଭୌମ ମାନବନିୟତି କରିବାରେ ସୀତାକାନ୍ତଙ୍କ ମିଥିକାଲ୍ ଯୋଗସୂତ୍ର ନିଶ୍ଚିତ ଭାବେ ଅଭିନବତ୍ୱ ଓ ଆତ୍ମଦୀପିୟତାର ପରିଚାୟକ ।

ସୀତାକାନ୍ତ ମୁଁ କିମ୍ବା ତମେକୁ ନିଜର ପ୍ରମୁଖ ପ୍ରକାଶ ମାଧ୍ୟମ ଭାବେ ନ ନେଇ ତୃତୀୟ ପୁରୁଷରେ ସେ ଯେଉଁ କାବ୍ୟିକ ପରାକାଷ୍ଠା ପ୍ରତିପାଦନ କରିଛନ୍ତି, ତାହା ନିଶ୍ଚିତ ଭାବେ ତାଙ୍କର ଅସାଧାରଣ ଇଚ୍ଛାଶକ୍ତି, ମନନଶୀଳତା ଓ ମେଧାଶକ୍ତିର ପ୍ରତିଫଳନ । ଏଇଠି ତାଙ୍କୁ ବିରଳ ପ୍ରଜାତିର କବି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ହଁ, ନିଜ ଚାରିପାଖରେ ଜ୍ୟୋତିର୍ବଳୟଟିଏ ସୃଷ୍ଟି କରି ନିଜେ ଆଭାମୟ ହେବା ଏବଂ ଆଲୋକ ବିକିରଣ କରିବାରେ ସେ ଅସାମାନ୍ୟ । ନାରୀପ୍ରେମ(ବିଶେଷକରି ପ୍ରେମିକାରହିତ) ଏବଂ 'ମୁଁ'କୁ ଗୌଣ କରି ବସ୍ତୁନିଷ୍ଠ ଭାବେ ସ୍ୱପ୍ନ, ସମ୍ଭାବନାର ଝର୍କାକୁ ସେ ଯେପରି ଉଦାତ୍ତତା ଓ ସହାନୁଭୂତି ସହକାରେ ଫିଟାଇଛନ୍ତି ଏବଂ ସମକାଳୀନ ଜୀବନ ଜିଜ୍ଞାଷା, ଐତିହ୍ୟଚେତନା ଓ ମନସ୍ତତ୍ତ୍ୱର ଗଭୀର ଅନୁଶୀଳନ କରି ବନ୍ଧା ରାଗିଣୀର ନୂଆ ବ୍ୟବହାର କରିଛନ୍ତି ତାହା ସାମ୍ପ୍ରତିକ ଓଡ଼ିଆ କବିତାକୁ କରିଛି ଐଶ୍ୱର୍ଯ୍ୟମୟ ।

**ସୀତାକାନ୍ତ ମୁଁ କିମ୍ବା ତମେକୁ ନିଜର ପ୍ରମୁଖ ପ୍ରକାଶ ମାଧ୍ୟମ ଭାବେ ନ ନେଇ ତୃତୀୟ ପୁରୁଷରେ ସେ ଯେଉଁ କାବ୍ୟିକ ପରାକାଷ୍ଠା ପ୍ରତିପାଦନ କରିଛନ୍ତି, ତାହା ନିଶ୍ଚିତ ଭାବେ ତାଙ୍କର ଅସାଧାରଣ ଇଚ୍ଛାଶକ୍ତି, ମନନଶୀଳତା ଓ ମେଧାଶକ୍ତିର ପ୍ରତିଫଳନ । ଏଇଠି ତାଙ୍କୁ ବିରଳ ପ୍ରଜାତିର କବି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।**

ସୀକାକାନ୍ତ ଅସ୍ତିତ୍ୱର ଅନ୍ତିମ ଅର୍ଥ ଖୋଜନ୍ତି । ତାଙ୍କ କବିତାରେ ଜୀବନର ସତ୍ୟରୂପ, ପ୍ରେମ, ମୃତ୍ୟୁ, ଈଶ୍ୱର ଓ ସମୟ ଇତ୍ୟାଦି ଦାର୍ଶନିକ ମନନ ରୂପ ପାଇ ଏକ ସାଜସଜ୍ଜାପୂର୍ଣ୍ଣ ବଗିଚା ପରି ମନେହୁଏ । ସାଧାରଣ ମଣିଷର ହସକାନ୍ଦ ଓ ଲୁହଲହୁରେ ସେ ମଧ୍ୟ ଅଂଶୀଦାର ହୁଅନ୍ତି । ତାଙ୍କର ସୃଷ୍ଟିଦାୟିତ୍ୱ ସାମାଜିକ ପ୍ରତିବଦ୍ଧତାରେ ପରିପୁଷ୍ଟ । ସୁତରାଂ ତାଙ୍କର କବିତାରେ ସମଷ୍ଟିଗତ ମଣିଷର ସାମାଜିକ ସ୍ୱରୂପର ଅନ୍ୱେଷଣ ମଧ୍ୟ ରହିଛି ଏବଂ ଜୀବନ ଓ ସମାଜ ସମ୍ପର୍କରେ ତାଙ୍କର ଚିନ୍ତାଭାବନା କଦାଚିତ ନେତିବାଚକ ହୋଇନାହିଁ । ମୋଟାମୋଟି କହିବାକୁ ଗଲେ ସୀତାକାନ୍ତଙ୍କ କବିତାରେ ଜୀବନ ଓ ମୃତ୍ୟ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ, ନୈରାଶ୍ୟ ଓ ଆନନ୍ଦ, ପ୍ରେମ ଓ ହତ୍ୟା ହାତ ଧରାଧରି ହୋଇ ଚାଲନ୍ତି । ହେଲେ ସେ ସବୁଠି ଆଶାର କିରଣ ଖୋଜନ୍ତି, ନିତ୍ୟାନିତ୍ୟ ବସ୍ତୁବିବେକ ପ୍ରୟୋଗ କରି ଛିଡ଼ା ହୁଅନ୍ତି ମାଟି ଉପରେ ସକଳ ପରିସ୍ଥିତିକୁ ସାମ୍ନା କରିବା ପାଇଁ । ଛାତି ଭିତରର ଫୁଲଟିକୁ କେବେ ମଉଳିଯିବାକୁ ଦିଅନ୍ତି ନାହିଁ ।

ସୀତାକାନ୍ତଙ୍କ ଅଷ୍ଟପଦୀ, ଆରଦୃଶ୍ୟ ଓ ଶବ୍ଦର ଆକାଶ ଆଦି କବିତା ଗ୍ରନ୍ଥ ମୋତେ ଖୁବ୍ ଭଲ ଲାଗେ । ଘାସଫୁଲ, ଆରଦୃଶ୍ୟ, କୁବ୍‌ଜା ପାଇଁ ଗୋଟିଏ ପ୍ରେମ ସଙ୍ଗୀତ, କବିତାର ଆବେଦନ ଓ ପ୍ରୟୋଗବାଦୀତା ନିହାତି ଭାବେ ସଞ୍ଚରଣଶୀଳ ।

ମୋଟ ଉପରେ କହିବାକୁ ଗଲେ ବ୍ୟକ୍ତିଜୀବନ ଓ ବିଶ୍ୱଜୀବନର ଲୁଚକାଳି ଭିତରେ ସୀତାକାନ୍ତ ଯେଉଁ ଭାବବସ୍ତୁର କବିତା ଲେଖନ୍ତୁ ନା କାହିଁକି ତାଙ୍କର କବତାରେ ବୁଦ୍ଧିଜୀବୀ ସୁଲଭ ପ୍ରଖରତା ଓ ଆତ୍ମଜ୍ଞାନିକ ମର୍ମଦାହ ଜାଗା ନିଏ । ଏହାଛଡ଼ା ତାଙ୍କ କାବ୍ୟିକ ଦୃଷ୍ଟିକୋଣର ବଡ଼ ବିଶେଷତ୍ୱ ହେଉଛି ଯେ ସେ ସର୍ବଦା ସମୁଦ୍ର ଓ ଆକାଶମୁହାଁ । ସେ ନିଜ ଗାଁ, ଚିତ୍ରୋତ୍ପଳା କି ପରିବାର ହେଉ ନା କାହିଁକି !! ବ୍ୟାପ୍ତି ଆଡ଼କୁ ସେ ଧାବମାନ । ଜୀବନ ଓ ମୃତ୍ୟୁକୁ ସମପରିମାଣରେ ଗୁରୁତ୍ୱ ଦେଇଥିଲେ ହେଁ ମୃତ୍ୟୁକୁ ଜୀବନର ପୂର୍ଣ୍ଣଚ୍ଛେଦ ଭାବେ କେବେ ଗ୍ରହଣ କରିନାହାନ୍ତି । ତାଙ୍କ ବିଚାରରେ ମୃତ୍ୟୁ ଜୀବନର ରୂପାନ୍ତର ଏବଂ ଅଙ୍କୁରିତ ହେବାର ସମ୍ଭାବନା ରଖେ । ତାଙ୍କ କବିତା ପ୍ରତ୍ୟେକ ନିଜ ନିଜ ପ୍ରକୃତିର ଅନ୍ତର୍ନିହିତ ନିୟମାନୁସାରେ ସୃଷ୍ଟ । ଓଡ଼ିଆ କବିତା ପ୍ରୟୋଗଧର୍ମୀ ହେବାକୁ ଯାଇ ତାଙ୍କ କବିତାରୁ ଅନେକ କିଛି ଶିଖିଛି ।



# ଅନନ୍ୟ ସୌନ୍ଦର୍ଯ୍ୟପିପାସୁ : ସୌଭାଗ୍ୟ କୁମାର ମିଶ୍ର

ରମାକାନ୍ତ ରଥଙ୍କ ପରବର୍ତ୍ତୀ ପିଢ଼ିର ଉତ୍ତରସାଧକ ଭାବେ ସୌଭାଗ୍ୟ କୁମାର ମିଶ୍ର ଓଡ଼ିଆ କବିତାର ଅନ୍ୟତମ ନିର୍ମାତା କବି । ସମକାଳର କବିଙ୍କ ଭିତରେ ସୌଭାଗ୍ୟ ହିଁ ସବୁଠାରୁ ଅଧିକ ଆଧୁନିକ ଦୃଷ୍ଟିସମ୍ପନ୍ନ କବି । ୧୯୬୦ ପରବର୍ତ୍ତୀ କାଳର ଜଣେ ମାର୍ଗଦର୍ଶକ କବି ଭାବେ ତାଙ୍କ ସୃଜନ ସ୍ୱାକ୍ଷରର ତୁଳନା ନାହିଁ । ଭାଷାର ଅପୂର୍ବ ବ୍ୟଞ୍ଜନା, ନାଟକୀୟ କଥନଭଙ୍ଗୀ, ବୁଦ୍ଧୀଦୀପ୍ତ ପରିହାସ, ଆବେଗର ସଂଯତ ଓ ସଂକ୍ଷିପ୍ତ ଉଚ୍ଚାରଣ ତଥା ଚିତ୍ରମୟତା ଆଦିକୁ ଏକୀଭୂତ କରି ସେ ଯେଉଁ କାବ୍ୟିକ ସିମ୍ଫୋନୀ ନିର୍ମାଣ କରନ୍ତି ତା'ର ଅନ୍ତଃସ୍ୱରକୁ ଅନୁଶୀଳନ କଲେ ତହିଁରେ ଘଟିଥିବା ବିବର୍ତ୍ତନର ଅଲୌକିକତା ସହ କାବ୍ୟଗଠନର ଅଦ୍ଭୁତ ଗରିମାକୁ ଅନୁଭବ କରିହୁଏ ।

ସୌଭାଗ୍ୟଙ୍କ ପ୍ରାରମ୍ଭିକ ପର୍ଯ୍ୟାୟର କବିତାରେ ବିଶେଷକରି ଗୁରୁପ୍ରସାଦ ମହାନ୍ତିଙ୍କ କବିତାର ପ୍ରଭାବ ରହିଛି । ହେଲେ ତାଙ୍କର ପ୍ରଥମ କବିତା ପୁସ୍ତକ 'ଆତ୍ମନେପଦୀ'ର ଶେଷ ଆଡ଼କୁ ଥିବା କେତୋଟି କବିତାରେ ନିଜର ଅଲଗାପଣକୁ ଜାହିର କରିଛନ୍ତି । ଶୈଳୀ ପ୍ରତି ତାଙ୍କର ଦୁର୍ବାର ଆକର୍ଷଣ ରହିଛି । ତାଙ୍କ ପାଇଁ ଗୋଟିଏ କବିତାର ଭାବସାରାଂଶ ସେହି କବିତାର ସବୁକିଛି ନୁହେଁ । ଭାବ ହୁଏତ ଗୋଟିଏ ଶୈଳୀକୁ ଡାକିଆଣେ ଓ ତା' ସାଙ୍ଗରେ ଜଡ଼ିଯାଏ । କିନ୍ତୁ ଜଡ଼ିଯିବା ପରେ ଶୈଳୀ ଭାବକୁ, ମାନେ ମୂଳ ଭାବକୁ, ପୂରାପୂରି ବଦଳାଇ ଦେଇ ପାରେ; ଦେଇଥାଏ ଯଦି ଶୈଳୀ ସେତିକି ଶକ୍ତିଶାଳୀ । ସେ କବିତାରେ ସ୍ଥଳଭେଦରେ ଭିନ୍ନଭିନ୍ନ ଶୈଳୀ ବ୍ୟବହାର କରନ୍ତି । ଶୈଳୀ କବିତାର ଅନୁସରଣ ବା ଧ୍ୱନିକୁ ସମୃଦ୍ଧ କରେ ଓ ବହୁଦିଗରେ ସଞ୍ଚାରିତ କରିଥାଏ । ଶୈଳୀ କବିତାକୁ 'ରୂପ' ବା ଫର୍ମ ଦିଏ, ତାଙ୍କ ପାଇଁ 'ରୂପ' ଅତି ଗୁରୁତ୍ୱପୂର୍ଣ୍ଣ । କଥାକୁହା ଶୈଳୀରେ ଅନନ୍ୟ ଯାଦୁକରିତା ହେଉଛି ତାଙ୍କ କବିତାର ଅନ୍ୟତମ ବୈଶିଷ୍ଟ୍ୟ ।

ସୌଭାଗ୍ୟ ଆଧୁନିକ ଜୀବନର ଦୁଃସହ ଜ୍ୱାଳା, ଯନ୍ତ୍ରଣା, ଅର୍ଥହୀନତା, ପାପବୋଧ ସାଙ୍ଗକୁ ସାମ୍ପ୍ରତିକ ସମାଜର ସଙ୍କଟ, ଅବକ୍ଷୟ ସାଂସ୍କୃତିକ ଆଦର୍ଶରେ ଅଣନିଃଶ୍ୱାସୀ ମଣିଷର ସାମାଜିକ ସ୍ଥିତି, ଗ୍ଲାନି ଓ ନିଷ୍ପ୍ରାଣ ଜୀବନବୋଧକୁ କବିତାରେ ଆଙ୍କିବାରେ ଧୂରୀଣ । ତାଙ୍କ କବିତାରେ ଜୀବଜଗତ ଜଟିଳ ରୂପ ଓ ଜାଗତିକ ସତ୍ୟର ବହୁବିଧ ଛବି ଚିତ୍ରାୟିତ । ଯୁଗଯନ୍ତ୍ରଣା, ଜଟିଳତା ଓ ଜିଜ୍ଞାସାର ନିଷ୍ପାପର ସ୍ୱର ଉତ୍‌କୀର୍ଣ୍ଣ । ବିଶେଷକରି 'ଅନ୍ଧମହୁମାଛି' କବିତାରେ କୁଷ୍ଠରୋଗୀର ଘା'ରେ ମହୁର ପରିକଳ୍ପନା କରି ସୌନ୍ଦର୍ଯ୍ୟବୋଧ ଓ ସୌନ୍ଦର୍ଯ୍ୟପିପାଷାର ସେ ଯେଉଁ ସୁଦୂର ପ୍ରସାରୀ ଦୃଷ୍ଟି ଦେଇଛନ୍ତି ବିଶ୍ୱର କୌଣସି ଶ୍ରେଷ୍ଠ କବିତାରେ ଏପରି ନାନ୍ଦନିକତା ବିରଳତମ ପର୍ଯ୍ୟାୟର । ଜୀବନଗତ ନୈରାଶ୍ୟ, ଏକାକୀତ୍ୱବୋଧ, ମୃତ୍ୟୁକୁ ଅତିକ୍ରମ କରି ବୃହତ୍ତର ବିଶ୍ୱରେ ଏକ ନୂତନ ଜୀବନର ଅନ୍ୱେଷା ଜାରି ରଖନ୍ତି ସେ ସର୍ବଦା ।

ତାଙ୍କ ପାଇଁ ଅନ୍ଧକାର ଚେତନାର ଏକ ନୂତନ ସୂର୍ଯ୍ୟୋଦୟ । ଜୀବନର ସମସ୍ତ ବିମର୍ଷତା ସତ୍ତ୍ୱେ ଆଶାବାଦକୁ କିପରି ପାଥେୟ କରାଯାଇପାରେ ଏହା ଶିଖାଏ ତାଙ୍କର କବିତା । ସାଂସାରିକ ଜୀବନର ଯାବତୀୟ ଜଞ୍ଜାଳ ଓ ଦୁଃଖର ସୂକ୍ଷ୍ମ ସଂଜ୍ଞା ଏବଂ ଆଧୁନିକ ଜୀବନର ଦୈନ୍ୟତା ଓ ବିଫଳତାକୁ କିପରି ଆଧିଭୌତିକ ସ୍ତରକୁ ନିଆଯାଏ, ତାହା ମଧ୍ୟ ସୌଭାଗ୍ୟଙ୍କ କବିତାର ଲକ୍ଷଣୀୟ ଦିଗ ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ବୌଦ୍ଧିକ ଉଚ୍ଚାଟନ,ଭାଷା ଅବବୋଧର ଅପରିମିତିବୋଧ ଏବଂ ଗୂଢ଼ ଦାର୍ଶନିକ ରହସ୍ୟ ଅନେକତ୍ର କବିତାର ଭାବବୋଧକୁ ଧରିବାରେ ଅନ୍ତରାୟ ସୃଷ୍ଟି କରେ । ହେଲେ ସୌଭାଗ୍ୟଙ୍କ କବିତାର ସଂସ୍ପର୍ଶରେ ଆସିଲେ ଏହି ସବୁର ବିଶେଷ ଅର୍ଥ ରହେ ନାହିଁ । ଅନ୍ଧବିଶ୍ୱାସ ଓ ସଂସ୍କାରର ଜଟିଳ ଜାଲରେ ଛନ୍ଦି ହୋଇରହିଥିବା ମଣିଷକୁ ସେ ଆହ୍ୱାନ କରିଆସିଛନ୍ତି ଆସ୍ଥା ଓ ସ୍ୱାଧୀନତା ପ୍ରତି ନିବିଷ୍ଟ ହେବାକୁ, ନିଜ ପରିଧିରେ ସ୍ୱତନ୍ତ୍ର ପୃଥିବୀଟିଏ ଗଢ଼ିବାରେ ଅସୁବଧା କେଉଁଠି ବୋଲି ପ୍ରଶ୍ନ ଉଠାଇଛନ୍ତି ।

'ଅନ୍ଧମହୁମାଛି' ଏବଂ 'ଦ୍ୱାସୁପର୍ଣ୍ଣା' କବିତା ସଙ୍କଳନ ମୋତେ ବେଶ୍ ଆନ୍ଦୋଳିତ କରେ । ଅନ୍ଧ ହୋଇଯିବା ପରେ ଅଧ୍ୟାତ୍ମ ଲାଭ କରିହୁଏ ଏବଂ ଜୀବନକୁ ଅସଲରେ ବୁଝିବାର ଦୃଷ୍ଟିଶକ୍ତି ଅର୍ଜନ କରିହୁଏ, 'ଅନ୍ଧମହୁମାଛି'ରେ ଏପରି ଏକ ପ୍ରତ୍ୟୟବୋଧର ନିରାଜନା କରି ଆଧ୍ୟାତ୍ମିକତା ଓ ଆଧିବୌଦ୍ଧିକ ସ୍ତରକୁ ଉଠିବାର ପ୍ରୟାସ ହୋଇଛି । ନ ହେଲେ କବିଦୃଷ୍ଟିରେ ସବୁଠି ମହୁ, ଏପରିକି କୁଷ୍ଠରୋଗୀର ଘା'ରେ ମହୁର ପରିକଳ୍ପନା କୁତ୍ରାପି ଆସି ନଥାଆନ୍ତି । ତାଙ୍କ ଭାଷାରେ "ଉଡୁଥା, ବୁଲୁଥା, ବୁଲୁଥା କିଛି ଦେଖନା, ଦେଖନା, ଦେଖନା, ଯାହାପାରୁଛୁ ଶୁଣ୍ଢ ପୂରେଇ ଚୋଷିନେ, ଚୋଷିନେ ।" ଏସବୁ ବି ବୃହତ୍ତର ମୂଲ୍ୟବୋଧର ପରିଚାୟକ । ସୌଭାଗ୍ୟଙ୍କ କବିତା ମୋତେ ଏଥିପାଇଁ ଭଲ ଲାଗେ ଯେ ସେ ଏକ କାବ୍ୟିକ ବିସ୍ମୟ ସୃଷ୍ଟି କରିବାର ଅନନ୍ୟ ସ୍ରଷ୍ଟା ଓ ଶବ୍ଦସ୍ଥପତି । କୌଣସି ଦର୍ପଣରେ ବିଶ୍ୱମାନବର ପ୍ରତବିମ୍ବର ପ୍ରତିରୂପ ପ୍ରତିଫଳିତ କରିହେବ- ଏ ଆଶା ପୋଷଣ କରନ୍ତି । ପାପପୁଣ୍ୟ, ଅନ୍ଧାରଆଲୁଅ, ସତ୍ୟଅସତ୍ୟ, ସୁଖଦୁଃଖ, ସୌଭାଗ୍ୟ- ଦୁର୍ଭାଗ୍ୟକୁ ଗୋଟିଏ ବିନ୍ଦୁରେ ଏକାକାର କରି ଆସ୍ଥାର ଅନ୍ୱେଷଣ କରନ୍ତି । ଦୃଶ୍ୟମାନ ପୃଥିବୀରେ ଏକ ଅଦୃଶ୍ୟ ଚେତନାର ଆକାଶକୁ ଅନାବରଣ କରନ୍ତି । କବିତା ଲେଖିଲା ବେଳେ ତାଙ୍କର ଭାବନା, କଳ୍ପନା ସାରା ବ୍ରହ୍ମାଣ୍ଡ ବୁଲି ଆସେ, ଯଥାଯୋଗ୍ୟ ଭାଷା ଓ ଚିତ୍ର ଖୋଜିବସେ । ସେହି ସମୟତକ ତାଙ୍କର ପୂରାପୂରି ଧ୍ୟାନସ୍ଥ ଅବସ୍ଥା ।

> **'ଅନ୍ଧମହୁମାଛି' କବିତାରେ କୁଷ୍ଠରୋଗୀର ଘା'ରେ ମହୁର ପରିକଳ୍ପନା କରି ସୌନ୍ଦର୍ଯ୍ୟବୋଧ ଓ ସୌନ୍ଦର୍ଯ୍ୟପିପାଷାର ସେ ଯେଉଁ ସୁଦୂର ପ୍ରସାରୀ ଦୃଷ୍ଟି ଦେଇଛନ୍ତି ବିଶ୍ୱର କୌଣସି ଶ୍ରେଷ୍ଠ କବିତାରେ ଏପରି ନାନ୍ଦନିକତା ବିରଳତମ ପର୍ଯ୍ୟାୟର ।**

'ଦ୍ୱାସୁପର୍ଣ୍ଣା'ରେ କିନ୍ତୁ ଅନ୍ଧ ହୋଇ ରହିନାହାନ୍ତି ସୌଭାଗ୍ୟ, ଦ୍ୱିଧାବିଭକ୍ତ ଓ ଦ୍ୱନ୍ଦ୍ୱଜୀର୍ଣ୍ଣ ହୋଇ ଜୀବାତ୍ମା ଓ ପରମାତ୍ମାର ସତ୍ତାକୁ ତୀବ୍ର କରିବା ଭିତରେ ବାସ୍ତବାନୁରାଗର ଜଗତକୁ ଆବିଷ୍କାର କରିଛନ୍ତି । ଏକାବେଳେ ବର୍ହିମୁଖୀନତା ଓ ଅନ୍ତର୍ମୁଖୀନତାକୁ ଅବଲମ୍ବନ କରି ଆତ୍ମଦ୍ୱନ୍ଦ୍ୱରୁ ମୁକୁଳି ଆସିବାର ପଥ ଖୋଜିଛନ୍ତି ଏବଂ ଜୀବନ ଓ ଜଗତକୁ ଅନାବରଣ କରି କହିଦେବାକୁ ଚାହିଛନ୍ତି କୌଣସି ନିର୍ଦ୍ଦିଷ୍ଟ ସତ୍ୟ ବା ସିଦ୍ଧାନ୍ତ ବୋଲି କିଛି ନାହିଁ । ତାଙ୍କର ନୀଳକଇଁ, ଅନ୍ଧ ମହୁମାଛି, ଶୁକଦେବ ଜେନା, ସକାଳ, ଗେଣ୍ଡା, ସୁଖଦୁଃଖ, ବଗିଚା, ସନ୍ନ୍ୟାସୀ, ଟେବୁଲ ପ୍ରତି, ହୃଦୟେଶ୍ୱରୀ, ନଈପହଁରା, ମାୟାଦର୍ପଣ, ସର୍କସ, ପଳାତକ ଓ ଭାନୁମତିର ବସ, ଡାୟନା ଭଳି କବିତା ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ ।

# ସ୍ପର୍ଦ୍ଧା ଓ ସ୍ୱାଭିମାନର ସାହିତ୍ୟ ଋଷି :
# ରାଜେଂନ୍ଦ୍ର କିଶୋର ପଂଡ଼ା



ସମକାଳୀନ ଓଡ଼ିଆ କବିତା କ୍ଷେତ୍ରରେ କବି ରାଜେଂନ୍ଦ୍ର କିଶୋର ପଂଡ଼ା ଶୀର୍ଷସ୍ଥାନୀୟ ଶବ୍ଦ ବିନ୍ଧାଣୀ । ବିଶେଷତଃ ରାଜେଂନ୍ଦ୍ର ଅଧା ବାମପନ୍ଥୀ ଓ ରୋମାଣ୍ଟିକ କବି ପରି ମନେ ହେଉଥିଲେ ହେଁ ଉଦାର ମାନବବାଦର ସ୍ୱରରେ ସେ ଯେଉଁ କାବ୍ୟସୌଧ ନିର୍ମାଣ କରିଛନ୍ତି ତାହା ତାଙ୍କୁ ଜଣେ ମହତ୍ ସାହିତ୍ୟଋଷିର ମାନ୍ୟତା ଦିଏ । ଜଣେ ବିଦ୍ରୋହୀ କବି, ପ୍ରେମିକ କବି ସର୍ବୋପରି ମାନବବାଦର କବି ଭାବେ ରାଜେଂନ୍ଦ୍ରଙ୍କ କାବ୍ୟପୁରୁଷ ବୈଭବଶାଳୀ ଓ ବିଚିତ୍ରବର୍ଣ୍ଣା ।

ରାଜେଂନ୍ଦ୍ରଙ୍କ ପ୍ରେମରେ ଅଛି ଦମ୍ଭୋକ୍ତି, ବିଦ୍ରୋହରେ ଅଛି ଆହ୍ୱାନ ଏବଂ ଭଲପାଇବାପଣରେ ଅଛି ନିର୍ଲିପ୍ତତା । ଏକାବେଳେ ଜଣେ ସନ୍ୟାସୀ ଓ ସଂସାରୀର ସ୍ୱରକୁ ଠାବ କରିହୁଏ ତାଙ୍କଠି । ବୋମାଫୁଟାବେଳ ଓ କଢ଼ଫୁଟାବେଳ ଭିତରେ ତାଙ୍କ ପାଇଁ ବିଶେଷ ଫରକ ନାହିଁ । ସମାଜ ପାଇଁ ବନ୍ଧୁକ ଓ ବୋମା, ନିହାଣ ଓ ମୁଗୁରର ଯେପରି ଆବଶ୍ୟକତା ରହିଛି, ତୁଳୀ ଓ କଲମର ଅନୁରୂପ ଆବଶ୍ୟକତା ଉପରେ ସେ ଗୁରୁତ୍ୱଦିଅନ୍ତି । ଭାଷା ବ୍ୟବହାରରେ ରାଜେଂନ୍ଦ୍ରଙ୍କ ଶବ୍ଦୈଶ୍ୱର୍ଯ୍ୟର ତୁଳନା ନାହିଁ । ଶବ୍ଦର ମାୟାଜାଲ ସୃଷ୍ଟି କରିବାରେ ତାଙ୍କର ଯାଦୁଗରୀ ଶକ୍ତି ଅପରିସୀମ । ନୂତନ ଶବ୍ଦରାଜି ସୃଷ୍ଟି କରି ଓଡ଼ିଆ ଭାଷାଭଣ୍ଡାରକୁ ସମୃଦ୍ଧ କରିଚାଲିଛନ୍ତି । ପରମ୍ପରା, ସଂସ୍କୃତି ଓ ସଂସ୍କାର ଆଦିରେ ତାଙ୍କର ଅବବୋଧ ତୀକ୍ଷ୍ଣ ଓ ଗଭୀର । ମୁକ୍ତ, ଦୃପ୍ତ ଉଚ୍ଚାରଣ ଓ ନିର୍ଯ୍ୟାସର କବି ସେ । ମୁହୂର୍ତ୍ତ ମୁହୂର୍ତ୍ତର ଦୃଶ୍ୟପଟ୍ଟରେ ଗୋଟିଏ ଶିଖରରୁ ଆଉ ଗୋଟିଏ ଶିଖରକୁ ଆରୋହଣ କରେ ତାଙ୍କ କବିତା । ତାଙ୍କର ପ୍ରତିଟି କବିତା ଏକ ନୂତନ ଆରମ୍ଭ ଓ ଅଦ୍ଭୁତ କ୍ରମଶଃ । ଏକାବେଳେ ସେ ଐତିହ୍ୟ ସଚେତନ ଓ ନୂତନ ପଥର ଯାତ୍ରୀ । ତାଙ୍କ କବିତାର ଦାର୍ଶନିକ ମନନ, ବାକ୍‌ରୀତି, ଶବ୍ଦବୋଧ ଓ ଧ୍ୱନି ସୌନ୍ଦର୍ଯ୍ୟ ନିଆରା । ତାଙ୍କର କବିତା ବିବିଧ ବର୍ଣ୍ଣବିଭା ନେଇ ଦିଗନ୍ତ ବିସ୍ତାରୀ । ଜୀବନର ଆବେଗତା, ଆଧ୍ୟାତ୍ମିକ ଓ ବାସ୍ତବତାକୁ ନେଇ ନୂଆ ବାଗରେ କବିତା ଲେଖିବାର ସବୁ ରାଗ ତାଙ୍କୁ ଜଣା । ଚରମ ସତ୍ୟ ବା ସିଦ୍ଧାନ୍ତ ନାହିଁ କିଛି ତାଙ୍କଠି । ମୃତ୍ୟୁ ଥାଉ କି ଅମରତ୍ୱ ଶିଖର ମାତ୍ରେ ହିଁ ଆରୋହ୍ୟ - ଏପରି ବିଶ୍ୱାସବୋଧ ପ୍ରତି ସେ ଅନୁରକ୍ତ । ମୁଖ୍ୟତଃ ଜୀବନଭିତ୍ତିକ-ଆତ୍ମଜୀବନୀଭିତ୍ତିକ ସ୍ପର୍ଦ୍ଧାରେ ଓଜଃବାନ ରାଜେଂନ୍ଦ୍ରଙ୍କ କାବ୍ୟପୁରୁଷ ପ୍ରତ୍ୟେକ ବିଷୟ ଓ ଭାବବସ୍ତୁ ପାଇଁ ନୂଆନୂଆ ରୂପ ନିଏ, ସେ ଅନୁସାରେ ଭାଷା ଓ ଶୈଳୀର ବି ଘଟେ ପରିବର୍ତ୍ତନ । ଜୀବନରେ ମୋକ୍ଷଫୋକ୍ଷ ନୁହେଁ, ସୁଖଦୁଃଖ 'ବିଷାଦାନନ୍ଦ' ଭିତରେ କାଳାତିପାତ କରିବାକୁ ଶ୍ରେୟ ମଣନ୍ତି ।

ସ୍ପର୍ଦ୍ଧା ଓ ସ୍ୱାଭିମାନର କାବ୍ୟପୁରୁଷ ସେ । ପ୍ରେମରେ ଦମ୍ଭୋକ୍ତି ପରିପ୍ରକାଶରେ ସମକାଳର କୌଣସି ଓଡ଼ିଆ କବି ରାଜେଂନ୍ଦ୍ରଙ୍କ ସମକକ୍ଷ ନୁହନ୍ତି । 'ମୁଁ'କୁ ଧରି ସେ ଯେପରି ଭୁଲୋକ-ଦ୍ୟୁଲୋକ ପରିକ୍ରମା କରନ୍ତି ଏବଂ ନିଜର କାବ୍ୟସତ୍ତାକୁ ଅନାବରଣ କରନ୍ତି ତାହା ଅପୂର୍ବ । ରାଜେଂନ୍ଦ୍ର ହିଁ ଜଣେ ଯିଏ ସାରା ମାନବଜାତି ବିରୋଧରେ ପ୍ରେମ ଘୋଷଣା କରିପାରନ୍ତି, ନିଜକୁ ନିଜର ଓ ଈଶ୍ୱରଙ୍କ ପ୍ରତିଦ୍ୱନ୍ଦ୍ୱୀ ଦାବି କରନ୍ତି, ପ୍ରତିପକ୍ଷ କରି ଠିଆ କରାନ୍ତି । ରାଜେଂନ୍ଦ୍ରଙ୍କ କବିତାରେ ମନ୍ତ୍ରଧ୍ୱନିକୁ ଯେଉଁ ପରିମାଣରେ ଠାବ କରିହୁଏ, ଜଣେ ବିଦ୍ରୋହୀ-ଯୋଦ୍ଧାର ରଣହୁଙ୍କାରକୁ ସମପରିମାଣରେ ଠାବ କରିହୁଏ । ନୀବବତାର ସ୍ୱରରେ ଲାଗନ୍ତି ନିଆରା । ସଚ୍ଚି ରାଉତରାୟଙ୍କ ପରେ ପରବର୍ତ୍ତୀ ପିଢ଼ିର କବି ଭାବରେ ରାଜେଂନ୍ଦ୍ରଙ୍କୁ ହିଁ ତୀର୍ଥଙ୍କାନ କରିହୁଏ । 'କବିତା ୧୯୬୨' ପରେ ମୋତେ ସବୁଠାରୁ ଅଧିକ ପ୍ରଭାବ ପକାଇଥିବା କବିତା ପୁସ୍ତକ ମଧ୍ୟରେ ରହିଛି 'ଶୈଳକଳ୍ପ' । 'ଶୈଳକଳ୍ପ' ଏକ ସର୍ବକାଳୀନ କ୍ଲାସିକ୍ କବିତାଗ୍ରନ୍ଥର ମାନ୍ୟତା ଦାବି କରେ । ଏହାର ଉପନିଷଦୀୟ ଭାବଧାରା ଓ ମାନବୀୟ ମୂଲ୍ୟବୋଧର ତୁଳନା ନାହିଁ । 'ଶୈଳକଳ୍ପ'କୁ ରୁଦ୍ର ସୁଧାନିଧି, ବୈଦେହୀ ବିଳାସ, ରସକଲ୍ଲୋଳ, ବିଦଗ୍ଧ ଚିନ୍ତାମଣି, ସ୍ତୁତି ଚିନ୍ତାମଣି, ଚତୁରବିନୋଦ, ମହାଯାତ୍ରା, ତପସ୍ୱିନୀ ଆଦି ଗ୍ରନ୍ଥ କ୍ରମରେ ମୁଁ ଦେଖିଥାଏ । 'ଅନ୍ୟା' ମଧ୍ୟ ତାଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ରଚନା । 'ଅନ୍ୟା'ର ପ୍ରେମାନୁଚିନ୍ତା ଓ ଶବ୍ଦ ପାଟବତାକୁ ଦେଖିଲେ ରାଜେଂନ୍ଦ୍ରଙ୍କୁ ସାମ୍ପ୍ରତିକ କାଳର ଉପେନ୍ଦ୍ର ଭଞ୍ଜ କହିବାକୁ ଇଚ୍ଛା ହୁଏ ।

ରାଜେଂନ୍ଦ୍ରଙ୍କ ରଚନା ରୀତିରେ ସ୍ୱତନ୍ତ୍ରତା ଏହା ଯେ ସେ ସବୁପ୍ରକାର କବିତା ଲେଖିବାରେ ସିଦ୍ଧହସ୍ତ । ଛନ୍ଦ କବିତା, ଧାଡ଼ିଭଙ୍ଗା, ମୁକ୍ତଛନ୍ଦ ଓ ପୂର୍ଣ୍ଣଗଦ୍ୟ ଆଙ୍ଗିକରେ କବିତା ଲେଖି ଚାଲିଛନ୍ତି । ୧୯୬୩ରୁ ୧୯୭୪ ମଧ୍ୟରେ ରଚିତ ତାଙ୍କର କବିତା ସଙ୍କଳନ 'ଅନବତାର ଓ ଅନ୍ୟ ଅନ୍ୟ'ରେ ଅନ୍ତର୍ଭୁକ୍ତ କବିତାଗୁଡ଼ିକ ପୂର୍ଣ୍ଣଗଦ୍ୟ ଆଙ୍ଗିକରେ ଲେଖା ହୋଇଛି । ବ୍ରଜନାଥ ବଡ଼ଜେନା ଗଦ୍ୟଛନ୍ଦରେ ଯେଉଁ କବିତା ଲେଖିବାର ପ୍ରୟାସ କରିଥିଲେ ଏଥିରେ ତାହା ପରିବ୍ୟାପ୍ତ ହୋଇଛି । କବିତାରେ ଶବ୍ଦାନ୍ୱେଷଣ, ଶବ୍ଦ ପ୍ରୟୋଗ ଓ ଶବ୍ଦକୁ ଅର୍ଥପୂର୍ଣ୍ଣ କରିବା ଏବଂ ନୂତନ ଶବ୍ଦ ସୃଷ୍ଟି କରିବାରେ ରାଜେଂନ୍ଦ୍ର ସାମ୍ପ୍ରତିକ କାଳର ବିରଳତମ କବି । ସେ ସ୍ଥାନୀୟତା ଓ ବୈଶ୍ୱିକତାକୁ ନିଜର କାବ୍ୟିକ ଉପଲବ୍ଧିରେ ଏକାବେଳେ ସ୍ଥାନ ଦିଅନ୍ତି । ସାମଗ୍ରିକ ଭାବେ ତାଙ୍କ କବିତାକୁ ଅନୁଶୀଳନ କଲେ ସେ ଜାଗତିକ ରହସ୍ୟ ଓ ସୌନ୍ଦର୍ଯ୍ୟବୋଧ ଭିତରେ ଜୀବନର ସତ୍ୟ ସନ୍ଧାନ କରନ୍ତି । କୌଣସି ଏକ ନିର୍ଦ୍ଦିଷ୍ଟ ସାମାଜିକ ଅଙ୍ଗୀକାର ଭିତରେ ସେ ନିଜର କାବ୍ୟଦର୍ଶନ ଏବଂ କବିରୁଚିକୁ ପରିପ୍ରକାଶ କରନ୍ତିନାହିଁ ।

ଗୌଣଦେବତା(୧୯୭୫), ଅନବତାର ଓ ଅନ୍ୟ ଅନ୍ୟ(୧୯୭୬), କ୍ଷୁଣାକ୍ଷର(୧୯୭୭), ଶତରୁ ଅନେକ(୧୯୭୭) ନିଜ ପାଇଁ ନାନାବାୟା(୧୯୮୦), ଚୌକାଠରେ ଚିରକାଳ(୧୯୮୧), ଶୈଳକଳ୍ପ(୧୯୮୨), ଅନ୍ୟା(୧୯୮୮), ବହୁବ୍ରିହୀ(୧୯୯୧), ବୋଧିନଭ(୧୯୯୭), ଈଷଖେଳ(୧୯୯୯), ସତ୍ୟୋତ୍ତର, ବୈରାଗୀ ଭ୍ରମର, ଦୁଜାନାରୀ ଓ ଦ୍ରୋହକାବ୍ୟ(୨୦୦୩) ଶୀର୍ଷକ କାବ୍ୟଗ୍ରନ୍ଥ ତାଙ୍କ ସାହିତ୍ୟ ସାଧନାର ଉଜ୍ଜ୍ୱଳ ସ୍ୱାକ୍ଷର । 'ଝିଅ ପାଇଁ ଗୋଟିଏ କବିତା' ତାଙ୍କର ଏକ ଅନବଦ୍ୟ ସୃଷ୍ଟି । ଗୋଲାମ ଦାସ, ପ୍ରିୟ ସହକବି, ଶିଶୁ, ପେଚା ପ୍ରତି ଈଶ୍ୱର, ସତ୍ୟ ଆମ୍ଭ, ଦାକ୍ଷିଣାତ୍ୟ ଅଭିଯାନ, ଜରତା, ନିଜ ପାଇଁ ନାନାବାୟା, ମାଟି ଆଦି କବିତା ମୋତେ ଘାରେ । ଗୋଟିଏ ପକ୍ଷରେ ରାଜେଂନ୍ଦ୍ରଙ୍କ ସମଗ୍ର କବିତା ଓ ଅନ୍ୟପକ୍ଷରେ ତାଙ୍କର 'ଜୀବନ ପ୍ରତି' କବିତାକୁ ଗୋଟିଏ ତରାଜୁରେ ତଉଲିଲେ 'ଜୀବନ ପ୍ରତି' କବିତାରେ ତାଙ୍କ କବିତ୍ୱ-ବ୍ୟକ୍ତିତ୍ୱର ସମଗ୍ରତା ପୂର୍ଣ୍ଣ ବିକିରିତ ହୋଇଥିବା ମନେହୁଏ । ନଡ଼ିଆ ପରି ହୃଦୟର ଅଧିକାରୀ ରାଜେଂନ୍ଦ୍ରଙ୍କ ପରି ସ୍ନେହୀ ଓ ସ୍ୱାଭିମାନୀ ସାହିତ୍ୟଶିଳ୍ପୀ ଆଜିର ଦିନରେ ନାହାନ୍ତି, ସେ ଅଦ୍ୱିତୀୟ ନିଷ୍କର୍ଷର କବି । ଓଡ଼ିଆ ସାହିତ୍ୟର ଇତିହାସରେ ତାଙ୍କର ସ୍ଥାନ ନିରୂପଣ ବର୍ତ୍ତମାନ ସହଜ ନୁହେଁ(ଅନ୍ତତଃ କବିଙ୍କ ଜୀବଦ୍ଦଶାରେ) । ବିପୁଳାଚ ପୃଥ୍ୱୀ ତାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ଏବଂ ଏଥିପାଇଁ ମହାକାଳକୁ ଛାଡ଼ି ଦିଆଯାଉ ।

କରେ । ଆମେ ଆଶା କରିବା ଭଲ ଲେଖକ ଜଣେ ଭଲମଣିଷ ହୋଇ ସମାଜ ଆଗରେ ପ୍ରତିଭାତ ହୁଅନ୍ତୁ ।

ଏଠାରେ ପ୍ରଶ୍ନ ଉଠେ ଭଲ କବିତା ଓ ଶ୍ରେଷ୍ଠ କବିତା ଭିତରେ ଫରକ କ'ଣ ? କେଉଁ କବିତା ଉତ୍ତୀର୍ଣ୍ଣ କବିତା ? ? ଏସବୁ ଗୋଟିଏ ଗୋଟିଏ ଗୋଲକଧନ୍ଦା । ତା'କୁ ନିର୍ଣ୍ଣୟ କରିହେବ ନାହିଁ କିମ୍ବା ଏପରି ଆକଳନର ଶେଷ ନାହିଁ । ଯେଉଁ କବିତା ପାଠକଙ୍କୁ କବି ସହିତ ଏକାତ୍ମ୍ୟ କରିବାର ସାମର୍ଥ୍ୟ ରଖେ ସେହି କବିତା ଉତ୍ତୀର୍ଣ୍ଣ କବିତା । କୌଣସି ଶ୍ରେଷ୍ଠ କବିତାର ସଂସ୍ପର୍ଶର ଆସିବା ମାତ୍ରେ ମୁଁ ତା'କୁ ସ୍ପଷ୍ଟ ଭାବେ ଦେଖେ, ଶୁଣେ ଏବଂ ଅନୁଭବେ । ଯେତେଥର ପଢ଼ିଲେ ତା'ର ବହୁସ୍ତରୀୟ କାୟା ଓ ଅର୍ଥ ସହ ସାକ୍ଷାତ ହୁଏ । ମନ୍ତ୍ର ଓ ଯାଦୁଠୁ ବଳି ଏହାର କୁହୁକତା । ଆକାଶର ରୂପରେଖ ପରି ଶ୍ରେଷ୍ଠ କବିତାର ଗୁଣାବଳୀ । ଅନେକ ଆକାଶ ଭର୍ତ୍ତି ହୋଇଥାଏ ଏପରି କବିତାରେ । ସ୍ତର ଭେଦରେ ଗୋଟିଏ ପରେ ଗୋଟିଏ ଫିଟି ଚାଲେ ବା ଦୃଶ୍ୟମାନ ହୁଏ । ଏପରି କବିତା ଦୀକ୍ଷିତ ପାଠକଙ୍କୁ ନେଇଯାଏ ଏକ ସମୟହୀନତାର ଭିନ୍ନ ପୃଥିବୀକୁ ଯେଉଁଠି ଦୃଶ୍ୟ ଓ ଶବ୍ଦଗୁଡ଼ିକ ନିତ୍ୟନୂତନାରେ ଭରା । ସଦା ନୂଆଫୁଲ, ନୂଆ ବାସ୍ନା ଓ ନୂଆ ପାଖୁଡ଼ାରେ ହୁଏ ସମାହିତ । ଏକ ଶାଶ୍ୱତ ସତ୍ୟ ଓ ସୁନ୍ଦରତା ସହ ଭେଟ ହୋଇହୁଏ, ନୈସର୍ଗିକତାକୁ ଅନୁଭବ କରିହୁଏ । ମିଳେ ସ୍ୱପ୍ନିଳ ନିରାନନ୍ଦ । ଶ୍ରେଷ୍ଠ କବିତା ପରିବର୍ତ୍ତିତ ସମୟାନୁସାରେ ସମାଲୋଚନାର ଯେତେ ଯେତେ ନୂଆ ପଦ୍ଧତି ନିର୍ଣ୍ଣିତ ହୁଏ ସବୁଥିରେ ଉତ୍ତୀର୍ଣ୍ଣ ହୁଏ ଏବଂ କାଳାତୀତ ସାବ୍ୟସ୍ତ ହୁଏ । ଏପରି କବିତା ଜଣେ ଜଣେ କବିଙ୍କ ଭାଗ୍ୟରେ ଜୁଟି ନ ଥାଏ । ବୁଦ୍ଧି ଖଟାଇ ଚାହିଁଲେ କେହି ଏପରି କବିତା ଲେଖି ପାରିବେ ନାହିଁ । ଏଗୁଡ଼ିକ ନିରନ୍ତର ଅନ୍ୱେଷା ଓ ସାଧନାର ଏକ ଏକ ଆକସ୍ମିକ ଅମୃତଫଳ । ସାଧାରଣତଃ ମହାପଣ୍ଡିତ, ମହାଜ୍ଞାନୀ ଓ କବିମନୀଷୀଙ୍କ ଜୀବନ ଦଶାରେ କାଳଜୟୀ କବିତା ଜୁଟି ପାରେ ନାହିଁ । କେହି କେହି ବିଶ୍ୱାସ କରନ୍ତି, ବାଗ୍‌ଦେବୀଙ୍କ କରୁଣା ବିନା କାଳଜୟୀ କବିତା ରଚନା ଅସମ୍ଭବ ।

ଜଣେ ଶ୍ରେଷ୍ଠ କବିଙ୍କୁ ଆକଳନ କରିବା ପାଇଁ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ । କୌଣସି ମହାନ କବିଙ୍କୁ ଯେପରି ରଙ୍ଗର ଚଷମାରେ ଦେଖିଲେ ସେ ସେପରି ଦିଶନ୍ତି ଏବଂ ସର୍ବୋତ୍କୃଷ୍ଟ ବିବେଚିତ ହୁଅନ୍ତି । ଜଣେ କବି ମହାନତା ହାସଲ କରନ୍ତି ତାଙ୍କ କବିତାର ଭାଷା, ଶୈଳୀ, ବିଷୟବସ୍ତୁ ଓ ପ୍ରୟୋଗବାଦୀତାର ମୌଳିକତା, ଅଭିନବତ୍ୱ ସହ ଅଧିକ ସୃନଶୀଳତାରେ । ସମକାଳ କେବଳ ନୁହନ୍ତି, ସର୍ବକାଳୀନ କବିମାନଙ୍କର ସେ କବି ହୋଇ ଉତ୍‌କୀର୍ଣ୍ଣ ହୁଅନ୍ତି, ପ୍ରେରଣାର ଅସାମାନ୍ୟ ଉତ୍ସ ବନନ୍ତି; ଏମାନଙ୍କୁ 'କବିତା ବତୀଘର' କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏ ପ୍ରସଙ୍ଗରେ କବି ଓ କବିତା ପାଇଁ ବଡ଼ଶତ୍ରୁ ହୋଇ ଛିଡ଼ା ହୁଏ ଔଚିତ୍ୟବାଦ । ଯିଏ ଜୀବନରେ ଗୋଟିଏ ବି ଉତ୍ତୀର୍ଣ୍ଣ କବିତା ରଚନା କରିନଥାଆନ୍ତି କିମ୍ବା ସୃଜନଶୀଳତାର ଧାର୍ ଧରନ୍ତି ନାହିଁ ସେହିପରି ସାହିତ୍ୟ ନ୍ୟାୟାଧୀଶମାନେ ନିର୍ଣ୍ଣୟ କରନ୍ତି କେଉଁ କବିତା ଭଲ ଓ ଭେଲ । ଏଣୁ ଅଚିରେ କୁହାଯାଏ କବିମାନେ ! ସମାଲୋଚକ ଓ ମହାପଣ୍ଡିତଙ୍କୁ ଶୁଣନା । ଫୁଲର ପାଖୁଡ଼ାକୁ ଖିନ୍‌ଭିନ୍ କରି ତା'ର ସୁରଭିକୁ ଆଘ୍ରାଣ କରାଯାଇପାରେନା । ଯଦି ବି କରାଯିବ ସେଇଠି ଫୁଲ ଆଉ ଫୁଲ ହୋଇ ରହିବନି, ତା'ର ସତ୍ତା ରହିବନି । ସାହିତ୍ୟ ଜଗତରେ ଏହା ମଧ୍ୟ ସତ୍ୟ ଯେ କୃତିର ଉପଯୁକ୍ତ ମୂଲ୍ୟାୟନ ବିନା ସେ ପରଶମଣିର ସ୍ଥାନ ନେଇପାରେ ନାହିଁ । ସମାଲୋଚକମାନେ ହିଁ ଅସଲ ଦିଗ୍‌ଦ୍ରଷ୍ଟା, ଯିଏ ଖେଳ ଓ ଖେଳାଳିଙ୍କ ଭିତରେ କମେଣ୍ଟେଟର୍‌ଙ୍କ ଭୂମିକା ନେଇ ଦର୍ଶକଙ୍କୁ ଆମୋଦିତ କଲା ଭଳି କବିତା ଓ କବି ମଧ୍ୟରେ ସୁଗମ ସେତୁ ହୋଇ ରହନ୍ତି । ଏମାନଙ୍କର ଜରୁରୀ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି ।

ମୋଟାମୋଟି କହିବାକୁ ଗଲେ ଗୋଟିଏ ଶ୍ରେଷ୍ଠ କବିତାର ସଂସ୍ପର୍ଶରେ ଆସିଲେ ପରିଭ୍ରମଣ କରିହୁଏ ମାନସ ହଂସ ଭଳି ଗୋଟିଏ ଜଗତରୁ ଆଉ ଗୋଟିଏ ଜଗତକୁ । ପଦ ଚାରଣା ବେଳେ ଜାଣିହୁଏ ନାହିଁ ପରବର୍ତ୍ତୀ ପାହାଚ କେଉଁଠି ପଡ଼ିବ । ନିଜର ବ୍ୟକ୍ତିଗତ ଜୀବନ ସମ୍ପର୍କିତ ହୋଇ ସବୁଠାରୁ ଅନ୍ଧାରୁଆ, ଆଲୋକିତ ତଥା ଆନନ୍ଦତମ ମୁହୂର୍ତ୍ତ ସବୁକୁ ଗୋଟିଏ ବିନ୍ଦୁରେ ଏକାକାର କରିହୁଏ । ବୁଦ୍ଧିର ଝର୍କା ଅପେକ୍ଷା ଚେତନାର ଦ୍ୱାର ସବୁ ଫିଟିଫିଟି ଯାଏ । ଜଣାପଡ଼େ ନାହିଁ ଆଶ୍ଚର୍ଯ୍ୟଜନ ବିପର୍ଯ୍ୟୟ ଏବଂ ଝଡ଼ସବୁ କିପରି ଶ୍ୱାସପ୍ରଶ୍ୱାସରେ ଆତଯାତ ହୁଅନ୍ତି, ମସ୍ତିଷ୍କ ଓ ହୃଦ୍‌ତନ୍ତ୍ରୀର ନିଭୃତତମ କନ୍ଦରରେ ହସକାନ୍ଦ, ଆନନ୍ଦଯନ୍ତ୍ରଣା ସବୁକୁ ଗୋଳାଇ, ଫେଣ୍ଟି ଦିଏ ଏକ ଅଦ୍ଭୁତ ସୁଖଦ ଆନନ୍ଦ ।


କୌଣସି କବିତାର ଭଲମନ୍ଦକୁ ପରଖିବା ପାଇଁ ମୁଁ ସାଧାରଣତଃ ପାଠକ, ଦୀକ୍ଷିତ ପାଠକ, ସମାଲୋଚକ ଓ ସ୍ରଷ୍ଟାର ଦୃଷ୍ଟିରେ ଦେଖିଥାଏ । ଏ ସଭିଏଁ ଯେତେବେଳେ କୌଣସି ବିନ୍ଦୁ ବା ସରଳରେଖାରେ ଏକାକାର ହୋଇଯାଆନ୍ତି ଏବଂ ମୁଁ କବିତାର ଦେହ ଓ ଆତ୍ମାକୁ ଚିହ୍ନିବାକୁ, ଜାଣିବାକୁ, ପରଖିବାକୁ ପ୍ରଯତ୍ନଶୀଳ ହୁଏ, ସେହି ସମୟରେ ନିଜ ପ୍ରତି ଉଦାର ଓ ନିଷ୍ଠୁର ହୋଇ ଦର୍ପଣାନୁଭୂତିର ଆଶ୍ରୟ ନିଏ । ନିଜର ଚେତନା ସ୍ତରରେ କିଛି ବିସ୍ଫୋରଣ ଘଟିଲେ ବା ଆଉ କିଛି ବୃହତ୍ତର ସତ୍ୟ ଆବିଷ୍କାର କଲେ ଆଗରୁ ଭଲ ଲାଗିଥିବା କବିତା ପ୍ରତି ମଧ୍ୟ ଦୃଷ୍ଟିଭଙ୍ଗୀ ବଦଳେ । ଏପରି ପରିବର୍ତ୍ତନ କୌଣସି ମୁହୂର୍ତ୍ତରେ ବି ଘଟିପାରେ ।

ଏହି ସୂତ୍ରରେ ସମକାଳର ଜୀବିତ ଓଡ଼ିଆ କବିଙ୍କ ମଧ୍ୟରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ଜୟନ୍ତ ମହାପାତ୍ର ଓ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତା ମୋତେ ଅଧିକ ଛୁଏଁ । ଅନ୍ୟ କବିମାନେ ଯେ ଭଲ ଲାଗନ୍ତି ନାହିଁ ବା ସେମାନଙ୍କ କବିତାରେ ଉଜ୍ଜ୍ୱଳ-ମହତ୍ତ୍ୱପୂର୍ଣ୍ଣ କାବ୍ୟିକ ଉପାଦାନ ନାହିଁ ସେମିତି ନୁହେଁ । ସଭିଏଁ ନିଜ ନିଜ ଗୁଣରେ ଗରୀୟାନ ଏବଂ ଚିର ନମସ୍ୟ । ଗୌଣ କବିମାନେ ଅଛନ୍ତି ବୋଲି ତ ପ୍ରମୁଖ କବିଙ୍କୁ ଚିହ୍ନଟ କରି ହେଉଛି, ବିନା ଗୌଣ କବିରେ ପ୍ରମୁଖ କବିଙ୍କ ସ୍ଥିତି ଦୋଦୁଲ୍ୟମାନ । ମୋ ପାଇଁ ରମାକାନ୍ତ, ସୀତାକାନ୍ତ, ସୌଭାଗ୍ୟ, ଜୟନ୍ତ ଓ ରାଜେନ୍ଦ୍ର ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ସଭିଙ୍କ କବିତା ଅନନ୍ୟ ମୌଳିକତା ଓ ସୃଜନଶୀଳତାରେ ଉତ୍‌କୀର୍ଣ୍ଣ ଏବଂ ସହୃଦୟ ପାଠକଙ୍କୁ ଏମାନଙ୍କର କବିତା ବାନ୍ଧି ରଖିବା ବା ଭସେଇ ନେବାର ସାମର୍ଥ୍ୟ ରଖେ । ଏମାନଙ୍କ କବିତାର ଶୈଳୀ, ଭାଷା ଓ ବିଷୟବସ୍ତୁ ଆଦି ସ୍ୱକୀୟ ଗୁଣରେ ଆଭାମଣ୍ଡିତ ।

**ସହାୟକ ଗ୍ରନ୍ଥ:**
୧. ଚିହ୍ନା ମାଟି ଅଚିହ୍ନ ଆକାଶ: ପ୍ରଫେସର ଦାଶରଥି ଦାସ
୨. ଅଥୟ ମାନବର ଇସ୍ତାହାର: ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ
୩. କବି ରାଜେନ୍ଦ୍ର କିଶୋର ପଣ୍ଡା: ଡ. ସବିତା କୁମାରୀ ପଟ୍ଟନାୟକ

**ଘୋଷଣା**

**ଚଳିତ ଅପ୍ରେଲ ସଂଖ୍ୟାଟି ଓଡ଼ିଆ କବିତା ପ୍ରସଙ୍ଗକୁ ନେଇ ପ୍ରସ୍ତୁତ କରାଯାଇଥିବାରୁ, ଆମର ଅନେକ ନିୟମିତ ବିଭାଗକୁ ସ୍ଥାନାଭାବ ଯୋଗୁଁ ଆମକୁ ବାଦ୍ ଦେବାକୁ ହେଲା । ଏଥିପାଇଁ ଆମେ ସଂପୃକ୍ତ ଲେଖକଲେଖିକା ଏବଂ ସେସବୁ ବିଭାଗର ଆଗ୍ରହୀ ପାଠକପାଠିକାଙ୍କ ଠାରେ ଦୁଃଖ ପ୍ରକାଶ କରିବା ସହ କ୍ଷମାପ୍ରାର୍ଥନା କରୁଛୁ । ଆଗାମୀ ସଂଖ୍ୟାରେ ସେସବୁ ପ୍ରକାଶ ନିଶ୍ଚୟ ପାଇବ ।**





# ଓଡ଼ିଆ କବିତା
## ଚାରିଙ୍କେ ଚାରି

# ଆଲୋକିତ କାବ୍ୟସ୍ୱର

**॥ ଭାଗ : ୫ ॥**


**ଇପ୍ସିତା ଷଡ଼ଙ୍ଗୀ**

ଫ୍ଲାଟ୍ ନଂ-୩୦୩, ବ୍ଲକ୍-ଏ, ପଣ୍ଡା ରେସିଡେନ୍ସି,
ବିଜେଇଏମ୍ ସ୍କୁଲ-୨ ପାଖ, ସତ୍ୟଭାମାପୁର,
ଭୁବନେଶ୍ୱର-୭୫୨୧୦୦
ଫୋନ:୯୯୩୮୩୭୦୨୮୯/୯୮୬୧୩୩୩୯୪୪
ଫଟୋ ସୌଜନ୍ୟ : ଲେଖିକା


**'ରେବତୀ' ପାଇଁ ଏକ ଫିଚର୍‌ଧର୍ମୀ ଆଲୋଚନା ପ୍ରସ୍ତୁତ କରିବା ପାଇଁ ଅଗ୍ରଜ କବି ତଥା ଏ ପତ୍ରିକାର ନିର୍ବାହକ କୃଷ୍ଣ କୁମାର ମହାନ୍ତିଙ୍କ ବାରମ୍ବାର ତାଗିଦାକୁ ସମ୍ମାନ ଦେଇ ଏ ଆଲୋଚନାଟି ଗତ ଅପ୍ରେଲ ସଂଖ୍ୟାରୁ ଲେଖିବାକୁ ଆରମ୍ଭ କଲି । ପ୍ରତି ଦୁଇ ମାସରେ ଥରେ ଚାରିଜଣ କବିଙ୍କ ମୁଗ୍‌ଧ ଆଲୋଚନା କରୁଛି ଓ କରିବି । କୌଣସି ପ୍ରକାରର ଆଧାର ଏହି କ୍ରମର ନିର୍ଣ୍ଣାୟକ ନୁହେଁ । ଏକ ମୁଗ୍‌ଧ ପାଠକୀୟ ଦୃଷ୍ଟି ଏହି ଆଲୋଚନା ଓ କ୍ରମର ଆଧାର । ଏଠାରେ ଆଲୋଚିତ ହୋଇଥିବା ପିଢ଼ିର କବିଙ୍କ କବିତା ସେତିକି ଭାବରେ ଆଲୋଚିତ ହୋଇ ନଥିବାରୁ ମୁଁ ଏହି ପିଢ଼ିର କାବ୍ୟଧାରାକୁ ମୋ ଆଲୋଚନାର ପ୍ରସଙ୍ଗ ଭାବରେ ବାଛିଛି । ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଭାଗର ଆଲୋଚନା ପରେ ଏଥର ପଞ୍ଚମ ଭାଗରେ କବି ପ୍ରଦୀପ ବିଶ୍ୱାଳ, ରକ୍ଷକ ନାୟକ, ପ୍ରଭାତନଳିନୀ ମହାପାତ୍ର ଓ ପିନାକୀ ମିଶ୍ରଙ୍କୁ ନେଇଛି । ଏମାନଙ୍କ କବିତା, ଭିନ୍ନ ଦିଗ, ଶୈଳୀ ଓ ବିଷୟବସ୍ତୁକୁ ନେଇ ସମୃଦ୍ଧ ।**



▲ ଲେଖିକା ଇପ୍ସିତା ଷଡ଼ଙ୍ଗୀ

ବରେଣ୍ୟ କବି ଓ ସମାଲୋଚକ **ସୌଭାଗ୍ୟବନ୍ତ ମହାରଣା** ଉଲ୍ଲେଖ କରନ୍ତି, "ସଂପ୍ରତି ସମାଜର ବିଚ୍ଛିନ୍ନତାବୋଧ, ମୃତ୍ୟୁ ଚେତନା, ସଂଶୟ, ଅବିଶ୍ୱାସ ଓ ହତାଶାବାଦର କଳାମେଘ ଘୋଟି ଯାଇଛି ଚେତନାର ଚକ୍ରବାକକୁ ଘନ ତମିସ୍ରା ଭିତରେ ଆଚ୍ଛନ୍ନ କରି । ଏଣୁ ଆଧୁନିକ କବି ତା'ର କବିତାରେ ଆଲୋକର ଜୟଗୀତି ଗାଇ କଳାମେଘ ଫାଙ୍କରେ ସଂଦୀପ୍ତ ସୂର୍ଯ୍ୟର ବର୍ଣ୍ଣବିଭାକୁ ନିରୀକ୍ଷଣ କରୁଛି । ସେ ଜୀବନର ପ୍ରାଜ୍ଞ ଓ ବିଶ୍ୱସ୍ତ ଅନୁଭବକୁ ପାଥେୟ କରି ଅନନ୍ତ ଆଶାର ଦିଗ୍‌ବଳୟରେ ମାନବିକ ବିଶ୍ୱାସ ଓ ବିଶ୍ୱପ୍ରେମକୁ ଚେତନାର ନବ ନିର୍ମାଣରେ ଖଞ୍ଜି ଦେଇଛି । ମଣିଷ ହୋଇଯାଇଛି ବିଶ୍ୱ ଜନୀନ ଓ ସାର୍ବଜନୀନ । କବି ହୋଇଯାଇଛନ୍ତି ସଚରାଚର ସତ୍ୟନିଷ୍ଠ, ସ୍ନେହଶୀଳ ଓ ସୃଷ୍ଟିମୁଖର ବ୍ୟକ୍ତିତ୍ୱ, ନଷ୍ଟଭୂମିର ଜୀବନର ସୃଜନୀ ଚାରା ରୋପିବାକୁ ।" ଅନେକ ଯନ୍ତ୍ରଣାମୁଖର ସମୟ ଏବଂ ସେ ଅବବୋଧକୁ ନିଜ କବିତାରେ ସ୍ଥାନ ଦେଇ ସାରିବା ପରେ ଓଡ଼ିଆ କବିତାର ନୂତନ ସ୍ୱର ସମୂହ, ଏକ ପରିବର୍ତ୍ତନର ପତାକା ଧରି ଚାଲି ଆସିଥିଲେ । ନିଜର ମାଟିମଗ୍ନତା, ପରମ୍ପରା ମୁଖର ପ୍ରବୃତ୍ତି, ନିଜ ଭାଷା ସାହିତ୍ୟର ଛନ୍ଦବଦ୍ଧତା ଓ ଏକ ରହସ୍ୟବାଦୀ ଦାର୍ଶନିକତାକୁ ପାଥେୟ କରି ସହଜ ଏବଂ ସାବଲୀଳ ଭାବରେ କବିତାରେ ନିଜକୁ ବ୍ୟଂଜିତ କରାଇ ଚାଲିଥିଲେ ଏହି ନୂତନ କାବ୍ୟସ୍ୱର, ୧୯୮୦ ମସିହାର ପ୍ରାରମ୍ଭିକ ସମୟରୁ । ଏଥରର ଆଲୋକିତ କାବ୍ୟସ୍ୱର ମାନେ ହେଉଛନ୍ତି, କବି **ପ୍ରଭାତନଳିନୀ ମହାପାତ୍ର, ପ୍ରଦୀପ ବିଶ୍ୱାଳ, ରକ୍ଷକ ନାୟକ** ଓ **ପିନାକୀ ମିଶ୍ର** ।

## ପ୍ରଭାତ ନଳିନୀ ମହାପାତ୍ର(୧୯୫୯)



▲ କବି ପ୍ରଭାତ ନଳିନୀ ମହାପାତ୍ର

ଏଗାରଟିରୁ ଉର୍ଦ୍ଧ୍ୱ କବିତା ସଂକଳନର ସଫଳ ଶିଳ୍ପୀ ପ୍ରଭାତ ନଳିନୀ ମହାପାତ୍ରଙ୍କୁ ଏତେ ଦୀର୍ଘବର୍ଷ ଧରି ଓଡ଼ିଆ କାବ୍ୟ ଜଗତରେ ଯାହା ସ୍ୱର୍ଦ୍ଧାଶୀଳ ଭାବେ ଛିଡ଼ା କରେଇ ରଖି ପାରିଛି ତାହା ହେଉଛି ପାଠକଙ୍କ ହୃଦୟ ଓ ଆବେଗ ସହ ସିଧାସଳଖ ଓ ଅକୃତ୍ରିମ ସଂପର୍କ । ୧୯୭୦ ମସିହା ପରବର୍ତ୍ତୀ ସମୟରେ ଓଡ଼ିଆ କବିତା ଯେବେ ଧୀରେ ଧୀରେ ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବର ମୁକ୍ତ ହୋଇ ଆସୁଥାଏ ଅଥଚ ବୌଦ୍ଧିକତାର ଏକ ସୂକ୍ଷ୍ମ ଆସ୍ତରଣରେ ଆଚ୍ଛାଦିତ ହେବାରୁ ମୁକୁଳି ପାରିନଥାଏ, ଅନେକ କବି ନିଜ ନିଜ ପାଇଁ ଏକ ସ୍ୱତନ୍ତ୍ର ପ୍ରକାଶ ଶୈଳୀ ଓ ସ୍ୱତନ୍ତ୍ର ବିଷୟ-ପ୍ରସଙ୍ଗମାନ ସ୍ଥିର କରିବା ପାଇଁ ଚେଷ୍ଟିତ ହେଉଥା'ନ୍ତି । ଏଭଳି ଦୃଶ୍ୟପଟ୍ଟରେ କବି ପ୍ରଭାତନଳିନୀ ନିଜ କବିତାକୁ ବୌଦ୍ଧିକତାରେ ଭାରାକ୍ରାନ୍ତ ନକରି ଭାବ ଓ ଶବ୍ଦରେ ସରଳ ଅଥଚ ପ୍ରଭାବୀ କରିବାକୁ ଚେଷ୍ଟା କରନ୍ତି । ଉଚ୍ଚତର ଶିକ୍ଷିତ ପାଠକଙ୍କ ମସ୍ତିଷ୍କକୁ ଆନ୍ଦୋଳିତ କରିବା ପରିବର୍ତ୍ତେ ସବୁବର୍ଗର, ସାଧାରଣ ପାଠକଙ୍କ ହୃଦୟକୁ ଆବେଗରେ ଆର୍ଦ୍ର କରିଦେବାକୁ ନିଜର ଧ୍ୟେୟ କଲେ । ସେଥିପାଇଁ ସାଧାରଣ ମଣିଷର କଥାବାର୍ତ୍ତାର ଭାଷା ତାଙ୍କ କବିତାର ଭାଷା ପାଲଟିଗଲା । ସାଧାରଣ ଲୋକଙ୍କର ଦୁଃଖ ତାଙ୍କ ନିଜ ଦୁଃଖ ପାଲଟିଗଲା । ସେଥିପାଇଁ ମାଟି ଠୁଁ ଦୂରେଇ ଯାଇ କେବଳ ଜହ୍ନତାରାର କଳ୍ପନା ରାଜ୍ୟରେ, ସ୍ୱପ୍ନ ରାଜ୍ୟରେ ବିଭୋର ହେଇ ରହିବାକୁ ସେ ପସନ୍ଦ କରିନାହାନ୍ତି । ଗାଆଁ ମୁଣ୍ଡ ଭାଗବତ ଟୁଙ୍ଗି, ଠାକୁରାଣୀ ମଣ୍ଡପରେ ତାସ୍ ଅବା ପଶାପାଲି, ଗାଁ ମୁଣ୍ଡ ପୋଖରୀର କାଚକେନ୍ଦୁ ପାଣି, ଅଳସୀ ନୀଳକଇଁ ତାଙ୍କ ଚେତନାକୁ ବାରମ୍ବାର ଘାରେ, ଆନ୍ଦୋଳିତ କରେ ଏବଂ ଏବୁର ସାଂପ୍ରତକ ସମୟରେ ଅଭାବ ଓ ଅବକ୍ଷୟ ତାଙ୍କୁ ଖୁବ୍ ବ୍ୟଥିତ କରେ । ସେ ଅନୁଭବ କରନ୍ତି ଯେ, "ଆଗଭଳି ଆଉ କାହିଁ ମନଖୋଲା ଭାବ ନାହିଁ,/ କାହା ମୁହଁ କୁଆଡ଼େ ହେଲାଣି / ++++ / ଚାକିରିଆ ଲୋକ ଯେତେ ଛାଡ଼ନ୍ତୁ ଗାଆଁକୁ / ଗାଆଁ ଡିହ ଅଧା ପଦା / ତଥାପି

ମୋ ଗାଁ / ସହରକୁ ଛୁଇଁ ସାରିଲାଣି ।" (ମହମହ ମୁହୂର୍ତ୍ତ, ପୃ.୭୩-୭୪) ଗାଆଁ ଆଉ ଗାଆଁ ହେଇ ନଥିବାର ଅନୁଭବ ଖୁବ୍ କଷ୍ଟକର ଓ ମର୍ମସ୍ପର୍ଶୀ । କବି ହୃଷୀକେଶ ମଲ୍ଲିକଙ୍କ 'ଗାଆଁ, ଗାଆଁ ନଥିଲା' କବିତାରେ ଗାଆଁର ରୂପାନ୍ତରିତ ଅବକ୍ଷୟଜନିତ ଯନ୍ତ୍ରଣାକ୍ତ ଆବେଦନ ଯେତିକି ତୀବ୍ର, କବି ପ୍ରଭାତନଳିନୀଙ୍କର ଗାଆଁର ଅବକ୍ଷୟ ଜନିତ ଅବବୋଧର ଆବେଦନ ମଧ୍ୟ ସେତିକି ଶାଣିତ । ତାଙ୍କ 'ଗାଆଁଟିଏ ଥିଲା' କବିତାରେ ଅଙ୍କା ଯାଇଥିବା ଗାଆଁର ଚିତ୍ର ଆଜି ସମସ୍ତଙ୍କୁ ଏକଦମ୍ ବାସ୍ତବ ଓ ପରିଚିତ ଲାଗେ । ନିଜ ଗାଆଁର ଚିତ୍ର ଭଳି ଲାଗେ । ନିଜ ଭାବନାକୁ ପାଠକଙ୍କ ହୃଦୟ ପର୍ଯ୍ୟନ୍ତ ସଂପ୍ରସାରିତ କରି ସେଠାରେ ଏକ ହଲଚଲ୍ ସୃଷ୍ଟି କରି ଏହି ସମସ୍ୟାକୁ ଗଭୀର ଭାବରେ ଚିନ୍ତା କରିବାକୁ ପ୍ରଚୋଦିତ କରିବାରେ, କବି ପ୍ରଭାତନଳିନୀ ଏକ ଅନନ୍ୟ ପ୍ରତିଭା ଏବଂ ସଫଳତା ବି ।

ମାଟିମନସ୍କତା ଉତ୍ତର-ଆଧୁନିକତା ଏକ ବୈଶିଷ୍ଟ୍ୟ । ଏହି ଅବବୋଧରୁ ସ୍ପଷ୍ଟ ଏବଂ ବାସ୍ତବ ଚିତ୍ରଣ କବିଙ୍କୁ ତାଙ୍କ ସମସାମୟିକ କବିମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ଜଗତୀକରଣ ଓ ପାଶ୍ଚାତ୍ୟକରଣର ଅନ୍ଧ ଆକର୍ଷଣରେ ନିଜ ମାଟି, ନିଜ ସଂସ୍କୃତି ଠାରୁ ଦୂରେଇ ଯାଇଥିବା ମଣିଷମାନଙ୍କ ପ୍ରତି, ସମାଜ ପ୍ରତି ନିଜର କ୍ଷୋଭ ଓ ଆହ୍ୱାନ ଏକଦମ୍ ସ୍ପଷ୍ଟ କବିଙ୍କ କବିତାରେ: (୧) "ତମେ ବିଷୟ ମନସ୍କ ହୁଅ / କି ସୃଜନ ମନସ୍କ / ଚିନ୍ତା ନାହିଁ, ହେଲେ / ତମେ ମାଟିମନସ୍କ ହୁଅ / ଭଲ ପାଅ ମାଟିର ସୁଗନ୍ଧକୁ / ମାଟିର ଆତ୍ମାଙ୍କୁ / ଯୋଉଠି ଯାଅ ନେଇଯାଅ / ତମ ଦେଶର ପରିଚୟ / ମାଟିର ବାସ୍ନା / ଊର୍ଦ୍ଧ୍ୱ ଉଡ଼ାଣର ନିଶାରେ ହଜାଅ ନାହିଁ / ନିଜଅସ୍ମିତାକୁ ।" (ଜୀବନର ଯେତେ ରଙ୍ଗ, ପୃ.୮୦-୮୧) ଏଇ ମାଟିର ମୋହ, ମାଟିର ସୁଗନ୍ଧ, ମାଟିକୁ ଭଲ ପାଇବାର ବିଭୋରପଣ ହିଁ କବିଙ୍କର କବିତା ସହ ପାଠକୀୟ ଆତ୍ମୀୟତାର ଏକ ପ୍ରମୁଖ ଆଧାର ।

ପାଠକଙ୍କୁ ତତ୍ତ୍ୱ ଉପଦେଶରେ ଭାରାକ୍ରାନ୍ତ ନକରି ସେମାନଙ୍କ ଦୁଃଖ, ସୁଖ ନିଜ କଥା ତଥା ସମାଜର ବାସ୍ତବଚିତ୍ର ଦେଖେଇ ଆବେଗାପ୍ଳୁତ କରିବା କବି ପ୍ରଭାତନଳିନୀଙ୍କ କବିତାର ଏକ ବୈଶିଷ୍ଟ୍ୟ ବୋଲି ଲକ୍ଷ୍ୟ କରାଯାଇପାରେ । ଜୀବନ ପ୍ରତି ନିହାତି ନକାରାତ୍ମକ ଦୃଷ୍ଟିଭଙ୍ଗୀ ନଥିଲେ ମଧ୍ୟ ଜୀବନରେ ଯନ୍ତ୍ରଣାର ଅନସ୍ୱୀକାର୍ଯ୍ୟ ଉପସ୍ଥିତି ପ୍ରତି ସେ ସଚେତନ । ଏବଂ ଦୁଃଖ ଓ ଯନ୍ତ୍ରଣାରୁ ମଧ୍ୟ ମଧୁର ଗୀତି ସାଉଁଟି ପାରିବାରେ ସେ ଅନନ୍ୟ ଭାବରେ କୁଶଳୀ । ସେ ମୁକ୍ତକଣ୍ଠରେ ଘୋଷଣା କରନ୍ତି: (୧) "ଶୁଣ ! ଜୀବନ ସଳଖ ରାସ୍ତାଟିଏ ନୁହେଁ / ବଂଚିହେବ ନିଜ ଇଚ୍ଛାରେ / ଜୀବନ ସାଧାସିଧା ଉତ୍ତର ନୁହେଁ / ବରଂ ଏକ ଅନୁଚ୍ଚାରିତ ପ୍ରଶ୍ନ / କିଛି କହି ନପାରିବାର ଦୁଃଖ / ଜମାଟ ବାନ୍ଧିଥାଏ ତଣ୍ଟି ସେ ପାଖରେ / ଅଥଚ ତୁମେ ବଞ୍ଚୁଥାଅ ବାହାରେ / ଗୋଟେ ସ୍ୱାଭାବିକ ଜୀବନ ।" (ମହ ମହ..., ପୃ.୪୩) (୨) "ଜୀବନ ଗୋଟେ ଯନ୍ତ୍ରଣାର ଜଉଘର" (ମହମହ...., ପୃ-୨୫) ଏବଂ (୩) "ସାରା ପୃଥିବୀରେ ଏତେ ଦୁଃଖ ଆଉ ଯନ୍ତ୍ରଣା ଯେ / କାନ୍ଦିବାକୁ ଜାଗା ନାହିଁ ।" (ମହମହ..., ପୃ.୮୧)

କିନ୍ତୁ ସେଇ ଦୁଃଖକୁ, ଯନ୍ତ୍ରଣାର କଥାକୁ ଏଭଳି ଭାବରେ ସାର୍ବଜନୀନ କରାନ୍ତି ଯେ ତାଙ୍କ କବିତାରେ ଦୁଃଖର ପ୍ରତ୍ୟେକଟି ଉଚ୍ଚାରଣ ପାଠକକୁ ତା'ର ନିଜର ଦୁଃଖ ବୋଲି ମନେହୁଏ । ଇଂରେଜ କବି ଶେଲୀଙ୍କ ସହ ଏକମତ ହୋଇ କବିଙ୍କ କବିତାକୁ ଅନୁଧ୍ୟାନ କରାଯାଇପାରେ ଯେ ଆମ ଦୁଃଖର କଥା କହୁଥିବା ଗୀତମାନେ ହିଁ ଆମର ମଧୁରତମ ଗୀତ ।

ସମାଜ ସଂସ୍କାର କରିବାର କୌଣସି ଅଭିପ୍ରାୟ ନଥିଲେ ମଧ୍ୟ ସମାଜ ସଚେତନତା ଓ ନିଜ ଚତୁପାର୍ଶ୍ୱରେ ଘଟଣା-ଅଘଟଣ ପ୍ରତି ତୀବ୍ର ସମ୍ବେଦନଶୀଳତା କବି ପ୍ରଭାତନଳିନୀଙ୍କ କବିତାର ଏକ ସ୍ୱତନ୍ତ୍ର ସ୍ୱର । ଏବଂ ଏହା ହିଁ ତାଙ୍କ ଯନ୍ତ୍ରଣାବୋଧର ଅନ୍ୟତମ କାରଣ । ଦୁର୍ନୀତିଖୋର ସମାଜ ଆଗରେ ବଳିପଡ଼ି ଯାଉଥିବା ସାଧାରଣ ଅସହାୟ ମଣିଷର ଆର୍ତ୍ତି, ଧାର୍ମିକ ସାମାଜିକ ବିଭେଦ କାରଣରୁ ଅକାଳରେ ଝରି ପଡୁଥିବା ନିଷ୍ପାପ ଜୀବନର ଚିତ୍କାର ବା ସନ୍ତ୍ରାସବାଦ ତଥା "ଧର୍ମାନ୍ଧତା-ଭୂତଙ୍କର ରାଜତ୍ୱରେ କବଳିତ" ସୁନ୍ଦର ପୃଥିବୀରେ "ବୋମା ଆଉ ଗୁଳିଗୋଳା / ଅବିଶ୍ୱାସ, ଭୟ ଓ ଆତଙ୍କ" ଜନିତ କ୍ଷୋଭ ଓ ଅସୁରକ୍ଷାର ଭାବନାସବୁ ତୀବ୍ର ପ୍ରତିକ୍ରିୟାର ରୂପ ନିଏ କବି ପ୍ରଭାତନଳିନୀଙ୍କ କବିତାରେ । ପ୍ରାୟ ପ୍ରତ୍ୟେକ କବି ନିଜର ସମସାମୟିକ ଘଟଣା ଅଘଟଣ ପ୍ରତି କୌଣସି ନା କୌଣସି ପ୍ରକାରେ କବିତାରେ ପ୍ରଭାବିତ ଓ ପ୍ରତିକ୍ରିୟାଶୀଳ ହେବା ଲକ୍ଷ୍ୟ କରାଯାଏ । ତେବେ ଏ କ୍ଷେତ୍ରରେ କବି ପ୍ରଭାତନଳିନୀଙ୍କ ବିଶେଷତ୍ୱ ଏୟା ଯେ ସେ ନିଜର କାବ୍ୟିକ ପ୍ରତିକ୍ରିୟା ଆକାରରେ କେବଳ ବସ୍ତୁନିଷ୍ଠ ଚିତ୍ରଗୁଡ଼ିଏ ବାଢ଼ି ଦିଅନ୍ତି ପାଠକ ସାମ୍ନାରେ । ଏବଂ ଏହା ହିଁ ଯଥେଷ୍ଟ ହୁଏ ପାଠକର ହୃଦୟ ଭିତରେ ନିଜର ଗ୍ଳାନି ଓ ଭୀତି ସଂଚାର କରେଇବାରେ । ପାଠକ ନିଜେ ହିଁ କଳ୍ପନାରେ ସେ ଚିତ୍ର ଆଙ୍କି କ୍ଷୁବ୍ଧ, ଉଦ୍ବିଗ୍ନ ଅବା ଉତ୍ତେଜିତ ହୋଇପାରେ । ଉତ୍ତର-ଆଧୁନିକବାଦର ନୀତି ପରି କବି ଏଠାରେ ଅନୁପସ୍ଥିତ ହୋଇଯାଆନ୍ତି । ବିନା ଚିତ୍ରକଳ୍ପ, ବିନା ଅଳଙ୍କାରରେ ବି ଶବ୍ଦରେ ଶବ୍ଦରେ ସ୍ପଷ୍ଟ ଚିତ୍ରଟିଏ ଗଢ଼ି ପାରିବା, କବିଙ୍କ ଏକ ସ୍ୱତନ୍ତ୍ର ଦକ୍ଷତା । ଯେମିତି (୧) "ବାରୁଦର ଗନ୍ଧ ଏବେ ଚାରିଆଡ଼େ / ପବନରେ ଅଶାନ୍ତିର ଶବ୍ଦ" (ମହମହ..., ପୃ.୩୨) (୨) "ଏବେ ତ ପବନରେ ବାରୁଦର ଗନ୍ଧ / ଚାରିଆଡ଼େ ଭୟଙ୍କର ନୀରବତା / ନିଃଶ୍ୱାସର ଶବ୍ଦ ଯାହା /ଜଣାଇଦିଏ ଜିଇଁଥିବାର କଥା" (ମହମହ..., ପୃ.୩୨) (୩) "ଏବେ ମଧ୍ୟ ବେଳେବେଳେ ଯୌତୁକ ବା ଚରିତ୍ର ଦ୍ୱାହିରେ / ବିନା ଦୋଷେ ପୋଡୁଛ ନିଆଁରେ / କଫିନ୍ ଦେଉଛ ଖୋଳି ସିମେଣ୍ଟ ଚଦ୍ଦରେ / ଚାରିଆଡ଼େ ରାବଣ ଓ ମହିଷାଙ୍କ ଲେଲିହାନ ଲାଳସା ବହ୍ନିରେ / ଇନ୍ଧନ ସାଜୁଛି ନାରୀ ନିତି ନିର୍ବିଚାରେ ।" (ମହମହ ମୁହୂର୍ତ୍ତ, ପୃ-୯୨)

ତେବେ ସମାଜର ଦୁଃସ୍ଥିତି, ଅବକ୍ଷୟକୁ ନୀରବ ଦ୍ରଷ୍ଟାଟିଏ ସାଜି ବର୍ଣ୍ଣନାର ଛିଟାରେ ତୋଳି ନଧରି ସେ ସବୁ ପ୍ରତି କଟାକ୍ଷ ଖୁବ୍ ଶାଣିତ ମନେହୁଏ । ଭାଷା ସୁରକ୍ଷାର ନାରା ଦେଇ ଚିତ୍କାର କରୁଥିବା ବଡ଼ବଡ଼ିଆମାନେ କେମିତି ନିଜ ଆଚରଣ ଓ ଉଚ୍ଚାରଣର ଅସଂଗତିକୁ ଭାଷଣର ଚାତୁରୀରେ ଲୁଚେଇବାକୁ ଚେଷ୍ଟା କରି ଭଣ୍ଡ ବୋଲି ଜଣାପଡ଼ି ଉପହସିତ ହୁଅନ୍ତି, ତାହା ପ୍ରତି ଏକ ତୀକ୍ଷ୍ଣ ବିଦ୍ରୁପର ଚିତ୍ର ମିଳେ 'ଭାଷା ସୁରକ୍ଷା' କବିତାରେ, ତଥା 'ଜେଜେମାଆ' କବିତାରେ: (୧) "ମହନୀୟ ବକ୍ତାମାନେ ଭାଷି ଭାଷି, / ଶ୍ରୋତାମାନେ ଶୁଣି ଶୁଣି / କ୍ରମେ କ୍ଳାନ୍ତ ହେଲେ,+ + + / ଉଚ୍ଚସ୍ୱରେ ନିଜ ମଧ୍ୟେ ପାଟିତୁଣ୍ଡ କରି / ଚିକେନ୍‌ର ହାଡ଼ ଟାଣି ସୃଷ୍ଟି କଲେ / ଆଉ ଏକ ଆନ୍ଦୋଳନ / ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଉପଲକ୍ଷରେ ।" (ମହମହ..., ପୃ-୫୪) (୨) "ମାଆମାନେ ତ 'ମମ୍ମି' / ଜେଜେମାଆ ପାଲଟିଛି 'ଗ୍ରାଣ୍ଡମଦର୍' / ଆଜିକାର ପିଲାମାନେ ଜାଣନ୍ତି ଯେ / ଗାଆଁ ଗୋଟେ ଭୟଙ୍କର ଜାଗା / ଯେଉଁଠି ସାପ ବେଙ୍ଗ ସାଲୁବାଲୁ ।" (ମହମହ...ପୃ.୬୫)

ନିଜ ସଂସ୍କୃତି ଓ ମାଟି ପ୍ରତି ଭଲପାଇବା ନଥିଲେ, ନିଜର ଭାଷା ପ୍ରତି ଅନୁରକ୍ତି ଓ ସ୍ୱାଭିମାନ ନଥିଲେ କବିଙ୍କ ପକ୍ଷରେ ଏ ପ୍ରକାର ଉଚ୍ଚାରଣ ସଂଭବ ହୋଇପାରି ନଥା'ନ୍ତା ।

ଏମିତିକି ଦେଶସେବା ନାଆଁରେ ସାଧାରଣ ଲୋକଙ୍କୁ ଲୁଟି ଅନୈତିକ ଉପାୟରେ ସଂପତ୍ତି ଠୁଳ କରୁଥିବା ତଥାକଥିତ ଦେଶ ସେବକଙ୍କର ହାସ୍ୟାସ୍ପଦ ସଫେଇ ମୂଳକ ମନ୍ତବ୍ୟକୁ ଖୁବ୍ ସହଜ ଢଙ୍ଗରେ ବିଦ୍ରୁପାତ୍ମକ ଶବ୍ଦ ବ୍ୟବହାର ନକରି ମଧ୍ୟ ଶାଣିତ ବ୍ୟଙ୍ଗ କରିପାରନ୍ତି କବି ପ୍ରଭାତନଳିନୀ । ଯେମିତି: "ଯାହା କିଛି ଦେଖୁଛ ମୋ / ସେସବୁ କିଛି ନୁହେଁ / ଜନତାଙ୍କ ଶ୍ରଦ୍ଧା ଉପହାର । + + + + / ଗୁଜବରେ ଜମା କାନ ଦେବେ ନାହିଁ / ଗୁଜବଟା ଭାରି ମାରାତ୍ମକ …../ ଆରଥର ପୁଣି ମତେ / ଦେବେ ନିଶ୍ଚେ ମନେକରି ଭୋଟ୍ ।"(ମହମହ..., ପୃ.୭୩-୭୪)

ପ୍ରତ୍ୟେକ ଶବ୍ଦର ସାମର୍ଥ୍ୟକୁ କଳି ସେସବୁ ନିଜ ଅଭିଳଷିତ ଉଦ୍ଦେଶ୍ୟରେ ପ୍ରୟୋଗ କରି ପାରିବାରେ କବି ଜଣେ ଧୂରୀଣ ଶିଳ୍ପୀ ହୋଇଥିବାରୁ ଅତି ସାଦା,

ସହଜ ଶବ୍ଦରେ ଶାଣିତ ବ୍ୟଙ୍ଗ ବ୍ୟଂଜିତ କରାଇ ପାରିଛନ୍ତି ।

ଜଣେ ସମାଜବାଦୀ କବି ଭାବରେ ସେ ନାରୀ-ପୁରୁଷ ନିର୍ବିଶେଷରେ ଦୁଃଖ ଶୋକ ଭୋଗୁଥିବା, ନିର୍ଯ୍ୟାତନାକୁ ଦାନ୍ତଚିପି ସହୁଥିବା ମଣିଷର କାରୁଣ୍ୟକୁ ବେଶ୍ ସହଜ ଢଙ୍ଗରେ ପ୍ରକାଶ କରିପାରନ୍ତି । ତାଙ୍କ କବିତାରେ ନାରୀବାଦର ସ୍ୱର ଏତେ ତୀବ୍ର ହୋଇ ନଥିଲେ ମଧ୍ୟ ପୁରୁଷ ପ୍ରଧାନ ସମାଜରେ ବିଭିନ୍ନ ବୈଷମ୍ୟ ଓ ଶୋଷଣର ଶରବ୍ୟ ପାଲଟି ଯାଉଥିବା ପ୍ରତ୍ୟେକ ନାରୀର ଦୁଃଖ ତାଙ୍କୁ ଯେତିକି ବ୍ୟଥିତ କରେ ସେତିକି ପ୍ରତିକ୍ରିୟାଶୀଳ ବି ସେ ହୋଇଯାଆନ୍ତି । ତାଙ୍କ କବିତାରେ ଦୁଃଖ ଭୋଗୁଥିବା ନାରୀ କେବଳ ସେଇ ନିର୍ଦ୍ଦିଷ୍ଟ କବିତାର ଚରିତ୍ର ନୁହେଁ, ତା'ର ଦୁଃଖ ସାର୍ବଜନୀନ ସମଗ୍ର ନାରୀ ଜାତିର ଦୁଃଖ, ସେ ନିଜେ ଗୋଟେ ପ୍ରୋଟୋଟାଇପ୍ ସମଗ୍ର ନାରୀଜାତିର ପ୍ରତିନିଧି, ପ୍ରତୀକ । ପର ଘରେ ବାସନ ମାଜୁଥିବା ଦୀନା ମାଆର ଦୁଃଖ ଓ ସହିବା-ପଣ ଖୁବ୍ କରୁଣ ଓ ମର୍ମସ୍ପର୍ଶୀ । ସ୍ୱାମୀ ମାଡ଼ରେ ପ୍ରତିଦିନ ଲହୁଲୁହାଣ ହେଉଥିବା ପ୍ରତ୍ୟେକ ନାରୀର ସ୍ୱର- ଦୀନାମାଆ "ବାପା, ସ୍ୱାମୀ ବା ପୁଅ ଘରକୁ ମୋର କହି ନିଜ ସହ ଛଳନାରେ ବଂଚେ ।" ଠିକ୍ ସେମିତି "ଆଭିଜାତ୍ୟର ଖୋଳପା ପିନ୍ଧା ନାରୀଟିଏ" ବି ଅନେକ ଆଘାତ ସହେ, ଦେହରେ ଓ ମନରେ । ତଥାପି, ସବୁ ସହି ସେ ତା' ବାଟ ଚାଲିବା ଜାରି ରଖିଥାଏ । ସେଇଥିପାଇଁ କବି କୁହନ୍ତି, "ଦୀନାମାଆ ପରି ତ / ପ୍ରତି ସ୍ତ୍ରୀ ଲୋକର ଭାଗ୍ୟ ।" **(ନିଜ ପରି କେହି ଜଣେ, ପୃ.୮୨)**

ପ୍ରତି ସ୍ତ୍ରୀ ଲୋକର ସ୍ଥିତିଗତ ବାସ୍ତବତା ପ୍ରାୟ ସମାନ । ଏଇ ବାସ୍ତବତାକୁ ଆହୁରି କଠୋର ଭାବରେ ସେ ଉପସ୍ଥାପିତ କରନ୍ତି: "ଝିଅପିଲା, ତା'ର ଗୋଟେ ପରିଚୟ କ'ଣ ? + + + / ସ୍ତ୍ରୀଲୋକଟେ ତା'ର ପୁଣି ପରିଚୟଟେ କଣ ! + + + / ଝିଅ ପିଲା ତା'ର ଗୋଟେ ଇଚ୍ଛା କ'ଣ ?/ + + + / ଶାସନ ଓ ଶୃଙ୍ଖଳାରେ ବନ୍ଧା..../ ଅନ୍ୟ ଇଚ୍ଛା ଅନିଚ୍ଛାର ପିତୁଳା ସେ / ନାଚୁଥାଏ ଅନ୍ୟ ଇଂଗିତରେ ।" **(ନିଜ ପରି...ପୃ.୧୦୨-୧୦୩)** । ତୀବ୍ର ଲିଙ୍ଗ-ବୈଷମ୍ୟର ଶୋଷଣରେ ବଳି ପଡ଼ି ଯାଉଥିବା ସମଗ୍ର ନାରୀଜାତି ଅନ୍ୟର ଇଚ୍ଛା ଅନିଚ୍ଛାର ପିତୁଳା ପାଲଟି ଅନ୍ୟ ଇଙ୍ଗିତରେ ନାଚିବାର କ୍ରୁର ଅସହନୀୟ ତଥା ଅଶୋଭନୀୟ ବାସ୍ତବତା ବିରୋଧରେ କବିଙ୍କର ସମ୍ବେଦନଶୀଳ ପ୍ରତିକ୍ରିୟା ଏହିପରି ଅନେକ କବିତାରେ ଏକ ସ୍ୱଷ୍ଟ ସ୍ୱର । ଏହି ସ୍ୱରର ତୀବ୍ରତା ଏକ ଚକିତକାରୀ ଉଦ୍‌ଘୋଷଣାରେ ଶିଖର ଛୁଇଁବା ପରି ମନେହୁଏ: "ନାରୀ ଖାଲି ଦ୍ରବ୍ୟଟିଏ !.../ ଯୁଗ ଯୁଗ ଧରି / ପଥର ପରି ସହି ସହି / ସେ' ବି ପାଲଟି ଯାଇଛି ପଥର ।" **(ବିଭୋର ବେଳା ଓ ଅନ୍ୟାନ୍ୟ କବିତା, ପୃ-୪୯)** ପୁଣି ସେ ଉତ୍‌ଥାପନ କରନ୍ତି ଏକ ମାର୍ମିକ ବିଷୟ- "କି ବିଡ଼ମ୍ବନା / ମାଆ କ୍ଷୀର, ମାଆ ଶ୍ରଦ୍ଧା ମମତାରୁ / ବଂଚିତା ତୁ ଝିଅ ବୋଲି ସିନା" **(ଜୀବନର ଯେତେ ରଂଗ,ପୃ.୩୧)** ନାରୀ ଅସ୍ମିତାର ଉତ୍ତରଣ ଉପଲକ୍ଷେ ଏକ ବିଦ୍ରୋହ ସ୍ୱର ଭାବେ କବି ପ୍ରଭାତନଳିନୀ ଜଣେ ସଫଳଶିଳ୍ପୀ ।

କବିଙ୍କ କବିତାରେ ସବୁ ଦୁଃଖ, ଯନ୍ତ୍ରଣା ଭିତରେ ଜୀବନ ଜିଇଁବାର ଏକ ସକାରାତ୍ମକ ଆଭିମୁଖ୍ୟ ସ୍ୱଷ୍ଟ ଲକ୍ଷ୍ୟ କରିହୁଏ । ସେ ଏ କଥା ଗ୍ରହଣ କରି ନେଇଛନ୍ତି ଯେ "ଦୁଃଖ ଏମିତି ଦାଗଟିଏ / ଯିଏ ଜନ୍ମା ଲିଭେନାହିଁ ।" **(ଜୀବନର...., ପୃ.୯୦)** । ତେବେ ବି "ଦୁଃଖ ଆଉ ଆଘାତର ଦାଉ / ବଦଳରେ ହସିହସି ଜିଇଁବାକୁ ହୁଏ" **(ବିଭୋର....ପୃ୨୨)** ବୋଲି ମଧ୍ୟ ଉଚ୍ଚାରଣ କରି ସମଗ୍ର ମାନବ ଜାତିକୁ ଏକ ସହନଶୀଳ ଦାର୍ଶନିକତାର ମନ୍ତ୍ରରେ ଉଦ୍‌ବୁଦ୍ଧ ହେବାର ଆହ୍ୱାନ ଦିଅନ୍ତି । ଅର୍ନେଷ୍ଟ ହେମିଙ୍ଗ୍‌ୱେଙ୍କ ପରି ସେ ମଧ୍ୟ ବିଶ୍ୱାସ କରନ୍ତି ଯେ ଦୁଃଖ ଦେଇ ମଣିଷକୁ ପରାସ୍ତ କରା ଯାଇପାରେନା । କାରଣ ତା'ର ଅସ୍ମିତାର ଆକାଂକ୍ଷା ଅତ୍ୟନ୍ତ ଦୁର୍ବାର । "ଯେତେଥର ମତେ ପୋଡ଼ିଲେ ବି / ମୁଁ ଫେରି ଆସିଛି / ଭସ୍ମ ଭିତରୁ ନୂଆଜନ୍ମ ନେଇ / ଫିନିକ୍ସ ପକ୍ଷୀ ପରି ।" **(ବିଭୋର..., ପୃ-୧୦୪)** ସାପଶିଡ଼ିର ଖେଳ ଏଇ ଜୀବନରେ କେବେ ହାରିବା ତ କେବେ ଜିତିବା ଅଛି କିନ୍ତୁ କେବେ ବି ଶେଷ ନଥାଏ ଖେଳର । କାରଣ, "ଅନ୍ଧାର, ଖାଲଖମା / ଓ ଉଚ୍ଚନୀଚ ରାସ୍ତାରେ /ଜୀବନର ବାଟ / ଲମ୍ବିଥାଏ କେବଳ ଆଗକୁ ।" **(ଜୀବନର...,ପୃ.୧୨)** ପୁଣି – "ସାରା ପୃଥିବୀରେ ଏତେ ଦୁଃଖ ଆଉ ଯନ୍ତ୍ରଣା ଯେ / କାନ୍ଦିବାକୁ ଜାଗା ନାହିଁ ।" ତେବେବି "ଆମେ ଯେତେ କ୍ଳାନ୍ତ ପକ୍ଷୀ / ଭୁଲିଯିବା ଯେତେ ଦୁଃଖ / ବେଦନା ଓ ଯନ୍ତ୍ରଣାର ଅହ୍ୟ ସୂର୍ଯ୍ୟାସ୍ତ / ଲେଖିଯିବା ଗୀତି ଏକ ନୂଆ ସକାଳର ।" **(ମହମହ...ପୃ.୮୧)**

ଏକ ଋଷି ସୁଲଭ କଲ୍ୟାଣକାରୀ ସ୍ୱର ଯେଉଁଥିରେ ସମଗ୍ର ବିଶ୍ୱର ଦୁଃଖକୁ ନିଜ ମୁଣ୍ଡକୁ ଆଣି ବିଶ୍ୱକୁ ସୁଖରେ ରହିବାର କାମନା କରାଯାଉଥାଏ, ତାହା କବି ପ୍ରଭାତନଳିନୀଙ୍କ କବିତାରେ ମଧ ଲକ୍ଷ୍ୟ କରାଯାଇପାରେ । ଜଣେ କବି ଭାବରେ ସେ ଅନ୍ୟମାନଙ୍କର ଦୁଃଖ ଯନ୍ତ୍ରଣାକୁ ଆପଣାର କରିବାକୁ ପ୍ରସ୍ତୁତ ବୋଲି ଘୋଷଣା କରନ୍ତି; କାରଣ "କବିଛଡ଼ା / କିଏ ଆଉ ଗଙ୍ଗାଧର / ମସ୍ତକରେ ଧରିବ ଗଂଗାକୁ !/ କିଏ ଏତେ ଶକ୍ତିମନ୍ତ / କାଳିସୀ ପରି ନାଚିବ ଅନ୍ୟ ସବାରରେ ।" **(ଜୀବନର..., ପୃ.୯୬)** । ଇଂରେଜ କବି କଲେରିଜ୍‌ଙ୍କ କଳ୍ପନାର କବି ପରି କବି ପ୍ରଭାତନଳିନୀଙ୍କ କାବ୍ୟସତ୍ତାଟି କାଳିସୀ ପରି ଶକ୍ତିମନ୍ତା । ଯେହେତୁ ସେ ମାଟିମନସ୍କ, ଏ ମାଟି ଓ ମଣିଷ ଠାରୁ ସେ ବିଚ୍ଛିନ୍ନ ହୋଇ ନିଜର ସ୍ଥିତିର କଳ୍ପନା କରନ୍ତିନି, ମୁକ୍ତିର ଲୋଭ ରଖନ୍ତିନି । "ମୁକ୍ତି ସଂଧାନରେ ବ୍ୟାକୁଳ କବି / କେବେ ତୁ ବୁଝିବୁ ଯେ / ତୋର ମୁକ୍ତି ନାହିଁ / ଏଇ ମାଟି ଓ ମଣିଷ ଠାରୁ ।" **(ମହମହ, ପୃ.୨୯)**

ମାଟି ଓ ମଣିଷ ସହ ସଂଲଗ୍ନ ହୋଇ ରହିବାକୁ ସମଗ୍ର କବିକୁଳକୁ ଏ ପ୍ରକାର ଆହ୍ୱାନ କବିଙ୍କ କାବ୍ୟସ୍ୱରକୁ ମର୍ଯ୍ୟାଦାବାନ୍ତ କରାଏ । ଏଥିସହିତ ବିଶ୍ୱକଲ୍ୟାଣକାରୀ ଭାବନା ରଖି ସେ ସ୍ୱପ୍ନ ଦେଖନ୍ତି, କେବେ, "ହଟିଯିବ ଆକାଶରୁ / କଳାମେଘ, ଅବା ସ୍ୱପ୍ନ ଛାଇ / ସର୍ବେ ଭବନ୍ତୁ ସୁଖୀନଃ / ମନ୍ତ୍ର ହୋଇବ ସାକାର / ସାରା ପୃଥିବୀର ଲୋକ / ରହିବେ ଶାନ୍ତିରେ ।" **(ବିଭୋର, ପୃ.୩୭)** । ସାଧାରଣ କବିଟିଏ ହୋଇ ଜିଇଁବା ସହଜ, ଜଗତକଲ୍ୟାଣର ଭାବନାରେ ଆର୍ଦ୍ର ହୋଇ ନିଜ କାବ୍ୟସ୍ୱରକୁ ସେ ଦିଗରେ ତଲ୍ଲୀନ କରିବା ଏକ ସ୍ୱତନ୍ତ୍ର ଭାବ ।

କବି ପ୍ରଭାତନଳିନୀ ମୁଖ୍ୟତଃ ମୁକ୍ତଛନ୍ଦ କବିତା ଲେଖୁଥିଲେ ବି ତାଙ୍କ ଅନେକ କବିତାର ଗୀତିମୟତା ପାଠକକୁ ମୁଗ୍ଧ କରେ । ବର୍ଷା, ବସନ୍ତ, ସ୍ୱପ୍ନ ଆଦିର ଅଭିସାର ଗୀତିଛନ୍ଦର ତାଳେ ତାଳେ ସରଳ ସାବଲୀଳ ଶବ୍ଦଗୁନ୍ଥନରେ ଅତ୍ୟନ୍ତ ମନୋହର ଓ ମଧୁର ଲାଗେ । ଯେମିତି, "ନବ ବସନ୍ତର ଆବାହନୀ ଗୀତି / ଶୁଭୁଅଛି ରହିରହି / କୋଇଲି ଗାଉଛି ପଂଚମ ତାନରେ / ମଳୟ ଆସୁଛି ବହି" **(ବିଭୋର..., ପୃ.୧୨୭)** ପୁଣି, "ବରଷାର ଗୀତ ଯିଏ ଗାଇ ନାହିଁ କେବେ ଜୀବନରେ / ଶୁଣିନାହିଁ କେବେ ଯିଏ ମେଘରାଣୀ ପାଦର ନୂପୁର / ଦେଖିନାହିଁ ଆକାଶରେ ସମାରୋହ ମହାମେଘଙ୍କର / କାଗଜଡଙ୍ଗା ଭସାଇ ନାଚିନାହିଁ ଯିଏ କେବେ ଥରେ" **(ମହମହ..., ପୃ.୫)** ପୁନଶ୍ଚ: "ତମ ପାଇଁ ମିଛ ସ୍ୱପ୍ନ, ଆକାଶ କୁସୁମ / ତମେ ଏକ ମିଛ ସ୍ମୃତି, ଅଳୀକ ସପନ ।" **(ମହମହ..., ପୃ.୫୫)** । ଏମିତି ଅନେକ ଗୀତିକବିତାରେ କବିଙ୍କର ଶବ୍ଦ ବିନ୍ୟାସ-ବିବିଧତାର ଚମତ୍କାରିତା ଲକ୍ଷ୍ୟ କରାଯାଇପାରେ । ସହଜ, ସରଳ ଅଥଚ ଆବେଗମୟ ଶବ୍ଦର ବହୁମୁଖୀ ପ୍ରୟୋଗରେ ଜଣେ ପାରଙ୍ଗମ ଶିଳ୍ପୀ ଭାବରେ କବି ପ୍ରଭାତନଳିନୀ ଅନେକ ବର୍ଷ ଯାଏଁ ତାଙ୍କର ପରବର୍ତ୍ତୀ ପିଢ଼ିକୁ ଆନ୍ଦୋଳିତ କରି ଚାଲୁଥିବେ ।

## ପ୍ରଦୀପ ବିଶ୍ୱାଳ(୧୯୬୦)

ପ୍ରଦୀପ ବିଶ୍ୱାଳ ଅଶୀ ଦଶକ ପରେ ଯେଉଁ କତିପୟ କବି ନିଜର ଦୃଷ୍ଟିଭଙ୍ଗୀ ଏବଂ ଶୈଳୀରେ ଅନନ୍ୟତା ନିମନ୍ତେ ନିଜର କବିତା ମାଧ୍ୟମରେ ଓଡ଼ିଆ କାବ୍ୟ ଜଗତରେ ଏକ ଗୀତିଶୀଳତା ନେଇ ଆସି ପାରିଥିଲେ, ତନ୍ମଧ୍ୟରୁ କବି ପ୍ରଦୀପ ବିଶ୍ୱାଳ ଅନ୍ୟତମ । କବିତାକୁ ଚିରାଚରିତ ଶୃଙ୍ଖଳ ଏବଂ ଏକ ଗତାନୁଗତିକତାରୁ ମୁକ୍ତି ଦେବାର ପ୍ରୟାସରେ କବି ଶ୍ରୀ ବିଶ୍ୱାଳ ନିଜ ଲେଖନୀ ଚାଳନା ଆରମ୍ଭ



▲ କବି ପ୍ରଦୀପ କୁମାର ବିଶ୍ୱାଳ

କରିଥିଲେ । ସାଧାରଣ ଘଟଣାବଳୀ ତାଙ୍କ କାବ୍ୟ ଅବବୋଧର କଂଚାମାଲ ହୋଇଥିଲେ ମଧ୍ୟ, ସେ ସାଧାରଣ ଘଟଣାକୁ ନିଜ ଅନନ୍ୟ ଭାବବୋଧ ଦ୍ୱାରା ଅସାଧାରଣ ଭାବରେ ଚିତ୍ରିତ କରିଥାଆନ୍ତି । ଏହା ତାଙ୍କ କବିତାକୁ ପାଠକାଦୃତ କରିଥାଏ । ଓଡ଼ିଆ କବିତା ଯେତେବେଳେ ଭାରି ଭାବବୋଧ ଶବ୍ଦରେ ନିଜ ଅବୟବକୁ ପୁଷ୍ଟ କରିଥାଏ, ଯେବେ ଜଟିଳତା କବିତାର ଏକ ବିଭବ ଭାବରେ ଆଦୃତି ଲାଭ କରିସାରିଥାଏ, ଯେବେ ବିଦେଶୀ ଚେତନା ଏବଂ ବିଦେଶୀ ଜିନିଷର ଏତେ ଟିକେ ବ୍ୟବହାର, ଓଡ଼ିଆ କବିତାକୁ ପ୍ରାଣୋଚ୍ଛଳ କରି ଦେଇଥାଏ, ସେ ସମୟରେ ଭାବ ଓ ଶୈଳୀରେ 'ସରଳଭାବ' ଗୋଟିଏ ସ୍ୱାଗତଯୋଗ୍ୟ ଏବଂ ବହୁ ପ୍ରତୀକ୍ଷିତ ବିଭବ ହୋଇ ସାରିଥାଏ । କବି ଶ୍ରୀବିଶ୍ୱାଳଙ୍କର କବିତା ଏହି ସରଳତାର ବ୍ୟାକରଣକୁ ନେଇ ନିଜ ପଥ ନିର୍ଦ୍ଧାରିତ କରିଥିଲା । ଅନେକ କେନ୍ଦ୍ର ବିଶିଷ୍ଟ ହୋଇ, ଓଡ଼ିଆ କବିତା ଯେବେ ଦିଗଭ୍ରଷ୍ଟ ହେବାର ଧାରରେ ଠିଆ ହୋଇଥିଲା, ଏଇ 'ସରଳଭାବ' ଏବଂ ଏକ ଦିଶାଉଦ୍ଦିଷ୍ଟ ପଥ ହିଁ ଓଡ଼ିଆ କବିତାକୁ ପୁଣି ଏକ ନୂଆ ଦିଶା ଦେଖେଇ ପାରିଥିଲା । ଏବଂ ଏ ପରିପ୍ରେକ୍ଷୀରେ ଶ୍ରୀ ବିଶ୍ୱାଳ ଜଣେ ଧୂରୀଣ ଶବ୍ଦ-ବିଜ୍ଞାଣୀ ।

କବି ଶ୍ରୀ ବିଶ୍ୱାଳଙ୍କ ଭାଷାରେ, "ତାଙ୍କ କବିତା, ସ୍ୱଚ୍ଛ, ସାବଲୀଳ ଓ ବାସ୍ତବଧର୍ମୀ ।" ପ୍ରେମ, ଜୀବନବୋଧ ଓ ବିଦ୍ରୋହକୁ ନେଇ ତାଙ୍କ କାବ୍ୟଯାତ୍ରା । ଏକାଧାରରେ ଜଣେ ପ୍ରେମିକ, ସନ୍ନ୍ୟାସୀ ଏବଂ ସତ୍ତାଦ୍ରୋହୀର ମାନସିକତାକୁ ପ୍ରତିଫଳନ କରାଉଥାଏ ତାଙ୍କ କବିତା । ସବୁ ପ୍ରାପ୍ତି ଭିତରେ ଏକ ଅନାସକ୍ତ ଭାବ ତାଙ୍କ କାବ୍ୟ-ଚେତନାକୁ ଆକ୍ରାନ୍ତ କରି ରଖିଥାଏ । ତାଙ୍କ କାବ୍ୟସ୍ୱରକୁ ନେଇ ବିଶିଷ୍ଟ କବି ଏବଂ ଆଲୋଚକ ଭଗବାନ ଜୟସିଂହଙ୍କ ଉପଲବ୍ଧି: "ପ୍ରଦୀପଙ୍କ କାବ୍ୟପୁରୁଷ ଏକ ଆବେଗ ପ୍ରବଣ ରୋମାଣ୍ଟିକ୍ ଅସ୍ତିତ୍ୱକୁ ଆଧାରକରି ଚିନ୍ତା ଓ ଚେତନା ସ୍ତରରେ ଏକ ବୃହତ୍ତର ସତ୍ୟର କେନ୍ଦ୍ରବିନ୍ଦୁକୁ ଛୁଇଁ ପାରିଛି... ଆପାତତଃ ସରଳ ଦିଶୁଥିବା କବିତା ଗୁଡ଼ିକ ସରଳ ଓ ସାବଲୀଳ ଲାଗିଲେ ମଧ୍ୟ ଏହାର ଅନ୍ତର୍ନିହିତ ଦର୍ଶନର ପର୍ଦ୍ଦା ନ ଖୋଲିଲା ପର୍ଯ୍ୟନ୍ତ ଏଗୁଡ଼ିକୁ ଉପଭୋଗ କରିବା ସହଜସାଧ୍ୟ ନୁହେଁ ।" ସେ ପୁଣି କୁହନ୍ତି, "କବିଙ୍କ କବିତା ଜଟିଳ ନୁହନ୍ତି କିମ୍ବା କୌଣସି ବୌଦ୍ଧିକ କସରତ୍‌ରେ ଭାରାକ୍ରାନ୍ତ ନୁହନ୍ତି ।"

କବି ପ୍ରଦୀପଙ୍କ କବିତା ମୁଖ୍ୟତଃ ତିନୋଟି ଭାବସ୍ତରକୁ ନେଇ ସମୃଦ୍ଧ । ପ୍ରଥମତଃ, ନିଜେ ଦେଖି ଆସିଥିବା ସମୟ - 'ଅତୀତ' ଓ ନିଜେ ବଂଚୁଥିବା ସମୟର - 'ବର୍ତ୍ତମାନ', ଦ୍ୱନ୍ଦ୍ୱରେ ନିଃସୃତ ତାଙ୍କ ଭାବାଦର୍ଶରେ ତାଙ୍କ କବିତା ସମୃଦ୍ଧ । ଦ୍ୱିତୀୟତଃ, ନୀରବତା ଯେପରି ମୁଖରିତ ହୁଏ ଧ୍ୱନି ହୋଇ କବିତାରେ, ତୃତୀୟରେ, ଜୀବନ ଜିନ୍ଦାବାଦ- ଏ ମାନସିକତା ଓ ମାନବ ଜାତି ଉପରେ ହେଉଥିବା ଅତ୍ୟାଚାରକୁ ନେଇ ନିଜର ସମ୍ବେଦନଶୀଳତାରେ ତାଙ୍କ କବିତା ଜାଜ୍ୱଲ୍ୟମାନ ।

କବି ଜାଣେ ଯେ ଏ ଯେଉଁ ସମୟ ଦେଇ ଆମେ ସମସ୍ତେ ଗତି କରୁଛୁ, ଏହା ଏକ 'ଦ୍ରୋହକାଳ' ହିଁ । ଏ ପାଇଁ ପ୍ରସ୍ତୁତ ରହିବାକୁ ହିଁ ହେବ । ହୁଏତ କିଛି ବଳିଦାନ ମାଗିପାରେ ଏ ସମୟ, ହୁଏତ ଏ ବଳିଦାନରେ ଧାରଣାରୁ ବାହାରି ଯାଇଥିବା ଗାଡ଼ି ପରି- ସମୟ, ପୁଣିଥରେ ନିଜ ରାସ୍ତା ଉପରକୁ ଫେରି ଆସେ । କବିଙ୍କ ଉପଲବ୍ଧି ଏଠାରେ ଅନୁଧ୍ୟାନ କରାଯାଇପାରେ- "ମୁଁ ଏବେ ସମାଧି ଦେଇ ଆସିଛି / ମଣିଷର ଆତ୍ମାକୁ / କନ୍ଧମାଳର ମାଟିରେ,/ ମୁଁ ଏବେ କ୍ଷମା କରିଦେଇଛି / କ୍ରୁଶବିଦ୍ଧ ଈଶ୍ୱରଙ୍କୁ / ତାଙ୍କର ଅକ୍ଷମତା ପାଇଁ, / ପାରୁଛ ତ ମତେ ଶାସ୍ତି ଦିଅ / ଧର୍ମଦ୍ରୋହ ପାପରେ/ ମୁଁ ବଳିଦେଇ ପାରିବି ନାହିଁ / ଧର୍ମ ନାମରେ ମୋର ବିବେକ ।" **(ସଚିତ୍ର ବିଜୟା, ପୃ.୧୫)**

ଧର୍ମ ନାମରେ, ଈଶ୍ୱର ନାମରେ ଚାଲିଥିବା ମୃତ୍ୟୁ, ସନ୍ତ୍ରାସବାଦ, କପଟଖେଳ ଆଦିରେ ବିଲ୍‌କୁଲ୍ ବି ଭାଗୀଦାର ହେବାକୁ ଚାହୁଁନଥିବା ମାନବବାଦୀର ଉତ୍ତରିତ ସ୍ୱର ଇଏ । ତେଣୁ ସେ ଆହ୍ୱାନ ଦିଅନ୍ତି ସମଗ୍ର କବିକୁଳକୁ । ପ୍ରକାରାନ୍ତରେ ସର୍ଜନଶୀଳ ହୃଦୟ ରଖୁଥିବା ତଥା ମାନବତ୍ୱର ସଂଗୀତକୁ ନିଜ ଜୀବନର ଧର୍ମ କରୁଥିବା ସମଗ୍ର ସମ୍ବେଦନଶୀଳ ସତ୍ତାକୁ, ପ୍ରସ୍ତୁତ ରହିବାକୁ; ସମୟର ଏ ପ୍ରକାର ମୋଡ଼ରେ ନିଜକୁ ଝାସ ଦେବାକୁ । ତାଙ୍କ ଭାଷାରେ- "କବିତାର କପାଳରେ / ମୁଁ ବୋଳିଦେବାକୁ / ଦେବି ନାହିଁ କଳଙ୍କର ଦାଗ / ପ୍ରସ୍ତୁତ ରୁହ କବିକୁଳ / ଛିଡ଼ା ହେବାକୁ ଫାଶୀଖୁଣ୍ଟରେ / ଏ ଦ୍ରୋହକାଳରେ ।" **(ସଚିତ୍ର ସମୟ, ପୃ.୧୬)**

ମଣିଷର ସରଳବିଶ୍ୱାସ ବି ଧର୍ମଦଣ୍ଡଧାରୀ, ସମାଜପତି, ସ୍ୱାର୍ଥାନ୍ୱେଷୀ ମଣିଷମାନଙ୍କ କ୍ରୁର ମାନସିକତା ଆଗରେ ବଳି ପଡ଼େ । କବିଟିଏ ଯଦିଓ ସମାଜ ସଂସ୍କାରକ ବା ସମାଜ ସୁଧାରକ ନୁହେଁ, କିନ୍ତୁ ବିଶ୍ୱାସର ଏ ପ୍ରକାର ହନନ କବିଟିଏର ରକ୍ତରେ ନିଆଁ ଲଗେଇଦିଏ । କବି ଶ୍ରୀ ବିଶ୍ୱାଳ ବି ଏ ପ୍ରକାର ବିଶ୍ୱାସହୀନ ଅବସ୍ଥା ବିରୁଦ୍ଧରେ ନିଜ କବିତା ମାଧ୍ୟମରେ ସ୍ୱର ଉଠାଇଛନ୍ତି ଚମତ୍କାର ଭଙ୍ଗୀରେ । କବିଙ୍କ ଭାଷାରେ- "କୁହ ଧର୍ମଧାରକମାନଙ୍କୁ / ମଣିଷକୁ ଭଲ ପାଇବାକୁ / ପୁଣିଥରେ ଏ ମାଟିରେ / କ୍ରୁଶବିଦ୍ଧ ନ ହୁଅନ୍ତୁ ଈଶ୍ୱର ।"**(ଫେରିବା ବାଟରେ, ପୃ.୧୪)**

କବି, ସମାଲୋଚକ **ସୌଭାଗ୍ୟବନ୍ତ ମହାରଣା** ଉଲ୍ଲେଖ କରନ୍ତି କବି ଶ୍ରୀ ବିଶ୍ୱାଳଙ୍କ, "କାବ୍ୟ ଦୃଷ୍ଟି ଓ ଜୀବନବୋଧ ଭିତରେ ମାନବତାର ମୂଲ୍ୟବୋଧ, ପ୍ରେମର ପରିଭାଷା, ସାମାଜିକ ବାସ୍ତବତା, ମୃତ୍ୟୁ, ବିରହ, ବ୍ୟଥା ଓ ବିଷାଦର କଳାମେଘ ସନ୍ଧିରେ ଆଶା ଓ ଆଲୋକର ଝଲକ ପାଠକକୁ ମୁଗ୍ଧ କରିବାର ସାମର୍ଥ୍ୟ ରଖେ ।" **(ସାହିତ୍ୟ; ସୃଜନ ଓ ସମୀକ୍ଷା, ପୃ.୧୭୦)** ସେ ଆହୁରି ମଧ୍ୟ କୁହନ୍ତି, "ନାରୀ ପ୍ରତି ତାଙ୍କ ସମ୍ବେଦନଶୀଳତା ଓ ସଦ୍‌ଭାବନା ତାଙ୍କ କବିତାକୁ ଅର୍ଥମୟ କରିଛି ।" ଏ ପରିପ୍ରେକ୍ଷୀରେ କବିଙ୍କ 'ସଚିତ୍ର ସମୟ' ସଂକଳନସ୍ଥ ଦୀର୍ଘ କବିତା 'ଗୌତମୀ'କୁ ଅନୁଶୀଳନ ଅନ୍ତର୍ଭୁକ୍ତ କରାଯାଇପାରେ । କବିତାର ଆରମ୍ଭ ପ୍ରଥମପୁରୁଷରେ । ଗୌତମୀ ନିଜ କ୍ରୁର ଭାଗ୍ୟ ବିଷୟରେ ଅବତାରଣା କରିବା ମଧ୍ୟ ଦେଇ ପରମ ପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ ସନ୍ନିକଟରେ ଅନୁଭବ କରିବାର ଅତିନ୍ଦ୍ରୀୟ ଭାବଧାରାକୁ ବର୍ଣ୍ଣନା କରିଛନ୍ତି । କବି, ଏହି ଦୁଇଟି ଭାବଧାରା ମଧ୍ୟରେ, ଯେଉଁ ସୂକ୍ଷ୍ମ ଅବବୋଧକୁ ପ୍ରତିଷ୍ଠା କରିଛନ୍ତି, ତାହା ହେଉଛି ଗୌତମୀ ବା ଅହଲ୍ୟାଙ୍କୁ ନାରୀ ଅତ୍ୟାଚାରର ପ୍ରୋଟୋଟାଇପ୍ ଭାବରେ ଉପସ୍ଥାପନ କରିବା । ଅହଲ୍ୟାଙ୍କ ଅନୁଭବ ବୟାନ ଭିତରେ, ସାଧାରଣ ନାରୀଟିଏ ଭୋଗୁଥିବା ନିର୍ଯ୍ୟାତନା କଥା ଗୁନ୍ଥି ଦେଇଛନ୍ତି ଶେଷକୁ । ଅହଲ୍ୟାଙ୍କ ଉଚ୍ଚାରଣ, "ମୁଁ ଏବେ ଜାଣୁଛି / ମୋ ଭାଗ୍ୟରେ ଲେଖାଥିଲା / ସାଧାରଣ ନାରୀଟିର / ସହଜାତ ଯେତକ କଷଣ / ଅପବାଦ ଅଭିଶାପ / ଅନ୍ଧକାର ଶିଳାର

ଜୀବନ ।" (ସଚିତ୍ର ସମୟ, ପୃ.୧୨୦) ଅହଲ୍ୟା ହୁଅନ୍ତୁ କି ସୀତା, ଦ୍ରୌପଦୀ ହୁଅନ୍ତୁ କି ଉର୍ମିଳା, ଅବା ହେଉ ସାଧାରଣ ନାରୀ, ନାରୀ ଜନ୍ମ ମାନେ ସେ କଷଣ, ଅପବାଦ, ଅଭିଶାପ ଏବଂ ଅନ୍ଧକାର ଶିକାର ଜୀବନ ଭୋଗିବାକୁ ହିଁ ଜନ୍ମ ଯେମିତି । କବି ଆହୁରି ପାଦେ ଆଗକୁ ଯାଇ, ଯେଉଁ ସତ୍ୟ ଉପଲବ୍ଧିକୁ ଉଚ୍ଚାରଣ କରନ୍ତି ତାହା ହେଉଛି– "ନାରୀଟିର ଜନ୍ମର ମୁହୂର୍ତ୍ତ / ଲେଖିଦିଏ / ଭାଗ୍ୟରେ ତାହାର / ଯାବତୀୟ ଦୁଃଖ / ଯାହା ତା'ର ଉତ୍ତରାଧିକାର ପରି / ଭୋଗିବାକୁ ହୁଏ ଜନ୍ମ ପରେ ଜନ୍ମ / ମୋ ପରି ସମସ୍ତ ନାରୀଙ୍କୁ ।" ଶେଷକୁ କବି ଅହଲ୍ୟାଙ୍କ ଶବ୍ଦରେ ପ୍ରଶ୍ନ କରନ୍ତି, "କିଏ ଜାଣେ କେଉଁଦିନ / ହେବ ମୋର / ଶାପ ବିମୋଚନ ?"

ସମାଜରେ ନାରୀଟିଏର ସ୍ଥାନକୁ ନେଇ କବିଙ୍କର ଏ ପ୍ରକାର ପ୍ରଶ୍ନର ଉତ୍‌ଥାପନ ଏକ ଗୁରୁତ୍ୱ ବହନ କରେ । ନାରୀଟିଏ ଅହଲ୍ୟାଙ୍କ ପରି ପରମ ସନ୍ନ୍ୟାସିନୀ ଓ ଗୌତମଙ୍କ ସ୍ତ୍ରୀ ହେଲେ ମଧ୍ୟ, ତା' ଭାଗ୍ୟବଦଳେ ନାହିଁ । ଚରିତ୍ର ପ୍ରତି ସନ୍ଦେହ, ତଥା ନାରୀର ଦେହ, ମନ, ଆତ୍ମା ଯେ ପୁରୁଷର ଅଧିକୃତ ସମ୍ପତ୍ତି ଏବଂ ନାରୀଟିଏକୁ ହିଁ ଅଭିଶାପ ଦିଆ ଯାଇପାରେ– ଏ ପ୍ରକାରର ଅନେକ ବ୍ୟଥା ଉପସ୍ଥାପିତ କରିଛନ୍ତି । ଆଲୋଚନାର ବିଷୟ ଯେ କବି ଜଣେ ପୁରୁଷ ହୋଇ ମଧ୍ୟ ନାରୀ ମନସ୍ତତ୍ତ୍ୱକୁ ନିଖୁଣ ଭାବରେ ଉପସ୍ଥାପିତ କରିପାରିଛନ୍ତି ।

କବି ଶ୍ରୀ ବିଶ୍ୱାଳଙ୍କ କବିତାରେ ବହୁବିଧ କାବ୍ୟିକ ଦକ୍ଷତାର ପରିସ୍ଫୁଟନ ଦେଖିବାକୁ ମିଳେ । ଅନେକ କବିତାରେ କବି ଏକାଧାରରେ ପ୍ରୋଗ୍ରେସିଭ୍ ଏବଂ ମାଟିମନସ୍କ । ଗଭୀର ଭାବରେ ପ୍ରେମାନୁଭବରେ ଯେତିକି ଜଡ଼ିତ, ସେତିକି ମାତ୍ରାରେ ବାସ୍ତବିକ ତାଙ୍କ କବିତା । ତାଙ୍କ କବିତାରେ କବି ଯେଉଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ତାହା ବିରଳ । ଶ୍ଳେଷ ଏବଂ ଶାଣିତ ବ୍ୟଙ୍ଗକୁ ଆଧାର କରି ସମାଜର କଳୁଷିତ ଅଧ୍ୟାୟକୁ ଯେପରି ବ୍ୟଂଜିତ କରନ୍ତି, ତାହା ବିରଳ । ଯେମିତି, "ମାଟିରେ/ ଇଟାରେ/ ପଥରରେ କାଠରେ / କପଡ଼ାରେ / କାଚରେ / ତିଆରି କାନ୍ଥ / ଲୁଚେଇ ପାରେନା / ମଣିଷର ଲଙ୍ଗଳାପଣ / ଦେଇ ପାରେନା / ସୁରକ୍ଷାର କବଚ ।" (ଫେରିବା ବାଟରେ, ପୃ.୮୬) କବି ଆହୁରି ବିସ୍ତାରିତ କରନ୍ତି ତାଙ୍କ ଶାଣିତ ବ୍ୟଙ୍ଗକୁ ଏବଂ ଏକ କାବ୍ୟିକ ପରିଣତିରେ ସମାପ୍ତ କରନ୍ତି । "କାନ୍ଥକୁ ପ୍ରାଚୀର କରି / ଠିଆ କଲେ ଦଳେ / ଇତିହାସକୁ ଆଖିଠାର ମାରି / କ'ଣ ହେଲା ଦେଖିଲ / ନା' ରହିଲା ବର୍ଲିନ୍ ପ୍ରାଚୀର / ନା' ଚାଇନାର ଗ୍ରେଟ୍‌ୱାଲ୍ / ଏବେ ଠିଆ ହୋଇଛି / ତାର ସ୍ମାରକୀ / କହି ଦେବାକୁ ଯେ / ହୃଦୟ ଭିତରେ କେବେ / ତିଆରି ହୋଇପାରେନା କାନ୍ଥ / ଧମନୀର ରକ୍ତସ୍ରୋତରେ / ଲିଭିଯିବ ଦିନେ ତା'ର ଚିହ୍ନବର୍ଣ୍ଣ ।" (ଫେରିବା ବାଟରେ,ପୃ.୮୭) । ପରିସମାପ୍ତିରେ ଯେଉଁ କାରୁଣ୍ୟରସକୁ କବି ବିଶ୍ୱାଳ ଟୋଳି ଧରନ୍ତି ତାହା ଅନନ୍ୟ । ଶେଷରେ 'କାନ୍ଥ'କୁ ତୁଳନା କରିଛନ୍ତି କବି 'ବାହୁନୁଥିବା ବାତୁଳା ସ୍ତ୍ରୀଲୋକ' ସହ, ଯାହାର ବିପର୍ଯ୍ୟୟ ବିକଳ ମୁହଁରେ ଜଳଜଳ ଦେଖା ଯାଉଥାଏ 'ଗୋଟେ ଖଣ୍ଡିତ/ ସ୍ୱପ୍ନର ଆହତ ଅସ୍ତରାଗ ।'

'ଜୀବନର ବିପୁଳତା ଜନିତ ବୈଭବ'କୁ ବିଭିନ୍ନ ରସ ମାଧ୍ୟମରେ ପାଠକକୁ ଆପ୍ଳୁତ କରିଛି ଶ୍ରୀ ବିଶ୍ୱାଳଙ୍କ କବିତା । ଓଡ଼ିଆ କାବ୍ୟଚେତନା ସେ ସମୟରେ ଯାହା ଥିଲା, ତାହାଠୁ ନିଜର ଅଲଗା ପନ୍ଥା ବାଛି ନେଇ ଏକ ନୂତନ ଦିଶା ଦେଖାଇଛି କବିଙ୍କ କବିତା । ବର୍ଣ୍ଣାଢ଼୍ୟ ଓ ଓଜନଦାର ଭାବ ଏବଂ ତଦନୁଯାୟୀ ବାକ୍ୟ ଓ ଶବ୍ଦ ବ୍ୟବହାର ଶୈଳୀ ଥିଲା, ଶ୍ରୀ ବିଶ୍ୱାଳଙ୍କ କାବ୍ୟ-ଉନ୍ମେଷ କାଳର ଓଡ଼ିଆ କବିତାର ବୈଶିଷ୍ଟ୍ୟ । ବହୁକେନ୍ଦ୍ର ବିଶିଷ୍ଟ କବିତାର ଜଟିଳ ଭାବାବେଗରେ ବେଳେବେଳେ ପାଠକ ଦୂରେଇ ଯାଉଥିଲା, କବିତାର ସିଡ଼ି ଦେଇ ସେ ପହଂଚିବାକୁ ଲକ୍ଷ୍ୟ କରିଥିବା, ସେ ଶୀର୍ଷ ପାଖରେ, ସେ ଆନନ୍ଦ ପାଖରେ । କବିଙ୍କ ସହଜ ଏବଂ ସରଳ ଭାବାବେଗ ଏବଂ ଏକ କେନ୍ଦ୍ର ବିଶିଷ୍ଟ କବିତା ସଂରଚନା କବିଙ୍କ କବିତା ତଥା ସେ ସମୟ କବିତା ଏକ ନୂଆ ରାହା ଦେଇଥିଲା । କେବଳ ବିଷୟବସ୍ତୁରେ ଅନନ୍ୟତା ନୁହେଁ, କବି ଶ୍ରୀ ବିଶ୍ୱାଳ ତାଙ୍କ କବିତାରେ ଅନନ୍ୟ କଳାତ୍ମକତା ଓ ଅଳଙ୍କାର ବ୍ୟବହାର ପାଇଁ ବି ପାଠକାଦୃତ । ଯେମିତି– (୧) ସେଇ ଅପେକ୍ଷାର ଆକର୍ଷଣରେ / ଯେଉଁଠି ଗୋଟିଏ ଚନ୍ଦ୍ରବନ୍ଧନୀରେ / ଲଟକି ରହିଛି / ମୋର ଅଦୃଷ୍ଟ ଭବିଷ୍ୟତ । (ଫେରିବା ବାଟରେ) (୨) ମୁଁ ଶୁଣୁଥିବା ଏ ଶବ୍ଦ / ଚୁନାଚୁନା କରଦିଏ ଭାଙ୍ଗି / ନୀରବତାର ଦର୍ପଣ / ଆଉ ମୁଁ ଦେଖି ପାରେନା / ନୀରବତା ଭିତରେ / ମୋ ନିଜର ପ୍ରତିଛବି / ଆଜନ୍ମ ଭୂତ ପରି ମୋ ପଛରେ / ଶବ୍ଦର ଛାଇ ଚାଲିଅଛି ସଂତର୍ପଣେ । (ଭୂମିସ୍ୱର୍ଣ୍ଣ, ପୃ.୧୬) (୩) ହଜେଇ ଦେବାର ବେଳ ଯେ / ହଜିଯିବାର ବେଳ / ଲୋହିତ ରଂଗର ଖରା / ଓ ଲୁହ ଡବଡବ ଆଖିର ଆତସବାଜିରେ / ମୋହିତ ଜୀବନ । (ଭୂମିସ୍ୱର୍ଣ୍ଣ,ପୃ.୪୨), (୪) ଭିଜା ମଂଜିର ଅଙ୍କୁରରେ / ଜୀବନର ପ୍ରତ୍ୟୟ ଲହଡ଼ି ଭାଙ୍ଗେ । (ଭୂମିସ୍ୱର୍ଣ୍ଣ, ପୃ.୬୮) (୫) ତା'ର ଶାଲ୍‌ୱାର କାମିଜ୍‌ର ଚୁମ୍‌କିରେ / ଝଲମଲ କରୁଥିଲା / ସକାଳର ସୂର୍ଯ୍ୟ / ତା'ର ଆଖିରେ ଚିକ୍‌ମିକ୍ କରୁଥିବା / ଅକୁହା ସ୍ୱପ୍ନ ଭଳି । (ଶେଷଲୋକ ପୃ.୧) ଜୀବନକୁ ମୁକ୍ତପ୍ରାଣରେ ମହିମାନ୍ୱିତ ବୋଲି ସ୍ୱୀକାର କରିବା, କବିଙ୍କ କବିତାର ଏକ ମୁଖ୍ୟ ବିଭବ । ଜୀବନର ବିଭିନ୍ନ ସ୍ତର ଓ ସମୟକୁ ନେଇ ମୁଖର ହୋଇଛି ତାଙ୍କ କବିତା । ଯେମିତି: (୧) କାହାର ଆଜ୍ଞାଧୀନ ବା ବଶଂବଦ ନୁହେଁ ସମୟ । (ଭୂମିସ୍ୱର୍ଣ୍ଣ, ପୃ.୫୮) (୨) ସେମାନେ ଫେରିଗଲେଣି / ସତକଥା / କିନ୍ତୁ କିଏ ଫେରାଇ ଦେବ / ନିଗିଡ଼ି ପଡ଼ିଥିବା ମଣିଷର ରକ୍ତ / କଫିନ୍ ତଳେ ଶୋଇଯାଇଥିବା / ମଣିଷଙ୍କ ଆୟୁଷ । (ଫେରିବା ବାଟରେ, ପୃ-୬୬)

ନୀରବତା ଅନେକ ରଙ୍ଗରେ, ରସରେ ମୁଖରିତ ହୋଇଛି କବିଙ୍କ କବିତା । କେତେଗୁଡ଼ିଏ ପଂକ୍ତିର ଉଦାହରଣ: (୧) ୟୁକାଲିପଟାସ୍ ଗଛର / ନିଶକ୍ତ ଡାଳରେ ଦୋହଲୁଥାଏ ଚିରକାଳ / ବିବ୍ରତ ଯୌବନର କଅଁଳି ଡେଣା । (ୟା ଭିତରେ ପଚିଶ ବର୍ଷ ହେଇ ଗଲାନା ?/ କିଏ ରଖି ପାରିଛି ତା' ଠିକଣା !) ହଜେଇ ଦେବାର ବେଳ ଯେ / ହଜିଯିବାର ବେଳ । (ଭୂମିସ୍ୱର୍ଣ୍ଣ,ପୃ.୪୩) (୨) "ସବୁ ଦିଗରୁ ନିମନ୍ତ୍ରଣ / କେଉଁଠି ରିସିଭର୍ ସେପାଖେ / କେବଳ ନୀରବତା / ଓଲଟପାଲଟ କରିଦିଏ ସବୁ / ଆଉ କେଉଁଠି / ନୀରବ ଚାହାଣୀର ଚମକ / ନିଆଁ ଲଗାଇଦିଏ ରକ୍ତରେ / ନୀରବତାର ନାୟିକା / ନାଚେ ନଚାଏ / ନାଚୁଥାଏ କାଳକାଳ ।" (ଫେରିବା ବାଟରେ, ପୃ.୩୨)

ଶବ୍ଦର ନୀରବତାକୁ ଏବଂ ପଂକ୍ତି ମଧ୍ୟର ନୀରବତାରେ ଶବ୍ଦ ଓ ଅର୍ଥକୁ ମୁଖରିତ କରିପାରିଥିବା କବି ଶ୍ରୀ ବିଶ୍ୱାଳ ତାଙ୍କର ଶବ୍ଦ କାରିଗରୀ, ସରଳ ଭାବ ଏବଂ ଚକିତ ଶୈଳୀ ପାଇଁ ନିଜର ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛନ୍ତି ।

## ରକ୍ଷକ ନାୟକ (୧୯୬୩)

କବି ରକ୍ଷକ ନାୟକ ସାଂପ୍ରତିକ ଓଡ଼ିଆ କବିତା ଜଗତରେ ଏକ ସ୍ୱତନ୍ତ୍ର ସ୍ୱର । ଓଡ଼ିଆ କାବ୍ୟ ପରଂପରା ଓ ସଂସ୍କୃତିର ଭିତ୍ତିଭୂମି ଉପରେ ଦୃଢ଼ ଦଣ୍ଡାୟମାନ ତାଙ୍କ କାବ୍ୟସ୍ୱରରେ ଏକ ଅନୁପମ ସନ୍ନ୍ୟାସୀର ସ୍ୱର ଶୁଭା ଯାଉଥାଏ । ଜଣେ ଧୂରୀଣ ଚିତ୍ରଶିଳ୍ପୀ ପରି ନିଜର ଆବେଗକୁ ଶବ୍ଦ-ଅର୍ଥ ଓ ଭାବର ତୂଳୀ-କାନ୍‌ଭାସ୍‌ରେ ଟୋଳି ଧରିଲା ବେଳେ ସେ ଯେତିକି କୁଶଳୀ ଲାଗନ୍ତି, ସେତିକି ସୂକ୍ଷ୍ମ ଓ ସାବଲୀଳ ବି ଲାଗିଥାଆନ୍ତି । ଗ୍ରାମ୍ୟ ପରିବେଶ ଓ ସଂସ୍କୃତିର ପଟ୍ଟଭୂମିରେ ଠିଆ ତାଙ୍କ କବିତା, ଆଧୁନିକ ଜୀବନଶୈଳୀ, ମାନବିକତାର ହତ୍ୟା, ନୈତିକ ଅଧୋପତନ, ଶବ୍ଦ-ସାଧନା ମାଧ୍ୟମରେ ଏକ ଅତିମାନସ ସ୍ତରକୁ ଉଡ଼ାଣ ଇତ୍ୟାଦିକୁ ବ୍ୟଂଜିତ କରାଇବା ବେଳେ ଭାବରେ ଯେତିକି ବଳିଷ୍ଠ ଲାଗେ, ତା'ର ଉପସ୍ଥାପନ ଶୈଳୀର ଗାମ୍ଭୀର୍ଯ୍ୟ, ଶବ୍ଦ ପ୍ରୟୋଗରେ କଳା-କାରିଗରୀ କବିଙ୍କୁ ଏକ ଅତିନ୍ଦ୍ରିୟ ଜଗତକୁ ନେଇଯାଏ । ଏହି ଗାମ୍ଭୀର୍ଯ୍ୟ, ଏହି ଭାବ ଗଭୀରତା, ଶବ୍ଦ ପ୍ରୟୋଗର କଳା-କାରିଗରୀ କ'ଣ ତାଙ୍କ କବିତାର ଅନନ୍ୟତା ? ଏ ପ୍ରଶ୍ନରେ କବି ଶ୍ରୀ ନାୟକ ଚମତ୍କାର ବିଶ୍ଳେଷଣ ବାଢ଼ନ୍ତି– "କବିତା ମୋ ପାଇଁ ରଚନା ନଥିଲା । କବିତା ହେଉଛି ମୁଁ । ସବୁ କବିତାରେ ମୁଁ । କବିତା ମୋର ସଂପ୍ରସାରିତ ଅଂଶ । ମୋର ପ୍ରତ୍ୟେକ କବିତାରେ ମୁଁ ଥାଏ । ଯେହେତୁ



▲ କବି ରକ୍ଷକ ନାୟକ

ମୋ ଭଳି ସାରା ସୃଷ୍ଟିରେ କେହି ନଥିଲେ, କି କେହି ନାହାନ୍ତି କି ଆସିବେନି; ତେଣୁ ମୁଁ ଅନନ୍ୟ । ମୋ କବିତା ବି ଅନନ୍ୟା କେବଳ ମୁଁ ନୁହେଁ; ସାରା ସୃଷ୍ଟିରେ ପ୍ରତ୍ୟେକ ଭିନ୍ନ ଓ ଅନନ୍ୟ । ଭଗବାନ କାର୍ବନ କପି କରନ୍ତି ନାହିଁ । ପ୍ରତ୍ୟେକ ବସ୍ତୁ ଓ ଜୀବ ଅନନ୍ୟ, ଅବିକଳ୍ପ । ଏଣୁ ମୋର ସ୍ୱର ନିଶ୍ଚିତ ନୂତନ ଓ ନିଆରା ।"

କବି ଶ୍ରୀ ନାୟକଙ୍କ କାବ୍ୟସ୍ୱର ବିସ୍ତୀର୍ଣ୍ଣ । ତାଙ୍କ ଦୀର୍ଘ କାବ୍ୟ ଯାତ୍ରାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ତାଙ୍କ ସ୍ୱର ମାନବବାଦୀ ଜୀବନ ଦର୍ଶନକୁ ପ୍ରତିଫଳିତ କରାଏ; ଦ୍ୱିତୀୟରେ ତାଙ୍କ କବିତାରେ ସାଂପ୍ରତିକ ସମୟର ବାସ୍ତବ ଚେହେରାର କଳାତ୍ମକ ପରିବେଷଣ; ତୃତୀୟତଃ ଏକ ଶୂନ୍ୟପଣର ନୀରାଜନା ଯେଉଁଠି ଶୂନ୍ୟତା ଅନେକ କିଛି ନୂତନତାର ଜନ୍ମ ଦେଇଥାଏ । ଯେଉଁଠି ଏକ୍ଲାପଣ ବି ମୁଖରିତ ହେଉଥାଏ ଶବ୍ଦରେ ଶବ୍ଦରେ । ଏତଦ୍ ଭିନ୍ନ ଅନ୍ୟ ଅନେକ ବିଷୟବସ୍ତୁ ଅଛି ଯାହା କବିଙ୍କ ଶବ୍ଦ ଚାତୁରୀରେ ଅନନ୍ୟ ରୂପ ନେଇ ମୂର୍ତ୍ତ ହୋଇଛନ୍ତି । ଦେଶ, ଦେଶପ୍ରେମ ଏବଂ ବିଭିନ୍ନ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ଜୀବନୀ ହେଉ ବା ହେଉ ବ୍ୟକ୍ତିଗତ ଦୁଃଖ ଅବା ହେଉ ପ୍ରେମ, ଏକ ନୂଆ ଦର୍ଶନ, ଦୃଷ୍ଟିଭଙ୍ଗୀର ପ୍ରତିଷ୍ଠାରେ କବିଙ୍କ କାବ୍ୟ-ସ୍ୱର ଲିପ୍ତ । 'ସତମିଛ କାଳ' ଆଢୁଆଳରେ କବି ଯେଉଁ ସତକୁ ଉପସ୍ଥାପନ କରନ୍ତି, ତାହା ବାସ୍ତବତାର ପ୍ରତିଫଳନ ସତ । ମାତ୍ର ବେଳେବେଳେ ଅନେକ 'ସତ'କୁ 'ମିଛ'ର ଭ୍ରମରେ, ଅନେକ 'ମିଛ'କୁ 'ସତ'ର ଭ୍ରମ ମାନି, ଆମେ ବଂଚୁ । ଏବଂ ଏସବୁ 'ସତମିଛ' / ଖେଳର ଆଢୁଆଳରେ ଥିବା ପ୍ରକୃତ ଖେଳ ନିୟନ୍ତାକୁ ମଧ୍ୟ ଜାଣିପାରୁ । କେବେକେବେ ସଂସାରରେ ମଜ୍ଜି ରହିଥିବା, ପ୍ରେମ ଦରବାରରେ ସୁଖରେ ଶାକରରେ ବୁଡ଼ି ରହିଥିବା ମଣିଷଟି ଭୁଲିଯାଏ ସିନା । କବି କିନ୍ତୁ ଚେତେଇ ଦିଅନ୍ତି, "ଯେଉଁ ଆଶାକୁ ଆଶ୍ରୟ କରିବ / ହାତ ବଢ଼ାଇବ / ସେ ଗୁଡ଼ି ଭଳି ସୂତା ଛିଣ୍ଡେଇ ଫିଟିଯିବ / ନହେଲେ ଫେଣ ଭଳି ଫାଟିଯିବ/ ଏଇଠି ଥିବ, ଆର କ୍ଷଣକୁ ଆଉ କେଉଁଠି, / କେଉଁ ପ୍ରକାରେ ଏତେ ସତର କାରବାର / ତାକୁ ସହଜେ ମାୟା ବୋଲି ବିଚାର ।" **(ଶେଷହୀନ ସନ୍ତରଣ, ପୃ.୨୬୯)** । ଜୀବନ ଦର୍ଶନର ସୁନ୍ଦର ପ୍ରତିଫଳନ ଦେଖିବାକୁ ମିଳେ କବିଙ୍କ କବିତାରେ । ଏଇ ଯେମିତି- (୧) ମୋର ଚାରିପଟର ବାଟସବୁ / ଫେରିଆସି ମୋ ପାଦ ତଳେ / ଜାକିଜୁକି ରହିଗଲେ / ମୁଁ କେମିତି ଯିବି କୁଆଡ଼େ ! **(ଶେଷହୀନ ସନ୍ତରଣ, ପୃ.୨୭)**, (୨) ଆଲୁଅର ଆସ୍ତରଣରେ / ଲୁଚିଯାଇଛି, ଅସଲ ଦ୍ରବ୍ୟ ଓ ଦୃଶ୍ୟ / ଜୀବନ୍ତ ସମୟର ଅଙ୍କନ / ଆଲୁଅ ଘୋଡ଼େଇ ଦେଇଛି, ଦୂରେଇ ରଖିଛି;/ ମାୟା ଲଗେଇଛି / ରହିଛି / ପଥଭ୍ରଷ୍ଟ କରାଇଛି ଅନ୍ୱେଷଣକୁ / ? / **(ଶେଷହୀନ ସନ୍ତରଣ, ପୃ.୩୭)** (୩) ଆମେ ଏକାଠି, କେତେ ମେଦିନୀ କଂପାଇଛୁ / ବାଟ ଅବାଟ କିଛି ମାନିନୁ / ଯେଉଁଠି ପଡ଼ିଛି ପାଦ / ତାକୁ ପଥ କରିବାକୁ ସମୟକୁ ବାଧ୍ୟ କରିଛୁ । **(ବିନ୍ୟସ୍ତାନ, ପୃ.୧୫)** (୪) ଜୀବନ ନଥିଲେ, ଏତେ ସୁଖ / କିଏ ଧରିପାରେ । **(ଅମିତ୍ର ଅଂଧାର, ପୃ.୩୩)** (୫) ମୋର ବ୍ୟାପ୍ତି, ଦୀପ୍ତି, ଦ୍ୟୁତି, ସବୁକୁ / ଏକାଠି କରି, ମୋଟାଳିଆ ହୋଇ ଯାଇଛି / ଯାହାକୁ ଲୋକ କହନ୍ତି ପଥର ହୋଇଯାଇଛି । **(ଅମିତ୍ର ଅଂଧାର, ପୃ.୮)** (୬) ମୁଁ ପ୍ରାୟ ସବୁକଥା ମାନିଛି / ଯାହାକୁ ପାପ କୁହାଗଲା, ଭଲ ଲାଗୁଥିଲେ ବି / ତାକୁ ପାପ ହିଁ ବୋଲିଛି / ..../ ମଣିଷ ହେବା ଲକ୍ଷ୍ୟ ପଥରେ / ପାଦରୁ କେତେ ଯେ ରକ୍ତ ଝରିଛି ! **(ଅମିତ୍ର ଅଂଧାର, ପୃ.୮୦)** (୭) ନିରବଧି କାଳ ଯେଉଁଠାରେ ହୋଇଅଛି ଲୀନ / ଯେଉଁଠାରେ ସମୟର ହୋଇଛି ସୃଜନ / ଯେଉଁଠାରେ ଗଢ଼ା ହୋଇଛି ଅକ୍ଷରର ଅବୟବ / ଯେଉଁଠାରେ ମୃତ୍ୟୁ ପାଏ ଜନ୍ମଲାଭ / ସେଇଠୁ ମୋ ଦୂରତ୍ୱ କେତେ ! / ମାପୁ ମାପୁ ସରିଯାଏ ବେଳ । **(ଅନ୍ୱେଷା ଅହର୍ନିଶ, ପୃ.୧୧୮)**

କବି ଶ୍ରୀ ନାୟକଙ୍କ କବିତା ଚଳନ୍ତି ସମୟର ବିଭିନ୍ନ ଘଟଣା ଓ ଦୁର୍ଘଟଣାକୁ ନେଇ ମୁଖର ହୋଇଛି । ପ୍ରତ୍ୟେକ କାଳଖଣ୍ଡର କବିମାନଙ୍କ କବିତାରେ ଏହା ଦେଖାଯାଏ । ଶ୍ରୀ ନାୟକଙ୍କ କବିତାରେ ଏହି ଘଟଣାଗୁଡ଼ିକ ଯେଉଁ ଭାବରେ ପରିବେଶିତ ହୁଅନ୍ତି, ତାହା ଭିତରେ କଳାତ୍ମକତା ଓ ବାସ୍ତବିକତାର ସମନ୍ୱୟ ଦେଖିବାକୁ ମିଳିଥାଏ । ସମାଜରେ ଘଟୁଥିବା ବାସ୍ତବିକ ଘଟଣାବଳୀ ସାଧା ଧାରା ବିବରଣୀ ପ୍ରତେ ହୁଅନ୍ତି ନାହିଁ । ରସମୟତାର ଅପୂର୍ବ ଛିଟାରେ ସେ ସାଧାରଣ ପ୍ରତେ ହେଉଥିବା ଘଟଣା ବା ବିଷୟ, ଅଦ୍ଭୁତ ଓ ଅସାଧାରଣ ହୋଇଯାଏ । ଯେମିତି: 'ଆଇସିୟୁରେ ପ୍ୟାରୀ' । କବି ଓଡ଼ିଶା ରାଜନୈତିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଅବତରଣ କରିଛନ୍ତି, : "ତାଙ୍କ ଏବର ସ୍ଥିତି / ଦୃଶ୍ୟ ନୁହେଁ / ଏକ ଦର୍ଶନ / ମଣିଷର ଭାଗ୍ୟାକାଶେ / ଏକ ସତ୍ୟ ଲିଖନ ।" **(ଅମିତ୍ର ଅଂଧାର, ପୃ.୨୬)** ଏଇ ପରିଣତିକୁ ବି କବିଙ୍କ ଦୃଷ୍ଟିଭଙ୍ଗୀର କଳାତ୍ମକ ଉପସ୍ଥାପନ ଓ ଦାର୍ଶନିକତାରେ ଲକ୍ଷ୍ୟ କରାଯାଇପାରେ । "ଶେଷ ଯୁଦ୍ଧ ଏକୁଟିଆ ଲଢ଼ିବାକୁ / ହୁଏ, ଯେଉଁ ଯୁଦ୍ଧର ପରାଜୟ / ଖବର ହୋଇ ସାରିଥାଏ । / ରାଜନୀତିର ଦଣ୍ଡକାରଣ୍ୟରେ / ଯେଉଁମାନଙ୍କୁ ଶରଣ ଦେଇଥିଲେ / ଯେଉଁମାନଙ୍କର ଜାତକରେ / ଭାଗ୍ୟରେଖା ନିଜେ ଲେଖିଥିଲେ / ଯେଉଁ ଗଛକୁ ଆଲିଙ୍ଗନରେ ରଖି ବଢ଼ାଇଥିଲେ;/ ସେମାନେ କେହି ନାହାନ୍ତି ।" **(ଅମିତ୍ର ଅଂଧାର,ପୃ.୨୬)**

ଶ୍ରୀ ନାୟକଙ୍କ କବିତାର ଏକ ବିଶେଷତ୍ୱ, ଯେକୌଣସି ବିଷୟ କବିତାର ବିଷୟବସ୍ତୁ ହୋଇପାରେ ଏବଂ କବିତାଟି ଉତ୍କର୍ଷତାର ଶୀର୍ଷସୀମା ସ୍ପର୍ଶ କରିପାରେ । 'ଦେଶଭାବ'କୁ ନେଇ ଚମତ୍କାର କବିତା ରଚନା କରିଥିବା ଶ୍ରୀ ନାୟକ ଦେଶକୁ ନେଇ ନିଜର ଯେଉଁ ଦୃଷ୍ଟିଭଂଗୀ ପ୍ରକାଶ କରିଛନ୍ତି ତାହା ଯେତିକି ଅଲଗା, ସେତିକି ବୈଚିତ୍ର୍ୟମୟ, ସେତିକି ଦାର୍ଶନିକ ଏବଂ ତତୋଽଧିକ ମାର୍ମିକ । "ଆମ ଦେଶ କ'ଣ ମାନଚିତ୍ରରେ / ବିଶେଷ ରଙ୍ଗର ଚିତ୍ରଟିଏ / ମୋଟେ ନୁହେଁ, ଚେତନାଟିଏ / ଗୋଟେ ଶାଶ୍ୱତ ଦର୍ପଣ / ଯେଉଁଥିରେ ସମୟ ମୁହଁ ଦେଖି / ନିଜକୁ ସଜାଇଥାଏ ।" **(ବିନ୍ୟସ୍ତାନ, ପୃ.୧୩୬)**

ବର୍ତ୍ତମାନ ସମୟର କବିତାରେ ସାମାଜିକ ଅବକ୍ଷୟ, ଅପସଂସ୍କୃତି ଓ ଅର୍ଥହୀନ ଜୀବନର ଶୂନ୍ୟତା ପ୍ରତିଫଳିତ । କବି ରକ୍ଷକଙ୍କ କବିତା ମଧ୍ୟ ଏହି ସବୁ ବିଷୟକୁ

ନେଇ ଉଦ୍‌ବେଳିତ । ତାଙ୍କ କାବ୍ୟସ୍ୱରର ଭିତ୍ତିଭୂମି ଓଡ଼ିଆ କାବ୍ୟ ପରଂପରାର ଭିତ୍ତିଭୂମି । ଶାସ୍ତ୍ରୀୟତା ଓ ଆଧୁନିକତାର ଅପୂର୍ବ ମିଳନରେ କବିଙ୍କ କାବ୍ୟସ୍ୱର ଝଙ୍କୃତ । ଏକ ସମୟରେ ପ୍ରଜ୍ଞାଶୀଳତା ଏବଂ ଆବେଗ ପ୍ରବଣତା, ଜଣେ କବିଙ୍କ କବିତାରେ ମିଳିବା, ଦୁର୍ଲଭ ହୋଇଥାଏ । ମାତ୍ର କବି ରକ୍ଷକଙ୍କ ପ୍ରତ୍ୟେକ କବିତାରେ ଓଡ଼ିଆ କାବ୍ୟ ଶୈଳୀ, ଓଡ଼ିଆ ବିସ୍ତୀର୍ଣ୍ଣ ଶବ୍ଦ ଭଣ୍ଡାର, ପ୍ରଜ୍ଞାବୋଧ ଏବଂ ଆବେଗ ପ୍ରବଣତାର ସମନ୍ୱୟ ଦେଖିବାକୁ ମିଳିଥାଏ ।

ଏକ ସୁପ୍ତ, ମୃତ ପ୍ରଥା, ପରଂପରା ବା ଚିରାଚରିତ ଶଗଡ଼ ଗୁଳାରେ ଜୀବନ ବଂଚିବାର ମାନସିକତାକୁ ସୁନ୍ଦର ଶ୍ଳେଷ ମାଧ୍ୟମରେ ସମାଲୋଚିତ କରି ଆସିଛି, କବି ରକ୍ଷକଙ୍କ କାବ୍ୟସ୍ୱର: "ମୁଁ ଗୋଟେ ନୂଆ ଭାଷା ସୃଷ୍ଟି କରି ପାରିଥା'ନ୍ତି / ଶୁଖି ଆସୁଥିବା ଗାଡ଼ିଆରେ / କଲବଲ ହେଲି ପ୍ରଚଳିତ ଶବ୍ଦଙ୍କ ମେଳରେ / ଯେଉଁ ତାରାମାନଙ୍କୁ ମୁଠେଇ ଧରିଥା'ନ୍ତି / ତାଙ୍କୁ କେବଳ ଜଳଜଳ ଚାହିଁଲି ।" (ବୀଜବିକ୍ଷେପ,ପୃ.୭୭) କବିଙ୍କ ଅନନ୍ୟତା ହେଉଛି- କେବଳ ସମସ୍ୟା ବିଷୟକ ଉପସ୍ଥାପନ ନୁହେଁ, ଏକ ସୁନ୍ଦର ଅବ୍‌ଜେକ୍‌ଟିଭ୍ କୋ-ରିଲେଟିଭ୍ (ତାରାମାନଙ୍କୁ ମୁଠେଇ ଧରିବା) ମାଧ୍ୟମରେ ସମସ୍ୟାକୁ କବିତାରେ ରୂପାନ୍ତରିତ କରିବା । ସେମିତି, କବିତା 'ଆଲିଙ୍ଗନରେ', କବିଙ୍କ ଉପଲବ୍ଧିକୁ ଶବ୍ଦ-ଚିତ୍ରରେ ତାଙ୍କ ଅନନ୍ୟତା ରୂପ ନେଇଛି କିପରି, ଦେଖା ଯାଇପାରେ: "ତୁମକୁ ଆଲିଙ୍ଗନ କଲେ / ଲାଗେ ସମୟ ସମାଧି ନେଉଛି / ତୁମ ଠାରେ./ ନିଜକୁ ବି ଅକସ୍ମାତ ଛୁଇଁ ହେଇଯାଏ / ତୁମେ ଥିଲେ ଆଲିଙ୍ଗନରେ ।" ଦେହଜ ପ୍ରେମରୁ କବିଙ୍କ ଊର୍ଦ୍ଧ୍ୱ ଉଡ଼ାଣକୁ ଏଠାରେ ଲକ୍ଷ୍ୟ କରାଯାଇପାରେ । "ସମସ୍ତ ଗ୍ରହ ନକ୍ଷତ୍ର ଅନ୍ତରୀକ୍ଷ / ଶୂନ୍ୟ ହୋଇଯାଏ, ଏକ ଅଦ୍ଭୁତ ରଂଗ /. ଦିଶିଯାଏ ମୋ ଚାରିପଟେ / ତାକୁ ଅନ୍ଧାର କହି ହେବନି / ଆଲୁଅ ବି । / ଏକ ଅଶ୍ରୁତ ରାଗିଣୀରେ ପୂରିଯାଏ / ଯେତକି ଶୁଣାଯାଏ ତା'ଠୁ ବେଶୀ / ଅଶୁଣା ରହିଯାଏ ।" (ଆଉ ସବୁ ସାକ୍ଷାତରେ, ପୃ.୭୦) । 'ସମୟ ପ୍ରେମମୟ' କବିତାରେ ବି ଏହି 'ଆଲିଙ୍ଗନ'ର ବିରଳ ସ୍ୱରୂପ ଦେଖିହୁଏ- "ତୁମେ ଆସିଗଲ ମୋ ଆଲିଙ୍ଗନକୁ / ମୁଁ ଚାଲିଗଲି ତୁମ ଆଲିଙ୍ଗନକୁ / ଆମେ ଆମର ଆକାର ଉଜେଇଁ ଦେଲେ / ଉଭୟ ପାଲଟି ଗଲେ ସମୟ / ସେଇ ଦିନଠୁ ବହି ଚାଲିଛୁ ଏଇ ପୃଥିବୀରେ / ସମସ୍ତଙ୍କ ସାମ୍ନାରେ / ଏବଂ ବି ଅଗୋଚରରେ ।" (ଆଉ ସବୁ ସାକ୍ଷାତରେ, ପୃ.୭୭)

ଶବି ଶ୍ରୀ ନାୟକ କୁହନ୍ତି, "ଓଡ଼ିଆ କବିତାର ପରଂପରା ବେଶ୍ ସମୃଦ୍ଧ । ଏବେ ବୁଝୁଛି, ମୋ ପିଲାବେଳେ କବିତାମୟ ଥିଲା । ଗାଁରେ ପ୍ରକୃତି ଓ ସଂସ୍କୃତିର ପ୍ରାବଲ୍ୟ ଥିଲା । ପରଂପରା ମୋ ଚାରିପାଖରେ ଥିଲା । ସେମାନେ ମତେ କଥା ଶିଖେଇଲେ । ଦେଖିବାର ଓ ଭାବିବାର ଢଙ୍ଗ । ଗାଁ ଜୀବନଶୈଳୀରେ କବିତା ଭରପୂର ଥିଲା । ଭାଗବତ ଟୁଙ୍ଗୀ ଠୁ ପାଲା, ଦାସକାଠିଆ ସବୁଠି କବିତା । ମୁଁ ସେଇ ପରଂପରାରୁ ଆସିଛି; ଆଉ ରହିବି କେଉଁଠି ? ମୁଁ ଓଡ଼ିଆ କବିତାର ପରଂପରାରେ ନିଜକୁ ଯୋଜନା କରି ସାମିଲ କରିନି; ମୁଁ ତ ସେ ପରଂପରାର ଧାରକ ଓ ବାହକ ।"

ରକ୍ଷକଙ୍କ ପରି କବିଟିଏ ସତରେ ନିଜ ପରଂପରାର ଧାରକ ଓ ବାହକ । ପାଲା ହେଉ ବା ହେଉ ଦାସକାଠିଆ, ଚଂପୂ ହେଉ ବା ଛାନ୍ଦ ସବୁଠି ଲୀଳାମୟ କୃଷ୍ଣ ଓ ଜଗନ୍ନାଥଙ୍କ ଲୀଳା ମହିମା ଗାନ କରାଯାଏ । ଜଗନ୍ନାଥ ସଂସ୍କୃତିରେ ଜନ୍ମିତ ଓ ପ୍ରତିପାଳିତ ତଥା ତାକୁ ନିଜ ଭିତରେ ବହନ କରିଥିବା କବି ରକ୍ଷକଙ୍କ କବିତା ସଂକଳନର ନାମକରଣରୁ, ତାଙ୍କ ଉପରେ ଏହି ସଂସ୍କୃତିର ପ୍ରଭାବ ଅନୁମାନ କରିହୁଏ । 'ଊର୍ଦ୍ଧ୍ୱ ଉଡ଼ାଣ' ହେଉ କି ହେଉ 'ବ୍ରହ୍ମଶିଳା', 'ଅନ୍ୱେଷା ଅହର୍ନିଶ' ହେଉ କି ହେଉ 'ବିମ୍ବସାନ', କବିତାର ଛତ୍ରେଛତ୍ରେ ଏହି ସାଂସ୍କୃତିକ ଅନୁଚିନ୍ତା ଓ ଅବବୋଧ ଉପଲବ୍ଧି କରିହୁଏ । ଉଦାହରଣ ସ୍ୱରୂପ: (୧) କେହି, ଫେରନ୍ତିନି / ଡିଆଁ ଡେଇଁ ଖେଳରୁ, ଦାରୁଦିଅଁ, ଦାରୁ ଆଡ଼ଡାରୁ । (ଊର୍ଦ୍ଧ୍ୱ ଉଡ଼ାଣ, ପୃ-୭୩) (୨) ନା ଫେରେ କଙ୍କଣଲୋଭୀ ବ୍ରାହ୍ମଣ ନା ଅଭିମନ୍ୟୁ / ଫେରେନି ରତ୍ନ, ମାଂଡେଲା ଜେଲ୍‌ରୁ, ଭେଂଡା / ଅସୁରୁଣୀ ଗପରୁ / ଫେରେନି ମନ ନଈରୁ / ଫସଲ ଧୋଇରୁ / ଫେରେନି ଧରମା, କୋଣାର୍କରୁ ।" (ଊର୍ଦ୍ଧ୍ୱ ଉଡ଼ାଣ, ପୃ-୭୩) (୩) ଅନ୍ତରୀକ୍ଷରୁ ଆଲୋକ ବିନ୍ଦୁଏ / ବୈରାଗ୍ୟର ଚନ୍ଦନ ଟୋପାଟେ ପରି / ଆସରର ଅଗଣାରେ କେନ୍ଦ୍ରୀଭୂତ, (ବ୍ରହ୍ମଶିଳା, ପୃ.୩୭)

କବି ଯେଉଁ ସମୟରେ ନିଜ ଲେଖନୀ ଚାଳନା ଆରମ୍ଭ କରିଥିଲେ, ଓଡ଼ିଆ କାବ୍ୟ-ଜଗତ ଏକ ନବଜାଗରଣ ଆଡ଼କୁ ଅଗ୍ରସର ହେଉଥିଲା । ସହରର ଚାକଚକ୍ୟ, ବିଦେଶୀ ଚିଜ, ବିଦେଶୀ ସଂସ୍କୃତିର ଅନୁକରଣ, ମିଛ ଦୁଃଖରେ ମ୍ରିୟମାଣ କାବ୍ୟ ପଂକ୍ତି- ଏସବୁ ଠାରୁ ମୋହ ତୁଟେଇ କବିମାନେ ନିଜ ଗାଁ ଅଭିମୁଖେ ନିଜ କାବ୍ୟସ୍ୱରକୁ ନେଇଯିବା ପାଇଁ ତତ୍ପର ଥିଲେ । ଏକ କାଳଖଣ୍ଡରେ ଏପରି ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା । ମାତ୍ର କବି ରକ୍ଷକଙ୍କ କବିତାର କାବ୍ୟ-ବ୍ୟକ୍ତିତ୍ୱ ଏଥିରୁ ଟିକିଏ ନିଆରା । ସେ କେବେ ହେଁ ନିଜ ଭୂମି, ନିଜ ଭାଷାକୁ ଛାଡ଼ି ନାହାନ୍ତି । ଆରମ୍ଭରୁ ହିଁ ନିଜ ଭୂମି ଓ ଭାଷାର ଗାରିମାକୁ ତା'ର ଉଦ୍‌ଭାସିତ ଇତିହାସକୁ ପୂଜା କରି ଆସିଛନ୍ତି । ନିଜ ଅସ୍ମିତାର ଜୟଗାନ ତାଙ୍କ କାବ୍ୟସ୍ୱରର ଏକ ଅନନ୍ୟ ବୈଶିଷ୍ଟ୍ୟ । ଏଣୁ ତାଙ୍କ କବିତାର ଗଠନରେ ଓଡ଼ିଆ କାବ୍ୟ-ଶିଳ୍ପର ସାଂଗୀତିକତା, ଲୟବଦ୍ଧତା ଦେଖାଯାଏ । ଆଧୁନିକ ଗଦ୍ୟ କବିତା ଶୈଳୀରେ ଲେଖା ହେଲେ ହେଁ ତାଙ୍କ କବିତା ଯେଉଁ ଅନନ୍ୟ ଲାଳିତ୍ୟ ବହନ କରେ, ତାହା ବିରଳ ।

କବି ରକ୍ଷକଙ୍କ କବିତା ସବୁର ଅନୁଧ୍ୟାନରେ, ସେ ଯେ ଜଣେ ନିଜସ୍ୱ ଦର୍ଶନର କବି, ନିର୍ଦ୍ୱିଦ୍ୱରେ କହିହେବ । ଊିକିପଡ଼ିଆ, ଫିଲୋସୋଫିକାଲ୍ ପୋଏଟ୍‌ର ସଂଜ୍ଞା ଦେବାକୁ ଯାଇ ଲେଖେ- "Philosophical poets like mystics, anchor themselves, through an ideal, to the intelligible from of the object by juxtaposing its symbol and qualities...their writings address truth Through figurative language. In questions related to the meaning of life". କବି ରକ୍ଷକ ଏମିତି ଜଣେ ରହସ୍ୟ ଭେଦକାରୀ କବି ଯିଏ ନିଜସ୍ୱ ଦର୍ଶନକୁ ପର୍ଯ୍ୟାପ୍ତ ଯୁକ୍ତି ଦେଇ ଉପସ୍ଥାପନ କରନ୍ତି ଏବଂ ତାକୁ ପ୍ରତିଷ୍ଠା ମଧ୍ୟ ଦିଅନ୍ତି । କବିଙ୍କ କବିତାରେ 'ଅନ୍ଧାର' ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରଖେ । ଦାନ୍ତେ, ବ୍ଲେକ୍, ଶେଲୀ, ଏଲିଅଟ୍, ତୁଳସୀ ଦାସଙ୍କ ପରି ଫିଲୋସଫିକାଲ୍ କବିମାନଙ୍କ ପରି କବି ରକ୍ଷକ ନିଜସ୍ୱ ଦୃଷ୍ଟିଭଙ୍ଗୀ ଏବଂ ପ୍ରଜ୍ଞାରେ 'ଅନ୍ଧାର'କୁ ଉପସ୍ଥାପିତ କରାନ୍ତି । ପ୍ରାଚ୍ୟ କାବ୍ୟ ପରଂପରାରେ ଉଭୟ ଆଲୋକ ଏବଂ ଅନ୍ଧାରର ମର୍ଯ୍ୟାଦା ରହିଛି । ପାଶ୍ଚାତ୍ୟ କାବ୍ୟ ପରଂପରାରେ, ବାଇରନଙ୍କ କବିତାରେ ଅନ୍ଧାର- ଦୁଃଖ, ଯନ୍ତ୍ରଣାର ପ୍ରତୀକ ଭାବରେ ଉପସ୍ଥାପିତ, ସ୍ମିଥ୍ ତାଙ୍କ କାବ୍ୟ-ଦର୍ଶନରେ 'ଜୀବନ ଏକ ଅନ୍ଧାର ରାସ୍ତା' ବୋଲି ବର୍ଣ୍ଣନା କରିଥିବା ବେଳେ, କବି ରକ୍ଷକ 'ଅନ୍ଧାର ଯେ ଆଲୁଅ ଠାରୁ ଭଲ' ବୋଲି ଦର୍ଶାଇଛନ୍ତି ନିଜ କବିତାରେ । କବିଙ୍କ ଅନୁଧ୍ୟାନ "ସବୁ ଝାପ୍‌ସା ଝାପ୍‌ସା / ଏ ଜୀବନ ବି / ସତ କି ମିଛ / କିଛି ବି ପ୍ରମାଣ ନାହିଁ ।" (ବିମ୍ବସ୍ନାନ, ପୃ.୮୯) । ଜୀବନ୍ ଝାପ୍‌ସା ଝାପ୍‌ସାରୁ ସ୍ପଷ୍ଟ ଚିତ୍ରଟିଏ ହୋଇ ଆସି ଯାଉଛି, କବି ଯେତେବେଳେ ଉଚ୍ଚାରଣ କରୁଛନ୍ତି- "କିଏ ବା ଅନ୍ଧାର ଦେଖିବାକୁ ଚାହେଁ / ଆଲୁଅର ମାୟାରେ ଆପେ ଆସିଯାଏ ।" ଅର୍ଥାତ୍ ଆଲୁଅ ଏକ ମାୟା, ଯଦିଓ ଅନ୍ଧାରକୁ ଏଇଠି କବି ଗ୍ରହଣ କରି ପାରିନାହାନ୍ତି । ପରବର୍ତ୍ତୀ ପଦରେ କିନ୍ତୁ 'ଅନ୍ଧାର' ଉଦ୍‌ଭାସିତ ହେଉଛି । କବିଙ୍କ ସ୍ୱୀକାରୋକ୍ତି, "ଯେତେ ଯେତେ ଅନ୍ଧାର ଘାଣ୍ଟୁଛି / ସେତେସେତେ ଆଲୁଅ ମଳିନ ପଡୁଛି ।" (ଅନ୍ୱେଷା ଅହର୍ନିଶ, ପୃ.୮୩) । ପରେପରେ କବି ସ୍ପଷ୍ଟ କରୁଛନ୍ତି ଅନ୍ଧାରକୁ ନେଇ ତାଙ୍କ ବକ୍ତବ୍ୟ- "ଆଲୁଅର ଆସ୍ତରଣରେ / ଲୁଚି ଯାଇଛି, ଅସଲ ଦ୍ରବ୍ୟ ଓ ଦୃଶ୍ୟ / ଜୀବନ୍ତ ସମୟର ଅଙ୍କନ / ଆଲୁଅ ଘୋଡ଼େଇ ଦେଇଛି, ଦୂରେଇ ରଖିଛି; / ମାୟା ଲଗେଇଛି / ରଚିଛି / ପଥଭ୍ରଷ୍ଟ କରାଇଛି / ଅନ୍ୱେଷର ।" (ଶେଷହୀନ ସନ୍ତରଣ, ପୃ.୩୭) । ସତରେ କବିଙ୍କ ସ୍ୱୀକାରୋକ୍ତି ସହ ଏକମତ ହେବାକୁ ହୁଏ ଯେ "ଯାହା ଦିଶୁଛି, ତାହା

ଦୃଶ୍ୟ ନୁହେଁ / ଏସବୁ ଆଲୁଅର ଖେଳ ।" ଆଲୁଅ ହିଁ ରୋପି ଦେଇଛି ଆଭାସୀ ପରଳ । ଆଲୁଅ ଏକ ମାୟା, ଭ୍ରମ, ଆଲୁଅ ଲୁଚିବାର ଏକ ନୂତନ ତରିକା । ଆଲୁଅ ସଦାବେଳେ ଅଳ୍ପାୟୁଷ । ଅନ୍ଧାର ହିଁ ଚିରକାଳର ସତ୍ୟ । କବିଙ୍କ ଦର୍ଶନ ସମ୍ବଳିତ ଯୁକ୍ତି ଯେ ଅକାଟ୍ୟ, ଏ ପଂକ୍ତି ସମୂହରୁ ଦେଖା ଯାଇପାରେ- ଆଲୁଅ ଆରମ୍ଭରୁ ନଥିଲା / ଥିଲା କେବଳ ଅନ୍ଧାର । / ଆଲୁଅ ଅନ୍ଧାରର ବିପରୀତ ନୁହେଁ; / ଅନ୍ଧାର ବିକଳ୍ପହୀନ;/ କ୍ରିୟା ନାହିଁ ପ୍ରତିକ୍ରିୟା ନାହିଁ / ଅନ୍ଧାର ହିଁ ଏକମାତ୍ର ସତ୍ୟ । / ଆଲୁଅ ଏକ ମାୟାର ସୃଷ୍ଟି / ଏକ ବିକୃତ ବର୍ଣ୍ଣନ ।" **(ଶେଷହୀନ ସନ୍ତରଣ, ପୃ.୩୮)**

ଏସବୁ ପରେ ଯେଉଁ ଏକ ନୂଆ ସତ ପାଖକୁ କବିଙ୍କ ଦର୍ଶନ ନେଇଯାଏ, ସେଇଟି ହେଉଛି- "ଆଲୁଅକୁ ପୋଛି ଫୋପାଡ଼ିବାକୁ ହେବ / ଅବିକଳ ସୃଷ୍ଟି ଓ ସର୍ଜନାର / ଶ୍ରୀ ଓ ଶିରୀ ପାଖରେ / ପଂଚିବାକୁ ହେବ ।" କବିଙ୍କ ଯୁକ୍ତି "ଅନ୍ଧାରରେ ବାଟ ଦେଖାଯାଏ / ଟର୍ଚ୍ଚ, ଦୀପ, ମଶାଲ...ଏସବୁ / ପ୍ରକୃତରେ ଭୁଲ୍ ବାଟରେ ନିଏ ।" ସତରେ ଅନ୍ଧାର ଯେବେ ଏକମାତ୍ର ସତ୍ୟ, ଆଲୋକ ଯେବେ ଭ୍ରାନ୍ତି, ସେଠି ଆଲୋକର ଉପାଦାନମାନେ ଯେଉଁ ବାଟ ଦେଖାନ୍ତି ତା'ହା ମାୟା ହିଁ, ଭ୍ରାନ୍ତି ହିଁ, ଭ୍ରମ ହିଁ । ସତ ଠାରୁ, ସତର ଶ୍ରୀ ଓ ଶିରୀ ଠାରୁ ଅନେକ ଦୂରରେ । ଏକ ସନ୍ୟାସୀର ସ୍ୱର କୁହନ୍ତୁ ବା କୁହନ୍ତୁ, ଉତ୍ତର-ଆଧୁନିକ କବିର ସ୍ୱର, କବି ରକ୍ଷକ ଏଇ ସତ୍ୟକୁ ପ୍ରତିଷ୍ଠା କରାଇବାର ସବୁ ଯୁକ୍ତି ଦେଖେଇ, ନିଜେ ଅପସରି ଯାଆନ୍ତି, ଯଥେଷ୍ଟ ନିର୍ଲିପ୍ତତାର ସହ । କବି ଶେଷରେ କହୁଛନ୍ତି- "ଏକଥା ସିନା କହୁଛି / ମତେ ଶୁଣୁଛି କିଏ ?" **(ଶେଷହୀନ...ପୃ.୩୯)**

କେବଳ ଆଲୋକ-ଅନ୍ଧାରର ସଂଘାତରୁ ନିର୍ଗତ ଦର୍ଶନ ନୁହେଁ କବିଙ୍କ କାବ୍ୟ-ସ୍ୱର ଏମିତି ଅନେକ ନୂତନତ୍ୱ ପ୍ରତିଷ୍ଠା କରିଛି ନିଜ କବିତାରେ । କେବଳ ବିଷୟବସ୍ତୁ ନୁହେଁ, ଉପସ୍ଥାପନାର ନାଟକୀୟତା, ଛନ୍ଦମୟତା, ଚମତ୍କାର ଚିତ୍ର ସଂଯୋଜନା ତଥା ଆଲିଟରେସନ୍ ବ୍ୟବହାର ଜନିତ ଶ୍ରୁତି-ମଧୁରତା ଯୋଗୁଁ କବି ରକ୍ଷକଙ୍କ କାବ୍ୟସ୍ୱର ଅନନ୍ୟ । ଏଗାରଟି କାବ୍ୟ ସଂକଳନର ସ୍ରଷ୍ଟା କବି ରକ୍ଷକଙ୍କ କବିତା ଅନେକ ଆପ୍ତ ବାକ୍ୟରେ ଭରପୁର । ଯେମିତି- (୧) ଜୀବନ ଆଉ କ'ଣ କି ! / ଏଇ ଅବିରତ କଂପନର ଗୁପ୍ତ ଏକ ଘର ।" **(ଶେଷହୀନ...ପ.୧୭)**, (୨) ଦୃଶ୍ୟ ଭିତରେ ଥାଏ ଦର୍ଶନ / ଭ୍ରମଣ ଭିତରେ ଥାଏ ଭୂୟୋ । **(ବିୟସ୍ମାନ,ପୃ.୭୨)** (୩) ଅସରନ୍ତି ଯାତ୍ରା / ଅସମାପ୍ତ ଅଭିଳାଷ / ଖାଲି କମା ପରେ କମା ନାହିଁ ପୂର୍ଣ୍ଣଚ୍ଛେଦ । (ଅନ୍ୱେଷା ଅହର୍ନିଶ-ପୃ-୧୧୮) (୪) ଛାଇ ସତ ନା / ସତ ଗୋଟେ ଛାଇ ? **(ଅସରନ୍ତି ଅନ୍ତାକ୍ଷରୀ, ପୃ.୭୫)** (୫) ମୁଁ ଅପେକ୍ଷାର ଏକ ଅକ୍ଷୟ ଅକ୍ଷର । **(ଆଉ ସବୁ ସାକ୍ଷାତରେ, ପୃ.୯୧)**

ନିଜ ଭିତରର ନିର୍ଜନତା, ସମୟର ମହିମାକୁ କବିତ୍ୱରେ ହନନ, ଭ୍ରମ, ଭ୍ରାନ୍ତି ବା ମାୟାର ରୂପ ନିରୂପଣ ପରି ଅମୂର୍ତ୍ତ ବିଷୟବସ୍ତୁ ଠାରୁ ଆରମ୍ଭ କରି, ଏଭେରେଷ୍ଟ୍ ଚଢ଼ାଳୀ କଳ୍ପନା, ଭୋକର ମାନଚିତ୍ର କନ୍ଧମାଳ, ବିଶ୍ୱାସର ଗନ୍ତାଘର ବାପା ଆଦି ସମସ୍ତେ କବି ରକ୍ଷକଙ୍କ ଶବ୍ଦ ସଂଯୋଜନା ଓ ଅନନ୍ୟ ଶୈଳୀରେ ଉଦ୍‌ଭାସିତ ତାଙ୍କ କବିତାରେ । ନିଜ କାବ୍ୟ ପରଂପରାରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିପାରିଥିବା କବି ରକ୍ଷକ, ପ୍ରକୃତରେ ଏ ପରଂପରାର ଜଣେ ଉଚିତ ଦାୟାଦ, ଧାରକ ଏବଂ ବାହକ ବୋଲି ସିଦ୍ଧ କରିଛନ୍ତି ନିଜ କାବ୍ୟ-ସାଧନା ଜରିଆରେ ।

## ପିନାକୀ ମିଶ୍ର (୧୯୬୯)



ପିନାକୀ ମିଶ୍ର

କବି ପିନାକୀ ମିଶ୍ର ସାଂପ୍ରତିକ ଓଡ଼ିଆ କାବ୍ୟଜଗତରେ ନିଜର କାବ୍ୟ-ସ୍ୱରର ଅନନ୍ୟତା, ଗମ୍ଭୀରତା ଏବଂ ସମ୍ବେଦନଶୀଳତା ପାଇଁ ଆଦୃତ । ତାଙ୍କ କବିତାରେ ମଣିଷ ପ୍ରତି ଭଲପାଇବା ତଥା ଏକ ସହୃଦୟତା ପାଠକ ହୃଦୟ ଯାଏଁ ବହି ଆସେ । କବିଙ୍କ ଭାଷାରେ, "କବିତା ବଡ଼ ଅସହଜ କଳା ।...ମାଟି ମନ ଠାରୁ ଦୂରେଇ ଯାଉଥିବା ମଣିଷକୁ ସରଳ, ସହୃଦୟ କରେଇବାର ପ୍ରଚେଷ୍ଟା ଥାଏ ମୋ କବିତାରେ । + + + ହଲେ ପାଦ ଦୀର୍ଘ ପଥ କ୍ଳାନ୍ତି ନାହିଁ, ଆନନ୍ଦ ଭରପୂର । ସମାଜରୁ ଦୁଃସ୍ଥିତି ଘୁଂଚିଯାଉ, ମଣିଷ ମାଟି ଉପର ଘଡ଼ିଏ ବସୁ, ଆନର ଦୁଃଖ ଦୁଆରେ ଠିଆହେଉ... ।"

କବିତାରେ ଗଭୀର ଜୀବନବୋଧର ଏକ ପ୍ରଜ୍ଞାଶୀଳ ପରିସ୍ଫୁଟନ ଘଟିଥାଏ କବି ଶ୍ରୀ ମିଶ୍ରଙ୍କ ପାଖରେ । ଭାବବିନ୍ୟାସରେ ଦୁର୍ବୋଧ୍ୟତାକୁ ତ୍ୟାଗ କରି ସେ ଯେଉଁ ସରଳ ଅଥଚ ଗଭୀର ମନନକୁ କବିତାରେ ବ୍ୟଂଜିତ କରନ୍ତି, ତାହା ସମସାମୟିକ ଅନ୍ୟ କବିଙ୍କ ଠାରୁ ତାଙ୍କୁ ଅଲଗ କରି ତୋଳେ । କବିତା ତାଙ୍କର ଗାଉଥାଏ ଜୀବନର ଦୋହା, ଉଚ୍ଚାରୁଥାଏ ସଂପର୍କର ସ୍ତୋତ୍ର । ହଜି ହଜାଉଥାଏ ପ୍ରକୃତି ଏବଂ ମଣିଷର ଗୋପନ ସଂଗୀତର ମୂର୍ଚ୍ଛନାରେ । କେବେ କେବେ ଜୀବନ ପ୍ରତି ଶ୍ଳେଷ, ମଣିଷ ଚରିତ୍ର ପ୍ରତି ବିଦ୍ରୂପ ତାଙ୍କ କବିତାର କାନ୍‌ଭାସ୍‌ରେ ସପ୍ତରଂଗର ଇନ୍ଦ୍ରଧନୁ ଆଙ୍କିଛନ୍ତି ତ କେବେକେବେ କବି ଜୀବନର ଶେଷ ମୁହୂର୍ତ୍ତର ବର୍ଣ୍ଣନାକୁ ବି ଅପୂର୍ବ କୋମଳତାରେ ଭରି ଦେଇଛନ୍ତି ।

ଶ୍ରୀ ମିଶ୍ରଙ୍କ କବିତାରେ ଜୀବନକୁ ଦେଖିବାର ନିଆରା ବାଗଟି ଏକ ଅଦ୍ଭୁତ ସଂଯୋଗର ସେତୁ ତିଆରେ ପାଠକ ପାଇଁ । ସେ ହେଉ ପୌରାଣିକ ଚରିତ୍ର ବା ଐତିହାସିକ ଗୁରୁତ୍ୱ ବହନ କରୁଥିବା ସ୍ଥାନ- ଏକ ଅନନ୍ୟ ଭାବରେ ଯୋଡ଼ି ନିଅନ୍ତି ପାଠକକୁ, ଏକ ଚମତ୍କାର ଭାବ ସୃଷ୍ଟି କରାନ୍ତି ପାଠକ ମନ ଓ ହୃଦୟରେ । 'ଦେବକୀ' ପରି ଏକ ପୌରାଣିକ ଚରିତ୍ରକୁ କବିଙ୍କ ଆଟୋପ ଦେଖାଯାଉ- "ପ୍ରଗାଢ଼ ବିଶ୍ୱାସ ଅଛି ବୋଲି ତ'/ ଗୋଟେ ଦୀର୍ଘଶ୍ୱାସ ପହଂଚିଗଲା ବଇକୁଣ୍ଠରେ / ଦିଅଁ ଦେଖିନି ବୋଲି / ଗୋଟେ ଅଭିମାନ ଝୁଙ୍କେଇ ଦେଲା ଅଚଳ ମେରୁକୁ," **(କାଲିର ସକାଳ,ପୃ.୨)** କିନ୍ତୁ ଅହଂକାରର ପରିଣତି ଓ ତା'ର ସ୍ୱୀକାରୋକ୍ତିର କଳାତ୍ମକତା ଏବଂ ହୃଦୟକୁ ଆପ୍ଳୁତ କରି ରଖିବାର ଏକ ଚମକ ଦେଖାଯାଉ ଏଠି କବିତାର ଶେଷ ପଦରେ- "ଗରବ ଫୁଲା ମାତୃତ୍ୱ / ଆଶ୍ୱାସନାରେ ମୁଣ୍ଡ ଟେକିଲା / ଭୟରୁ ଜନ୍ମିଲା ଅଭୟ- ଚାହିଁଲି ଦଶଦିଗ, / ହେଲେ ତା' ଲାଗି ମୁଁ ଆଗ ହେଲି ନାହିଁ / ଅହଂକାର ନାଶିବା / ମୋ ଠୁ ଆରମ୍ଭ କଲା ସେ (!)/ ମୋତେ ଆଳ କରି / ତା' ପ୍ରଭୁତ୍ୱର ସ୍ଫୁରଣ ଘଟିଲା ।" **(କାଲିର ସକାଳ, ପୃ.୨)** । 'ଦେବକୀ' ପରି ଏକ ପୌରାଣିକ ଚରିତ୍ର ଦୁଃଖର, ସହନଶୀଳା ନାରୀର, ପ୍ରୋଟୋଟାଇପ୍ ଭାବରେ ଓଡ଼ିଆ କବିତାରେ ବ୍ୟବହୃତ । ଯେଉଁ 'ଅହଂକାର'ର ଦମନ ଏଠି ଘଟିଛି, ସେ ଯେଉଁ କ୍ଷମତା ବା ଶକ୍ତିର କଥା କହୁଛନ୍ତି ତା'ର ପ୍ରତୀକ ଭାବରେ ଦେବକୀ ଚରିତ୍ରଟି କେଉଁଠି ବ୍ୟବହୃତ ହେବା ନଜିର ନାହିଁ । ସେହିପରି 'ସାବରମତୀ ତୀରେ' କବିତାରେ ସାବରମତୀ ଏଠି

ଯେତିକି ମହାତ୍ମା ଗାନ୍ଧୀଙ୍କ ଗାଥା ଗାଉଛି, ସେତିକି ସେ ଏବେ ଏବେ ଅଲୋଡ଼ା, ଅବାଂଛିତ ହେବାର ଦୁଃଖ ବର୍ଣ୍ଣନା କରୁଛି । 'ସାବରମତୀ ତୀରେ' କବିତାରେ କବି କୁହନ୍ତି 'ସେ' ନଈରେ ଯେ ସତ୍ୟର ସୂର୍ଯ୍ୟରେଣୁ କେବେଠୁ ପଡ଼ିନାହିଁ / ସେ' ବାଲିରେ ଯେ ଶାନ୍ତି ସନ୍ଥର ପାଦଚିହ୍ନ ଆଉ ଦିଶୁନାହିଁ / ଚାତକୀ ପୂର୍ଣ୍ଣମା ଅପେକ୍ଷାରେ କେବେଠୁ ଶୋଇ ନହିଁ / ନିଜ ବିଷାଦ ଲୁହରେ ନିଜେ ଲୁହନଈ ।" **(ସୂର୍ଯ୍ୟସଂଧି, ପୃ.୧୧)**

ତେଣୁ କ୍ଷୋଭ ଭରା କଣ୍ଠରେ, ଶ୍ଳେଷ ଭରା ଭାବରେ କବି ପ୍ରଶ୍ନ ତୋଳେ "ନଈର ପୁଣି ଦୁଃଖ କ'ଣ ? / ସ୍ରୋତ ଚାଲିଛି ଅବିରତ / ତେବେ କେଉଁଠି ଦିଗହଜା !" କେବଳ ସାବରମତୀ ନୁହଁ, ସବୁ ଐତିହ୍ୟ, ସବୁ ପୁରାଣକୁ ଛାତିରେ ଧରି ନୀରବରେ ଆଧୁନିକ ସମାଜର ଯନ୍ତ୍ରଣାକୁ ଯଥେଚ୍ଛାକୁ ସହ୍ୟ କରୁଥିବା ପ୍ରତ୍ୟେକ କୀର୍ତ୍ତିରାଜି ମୁକ ସାକ୍ଷୀମାନଙ୍କ ପ୍ରତୀକ । ଏସବୁ ସତ୍ତ୍ୱେ କବିଟିଏ ଆଶା ବାନ୍ଧେ । ସ୍ୱଚ୍ଛ ଅନୁରାଗର କଥା କୁହେ, କଥା କୁହେ ସକାରାତ୍ମକତାର ଯାହା କବିଙ୍କ ସମୟର ଆହ୍ୱାନ । ସେ କୁହନ୍ତି- "ଏଥର ଦେଖିବ/ ସ୍ୱଚ୍ଛ ଅନୁରାଗରେ କଇଁ ଫୁଟିଛି ସେଇ ପାଣିରେ / କାଗଜ ଡଂଗା ଭାସି ଆସୁଛି ଉଲ୍ଲାସରେ / ଅନେଇଁ ଥାଅ- ଛାତି ହୋଇଯିବ ଇନ୍ଦ୍ରଧନୁ / ଦଳ-ଦଳ ଚିତଳ ପରି..." **(ସୂର୍ଯ୍ୟସଂଧି,ପୃ.୧୪)**

ଯେଉଁ ସମୟରେ ସାବରମତୀ ଅଲୋଡ଼ା ହୋଇଯାଏ, କବି ସେ ସମୟ କଥା କୁହନ୍ତି, ଯନ୍ତ୍ରଣାକୁ ଉଖୁରେଇ ଦିଅନ୍ତି ନିଜ କଳାତ୍ମକତାରେ ସତ, ପୁଣି ରସାମୃତର ଘଡ଼ିଧରି ପହଂଚି ଯାଆନ୍ତି ଆଶାର ଝଲକ ଛାଟି ଦେଇ ଇନ୍ଦ୍ରଧନୁ ପରି ।

କବି ଶ୍ରୀ ମିଶ୍ର ଯେଉଁ ସମୟରେ କବିତା ରଚନା କରନ୍ତି, ସେ ସମୟ ଉତ୍ତର-ଆଧୁନିକ କବିତାର ବୈଶିଷ୍ଟ୍ୟକୁ ପ୍ରତିଫଳନ କରାଏ । ଗାଁ ମନସ୍କତା, ମାଟି ମଗ୍ନତା ସହ କବିତାରେ ଘଟଣାବଳୀ କେବେ କେନ୍ଦ୍ରବିନ୍ଦୁରୁ ପରିଧି ଆଡ଼କୁ ପ୍ରସାରିତ ହେଉଥାଏ ତ କେବେ ପରିଧିରେ ବିନ୍ଦୁ ବିନ୍ଦୁ ଆକାରରେ ସଜ୍ଜିତ ବିବିଧ ଘଟଣା କେନ୍ଦ୍ରବିନ୍ଦୁ ଆଡ଼କୁ ପ୍ରସାରିତ ହୋଇଥାଏ । କବି ଶ୍ରୀ ମିଶ୍ର ଏ ପ୍ରକାରର କବିତା ରଚନାରେ ଏକ ସଫଳ ବିନ୍ଧାଣୀ । କିଛି ଉଦାହରଣ ଏହିପରି: (୧) ଫେରି ଆସନ୍ତା କି / ଉଜୁଡ଼ା କ୍ଷେତକୁ / ଗାଁର ପାରିଲାର ସମର୍ଥ ଯୁବକ / ଫେରି ଆସନ୍ତାକି / କାମୁକ ପଲଙ୍କ କବଳରୁ / ବଣରେ ଛେଳି ଚରଉଥିବା ନାବାଳିକା / ଏଥର ପ୍ରଶ୍ୱାସରେ ବାହାରିଯା'ନ୍ତା କି / ହାତସନ୍ଧିରେ ଲୁଚିଥିବା କଳୁଷ ଭାବନା / ହସ ଲାଗନ୍ତା ଫୁଲଠୁ କୋମଳ ।" **(ବିଭାବରୀ, ପୃ.୧୧)** (୨) "ବାଜେଝିଅ / ;ଗୋଟେ ଡଙ୍ଗା ଦୋଳିର ନୁଆଁଣିଆ ଡାଳ, / ଦୋଳି ବାହିଲେ ନିଲଠା ମରଦର ବାଘଜଳ,./ ସୁକୋମଳ ତନୁ ସଳିତାରେ ପାହାଡ଼ ଚାପା / ଦାନ୍ତ କାମୁଡ଼ି ପଡ଼ିଥାଏ ବିଚାରୀ / ମରୁଝଡ଼ର ଓଟ ପରି / ଝାଳ ଉତୁରିଲେ / ବାଘ ଫେରେ ପରାସ୍ତ, ଦୁର୍ବଳ ପରି ।" **(ବିଭାବରୀ, ପୃ.୨୦)** (୩) "ସକାଳ / ସାନ୍ତ୍ୱନା ଦିଏ ନା ଭଗାରୀ ହୁଏ ! / ବେଳେବେଳେ ମନେପଡ଼େ / ଅତୀତ ଅନର୍ଥର ପିଲାବେଳ, / ଅଦିନ ଅସ୍ତରେ ଝଡ଼ିପଡ଼ିଥିବା ପରିବାର..." **(ବିଭାବରୀ, ପୃ-୨୧)**

କବି ଶ୍ରୀ ମିଶ୍ରଙ୍କ କାବ୍ୟ ଅବବୋଧ ଭିତରେ ଗଭୀର ଜୀବନବୋଧର ଅନ୍ତର୍ଦୃଷ୍ଟି ଓ ତନ୍ମୟ ଭାବରେ ଗଭୀର ପ୍ରତିଫଳନ ଦେଖିବାକୁ ମିଳେ । କବିତାରେ କବିଙ୍କ ଆତ୍ମମଗ୍ନତା ଏବଂ ଗୂଢ଼ ଚିନ୍ତନ ସହିତ ଏକ ଗମ୍ଭୀର କାବ୍ୟ-ଶୈଳୀ ତାକୁ ଅନନ୍ୟ କରେ । ପ୍ରେମ ବିଷୟକ କବିତା କବି ଶ୍ରୀ ମିଶ୍ରଙ୍କର ଏକ ପରିଚିତ ଭାବର କବିତା । ପ୍ରେମ ଓ ପ୍ରଣୟର ଭାବରେ ତାଙ୍କ କବିତା ଅପୂର୍ବ ତାନରେ ମୂର୍ଚ୍ଛନା ତୋଳେ । ଏ ସମୟର କବିତା ଆଉ ଦୁର୍ବୋଧ ହୋଇନାହିଁ; ସ୍ୱଚ୍ଛ, ସାବଲୀଳ ଏବଂ ଏକ ଦିଗ ନିର୍ଦ୍ଦିଷ୍ଟ । କବି ପିନାକୀଙ୍କ ପ୍ରେମ ଅବବୋଧ ଯେତିକି ରସଯୁକ୍ତ ସେତିକି ମାତ୍ରାରେ ସୂଚନାତ୍ମକ । ପ୍ରେମିକ, ଓ ସେ ସଂପର୍କର ମୁହୂର୍ତ୍ତକୁ କବି ନିଜ କଳାତ୍ମକତା ଏବଂ ଏକ ଅନନ୍ୟ ଦାର୍ଶନିକତାରେ ଯେତିକି ବ୍ୟଂଜିତ କରାନ୍ତି, ତା'ଠୁ ଅଧିକ ଆନନ୍ଦ ଦିଏ, ସନ୍ତୋଷ ଦିଏ, ଉହ୍ୟ ହୋଇ ରହି ଯାଇଥିବା ଅଭିବ୍ୟକ୍ତିତକ । କିଛି ଉଦାହରଣ: (୧) "ନା ନଈପାଖକୁ ଗଲି / ନା ନିଆଁକୁ ସାନ୍ତ୍ୱନା ମାଗିଲି / ପଠାରେ ବସିବସି ଏକଲା ଫେରିଲି / ତା' ପରଠୁ ଅଲଗା ଦିଶିଲି / ନିଜ ଆଖିରେ ବି ।" **(ପଦ୍ମରାଗ, ପୃ.୮୬)** (୨) "ପ୍ରେମରେ ଏମିତି ବି ହୁଏ, / ସଉଧ ଗଢ଼ା ହେବ କ'ଣ / ପଥର ପକଉ ପକଉ ପାଣି ଭସେଇ ନିଏ / ଯଉବନର ଭସା ଛାଇ / ସ୍ମୃତି ଆକାଶରେ ଟହଲ ମାରୁଥାଏ ।" **(ପଦ୍ମରାଗ, ପୃ.୮୮)** (୩) "ତୁ ଚାଲିଲେ ପବନ ଛନ୍ଦାୟିତ / ତୋ ଚାହାଁଣିରେ ପକ୍ଷୀଙ୍କର ପଇଁତରା, / ବେଶୀ ଭାବୁଛୁ ଅଳପ କହୁଛୁ / ଲାଜ ତୋତେ ବହଳ କରୁଛି / ମହୁଫେଣା ଆକାର ବଢୁଛି ।" **(ପଦ୍ମରାଗ, ପୃ.୩୭)**

ପ୍ରେମର ସୁନ୍ଦର ସୁନ୍ଦର ଚମତ୍କାରକାରୀ ଏବଂ ସୂଚନାତ୍ମକ ଅବବୋଧର ବ୍ୟଂଜନା ପରେ କବି ଅବାଧ ପ୍ରେମ, ଜାରଜ ସନ୍ତାନ ପ୍ରତି ଏକ ଚମତ୍କାର ଅଭିବ୍ୟକ୍ତି ରଖନ୍ତି ନିଜ କବିତା ମାଧ୍ୟମରେ । ପ୍ରେମ ଯେଉଁ ଉଚ୍ଛ୍ୱାସ ସୃଷ୍ଟି କରେ, ଯେଉଁ ଉଦ୍ଦାମତାରେ ରଂଗେଇ ଦିଏ, ସେ ସବୁବେଳେ ଏକ ସହଜ ରାସ୍ତା ଆଡ଼କୁ ନେଇପାରେ ନାହିଁ । ବେଳେବେଳେ "ପ୍ରେମପୁଷ୍ପ ଭାସିଯାଏ ପାଣିରେ / ପାଣିରୁ ନଳାକୁ, ନଳାରୁ ନାଳମୁହଁକୁ / ଦେହ ମାତିଲା ବେଳେ / ପ୍ରେମ ଲୁଚେ ଗଛଡାଳରେ / ଚମ ଚାଟିଲା ବେଳେ / ପ୍ରେମ ଫେରାର୍ ଚିଲର ଡେଣାରେ ।" **(ପଦ୍ମରାଗ, ପୃ.୧୦୨)** ପ୍ରେମପୁଷ୍ପ ଭାସିଯିବା, ପ୍ରେମ ଚିଲର ଡେଣାରେ ଫେରାର୍ ହୋଇଯିବା, ପ୍ରେମ ପୁଷ୍ପ ପରି ବିତ୍ର ଫୁଲ ନାଳମୁହଁର ପରିଣତି ପାଇବା- ଏସବୁ ଚିତ୍ର ପ୍ରେମର ଏକ ନକାରାତ୍ମକ ପରିଣତିକୁ ସୂଚେଇ ଦେଉଛନ୍ତି ସତ, ମାତ୍ର କବିଙ୍କ କଥନ ସୂତ୍ରଟି ଏଇଠି ଅଟକି ରହି ଯାଇନି । ତାଙ୍କ କହିବାର କଥାଟି ଏସବୁର ଊର୍ଦ୍ଧ୍ୱରେ, ଅନ୍ୟ ଏକ ସ୍ତରରେ । ଏକ ଚମତ୍କାର ସକାରାତ୍ମକତା ଦେଖାଯାଏ କବିଙ୍କ ଲେଖନୀରେ । ଏ ପ୍ରେମର ପରିଣତିକୁ କବି ନାଁ ଦିଅନ୍ତି 'ଜହ୍ନର' ଯିଏ, ଜାବୁଡ଼ି ଧରେ ପ୍ରେମିକ ଓ ପ୍ରେମିକା ଯୁଗଳଙ୍କ କଳଙ୍କକୁ ନିଜ କୁନି କଅଁଳ ପାପୁଲି ମୁଠାରେ । ଜହ୍ନ ଯେବେ ତା' କଅଁଳ ନୈସର୍ଗିକ ପାପୁଲି ମୁଠାରେ ଜାବୁଡ଼ି ଧରିବ କଳଙ୍କକୁ, ସେଠି କଳଙ୍କ କ'ଣ ଆଉ କଳଙ୍କ ହୋଇ ରହିପାରେ କି ? କବିଙ୍କ ସକାରାତ୍ମକ ଅଭିବ୍ୟଂଜନାକୁ ଦେଖାଯାଉ: "ଇଏ ଏମିତି ଆଲୁଅ / ଶଙ୍କିଯିବ ସୂର୍ଯ୍ୟୋଦୟ / ମୁହଁ ପୋତିବ ସକାଳର ଆହାପଦ / ଆସ ହୋ ଦେଖଣାହାରୀମାନେ / ଜହ୍ନ ଉଇଁଛି ଅଳିଆଗଦାରେ, / ଯିଏ ହୁଏତ ବଦଳେଇ ଦେଇପାରେ । ସେ ଇତିହାସର ମୋଡ଼,/ ନିଶାର୍ଦ୍ଧ ଜାରଜ / ଜନ୍ମରୁ ସାମ୍ନା କଲାଣି ଅବାଂଛିତ ଝଡ଼ ।" **(ପଦ୍ମରାଗ,ପୃ.୧୦୧)**

ଏ ଏମିତି ଜାରଜ, ଯାହାକୁ କବି କବିତାର ଆରମ୍ଭରୁ ସୂଚେଇ ଦେଇଛନ୍ତି- "ଜହ୍ନ ଖସିପଡ଼ିଛି ମାଟିକି / ..../ ଅସ୍ତରଂଗର ଚେକେ ବାଦଲ ପରି ତା' ମୁହଁ / ମଲ୍ଲୀକଢ଼ ପରି ଯୋଡ଼େ ଆଖି / ଖୋଜିବା ବି ଜାଣିନି / ଅଧରାତିରେ ତାକୁ ମା' ପରି ଜଗିଛି ଅନ୍ଧାର ।"

ଦର୍ଶାଇବାର ଅଭିପ୍ରାୟ, ବୋଧହୁଏ ନିରୀହ ନିଷ୍ପାପ ଜାରଜ ସନ୍ତାନ ପକ୍ଷ ନେଇ ଏମିତି କୌଣସି ଓଡ଼ିଆ କବିତା ଠିଆ ହୋଇନାହିଁ । ଭର୍ତ୍ସନା କରିନି କୌଣସି କବି ଏ ପ୍ରେମ ସଂପର୍କରେ ଲିପ୍ତ ମଣିଷ ଦୁହିଁଙ୍କୁ ଏଇପରି, କବିତାର ଇତିହାସରେ- "ଗୁଲୁଗୁଲି ଜହ୍ନଟେ / ଉଇମାଟି ଅଳିଆ ଗଦାରେ / ବିକଳ୍ପ ନଥିଲା କି ତୁମର !/ ଦରକାର ବୋଧେ / ଜଣକୁ ପୂର୍ବବତ୍ କୁମାରୀତ୍ୱ / ଆରଜଣକୁ ପୁରୁଷ ଫୁଟାଣି ।"

କେବେ କେବେ ଏ ପ୍ରେମ ଦେଶପ୍ରେମ ଆକାରରେ ଜାହିର ହୋଇଛି କବିଙ୍କ କବିତାରେ, କେବେ ଆଧ୍ୟାତ୍ମିକତାର ସ୍ରୋତ ନେଇ ବହି ଯାଇଛି ସାବଲୀଳ । ଏକ ଅନ୍ତର୍ଛନ୍ଦରେ ସଦା ଉଦ୍‌ଭାସିତ କବି ଶ୍ରୀ ମିଶ୍ରଙ୍କ ଦେଶପ୍ରେମକୁ ନେଇ ଏକ ଉଦାହରଣ ଅନୁଶୀଳନ କରାଯାଇପାରେ । "ତୋ ପ୍ରେମ ଦେ / ମୁଁ ମୂର୍ତ୍ତିରୁ ମାଟିକୁ ଫେରି ଯାଏଁ /.../ ଟିକେ ମୋତେ ନଜର ଦେ / ମୁଁ ଶଙ୍କାକୁ

ଗାଧୁଆ ଘାଟରେ ଭସେଇ ଦିଏଁ ।" ଏହିପରି ଏକ ସରଳ, ସାବଲୀଳ, ଭାବପ୍ରବଣ ଅଭିବ୍ୟକ୍ତି ଆରମ୍ଭ ଏ କବିତା: 'ଏଥର ପ୍ରତୀକ୍ଷାରେ ଭାରତ' ଏ କେଉଁ ପ୍ରକାରର ଅନ୍ୱେଷଣର ପ୍ରତୀକ୍ଷାରେ ତାହା ଜାଣିବା ନିହାତି ପ୍ରୟୋଜନ । ଏଥିରେ କବିଙ୍କ ଭାବ ଗାମ୍ଭୀର୍ଯ୍ୟ ଏବଂ ଗଭୀର ମନନର ପ୍ରତିଫଳନ ଦେଖିବାକୁ ମିଳେ ।

ସରଳ, ହାଲ୍‌କା ଛୁଆଁରୁ କବିଙ୍କ ଲଂଫ ଦେଖାଯାଉ- "ପାଇଯିବି ଭାବି ନଥିବା ଗୁପ୍ତଧନ / ସାଉଁଟିବି ମର୍ଯ୍ୟାଦା ମାଣିକ / ଗୁରୁକୁଳ ଆଶ୍ରମର ପୋତାମାଟିରୁ- / ଖୋଜିବି ଶୃଙ୍ଖଳର ଛବି / .../ ଫେରିବ ସେ ଦିଗ ହଜା ମହାର୍ଘ ସମୟ- ଭାଗ୍ୟବତୀ ନଈର ସ୍ୱର୍ଣରେ / ସଂଜବତୀ ପ୍ରଣତି ମୁଦ୍ରାରେ /ପଥର ଆର୍ଯ୍ୟମନ୍ଦିରେ / ପଲ୍ଲବର ପ୍ରଣବ ଚିଠାରେ ।"

ଏଇ 'ଦିଗ ହଜା ମହାର୍ଘ ସମୟ' ଖୋଜିବା ଏବଂ ତାକୁ ଫେରି ପାଇବାର ମାର୍ଗ ଦର୍ଶେଇ ଦେବାରେ କବି ଯେ ନିଜ ପ୍ରାଚୀନ ପରଂପରାର ଗାରିମାମୟ ଇତିହାସ ସହ ତଲ୍ଲୀନ ତାହା ସ୍ପଷ୍ଟ ସୂଚୀତ ହୁଏ । ନିଜ ପରଂପରା ଠାରୁ, ନିଜ ମାଟିର ଉଦ୍‌ଭାସିତ ପରାକାଷ୍ଠା ପାଖରୁ ମୁହଁ ଫେରେଇ ନେଇଥିବା ପ୍ରତ୍ୟେକ ମଣିଷ ପାଇଁ ଇଏ ଏକ ମର୍ମବାଣୀ । କବିଙ୍କ ସମାଧାନର ସୁନ୍ଦର ସୂତ୍ରକୁ ଦେଖାଯାଉ- "ଗିରିନଦୀ ପୋଥିପାଠ ଦେବେ / ପତ୍ର ଫାଙ୍କର ସୂର୍ଯ୍ୟଶର- / ଛେଦିବ ମୋ ଗୁହାର ଅଂଧାର / ନିଶାର୍ଦ୍ଧ ପୋଡ଼ିଦେବ ମୋ ଯାନ୍ତବ ପ୍ରବୃତ୍ତି / ଧ୍ୟାନମଗ୍ନ ସକାଳେ ଝଲସିବ ଭାରତର ଆତ୍ମା ।" (ପଦ୍ମରାଗ,ପୃ.୯୮)

କବିଙ୍କ ଆଧ୍ୟାତ୍ମିକତା ଓ କୃଷ୍ଣ ପ୍ରେମରସର ତଲ୍ଲୀନ କବିତା ମଧ୍ୟ ସେଇମିତି କଳାତ୍ମକ, ସୂଚନାତ୍ମକ ଓ ଇଙ୍ଗିତଧର୍ମୀ । ଏଇ ଯେମିତି (୧) ଆ ଫେରିବା ଘରକୁ / ଦଗାଦିଆକୁ ଦେ ନା ମନ, / ପାଖକୁ ଡାକି ଆଣିବ / କତିରେ ବସେଇବ,/ ଲୁହ ଟାଣୁଥିବ ସେ ତମାଳବନ ।" (ପଦ୍ମରାଗ, ପୃ.୧୧) (୨) "ତୁମେ ଧୂଳିରେ ଖେଳ, ଧୂଳିବେଶ ହୁଅ / ଧୂଳିଆ ଦର୍ଶନ ବି ଦିଅ,/ ଏ ମହଣ ମହଣ ଅଳଂକାର / ତୁମକୁ ଲାଗୁଥିବ ବଜାର /ତୁମେ କି ସତରେ ଦୁର୍ଲ୍ଲଭ ପଦ୍ମରାଗ !/ ତୁଠରୁ ଫେରିଲା ବେଳେ/ ଗାଁ ମୁଣ୍ଡ ଗଛମୂଳେ ଡେରା ପଥରରେ / ତୁମ ସାଥେ ମୋର ପା ଅପୂର୍ବ ସଂଯୋଗ ।" (ପଦ୍ମରାଗ,ପୃ.୧୧୦)

କବି ଶ୍ରୀ ମିଶ୍ରଙ୍କ କବିତାରେ କଳାତ୍ମକତା, ରସମୟତା ସହ ଏକ ନିଆରା ଦାର୍ଶନିକତା ଏବଂ ନିରାସକ୍ତତା ଗୁନ୍ଥି ହୋଇ ରହିଥାଏ । କବି ନିଜେ ଉଲ୍ଲେଖ କରନ୍ତି: "ବର୍ତ୍ତମାନ ପୀଢ଼ିର କବିତାରେ ଦରଦ ବେଶୀ, ପ୍ରେମ ବି ଭରପୁର ହେଲେ ଜୀବନବୋଧର ସରୁ ସଳିତା ଠାଏ ଠାଏ । ରସର ଅଭାବ ଦେଖୁଛି ମୁଁ, ସେ ଦିବ୍ୟରସ ହେଉ ବା କରୁଣ ରସ ହେଉ । ରସ ହିଁ କବିତାର ସାର । ମୁଁ ତୁଳନା ଆଡ଼କୁ ଯାଏନା, ଦେଖେ କବିତା କେତେ ଅତଳକୁ ଛୁଇଁଛି । ପଥର ଖୋଲର ପକ୍ଷୀ ପରି ଛାତିରେ ବସିଛି, ସକାଳ ରାସ୍ତା ଝାଡୁ ପରି ଅହଂକାର ପୋଛୁଛି ।" ଏହିପରି ଏକ ଦୃଢ଼ ଓ ଦୀପ୍ତ ଜୀବନବୋଧର ସଳିତା କବିଙ୍କ ଅନେକ କବିତା ଯେଉଁଥିରେ କବିଙ୍କ ଅନନ୍ୟ କାବ୍ୟଦୃଷ୍ଟିର ପ୍ରତିଫଳନ ଦେଖିବାକୁ ମିଳେ । କବିଙ୍କ 'ମଶାଣି' ପରି ଗୋଟିଏ କବିତା, କବିଙ୍କ କାବ୍ୟ-ବ୍ୟାପ୍ତିକୁ ଖୁବ୍ ଚମତ୍କାର ବାଗରେ ଦେଖେଇପାରେ । ସେଇଠି 'କାଠ' କବିତା ପରି କବିତା ସଂପୂର୍ଣ୍ଣ ଜୀବନର ଉଡ଼ାଣ ଓ ବସାଣକୁ ବ୍ୟଂଜିତ କରାଇପାରେ । ଏସବୁ କବିତାରେ ନିରାସକ୍ତତା ସହ ଏକ କାରୁଣ୍ୟ ରସକୁ ସଂଯୋଜିତ କରାଇ ପାରିଛନ୍ତି, ତାହା ସମସାମୟିକ କବିମାନଙ୍କ ଠାରୁ ତାଙ୍କୁ ଅନନ୍ୟ କରି ତୋଳେ । କବିତାରେ କବିର ବକ୍ତବ୍ୟ ଶାଣିତ ଏବଂ ସୂଚନାଧର୍ମୀ ହେଲେ ତାହାର ପ୍ରଭାବ ପାଠକ ମନ ଭିତରେ ଚିରସ୍ଥାୟୀ ହୋଇ ପାରିଥାଏ । କ୍ଷଣିକ ସ୍ଫୁଲିଙ୍ଗ ଦେଖାଇ ଉଭେଇ ଯିବା, ବା ପାଠକ ହୃଦୟରୁ ଲିଭିଯିବା, ଏକ ଉତ୍ତମ କବିତାର ଲକ୍ଷଣ ହୋଇ ନପାରେ । କବିତା ମଶାଣିରେ କବି ମଣିଷର ଶେଷଯାତ୍ରାକୁ ଅନେକ ଚମତ୍କାର ଅବ୍‌ଜେକଟିଭ୍ କୋ-ରିଲେଟିଭ ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ଯେମିତି (୧) "ମଶାଣି ମନା କରେ ଲୁହ ଢାଳିବାକୁ/ ଗଡ଼ିଗଲା ନଈ, ବହିଗଲା ବାଆ / ଖୋଜୁଛ କାହାକୁ ?" (୨) "ସଜ କଅଁଳିଆ ମଶାଣିର ଦୁବ / ସାତଘେରା ବୁଲିଆରେ ନାବାଳକ / ଖରାପିଠିକୁ ସେ ଆଉଁସି ଦେବ / ଯହୁଁ ବଡ଼ ହେବୁ ବାପ ମନେ ପଡୁଥିବ ।"

ଜୀବନର ମହାସତ୍ୟକୁ ଜରିଆ କରି- "ହଁ ମଶାଣି ତ ଶେଷ ଠିକଣା / ସେ ଦସ୍ୟୁ କି ଦେବତା", କବି ଆହୁରି ଅନେକ ସତ କହିଦେଇ ପାରିଛନ୍ତି ଠିକେ ଠିକେରେ । ଶବ୍ଦ ମାପଚୁପ, ମାତ୍ର ଅସୁମାରୀ ଭାବରେ ପାଠକ ଅନ୍ୟମନସ୍କ ହୋଇ ଯାଉଥାଏ । କାରୁଣ୍ୟ କାରିଗରୀରେ କଣ୍ଠ ତା'ର ରୋଧ ହୋଇଯାଏ ତ ଆଖିର ଅଟକ ଲୁହ ବିନ୍ଦୁରେ ଅସ୍ପଷ୍ଟ ହୋଇ ଆସୁଥିବା ବେଳେ ଚଲାପଥ, କବି ପୁଣି ଦେଖେଇ ଦିଏ ଧାରେ ଆଲୁଅର ଛିଟା "ଅଦିନ ଅସ୍ତକୁ କାରଣ ପୁଛିବା ମନା / ଦୁର୍ଭାଗାର ମଲାନଈର ଚୈତ୍ର ପାହାର / ଅଣଲେଉଟା ବିଡ଼ମ୍ବନା / ... ଏନ୍ତୁଡ଼ିରୁ ଏତେ ଲମ୍ବା ରାସ୍ତା / ସରିବା ଆଗରୁ ସାରିଦେ ଦିଆଦେଇ ଚିଠା ।" ଏଇ ଗୋଟିଏ କବିତାରେ ଜନ୍ମରୁ ମରଣ, କାର୍ଯ୍ୟରୁ କର୍ତ୍ତବ୍ୟ, ଅଂଧାରରୁ ଆଲୋକ ଏବଂ ପୁଣି ମହା ଅଂଧାରକୁ ଏକ ଦୀର୍ଘ ଯାତ୍ରା ପଥରେ, କବି ପାଠକକୁ ଭ୍ରମଣ କରାଇ ଆଣନ୍ତି, ଯେମିତି ଏ କବିତା ଏକ ଉଦାହରଣ, ମାତ୍ର କବି ପିନାକୀଙ୍କ ପ୍ରାୟ ପ୍ରତ୍ୟେକ କବିତା ଏହିପରି ଜୀବନ ଦର୍ଶନର ପ୍ରାଚୁର୍ଯ୍ୟର ଚକ୍‌ମକ କରୁଥାଏ । ଭାବର ଗାମ୍ଭୀର୍ଯ୍ୟ, ଭାଷାର କାରିଗରୀ ଦାର୍ଶନିକ ଉପସ୍ଥାପନକୁ ଆହୁରି ରସଘନଯୁକ୍ତ କରୁଥାଏ । ଶେଷରେ କବି ଯେଉଁ ସମାପ୍ତି ଦିଅନ୍ତି- "ମଶାଣି ଗୋଟେ ମେଲା ଦୁଆର / ମରଣ ଆଗରୁ ଟିକେ ପାଖରୁ ଦେଖ,/ ପାଣି ଫାଟିଯିବ ଅର୍ଜିଲା ବହପ / ରଖ ତୁମର ଆଉଜା କବାଟ ପଲଙ୍କ ସୁଖ ।" ଶୂନ୍ୟର ଅବବୋଧରୁ ଆଣି କବି ପୁଣି ସେଇ ଶୂନ୍ୟରେ ଲୀନ କରିଦିଅନ୍ତି ନଶ୍ୱର ଦେହର ମିଛ ବହପକୁ ସତ, କିନ୍ତୁ ଏକ ଚମତ୍କାର ଅଭିବ୍ୟକ୍ତି ବି ଭେଟି ଦିଅନ୍ତି- "ଏ ମାଟିଘଟରେ ଖାଲି ଦୁଃଖ ଫଳେ ହୋ / ଶୂନ୍ୟରୁ ସବୁକିଛି ମିଳେ ।" ଜୀବନ ଦୋହା, ସଂପର୍କର ସ୍ତୋତ୍ରକୁ ଶୁଣଉ ଶୁଣଉ କବି ଭାରତୀୟ ଶୂନ୍ୟବାଦ ଯାଏଁ ନେଇ ଚାଲନ୍ତି ପାଠକକୁ । ନୈତିକତାର ପତନରେ ମ୍ରିୟମାଣ କବି ତାଙ୍କର ଅନାସ୍ଥାର ସ୍ୱର ବ୍ୟକ୍ତ କରନ୍ତି । "କି ଅଭାବ ରହିଗଲା ଯେ./ ଭୁଲୁଣ୍ଠିତ ଆସ୍ଥାର ଦେଉଳ ।" (ପଦ୍ମରାଗ, ପୃ.୨୫)

"ମାଆ ଗୁମୁରେ ଉଦାସରେ / ସମୟରେ, ସଂପର୍କରେ ବୋଧେ / ବିଷ ଚରୁଛି ଧୀରେ ଧୀରେ ।" (ବିଭାବରୀ, ପୃ.୧୭) ଆଦି କବିତାରେ ପ୍ରାଚୀନ ଜୀବନବୋଧ ସହ ବର୍ତ୍ତମାନ ଜୀବନବୋଧର ଏକ ସଂଘାତ ପରିଲକ୍ଷିତ ହୁଏ । କବି ଶ୍ରୀ ମିଶ୍ରଙ୍କ କବିତା ଦାର୍ଶନିକତା, ସାଂପ୍ରତିକ ସମୟରେ ବିଶ୍ୱାସହୀନତା, ମାନବିକ ମୂଲ୍ୟବୋଧର ହନନ ଆଦିକୁ ଯେଉଁ ଗାମ୍ଭୀର୍ଯ୍ୟ ପ୍ରଦାନ କରେ ତାହା ଅନନ୍ୟ । ମଣିଷର ଅର୍ନ୍ତଭାବ ବଳୟରୁ ଏକ ସୂକ୍ଷ୍ମ ଅବବୋଧର ଚୟନ ଏବଂ ଏହାକୁ ବହୁବିଧ ବିଶ୍ଳେଷଣ କରିବାରେ କବିଙ୍କ କବିତା ସିଦ୍ଧହସ୍ତ ।

କବି ପିନାକୀ, ରାଧା, ଯଶୋଦା, ଦେବକୀ ଆଦି ଅନେକ ପୌରାଣିକ ଚରିତ୍ରକୁ ଆଧାର କରି ଅନେକ କବିତା ରଚନା କରିଛନ୍ତି । ଏଠି ଚରିତ୍ରମାନଙ୍କ ଚରିତ୍ରର, ବ୍ୟକ୍ତିତ୍ୱର ଭିନ୍ନଦିଗ, ବିଶ୍ଳେଷଣ ତାଙ୍କ ବୈଶିଷ୍ଟ୍ୟ । ଭାବ ଉପସ୍ଥାପନରେ ସାବଲୀଳତା ଏବଂ ଏକ ସୂକ୍ଷ୍ମ ଛନ୍ଦମୟତା କବିତାକୁ ଯେଉଁ ସୌନ୍ଦର୍ଯ୍ୟ ପ୍ରଦାନ କରୁଥାଏ, ବିଭିନ୍ନ ପଂକ୍ତିରେ ବ୍ୟବହୃତ ଆଲିଟରେସନ୍, ତା'ର ଶ୍ରୁତିମୟତାକୁ ଆହୁରି ରସାଣିତ କରୁଥାଏ । ସାଂପ୍ରତିକ ସମୟରେ ଏହା ଏକ ନୂତନ ପରୀକ୍ଷା । କବିତା ଗୀତିମୟତାରୁ ଗଦ୍ୟକବିତାକୁ ଆଗମନ କରିଥିଲା । ଏବେ ଏହା ଗଦ୍ୟକବିତାରୁ ପୁନଶ୍ଚ ଗୀତିମୟ ଇଲାକାକୁ ପ୍ରବେଶ କରିଛି । ଏବଂ ଆଲିଟରେସନ୍‌ର ସଠିକ୍ ବ୍ୟବହାର, ଶବ୍ଦ ଉପରେ, ଶୈଳୀ ଉପରେ, ଶବ୍ଦ ବ୍ୟବହାର କୌଶଳ ଉପରେ ଯଥେଷ୍ଟ ଜ୍ଞାନ ଥିବା କବିଟିଏ ହିଁ କରିପାରେ, ଯାହା କବି ଶ୍ରୀ ମିଶ୍ରଙ୍କ କବିତାରେ ଅନୁଭବ କରିହୁଏ, ଏବଂ ଏହା ତାଙ୍କ କବିତାକୁ ଏକ ଅନନ୍ୟ ବିଭବ ପ୍ରଦାନ କରୁଥାଏ ।

# ଓଡ଼ିଆ କବିତା :
# ନାରୀ ବିନିର୍ମାଣ

ଓଡ଼ିଶା ପରି ଏକ 'ପୁରୁଷ ପ୍ରଧାନ' ସମାଜରେ ଏକଦା ନାରୀ ସତେ ଯେମିତି ଗୃହ ସଜ୍ଜାର ଏକ ଉପକରଣ ଅଥବା ଅବଗୁଣ୍ଠନବତୀ ଭାବରେ ମନେ କରାଯାଉଥିଲେ । ସେଥିପାଇଁ ଭାରତୀୟ ସ୍ୱାଧୀନତା ପୂର୍ବବର୍ତ୍ତୀ ସାହିତ୍ୟରେ ଉଲ୍ଲେଖ କରାଯାଉଥିଲା ଯେ 'ବିନା ଆଶ୍ରେ ନ ବର୍ଦ୍ଧନ୍ତି କବିତା ବନିତା ଲତା ।' ଅଥଚ ସ୍ୱାଧୀନତୋତ୍ତର ଭାରତବର୍ଷରେ କେବଳ ନୁହେଁ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏ ଚିନ୍ତା ଓ ଚେତନାର କ୍ରମପରିବର୍ତ୍ତନଶୀଳତାକୁ ଅନୁଭବ କରାଗଲା ନାରୀକବିମାନଙ୍କର ମନନଶୀଳତାରେ । ପରବର୍ତ୍ତୀ ସମୟରେ ବିଶ୍ୱ ସାହିତ୍ୟର ସମାଲୋଚନା ଢାଞ୍ଚାରେ ଓଡ଼ିଆ କବିତାରେ 'ନାରୀ ବିନିର୍ମାଣ' ଓ 'ନାରୀବାଦ'ର ଉପସ୍ଥାପନା ତଥା ବିଶ୍ଳେଷଣ ଏକ ନୂତନ ଦିଗନ୍ତ ଉନ୍ମୋଚନ କଲା ।



# ନାରୀବାଦରେ 'ନାରୀ ବିନିର୍ମାଣ' ବନାମ ଓଡ଼ିଆ କବିତା


## ଡକ୍ଟର ଗୌତମ ଜେନା

ଆସୋସିଏଟ୍ ପ୍ରଫେସର (ଅବସରପ୍ରାପ୍ତ), ଚହଟା,
ଧର୍ମଶାଳା, ଯାଜପୁର
ଫୋନ:୯୨୩୭୪୮୧୪୦୫


ଫଟୋ ସୌଜନ୍ୟ : ଲେଖକ



ଡକ୍ଟର ଗୌତମ ଜେନା

କୌଣସି କଥାକୁ ଗୋଟେ ସିଦ୍ଧାନ୍ତ ଭିତରେ ବାନ୍ଧିଲା ବେଳେ ତା'ର ସଂଜ୍ଞା ଓ ସ୍ୱରୂପକୁ ଆଲୋଚନା କରିବାକୁ ହୁଏ। ଅଥଚ କେଉଁଠୁ ତା'ର ଆରମ୍ଭ କରାଯିବ, ତଥା ନିର୍ଦ୍ଦିଷ୍ଟ ଭାବରେ କେଉଁ କଥାମାନଙ୍କୁ ଗୁରୁତ୍ୱ ପ୍ରଦାନ କରାଯିବ ତାହା ଜଣେ ଲେଖକ ପକ୍ଷରେ ଅତ୍ୟନ୍ତ କଷ୍ଟକର ମନେ ହୋଇଥାଏ। ବିଶେଷ ଭାବରେ 'ନାରୀ ବିନିର୍ମାଣ'କୁ ଆଧାର କରି 'ନାରୀବାଦ' ସଂପର୍କରେ ଜଣେ ପୁରୁଷ ଲେଖିବା ଯେ ନିହାତି କଷ୍ଟକର- ଏକଥା ମୁଁ ସ୍ପଷ୍ଟ ଭାବରେ କହିପାରେ। ପ୍ରସଙ୍ଗକ୍ରମେ କେହିକେହି କହନ୍ତି ସାରଳା ଦାସ ଦ୍ରୌପଦୀଙ୍କ ମନୋଭାବ 'ସତ୍ୟଆମ୍ବ ଚରିତ' ମାଧ୍ୟମରେ ପ୍ରକାଶ କଲାବେଳେ ବା ଗଙ୍ଗାଧର 'ତପସ୍ୱିନୀ'ରେ ସୀତାଙ୍କ ମନୋଭାବ ପ୍ରକାଶ କଲାବେଳେ ଯେମିତି ନାରୀଭାବାପନ୍ନ ହୋଇଛନ୍ତି ଜଣେ ନାରୀ ଅନ୍ୟଜଣେ ନାରୀର ମନୋଭବାକୁ ପ୍ରକାଶ କଲେ ଯେ ତାହା ସ୍ୱତନ୍ତ୍ର ଓ ନୂତନ ଭାବରେ ଉପସ୍ଥାପିତ ହେବ- ଏଥିରେ ସନ୍ଦେହ ନାହିଁ। ଫଳତଃ ନୀଳମାଷ୍ଟ୍ରାଣୀ, ଧୋବୀ, ଜାଇ କୁମ୍ଭାରୁଣୀ, ଚନ୍ଦ୍ରା ବେହେରାଣୀ, ଅଳକା ସାନ୍ୟାଲ, ନମିତା ନାଗେଶ୍ୱରୀର ମନୋଭାବ ପ୍ରକାଶ ନିଶ୍ଚୟ ଗିରିବାଳା ମହାନ୍ତି, ଅପର୍ଣ୍ଣା ମହାନ୍ତି, ସରୋଜିନୀ ଷଡ଼ଙ୍ଗୀ, ଅନ୍ନପୂର୍ଣ୍ଣା ମହାନ୍ତି, ସୈରିନ୍ଧ୍ରୀ ସାହୁ, ସୁଚେତା ମିଶ୍ର, ଗାୟତ୍ରୀବାଳା ପଣ୍ଡା ଓ ରୁନୁ ମହାନ୍ତିଙ୍କ ଠାରୁ ଭିନ୍ନ ହେବ; ଏପରିକି ସଂପୂର୍ଣ୍ଣ ପ୍ରତିପକ୍ଷ ପରି ମନେହେବ ଏହା କହିବା ବାହୁଲ୍ୟମାତ୍ର।

ଓଡ଼ିଶା ପରି ଏକ 'ପୁରୁଷ ପ୍ରଧାନ' ସମାଜରେ ଏକଦା ନାରୀ ସତେ ଯେମିତି ଗୃହ ସଜ୍ଜାର ଏକ ଉପକରଣ ଅଥବା ଅବଗୁଣ୍ଠନବତୀ ଭାବରେ ମନେ କରାଯାଉଥିଲେ। ସେଥିପାଇଁ ଭାରତୀୟ ସ୍ୱାଧୀନତା ପୂର୍ବବର୍ତ୍ତୀ ସାହିତ୍ୟରେ ଉଲ୍ଲେଖ କରାଯାଉଥିଲା ଯେ 'ବିନା ଆଶ୍ରେ ନ ବର୍ଦ୍ଧନ୍ତି କବିତା ବନିତା ଲତା।' ଅଥଚ ସ୍ୱାଧୀନତୋତ୍ତର ଭାରତବର୍ଷରେ କେବଳ ନୁହେଁ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏ ଚିନ୍ତା ଓ ଚେତନାର କ୍ରମପରିବର୍ତ୍ତନଶୀଳତାକୁ ଅନୁଭବ କରାଗଲା ନାରୀକବିମାନଙ୍କର ମନନଶୀଳତାରେ। ପରବର୍ତ୍ତୀ ସମୟରେ ବିଶ୍ୱ ସାହିତ୍ୟର ସମାଲୋଚନା ଢାଞ୍ଚାରେ ଓଡ଼ିଆ କବିତାରେ 'ନାରୀ ବିନିର୍ମାଣ' ଓ 'ନାରୀବାଦ'ର ଉପସ୍ଥାପନା ତଥା ବିଶ୍ଲେଷଣ ଏକ ନୂତନ ଦିଗନ୍ତର ଉନ୍ମୋଚନ କଲା।

ଆଧୁନିକ ଓଡ଼ିଆ କବିତାରେ ଏଯାବତ୍ 'ନାରୀ ବିନିର୍ମାଣ' ସଂପର୍କରେ ବିଧିବଦ୍ଧ ଆଲୋଚନା ଦେଖିବାକୁ ମିଳେନାହିଁ। ଏହି ଦୃଷ୍ଟିରୁ 'ନାରୀ ବିନିର୍ମାଣ' ନିଶ୍ଚୟ ଏକ ଭିନ୍ନ ତଥା ନୂତନ ଦୃଷ୍ଟିକୋଣ ହୋଇଥିବାରୁ ଏ ସଂପର୍କରେ ଓଡ଼ିଆ ସମାଲୋଚନା ସାହିତ୍ୟରେ ପୁରୁଷ ଲେଖକମାନ ବିସ୍ତାରିତ ପ୍ରସଙ୍ଗର ଉପସ୍ଥାପନ ନକରି ପାରିବା ସ୍ୱାଭାବିକ। 'ନାରୀ ବିନିର୍ମାଣ' ସମ୍ପର୍କରେ ସୈଦ୍ଧାନ୍ତିକ ମତ ଉପସ୍ଥାପନ କରିବା ଓ 'ନାରୀବାଦୀ' କବିତାର ବିଶ୍ଲେଷଣ କରିବା ଏକାନ୍ତ କଷ୍ଟକର ନିଶ୍ଚୟ। ଏଣୁ 'ନାରୀ ବିନିର୍ମାଣ' କ'ଣ? ଏଥିରେ କ'ଣ ଥାଏ- ଇତ୍ୟାଦି ଅନେକ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ। ନାରୀର ମନସ୍ତତ୍ତ୍ୱ ନାରୀ ସ୍ୱଭାବର ପ୍ରକାଶ ଓ ନାରୀ ଦୃଷ୍ଟିକୋଣ ଓ ଦ୍ୱିତୀୟତଃ, ପ୍ରେମ, ବିଦ୍ରୋହ, ଜୈବ ଭାବନା, ହତାଶାବୋଧ, ବିୟୋଗାନ୍ତକ ଭାବନାର ସମୀକରଣ ତଥା ତୃତୀୟତଃଏ ପାରିବାରିକ ଜୀବନ ଓ ବ୍ୟକ୍ତି ଜୀବନ ଭିତରେ ଥିବା ନାରୀର ସମ୍ଭାବ୍ୟ ଦ୍ୱନ୍ଦ୍ୱ, ଅନ୍ତର୍ଦ୍ୱନ୍ଦ୍ୱ ଓ ସତ୍ୟନିଷ୍ଠତା 'ନାରୀ ବିନିର୍ମାଣ'ର ଗୋଟିଏ ଗୋଟିଏ ଉପାଦାନ- ଯାହା ନାରୀକୁ ଆଉ ଏକ ସୋପାନରେ ଅଧିଷ୍ଠିତ କରି ତା'ର ଅନ୍ତଃସ୍ୱରୂପକୁ ପ୍ରକାଶ କରିବାରେ ସମର୍ଥ ହୋଇଥାଏ। ଏସବୁକୁ ବିଚାରକୁ ଆଣିବା ବେଳେ ଉତ୍କଳୀୟ ନାରୀ ପୂର୍ଣ୍ଣତଃ ଏ ସୋପାନକୁ ଉନ୍ନୀତ ହୋଇପାରିଛି କି ନାହିଁ- ତାହା ମଧ୍ୟ ଆଉ ଏକ ବିଚାରର ଅପେକ୍ଷା ରଖେ। 'ନାରୀ' ଓ 'ସତ୍ୟ' ମଝିରେ ଏକ ପରଦା ରହିଛି, ଯେଉଁଠି ନାରୀ ମନର ସଂଗୁପ୍ତ ଭୟ ଓ ଜୁଗୁପ୍ସା ଠାରୁ ଥିବା ସମାନ ଦୂରତ୍ୱ ମଧ୍ୟ ସ୍ପଷ୍ଟ ବାରି ହୋଇପଡ଼େ।

'ନାରୀ ବିନିର୍ମାଣ' ସଂପର୍କରେ ବକ୍ତବ୍ୟ ରଖିବା ବେଳେ ଅନ୍ତତଃ ସତର୍କତାର ସହିତ ଇଂରାଜୀ ସମାଲୋଚକମାନଙ୍କୁ ସ୍ମରଣ କରାଯାଇପାରେ। ଯେମିତି କ୍ୟାମେରାରେ ଉଠା ଯାଉଥିବା ଫଟୋ ଓ 'ଏକ୍ସରେ'ରେ ଉଠାଯାଉଥିବା ଫଟୋ ଠାରୁ ଅଧିପାଳକ ଫଟୋ (ultra violet ରଶ୍ମୀରେ ଉଠା ଯାଇଥିବା ଫଟୋ) ଯେମିତି ପରସ୍ପର ଠାରୁ ଭିନ୍ନ ସେମିତି 'ନାରୀ ବିନିର୍ମାଣ' ଚେତନାଟି ହେଉଛି ଏକ ବିଶ୍ଲେଷଣ ପଦ୍ଧତି; ଯାହା ପୃଥକ ପୃଥକ ଭାବରେ ଆପଣାର ସ୍ୱାତନ୍ତ୍ର୍ୟ ସହ ଉପସ୍ଥାପିତ ହୋଇଥାଏ। ଏ ସମ୍ପର୍କରେ 'Faminist Literary Studies: An Introduction' ପୁସ୍ତକର କୁହାଯାଇଛି "An X-ray Photograph is totally different from a snapshot of the same object,and

different again from an altraviolet photograph. All these photograph represent different kinds of knowledge, and each is produced by a different method. Feminist criticism is a scanning device in this sence: it operates in the service of a new knowledge which is constructed by rendering visible the hither to invisible component of 'gender in all discourses produced by the humanities and social ciences." **(Page 24)**

ପ୍ରସଙ୍ଗକ୍ରମେ ଏଠାରେ ପ୍ରକାଶଯୋଗ୍ୟ ଯେ ଓଡ଼ିଆ କବିତାରେ 'ନାରୀ ବିନିର୍ମାଣ' ଓ 'ନାରୀବାଦ' ଆଦୌ ଏକ ଆଦର୍ଶବାଦୀ ପରିଣାମର ପରିପ୍ରକାଶ ନୁହେଁ, ଯାହା ସମାଜକୁ ଦିଗ୍‌ଦର୍ଶନ ଦେବା ପାଇଁ ଅଭିପ୍ରେତ ବା ଯାହା ବ୍ୟକ୍ତି ଜୀବନକୁ ପ୍ରଭାବିତ କରିବା ପାଇଁ ଏକ ନିୟାମକ । ବରଂ ଏହା 'ପୁରୁଷପ୍ରାଧାନ୍ୟ' ସମାଜରେ ଅବହେଳିତ ଓ ଆପାତତଃ ନିଷ୍କେଷିତ ନାରୀ ସମାଜର ସ୍ୱର ହୋଇପାରେ । ସେଥିପାଇଁ 'ନାରୀ ବିନିର୍ମାଣ' ପଦ୍ଧତିକୁ ଦୁଇଟି ସୋପାନରେ ବିଭକ୍ତ କରାଯାଇଥାଏ । ପ୍ରଥମଟି 'ଉଗ୍ରବାଦୀ ନାରୀ ଚେତନା' ଓ 'ଦ୍ୱିତୀୟଟି 'ମନସ୍ତତ୍ତ୍ୱ ଆଧାରିତ ନାରୀଚେତନା ।' ଉଗ୍ରବାଦୀ ବା Radical Faminism- ଯାହା ଶ୍ରମଜୀବୀ ଓ ମଧ୍ୟବିତ୍ତ ନାରୀର କଥା କହେ; ଅନ୍ୟଟି ମନସ୍ତତ୍ତ୍ୱଧର୍ମୀ (Psychological) ଯାହା ନାରୀ ମନର ସଂଗୁପ୍ତ ବେଦନାର କଥା କହେ । ଏ ଦୁଇଟିର ସମନ୍ୱୟରେ ଓଡ଼ିଆ କବିତାରେ 'ନାରୀ ବିନିର୍ମାଣ' ସତ୍ତାଟିକୁ ହିଁ ଦେଖିବାକୁ ମିଳିଥାଏ ।

ଓଡ଼ିଆ କବିତାରେ 'ନାରୀ ବିନିର୍ମାଣ'ର ପହିଲି ପଦକ୍ଷେପଟିର ପ୍ରାଥମିକ ସ୍ୱରୂପଟି ୧୯୮୫ ମସିହାରୁ ଦେଖିବାକୁ ମିଳେ **ଗିରିବାଳା ମହାନ୍ତି** କବିତାରୁ । ୧୯୯୦ ମସିହାରେ ପ୍ରକାଶ ପାଏ ଗିରିବାଳାଙ୍କ କବିତା ସଂକଳନ 'ସ୍ତ୍ରୀଲୋକ', ଯେଉଁଠୁ ଜଣେ ପ୍ରେମିକା ବା ସ୍ତ୍ରୀଲୋକ ବା ମାଟିର ଗମ୍ଭୀର ଉଦାସ ତଥା ସସ୍ନେହ ସ୍ୱରଟିଏ ଶୁଣିବାକୁ ମିଳିଥାଏ । ପ୍ରକାରାନ୍ତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯାଏଁ ନାରୀକୁ ଯେପରି ଉପଭୋଗର ସାମଗ୍ରୀ ଭାବରେ ଉପସ୍ଥାପନ କରାଯାଇଥିଲା । ତା'ର ପରିବର୍ତ୍ତନ ଘଟି ଗିରିବାଳାଙ୍କ କବିତା ପୁରୁଷ ଭୋଗ ସର୍ବସ୍ୱ ଦୃଷ୍ଟିକୋଣର ପ୍ରତିବାଦ କରିଛି । ପ୍ରଥମତଃ ଗିରିବାଳା ନାରୀକୁ 'ଭୋଗ୍ୟା' ରୂପରେ ପ୍ରକାଶ କରି ଡ୍ରଇଂରୁମ୍‌ର ସଜା କଣ୍ଢେଇ ବୋଲି ଉଲ୍ଲେଖ କରିଛନ୍ତି ଓ ଅପରପକ୍ଷରେ ଯା' ଭିତରେ 'ଦେବୀପଣ'ର ସ୍ଥାପନ କରି ନାରୀମୁକ୍ତିର ବାର୍ତ୍ତା ଦେଇଛନ୍ତି । ଫଳରେ ଯିଏ ହୋଇଛି 'ଭୋଗ୍ୟା' ସେ ହୋଇଛି 'ଭଦ୍ରାଣୀ' । ପରନ୍ତୁ ଏ ସମନ୍ୱୟ ଓ ସାଲିସ୍ ଭିତର ନାରୀବାଦୀ ଭାବନାର ସ୍ୱରୂପକୁ କୌଣସି ଇଂରାଜୀ ସାହିତ୍ୟରେ ଠାବ କରିହେବ ନାହିଁ, ଯେଉଁଠି ନାରୀ ପୁରୁଷର ସମକକ୍ଷ ବା ତା'ଠୁ ଅଧିକ ବୋଲି ବିବେଚନା କରି ନିଜକୁ ଉପସ୍ଥାପନ କରେ ।


▲ ସୁଚେତା ମିଶ୍ର

+ + + ଦଶଭୂଜା ହ' ଝିଅ, ହୋଇଉଠ୍ / ସହସ୍ର ଭୂଜା +++ ତୋ'ର ପୁତ୍ରକୁ ପଶୁତ୍ୱରୁ ପାଶବିକତାରୁ / ମୁକ୍ତି ଦେ....(କିରେ ଝିଅ ତୁ କାହିଁକି)

ଅଥଚ ନାରୀ ରଚନା କରୁଥିବା ପୁସ୍ତକକୁ ପୁରୁଷ ପ୍ରକାଶକ ପ୍ରକାଶିତ କରିଥାଏ ଓ ପୁରୁଷ ସମୀକ୍ଷକ ସମୀକ୍ଷା କରିଥାଏ, ଯେଉଁଠି ପୁସ୍ତକର ଆଙ୍ଗିକ କ୍ଷେତ୍ରରେ ନାରୀ ଭାବନାର ପ୍ରତିଫଳନ ଘଟି ନଥାଏ କିମ୍ବା ସମୀକ୍ଷାରେ ନାରୀ ମନସ୍ତତ୍ତ୍ୱର ସଠିକତା ନିର୍ଣ୍ଣୟ କରି ହୋଇ ନଥାଏ । ତଥାପି ଓଡ଼ିଆ କବିତାରେ ଏ ଦିଗ ପ୍ରତି ଓଡ଼ିଆ ସମାଲୋଚକ ଯଥେଷ୍ଟ ଶ୍ରଦ୍ଧାବାନ ହୋଇଛି ଓ ନାରୀସତ୍ତାଟି ନିଜର ଶକ୍ତି ସଂପର୍କରେ ସଚେତନ ହେବା ପାଇଁ ଯେଉଁ ଆହ୍ୱାନ ଦେଇଛି ତାହାକୁ ଆଲୋଚକଟି ଉପଲବ୍ଧି କରିବା ପାଇଁ ପ୍ରୟାସ କରିଛି ।


▲ ଗିରିବାଳା ମହାନ୍ତି

ନାରୀ ଭିତରର ସତ୍ତାଟି ପ୍ରତି ଆଜିର କବି ହୋଇଛି ସଚେତନ ଓ ତା'ର ବିଶ୍ୱାସବୋଧକୁ, ସମ୍ଭାବନାକୁ ଅଧିକ ଦୃଢ଼ ତଥା ସୁଦୂରପ୍ରସାରୀ ହେବା ପାଇଁ ଦେଇଛି ଆହ୍ୱାନ- ଯାହା ଗତାନୁଗତିକ ନାରୀ ସର୍ବସ୍ୱ ଚେତନା ପ୍ରତି ବିଦ୍ରୂପ ତଥା ବିଦ୍ରୋହାତ୍ମକ ଦୃଷ୍ଟିକୋଣକୁ ପ୍ରକାଶ କରିଛି । ନାରୀର ସଂଜ୍ଞା ଖୋଜୁଥିବା ନାରୀସତ୍ତା ଯେତେବେଳେ ପରବର୍ତ୍ତିତ ହୁଏ ସମୁଦ୍ରରେ, ଅନ୍ତହୀନ ସମୟରେ ସେତେବେଳେ ସୂର୍ଯ୍ୟତାପ ପରି ଜ୍ୱାଳା ପୃଥିବୀରୁ ନିଶ୍ଚିହ୍ନ କରିଦିଏ ଯେତେଯେତେ ବିଭତ୍ସ ଦୃଶ୍ୟ । ଜୀବନରେ ଘଟେ ଯେଉଁ ନୂତନ ସୂର୍ଯ୍ୟୋଦୟ, ସମସ୍ତ ଧ୍ୱଂସସ୍ତୁପ ଭିତରୁ ପୁନଶ୍ଚ ପ୍ରକାଶ ଲାଭ କରେ ଶାଶ୍ୱତପ୍ରେମ ଓ ବିଶ୍ୱାସ ଯାହା ଆଜିର ନାରୀ ଚେତନାକୁ ନୂଆ ଢଙ୍ଗ ଓ ନୂଆ ରୂପରେ ପ୍ରକାଶ କରିଛି । ଗିରିବାଳା ମହାନ୍ତି ସେହି ନାରୀ ସତ୍ତାକୁ ଜାଗ୍ରତ କରବାର ଅଭୀପ୍ସା ପୋଷଣ କରିଛନ୍ତି ଓ ନାରୀସତ୍ତାଟି ନିଜର ଶକ୍ତି ସଂପର୍କରେ ସଚେତନ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ସେଥିପାଇଁ କବିସତ୍ତାଟି କହେ: "କାଳକାଳ ଧରି ନିଜକୁ / ଚିହ୍ନିବା ତୁମର ଶେଷ ହେଲା ନାହିଁ ।" (ସ୍ତ୍ରୀଲୋକ-୭) ଏହେତୁ ନାରୀ ଭିତରର ନାରୀସତ୍ତାଟି ପ୍ରତି ଗିରିବାଳାଙ୍କର ସଚେତନତା ଜନ୍ମ ଦେଇଛି ଏକ ବିଶ୍ୱାସବୋଧକୁ, ସମ୍ଭାବନାକୁ, ଯାହା ଗତାନୁଗତିକ ନାରୀସର୍ବସ୍ୱ ଚେତନା ପ୍ରତି ବିଦ୍ରୂପ ।

ଏହି ଢଙ୍ଗର ଓଡ଼ିଆ କବିତାର ଅନ୍ୟ ଏକ ଚର୍ଚ୍ଚିତ ନାମ **ଅପର୍ଣ୍ଣା ମହାନ୍ତି** । ତାଙ୍କର ଦୃଷ୍ଟିକୋଣ କେବଳ ଆଧୁନିକ ନୁହେଁ, ବରଂ ପ୍ରଗତିଶୀଳ । ବରଂ ସେ ଅନୁଭବ କରନ୍ତି: ଉପଲବ୍ଧି ଯେତେବେଳେ ଆବେଗରେ ରୂପାନ୍ତରିତ ହୁଏ ସେତେବେଳେ ସତ୍ୟର ସମସ୍ତ ତତ୍ତ୍ୱ କବିତାରେ ମନ୍ତ୍ର ପାଲଟି ଯାଏ, ଭାବ ବିମୁଗ୍ଧତାରେ ଚେତନାକୁ ପୁଲକିତ କରେ । ସେତେବେଳେ ସେ ଆଉ 'ନିଜେ'ହୋଇ ରହେ ନାହିଁ । ତା' ଭିତରର ଅଳିନ୍ଦ/ ଅଂଦିକଂଦି ଖୋଲିଯାଏ । ସେ ଆପଣାକୁ ହିଁ ବିଶ୍ଳେଷଣ କରେ । ଅନ୍ୟପାଖରେ ନିଜକୁ ଖୋଲିଦିଏ, ଯେଉଁଠି ଆଉ ଏକ ନାରୀ ଠିଆ ହୋଇଥାଏ ।

ସେ ନିଜ ଭିତରୁ ଉର୍ଦ୍ଧ୍ୱକୁ, ଉଠିଯାଇ ନିଜ ଭିତରେ ସାରା ଜଗତର ଭାବକୁ ଅନୁଭବ । ତେଣୁ ତାଙ୍କ କବିତାର ଭାଷା ନିର୍ବିଶେଷରେ ଭାବମୟ କରିଦିଏ ସମଗ୍ର ଆତ୍ମା । ଯେଉଁଠି ଭାବ ହୁଏ ଉତ୍ତରଳ ସେଇଠି ଭାଷା ହୁଏ ନୀରବ, ଦେହ ପାଲଟି ଯାଏ ଜୀବନର ନୈବେଦ୍ୟ । ଏହି ମର୍ମରେ ଅପର୍ଣ୍ଣାଙ୍କ କାବ୍ୟିକ ସ୍ୱୀକାରୋକ୍ତି ଶ୍ଳୀଳ ଓ ଅଶ୍ଳୀଳତାର ବହୁ ଉର୍ଦ୍ଧ୍ୱ ଜୀବନର ସତ୍ୟକୁ ଉଦ୍‌ଘୋଷଣା କରେ । ସେତେବେଳେ କବିସତ୍ତା କହେ: "ସୁଖ ତ ସୁଖ / ସୁଖ ପାଇଁ / ବୈଧ କ'ଣ ? ଅବୈଧ କ'ଣ ?"

ଏହି ସତ୍ୟକୁ କ'ଣ କେହି ନାରୀ ବିନା ଦ୍ୱିଧାରେ ସ୍ୱୀକାର କରିପାରେ ? ଯେଉଁଠି 'ହ୍ଲାଦିନୀ ଭାବ' ଯେତେ ଗଭୀର, ସେଇଠି କସ୍ତୁରୀର ବାସ୍ନା ସେତେ ଭରପୂର । ବାରମ୍ବାର ଛଳନା ଭିତରେ ସୁଖସମୃଦ୍ଧି କାମନା କରୁଥିବା ମଣିଷ ଏ ମହାର୍ଘ ମହକକୁ ଜାଣି ପାରନ୍ତା କେମିତି ? ଉର୍ଦ୍ଧ୍ୱ ଚେତନାରେ ରକ୍ତ ରକ୍ତ ନୁହେଁ, ମାଂସ ମାଂସ ନୁହେଁ କିମ୍ବା ଦେହ ମଧ ଦେହ ନୁହଁ । ସମସ୍ତ ପାର୍ଥିବତାରୁ ମୁକ୍ତ କବି ଆତ୍ମା କେବଳ ବୁଝେ ଯେ: "ମୁଁ ଖୋଜିଛି / କେଉଁ ଦେହର / ମାଂସ ଥାନରେ ସମ୍ମୋହନ ଅଛି / ରକ୍ତ ଜାଗାରେ ଅଛି ପ୍ରେମ / କେଉଁ


ଅପର୍ଣ୍ଣା ମହାନ୍ତି

ସ୍ୱେଦରେ ନିମଜ୍ଜନ ଅଛି / କେଉଁ ଦୃଷ୍ଟିରେ ବିସର୍ଜନ ।”

ଅପର୍ଣ୍ଣାଙ୍କ କାବ୍ୟଚେତନାର ଦୁଇ ଦିଗ ‘ପୂର୍ଣ୍ଣତମା’ ଓ ‘ଅତିଥି’ । ତାଙ୍କ କବିତା ଯେତିକି ଭାବରେ ବାସ୍ତବମୁଖୀ ସେତିକି ଭାବରେ ମଧ୍ୟ ରହସ୍ୟାଚ୍ଛନ୍ନ । କିନ୍ତୁ ଦେହର ରହସ୍ୟକୁ ଯେ ବୁଝିପାରିଛି ସେ ହିଁ ଭେଦି ପାରିବ ସଂସାରର ରହସ୍ୟ । ‘ଦେହ’ ଓ ‘ସଂସାର’ ପରେ ଆଉ ଯାହା ରହେ ସେସବୁ ହୋଇପାରେ ତତ୍ତ୍ୱ, ଦର୍ଶନ ଓ ତଥାକଥିତ ପାପପୁଣ୍ୟ । ଏହି ସତ୍ୟର ଉଦ୍‌ଘୋଷଣା ହିଁ ଜଣେ ନାରୀର ସ୍ଥିତି ଓ ବାସ୍ତବତାକୁ ପ୍ରକାଶ କରିଥାଏ, ଯାହା ବାମାବାଦୀ ଦର୍ଶନର ଉଲ୍ଲେଖନୀୟ ଲକ୍ଷଣ । ଏହି ଦୃଷ୍ଟିରୁ ନାରୀ ଜୀବନର ପୂର୍ଣ୍ଣତା କେବଳ ଆଦର୍ଶ ଭିତରେ ବାନ୍ଧି ହୋଇ ରହିବା ନୁହେଁ, ବରଂ ଇନ୍ଦ୍ରିୟାବଦ୍ଧ ବୋଲି ତାଙ୍କ କବିସତ୍ତା ଅନୁଭବ କରେ । ଫଳତଃ ଦେହର ପୃଷ୍ଠଭୂମିରେ ତଲ୍ଲୀନ ତାଙ୍କର କାବ୍ୟ ଭାବନା ଅନ୍ୱେଷଣ କରୁଥାଏ ପରମର ସତ୍ତା । ଯେଉଁଥିପାଇଁ ଇନ୍ଦ୍ରିୟର ଇନ୍ଦ୍ରିୟାତୀତ ହେଲାବେଳେ ‘ଅତିଥି’ ହୁଅନ୍ତି ଅନ୍ତରତମ ଅଥଚ ଅନାତ୍ମୀୟ । ଈପ୍‌ସିତତମ ଅଥଚ ଅପରିଚିତ । ସେ ଇ ମହାମିଳନର ମୁହୂର୍ତ୍ତ, ସେଇ ପୁଣି ମହାକାଳ, ଯେଉଁଠି ଖୋଲିଯାଏ ପାର୍ଥିବ ଓ ଅପାର୍ଥିବ ବନ୍ଧନ । ସେଇଠି କବିସତ୍ତା ଅନୁଭବ କରେ “ଆକାଶ, ପୃଥିବୀ / ଜରାବ୍ୟାଧି ମୃତ୍ୟୁ / ବ୍ୟଥା, ଅହଂକାର ସବୁ ପ୍ରେମମୟ ।” (ପୃ-୪୫) ଏଠାରେ ଆଧୁନିକ ନାରୀର ଜଟିଳ ମାନସିକତାକୁ କବିସତ୍ତା ରୂପାନ୍ତରିତ କରିଛି ପ୍ରେମାନୁଭୂତିର ଚମତ୍କାରୀତାରେ, ଯାହା ତଥାକଥିତ ଛଦ୍ମବେଶୀମାନଙ୍କର ମୁଖା ଖୋଲି ଦେଇଛି । ଏହି ‘ନାରୀ ବିନିର୍ମାଣ’ ପ୍ରକ୍ରିୟାଟି ପାରମ୍ପରିକ କୁସଂସ୍କାର ପ୍ରତି ଏକ ଆହ୍ୱାନ ବୋଲି ବିଚାର କରାଯାଇପାରେ । ଇଂରାଜୀ ସାହିତ୍ୟରେ ବି ଏ ଧାରଣା ପଞ୍ଚଦଶ ଶତାବ୍ଦୀରୁ ବଳବତ୍ତର ହୋଇ ରହିଥିଲା, ଯାହାର ପ୍ରତିକ୍ରିୟା ସ୍ୱରୂପ ବାମାବାଦୀ ଚେତନାର ସ୍ଫୁରଣ ଘଟିଥିଲା । ଏ ସଂକ୍ରାନ୍ତରେ ଏଠାର ଏକ ଦୃଷ୍ଟାନ୍ତ ପ୍ରୟୋଜନ ।

“A women is a worthy thyng...
They do the waste ans do the wrynge...
A womane is a worthy wyght
She serveth a man both daye and nyght.”

**(Medeival English lyrics, ed.R.T.Devis (London, 1963) No.17A (15th (century)**

ବିଶ୍ୱ ସାହିତ୍ୟର ପରିବର୍ତ୍ତନଶୀଳ ଭାବନା ସହିତ ସ୍ୱର ମିଳାଇ ସେଥିପାଇଁ ଅପର୍ଣ୍ଣା ପ୍ରକାଶ କରିଛନ୍ତି ନାରୀ ଅବଳା କି ଦୁର୍ବଳା ନୁହେଁ । କବିସତ୍ତା ନାରୀସତ୍ତାକୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିବା ପାଇଁ ଚାହିଁ ନାହାନ୍ତି । ପରିବର୍ତ୍ତିତ ସମୟ ସହିତ ପୃଥିବୀର ସମୃଦ୍ଧ ରାଷ୍ଟ୍ରମାନଙ୍କର ନାରୀ ଭଳି ସେ ମୁକ୍ତ ଭାବରେ ବଂଚିବାକୁ ଚାହେଁ ବୋଲି ଘୋଷଣା କରିଛି । ଓଡ଼ିଆ କବିତାରେ ପ୍ରତିଟି ଯୁଗରେ ଯେଉଁ ନାରୀ ନିର୍ଯାତନାର ଚିତ୍ର ସାହିତ୍ୟରେ ମଧ୍ୟ ଦେଖିବାକୁ ମିଳେ ।

Traditionally women’s lives have been imagined in relation to men’s lives as the daughters, mothers, mistresses, wives, of men. They have in consequence been imagined either interms of a single role psychologically important to men (Vergin, tempress, bitch, goddess) or interms of their single social and biological function in male society (preparing for marriage or married).

**- Mary Carruthers Imagining women! notes twards a feminist poetie. - Massachusetts review-20 (1979)-383 .**

ଏ ଇତିହାସର ପୁନରାବୃତ୍ତି ନହୋଇ ବରଂ ଏକ ପରିବର୍ତ୍ତନ ପାଇଁ ଅପର୍ଣ୍ଣା ଆହ୍ୱାନ ଦେଇଛନ୍ତି ଓ ପୁରୁଷ ପ୍ରାଧାନ୍ୟ ଅନୁଚିନ୍ତନର ବ୍ୟଙ୍ଗ ମଧ୍ୟ କରିଛନ୍ତି, ଯାହା ମନେହୋଇଛି ସମୟ ଉପଯୋଗୀ ତଥା ନୂତନ କାବ୍ୟବିଧି । କବି କହନ୍ତି:

“ଗଙ୍ଗା କ’ଣ / ଆବଦ୍ଧ ହୋଇ ରହିପାରେ / କୂଅରେ ? /
କଂସାବାସନରେ କି / ଭାତହାଣ୍ଡିରେ ?
+ + + +
ନାରୀଟିଏ ଗଂଗା ହେଉ / କେହି ଚାହାନ୍ତିନି
ସେ ଶୋଷ ମେଣ୍ଟାଉଥାଏ / ସବୁରି ଦେହର / ମନର / ସଂସାରର
କେହି ତା’ର ମୋକ୍ଷଦା ରୂପକୁ / ଥାପନା କରନ୍ତି ନାହିଁ /
ପିପାସିତ ଆତ୍ମା ମନ୍ଦିରରେ । **(ଗଂଗା, ପୃ.୧୫)**

ଦୁଆରବନ୍ଧ ଡେଇଁ ଦାଣ୍ଡରେ ପାଦଥାପି ନିଜସ୍ୱ ସ୍ଥିତି ଜାହିର ପାଇଁ ଆକୁଳ ହେଉଥିବା ନାରୀର ସ୍ୱର ଏ । ନାରୀ ଥାଏ ସବୁଠି ସନ୍ଦେହରେ, ଆକଟରେ । ଏ ସୀମାରେଖାକୁ ଲଂଘନ କରି ସେ ଦୁନିଆଁକୁ ଦେଖାଇ ଦେବାକୁ ଚାହିଁଛି ତା’ର ଅମାପ ଶକ୍ତି ।

ଏହି ପ୍ରସଙ୍ଗରେ ‘The object of anonymity’ ପୁସ୍ତକରେ Adam Bede (1959) କହନ୍ତି A woman who is known nowadays only by her pseudonym.

ଏହି ପର୍ଯ୍ୟାୟରେ ଦୃଷ୍ଟି ଆକର୍ଷଣ କରନ୍ତି କବି **ସରୋଜିନୀ ଷଡ଼ଙ୍ଗୀ** । ମଣିଷ ପ୍ରତି ଭଲପାଇବା ଓ ସମବେଦନାର ସ୍ୱର ଶୁଣିବାକୁ ମିଳେ ତାଙ୍କ କବିତାରୁ । ତାଙ୍କ ଶବ୍ଦରେ ରହିଛି ସମାଜର ନିପୀଡ଼ିତା ନାରୀ ପାଇଁ ଦୃଢ଼ ପ୍ରତିବାଦର ଶକ୍ତି । ନାରୀ ସ୍ୱରର ଦୃପ୍ତତା ସହିତ ଭାବୋଚ୍ଛାସପୂର୍ଣ୍ଣ ସହୃଦୟତା ତାଙ୍କ କବିତାରୁ ଲକ୍ଷ୍ୟ କରାଯାଏ । କବି କହେ:

“ପ୍ରତିଟି ରକ୍ତକୋଷରେ / ମୁହାଁମୁହିଁ ଯୁଦ୍ଧ ପାଇଁ
ଭରିନେ’ ତୁ ଶାଣିତ ଶାୟକ–
ଈଶାନୀ ଈଶ୍ୱରୀ – / ପାଦରୁ ଶୃଙ୍ଖଳ ଖୋଲି
ଜାଳିଦେ ତୁ ଚଉଦିଗେ
ଅନ୍ୟାୟକୁ ଯୁଝିବାର ଅଖଣ୍ଡ ମସାଲ ।” **(ଅସବର୍ଣ୍ଣା)**

‘ନାରୀ ବିନିର୍ମାଣ’ କୌଶଳରେ ନାରୀ ଭିତରର ପ୍ରଗତିଶୀଳ ସ୍ୱରଟିକୁ ସ୍ପଷ୍ଟ ବାରିହୁଏ ଠାରେ । ଦୃପ୍ତତା ଓ ଅନୁରାଗର ଏ ବେହାଗ ପ୍ରତିକ୍ରିୟାଶୀଳ ଯେମିତି କାବ୍ୟିକପଣରେ ‘ଆବେଗାତ୍ମକ’ ସେମିତି । ଅଥଚ କବି **ଅନ୍ନପୂର୍ଣ୍ଣା ମହାନ୍ତି** ନିଃସଙ୍ଗତା, ଅଭାବବୋଧ ଭିତରେ ନିର୍ମାଣ କରିଛନ୍ତି ଆଉ ଏକ ନାରୀସତ୍ତା । ‘ଦୀପ କ’ଣ ବେଶୀ ଜଳେ ନାରୀ ଠାରୁ ?” ନାମକରଣରୁ କବିତାର କାୟା ପ୍ରବେଶ ଯାଏଁ ଅନ୍ନପୂର୍ଣ୍ଣା ସବୁଠି ଦିଶନ୍ତି ରୂପାନ୍ତରିତ ଜୀବନର ସ୍ୱୀକାରୋକ୍ତି ଭାବରେ । ଜୀବନବାଦୀ ଚେତନା ଭିତରେ ଜଣେ ନାରୀର ମନ ନିଷ୍କପଟ ଭାବରେ ଫୁଟି ଦିଶେ ତାଙ୍କ କବିତାରେ, ଯାହା ପ୍ରେମରେ, ପ୍ରଣୟରେ, ନିଜକୁ ସମର୍ପି ଦେବାରେ ବି ନୂଆ ହୋଇ ଦିଶୁଥାଏ । ସେ କହନ୍ତି:

“ଦୀପ ଜଳେ / ଲିଭିଲେ ବିଶ୍ରାମ
ନାରୀ କିନ୍ତୁ ଜଳୁଥାଏ / ଆଲୋକରେ

ଅନ୍ଧାରରେ / ପ୍ରେମରେ /ପ୍ରତୀକ୍ଷାରେ / ଜୀବନର ଜୁଇ ତଳେ / ମାଟିରୁ ଜନମି ମାଟି ହେବା ଯାଏଁ ।”

ନାରୀ କେବଳେ ସୁଖ ଦେବା ପାଇଁ ଜନ୍ମ ନେଇ ନଥାଏ, ସେ ବି ନାରାୟଣୀ ହୋଇପାରେ । କବି କହେ: “ନାରୀଟେ ଦେହ ପରଶୁଥାଏ ଭୋକିଲା ବାଘ ଆଗରେ- ଏଥିରୁ ଅଧୁନାତନ ନାରୀ ବିନିର୍ମାଣର ଏକ ନୂତନ ରୂପରେଖ ହିଁ ଦୃଷ୍ଟଗୋଚର ହୋଇଥାଏ ।

ନାରୀ ଚେତନାକୁ ଅଧିକ ଭାବରେ ବିଶ୍ଳେଷଣ ତଥା ଉନ୍ମୋଚନ କରିବାରେ ଅନ୍ୟତମ କବି **ସୈରିନ୍ଧ୍ରୀ ସାହୁ** ଦୃଷ୍ଟି ପଥାରୂଢ଼ ହୁଅନ୍ତି । ଶ୍ଲୀଳ ଓ ଅଶ୍ଲୀଳ ତଥା ବୈଧ ଓ ଅବୈଧର ଊର୍ଦ୍ଧ୍ୱରେ ଯେଉଁ ନାରୀସତ୍ତା, ତା’ର କାବ୍ୟିକ ଶବ୍ଦ ବିନ୍ୟାସ କରିଛନ୍ତି ସୈରିନ୍ଧ୍ରୀ । ‘ଅନ୍ୱେଷା’, ‘ସଖା’ ଓ ‘ଫେରି ଆସିବି’ର କବିତାମାନଙ୍କୁ ଅନୁଶୀଳନ କଲେ ତାଙ୍କ ପରିବ୍ୟାପ୍ତ କାବ୍ୟମଗ୍ନତାକୁ ଅନୁଭବ କରିହୁଏ । ‘ଅନ୍ୱେଷା’ ଠାରୁ ‘ଫେରି ଆସିବି’ ଯାଏଁ ସୈରିନ୍ଧ୍ରୀ ‘ତମେ’ ଭିତରେ ତାଙ୍କ ନାରୀସତ୍ତାକୁ ଅନ୍ୱେଷଣ କରିଛନ୍ତି । ଏହି ‘ତମେ’ ‘ସଖା’ର କବିତାମାନଙ୍କରେ ଅଧିକ ରହସ୍ୟମୟ । କବି କହନ୍ତି:

“ତମେ ମୋର ନିକଟରେ / ଏତେ ନିକଟରେ ସଖା ! / ଆପଣେଇ ନେବାର ପ୍ରତିଶ୍ରୁତି / ତମେ କେବେ ଦେଇନାହଁ ସିନା... / ଅର୍ପି ଦେଇଛି ମୁଁ ତମ ପାଖେ... ।”

ଆପଣାକୁ ଏକାଥରେ ଖୋଲିଦେବାର ଏ ଯେଉଁ ପ୍ରୟାସ ତାହା ନାରୀ ବିନିର୍ମାଣ ସତ୍ତାକୁ ହିଁ ଦେଇଛି ନୂତନ ରୂପରେଖ, ଯେଉଁଠି ‘ମୁଁ’ ଭିତରେ ଆତ୍ମଦହନ ଓ ଅନ୍ତରଙ୍ଗତାର ଅପୂର୍ବ ସମନ୍ୱୟ ଘଟି ପାରିଛି । ସେଥିପାଇଁ ଆକୁଳ, ପିପାସା, ଆତ୍ମଦହନ, ଆବେଗ ଓ ପ୍ରୟାସ ସୈରିନ୍ଧ୍ରୀଙ୍କ ନାରୀସତ୍ତାକୁ କରିଛି ପ୍ରସାରିତ ଓ ଦୀପ୍ତିପୂର୍ଣ୍ଣ । ତାଙ୍କର ‘ନାରୀସତ୍ତା’ଟି ସଂଶୟ ଓ ବିଶ୍ୱାସ ସହିତ କବିତାର ଯେଉଁ ସୌଧ ନିର୍ମାଣ କରେ ତାହା ବିପୁଳ ନାରୀସତ୍ତାର ଏକ ଉତ୍ତରିତ ଚେତନା ଭାବରେ ଉଲ୍ଲେଖ କରାଯାଇପାରେ ।

ଏହି ସମୟର ‘ନାରୀ ବିନିର୍ମାଣ’ ଚେତନାର ଅନ୍ୟତମ କବି **ସୁଚେତା ମିଶ୍ର** । ଅପ୍ରକାଶ୍ୟ ରକ୍ତମୟ ଜ୍ୱାଳା ଭିତରେ ବର୍ତ୍ତମାନର ସମୟ କେମିତି ସନ୍ତୁଳିତ ତାହା ସ୍ପଷ୍ଟ ହୋଇ ଉଠିଛି ‘ନିଜନିଜ କୁରୁକ୍ଷେତ୍ର’ କବିତାମାନଙ୍କରେ । ଏ ସବୁରେ ରହିଛି ନାରୀ ପ୍ରତି ଏକ କରୁଣ ଆବେଦନ ଓ ପୁରୁଷ ପ୍ରଧାନ ସମାଜ ପ୍ରତି ରହିଛି କଟାକ୍ଷ । ନାରୀକୁ ଦେଖିବାର ଯେଉଁ ନିଜସ୍ୱ ଦୃଷ୍ଟିକୋଣ, ତା’ ଭିତରେ ରହିଛି ‘ଆଖ୍ୟାନ ଓ ଅର୍ଥର ସମନ୍ୱୟ’ ପାଇଁ ପ୍ରୟାସ, ଯାହା ‘ନାରୀବାଦ’କୁ ଦେଇଛି ନୂଆ ସଂଜ୍ଞା ଓ ସ୍ୱରୂପ । ଉଲ୍ଲେଖଯୋଗ୍ୟ ଯେ ଏହି ‘ପୁନଃବିନିର୍ମାଣ’ (De construction) ଜାକ୍ୟୁଇସ୍ ଡେରିଡ଼ାଙ୍କ ଚିନ୍ତା ଓ ଚେତନାରେ ଥିଲା ବିଷୟ ଓ ଅର୍ଥର ସମନ୍ୱୟ । ଯାହାକୁ କୁହାଯାଇଛି “Deconstruction is an approch to understanding the relationship between text and meaning. **(Wikipedia)** ଏହାକୁ ‘ନାରୀବାଦ’ ସହିତ ବ୍ୟାଖ୍ୟା କଲେ ଜଣାଯିବ ଯେ, ଯେଉଁ ଆଖ୍ୟାନ ଭାଗ ରହିଛି ତାହାକୁ ଅର୍ଥଦ୍ୟୋତକ କରିବା ପାଇଁ ଭାଷା ଏବଂ ଧାରଣା ପ୍ରତି ସତ୍ୟନିଷ୍ଠ ହେବା । ଏହି ଦୃଷ୍ଟିରୁ ପୃଥିବୀର ସେହି ଅନ୍ତିମ ସ୍ତ୍ରୀ ଲୋକକୁ ଅପେକ୍ଷା କରିଥିବା କବିସତ୍ତାଟି କହେ:



▶ ଗାୟତ୍ରୀବାଳା ପଣ୍ଡା

“+ + + ସଂସାର / ନାରୀର ସଂଜ୍ଞାକୁ ତା’ର ନଗ୍ନତାରେ ତଉଲିଛି / ସେଇ କ୍ଷୋଭରେ ଏବେ ନାରୀ / ଖୋଲି ଫିଙ୍ଗୁଛି ନିଜ ଦେହରୁ ବସ୍ତ୍ର ।” **(ଦୃଷ୍ଟପିଲା)**



▶ ସୁଚେତା ମିଶ୍ର

ପ୍ରକାରାନ୍ତରେ ନାରୀ ନିଜ ଦେହରୁ ବସ୍ତ୍ର ଫିଙ୍ଗୁ ନାହିଁ ବରଂ ନାରୀର ସଂଜ୍ଞା ସହିତ ତଉଲା ଯାଉଛି ନଗ୍ନତା । ନାରୀ-ନଗ୍ନତା-କ୍ଷୋଭ-ବିବସ୍ତ୍ର- ଖୋଲି ଫିଙ୍ଗିବାର ଅନ୍ତରାଳରେ ରହିଛି ନାରୀର ଅନ୍ତର୍ଦାହ, ଯାହା ଭିନ୍ନ ଦୃଷ୍ଟିରେ ପ୍ରତିଫଳିତ ହୋଇଛି ସୁଚେତାଙ୍କ କବିତାରେ ।

ସହସ୍ରାବ୍ଦୀ ପରବର୍ତ୍ତୀ କବିମାନଙ୍କ ମଧ୍ୟରେ ନାରୀମନସ୍ତତ୍ତ୍ୱର ଚିତ୍ରଣ କରିଛନ୍ତି କବି **ଗାୟତ୍ରୀବାଳା ପଣ୍ଡା** ଓ **ରୁନୁ ମହାନ୍ତି** । ‘ସ୍ୱପ୍ନମୟ ଚିରକାଳ’ରେ ସେ ସ୍ୱପ୍ନ ଦେଖନ୍ତି ସଂସାରର ସବୁ ନାରୀଙ୍କୁ । “ଏତେଦିନ ପରେ ତାଙ୍କ ସହ ଦେଖା ହେଲା । + + + ଥରେହେଲେ ପୋଛି ଦେଇ ପାରନ୍ତି କି / ସେଇଝାଳ ଓ ଦୁଃଶ୍ଚିନ୍ତା ତାଙ୍କ ପାଳରୁ.... ।” **(କିଛି ପାରିଲିନି, ଇସ୍ତାହାର, ବିଷୁବ-୨୦୦୭)** ଭିତରେ ସ୍ତ୍ରୀଲୋକଟିର ଏକ ମମତାମୟୀ ରୂପ ହିଁ ପ୍ରକାଶ ପାଇଛି । ‘ତାଙ୍କ’, ‘ଝାଳ’ ଓ ‘ଦୁଶ୍ଚିନ୍ତା’ ଭିତରେ ନାରୀସତ୍ତା ଆପଣାକୁ ଯୋଡ଼ି ଯେଉଁ ଭାବବଳୟ ସୃଷ୍ଟି କରିଛି ତାହା କେବଳ ଅନେକ ପ୍ରଶ୍ନବାଚୀ ଭିତରେ ବହୁ ଉତ୍ତରର ଅପେକ୍ଷା ରଖୁଛି । ଏଣୁ ଆପଣାକୁ ପରସ୍ତ ପରସ୍ତ ଖୋଲି ସମୟ, ଚେତନା ଓ ଭାବ ସହିତ ଯୋଡ଼ିବାର ଯେଉଁ ଆକାଂକ୍ଷା ତାହା ହିଁ ‘ନାରୀ ବିନମାଣ’ ପରବର୍ତ୍ତୀ ସୋପାନରେ ପ୍ରତିଫଳିତ ହୋଇଛି ।

ଅଥଚ କବି **ରୁନୁ ମହାନ୍ତି** ଅଭିବ୍ୟକ୍ତି (Text) ଠାରୁ ଅର୍ଥକୁ ଅଧିକ ପ୍ରାଣବନ୍ତ ଓ ରହସ୍ୟମୟ କରି କବିତାକୁ ଗଢ଼ି ତୋଳନ୍ତି । ଏଣୁ ସେ କହନ୍ତି ପକ୍ଷୀ ପକ୍ଷୀ ନୁହେଁ, ଯେତେବେଳେ ସେ ପିଞ୍ଜରାବଦ୍ଧ । ସେହିପରି ଆଲୋଚକଟିଏ କହିପାରେ, “ନାରୀ ନାରୀ ନୁହେଁ, ଯେଯାଏଁ ସେ ଉଡ଼ିପାରିନି ଆପଣାର ଇଚ୍ଛାର ଆକାଶରେ ସ୍ୱାଧୀନ ଭାବରେ ।” ଫଳତଃ ନିଷ୍କପଟ ଭାବରେ ନାରୀ ଭାବନାକୁ ପ୍ରକାଶ କରିବାରେ ତାଙ୍କ କବିସତ୍ତାର ଦ୍ୱିଧା ନାହିଁ । ସେ ହିଁ କହିପାରନ୍ତି: “ମୁଁ ଏବେ ପ୍ରବଳ ନିଶାରେ ଅଛି / ସେଦିନ ତୁ ଆସିବୁନି ପରଦେଶୀ + + + ତତେ ଅପେକ୍ଷା କରିଚି ।” **(ପରଦେଶୀ ମେଷରାଶି, ଇସ୍ତାହାର/ବିଷୁବ ସଂଖ୍ୟା)** ତାଙ୍କର ‘ବାଜେଝିଅ’, ‘ରାଧାନୋଳିଆଣି’ ପରବର୍ତ୍ତୀ ‘ସହଜ ସୁନ୍ଦରୀ’ କବିତାମାନଙ୍କରେ ନାରୀ ଅସ୍ତିତ୍ୱର ଭାବମୟ ଦିଗଟି ସ୍ପଷ୍ଟ ।

‘ନାରୀ ବିନିର୍ମାଣ’ରେ ‘ନାରୀବାଦ’ ତା’ର ଅସଲ ଅସ୍ତିତ୍ୱ ପ୍ରକାଶ କରିବାରେ ସମର୍ଥ ହୋଇପାରିଛି । ସେହି ପୁରୁଣା ସମୟର ‘ନିର୍ଭରଶୀଳତା’ର ଅବସାନ ଘଟି ଲିଙ୍ଗଭେଦରେ ନାରୀ ମଧ୍ୟ ‘ସମାନ’ ହୋଇପାରିଛି । ପୁରୁଷ ପ୍ରଧାନ ସମାଜରେ ନାରୀର ଯେଉଁ ସଂଜ୍ଞା ରହିଥିଲା ତାହା ବର୍ତ୍ତମାନ ପରିବର୍ତ୍ତିତ ହୋଇ ଆପଣାର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି । ଏଣୁ କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ, ସାମାଜିକ ପରିମଣ୍ଡଳର ପ୍ରତିଟି କ୍ଷେତ୍ରରେ ନାରୀ ସତ୍ତାର ସ୍ୱାତନ୍ତ୍ର୍ୟ ଅନୁଭୂତ ହୋଇଛି । ସେଥିପାଇଁ ଆଜିର ନାରୀକୁ କେବଳ ବିଭୋଙ୍କ ଭାଷାରେ ବୁଝାଯାଇ ପାରିବ । ଯେମିତି ସେ କହନ୍ତି:“The word Feminism however must be understood in its broad-est as refering to an intense awareness of identity as a woman.”

ଫଳତଃ ନାରୀ ତା’ର ଆତ୍ମ ପରିଚୟ ଖୋଜି ପାଇବାରେ ଆଜି ସଫଳ ହୋଇଛି ଓ ଆଜି ‘ପୁରୁଷ ନିର୍ମାଣ’ରେ ଏକ ଉପାଦାନ ମଧ୍ୟ ପାଲଟିପାରିଛି ।



# ଓଡ଼ିଆ କବିତା :
# ସନେଟ୍‌ର ସିମ୍ଫୋନି

ଓଡ଼ିଆ ସନେଟ୍‌ର ଉତ୍ପତ୍ତି ଯେତିକି ବିସ୍ମୟକର ତତୋଧିକ ଆହ୍ଲାଦମୟ । ଜାଣି ଆଶ୍ଚର୍ଯ୍ୟ ହେବେ ସର୍ବପ୍ରଥମ ଓଡ଼ିଆ ସନେଟ୍ ବାଲେଶ୍ୱର ଜିଲ୍ଲାର କବି ରଚନା କରିଥିଲେ । ଅର୍ଥାତ୍ ବାଲେଶ୍ୱର ହେଉଛି ସନେଟ୍‌ର ପ୍ରଥମ ଉତ୍ପତ୍ତିସ୍ଥଳ । ବାଲେଶ୍ୱର ଜିଲ୍ଲା ଦେହୁଡ଼ଦା ନିବାସୀ ରୁଦ୍ର ନାରାୟଣ ପଟ୍ଟନାୟକ 'ରାମ' ଶୀର୍ଷକ ଏକ ଚତୁର୍ଦ୍ଦଶୀ ପଦୀ କବିତା (ସନେଟ୍) ଓ ଅମିତ୍ରାକ୍ଷର ଛନ୍ଦର 'ଅଙ୍ଗଦବିଜୟ' କାବ୍ୟ ଲେଖିଥିଲେ । ତେବେ ଆଧୁନିକ ସାହିତ୍ୟର ଏଇ ଉଭୟ ଆଙ୍ଗିକ-ସନେଟ୍ ଓ ଅମିତ୍ରାକ୍ଷର ଛନ୍ଦ- ଯଥାକ୍ରମେ ମଧୁସୂଦନ ରାଓ ଓ ରାଧାନାଥଙ୍କ ଦ୍ୱାରା ଆମ ସାହିତ୍ୟରେ ସୁପ୍ରତିଷ୍ଠିତ ହୋଇଛି ।



# ଓଡ଼ିଆ ସନେଟ୍‌ର ଉତ୍ପତ୍ତି ଓ ଉତ୍ତରଣ

**ଡକ୍ଟର ଭରତ ବେହେରା**
ଏମ୍‌ଆଇଜି-୨୨, ଜିଏସ୍ ନଗର, ଜଗତପୁର
କଟକ-୭୫୪୦୨୧,
ଫୋନ:୯୪୩୭୫୭୦୧୨୦

ଫଟୋ ସୌଜନ୍ୟ : ଲେଖକ

ମଣିଷ ହେଉ ବା ଅନ୍ୟ ପ୍ରାଣୀ ଆଦିରସ ବା ଶୃଙ୍ଗାର ହିଁ ସହଜାତ ଗୁଣ । ଆବେଗ, ଅନୁରାଗ ଏହି ରସର ମୁଖ୍ୟ ଚାଳିକା ଶକ୍ତି । ତା'ର ପ୍ରଭାବରେ ସମସ୍ତେ ଆତଯାତ ହୁଅନ୍ତି । ଆମର ପୁରାଣ ସାହିତ୍ୟରେ ବହୁ ଅବତାରଣା କରାଯାଇଛି । ମଣିଷ-ମଣିଷ ମଧ୍ୟରେ ସଦା ସର୍ବଦା ପ୍ରେମ ସଂପର୍କ ନିହିତ । ପ୍ରେମର ଭିନ୍ନ ଭିନ୍ନ ରୂପ ଅଛି । କେବେ ଏହା ବାତ୍ସଲ୍ୟ ତ, ଆଉ କେବେ ଉନ୍ମାଦନା, କେବେ ଦେଶପ୍ରେମ ତ ଆଉ କେବେ ଦିବ୍ୟପ୍ରେମ, ପ୍ରେମ କେବେ ଦେହାଶ୍ରୟୀ ତ ଆଉ କେବେ ଦେହାତୀତ । 'ଯେତେ ଲୋକ ସେତେ ମତ' ନ୍ୟାୟରେ ପ୍ରେମର ଏପରି ନାମକରଣ ହୁଏତ ହୋଇଥିବ । ପ୍ରେମର ଶକ୍ତି ଅଶାନ୍ତ ଜୁଆର ଠାରୁ ବି ଅଧିକ ସଶକ୍ତ । ସୁତରାଂ ପ୍ରେମକୁ କୌଣସି ବନ୍ଧନ ମଧ୍ୟରେ ରଖାଯାଇ ପାରେନା । ଏହାର ସ୍ୱରୂପକୁ ପ୍ରକାଶ ଓ ନିୟନ୍ତ୍ରଣ କରିବା ପାଇଁ ଶବ୍ଦ ହିଁ ଏକମାତ୍ର ଉତ୍ସ ।

ରସ ମଣିଷକୁ ଆନନ୍ଦ ପ୍ରଦାନ କରେ । ଶୃଙ୍ଗାର ରସ ମଣିଷକୁ ଅଧିକ ଆପ୍ଲୁତ କରିଥାଏ । ପ୍ରେମିଳ ଭାବନାକୁ ସ୍ୱଳ୍ପ ଧାଡ଼ି ମଧ୍ୟରେ ପ୍ରକାଶ କରିବା ପାଇଁ ସନେଟ୍‌ର ଆବଶ୍ୟକତା ଜରୁରି ହୋଇ ଥାଇପାରେ । ଏହି କବିତା ପ୍ରେମସିକ୍ତ ଭାବନାକୁ ଉତ୍ତୀର୍ଣ୍ଣ କରିଥାଏ । ସନେଟ୍‌ର ଆଦ୍ୟ ଉତ୍ପତ୍ତି କାଳରେ ପ୍ରେମିକ, ଆପଣାର ପ୍ରେମ ଭାବନାକୁ ପରିପ୍ରକାଶ କରିବା ପାଇଁ ଏପରି ସଂକ୍ଷିପ୍ତ କବିତା ସର୍ଜନା କରିଥିଲା । ଚତୁର୍ଦ୍ଦଶୀପଦୀ କବିତା, ସନେଟ୍ ନାମରେ ପରିଚିତ । ଏହାର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ସମ୍ୟକ ଦୃଷ୍ଟିପାତ ଏକାନ୍ତ ଆବଶ୍ୟକ । 20th century Chambers Dictionary ଏହାର ସଂଜ୍ଞା ଏପରି କରିଛନ୍ତି । "Always one of fourteen lines of ten or eleven syllables rhymed according to one or other of certain definite schemes, forming an octave and a Sestet, properly expressing two successive phases of one thought" **(Chambers 20th Century Diotionary, P-1234, reprinted 1987)**

ଇତାଲିୟ କବି ପେଟ୍ରାକ୍ ହେଉଛନ୍ତି ବିଶ୍ୱର ସର୍ବପ୍ରଥମ ସନେଟ୍ ସର୍ଜକ । ସେ ତାଙ୍କର ପ୍ରେମିକା ଲଭ୍‌ରାଙ୍କୁ ଆପଣା ହୃଦୟର ପ୍ରେମାଳୁ ଭାବନାକୁ ବ୍ୟକ୍ତ କରିବା ପାଇଁ ଚତୁର୍ଦ୍ଦଶ ପଦୀ କବିତା ରଚନା କରିଥିଲେ । ପ୍ରଥମ ଆଠ ଧାଡ଼ିର ପରିଚ୍ଛେଦକୁ ଅକ୍ଟାଭ୍ (Octave) ଏବଂ ଶେଷ ଛଅ ଧାଡ଼ିର ପରିଚ୍ଛେଦକୁ Sestet କୁହାଯାଏ । ପରବର୍ତ୍ତୀ ସମୟରେ ସ୍ପେନ୍‌ସର୍, ମିଲ୍‌ଟନ୍ ଓ ସେକ୍ସପିଅର ସନେଟ୍‌ର ଉତ୍ତରଣ ଦିଗରେ ଯଥେଷ୍ଟ ଯତ୍ନବାନ ଥିଲେ । ସେମାନଙ୍କ ସନେଟ୍ ସର୍ଜନା ଶୈଳୀ ଏମିତି:

Petrachian Sonnet: one rhymed abba abba cdcdcd
Miltonic Sonnet: ab ba ab ba cde cde
Shakes piarian Sonnet: ab ab cd cd ef ef gg

କବିତା ହେଉଛି Condensed of Words ଅର୍ଥାତ୍ ଶବ୍ଦ ସଂକୋଚନ । ଓଡ଼ିଆ ସନେଟ୍ ସେକ୍ସପିଅରଙ୍କ ସନେଟ୍ ଶୈଳୀକୁ ଗ୍ରହଣ କରିଆସିଛି । ପ୍ରଥମ ପର୍ଯ୍ୟାୟରେ ସନେଟ୍ ପ୍ରେମରେ ଜୁଡୁବୁଡୁ ଥିଲା । ସମ୍ଭବତଃ, ପେଟ୍ରାକ୍ ଆପଣା ପ୍ରେମିକା ଲଭରାଙ୍କୁ ଲେଖିଥିବା ସନେଟ୍‌ର ଭାବପକ୍ଷ ପ୍ରେମ ହୋଇଥିବାରୁ, ଅନେକବର୍ଷ ପର୍ଯ୍ୟନ୍ତ ସନେଟ୍ ପ୍ରେମାସିକ୍ତ ଶବ୍ଦରେ ଭରପୂର ଥିଲା । କିନ୍ତୁ ଏବର ସନେଟ୍‌ର ଥିମ୍ ସଂପୂର୍ଣ୍ଣ ବଦଳି ଯାଇଛି । ପ୍ରେମ ସହିତ, ପ୍ରକୃତି, ପରିବେଶ,ଧର୍ମ, ଅଧ୍ୟାତ୍ମ ଓ ସାମାଜିକ ଧ୍ୟାନ ଧାରଣା ସନେଟ୍‌ର ବିଷୟବସ୍ତୁ ଭାବରେ ପରିଗଣିତ ।

## ଓଡ଼ିଆ ସନେଟ୍‌ର ଉତ୍ପତ୍ତି

ଓଡ଼ିଆ ସନେଟ୍‌ର ଉତ୍ପତ୍ତି ଯେତିକି ବିସ୍ମୟ ତତୋଧିକ ଆହ୍ଲାଦକ । ସର୍ବପ୍ରଥମ ଓଡ଼ିଆ ସନେଟ୍ ବାଲେଶ୍ୱର ଜିଲ୍ଲାର କବି ରଚନା କରିଥିଲେ । ଅର୍ଥାତ୍ ବାଲେଶ୍ୱର ହେଉଛି ସନେଟ୍‌ର ପ୍ରଥମ ଉତ୍ପତ୍ତିସ୍ଥଳ । "ବାଲେଶ୍ୱର ଜିଲ୍ଲା ଦେହୁଡ଼ା ନିବାସୀ ରୁଦ୍ର ନାରାୟଣ ପଟ୍ଟନାୟକ 'ରାମ' ଶୀର୍ଷକ ଏକ ଚତୁର୍ଦ୍ଦଶୀ ପଦୀ କବିତା (ସନେଟ୍) ଓ ଅମିତ୍ରାକ୍ଷର ଛନ୍ଦର 'ଅଙ୍ଗଦବିଜୟ' କାବ୍ୟ ଲେଖିଥିଲେ ହେଁ, ଆଧୁନିକ ସାହିତ୍ୟର ଏଇ ଉଭୟ ଆଙ୍ଗିକ-ସନେଟ୍ ଓ ଅମିତ୍ରାକ୍ଷର ଛନ୍ଦ- ଯଥାକ୍ରମେ ମଧୁସୂଦନ ରାଓ ଓ ରାଧାନାଥଙ୍କ ଦ୍ୱାରା ଏ ସାହିତ୍ୟରେ ସୁପ୍ରତିଷ୍ଠିତ ହୋଇ ପାରିଥିଲେ ।" ।୧। ସୁତରାଂ, ସନେଟ୍ ଓ ଅମିତ୍ରାକ୍ଷର ଛନ୍ଦର ପ୍ରାରମ୍ଭିକ ପ୍ରୟୋଗଶାଳା ହେଉଛି ବାଲେଶ୍ୱର । ପୁନଶ୍ଚ 'ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି' ପୁସ୍ତକର ନବମ ପରିଚ୍ଛେଦରେ ଓଡ଼ିଆ ସାହିତ୍ୟରେ ଅମିତ୍ରାକ୍ଷର ଛନ୍ଦର ପ୍ରଥମ ପଦକ୍ଷେପ ସଂପର୍କରେ ସୂଚନା ଦେବାକୁ ଯାଇ ଶ୍ରୀ ରୁଦ୍ର ନାରାୟଣ ପଟ୍ଟନାୟକଙ୍କର ଅସୀମ



◀ ଲେଖକ ଡକ୍ଟର ଭରତ ବେହେରା

ସାହସିକତାକୁ ଅନ୍ତରର ସମ୍ମାନ ଜଣେଇଛନ୍ତି ।”।୨। ସଂଭବତଃ, ରୁଦ୍ର ନାରାୟଣ ପଟ୍ଟନାୟକଙ୍କ ଗାଁ ଦେହୁଡ଼ଦା ପରବର୍ତ୍ତୀ ସମୟରେ ଦେହୁର୍ଦ୍ଦା ହୋଇଥାଇପାରେ । ବାସ୍ତବିକ, ରୁଦ୍ର ନାରାୟଣ ହେଉଛନ୍ତି ଓଡ଼ିଆ ସନେଟ୍‌ର ବଟାଘର । ତାଙ୍କ ରଚିତ ସନେଟ୍ ବାଲେଶ୍ୱର ‘ସମ୍ବାଦ ବାହିକା’ରେ ୪.୧୧.୧୮୮୦ ପୃ-୧୭୬ରେ ପ୍ରକାଶିତ ହୋଇଥିଲା । ଯଦିଓ ସେହି ସନେଟ୍‌କୁ ପରବର୍ତ୍ତୀ ସମୟର ସମାଲୋଚକ ଦୁର୍ବଳ ସନେଟ୍ ବୋଲି ଅଭିହିତ କରିଥିଲେ, ତଥାପି ଏହା ଯେ ସନେଟ୍ ସାମ୍ରାଜ୍ୟର ଦିଗ୍‌ଦର୍ଶକ, ଏଥିରେ ସନ୍ଦେହର ଲେଶମାତ୍ର ଅବକାଶ ନାହିଁ । କହିବା ବାହୁଲ୍ୟ ତତ୍ତ୍ୱ ନିୟମ ଅଧ୍ୟୟନ କରି କବିତା, ସନେଟ୍ ବା ଅନ୍ୟ କିଛି ଲେଖା, ଲେଖା ଯାଏନାହିଁ । ଏହା ତ ସର୍ଜକ ହୃଦୟର ସ୍ୱତଃସ୍ଫୂର୍ତ୍ତ ସ୍ଫୁରଣ । ପ୍ରଥମ ସନେଟ୍ ହୋଇଥିବାରୁ ଏଥିରେ ଭୁଲ୍‌ଭଟକା ରହିବା ସ୍ୱାଭାବିକ ।

**୧: ଉପଉତ୍ସ: ସଞ୍ଜିତା ମିଶ୍ର, ସବୁ ସମୟର ସନେଟ, ପୃ-୧୦, ବ୍ଲାକ ଇଗଲସ ୨୦୨୧,**
**୨: ଅତ୍ରେବ: ପୃ-୧୦**

କବି ଓ ସମାଲୋଚକ ଭିନ୍ନ ଭିନ୍ନ ରେଖାରେ ଅବସ୍ଥିତ । କବିର ଦୃଷ୍ଟି ଭାବସଞ୍ଚାରି ହୋଇଥିବା ବେଳେ ସମାଲୋଚକର ଦୃଷ୍ଟି ତୀକ୍ଷ୍ଣ । ତେବେ, ରୁଦ୍ର ନାରାୟଣ ପଟ୍ଟନାୟକଙ୍କ ଲିଖିତ ସନେଟ୍ ‘ରାମ’ର ଅବିକଳ ରୂପରେଖ ଏମିତି:

“ସୂର୍ଯ୍ୟବଂଶ ଅବତଂଶ ପିତୃ-ସତ୍ୟ ଲାଗି
ଚତୁର୍ଦ୍ଦଶ ବର୍ଷ ରାଜ୍ୟ ଆଦିସୁଖ ଲାଗି
ନିବିଡ଼ ବିପିନେ ବାସ ଜଟାଜୀନ ଧରି
ସ୍ମରିଲେ ସେ ଦୁଃଖ, ଯାଏ ହୃଦୟ ବିଦାରି ।
କାହିଁ ରାଜ୍ୟ ପ୍ରାପ୍ତି, କାହିଁ ଅରଣ୍ୟ ନିବାସ
ସ୍ଖଳିତ ହସ୍ତରୁ ଯେହ୍ନେ ଉତ୍ତୋଳିତ ଗ୍ରାସ
କାହିଁ ମହାରାଜ୍ଞୀ କାହିଁ ଦୁଃଖୀ ତାପସିନୀ;
କାହିଁ ବିଳାସିନୀ କାହିଁ ବନ ବିହାରିଣୀ
ଏ ସନ ଦୁଃସହ କ୍ଳେଶ କିଲାଗି ରାଘବ
ସହିଲେ ପରମ ସୁଖ କିରଣ ଲାଘବ
ପରମ ଦେବତା ପିତା ଏ ମହୀ ମଣ୍ଡଳେ,
ପିତୃବତ୍ସଳତା ରାମ ପ୍ରକାଶିତ କୌଶଳେ ।
ପ୍ରୋଥିତ ସୁଖ୍ୟାତି ସ୍ତମ୍ଭ ଧରଣୀ ପୃଷ୍ଠାରେ
ଦିହିଲେ ଆପଣା ନାମ ପୁରାଣୀ ଶ୍ରମରେ ।”

**ଉତ୍ସ: ବାଲେଶ୍ୱର ସମ୍ବାଦ ବାହିକା, ତା ୪.୧୧.୧୮୮୦, ପୃ-୧୭୬**
**ଉପଉତ୍ସ: ସବୁ ସମୟର ସନେଟ : ସଞ୍ଜିତା ମିଶ୍ର, ପୃ-୧୧, ବ୍ଲାକ୍ ଇଗଲସ୍-୨୦୨୧**

ବସ୍ତୁତଃ, ଚତୁର୍ଦ୍ଦଶପଦୀ କବିତା ସନେଟ୍ ପଦବାଚ୍ୟ । ଏହି ସନେଟ୍ ପେଟ୍ରାର୍କ, ମିଲ୍‌ଟନ୍, ସ୍ପେନସର୍ ଓ ସେକ୍ସପିଅରଙ୍କ ପର୍ଯ୍ୟାୟ ଭୁକ୍ତ ହେଇନପାରେ । ତେବେ ଏହା ଯେ ପ୍ରଥମ ଓଡ଼ିଆ ସନେଟ୍ ଏବଂ ସନେଟ୍‌ର ଦିଗ୍‌ଦର୍ଶନ ଏଥିରେ ସନ୍ଦେହ ନାହିଁ ।

## ଓଡ଼ିଆ ସନେଟ୍‌ର ଉତ୍ତରଣ



▶ରମାକାନ୍ତ ରଥ

ରୁଦ୍ର ନାରାୟଣ ପଟ୍ଟନାୟକଙ୍କ ସନେଟ୍ ସର୍ଜନା ପରେ ପରେ ଗୋପାଳ ବଲ୍ଲଭ ଦାସ ଚାରିଗୋଟି ସନେଟ୍ କରିଥିଲେ । ଅନୁରୂପ ଭାବରେ କବିଙ୍କର ନାମୋଲ୍ଲେଖ ନଥାଇ କିଛି ସନେଟ୍ ମଧ୍ୟ ରଚିତ ହୋଇଥିଲା । ପରବର୍ତ୍ତୀ ସମୟରେ ସାଧୁ ଚରଣ ରାୟ ‘ଭାବନା’ କବିତା ସଂକଳନରେ ନଅ ଗୋଟି ସନେଟ୍ ରଚନା କରିଥିଲେ । ଅବଶେଷରେ ଭକ୍ତକବି ମଧୁସୂଦନ ରାଓ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ନନ୍ଦ କିଶୋର ବଳ ଓ କବିଶେଖର ଚିନ୍ତାମଣି ମହାନ୍ତି ସନେଟ୍ କବିତାର ଧାରାକୁ ଅନୁସରଣ କରିଥିଲେ; ଯାହାର ଅନ୍ତଃସ୍ରୋତ ନିରନ୍ତର ବହି ଚାଲିଛି । ସେମାନଙ୍କ ସନେଟ୍‌ର ସଂଖ୍ୟା ବେଶି ନହେଲେ ମଧ୍ୟ ସେମାନଙ୍କର ଅବଦାନ କିଛି କମ୍ ନୁହେଁ । ଊନବିଂଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ବହୁକବି ଅଣ-ସନେଟ୍ କବିତା ସହ ସନେଟ୍ ରଚନାରେ ମଗ୍ନ । ପ୍ରସଙ୍ଗକ୍ରମେ ସେହିସବୁ ସନେଟ୍‌ର ଅନୁଶୀଳନ, ଆଲୋଚନାର ଦାବି ରଖେ । ଫଳଶ୍ରୁତି ସ୍ୱରୂପ ପୂର୍ବସୂରୀଙ୍କର କୃତିକୁ ମୂଲ୍ୟାୟନ କରି ଅଗ୍ରଗତିର ଧାରା ନିର୍ଣ୍ଣୟ କରିହେବ ।



▲ବନଜ ଦେବୀ

ସନେଟ୍ ସର୍ଜନାର ପ୍ରଥମ ସମୟ ଖଣ୍ଡରେ ଯେଉଁ ଭାବପକ୍ଷ ଆଚ୍ଛାଦିତ ଥିଲା, ପରବର୍ତ୍ତୀ ସମୟରେ ସେ ଭାବକକ୍ଷର ପ୍ରଭୂତ ପରିବର୍ତ୍ତନ ହୋଇଛି । ଭକ୍ତି ଆଧ୍ୟାତ୍ମ ଓ ଈଶ୍ୱରୀୟ ଭାବନା କବିକୁ ମୁଗ୍ଧ କରିଛି । ଭକ୍ତକବି ମଧୁସୂଦନ ରାଓଙ୍କ ସନେଟ୍ ତା’ର ଗୋଟେ ପ୍ରକୃଷ୍ଟ ଦୃଷ୍ଟାନ୍ତ ।



▲ପ୍ରହରାଜ ସତ୍ୟ ନାରାୟଣ ନନ୍ଦ

“ବିଶ୍ୱବୀଣା ଶ୍ରୀ ହସ୍ତରେ ବାଜେ ସୁମଙ୍ଗଳେ,
କୋଟିହୃଦ ପଦ୍ମ ଫୁଟି ଉଠେ ପଦ ତଳେ ।
ଅମୃତ ସଙ୍ଗୀତମୟ ବିଶ୍ୱ ବିମୋହିନୀ
ବ୍ରହ୍ମାଣ୍ଡର କାମଧେନୁ ବ୍ରହ୍ମାଣ୍ଡ-ତାରିଣୀ ।”

**(ବାଣୀ, ସବୁ ସମୟର ସନେଟ୍, ପୃ-୪୯, ମଧୁସୂଦନ ରାଓ)**

ସାଧୁଚରଣ ରାୟଙ୍କର ମାତୃ-ମୃତ୍ୟୁ ଜନିତ ବିଷାଦ ପାଠକର ହୃଦୟକୁ ମନ୍ଥି ପକାଏ । ଖୁବ୍ ହୃଦୟସ୍ପର୍ଶୀ ଏହି ସନେଟ୍‌ର କାବ୍ୟିକ ମାନସ । ଯେମିତି:

“ଏକାବେଳେ ଗଲାଲାଖି ମନ ବାପଘରେ
ନଆସିଲୁ ବାରେ ଫେରି ସ୍ୱପ୍ନରେ ଜନନୀ ।
ଏଡ଼େକି ଅସାର ସ୍ଥାନ ଏ କ୍ଷୁଦ୍ର ଅବନୀ ?
ତେବେ କିଂପା ମୁଁ ରହିବି- ଆସ ମାତଃ ଥରେ ।”

**(ସାଧୁ ଚରଣ ରାୟ, ‘ମାତା’, ପୃ-୫୨, ସବୁ ସମୟର ସନେଟ୍)**

ଜୀବନକୁ, ସମୟକୁ ଓ ସମାଜକୁ ବିଶ୍ଳେଷଣ କରିବାରେ ଫକୀରମୋହନ ଥିଲେ ସିଦ୍ଧହସ୍ତ । ତାଙ୍କ ଦୃଷ୍ଟିରେ ଜୀବନ ଗୋଟେ ନଈ, ସେ ନଈରେ ସୁଖ, ଦୁଃଖ, ପ୍ରେମ, ହସ କାନ୍ଦ, ଲହରି, ଫେଣ, ମୋହ, ଲାଳସା ଓ କୁଳୁକୁଳୁ ଅଛି । ଅନନ୍ତରୁ ଆଗତ ଜୀବନ ପୁଣି ସେଇଠି ମିଳେଇ ଯିବ । ସୁନ୍ଦର ଶବ୍ଦାବଳୀରେ ଫକୀରମୋହନୀୟ ଶବ୍ଦ ଗୁଞ୍ଜରି ଉଠିଛି । ଯେମିତି:

“ବେଳେବେଳେ ଘୂରେ ସ୍ରୋତ ଜଞ୍ଜାଳ-ଘୁରୁଣି,
ଥୋକେ ଦୂର ଯାଇ ଛାଡ଼ି ଯାଉଛନ୍ତି ପୁଣି
ଚାଲୁଛି ନିୟତ ସ୍ରୋତ ପାରୁନାହିଁ, ଜାଣି
କେଉଁ ଆକର୍ଷଣୀ ଶକ୍ତି ନେଉଅଛି ଟାଣି ।”

**(ଜୀବନ ନଦୀ, ପୃ-୫୭, ସବୁ ସମୟର ସନେଟ୍)**

କୁଳୁକୁଳିଆ ପୋକର ଡେଣା ଥାଇ ବି ସେ ଅର୍ଥବ । ସେ କ’ଣ ଅଭିଶପ୍ତ ।

ଦିନ ତା ପାଇଁ ମନା ହୋଇଥିବା ବେଳେ ସେ ରାତ୍ରିଚର ପୋକ ଭାବରେ ଗଣ୍ୟ । ତା'ର ଦୁଃଖ ଯେ ନିଜର ଜ୍ୟୋତି ଥାଇ ବି ତା'ର ଆଲୋକ ଅର୍ଥହୀନ । ଖଦ୍ୟୋତର ଭାବନା, ଅନ୍ତଃର୍ବେଦନାକୁ କବି ଗଙ୍ଗାଧର ମେହେର ସନେଟ୍ ମାଧ୍ୟମରେ ସୁନ୍ଦର ଭାବରେ ପରିପ୍ରକାଶ କରିଛନ୍ତି ।

"ଅଙ୍ଗେ ମୋର ଜ୍ୟୋତି ଥିବା ନାହିଁ ମୋତେ ଜଣା,
ନଚାହେଁ ମୁଁ ଜ୍ୟୋତିଷ୍କରେ ହେବା ପାଇଁ ଗଣା
ତଥାପି ମାନବେ ମୋତେ ଉପହାସ କରି
ବୋଲନ୍ତି ଖଦ୍ୟୋତ କାହିଁ ହେବ ଚନ୍ଦ୍ରସରି ।"

**(ଖଦ୍ୟୋତର ଖେଦ, ପୃ-୫୮, ସବୁ ସମୟର ସନେଟ୍)**

ବହି ଯାଇଥିବା ପାଣି, ପବନ, ଆଜି ଫୁଟିଥିବା ଫୁଲ ଆଉ ଆସନ୍ତାକାଲିକୁ ଫେରି ଆସିବ ନାହିଁ । ଅତୀତ ହିଁ ଅତୀତ । ପ୍ରତ୍ୟେକ ଆଗାମୀ ନୂଆ ନୂଆ ରୂପରେଖ ନେଇ ଉଭା ହେବ । ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଭାବନାର ଗୋଟେ ପରିଚ୍ଛେଦ ଏମିତି:

"ଯେ ଗଲା ସେ ଗଲା ଆହା, ଆଉ ନଫେରିବ,
ପୁଣିକି ରକ୍ମଣୀ ରଥ ବାହୁଡ଼ି ଆସିବ ?
ଯେ ଭାବ କୁସୁମ ସମଭାବ ଉପବନେ
ଫୁଟି ଉଠୁଥିବ ତେଣୁ ବିଧିର ବିଧାନେ ।"

**(ଭାବ କୁସୁମ, ପୃ-୬୩, ସବୁ ସମୟର ସନେଟ୍)**

ପ୍ରାକୃତିକ ନିୟମ, ସବୁ ମଣିଷ ପାଇଁ ସମାନ । ସେଥିରେ ଭେଦଭାବ ନ ରହିବା ଦର୍କାର । ଅତି ସତର୍କତାର ସହିତ କବି ଶେଖର ଚିନ୍ତାମଣି ମହାନ୍ତି ମାନବିକ ସମସ୍ୟା ଓ ଘଟଣାକୁ ସନେଟ୍ ମାଧ୍ୟମରେ ପ୍ରକାଶ କରିଛନ୍ତି । ତା'ର ଗୋଟେ ଉଦ୍ଧୃତି ଏପରି:

"ବଡ଼ସାନ ବୋଲି ଶୁଭେକିଂପା ବୃଥା ହୁଡ଼ି,
ବଡ଼ଲୋକ ନାମେ ପଡ଼େ ପର୍ବତ ଉପୁଡ଼ି !
ଗୁଣ ପାଇଁ ନରପୂଜା, ନୁହେଁ ଧନ ପାଇଁ,
ଧନଲୋଭେ ମନ ଧରି ଯେ କହେ ସେ ବାଇ ।"

**(ବଡ଼ଲୋକ, ପୃ-୬୬, ସବୁ ସମୟର ସନେଟ୍)**

ମଣିଷ ଜୀବନ, ହସକାନ୍ଦ, ଲୁହଲହୁ, ସୁଖଦୁଃଖ,ବିଷାଦ ବିରହ, ହାରଜିତ, ଉଚ୍ଚାଖାଲକୁ ନେଇ ସଂରଚିତ । ଦୁଃଖ ନିତ୍ୟ, ସୁଖ ଅନିତ୍ୟ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସନେଟ୍ ଏପରି ଏକ ସତ୍ୟକୁ ଉର୍ଦ୍ଧ୍ୱକୁ ଟେକି ଧରିଛି ।

"ସତ୍ୟ ଶାନ୍ତି ସୁଖ ସଦା ମାନବ ଜୀବନ
ଖୋଜଇ ବ୍ୟାକୁଳ ବ୍ୟସ୍ତ ସଂସାର ଗହଳେ,
ମିଳିଲେ ଏପରି ସ୍ଥାନ କେବେ ଭାଗ୍ୟ ଫଳେ
ଅପସରେ କ୍ଷଣେ ଭବ ଦାରୁଣ କଷଣ ।"

**(ଏକ ଅସରା ବର୍ଷାର ଅବ୍ୟବହିତ ପରେ ନରାଜ ଦର୍ଶନ, ପୃ-୬୯, ସବୁ ସମୟର ସନେଟ୍)**



ସୌଭାଗ୍ୟ ମିଶ୍ର

ନାରୀ କବି କୁନ୍ତଳା କୁମାରୀ ସାବତଙ୍କ ସନେଟ୍ ଈଶ୍ୱରୀୟ ଜଣାଣରେ ପର୍ଯ୍ୟବସିତ । ଭକ୍ତଙ୍କ ନିକଟରୁ କ'ଣ ଚାହାଁନ୍ତି ? ପ୍ରେମ, ଭକ୍ତି, ସମର୍ପଣ, ତ୍ୟାଗ ନା ପାଛିଆ ପାଛିଆ ଫଳମୂଳ, ଭୋଗରାଗ, ଫୁଲଫଳ, ଅଗୁରୁଚନ୍ଦନ ? ପକ୍ଷାନ୍ତରରେ ଦରଦ୍ର ଓ ଅସଲି ଭକ୍ତଙ୍କୁ ଈଶ୍ୱର ସଦାସର୍ବଦା ସହଯୋଗର ହାତ ବଢ଼େଇଥାନ୍ତି । ସେମିତି ଏକ ମର୍ମସ୍ପର୍ଶୀ ଭାବନାର ପରିଚ୍ଛେଦ ଏମିତି:

"କାହୁଁ ମୁଁ ପାଇବି କେତକୀ ବାସ-ଅତର ରାଶି
କିମ୍ବା ତେଣୁ ରହିଥିବି ହେ ଦୁଃଖ ସଲିଳେ ଭାସି ?
ଦରିଦ୍ର ବୋଲି ସେ ଆସିବେ ନାହିଁ କି ମୋ' ଦୁଆର ?
ଦରିଦ୍ରେ ଆଦର ତାଙ୍କର, ତେଣୁ ପାଦେ ଜୁହାର ।"

**(କହି ନପାରିବି, ପୃ-୭୫, ସବୁ ସମୟର ସନେଟ୍)**



ବଂଶୀଧର ଷଡ଼ଙ୍ଗୀ

ଅନୁରୂପ ଭାବରେ ଊନବିଂଶ ଓ ବିଂଶ ଶତାବ୍ଦୀର ଅନେକ କବି ଯଥା ଲକ୍ଷ୍ମୀକାନ୍ତ ମହାପାତ୍ର, ପଦ୍ମଚରଣ ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ଅନ୍ନଦା ଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, ବୈକୁଣ୍ଠ ନାଥ ପଟ୍ଟନାୟକ, ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂହ, ନରସିଂହ ଦେଓ, ଅନୁପ ସିଂହଦେଓ, ସୁଧାଂଶୁ ଶେଖର ରାୟ, କୃଷ୍ଣ ମୋହନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, କୁଞ୍ଜବିହାରୀ ଦାଶ, ଗୁରୁପ୍ରସାଦ ମହାନ୍ତି, ବିଭୁଦତ୍ତ ମିଶ୍ର, ଚିନ୍ତାମଣି ବେହେରା, ଜାନକୀ ବଲ୍ଲଭ ମହାନ୍ତି ପ୍ରମୁଖ ସନେଟ୍‌ର ନୂଆ ନୂଆ ଭାବ ସଞ୍ଚାରି ସନେଟ୍ ରଚନା କରିଛନ୍ତି ।

କବି ରମାକାନ୍ତ ରଥ ମଧ୍ୟ ସନେଟ୍ ସର୍ଜନା କ୍ଷେତ୍ରରେ ଢେର ଆଗରେ । ତାଙ୍କର ବହୁ ପଠିତ, ଚର୍ଚ୍ଚିତ କବିତା 'ଲଣ୍ଠନ' ଗୋଟେ ସନେଟ୍ । ମଧ୍ୟବିତ୍ତ ମଣିଷର ଜୀବନ ଯନ୍ତ୍ରଣା ଏହି ସନେଟ୍‌ର ଭାବଭୂମି । ତା'ର ଗୋଟେ ଉଦ୍ଧୃତି ଏମିତି:

"ତମେ ଯିଏ ମୌସୁମୀର ଆଳସ୍ୟକୁ ପତାତଳେ ଖୁନ୍ଦି
ଡୋଳା ସଞ୍ଚାଳନ ପାଇଁ ପ୍ରାଣପଣେ ପରିଶ୍ରମ କର
ଏବଂ ଗହଳକାଳ ତଳେ ଲେସିଦେଇଚ ଚଂପକ
ତମେ କେବେ ଦେଖିପାର ପ୍ରଜ୍ୱଳିତ ଅସ୍ତିତ୍ୱ ମୋହର ?
ଅନୁମାନ କରିପାର ମୁଁ ଜଳୁଚି ଓ ଜଳୁଚି ତୀବ୍ର ଦରଜରେ
ମିଡ଼ିୟମ୍ ଧୋତି ଏବଂ ଇସ୍ତିକରା ଅଧା କମିଜରେ ।"

**(ଲଣ୍ଠନ, ପୃ-୧୧୮, ସବୁ ସମୟର ସନେଟ୍)**

କବି ବଂଶୀଧର ଷଡ଼ଙ୍ଗୀ ମଧ୍ୟ ବେଶ୍ ସଂଖ୍ୟକ ସନେଟ୍ ସର୍ଜନା କରିଛନ୍ତି । ତାଙ୍କ ସନେଟ୍‌ର ଭାବବସ୍ତୁ ପ୍ରେମ ମଧ୍ୟରେ ଆବଦ୍ଧ ନରହି ପଲ୍ଲୀ, ପ୍ରକୃତି, ଅଧ୍ୟାତ୍ମ, ପରିବେଶ ଓ ବିଶ୍ୱରୀୟ ଭାବ ଓ ଅଭାବ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଯେମିତି:

"ଆଉ କ'ଣ ଭଲ ସବୁ' ଚାଲ ଏଇ ଶରତ ଋତୁରେ
ବୁଲିଯିବା ଗାଆଁ ଆଡ଼େ ମେଘ ମଧ୍ୟ ମଝିରେ ମଝିରେ
ପଚରା ସଙ୍ଖୋଳା କରେ । ବାଲି ଛତୁ ନେଳିନେଳି ଘାସ
ମୁହଁ ପୋତି ଲାଜ କରେ କାମନାର ଦକ୍ଷିଣ ଆକାଶ ।"

**(ସନେଟ୍-୧, ପୃଷ୍ଠା-୨୯, ଏ ପର୍ଯ୍ୟନ୍ତ, ବଂଶୀଧର ଷଡ଼ଙ୍ଗୀ)**

ବାସ୍ତବ ଜଗତରେ କେତେକେତେ ଘଟଣା ଘଟେ. ଲିଭିଯାଏ । କିଏ ତାକୁ ଗଣ୍ଠିଧନ କରି ସାଇତି ରଖେ ? ହୁଏତ ଯିଏ ଧରି ରଖିଥିବ, ସେଇ ତ ସ୍ମୃତି, ସେଇ ତ ପ୍ରେମ । ବିଜନବେଳାରେ ତାକୁ ଉଖୁରାଇ ପ୍ରିୟତମମାନେ ଉଲ୍ଲସି ଉଠନ୍ତି । ଜୀବନ ତ ଗୋଟେ ସ୍ମୃତି, ଅଭୁଲା ସ୍ମୃତିର ଗନ୍ତାଘର । ତା'ର ଗତିପଥ ଅଙ୍କାବଙ୍କା, ଉଠାଣି ଗଡ଼ାଣି । ତାକୁ ଅନୁଧ୍ୟାନ କରୁକରୁ ଜୀବନ ଦୀପରୁ ତେଲ ସରିଯାଏ, ବଳିତା ଲିଭିଯାଏ । ସେମିତିକା ସନେଟ୍‌ର କବି ସୌଭାଗ୍ୟ ମିଶ୍ରଙ୍କ ଗୋଟିଏ ଉଦ୍ଧୃତିର ରୂପରେଖ ଏମିତି:

"ତୁମେ ଯେବେ ଭୁଲ୍ ବୁଝ ସଳିତାରୁ ତେଲ ସରିଯାଏ / ଅଚାନକ ବିଜନତା ମାଡ଼ିଆସେ କଳାନାଗ ପରି / ଘୋଷାରି ଘୋଷାରି ପାଦ ଦି ପାହୁଣ୍ଡ ଆଗକୁ

ଚାଲିଲେ / ଅଭୟବାଣୀ ବା ଶୁଭେ
ପ୍ରତିକାର ତୁମେଇ ତୁମରି ।”

**(ସ୍ମୃତିତମେ, ପୃ-୧୩୨, ସବୁ ସମୟର ସନେଟ୍)**



କମଲାକାନ୍ତ ଲେଙ୍କା

ପକ୍ଷାନ୍ତରରେ କବି ବ୍ରହ୍ମୋତ୍ରୀ ମହାନ୍ତି, ବିବେକ ଜେନା, କମଲାକାନ୍ତ ଲେଙ୍କା, ନୃସିଂହ କୁମାର ରଥ, ପରେଶ ରାଉତ, ଦେବଦାସ ଛୋଟରାୟ, ବନ ବିହାରୀ ପଣ୍ଡା, ପ୍ରହରାଜ ସତ୍ୟ ନାରାୟଣ ନନ୍ଦ, ବନଜ ଦେବୀ ଓ ସୁରେଶ ପରିଡ଼ା ପ୍ରମୁଖ କବିଗଣ ସନେଟ୍ କବିତାକୁ ସମୃଦ୍ଧ କରିଛନ୍ତି । ଅନୁରୂପ ଭାବରେ ଜୀବନ ଯୁଦ୍ଧରେ ପରାସ୍ତ ହୋଇଥିବା ଲୋକ ପାଖରେ ଜନ୍ମ-ମୃତ୍ୟୁ, ହାନିଲାଭର କିଛି ଅର୍ଥ ନଥାଏ । ସେହି ମଣିଷର କରୁଣ ଅଭିବ୍ୟକ୍ତିକୁ କବି ବୀଣାପାଣି ପଣ୍ଡା ସୁନ୍ଦର ସାବଲୀଳ ଭାବରେ ଆପଣାର ସନେଟ୍‌ରେ ପ୍ରକାଶ କରିଛନ୍ତି । ବୀଣାପାଣିଙ୍କ କାବ୍ୟ ନାୟକର ସ୍ୱର ଏମିତି:

“ଗୋଟିଏ ରାତିର ଆଳାପ ଲାଗି ମୁଁ ଦେଇଥିଲି ଦିନେ କଥା
ଆଳାପ ଆଗରୁ ବିଳାପ ଶୁଭିଲା ଚରିଗଲା ନୀରବତା
ଯଦି କାହା ଆଶା ଅକାଳରେ ହେଲା ମୋ ଲାଗି କୀଟଦ୍ରଷ୍ଟ
ସେଦିନ ଜାଣିବ ମୁଁ ଆଉ ନାହିଁ ଆଗ ଭଳି ନୀତିନିଷ୍ଠ ।”

**(ହାରି ଯାଇଥିବା ଲୋକ, ପୃ-୧୬୨, ସବୁ ସମୟର ସନେଟ୍)**

ଜୀବନ ଉଭୟ ପାଖକୁ ପରଖିବାରେ କବି ସତ୍ୟ ପଟ୍ଟନାୟକ ସିଦ୍ଧହସ୍ତ । ସୁନ୍ଦର ଶବ୍ଦ ଚୟନ, ଦ୍ୱନ୍ଦ୍ୱ, ପ୍ରତୀକ ଓ ବିଡ଼ମ୍ବନା ମଧ୍ୟରେ କାବ୍ୟ ନାୟକ ଜୀବନର ସ୍ୱାଦ ଗ୍ରହଣ କରିବାକୁ ଆଗ୍ରହୀ । ତା’ର ଗୋଟିଏ ଉଦ୍ଧୃତି ଏମିତି:

“ଏପଟେ ଡାକୁଚି ଜୀବନର ଋତୁ ହାତରେ ଫଗୁଣ ଥାଳି
ମାୟା ମହଲରେ ଦୁଃଖ ପାଉଚି ରାଜକନ୍ୟା ଅଲିଅଳି
ତୁମେ ଖୋଜୁଅଛ ଶୀତଳ ସାନ୍ନିଧ୍ୟ ଧୂଆଁର କରୁଣ ସ୍ପର୍ଶ
ଜୀବନ ରଖିଚି ତୁମ ପାଇଁ କେତେ ଚଇତାଳି ମଧୁମାସ ।”

**(ଜୀବନ ସନେଟ୍, ପୃ-୧୬୫, ସବୁ ସମୟର ସନେଟ୍)**

ସାଂପ୍ରତିକ ସମୟରେ ମଣିଷର ଆଶା ଆକାଂକ୍ଷା ଏପରି ବୃଦ୍ଧି ପାଇଛି ଯେ, କେହିବି ଅଳ୍ପରେ ସନ୍ତୁଷ୍ଟ ହେବାକୁ ଅମଙ୍ଗ । ସାରା ସଂସାର ବି ଭୋଗ କରିବାକୁ ତାକୁ ନିଅଣ୍ଟ । ସମକାଳ ମଣିଷର ମନସ୍ତତ୍ତ୍ୱକୁ ଜ୍ଞାନୀ ଦେବାଶିଷ ମିଶ୍ର ଖୁବ୍ ସାବଲୀଳ ଶବ୍ଦ ମଧ୍ୟରେ ପ୍ରକାଶ କରିଛନ୍ତି । ‘ସେତିକି ଥାଉ’ ଶବ୍ଦକୁ ସେ ଉଭୟ ସକାରାତ୍ମକ ଓ ନକାରାତ୍ମକ ଅର୍ଥରେ ପ୍ରୟୋଗ କରିଛନ୍ତି । ଯେମିତି:



ସୁରେଶ ପରିଡ଼ା

“ମନ କି ଏମିତି ସହଜ ଦରବ, ସଭିଏଁ ବୁଝିବେ ମନକୁ ମୋର / ଯାହାକୁ କହିଲି ମନ ବୁଝିବାକୁ, କହିଲା- ସୁଆଗ ସେତିକି ଥାଉ / ଖରାରେ ଶୁଖେ ମୁଁ ବର୍ଷାରେ ବତୁରେ, ଶୀତଦିନେ ମୋର ଫୁଙ୍ଗୁଳା ଦେହ / ଦିନରାତି ମୁଁ ତ ବିଷରେ ପହଁରେ କେହି ଡାକେ ନାହିଁ ସେତିକି ଥାଉ ।”

**(ସେତିକି ଥାଉ, ପୃ-୧୬୬, ସବୁ ସମୟର ସନେଟ୍)**

ଅଧିକନ୍ତୁ ଯୁବକବି ସୌମ୍ୟ ସାରସ୍ୱତ ଦାଶ ଓ ସୂର୍ଯ୍ୟସ୍ନାତ ତ୍ରିପାଠୀ ମଧ୍ୟ ସନେଟ୍ ସର୍ଜନାରେ ମୋହିତ ।

## ଓଡ଼ିଆ ସନେଟ୍ ଓ କବି ଗିରିଜା କୁମାର ବଳୀୟାର ସିଂହ

ଓଡ଼ିଆ ସନେଟ୍ ସେକ୍ସପିଏରିୟ ସନେଟ୍ ଶୈଳୀରେ ଲିଖିତ; ଯାହାର ଶେଷ ଦୁଇ ଧାଡ଼ିରେ ସନେଟ୍‌ର essence ନିହିତ ଥାଏ । ସେକ୍ସପିଏର୍ ତାଙ୍କ ସାରସ୍ୱତ ସର୍ଜନା କାଳରେ ୧୫୪ଟି ସନେଟ୍ ରଚନା କରିଥିଲେ । ଓଡ଼ିଆ କବି ଗିରିଜା କୁମାର ବଳୀୟାର ସିଂହ ସନେଟ୍ କ୍ଷେତ୍ରରେ ଏକ ବିସ୍ମୟ, ଏକ ମାଇଲଖୁଣ୍ଟ ନିଃଶ୍ଚୟ । ଏକବିଂଶ ଶତାବ୍ଦୀ ଆରମ୍ଭରୁ ଏଯାବତ୍ ସେ ଦେଢ଼ ହଜାରରୁ ଅଧିକ ସଂଖ୍ୟକ ସନେଟ୍ ରଚନା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ, ଚକିତ କରିଛନ୍ତି । ଏବେ ମଧ୍ୟ ସନେଟ୍ ସର୍ଜନା ଜାରି ରହିଛି । ତାଙ୍କ ସନେଟ୍‌ର ଭାବପକ୍ଷ, ଶବ୍ଦବିନ୍ୟାସ ଅପୂର୍ବ, ଅସାଧାରଣ । ଶବ୍ଦ ଗଢ଼ଣ ଓ ବସାଣରେ ଗିରିଜା ନିଶ୍ଚୟ ଅଦ୍ୱିତୀୟ । ତାଙ୍କର ପ୍ରମୁଖ ସନେଟ୍ ଗ୍ରନ୍ଥର ତାଲିକା ଖୁବ୍ ଲମ୍ବା ମଧ୍ୟ । ନୀଳନିର୍ବାଣ (୨୦୦୩), ଭାରତବର୍ଷ (୨୦୦୩), ତୃଷ୍ଣା ତର୍ପଣ (୨୦୦୪), ଚତୁର୍ଦ୍ଦଶୀର ଚନ୍ଦ୍ର (୨୦୦୫), ଉତ୍ତରମେଘ (୨୦୦୬), ଚିତ୍ର ପ୍ରତିମା (୨୦୦୭), ଶୀତ ଶୀର୍ଷକ (୨୦୦୮), ଚର୍ଯ୍ୟା ଚୟନ (୨୦୦୮), ଚାରଣ ଚର୍ଯ୍ୟା(୨୦୧୧) ଓ କାବ୍ୟପୁରୁଷ (୨୦୧୫) ।



ଗିରିଜା ବଳୀୟାର ସିଂହ

କବି ଗିରିଜା ସନେଟ୍ ‘ଶ୍ରୀରାଧା’ରେ ରାଧାକୃଷ୍ଣଙ୍କ ଜୀବନର ଯେଉଁ ମହନୀୟ ଘଟଣାକୁ ଉପସ୍ଥାପିତ କରିଛନ୍ତି ତାହାର ପଟାନ୍ତର ନାହିଁ । ତା’ର ଗୋଟିଏ ଉଦ୍ଧୃତି ଏମିତି:

“ଆଜି ବୋଧେ କୁଞ୍ଜବନ ତୋଳିବନି ଗୁଞ୍ଜନ କଦାପି / ଶୁଣିବନି ଗୋପଦାଣ୍ଡ ଗୁଜବର ନିଷ୍ଠୁର ନାଗରା... / ଆଜି ବୋଧେ ସବୁଫୁଲ କଦମ୍ବଠୁ ମାଗିନେବେ ମାଫି / ଯାଦବ ଯୁବତୀ ବୃନ୍ଦ ବୃନ୍ଦାବନେ ଛୁଇଁବେନି ଗରା ।

+++

ହେ ରାଧା, ରମଣ ଆମ-ମରଣକୁ କରିବ ମଳିନ
ଶିଆଳୀ ଶଯ୍ୟାରେ ମୋର ଶେଷଦିନ...ହେବ ଶ୍ରେଷ୍ଠଦିନ ।”

**(ଶ୍ରୀରାଧା, ପୃ-୧୫୫, ସବୁ ସମୟର ସନେଟ୍)**

ସାଂପ୍ରତିକ ସମୟରେ ନୂଆପିଢ଼ି କବିଙ୍କର ସନେଟ୍ ରଚନା ପ୍ରତି ଆଗ୍ରହ ଓ ଆଦର ବୃଦ୍ଧି ପାଇଛି । ସେମାନେ ମୁଖ୍ୟତଃ ସେକ୍ସପିଏରିୟ ସନେଟ୍ ପଦ୍ଧତିକୁ ଗ୍ରହଣ କରିଛନ୍ତି । ବସ୍ତୁତଃ, ଚଉଦ ଧାଡ଼ି ମଧ୍ୟରେ ଭାବନାକୁ ପରି ପ୍ରକାଶ କରିବା ଏତେ ସହଜ ନୁହେଁ । ସୁତରାଂ ସନେଟ୍ ସର୍ଜନାରେ ଶବ୍ଦର ଗୁରୁତ୍ୱ ଅଧିକ । ଅର୍ଥପୂର୍ଣ୍ଣ ଶବ୍ଦ ବ୍ୟବହାର କରି ସନେଟ୍ ରଚନା ସମସ୍ତଙ୍କ ପକ୍ଷେ ସଂଭବ ହୋଇ ନପାରେ । ଆକାରରେ ଏହା କ୍ଷୁଦ୍ର ହୋଇପାରେ, ମାତ୍ର ଏହାର ବିଦ୍ୟମାନତା ଅକାରଣ ନୁହେଁ । କୁନ୍ତଳାକୁମାରୀଙ୍କ ଗୋଟିଏ କବିତାଂଶର ପରିଚ୍ଛେଦ ଏମିତି:

“କ୍ଷୁଦ୍ର ହେଲେ ସୁଦ୍ଧା ଅକାରଣେ ଜନ୍ମିନାହିଁ / ଅନନ୍ତ ବିନାଶ ମୋ ଲେଖା ନାହିଁ କପାଳେ / ଏକ ରାତି ପାଇଁ ଫୁଟି / ଝରିଯିବି ସକାଳେ ।” **(ଶେଫାଳି ପ୍ରତି)**

ସୁତରାଂ ସନେଟ୍‌ର ଆକାର ସାନ ହେଲେ ବି ତା’ର ମହକ ବହୁ ଦିଗ୍‌ବିଦିଗ ଓ କାଳ କାଳାନ୍ତରକୁ ବିଚ୍ଛୁରିତ ହେଉଥିବ ।



କାନାରା ବ୍ୟାଙ୍କ Canara Bank
ଭାରତ ସରକାରଙ୍କ କର୍ତ୍ତୃତ୍ୱାଧୀନ
A Government of India Undertaking
ସିଣ୍ଡିକେଟ Syndicate
ଏକତ୍ର ହେଲେ ହିଁ ବଢ଼େ ଶକ୍ତି
ଗ୍ରାହକ ଓ ରାଷ୍ଟ୍ର ପାଇଁ ନିବେଦିତ
କାନାରା ବ୍ୟାଙ୍କରେ ସିଣ୍ଡିକେଟ ବ୍ୟାଙ୍କର ମିଶ୍ରଣ
(ଅପ୍ରେଲ 1, 2020ରୁ କାର୍ଯ୍ୟକାରୀ ହୋଇଅଛି)
ଏକମାତ୍ର ବୃହତ୍ ବ୍ୟାଙ୍କ ହିସାବରେ ପୁଣିଥରେ ପ୍ରତିଶ୍ରୁତିବଦ୍ଧ
$5 ଟ୍ରିଲିୟନ୍ ଅର୍ଥନୀତିର ଅଧିକାରୀ ହେବାର ଯାତ୍ରାରେ ରାଷ୍ଟ୍ରର ସହଯୋଗୀ
• ଆମର ସବୁ ଶାଖାରେ ସାଧାରଣ ବ୍ୟବସାୟିକ ଲେଣଦେଣ
• ପାରମ୍ପରିକ, ଆନ୍ତରିକ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସେବାର ଏକତ୍ରୀକରଣ • ବ୍ୟାପକ ନେଟୱର୍କ, ସହଜଲଭ୍ୟ
ଗ୍ରାହକ ଓ ରାଷ୍ଟ୍ରର ସୁବିଧା
ଏକ ଶକ୍ତିଶାଳୀ ବ୍ୟାଙ୍କିଙ୍ଗ ବ୍ୟବସ୍ଥା
ଆର୍ଥିକ ଅନ୍ତର୍ଭୁକ୍ତିର ସୁବିଧା
ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରୀ ରୂପାୟନ
ପ୍ରତିଯୋଗିତାମୂଳକ ମୂଲ୍ୟରେ ବ୍ୟାପକ ମାତ୍ରାର ବ୍ୟାଙ୍କିଙ୍ଗ ଉତ୍ପାଦ ଓ ପରିସେବା
ବ୍ୟାପକତର ଶାଖା ଓ ଏଟିଏମ ସେବା
ସରଳ ଓ ଅଧିକ ସୁବିଧାଜନକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା
ନୂଆ ନୂଆ ପ୍ରଡକ୍ଟ ଓ ଆକର୍ଷଣୀୟ ସୁଧ ହାର
ବ୍ୟୟ-ସଂଗତ ଟେକ୍ନୋଲଜୀ
ଗ୍ରାହକଙ୍କ ଚାହିଦା ପୂରଣ ଅନୁସାରୀ ଉପଯୋଗୀ ଡିଜିଟାଲ ପ୍ରଡକ୍ଟ
ଗ୍ରାହକ ସେବା ଅଭିମୁଖୀ ଅଧିକ ନିୟୋଜିତ କର୍ମଚାରୀ
ଲୋନ ସହାୟତା ପାଇଁ ନିକଟସ୍ଥ ଶାଖାରେ ଯୋଗାଯୋଗ କରନ୍ତୁ ।
Stay safe at home and enjoy the convenience of Canara Digital Banking 24/7
We request customers to use the alternate banking channels
Candi - Mobile Banking
Internet Banking
Canara ATM
Debit & Credit Cards
Please note : Our Call Centre is working with limited resources due to the lockdown.
ମିଶ୍ରଣ ସମ୍ବନ୍ଧୀୟ ତଥ୍ୟ ଅବଗତ ନିମନ୍ତେ ଉତ୍ସର୍ଗୀକୃତ କଲ୍ ସେଣ୍ଟର : 1800 572 5660
କାନାରା ବ୍ୟାଙ୍କ : 1800 425 0018
ସିଣ୍ଡିକେଟ : 1800 208 3333
@canarabank
CanaraBankOfficial
canarabank
canarabankinsta
www.canarabank.com

## କବି ବସନ୍ତ ମୁଦୁଲିଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ପାଳିତ

# କବିତା ଗଭୀରତମ ସ୍ନେହ ଆଉ ଆତ୍ମିକ ଆଲୋଡ଼ନରୁ ଜନ୍ମନିଏ




ଭଦ୍ରକ: କବିତା ଗଭୀରତମ ସ୍ନେହରୁ ଆଉ ଆତ୍ମିକ ଆଲୋଡ଼ନରୁ ଜନ୍ମନିଏ । ମଣିଷର ହୃଦୟକୁ ନିରହଂକାର ଓ ନିର୍ଭୀକ ହେବା ଶିଖାଏ । କାକର ପରି ନମ୍ର, କୋମଳ ଓ ସ୍ୱଚ୍ଛ କରେ । ପ୍ରେମ ଓ ବିଦ୍ରୋହକୁ ନିଜ କବିତାର ଶକ୍ତି କରିଥିବା କବି ବସନ୍ତ ମୁଦୁଲି ସାଲିସ୍ ବିହୀନ ଜୀବନ ଜିଇବା ସହ କବିତାର କାରୁକାର୍ଯ୍ୟରେ ଜୀବନକୁ ନୂଆ ଅର୍ଥ ଓ ରଙ୍ଗ ଦେବାରେ ବ୍ରତୀ ଥିଲେ ବୋଲି ଭଦ୍ରକ ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଂଚାୟତ ଆଦମପୁର ଠାରେ ଅନୁଷ୍ଠିତ ୩୩ତମ ରାଜ୍ୟସ୍ତରୀୟ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହରେ ଯୋଗ ଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ସମାରୋହରେ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ସଭାପତି କଥାକାର ପବିତ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ କଥାକାର ଦାଶ ବେନହୁର, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମି ସଭାପତି କବି ଡକ୍ଟର ହୃଷୀକେଶ ମଲ୍ଲିକ, ବିଶେଷ ଅତିଥି ଭାବେ ଡକ୍ଟର ସ୍ୱର୍ଣ୍ଣଲତା ପରିଡ଼ା, ବରେଣ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଗାଳ୍ପିକ ବିଜୟ ନାୟକ, ନାଟ୍ୟକାର ସୁଧାକର ନନ୍ଦ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ୨୦୧୭ ମସିହା ପାଇଁ କବି କିଶୋର ପାଣିଗ୍ରାହୀ, ୨୦୧୮ ମସିହା ପାଇଁ 'ସମ୍ବାଦ ସାହିତ୍ୟଘର'ର ରାଜ୍ୟ ସଂଯୋଜିକା କବୟିତ୍ରୀ ଡକ୍ଟର ଶୁଭଶ୍ରୀ ଲେଙ୍କା, ୨୦୧୯ ମସିହା ପାଇଁ ପ୍ରୀତିଧାରା ସାମଲ, ୨୦୨୦ ମସିହା ପାଇଁ ଇପସିତା ଷଡ଼ଙ୍ଗୀ ଓ ୨୦୨୧ ମସିହା ପାଇଁ ବାଦଲ ମହାନ୍ତିଙ୍କୁ କବି ବସନ୍ତ ମୁଦୁଲି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଓଡ଼ିଶା ସାହିତ୍ୟ ଏକାଡ଼େମିର ସଭାପତି କବି ଡକ୍ଟର ହୃଷୀକେଶ ମଲ୍ଲିକଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମାରୋହରେ କବି ବସନ୍ତ ମୁଦୁଲିଙ୍କର କବିତା ସଂକଳନ 'ବସନ୍ତ ବର୍ଣ୍ଣମାଳା'ର ପରିବର୍ଦ୍ଧିତ ସଂସ୍କରଣ ସହ ସାବିତ୍ରୀ କବିଙ୍କ କବିତା ସଂକଳନ 'ସ୍ୱପ୍ନର ନାଁ ନଈ', ପ୍ରଭାତ ସିହ୍ନାଙ୍କ ଗଳ୍ପ ସଂକଳନ 'ନିସର୍ଗ', ମୋହନ ଚନ୍ଦ୍ର ଖିଲାରଙ୍କ ଉପନ୍ୟାସ 'କେମିତି କହିବି ଏମିତି କଥା' ଓ ପ୍ରହ୍ଲାଦ ପାଣିଙ୍କ ଦୁଇଟି ପୁସ୍ତକ ସହ ବୀରେନ୍ଦ୍ର ପାଣିଙ୍କ ଅଙ୍କିତ କବି ବସନ୍ତ ମୁଦୁଲିଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଥିଲା । ସଭା ପ୍ରାରମ୍ଭରେ ଦିବଂଗତ ସାଂସଦ ବୈଷ୍ଣବ ଚରଣ ପରିଡ଼ାଙ୍କ ସାଂସଦ ପାଣ୍ଠି ପ୍ରଦତ୍ତ ଅନୁଦାନରେ ନିର୍ମିତ 'ବସନ୍ତ ବାସ' ସ୍ମୃତି ପାଠାଗାରକୁ ସ୍ୱର୍ଗତ ପରିଡ଼ାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣଲତା ପରିଡ଼ା ଓ କଥାକାର ଦାଶ ବେନହୁର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ସୁଚିତ୍ରା ପାଣିଗ୍ରାହୀଙ୍କ ରଚିତ ଓ ଖଗେଶ୍ୱର ଜେନାଙ୍କ ନିର୍ଦ୍ଦେଶିତ ସଂଗୀତ ପରିବେଷିତ ହୋଇଥିଲା । ସଂସଦର ସମ୍ପାଦକ କବି କୃଷ୍ଣ କୁମାର ମହାନ୍ତିଙ୍କ ପକ୍ଷରୁ ଅଭିଜିତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ନିରାକାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ସଭାପତି ଶ୍ରୀ ପାଣିଗ୍ରାହୀ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିବା ବେଳେ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦର ସଂଯୋଜକ ଅରୁଣ ଖିଲାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସହ ସମ୍ପାଦକ ଅମିତାଭ ଖିଲାର, କବିପୁତ୍ର ପାର୍ଥସାରଥୀ ମୁଦୁଲି, ସାବିତ୍ରୀ କବି, ପ୍ରଦୀପ୍ତ ମହାନ୍ତି, ବିଜୟ ମିଶ୍ର, ଡକ୍ଟର ମମତା ସାହୁ, ପ୍ରଫୁଲ୍ଲ ନାୟକ, ବିଜୟ ବହଳୀ, ସରପଂଚ ଅମୂଲ୍ୟ ନାୟକ, ନିରଂଜନ ସ୍ୱାଇଁ, ଡକ୍ଟର ରବୀନ୍ଦ୍ର ପଣ୍ଡା, ଶାନ୍ତନୁ ମହାପାତ୍ର, ସୁଧାକର ମହାପାତ୍ର, ଅବିନାଶ ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# 'ମହତ୍ତର ସଦସ୍ୟତା' ପାଇଲେ ପିଏନ୍ଏସ୍ ଅଧ୍ୟକ୍ଷ ଜ୍ଞାନରଞ୍ଜନ ନାୟକ



କେନ୍ଦ୍ରାପଡ଼ା: କେନ୍ଦ୍ରାପଡ଼ା ସହର ଉପକଣ୍ଠ ଅଙ୍ଗୁଳାଇସ୍ଥିତ ପିଏନ୍ଏସ୍ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଜ୍ଞାନ ରଂଜନ ନାୟକ, ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର 'ମହତ୍ତ୍ୱ'ର ସଦସ୍ୟତା ଲାଭ କରିଛନ୍ତି । ଇଂ ଜ୍ଞାନରଂଜନ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଏମ୍ଟେକ୍ ହାସଲ କରିବା ପରେ ସମ୍ପ୍ରତି ସେ କଳିଙ୍ଗ ବିଶ୍ୱବିଦ୍ୟାଳୟ, ଛତିଶଗଡ଼ରେ ପାୱାର୍ କ୍ୱାଲିଟି ଏନ୍ହାନ୍ସମେଣ୍ଟ୍ ଇନ୍ ପିଭି କନେକ୍ଟେଡ୍ ଗ୍ରୀଡ୍ ସିଷ୍ଟମ୍ ବିଷୟରେ ନିଜର ଗବେଷଣା ଜାରି ରଖିଛନ୍ତି । ଏହା ପୂର୍ବରୁ ତାଙ୍କର ନିବନ୍ଧ ରୁରାଲ୍ ଇଲେକ୍ଟ୍ରିଫିକେସନ୍ ଆପ୍ରୋଚେସ୍ ଆଣ୍ଡ ଚ୍ୟାଲେଞ୍ଜର୍ସ -୨୦୧୪ ମସିହାରେ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସର ଓଡ଼ିଶା ଶାଖା ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ୧୯୨୦ ମସିହାରେ କୋଲକାତା ଠାରେ ପ୍ରତିଷ୍ଠା ହୋଇଥିଲା ଓ ପରେ ୧୯୩୫ ମସିହାରେ ରାଜା ପଞ୍ଚମ ଜର୍ଜଙ୍କ ସ୍ୱୀକୃତଲାଭ କରି 'ରୟାଲ ଚାଷ୍ଟର'ର ଅନ୍ତର୍ଭୁକ୍ତ ହୋଇଥିଲା । ସମ୍ପ୍ରତି ଏହାର ଶାଖା ବିଦେଶରେ ମଧ୍ୟ ବିସ୍ତାରଲାଭ କରିଛି । ଏହି ଅନୁଷ୍ଠାନ ଏଏମ୍ଆଇଇ ଡିଗ୍ରୀ ପ୍ରଦାନ ସହ ପ୍ରଫେସନାଲ ଇଂଜିନିୟର୍ସ, ଚାଟାର୍ଡ଼ ଇଞ୍ଜିନିୟର୍ ଆଦି ପେସାଦାର ପ୍ରମାଣପତ୍ର ସହ ଇଞ୍ଜିନିୟରିଂ କ୍ଷେତ୍ରରେ ଉତ୍କର୍ଷ ଅଭିଜ୍ଞତା ପାଇଁ ମହତ୍ତର ସଦସ୍ୟତା ମଧ୍ୟ ପ୍ରଦାନ କରିଥାଏ । ମହତ୍ତର ସଦସ୍ୟତା ଲାଭ କରିଥିବା ଇଞ୍ଜିନିୟର୍ ଜ୍ଞାନରଂଜନ ନାୟକ ରାଜ୍ୟର ଜଣେ ସୁଖ୍ୟାତ କଥାଶିଳ୍ପୀ ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି ।

# ‘ରେବତୀ’କୁ ମିଳିଲା ‘ଜାଗୃତି ସମ୍ମାନ’: ୨୮ତମ ବାର୍ଷିକ ମହୋତ୍ସବରେ ଯୋଗ ଦେଲେ ସଂପାଦିକା ସୁବାସିନୀ ଜେନା

ଫୁଲନଖରା: କଳା, ସାହିତ୍ୟ ଓ ସଂସ୍କୃତି ପାଇଁ ସମର୍ପିତ ସଂଗଠନ ‘ଜାଗୃତି’ ପକ୍ଷରୁ ମାସିକ ପାରିବାରିକ ଫିଚର୍ ପତ୍ରିକା ‘ରେବତୀ’କୁ ତାର ସାମାଜିକ ଦାୟବଦ୍ଧତା ଏବଂ ଭାଷା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟ କରୁଥିବାରୁ ‘ଜାଗୃତ ସମ୍ମାନ’ ପ୍ରଦାନ କରାଯାଇଛି । ଏରଞ୍ଚର କୁରାଙ୍ଗଶାସନ ସ୍ଥିତ ଆମ୍ରପଲ୍ଲୀ ରିସର୍ଟସ୍ ଠାରେ ଅନୁଷ୍ଠାନର ୨୮ତମ ବାର୍ଷିକ ଉତ୍ସବ ଅବସରରେ ‘ରେବତୀ’ର ସଂପାଦିକା ସୁବାସିନୀ ଜେନାଙ୍କୁ ମାନପତ୍ର, ଉପାୟନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏଥି ସହିତ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଅଶ୍ୱିନୀ କୁମାର ମହାପାତ୍ର, ନିଗମାନନ୍ଦ ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ବିଦ୍ୟାଶ୍ରୀ ସାହୁ, ପାଲା ଗାୟକ ଜ୍ଞାନପ୍ରିୟ କାନୁନ୍‌ଗୋଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ସଂଗଠନର ସମ୍ପାଦକ ଅଧ୍ୟାପକ ଚିନ୍ମୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅନ୍ତରାଷ୍ଟ୍ରୀୟ ଗୀତା ମିଶନର ଅଧ୍ୟକ୍ଷ ସ୍ୱାମୀ ଡ. ଚିଦାନନ୍ଦ ବ୍ରହ୍ମଚାରୀ, ମୁଖ୍ୟବକ୍ତା ଭାବରେ ପରିବେଶବିତ୍ ଦିଲ୍ଲୀପ ଶ୍ରୀଚନ୍ଦନ ଓ ସମ୍ମାନିତ ଅତିଥି ଭାବରେ ଆଚିଭର୍ ଫାଉଣ୍ଡେସନ୍‌ର ସମ୍ପାଦକ ଅଶୋକ ସୁନ୍ଦରାୟ ଯୋଗ ଦେଇଥିଲେ । ଏହି ଅବସରରେ ସଂଗଠନ ତରଫରୁ ଆୟୋଜିତ କବିତା ଆସରରେ ୫୦ରୁ ଉର୍ଦ୍ଧ୍ୱ କବି ଯୋଗ ଦେଇ ସେମାନଙ୍କର ନିଜସ୍ୱ ରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସମ୍ପାଦକ ଡ. ସତ୍ୟ କାନୁନ୍‌ଗୋ, ସଭାପତି ବିନୟ ଶଙ୍କର ମହାନ୍ତି ପରିଚାଳନା କରିଥିଲେ ।




# ‘ଆମ ପାଞ୍ଜି’ ଶ୍ରୀ ଜଗନ୍ନାଥ, ଶ୍ରୀଲିଙ୍ଗରାଜଙ୍କ ନିକଟରେ ସମର୍ପିତ

ଭୁବନେଶ୍ୱର: ପବିତ୍ର ହୋଲି ଅବସରରେ ‘ସମ୍ବାଦ-ଆମ ଓଡ଼ିଶା’ ପକ୍ଷରୁ ପ୍ରକାଶିତ ‘ଆମ ପାଞ୍ଜି’ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ନିକଟରେ ସମର୍ପିତ ହୋଇଛି । ‘ସମ୍ବାଦ’ର ସମ୍ପାଦକ ତଥା ‘ଆମ ଓଡ଼ିଶା’ର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକଙ୍କ ସମେତ ‘ଆମ ଓଡ଼ିଶା’ ସମ୍ପାଦକ ସ୍ୱରାଜ ମିଶ୍ର, ‘ପୌରୁଷ’ର ସମ୍ପାଦକ ଅସିତ ମହାନ୍ତି, ଶ୍ରୀଲିଙ୍ଗରାଜ ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର ପ୍ରମୁଖ ଆଶୀର୍ବାଦ ଭିକ୍ଷା କରିବା ସହ ‘ଆମ ପାଞ୍ଜି’ ସମର୍ପଣ କରିଥିଲେ । ସେହିଭଳି ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ‘ସମ୍ବାଦ-ଆମ ଓଡ଼ିଶା’ ପକ୍ଷରୁ ପ୍ରକାଶିତ ‘ଆମ ପାଞ୍ଜି’ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମର୍ପିତ ହୋଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି । ସିଂହଦ୍ୱାର ସମ୍ମୁଖରେ ଶ୍ରୀ ମନ୍ଦିରର ବରିଷ୍ଠ ଦଇତାପତି ସେବକ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର, ‘ଅଭିନନ୍ଦନିକା’ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶ୍ରୀମନ୍ଦିର ସୁବେଦାର ଯୋଗେଶ ସ୍ୱାଇଁ, ‘ସମ୍ବାଦ’ର ଜିଲ୍ଲା ପ୍ରତିନିଧି ସୁମନ୍ତ ପରିଡ଼ା, ସାମ୍ବାଦିକ ଶ୍ୟାମକାହ୍ନା ପଟ୍ଟନାୟକ, ସତ୍ୟନାରାୟଣ ରାଉତରାୟ, ସନ୍ତୋଷ ବରାଳ, ‘କନକ ନ୍ୟୁଜ’ର ଜିଲ୍ଲା ପ୍ରତିନିଧି ସୀମାଞ୍ଚଳ ପାଢ଼ୀ, ସୁକାନ୍ତ ସ୍ୱାଇଁ, ପବିତ୍ର କୁମାର ପୃଷ୍ଟି, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ଅକ୍ଷୟ ମିଶ୍ର, ସଂଜୟ ମହାପାତ୍ର ପମୁଖ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଗତ ୧୧ ବର୍ଷ ଧରି ‘ସମ୍ବାଦ’ ଆମ ଓଡ଼ିଶା ପକ୍ଷରୁ ପ୍ରକାଶିତ ହେଉଥିବା ଏହି ପାଞ୍ଜି ଓଡ଼ିଶାବାସୀଙ୍କ ମଧ୍ୟରେ ଆଦର ଲାଭ କରିଆସିଛି ।

# ନୃତ୍ୟାନୁଷ୍ଠାନ ‘ନାଚ୍’ ପାଳିଲା ବିଶ୍ୱ ମହିଳା ଦିବସ

ବାଲେଶ୍ୱର : ବାଲେଶ୍ୱରର ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ‘ନାଚ୍’ (ନ୍ୟାସ୍‌ନାଲ ଏକାଡ଼େମୀ ଅଫ୍ ଆର୍ଟ, କଲ୍‌ଚର୍ ଏଣ୍ଡ୍ ହେରିଟେଜ୍) ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାର୍ଚ୍ଚ ୮ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର କୁନି ସଦସ୍ୟା ଅର୍ଚ୍ଚିଶା ପାଣିଗ୍ରାହୀ ଅତିଥି ଆବାହନ ଓ ପରିଚୟ ପ୍ରଦାନ କରିଥିଲେ । ‘ନାଚ୍’ର ଅଧ୍ୟକ୍ଷା ନୃତ୍ୟାଙ୍ଗନା ରୋନାଲିସା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ । ଏଥିରେ ମାସିକ ପାରିବାରିକ ଫିଚର୍ ପତ୍ରିକା ‘ରେବତୀ’ର ସମ୍ପାଦିକା ତଥା ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ, ସୁଖ୍ୟାତ କବି ଶ୍ରୀଦେବ ମୁଖ୍ୟବକ୍ତା ଓ ପ୍ରମୁଖ ଅତିଥି ଭାବେ କବି ପ୍ରଶାନ୍ତ ଦାସ, ସୁଖ୍ୟାତ କଥାକାର ଗୌତମବୁଦ୍ଧ ଦାସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମଗ୍ର ବିଶ୍ୱର ନାରୀ ସ୍ୱାଧିନତା ଏବଂ ନାରୀମାନଙ୍କ ସଫଳତା ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ‘ନାଚ୍’ର ଅଭିଭାବକମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଆନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ନିଃସ୍ୱାର୍ଥ ମାନବୀୟ ସେବା ନିମନ୍ତେ ବରେଣ୍ୟ ସମାଜସେବୀ ନୃତ୍ୟାଶ୍ରୟୀ ଶ୍ରୀମତୀ ଅନସୂୟା ନାୟକ, ନାଟ୍ୟକାର ଶିକ୍ଷୟିତ୍ରୀ ମୀନା କୁମାରୀ ସାମଲ, ଗାଳ୍ପିକା ସାମ୍ବାଦିକା ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ଏବଂ ସମାଜସେବୀ ଜ୍ୟୋତିର୍ମୟୀ ଶତପଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ହିନ୍ଦୁଜା ଫାଇନାନ୍ସର ଏରିଆ ମ୍ୟାନେଜର ଅରୁଣାଂଶୁ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ମଡେଲ୍ : ଶ୍ୱେତା ବସାକ୍, ଆସାମ
ଗ୍ରାଫିକ୍ ଡିଜାଇନ୍ : ଶିବରାଜ କମ୍ପ
ଉଚ୍ଚତା : ୫ଫୁଟ୍ ୪ ଇଞ୍ଚ୍
ବୃତ୍ତି : ମଡେଲିଂ ଓ ଅଭିନୟ
ସ୍ଥାନ : ସୋନାପୁର, ଆସାମ

ଲେଣ୍ଡର

# ଅପ୍ରେଲ - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

୦୧/୦୪/୨୦୨୨ : ଉତ୍କଳ ଦିବସ
୧୦/୦୪/୨୦୨୨ : ଶ୍ରୀରାମ ନବମୀ
୧୪/୦୪/୨୦୨୨ : ମହାବିଷୁବ ପଣା ସଂକ୍ରାନ୍ତି
୧୫/୦୪/୨୦୨୨ : ଗୁଡ୍ ଫ୍ରାଇଡେ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

# ଦ୍ରୌପଦୀ-୧୪

## ପ୍ରଫୁଲ୍ଲ କୁମାର ମହାନ୍ତି

**(କୃଷ୍ଣ ବାହୁଡ଼ିବା ପରେ)**

ବିଦାୟ ନେଲେ କୃଷ୍ଣ ବାସୁଦେବ
ଶ୍ରଦ୍ଧାମାଳ ନଦା ହୋଇ ହୁଳହୁଳି ଶଙ୍ଖନାଦରେ
ଶହଶହ ଶଗଡ଼ରେ ପାଞ୍ଚାଳର ଉପହାର
ମିନତୀ ବିନତି ଚରମ ଆହ୍ୱାନର ବିଦାୟ ପ୍ରଣତି
ଦ୍ରୌପଦୀର ଅକୁହା ଶବ୍ଦର ମର୍ମସଂଭାର
ସବୁ ନେଇ ଗଲାବେଳେ ହାତ ରଖି
ଦ୍ରୌପଦୀ କାନ୍ଧରେ କହିଲେ ବାସୁଦେବ
ଗମ୍ଭୀର ହସରେ ହାଲ୍‌କା ପରିହାସରେ
ବିଦାୟରେ କାହିଁକି ଏତେ କୁଣ୍ଠା
ହସିହସି ଦିଅ ମତେ ଶୁଭେଚ୍ଛାର ବଚନ ମଧୁର ।
ଆଗରେ ଅନେକ କାମ ତତଲା ବାଲିଯାତ୍ରା
ବିଦାକି ଦିଅ ମତେ ପାଏ ମୁଁ ସଫଳତା
ସ୍ନେହର ନଉକାରେ ପାରିହେବା ପାଇଁ
ସପ୍ତଫେଣି ସମୁଦ୍ରର ଗଭୀର ଦୂରତା ।

ସ୍ଥିର ହୋଇ ଦ୍ରୌପଦୀ ଇଚ୍ଛିଲେ ହେ କୃଷ୍ଣ !
ବାଜିବନି କଣ୍ଟା କାଦୁଅରେ ଲାଖିବନି ପାଦ
ତୁମ ଇଚ୍ଛାର ପୃଥିବୀରେ ରହିଯିବ ତୁମ ଛାପ
ମଣିଷର ଜନ୍ମାନ୍ତର ଇତିହାସେ ଅଲିଭା ଅକ୍ଷର ।
ଖାଲି ଏତିକି ମନେରଖ ସଖା
ତୁମ ସଖୀ ଖରାବର୍ଷା ବରଫରେ ଅଟକି ଲଟକି
ଫିଙ୍ଗୁଥିବ ଶୁଭଫୁଲ କର୍ମମଣ୍ଡପରୁ ।

ବିଦାୟର କୋଳାହଳ ନିରବିଲା ପରେ
ଦ୍ରୌପଦୀ ଭାବିହେଲା ସଖାଙ୍କର ଧୀରବାଣୀ
ହେବ ମୋର ସ୍ୱୟଂବର
ଆରମ୍ଭିବି ଜୀବନର ସଂସାର ବେଭାର ।


କାହିଁକି କଣ ପାଇଁ
ମୋର ବାହାଘର ପାଇଁ କାହିଁକି ତରବର ?
ମୁଁ ତ ଜାଣିନାହିଁ ଏ ପର୍ଯ୍ୟନ୍ତ
କାହିଁକି କାଉ ରାବେ ନଦେଖି ଅରୁଣିମା
ମଣିଷ କାହିଁକି ମାରେ ନିରୀହ ବଣପଶୁ
ତନ୍ତ୍ରଚକ୍ରାନ୍ତ ପଶେ କାହିଁକି ଶାସନରେ
କାହିଁକି ନଦୀ ମିଶେ ସମୁଦ୍ରରେ
କାହିଁକି ପର୍ବତ ଉଠେ ଜଙ୍ଗଲକୁ ଛୋଟ କରି
ବିକ୍ଷିପ୍ତ କୁଡ଼ିଆ ମଧ୍ୟେ ପ୍ରାସାଦର ଅହଂକାର ପରି ?
ଯାହା ମୁଁ ଦେଖୁଚି ଯାହା ମୁଁ ଶୁଣୁଚି
ଆଖିକାନ ପୃଥିବୀରେ କାହା ସାଙ୍ଗେ ବି ଯୋଡ଼ି ହୁଏ ନାହିଁ
ସମସ୍ତେ ଅଲଗା ଏଠି ପ୍ରକୃତିର ମୋହିନୀ ମଞ୍ଚରେ !
ମୁଁ ତ ମାପିନାହିଁ ଏ ପର୍ଯ୍ୟନ୍ତ ଫୁଲଗନ୍ଧା ପବନର ବେଗ
ଯଜ୍ଞ ହୋମ ସିଂହାସନ ମମତାର କୋମଳ ପରାଗ
ଏକାକୀ ବିଭିନ୍ନ ସବୁ କ୍ଷମତାର ଅଙ୍ଗ ଅନୁରାଗ
ସବୁଠି ଏକ ଚାହେଁ ଅନେକର ଅଧିକାର ।

ଏଠି ତ ସମସ୍ତେ ଏକା
ସୂର୍ଯ୍ୟଚନ୍ଦ୍ର ରାଜା ପ୍ରଜା ପର୍ବତ ଝରଣା
ଆବୋରିବେ ଜୀବନର ସମସ୍ତ ବିଭବ
ନିଜ ତେଜେ ବଳୀୟାନ ମାଡ଼ିଯିବେ ଏକା ଏକା !
ନାରୀର ପୃଥିବୀ କାହିଁ ପ୍ରତ୍ୟୟ ବା କାହିଁ
କେଉଁଠି ତାର ସୀମା ଶକ୍ତିର ତର୍ଜମା
କେବେ ତ ମୁଁ ଶୁଣିନାହିଁ କହିଛନ୍ତି ମା' ମୋର
ପ୍ରଜାଙ୍କର ସୁଖ ପାଇଁ ପଦେ କଥା ରାଜଦରବାରେ !
କେବେ ନା କହି ନାହିଁ ବାପାଙ୍କ ଆଦେଶ
ଇଚ୍ଛାରେ ନଦି ହୋଇ ଛାଡ଼ିଛି ସେ ଦୀର୍ଘଶ୍ୱାସ
କହିନାହିଁ ପଦେ କଥା ଖାଲି ଯାହା ଶୁଣିଛି ପାଳିଛି:
କଣ ତେବେ ପାଇଲେ ସେ ବିବାହ ମନ୍ତ୍ରରୁ
ସୁନାଫୁଲ ଭରା ଶେଯ ମିଳନ ଢେଉରୁ
ଇଚ୍ଛା ମନ ସ୍ୱାଭିମାନ କିଛି ମୁଁ ଦେଖିନି
ମା' ଖାଲି ରାଜରାଣୀ ଜୀବନ ସଙ୍ଗିନୀ
ପାଟି ବନ୍ଦ ଛାତି ବନ୍ଦ ପତି ସୋହାଗିନୀ
ଅକ୍ଷ ନାହିଁ ପକ୍ଷ ନାହିଁ ତାଙ୍କ ପୃଥିବୀର ।

କାହା ପାଇଁ ସ୍ୱୟଂବର ?
ଯଦି ମୋ' ପାଇଁ ମତେ ଦିଅ ବାଛିବାକୁ
ମୁଁ କରିବି ମୋର ପରୀକ୍ଷା
ପ୍ରେମର ଧର୍ମର ଜୀବନ ସାରଣୀର
ସ୍ୱପ୍ନ ସତ୍ୟ ବାସ୍ତବର ମାନସ ବିନ୍ୟାସ
ଯାହା ସାଥେ ରଚିବି ମୁଁ ଦୃଶ୍ୟ ଅନୁପମା:
ବାପାଙ୍କ ଇଚ୍ଛାରେ ଯଦି ମୋର ବାହାଘର
କାହିଁକି ଜାଳିବି ମୁଁ ମନର ଜାଗର ?



'ଚିତ୍ରକାବ୍ୟ', ଶିଶୁ ବିହାର, ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩



ଡଃ ପ୍ରଫୁଲ୍ଲ ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**



▶ ଚିତ୍ର : ଶିଳ୍ପୀ ଭାରତୀ ଓଝା

ମାଟି ଆକାଶ ମଝିରେ
କ୍ଷତବିକ୍ଷତ ଜାତୀୟ ସଙ୍ଗୀତରେ ।

କହିପାରେନା କିଛି ସେ,
ଖାଲି ଖୋଜି ବୁଲୁଥାଏ
ମୁକ୍ତିକୁ,

ନୀରବ ଚିତ୍କାରକୁ ତା'ର
ଉଦ୍ଧାର କରିପାରେ ନାହିଁ
କୌଣସି ଭାଷା, ଦୁନିଆର ।

♥ ତିନିକୋଣିଆ ବଗିଚା, କଟକ-୧

## ଜୀବନ

### ଜୟନ୍ତ ମହାପାତ୍ର

ଦୀର୍ଘଶ୍ୱାସ ପରେ ଦୀର୍ଘଶ୍ୱାସ,
ଗଛ ନଈ ଦେଶ ଡଙ୍ଗର
ସମସ୍ତଙ୍କର ।

ଅଧାଲେଖା ଡାଏରୀରୁ ମୋର,
ଶବ୍ଦଟିଏ
ବାହାରି, ଏକାକୀ ଖୋଜୁଥାଏ

ମୁକ୍ତି,
ବଞ୍ଚିବାକୁ ଟିକିଏ ପବନ ।

ଶ୍ୱାସରୁଦ୍ଧ ହୋଇଯାଏ ତା'ର
ଅଚ୍ଛେଦିନ୍‌ର ଉଚ୍ଚ ଧ୍ୱନିରେ,



▶ ଫଟୋ ଜୟନ୍ତ ମହାପାତ୍ର



ଚିତ୍ର : ଶିଳ୍ପୀ ଭାରତୀ ଓଝା

# ଦ୍ରାକ୍ଷା, କୋଉଠି ଅଛ ?

**ଫନୀ ମହାନ୍ତି**

ତାରାର ଅଗଣିତ ଅକ୍ଷରମାଳାରେ
କୋଉ ଅଭିଜ୍ଞ ଚିତ୍ରକର
ସଜେଇ ଦେଇ ଯାଇଚି ପ୍ରାଚୀନ ଅଥର୍ବ ଆକାଶକୁ

କୋଉ ମନ୍ବଂତରରୁ
ଅଦୃଶ୍ୟର ଇସାରାରେ
ତମେ ଯାଇଚ ଯେ ଯାଇଚ ଏମିତି ଏକ ଲୋକାଲୋକକୁ
ଯେଉଁଠି ତମର ସ୍ୱରଶବ୍ଦ ନାହିଁ
ଥିବା ନଥିବାର ଖୋଜ୍ ଖବର ନାହିଁ

କୋଉଠି, କୋଉଠି ଅଛ ଦ୍ରାକ୍ଷା ?
କୋଉ ଇନ୍ଦ୍ରିୟ କି, ଇନ୍ଦ୍ରିୟୋତ୍ତର ରାଜ୍ୟର
ମଧ୍ୟ-ସ୍ୱର୍ଗରେ ?
କୃଷ୍ଣପକ୍ଷର ଝିଲିମିଲି ଅନୁଜ୍ଜ୍ୱଳ ଆଲୋକମାଳାରେ
ନା, ନୀଳ ନୀଳାଭନଭର ସ୍ୱର୍ଣ୍ଣାଭ ବର୍ଣ୍ଣାଳୀରେ
ନା, ନିଷ୍କଳ ନିର୍ବେଦ ଅନାବିଷ୍କୃତ ଗ୍ରହର
ସାଂଦ୍ର ନୀରବତାରେ
ଭିଣାତୁଲା ପରି ଭାସମାନ ବଂଧ୍ୟା
ମେଘପୁଞ୍ଜରେ ନା, ମହାଶୂନ୍ୟର
ମହାକାୟା ହୀରକପୁରୀରେ, କୋଉଠି ? କୋଉଠି
ଅଛ ଅଦୃଶ୍ୟ ପୋଷାକ ପିନ୍ଧି ମାନମୟୀ ଦ୍ରାକ୍ଷା ମୋର

ଗୁରୁ ଗୁରୁ କଳାଘୁମର ମେଘିଳ ରାତିର
ବିଧୁନିତ ରୁଦ୍ର ରାଗରାଗିଣୀରେ
ଘରବାହୁଡ଼ା ପ୍ରବାସୀ ପକ୍ଷୀପଲଙ୍କ ଛନ୍ଦହୀନ
ବେସୁରା କେଳି କୂଜନରେ ନା,
ଅନନ୍ତ ମଧୁରିମାର ଶାନ୍ତ କାନ୍ତ କୋମଳ ମଧୁର
ଆନନ୍ଦାଶ୍ରୁରେ ! କୋଉଠି ଅଛ ?
କୋଉଠି ଅଛ ଯେ' ଦ୍ରାକ୍ଷା, ମାନମୟୀ ଦ୍ରାକ୍ଷା ମୋର

ତମ ବିନା ଆଜିର ଏ ମାହେନ୍ଦ୍ର ଲଗ୍ନରେ
ସବୁକିଛି ଥିବ ଆମ ପାଇଁ ଏଠି ଅଧା ଅଧା
ଏଇ ଠିକ୍ ଯେମିତି...
ପାନୀୟ ଅଧା, ପାନପାତ୍ର ବି ଅଧା
ବିରହ ଅଧା, ମିଳନ ବି ଅଧା
ସଂଭୋଗ ଅଧା, ସନ୍ନ୍ୟାସ ବି ଅଧା
ବନ୍ଧନ ଅଧା, ନିର୍ବାଣ ବି ଅଧା
ଜୀବନ ଅଧା, ମରଣ ବି ଅଧା

ଦ୍ରାକ୍ଷା,
ତମେ ସତକୁ ସତ ମଧୁର ଗୀତର ସୁମଧୁର ବୀଣାଜିଣା ସୁର
ତମେ ସତକୁ ସତ ଅଭୁଲା ସ୍ମୃତିର ଅପାଶୋରା ଗୋଲଗୋଲ
ନୀଳ ହସ୍ତାକ୍ଷର


କୋଉଠି ଅଛ ଦ୍ରାକ୍ଷା
ମାନମୟୀ ସୌଭାଗ୍ୟମୟୀ ଦ୍ରାକ୍ଷା ମୋର ।

♥ ପୁଷ୍ପଧନୁ, ୨୨୦/୨୦୩୯, ବମିଖାଲ, ଭୁବନେଶ୍ୱର-୭୫୧୦୧୦,
ଫୋନ:୯୯୩୭୯୬୧୮୭୮



# ଏମିତି ବି ହୋଇପାରେ ?

**ମମତା ଦାଶ**



ଚିତ୍ର : ଶ୍ରୀ [illegible]

ତମେ ସେଦିନୁ ଆଉ ସେ ବାଟରେ
ଯାଇନ ନା କେବେ ?

ଏତେବର୍ଷ ପରେ ମୁଁ କାହିଁକି ବ୍ୟସ୍ତ, ବ୍ୟଗ୍ର
ହୋଇ ଖୋଜୁଥିଲି ଆମର ପାଦଚିହ୍ନ ?
ଖୋଜୁଥିଲି ସେଦିନ ମୋ ଶାଢ଼ିରେ
ଲାଗି ଯାଇଥିବା କଣ୍ଟା ଡାଳଟିକୁ ?
ତମେ ମାଟି ଉପରେ ବସି ପଡ଼ି
ଶାଢ଼ିରୁ ଛଡ଼ାଇଲା ବେଳେ
ଯେଉଁ ପକ୍ଷୀଟି ରାବି ଉଠିଲା
ସେ କି ପକ୍ଷୀ ?

ମୁଁ ଏବେବି ଖୋଜିଲି ତାକୁ ଏଠି ସେଠି ।
ଖୋଜିଲି ସେ ହ୍ରଦ, ତମ ହାତ ଧରି ଯେଉଁଠି
ମୁଁ ବୁଡ଼ି ଯାଇଛି କେତେଥର ।
ତମେ ଥିଲ କି ଈର୍ଷାକାତର ଯେତେବେଳେ
ପବନ ଫିଙ୍ଗୁଥିଲା ମୋ କୋଳରେ
ଓଦା ଓଦା ମାଟି ଓ ଶୁଖିଲା ପତ୍ର ?

କହୁଥିଲ: 'ଏ ଜାଗା ଖାଲି ମୋର' ?

ସେ ପାହାଡ଼ କିନ୍ତୁ ସେମିତି ଅଛି,
ଅଛି ସେ ପୁରୁଣା ଦେବୀ ମନ୍ଦିର ।
ଖୋଜିଲି ମୁଁ ବେଲପତ୍ରରେ ଲାଗିଥିବା
ଚନ୍ଦନ ସିନ୍ଦୂର,
ହାତ ମାରିଲି ମୋର କୁଞ୍ଚିତ କପାଳରେ
ତମେ ମୋତେ କେତେ କଣ କହିଥିଲ ସତେ
ସେ ଦେବୀଙ୍କୁ ସାକ୍ଷୀ ରଖି
କେତେ କଣ ଦେଇଥିଲ ?



[illegible]

ପଳାଶ ଗଛ କହିଲା
ମୁଁ ଗାଇଥିବା ସବୁ ଗୀତ ମରି ଗଲେଣି ।
ଆମର ଉଚ୍ଚାରିତ ସବୁ ଶବ୍ଦ
କାହା କାହା ପାଦ ଧୂଳି ଦେଇ ସହର
ବୁଲି ଗଲେଣି କେତେଦିନୁ ।
ଏମିତି ବି ହୋଇପାରେ ?
ମୋ କଲମ ଭୁଲି ଯାଇପାରେ
ତମ ନାଁର ପ୍ରଥମ ଅକ୍ଷର ?

ତମ ଦେହ ମନରେ ଲେଖା ନଥିବ
ମୋର ଜନ୍ମ ତାରିଖ ?
ତମ ମୋବାଇଲ୍‌ରୁ ବାର ବାର
ଉଭେଇ ଯାଇପାରେ ମୋ ଫୋନ୍ ନମ୍ବର ?

ଏମିତି ବି ହୋଇପାରେ
ଆମେ ଯେଉଁଠିକୁ ଯାଇଥିଲେ ଏକାଠି
ସେ ଜାଗା କେବେ ନଥିଲା କି ନଥିବ ?
ହୁଏତ କେଉଁ ଅଜଣା ସହରର
ଏକୁଟିଆ ଘର ଆଗରେ ଝୁଲୁଥିବ
ନାମହୀନ ଆମ ଜୀବନ ଫଳକ ?

ତମେ କଣ ମୋ ସଙ୍ଗେ ଆଉ ସେସବୁ
ଖୋଜିବାକୁ ଯିବ ?

♥ ୪୦୫, ଆର୍କିଡ୍ ପ୍ରାଇଡ୍, ଶ୍ରୀରାମ ନଗର,
ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨
ଫୋନ:୯୪୩୮୧୦୬୩୧୭

# ମୋ ଭାଷା

## ଅପର୍ଣ୍ଣା ମହାନ୍ତି



କେଉଁ ଭାଷାକୁ
ମୁଁ ଏବେ ନିଜର କରିବି ?
କେଉଁ ଭାଷା,
ହେବ ମୋର ପରିଚୟ ?

ମୋର ଅସ୍ତିତ୍ୱ
ମୋର ଅସ୍ମିତାକୁ
ମୋ ଜାତି, ମୋ ଦେଶର
ଜୀବନ ଗୀତାକୁ
ଚିହ୍ନେଇ ପାରିବ କେଉଁ ଭାଷା ?

ମୁଁ ତ କେବେଠୁଁ ଭୁଲିଗଲିଣି
ପିଲାଦିନର ନିରୀହ ନିର୍ମଳ ଦରୋଟି
ସରଳ ଶିଶୁପ୍ରାଣର ଅବୋଧ ପ୍ରାର୍ଥନା,
କୈଶୋରର ଛଳଛଳ ଭାବପ୍ରବଣତା
ମୋ ବିଚାର ବିବେକକୁ
ନିଆଁ ପରି ତେଜି ଦେଉଥିବା
ତାରୁଣ୍ୟର ଶୁଦ୍ଧ ଉଦ୍ଦାମତା

ଏବେ ତ ମୋ ଭାଷାରେ
କେବଳ ସର୍ତ୍ତ-ସ୍ୱାର୍ଥର ତାରକସି
ପ୍ରତିଦିନ ବଦଳାଉଛି ସେ
ସୁବିଧାବାଦର
ରଙ୍ଗବେରଙ୍ଗ ଛଦ୍ମବେଶ ।

ମୋ କଣ୍ଠରେ
ମିଥ୍ୟା ଓ ଛଳନାର ଭାଷା
ଏତେ ମାଦକ ଶୁଭୁଛି ଯେ
ଅଭିମାନରେ ସତ୍ୟ
କେବେ ଠୁଁ ନେଲାଣି ବନବାସ ।

ଯଶ-ବିଭବ-ପ୍ରତିଷ୍ଠା-ପ୍ରତିପତ୍ତିର
ବିପଣୀରେ
ମୋ ଚତୁର ଭାଷାର
ମୂଲ୍ୟାୟନ ହେଉଥାଏ
ମୂଲ୍ୟବୋଧର ଭାଷା ଭିତରେ ଶୁଭେ

ଅମୂଲ୍ୟ କିଛି
ହଜିଯିବାର ଦୀର୍ଘଶ୍ୱାସ ।

ତଥାପି ମତେ
ମନେ ରଖିବାକୁ ହେବ
ମୋ ଭାଷା କେବଳ

ଇତିହାସର ହସ୍ତାକ୍ଷର ନୁହେଁ
ସିଏ ଯେ ଆଗାମୀର
ଯେତେକ ମଙ୍ଗଳମୟ ଆଶା ।

ହୃଦୟର ଅଧିକାର ପାଇଁ
ପ୍ରାଣମୂର୍ଚ୍ଛା ଲଢ଼େଇ କଲାବେଳେ
ଏକ ଅନମନୀୟ ନୀରବତା ବି
ହୋଇପାରେ ମୋ ଭାଷା ।

ଅସୁମାରୀ ବିଜ୍ଞାପନ ମୁଖରିତ
କୋଳାହଳର
ପ୍ରଖର ସ୍ରୋତ ଆଗରେ
ପର୍ବତ ପରି ଅବିଚଳ
ଉଭା ହୋଇପାରେ
ସତ୍ୟ ସପକ୍ଷରେ
ଦିନେ ମୋର ନିଃଶବ୍ଦ ଜିଜ୍ଞାସା ।

କପାଳେଶ୍ୱର, ଠାକୁରପାଟଣା
କେନ୍ଦ୍ରାପଡ଼ା-୭୫୪୨୫୦
ଫୋନ: ୯୪୩୭୧୨୮୩୧୬



# ବାଲେଶ୍ୱର

**ଶ୍ରୀଦେବ**

ମଧ୍ୟବିତ୍ତ ଦୁଃଖ ମୋ ବାଲେଶ୍ୱର । ତା' ମେହେନ୍ଦୀ ସ୍ୱପ୍ନେ ଷଡ଼ଋତୁ ସନ୍ନ୍ୟାସ ଗୋଧୂଳି ମୁଁ କାଟେ
ବାଙ୍ମୟୀ ବସନ୍ତ ଓ ଖପ୍ରା-ଖରା ମୁହଁ ଦେଖି, ବୈଶାଖୀ ବଗିଚା-ବେକ ଆଷାଢର ସ୍ମୃତିଝାଳ ପୋଛେ ।
ବର୍ଷାସ୍ନାତା ବାଲେଶ୍ୱର ପାଦେ ପାଉଁଜି ଅଳତା । ଓ ଆନମନା ଆଖିଏ କାଶତଣ୍ଡୀ କେଳି କଲକତି
ମୋତି-ନୁଥ, ହୀରାହାର ତ୍ରିଭଙ୍ଗୀ ନୟନନାଚ, ଗଜଲ୍-ଗୀତେ ନୌକାରେ ବିତୁଥାଏ ରାତି । ୪

ଚାନ୍ଦିପୁର-ସୋନାପୁର, ସୁନହଟ୍ ସୂର୍ଯ୍ୟସଦା ମରୁଥାଏ ସଂଜଶଂଖେ, ମରେ ଉଷା-ଉମ୍ରାଓଜାନ୍‌ଙ୍କର କବି
ଲକ୍ଷେ ଲାଲ୍‌ଲେଂବୁ ହେଇ ମଲାସୂର୍ଯ୍ୟ ଖସିପଡ଼େ କାତିଛାଡ଼ି, ନିଳଗିରି ଭଂଗାନିଦ ଶୀତର କୁହୁଡ଼ି ।
ଖେଳୁଥାଏ ବାଲ୍ୟପାଦ ଡାଳୁଡାଳ ଡେଇଁଡେଇଁ ଖୋଜିଖୋଜି ବ୍ୟାସକବି ଶାସ୍ତ୍ରୀୟ ସର୍ଜନା ସମୁଦ୍ର
ହା'ହା'କାରେ ଝୁଂଟିପଡ଼େ  କାନନ ଫାଲ୍‌ଗୁନ୍ ଫୁଲ, କାଠଗଡ଼ାରେ ଠିଆ ଦେହେ ୧୦୪ ଜ୍ୱର । ୮

ଏ ସହରେ ନାଇଟ୍ କର୍ଫ୍ୟୁ ନିଜେ ଆଇନ୍ ଭାଂଗେ, କାଲିଠୁ ବି ଭାଂଗିଚି ଲୁହର ଲହଡ଼ି ପାପଗ୍ରସ୍ତ ଜୁଆରିଆ ଜହ୍ନ
ଏ ସହରେ ୩ ନଂବର ପ୍ଲାଟ୍‌ଫର୍ମେ ଲାଇନ୍‌ଚ୍ୟୁତ ଭୋର୍ ମାଡ୍ରାସ୍‌ମେଲ୍, ନିଆଁଲିଭା ଦମକଳ ଠୁଳାଏ ମୃତ୍ୟୁ ସାଇରନ୍ ।
ଚୁପ୍‌ଚାପ୍ ଚନ୍ଦ୍ରତାରା ପାୱାର୍‌କଟ୍ ମିଂଜିମିଂଜି ରାତି ନିଶାତୁରା, ଉଲଗ୍ନା ନେପାଳୀ ଝିଅ ନିର୍ଲିପ୍ତା ନାୟକ
ମାଗେନି ତା' ଆଖି ଓ ଆଇନା କିଂବା ଦେହ ଆୟବ୍ୟୟ, ଅପଢ଼ା  ଇତିହାସ ପଢ଼େ କଅଁଳ ତା' ଜାଆଁଳା ଭୋକ ।୧୨

ବାଲେଶ୍ୱର ତଥାପି ଉଲ୍ଲାସ ଉଲ୍‌କା ! ବାହାଘର ବ୍ୟାଣ୍ଡବାଜା, ବେମିସାଲ୍ ବିଗୁଲ୍ ଫୁଙ୍କି କିନ୍ନରୀ-କୃତ୍ତିକା ଚଢ଼େୟାଣୀ ପରି
ବାଲେଶ୍ୱର ସାହିତ୍ୟ ପାଗୋଡ଼ା ଫୁଲ ! 'ଲୋ ରେବି, ଲୋ ନିଆଁ, ଲୋ ଚୁଲି', ସଂସ୍ରବ-ସାହିତ୍ୟର ରେନ୍‌ବୋ ରଂଗଖେଳି ॥୧୪

ସମ୍ପାଦକ : ଚନ୍ଦ୍ରଭାଗା, ବାଲେଶ୍ୱର-୭୫୬୦୦୩, ଫୋନ:୯୪୩୭୧୨୩୮୨୩



ଛବି ଶ୍ରୀଦେବ

# କ୍ଳାନ୍ତ କୋଇଲି

**ସଦାଶିବ ଦାଶ**



▶ ଚିତ୍ର : ଶିଳ୍ପୀ ସମିତା ପାଣିଗ୍ରାହୀ

ମିଠା ସ୍ୱର ବାଣ୍ଟି ବାଣ୍ଟି ନିରବି ଯାଏ କୋଇଲି ସମଗ୍ର ସତ୍ତାରେ
ଆମ୍ରକୁଂଜେ ବିରାଜୟୀ ନୀରବତା ମେଘାମ୍ବରୀ ଲୁହେ ।
ବିଜୁଳିର ପ୍ରବାହରେ ଉଜ୍ଜ୍ୱଳେ ପତ୍ରର ଶିଖା, ନଥାଏ କୋଇଲି
କାହିଁ ଲୁଚିଯାଏ ସିଏ, ସ୍ଥିତିବାସ ଉପସ୍ଥିତି ସବୁ ଶୂନ୍ୟସ୍ଥାନ ।

ଭେଦ ଓ ବିଭେଦ ମଧ୍ୟେ ସ୍ୱରଲୟ ତୀବ୍ର ଜନ୍ମସୁଖ
ଆସ୍ଥା ଓ ଅନାସ୍ଥା ମଧ୍ୟେ ଲକ୍ଷ୍ୟ ତା'ର ଆତ୍ମଛନ୍ଦହୀନ
ନିଷ୍ଠା ପରାକାଷ୍ଠା ମଧ୍ୟେ ବରାଭୟ ସ୍ଥିତିର ଭ୍ରମର
ଗୋପନ ଗଣିକା ସିଏ ସବୁ ହୃଦେ ମଦାଳସା ପ୍ରେମର ଝଂକାର

କୋଇଲି କେଉଁଠୁ ଆସେ କାହିଁ ତା'ର ଶୀର୍ଷ ଉଡ୍ଡୟନ
ବସା ନାହିଁ ସ୍ଥିତି ନାହିଁ ଜଣା ନାହିଁ ଆଗମ ନିଗମ ।
ଦେଇ ସେ ପାରେନା କେବେ ସନ୍ତାନକୁ ଶଷ୍ୟକଣା, ତା ବାଟରେ ଯାଏ
ଅନ୍ୟର ବସାରେ ଜନ୍ମେ ନୂତନ କୋଇଲିଟିଏ ପୁନର୍ଜନ୍ମ ନାଶେ ।

ଋତୁଚକ୍ରେ ବିଡ଼ମ୍ବିତ ହୋଇଯାଏ କୋଇଲିର ଶରୀର ପ୍ରବାହ
କଣ୍ଠସ୍ୱରେ ଜମି ଆସେ ଧୂଳିଶେଯ ବିବଶ ବିଳାପ
ଦୁଃଖଶୋକ ଆହରଣ ବିପଣନ ବାଣ୍ଟିଦିଏ କ୍ଳାନ୍ତି
କୋଇଲିର ଦେହସାରା ଲଦିହୁଏ ପୃଥିବୀର ଦୁଃଖ
ସତେ'କିବା ତା ଦେହର ବର୍ଣ୍ଣମାଳା ସମୟର ବିଷୁବ ସଂକ୍ରାନ୍ତି ।

ସହଜେ'କି ଦେଖିହୁଏ କୋଇଲିର କୃଷ୍ଣଛଟା, ଜୀବନ ଯନ୍ତ୍ରଣା
ଭାବିକି'ବା ଯାଇପାରେ ତା ମନରେ ସଂଚିଥିବା ଆଗାମୀ କଳ୍ପନା
କା' ଆଗେ କହିବ ସିଏ ହାରିଥିବା ଜୀବନର ସମସ୍ତ ସଂଳାପ
ନୀରନ୍ଧ୍ରେ କେଉଁଠୁ ଆସେ କେଉଁଠାକୁ ତାହାର ପ୍ରସ୍ଥାନ ।



▶ ଡଃ ପ୍ରତ୍ୟୁଷ ଦାଶ

ମଣିଷ ଭିତରେ ଥାଏ ବଂଧାଥିବା ଅଦୃଶ୍ୟ କୋଇଲି
ସ୍ୱର ତା'ର ମିଠା କେବେ, ହିଂସ୍ରପୂର୍ଣ୍ଣ ଅଥବା ଅପୂର୍ଣ୍ଣ
କିପରି ସେ ଉଡ଼ି ଆସେ ସୃଷ୍ଟି ଯଜ୍ଞୁ ନିଏ ନବଜନ୍ମ ।
ଢଳୁଥାଏ କମଳର ପତ୍ରେପତ୍ରେ ଥରଥର ଜଳବିନ୍ଦୁ ପ୍ରାୟ
ସ୍ୱରର ସପ୍ତମ ତାନେ ଲୁଚିଯାଏ ସୃଷ୍ଟିକଳ୍ପ, ଶାନ୍ତ ପଦ୍ମଗନ୍ଧ ।

ଆପେ ଆପେ କୋଇଲିଟି କ୍ଳାନ୍ତ ହୁଏ ଯେପରିକି ଆସନ୍ନ ଗୋଧୂଳି ।
ଝଡ଼ପର ନୀରବତା, ଫେରନ୍ତା ଲହଡ଼ି ଅବା ଝରିଲା ଶେଫାଳି ।
କୁଆଡ଼େ ସେ ଚାଲିଯାଏ ଶୋଇଯାଏ ଅମନା ନିଦରେ
ଚାରିଆଡ଼ୁ ଝରୁଥାଏ ଲୁହର କାକରବିନ୍ଦୁ, ଆକାଶଟା ହୋଇଯାଏ ଖାଲି,
କ୍ଳାନ୍ତ କୋଇଲିଟି ସାଜେ ଧୂମ୍ରମୟ, ସମୟର ଲିଭା ଦୀପାବଳି ।

♥ ବଟେଶ୍ୱର, ସାଲେପୁର, କଟକ-୭୫୪୨୦୨
ଫୋନ:୮୨୮୦୧୩୩୭୧୨



ଭୋରବାର୍ତ୍ତା
ଆମ ମାଟିର ସ୍ୱର



▲ ଚିତ୍ର : ଶିଳ୍ପୀ ଭାରତୀ କର

କାଖେଇ, କାନ୍ଧେଇ, ମୁଣ୍ଡେଇ
ଜୀବନ ଢୁଅନ୍ତା ଏପାରି ସେପାରି ।

ପ୍ରଖର ସୁଅରେ
କ'ଣ କ'ଣ ସବୁ ତଡ଼ି ହେଇଯାଏ
ଛାତି ଏକା ଜାଣେ ।

ଜଳର କରାଳ ଡଅଁର ଭିତରେ
ବୁଡ଼ିଯିବା ଆଗରୁ
ହାତଟେକା ବିକଳ ଚିତ୍କାର
ତାକୁ ଦୋହଲାଏ ।

ତଥାପି
ଯେତେ ଯାତ୍ରୀ ଚାଲନ୍ତୁ
ଯେତେ ଗାଡ଼ି ଗଡୁଛି ତ ଗଡୁ
ପୋଲ ବେଫିକର ଥାଏ ।

♥ ସାଇସର୍ଜନା, ଜଗନ୍ନାଥ କଲୋନୀ, ବାଲିକୁଦା, କଟକ-୭୫୩୦୧୧
ଫୋନ:୬୩୭୧୫୨୩୫୯୮

# ପୋଲ

## ସେନାପତି ପ୍ରଦ୍ୟୁମ୍ନ କେଶରୀ

ଏ ଛାତିକୁ
ସେ ଛାତିରେ ଢାଳିବା ଭାରି କଷ୍ଟ !
ଭାରି କଷ୍ଟ
ମାଆ ପକ୍ଷୀ ପରି
ଶାବକ ଚଞ୍ଚୁରେ ଆଧାର ଦେବା ।

ଗୋଟେ ଲମ୍ବା ଶିଡ଼ି ପରି
ଲମ୍ବିଯିବି କି
ଯୋଡ଼ିବାକୁ ଏ କୂଳ ସେ କୂଳ ?

ମନ ଯୋଡ଼ିବା
କୋଇଲି କୁହୁ ଶୁଣିବା
ଏକା କଥା ।

ନେଉଆ ପତ୍ର ଧାରେ ଧାରେ
ଚାଲୁଥିବା ପିମ୍ପୁଡ଼ିଟି ଭାବେ,
ପତ୍ରରୁ ପତ୍ରକୁ ଯିବା ପାଇଁ
ମିଳି ଯାଆନ୍ତା କି
ସିଧା ରାସ୍ତା !

ରକ୍ତ ନଈ ବହୁ ନଥିଲେ
ଛାତିରେ ବୋଧେ ନଥାନ୍ତା
ପଞ୍ଜରା ପୋଲ ।



▲ ଚିତ୍ର ସେନାପତି ପ୍ରଦ୍ୟୁମ୍ନ କେଶରୀ



ଚିତ୍ର : ଶିଳ୍ପୀ ଶ୍ରେୟସୀ ମିଶ୍ର

# ବିଭୋର ଏପ୍ରିଲ୍

**ପୀତାମ୍ବର ତରାଇ**

ବିଗତର ଧୂଳି ଆଉ ଧୂଆଁରେ ଧୂସର
ଯେଉଁ ବକ୍ଷ ଲାଗୁଥିଲା ବିକଳ ବିବର୍ଣ୍ଣ
ଆଜି ସେଠି କେହିଜଣେ ଦୂର ଅନାମିକା
ପାପୁଲିରେ ପୋଛିଦିଏ ନିଦାଘ ନିର୍ଜନ ।

ମନେହୁଏ ଫେରିଲା କି ପ୍ରିୟ ଶୋଭାବତୀ
ପୁଣି ମୋର ବିରହର ଉଜାଣି ସୁଅରେ
ମହମହ ମଳୟର ଅମରାବତୀରୁ
ଫେରିଲା କି ରାତିଅଧେ ଫଗୁଣ ଦୋଳିରେ ।

ସେମିତି ଲାଗୁଛି କାହିଁ ଛାତିସାରା ଯେଣୁ
ପାଉଁଜିର ଶବ୍ଦ ଆଉ ଚୁଡ଼ି ରୁଣୁଝୁଣୁ
ଅଳତା ଅବିରର ବିମୁଗ୍ଧ ମୁହାଣ
ଭିଜେ ସେଠି ସ୍ମୃତିସବୁ ମହଣ ମହଣ ।

ଫୁଟେ ସେଠି କୃଷ୍ଣଚୂଡ଼ା ମଲ୍ଲୀ ଓ ଟଗର
ଶହଶହ ପ୍ରଜାପତି ମାତାଲ ଭଅଁର
ଉଇଁଆସେ ଇନ୍ଦ୍ରଜହ୍ନ ବିଭୋର ଏପ୍ରିଲ୍
ଏତେବେଳେ ଛାତିସାରା ପ୍ରେମର ସାଏରୀ ।

ଆଜି ପୁଣି ମନେହୁଏ ଫେରୁଛି ମୁଁ ସତେ
ଅତୀତର ମଧୁଶାଳା ପିଆଲା ପାଖକୁ
ରୋଗଶଯ୍ୟା ମନେହୁଏ ଫୁଲଶେଜ ଆଜି
ଏତେବର୍ଷ ପରେ ମୁଁ ଫେରୁଛି ରଙ୍ଗମହଲକୁ ।

ବସନ୍ତର ଅଭିସାର ଲେଉଟିଛି ଯେଣୁ
ଅଧିରେ ଅଧିରେ ବାଜେ ହୃଦୟର ବେଣୁ
ଅଧରରେ ଭରିଦିଅ ଅୟୁତ ଚୁମ୍ବନ
ମରୁବକ୍ଷ ଲାଗୁଥାଉ ଫଗୁଣ ଫଗୁଣ ।

ତମେ କିବା ସେହି ଦୂର ଯୁଗ ପରି ଯୁଗ
ଯକ୍ଷନାରୀ ବକ୍ଷବତୀ ବାରମ୍ବାର ଆସ
ତମେ ଆସ ହାତ ଧରି ଲକ୍ଷଭାର ପ୍ରେମ
ବିଜନରେ ଭରିଦିଅ ବସନ୍ତ ବିଳାସ

ତମକୁ କି ଭେଟିଥିଲା ଦିନେ ବିଦର୍ଭରେ
କାମନାର କାଳିଦାସ ଛୁଇଁ ତମ ବକ୍ଷ
ତମକୁ କି ଭେଟିଥିଲା ବନ୍ୟ ବିତାନରେ
ବିଶ୍ୱାସର ବିଶ୍ୱାମିତ୍ର, ନାୟକ ଅନେକ ।

ଏମିତି ଅନେକ ପ୍ରିୟ ଗୋଟେ ପରିଚୟ
ଯୁଗଳ ପଥିକ ସମ ନାରୀ ଓ ପୁରୁଷ
ମର୍ତ୍ତ୍ୟର ମରୁଦ୍ୟାନ ଗୋଟେ ପରକାର
ଥାଏ ଫୁଲ ଓ ଭ୍ରମର, ମିଳନର ହସ ।

ତମେ କି ଏହାର ଆଦ୍ୟ ନାହିଁ ଯା'ର ଶେଷ
ବାରବାର ତମେ ଆସ ମୋ କାବ୍ୟ ନାୟିକା
ବସନ୍ତ ଆସିଛି ବୋଲି ମୁଁ ସିନା ଜାଣିଲି
ତମେ ସେହି ଶ୍ୟାମଳିକା ପ୍ରେମର ପଥିକା ।

ଅଶ୍ରୁନୀଡ଼, ମଙ୍ଗରାଜପୁର, କୁଜଙ୍ଗ
ଜଗତସିଂହପୁର-୭୫୪୧୪୧
ଫୋନ:୯୪୩୭୧୬୩୪୨୧




ଫଟୋ ପୀତାମ୍ବର ତରାଇ



rawpixel

# ସାତୋଟି 'ଛାଇ' କବିତା

## ଦୁର୍ଗା ପ୍ରସାଦ ପଣ୍ଡା



ଚିତ୍ର : ଶ୍ରୀ ଶ୍ୱେତପଦ୍ମା

॥ ୧ ॥
ଛାଇମାନଙ୍କର ନଥାଏ ପାଦ
ମାତ୍ର ଅନେକ ଦୂର ଯାଏଁ
ସେମାନଙ୍କ ଲମ୍ଫ
ଛାଇମାନେ କାଳେ ପିନ୍ଧିଥାନ୍ତି
ମଲାଲୋକଙ୍କ ଜୋତା

॥ ୨ ॥
ଆଲୁଅର ଉଜ୍ଜ୍ୱଳ ଛାତିକୁ
ଚୋଷି ଚୋଷି ଖାଇ
ଧିରେ ଧିରେ ବଡ଼ହେଉଥାନ୍ତି ଛାଇ

ବଡ଼ ହେଇ ସେଇ ପୋଖତ ଛାଇ
କେତେ ସହଜରେ କାନ୍ଥ ଚଢ଼ି
ଡେଇଁପଡ଼ନ୍ତି ପାଚେରୀ ସେପାଖ ପ୍ରଶସ୍ତ ଅଗଣାକୁ

ବୋଧହୁଏ କାନ୍ଥ ଲଙ୍ଘିବାର କଳା
ବେଶ୍ ଜଣା ଛାଇମାନଙ୍କୁ

॥ ୩ ॥
ଲଣ୍ଠନର ଥରଥର କମ୍ପିତ
ମ୍ଳାନ ଆଲୁଅରେ
ଛାଇର କଳାକଳା କୁର୍ତ୍ତା ପିନ୍ଧି
ଆତଯାତ ହେଉଥାନ୍ତି

ଆମ ପୂର୍ବଜ
ଛୁଇଲିପା ସଫେଦ ମାଟିକାନ୍ଥରେ ।

॥ ୪ ॥
କେହି କୁଆଡ଼େ ନଥିବା ବେଳେ
ମୁଁ ପିନ୍ଧିନିଏ ମୋ ନିଜର ଛାଇକୁ


ଫଟୋ ଦୁର୍ଗାପ୍ରସାଦ ପଣ୍ଡା

ସଦ୍ୟସ୍ନାତା ନାରୀଟେ ଯେମିତି
ଦାନ୍ତରେ କାମୁଡ଼ି ଧରି ଫିତାକୁ
ଚଟ୍ କରି ଗଳେଇନିଏ ନିଜକୁ
ସଫେଦ ସାୟା ଭିତରକୁ

॥ ୫ ॥
ବସ୍ତୁମାନଙ୍କ ଭିତରେ ବି ଥାଏ
ଗୋଟେ ଗୋଟେ ଅଦୃଶ୍ୟ ଦରଜା
ଯେଉଁ ବାଟ ଦେଇ ଆତଯାତ ହୁଅନ୍ତି
ସେମାନଙ୍କ ଛାଇ
ଶୂନ୍‌ଶାନ୍ ଦି'ପହରେ ଦରଜା ଖୋଲି
ଛାଇମାନ ଲମ୍ବିଯାନ୍ତି ରବର ପରି
ବେଳ ଗଡ଼ିଗଲେ ପୁଣି ପଶିଯାନ୍ତି ସାଂକୁରି
ସେଇ ବାଟ ଦେଇ ବସ୍ତୁମାନଙ୍କ ଭିତରେ ଇ

॥ ୬ ॥
ଛାଇମାନେ ପ୍ରକୃତରେ
ଆମ ଜ୍ୱାଳାମୟ ଜୀବନର
ପୋଡ଼ା ଅବଶିଷ୍ଟାଂଶ

ମର୍ମନ୍ତୁଦ ଦୁର୍ଘଟଣାର
ଧ୍ୱଂସାବଶେଷ ଭିତରୁ
ସାଉଁଟା ଖଣ୍ଡ ବିଖଣ୍ଡିତ ବାୟବୀୟ ଯନ୍ତ୍ରାଂଶ

॥ ୭ ॥
ଦୁର୍ଭାଗ୍ୟ ରାମ୍ପୁଡ଼ିଲେ
ଛାଇମାନଙ୍କ ଦେହରୁ ବି
ରକ୍ତ ଝରେ ।

ଏମ୍ଆର୍-୧୪, ଜଗନ୍ନାଥ କଲୋନୀ,
ବୁଢାରଜା, ସମ୍ବଲପୁର-୭୬୮୦୦୪,
ଫୋନ: ୮୩୨୭୭୭୭୫୮୧



ଚିତ୍ର : ଶ୍ରୀ ପ୍ରତ୍ୟୁଷ ପାଢ଼ୀ

# କବିତାରେ ସତକଥା

## ଗଂଗାଧର ବିଶ୍ୱାଳ

କୋଉଠୁ ଆରମ୍ଭ କରିବି ?
ଅବସର ପାଖରୁ ।

ଅବସର ପରେ ଆଜିକାଲି
ହାତକୁ କାମ ନାହିଁ
ପାଦକୁ ରାସ୍ତା ନାହିଁ;
ହାତ ପାଦ ନଥିବା ମଣିଷଟେ ମୁଁ ।

ଜୀବନର ୪୦ବର୍ଷ କଟିଗଲା
ଭାତ ପଖାଳ ରୁଟି ଆଉ ତେଲଲୁଣ
ବେଉଷଣରେ ।
ଅବସର ପରେ ଜୀବନ କଥା ଚିନ୍ତା

ଏଣିକି ଲଗାମ ଧରିଛି
ଆପଣା ହାତ ତିଆରି
ଏକ ପାରିବାରିକ ରକ୍ତଭିଜା ଡୋରିର;
ଯାହା ଦଉଡ଼ ଦଉଡ଼ି ନୁହେଁ ।
ଅମାପ ସ୍ୱାଧୀନତା ମିଳିଛି
ଚିନ୍ତା ଶୋକ ଓ ମନସ୍ତାପଶୂନ୍ୟ ସମୟକୁ
ମନଇଚ୍ଛା ବିତାଇବା,
ପୁରାଣ ରାମାୟଣ
ସହିଦ ଦେଶପ୍ରେମୀ ମହାପୁରୁଷମାନଙ୍କୁ ପଢ଼ିବା ।

କୋଉଠୁ ଆରମ୍ଭ କରିବି ?
ବେକାର ସମୟର ପ୍ରେମ
ଜୀବନର ପ୍ରଥମ ରାତି (ବାସରରାତି) ପାଖରୁ ।

କୋଉଠୁ ?

୫୦ବର୍ଷ ବେଳକୁ
ପ୍ରେମ ପୂଜାରିଣୀ ଅନିମାର ଶାଶୁଘର ଗାଁରେ
ତିନିଦିନିଆ ଇଲେକ୍ସନ ଡ୍ୟୁଟି,
ବାରୁଣୀ ସ୍ନାନ ବେଳେ
ଭୋର୍ ସମୁଦ୍ରର ମତୁଆଲା ଗୀତ ।
ଆଦିବାସୀ ବସ୍ତିରମଣୀଙ୍କ
ମାଦଳ ତାଳେ ତାଳେ
ଡଙ୍କଭଙ୍ଗା ନୁପୁରର ଚମ୍ପୁ
ଦେହ ମେହନତରେ ତିଆରି
ନୂଆଁଣିଆ ଚାଳଘର ସୁଖ ।

କପ୍ତିପଦା ଯିବା ରାସ୍ତାରେ
ମହୁଲଗଛ ତଳେ ବର୍ଷାଭିଜା ସଂଜ
ଭାଲୁ ଦମ୍ପତିର ସାନ୍ଧ୍ୟ ରତିଗନ୍ଧ ।

ଶୁଆ-ଶାରୀ ପାହାଡ଼ରେ
ରବିବାର ତୃଣଭୋଜି ପିକ୍‌ନିକ୍
ସୁବର୍ଣ୍ଣରେଖା ନଦୀତଟ ଅତଡ଼ା ଗାଁ
ଖଳାବାଡ଼ିଆରେ
ଗୋଟେ ବିଟପୀ ସକାଳ ।

କୋଉଠୁ ଆରମ୍ଭ କରିବି ?
ନିଜ ପାଖରୁ ।
ଦସ୍ୟୁ ରତ୍ନାକର ପାଖରୁ
ଅବା ବାଲ୍ମୀକି ପାଖରୁ;
୬୦ପୃଷ୍ଠାର ଜୀବନ ବହିରେ ଲେଖିବାକୁ
ମୋ ଅଙ୍ଗେନିଭା ଅବୋଲକରା କାହାଣୀ ।

'ଆମଘର', ନିଉକଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୯୪୩୭୧୨୯୨୭୫



ଫଟୋ : ଗଂଗାଧର ବିଶ୍ୱାଳ



ଚିତ୍ର : ଶିଳ୍ପୀ ଦେବେନ୍ଦ୍ର ନାଥ ରାଉତ

ବସନ୍ତ ଋତୁ ଧରି,
ଭଲପାଇବାର ଗୀତ
ଗୁଣୁଗୁଣାଉଥିବା ଯାଏଁ ହିଁ ତ କେବଳ
ବଂଚି ରହିବି ମୁଁ ।

ନୀରବତାରେ ମିଳେଇ ସାରିଥିବା
ଗୋଟେ ପ୍ରଗଳ୍‌ଭ ପ୍ରେମକୁ
ଘଷି-ମାଜି ଶବାସ୍ତ କରିସାରିଛି ଯେତେବେଳେ
କାଳର ଏ କଳାତ୍ମକତାକୁ
କେମିତି ନା କରିଦେବି କୁହ !

ଜୀବନ୍ମୁକ୍ତତା ଏମିତି ଗୋଟେ
ମହକ ହୋଇ ମାଡ଼ିଥାଉ ମତେ,
ଦିନେ ଏତେ ସୂକ୍ଷ୍ମ ଚତୁରତାରେ
କୋଳେଇ ନେବ ମୃତ୍ୟୁ ଯେ
ଚିହ୍ନଟାଏ ବି ପାଇବନି
ଦୋଷ ଦେବାକୁ !

କୁଳପଡ଼ା, ଶ୍ରୀବାଲି ଇଷ୍ଟେନ୍,
ବଲାଙ୍ଗୀର-୭୬୭୦୦୧
ଫୋନ-୮୭୬୩୯୭୩୧୮

# ରାସ୍ତାମୋହ

ମୁକୁଲ୍ ମିଶ୍ର

ପ୍ରାର୍ଥନାକୁ ପାଉଁଶ ପାଲଟିଯିବା
ଦେଖି ସାରିଛି ଆଖି,
ଆଖି ଦେଖିଚି
ଭଉଁରିରେ ଘୁରି-ଘୁରି
ନିଶ୍ଚିହ୍ନ ହୋଇ ଯାଉଥିବା
ଚିତ୍କାର ଓ ଓଁକାର !

ପାଦ ପରେ ପାଦ
ଫୁଲ ଓ କ୍ଷେତରେ ପଜା ରାସ୍ତା
ଆଉ ଗନ୍ତବ୍ୟକୁ ଅସ୍ୱୀକାର କରୁଥିବା
ମୋର୍ ଏ ରାସ୍ତା ମୋହ ।

ଏମିତି ତ
ଜୀବନ ଜିଇଁବାକୁ ବି ଦିଏନା
ତଣ୍ଟିରେ ମାଛ-କଣ୍ଟା ପରି
ଲାଗିଥିବା କିଛି ଡାକ ।
ଚିକ୍-ଚିକ୍ ଲୁହର ଆଖି,
ଫିକ୍-ଫିକ୍ ହସର ଓଠରେ
ତଥାପି ଜିଦ୍
ତଥାପି ସ୍ୱପ୍ନ !

ପାଦ ଥିବା ଯାଏଁ ରାସ୍ତା ଥାଉ !
ଏ ସ୍ୱନରେ କବିତାର



ଫଟୋ ସୌଜନ୍ୟ



ଚିତ୍ର : ଶ୍ରୀ ପ୍ରତ୍ୟୁଷା ପାଣି

# ଘର ନାମକରଣ

## ପ୍ରଶାନ୍ତ ଦାସ

ଏଯାଏଁ ଘରଟିର ନାଁଟିଏ ଦେଇପାରିଲିନି

ପତ୍ନୀ କହିଲେ
ଡାକବାଲା ଚିଠି ଦେବା ପାଇଁ
ପାଉନି ଠିକଣା
ତୁମକୁ ଖୋଜି ଆସୁଥିବା ଲୋକ
ପାଉନାହାନ୍ତି ଘର ।

ଘରର ନାଁଟିଏ ଦିଅ ।

ସହର ସବୁ ଏମିତି
ଘରଟିଏ ପାଇବା କଷ୍ଟ ।

ଯେଉଁ ଟିକକ ଘର
କି ନାଁ ଦେବି !
ବାପାଙ୍କର ନା ମାର
ମୋର ନା ପତ୍ନୀଙ୍କର
ପୁଅ କିମ୍ବା ଝିଅର
କେଉଁ ନାମରେ ନାମିତ କରିବି ଘର !
ରାତିରେ ଶୋଇ ଶୋଇ
ଖୋଜିଲି ଘରର ନାଁ

ଅନ୍ଧାର ଭିତରେ ଆଖିକୁ ଦିଶିଲା
କେଉଁ ଏକ ଅନାଦି କାଳରୁ
ସବୁପଥର ଗୁମ୍ଫା ଓ
ଗୁମ୍ଫା ଭିତରେ ବଣ ମଣିଷର ଛାଇ ।

ଠିକ୍ ପରେପରେ
ଝାଟି ମାଟି ପତରରେ ତିଆରି କୁଡ଼ିଆ ଓ କୁଡ଼ିଆ ଭିତରେ
ଫୁଙ୍ଗୁଳା ମଣିଷର ଦେହ ।
ପକ୍କା କୋଠା ପ୍ରାସାଦ ସବୁ
ଅଦୃଶ୍ୟ ଚିତ୍ର
କେତେ କେତେ ନାମକରଣ ହୋଇଥିବା ଘରସବୁ
ଅନ୍ଧାରରେ ଛିଡ଼ା ହୋଇଛି ଓ
ଆଖିକୁ ଦିଶୁଛି କାନ୍ଥ ଚଟାଣ ଛାତ ।

ହଠାତ୍ ମନକୁ ଆସିଲା
ଘର ପାଇଁ ମଣିଷ ନା
ମଣିଷ ପାଇଁ ଘର ।

ମୋ ଘରର ନାମକରଣ ହେଲା
'ମଣିଷ-ଘର'
ପରେ ପରେ ଶୋଇପଡ଼ିଲି ନିଦରେ
ଓ ଗଭୀର ନିଦରେ ସ୍ୱପ୍ନ ।
ସ୍ୱପ୍ନରେ କେହିଜଣେ କହୁଥିଲା
ଘରର ନାମକରଣ ହେଲା ତ
ମଣିଷ ଘର
ହେଲେ ସେ ଘର ଭିତରେ
ମଣିଷ ଅଛନ୍ତି ତ !

'ମଣିଷ ଘର', ବାଗବୃନ୍ଦାବନ, ବାଲେଶ୍ୱର-୧
ଫୋନ: ୯୯୩୭୯୩୨୫୭୦



ଫଟୋ ପ୍ରଶାନ୍ତ ଦାସ

# ଆସ


## କିଶୋର ପାଣିଗ୍ରାହୀ

ଛାତିଏ କ୍ଷୁବ୍ଧ ସମୁଦ୍ର;
ମେଘଡମ୍ବରୁକୁ ଏକ ପାଦ ଟେକିଲାଣି ଛନ୍ଦ,
ବହୁବର୍ଣ୍ଣୀ ପୁଚ୍ଛ ଖୋଲୁଚି ବିସ୍ମୟ,
ଆଉ ପାଦକ ଥାପିଲେ, ମାତିବ ଡମ୍ବରୁ, ମାତିବ ମାଦଳ,
ନୂଆ ସର୍ଜନାର ମଲ୍ଲାର,
ମାତାଲ୍ ନାଚିବ ତ ଆସ ।

ଶୂଳମୂନରେ ରଖିଚି ଆକାଶ-ଘେରା ବିଷାଦ,
ଫାଟିବ ବାଦଲ,
ମେଘକନ୍ୟାର କବରୀ ଫିଟିଲେ,
ଶୁଖିଲା ଘାସ, ଅଇଁଠା ପତର, ପଚାକାଠ,
ଖପରା, ଖପୁରୀର ଅଳିଆ ଭସେଇ ଜୀବନର ଉଲ୍ଲାସ ଛୁଟିବ
ପାଟରେ, ଫାଟରେ,
ଗାତ, ଗିରି-ସଂକଟରେ,
ମଲାଗେଣ୍ଡା ଖୋଳପାରେ
ଶତଶୃଙ୍ଗର ସୁଷୁରି ଫୁଙ୍କିବ ଝଡ଼,
ସାତ କିଆରିକୁ ସିଆର ଟାଣି
କୁଜିଗେଣ୍ଡା ହୁଡ଼ିଯିବ ହିଡ଼,



ଚିତ୍ର : ଶିଳ୍ପୀ ଦେବେନ୍ଦ୍ର ଲାଲ୍



କବି କିଶୋର ପାଣିଗ୍ରାହୀ

ବନ୍ଧବାଡ଼, କୂଳର ଆକଟ ଡେଇଁବ ତୋଡ଼,
ନଇ ନେବ ମନମତ ମୋଡ଼,
ସମୟର ଭଉଁରୀ ଗର୍ଜନ ଶୁଣିବ ତ ଆସ,
ନୂଆ ସର୍ଜନାରେ ମାତାଲ୍ ମଲ୍ଲାର,
ଏବେ ଗୀତ ଗାଇବ ତ ଆସ ।

"ଉଠ୍, ଉଠ୍," ବୋଲି
ମଂଜ ଥରେଇ ବଜ୍ର ଡାକିବ,
ମାଟି ଫଟେଇ ମଂଜି ଖୋଲିବ ବୀଜପତ୍ର,
ଏବେ ଅଭିସାରରେ ବୀରଭୋଗ୍ୟା,
ଆସ,
ପାରିବ ତ ବିନ୍ଦୁଦାନ କର ।

ବିରୁହାଁ, ଜାହାଙ୍ଗୀର, ଭଦ୍ରକ,
ଫୋନ୍: ୭୦୦୮୧୧୭୯୬୪



ରେବତୀ ଆମ ମାଟିର ସ୍ୱର

# ଆମେ ଜହ୍ନ ତଳେ ରହୁ

**ସ୍ୱପ୍ନା ମିଶ୍ର**

ଜଠର ଭିତରୁ ବାହାରି ଆସିବା ବେଳେ
ଆମେ ସାଥିରେ ଧରି ଆସିଲୁ
କିଛି ଅନ୍ଧାର ।

ସେ ଅନ୍ଧାର ଆମ ସ୍ୱପ୍ନରେ
କାଳପୁରୁଷ ପରି ସବାର୍ ହେଲା,
ଆମ ରାତିକୁ କଲା ଗାଢ଼ ଓ ଜହ୍ନହୀନ

ଯେଉଁ କୃପାଣର ଆଲୋକ ରଶ୍ମି
ସବୁଦିନ ପାଇଁ ଆମକୁ ଅନ୍ଧ କରିଦେଲା
ବଳିଯୋଗ୍ୟ ପଶୁ ପରି
ତା ଆଗରେ ଆମେ
ଠିଆ ହୋଇ ରହିଲେ
କାକୁସ୍ଥ କରୁଣ ।

ଆଜି ବହୁତ ଦିନ ପରେ
ଆମେ ଦେଖିଲେ ଜହ୍ନ
ଜହ୍ନର ଚାରିପାଖେ ପ୍ରଭାମଣ୍ଡଳ

ଜହ୍ନର ଚଗଲା ଛାଇ
ଚାଟୁଥିଲା ପୃଥିବୀକୁ ଆପାଦ ମସ୍ତକ ।

ଆମେ ଚାଲିଲେ
ଆମ ନାଭିମୂଳରୁ ବାହାରିଥିବା
ନଈର ଧାରେ ଧାରେ ।
ବାଟସାରା କଥା ହେଲେ କେତେକଣ
ପିଲାଦିନର ଶଗଡ଼ବାଟୁଆ କୋଳିଠୁ କେତକୀ ବଣ ।

ଆମେ ପରସ୍ପରର ମୁହଁକୁ ଚାହିଁ
ହସାହସି ହେଲେ
ଜଣଙ୍କ ପାଦରେ କଣ୍ଟା ଫୁଟିଗଲେ
କାଢ଼ି ଦେଲା ଆଉଜଣେ ।
ଆମେ ଚାଲିଲେ
ହାତ ଧରାଧରି ହୋଇ
ହୃଦୟ ଭରା ଆଲୋକ ଧରି
ଆମେ ଚାଲିଲେ ।

ଦେଖିଲେ କୁହୁଡ଼ିର ବଣ
ଭିଜିଲେ କରକା ପାତରେ
ଗୋଡ଼ରେ ଗୋଡ଼ ଛନ୍ଦି ଗୀତ ଗାଇଲେ
ଅମାରକୁ ବୁହା ହେଇ ସାରିଥିବା ସେ
ଶୂନ୍ୟ ଧାନଖଳାରେ ।

ପକ୍ଷୀ ଥଣ୍ଟ ମାରିଥିବା ଫଳଟି
ବେଶୀ ସୁଆଦ ବୋଲି
ଆମେ ଗଛ ତଳୁ ଗୋଟେଇଲେ
ଖଣ୍ଡିଆ ଫଳ ।
ପତ୍ର ଉପରୁ ନିଗିଡ଼ି ପଡୁଥିବା
ଝରା କାକର ବୁନ୍ଦାକୁ
ଦେଖେଇ ଦେଲେ ପାପୁଲିର ଧାର ।

ଧୂଳି ଉପରେ କାକରର କାଳିରେ
ଆମେ ଲେଖିଲେ କବିତା
ସୂର୍ଯ୍ୟ ଓ ସାଗରର
ସଂଧାନ କରିବାକୁ ବିଚାର କଲେ ଆମେ ।
କନିଅର ଫୁଲର ପେଁକାଳିରେ
ବାଜି ଉଠିଲା ବିଜିଘୋଷ ।

ଅତୀତର ପ୍ରେମପତ୍ରମାନଙ୍କୁ
ମନେମନେ ପଢି ତାର
ନିହିତାର୍ଥକୁ ଭାବି ବସିଲେ
ଫଟା ପକେଟ୍‌ର କଣାବାଟେ
ହଜି ଯାଇଥିଲା କିଛି କାନ୍ଦଣା ।

ସ୍ୱର୍ଗର ଡେଣାଲଗା ପରୀମାନେ
ଆଖି ପରି ଡାକିଲେ ଆମକୁ
ହେଲେ ଆମେ ଆଦୌ ନଶୁଣି
ଗଙ୍ଗଶିଉଳି ଫୁଲମାନଙ୍କୁ ଅକ୍ଷତ ଖୁଣ୍ଟିବାରେ ଲାଗିଲେ ।
ପରେ ଅବଶ୍ୟ ଆମେ ଜାଣିଲେ ଯେ
ସ୍ୱର୍ଗ ପରୀମାନେ ଆମକୁ
ସୁଖ ମାଗୁଥିଲେ ।

ପବନ କେତେ ପ୍ରେମିଳ ଥିଲା
କେତେ ରୂପସୀ ଥିଲା ଲଞ୍ଜାତାରା
ସ୍ୱପ୍ନମାନେ ସୁବାସିତ ଓ
ତାରାମାନେ ଥିଲେ କେତେ ଉଜ୍ଜ୍ୱଳ !

ଆମ ଆଖିରେ
ଆଉ ତ ନଥିଲା ଅନ୍ଧାର
କାକୁସ୍ଥ କରୁଣତା ଉପରେ ଥିଲା
ଝଲମଲ୍ ଲାଲ୍ ଓଢ଼ଣୀଟେ ବାସକ ସଜ୍ଜାର ।

ପଚାରିଲା କେହି
କହ ତ କାହାର ଏ ଜହ୍ନ
ମୁଁ କହିଲି
ଯାହାର ହୃଦୟ ପ୍ରେମର ଆବର୍ତ୍ତ ଓ
ଆକାଶ ପରି ପୂର୍ଣ୍ଣିମାରେ ଭରିଥାଏ ମନ ।

♥ **୧୦୩-ସି, ନୀଳକଣ୍ଠ ନଗର,**
**ଭୁବନେଶ୍ୱର-୭୫୧୦୧,**
**ଫୋନ: ୮୨୪୯୭୭୫୫୬୧**



# ଦୁଃଖ ସହ ଦେଖା

**ରଜନୀ ଶତପଥୀ**

ହଠାତ୍ ହେଲା ଦୁଃଖ ସହ ଦେଖା
ଏୟାରପୋର୍ଟ ଲାଉଞ୍ଜରେ ଏକା ବସି
କଫି ପିଉଥିଲା ସୁଖଲତା ।

ସେ ମତେ ଦେଖିନଥିବ ହୁଏତ
ଦେଖିଲେ ବି ପାରିନଥିବ ଚିହ୍ନି
ମୋ ମୁହଁରେ ବନ୍ଧା କରୋନା ମାସ୍କ୍
ଆମେ ଦୁହେଁ ଦୁଇଟି ଦୁଃଖୀ ମଣିଷ
ପିନ୍ଧିଥିଲୁ ନିଜ ନିଜ ବ୍ୟସ୍ତ ସୁଖର
ସଲ୍‌ୱାର ଓ ପ୍ୟାଣ୍ଟ୍ ।

ସେ ମତେ ଚିହ୍ନିଥିଲେ ବେଶି କ'ଣ ହୋଇଥା'ନ୍ତା
କ'ଣ ମତେ କହିଥାଆନ୍ତା
ଚାଳିଶ୍ ବର୍ଷ ପରେ
ମୁଁ ବି କ'ଣ ପଚାରନ୍ତି ତାକୁ ?
ଆମ ପରି ଆମ ଦୁଃଖ ବି
ୟା' ଭିତରେ ନେଇ ସାରିଚି ଅବସର
ସେ କାଟୁଛି ତାର ହାଲ୍‌କା ଜୀବନ
ନାହିଁ ଆଉ ତା'ର ବିରହର ରୁଟିନ୍
କିମ୍ବା ବିଚ୍ଛେଦର ବୋଝ ।

ସେଦିନ ନିର୍ବାକ୍ ଅପରାହ୍ନ
ଦୁହିଁଙ୍କ ଗନ୍ତବ୍ୟ ଭିନ୍ନ
ପୃଥକ ବିମାନ, ପୃଥକ ଉଡ଼ାଣ ।

♥ ଜି-୬୦୨, ଆକ୍ରୋପଲିସ୍, ଗୋଠପାଟଣା, ଭୁବନେଶ୍ୱର-୨୯,
ଫୋନ:୯୩୩୭୯୬୫୫୬୪



▲ଛବି ରଜନୀ ଶତପଥୀ

# ହିଡ଼

**ଧନଞ୍ଜୟ ସ୍ୱାଇଁ**

ହିଡ଼ ପରେ ହସେ ବୁଦିବୁଦି ଘାସ
ସରୁ ପାଦଚଲା ରାସ୍ତା
ହିଡ଼ ଖୁସିହୁଏ କାଶ ଓ କାଇଁଚ
ଫୁଟି ହଲାଇଲେ ମଥା ।୦।

ହିଡ଼ ତଳେ ମୁଠିଶାଗ, ମଦରଙ୍ଗା
ସୁନ୍ଦରୀ ସାଧବବୋହୂ
ହିଡ଼ ବି ଝରାଏ ହସଫୁଲ ମୁଠେ
ଝରିଲେ ମେଘରୁ ମହୁ
ହିଡ଼ପରେ ଦେଖି ଯୋଡ଼ିବଣି ମୋ ଆଖିରେ ଅନ୍ୟମନସ୍କତା
ସରୁ ପାଦଚଲା ରାସ୍ତା ।୧।

ବାପା ମୋ ଦୁଃଖରେ ଦେହ ପଖାଳନ୍ତି
ହିଡ଼ରେ ଘଡ଼ିଏ ବସି
ଫଟାମାଟି ଦେଖି ଆକାଶେ ଅନାନ୍ତି
ଉଡ଼ାମେଘ ଗଲେ ଭାସି
ହିଡ଼କଣ୍ଠାରେ ମୁଁ ପାଦଚିରି କେତେ ଭାବିଛି ତୁମରି କଥା
ସରୁ ପାଦଚଲା ରାସ୍ତା ।୨।

ହିଡ଼ ଛୁଇଁ ଧାନବିଲ ଉଡ଼ିଗଲେ
ଧଳାବଗ ପର ଝାଡ଼ି
ମତେ ଲାଗେ ତୁମ ହାତଲେଖା ଚିଠି
ପବନେ ଆସୁଛି ଉଡ଼ି
ହିଡ଼ ଦୁଃଖୀ ହୁଏ ଛିଣ୍ଡାପବନରେ କଟିଗଲେ ଗୁଡ଼ିମଥା
ସରୁ ପାଦଚଲା ରାସ୍ତା ।୩।

♥ ସ୍ୱତନ୍ତ୍ର ଶାସନ ସଚିବ, ଶକ୍ତି ବିଭାଗ, ଖାରବେଳଭବନ, ଭୁବନେଶ୍ୱର,
ଫୋନ:୯୪୩୭୦୦୦୬୩୬



▲ଛବି ଧନଞ୍ଜୟ ସ୍ୱାଇଁ



ଚିତ୍ର : ଶ୍ରୀ ତେଜସ୍ୱିନୀ ସାହୁ

ଜାଇ, ଦିନେ ପରଘରୀ ହେବୁ
ତୋ' ଲାଉଡଙ୍କ ମନ
ବାନ୍ଧିପାରିବ ଯେ କୁଟୁମ୍ବ ପଡ଼ୋଶୀ
ମନଲାଖି ମଣିଷଟେ, ଘରଟେ ପାଇଲେ ତ !

କୁଆଁରୀଗାଁର ଧପଧପ ଛଇ
ଜମା ଦେଖେଇବୁନିରେ ଜାଇ
ପାଟି ମୁଦିଥିବୁ
ପବନ ବି ଅର୍ଥକୁ ଅନର୍ଥ କରେ
ତେରେଛା ଗଂଜଣା ଶୁଣିବୁନି ଜମା
ଏଠି କିଏ ତୁଳସୀଧୁଆ ଯେ' ।

ଶାଶୁଘରେ ଡର ନଥିବ ତୋତେ
ଦେଇ ଦେଇ ସରିଯିବ ଦିନ, ବଳବୟସ
ତୋ ନାରଙ୍ଗୀ କୁଆଁରୀ ଛଇଳିମନକୁ
ଦେବକୀ ଗାଁ ସୁମରୁଥିବରେ
ତୋ କୁଆଁରୀ ଗାଁ ଚଇତିବାଆ କେବେ ତ
କୁଣିଆ ହୋଇ ତୋ' ଶାଶୁଘର ଗାଁ ଆଡ଼େ ଆସିବ
ତୋତେ କି ପାଶୋରି ଦେବ ।


ଶୂନ୍ୟନୀଡ଼, ଚର୍ଚ୍ଚପାଖ, ଜେଲରୋଡ଼, କେନ୍ଦୁଝର-୧,
ଫୋନ:୯୪୩୮୧୧୮୩୯୭


# ଜାଇଫୁଲ

## ପିନାକୀ ମିଶ୍ର

ଜହ୍ନିଫୁଲିଆ ମୁହଁ
କୃଷ୍ଣଚୂଡ଼ାର ହସ
ଅପରାଜିତା ଆଖି
ତୁ ତ ଗୋଟା ଗାଁର ନିରିମାଖି ।

ତୁ ନଈଘାଟକୁ ଗଲେ
ଛାଁକୁ ବଉଳତାଳ ହଲେ
ତାଳଗଛ ତାଳି ପିଟେ
ତୁଠ ପରଖେ କୁଆଁରୀ କଦମ୍ବ ମନ
ଏ କୂଳେ ହଳଦୀ କିଆରୀ
ଆରକୂଳେ ଗର୍ଭିଣୀ କ୍ଷେତ
ଦି' କୂଳ ମଝିରେ ବହିଯାଉଛି କି କନିଆଁବୟସ ।

ତୋ' କଥାରେ ଡେଣା ଲାଗିଛି କି ?
ଚଟପଟ ଉତ୍ତର ସବୁଠେଇଁ
ବାଲୁତ ବୁଢ଼ା କାହାକୁ ବି ଛାଡୁନୁ,
ତୁ ଛନଛନିଆ ଶାଗକିଆରୀ
ନା'ଅପରାହ୍ନ ଦାଣ୍ଡପିଣ୍ଡାର ମହୁରୀ ହସକୁରୀ
ଯଉବନ ଭିଡ଼ିଲାରୁ
ବେଶୀ ବେଶୀ ନଜର ପଡୁ
ବହଳ ବଉଳ, ତୁ ମହମହ ବାସୁ
ତୋ' ସାଥେ ଟିକେ କଥା ହେବାକୁ
ମଣ୍ଡପ ପିଣ୍ଡାରୁ ବାୟାଅଜା ମୁଣ୍ଡ ଟେକେ ।



ଶ୍ରୀ ପିନାକୀ ମିଶ୍ର

# ଅପାର୍ଥିବ ପ୍ରେମ କବିତା

## ମନୋଜ ମେହେର

ଗତ ମାସରେ ସଡ଼କ ଦୁର୍ଘଟଣାରେ ହରାଇଛି ଗୋଟିଏ ବୋଲି ପୁଅକୁ । କିଛିଦିନ ହେଲା ପତ୍ନୀଙ୍କର ରକ୍ତକର୍କଟ ଚିହ୍ନଟ ହୋଇଛି ଅସ୍ଥିମଜ୍ଜା ପରୀକ୍ଷା କରିବା ପରେ । ବୈଶ୍ୱିକ ମହାମାରୀ କରୋନା ମାଡ଼ରେ ଜୀବନ ଜୀବିକା ହୋଇଯାଇଛି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ଚାକିରି ଝୁଲୁଛି ସୂତାଖିଅରେ । ଏ ସବୁ ସତ୍ତ୍ୱେ କାହିଁକି ଭାଙ୍ଗିପଡ଼ିବି, ନିନ୍ଦିବ ଅନ୍ୟକୁ କି ନିୟତିକୁ ?


ମୋର ସବୁକିଛି ଧ୍ୱସ୍ତ ହୋଇଗଲେ ବି 'ଜୀବନ ଓ ପୃଥିବୀ ସୁନ୍ଦର' ଏ ପ୍ରତ୍ୟୟବୋଧରୁ କେହି ମୋତେ ଅଟକାଇ ପାରିନାହାନ୍ତି । ଭଲପାଇବାର ବୀଜ ଉଭିଦାଏ ମୋତେ ଲୁହବୁନ୍ଦାରେ । ମୁଁ ସବୁପ୍ରକାର କାନ୍ଦକୁ ନେଇଆସି ବଂଶୀକୁ ବଜାଏ ରାଗ ଆଶାବରୀ । ଅନ୍ୟପକ୍ଷରେ, ସବୁ ବିରୋଧାଭାସ ଓ ମହାଅନ୍ଧକାରରେ ଆଲୁଅର ସନ୍ଧାନ କରିବା ମୋର ଖୋଜ । ମାନବିକତାକୁ ବଞ୍ଚାଇବା ପାଇଁ ଶେଷନିଃଶ୍ୱାସ ନେବା ପର୍ଯ୍ୟନ୍ତ ମୁଁ ଚାଲିଥିବି ମଶାଲ ଧରି ସବାଆଗରେ ଶବବାହକ ହୋଇ ଯେଉଁଠି ଜଣକ ପରେ ଜଣେ କରଛଡ଼ା ହୋଇ ଚାଲିଥାଆନ୍ତି ।

ଯେତେ ପ୍ରକାର ମହାବିପତ୍ତି ରହିଛି କେଉଁଥିରେ ତମେ ମୋର ପରୀକ୍ଷା ନିଅ; କେଉଁଠି ମୁଁ ଲୁହେଇ ଯାଏ, ଦର୍ପଣାଏ । ବିବେକର ଆକାଶରେ ଉଡ଼େ ନାହିଁ କେବେ ଭ୍ରମର ହୋଇ । ପ୍ରଜାପତିଟିଏ ହୋଇ ଉଡ଼ିବୁଲେ କିନ୍ତୁ ଗୋଟିଏରୁ ଆଉ ଗୋଟିଏ ଦୁଃଖଫୁଲକୁ । ସବୁଠାରୁ ଦୁର୍ବଳତମ ଓ ଅସହାୟ ମୁହୂର୍ତ୍ତରେ ହିଁ ମୁଁ ନିଜକୁ ମନେକରେ ସର୍ବଶକ୍ତିଶାଳୀ ଓ ଅପରାଜେୟ । ଏକାକୀତ୍ୱ ମୋତେ ଶିଖାଇଛି ଶୂନ୍ୟତାକୁ କିପରି କରାଯାଇପାରେ ଅଳଙ୍କାର । ଏବେ ମୁଁ ଆପାଦମସ୍ତକ ପୋତି ହୋଇଛି ଏକ ତାସଲ୍ୟଭରା ମୁର୍କିହସି ଋଣଭାରରେ । କ'ଣ ପାଇଲି ହରାଇଲି ତା'ର ହିସାବ କରିବି କାହିଁକି ଅଡୁଆସୂତାର ସାହାଣମେଳାରେ ? ଦୁଃଖମନା ହେବି କାହିଁକି ? ? ଜୀବନଘଟ ମୋର କେତେ ପ୍ରକାରେ କଣା ହୋଇଛି ଏବଂ ଭରିଛି ଅଗଣିତ ଅଣସରାୟ ଅର୍ଥ ଓ ରିକ୍ତତାରେ । ବର୍ତ୍ତମାନ ସୁଦ୍ଧା ଯାହା ବି ପାଇଛି ବା ଅଛି ମୋ ପାଖରେ ତାହା କିଛି କମ୍ ନୁହେଁ ଦୁଃଖପୃଥିବୀକୁ ଓଲଟାଇ ଦେବା ପାଇଁ ।

ଗଛଟିଏର ଜୀବନ ଜିଇବା ପାଇଁ ପ୍ରସ୍ତୁତ କରିରଖିଛି ନିଜକୁ । ବିଶ୍ୱନିୟନ୍ତାଙ୍କୁ ମୋର ମୋର ଗୋଟିଏ ମାଗୁଣି : ଗଛ ଠୁ ବି ହୋଇପାରନ୍ତି କି ଅଧିକ ସହନଶୀଳ, ଛତୁଟିଏ ପରି ଅନାଇପାରନ୍ତି ସୂର୍ଯ୍ୟକୁ ସିଧାଧା । ପ୍ରିୟମଣିଷ ! ତମକୁ କ'ଣ ଦେଇ ତୃପ୍ତ କରାଇବି ଜାଣେନା । ତମର ମାନଭଞ୍ଜନ ପାଇଁ ମୋ ପାଖରେ ନାହିଁ କୌଣସି କୁହୁକ ରସଗୋଲା । କାହାର କେତେବେଳେ ଦରକାର ହେଲେ ନିଶ୍ଚୟ ଡାକିବ ମୋତେ ବୋତଲେ ରକ୍ତ ପାଇଁ; ବେଳଅବେଳରେ ଯଦି ମରିଯାଏ ମୋର ଶରୀରରୁ ଯାହା ବି ନେଇ ଲଗାଇପାରିବ କାହାର ଦେହରେ । କିଛି ହୋଇନପାରିଲେ ମୋର ମରଶରୀରକୁ ପୋତି କି ପୋଡ଼ି ଦେବ ନାହିଁ; ଫିଙ୍ଗିଦେବ ନାହିଁ ଭୋକିଲା କୁକୁର ଓ ଶାଗୁଣା ମୁହଁକୁ 'ଆହା' ଦେଖାଇବା ଦାୟରେ । ଶିକ୍ଷାଦାନର ଏକ ଉପକରଣ ହେଲେ ଯଥେଷ୍ଟ ହେବ ମୋର ହାଡ଼କଙ୍କାଳ, ହାତ କାଟି ଲେଖି ଦେଇଛି ଅଙ୍ଗଦାନ ସତ୍ୟପାଠରେ ।

କାଲି ମୋର କ'ଣ ହେବ ମୁଁ ଜାଣେନା । ସଭିଏଁ ଯାଉଥିବା ରାସ୍ତାରେ ଯଦି ମୁଁ ଯିବି ଏବଂ ଫୁଟାଇବି ଅର୍ଦ୍ଧ ନୂଆ ବାସ୍ନାୟିତ ଫୁଲ ଓ କରିବି ଆଲୁଅର ଚଳମାନ ବଗିଚା, ସମୟର ପଦଚିହ୍ନ ଆଗରେ କାଳକାଳ ପାଇଁ ପ୍ରଶ୍ନବାଚୀ ହୋଇ ରହିଗଲି । ମୋର ଜୀବନର ବଡ଼ ବିଶେଷତ୍ୱ ହେଉଛି ଯେ ସବୁଥିରୁ ବଞ୍ଚିତ ହେଲେ ଯାଇ ମୁଁ ପାଇଯାଏ ଅକଳନ୍ତି; 'ସମର୍ପିଦେଇ ପାଇଲି ସର୍ବ' ମୋତେ କେଉଁଠିକୁ ନିଏ, କରେ ନିଜକୁ ଦୁର୍ବାର ଆଗୁଁସାର । ହଁ, ହାତ ନ ଥିବା ନାଚାର ଶିଶୁଟିଏ କଙ୍କି ପଛରେ ଦୌଡ଼ିବା ପରି ଅପାର୍ଥିବ ପ୍ରେମ ପାଇଁ ନିଜକୁ ଲଗାଇଦେଇଛି ପୂରାପୂରି ବାଜିରେ; ଖୋଲିଦେଇଛି ବି ସବୁତକ ଝର୍କା ଜୀବନକୁ କୌଣସି ଧୂଳିଧୂସରିତ ଇନ୍ଦ୍ରଧନୁର ସଫେଦ୍ ଫର୍ଦ୍ଦରେ ଦେଖିବାକୁ ।

ଆକାଶ ଯେମିତି ପକ୍ଷୀର ନୁହେଁ, ଠିକ୍ ସେପରି ମୁଁ ତମର ବୃତ୍ତ ଓ ପରିଧିରେ ଅଛି । ଅତଏବ ମୋର ହେଣ୍ଟୁଆ-ପାତଲଘଟାଁ ଚୁଟ୍‌ଚୁଟା ସକାଳର ଡେଣା ତମର ଡୋରିରେ ପରିଚାଳିତ ହେବା ଥୟ । ତା'ର ଅର୍ଥ ନୁହେଁ ଯେ ମୁଁ ତମର ଚରଣ ତଳେ ପଡ଼ି ହିଁ ପାଇବି ଶ୍ରେୟସ୍କର ମାର୍ଗ ଜୀବନକୁ ଜାଜ୍ୱଲ୍ୟ କରିବା ପାଇଁ ମାଟିସଂଲଗ୍ନ ତାରାର ଦ୍ୟୁତିରେ । ସ୍ୱାଭିମାନ ଓ ଅସହାୟତା ହିଁ ମୋର ବଡ଼ ପୁଞ୍ଜି । କାହାକୁ ମୁଁ କ୍ଷମା ଦେଇନାହିଁ ଯେ ତମେ ମୋତେ ନିଃଶେଷ କରିଦେବା ପାଇଁ ଜଘନ୍ୟ ଷଡ଼ଯନ୍ତ୍ର ରଚିଲେ ତମ ବିରୋଧରେ ଦେବି ଯୁଦ୍ଧଂଦେହି ଡାକରା; ତମ ପାଇଁ ପ୍ରାର୍ଥନା କରିବା ଛଡ଼ା ଅନ୍ୟ ତଡ଼ିତ୍ ବିକଳ୍ପ ଆପଣାଇବାକୁ ଆସୁନାହିଁ ଭିତରରୁ ନିର୍ଦ୍ଦେଶ ।



ନିଃସ୍ୱତାକୁ ସମ୍ବଳ ପରି ମୁଁ ଗଢ଼ିଛି ଆୟ ଅଳଙ୍କାରର ଅଲଗା ପୃଥିବୀ । ନାହିଁ ନାହିଁରେ ଜୁଳୁଜୁଳିଆ ଜୀବନ ଜିଇବା ପାଇଁ ଆପଣାଛାଏଁ ଉକୁଟି ଉଠିଥିବା ଅଲିଭା ଇନ୍ଦ୍ରଧନୁଟିଏ ମୋତେ ଦେଖାଉଛି ରାହା । ବାନିବାନି ଦୁଃଖ ଓ ମୃତ୍ୟୁ କୁଇଗଛ ପାଲଟି ମୋତେ କରୁଛି ଆଲୋକିତ । ସୁତରାଂ, ମହାନିରବତାକୁ ସର୍ବଶ୍ରେଷ୍ଠ ଅସ୍ତ୍ର କରି କୌଣସି ବିଦ୍ରୋହର ସୂତ୍ରପାତ ଘଟାଇବା ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ଫିଙ୍ଗିବି ଟେକାଟିଏ ଶୂନ୍ୟପୋଖରୀକୁ । ନିହାତି ଦୁଃସମୟରେ କିଏ ଆସି ମୋ ପାଖରେ ଛିଡ଼ା ହୁଅ, ମୁଁ ଅପେକ୍ଷା ରଖି ନାହିଁ । ନିଃସର୍ତ୍ତ କିଏ ମୋ ଆଖିରୁ କିଛି ଲୁହ ପୋଛିଦେଲେ ମୋତେ ଦିଶିଯାଆନ୍ତି କେବଳ ସୁନ୍ଦର ପୃଥିବୀମାନେ, ଅବିଶ୍ୱସନୀୟ ଓ ଅସମ୍ଭବ ମନେହେଉଥିବା ଆକାଶ ଚାଲିଆସେ ହାତପାଆନ୍ତାକୁ ଏବଂ ଯେଉଁ ମହିମ୍ନ ଉର୍ଜା ଅପଚୟର ଅଗଣାରେ ଗଢ଼ୁଥାଏ ରୂପ ନିଏ ଅନିର୍ବାଣ ଦୀପଶିଖାର ।

♥ 'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ-୧
ଫୋନ : ୯୪୩୮୭୦୫୨୫୬

# ନିବୁଜ କୋଠରୀ



## ବିଜୟ ନାୟକ

'ଉଦୟରାଗ'
୨୦୩, ଖୁସି ଉପହାର ଆପାର୍ଟମେଣ୍ଟ,
ବି.ଜେ.ବି. ନଗର, ଭୁବନେଶ୍ୱର-୭୫୧୦୧୪
ଫୋନ: ୯୪୩୭୧୪୩୮୯୬

ଚିତ୍ର: ଈପ୍‌ସିତା ଦେ


# କାହାଣୀ ପଛର କାହାଣୀ

ଅନେକ ସମୟରେ ଛୋଟ ଛୋଟ ଅହଂକାର ମଣିଷ ମନ ଗହନରେ ବସା ବାନ୍ଧିଥାଏ । ଅହଂକାରସବୁକୁ ପାର୍ଥିବ ମାନଦଣ୍ଡରେ ପୁଣି ବିଚାର କରାଯାଏ । ବିପୁଳ ପୃଥିବୀ ଓ ନିରବଧି ସମୟ ଭିତରେ ଅହଂର ସ୍ଥାନ କେଉଁଠି ? ଆମେ କିନ୍ତୁ ସେକଥା ବୁଝିବାକୁ ପ୍ରୟାସ କରୁନା । ନିଜ ମନର କୋଠରିକୁ ଖୋଲା ରଖିବାକୁ ଚାହୁଁନା । ପୁଣି ଈର୍ଷା ଯେମିତି ମଣିଷର ଚିର ସହଚର । ନିଜ ପ୍ରାପ୍ତିରେ ସୁଖୀ ହେବା ଅପେକ୍ଷା ଅନ୍ୟର ପ୍ରାପ୍ତିର ଦୁଃଖରେ ଆମେମାନେ ଅଧିକ ମ୍ରିୟମାଣ । ଏହି କଥାଟି ଅନେକ ଦିନ ଧରି ମୋତେ ଆଚ୍ଛନ୍ନ କରି ରଖିଥିଲା । ଏପରି ଜଣେ ଅଧେ ଚରିତ୍ରର ସଂସ୍ପର୍ଶରେ ମୁଁ ଆସିନାହିଁ ବୋଲି କହିହେବ ନାହିଁ । ଗୋଟେ ସମୟରେ ଦୁଇ ସହପାଠିନୀଙ୍କ ଭିତରେ ଥିବା ଭାବର ଅଭାବ ମୋତେ ଉଖୁରାଇଲା । ତା ପରେ ଏ ଗପ । ଦୁଇ ସହପାଠିନୀଙ୍କ ମନର ମାନଚିତ୍ର ଅଙ୍କିତ ଏଥିରେ । ଏଥିରେ ପୁଣି ପ୍ରତିଫଳିତ ମଣିଷ ମଣିଷ ଠାରୁ ଦୂରେଇ ଯାଉଥିବା ଏକ ଅଦ୍ଭୁତ ସମୟର ଦୃଶ୍ୟ ।

ଆପାର୍ଟମେଂଟ ଲିଫ୍ଟରେ ଚିହ୍ନା ମୁହଁର ଭିଡ଼ ଭିତରେ ଗୋଟେ ଦୋ'ଦୋ' ଚିହ୍ନା ମୁହଁ ଦେଖି ଅନ୍ୟମନସ୍କ ହୋଇପଡ଼ିଲେ ସୁନୟନା । ଏତେ ଚିହ୍ନାଚିହ୍ନା ଲାଗୁଥିବା ମୁହଁଟା ପୁଣି ଅଚିହ୍ନା ଲାଗୁଛି କାହିଁକି ? ମଧ୍ୟବୟସ୍କା ସେହି ଭଦ୍ରମହିଳାଙ୍କ ମୁହଁକୁ ସେ ସିଧା ଚାହିଁଲେ । ଭଦ୍ରମହିଳାଙ୍କ ଚେହେରା ଓ ଚାହାଣି ସହିତ ଯେମିତି ସେ କାହିଁ କେଉଁ କାଳରୁ ପରିଚିତ ! ତେବେ କେବେ, କେଉଁଠି ଭେଟ ହୋଇଥିଲା ତାଙ୍କ ସହିତ ? ସପିଂ ମଲ୍‌ରେ ନା ସିନେମା ହଲ୍‌ରେ ? କେଉଁ ବିବାହ ଭୋଜିରେ ନା ସଙ୍ଗୀତ ଆସରରେ ? ଭୁବନେଶ୍ୱରରେ ନା ଭଦ୍ରକରେ ? ପୁରୀରେ ନା ପାରଳାରେ ? ଏବେଏବେ ନା ପିଲାଦିନେ କେବେ ?ସ୍ମୃତି ସୁଡ଼ଙ୍ଗର ରୁଦ୍ଧ ଦ୍ୱାମରରେ ମୃଦୁ କରାଘାତ କରୁଥିଲେ ସୁନୟନା ।

ଲିଫ୍ଟ ଗ୍ରାଉଣ୍ଡ ଫ୍ଲୋର୍‌ରେ ଅଟକିଲା ବେଳକୁ ସେ ଅତୀତ ଭିତରୁ ଛିଟିକି ପଡ଼ିଲେ, ଛିଟିକି ପଡ଼ିଲେ ଲିଫ୍ଟ ଭିତରୁ ମଧ୍ୟ ।

ଗୋଧୂଳି ପ୍ରତି ସୁନୟନାଙ୍କ ଦୁର୍ବଳତା ପିଲାଦିନୁଁ । ପୁଣି ଋତୁ ବସନ୍ତ ହୋଇଥିଲେ ତାଙ୍କ ଦୁର୍ବଳତା ହୁଏ ଦୁର୍ବାର । ଆପାର୍ଟମେଣ୍ଟର ନବମ ମହଲାରେ ନା ଥିଲା ମଳୟର ମାଦକତା ନା ମର୍ମରର ଉଚ୍ଚାଟନ । ବିଲ୍‌ଡିଂର ବଣ ଭିତରେ ତ୍ରସ୍ତ ଗଛମାନଙ୍କ ଡାଳରେ ବସି ଗୀତ ଗାଇବାକୁ କୋଇଲିମାନେ ବୋଧେ ନିରାପଦ ମଣୁ ନଥିଲେ । ତାଙ୍କ ଘର କାନ୍ଥରେ ଝୁଲୁଥିବା କ୍ୟାଲେଣ୍ଡରର ପୃଷ୍ଠା ବଦଳିଲା କ୍ଷଣି ଲାଲ୍ ଫୁଲଭର୍ତ୍ତି ଗୋଟେ ପାଳଧୂଆ ଗଛର ଚିତ୍ର ଦେଖି ବସନ୍ତ ଆଗମନର ସୂଚନା ପାଇଥିଲେ ସୁନୟନା । ତା' ପରଠୁଁ ସଂଧ୍ୟା ପୂର୍ବରୁ ଆପାର୍ଟମେଣ୍ଟ ପଛରେ ଥିବା ଗ୍ରିନ୍ ଗାର୍ଡନ୍‌କୁ ସେ ଟାଣି ହୋଇଆସନ୍ତି । ଚୋରା ଚଇତାଳିର ଛୁଆଁରେ ପୁଲକିତ ହୁଅନ୍ତି, ବେଳେବେଳେ ଖୁବ୍ ଲାଜେଇ ଯା'ନ୍ତି ଯେତେବେଳେ ଉଉଳା ପବନର ଫାଜଲାମିରେ ଅସମ୍ଭାଳ ହୋଇପଡ଼େ ତାଙ୍କ ବେଶଭୂଷା ।



▲ଗାଳ୍ପିକ ବିଜୟ ନାୟକ

ଭଦ୍ରମହିଳାଙ୍କ ଡେଷ୍ଟିନେଶନ୍ ବି ଥିଲା ପାର୍କ । ଭଦ୍ରମହିଳା ଜଣକ ସିମେଣ୍ଟ ଚଉକିରେ ବସି ଗୋଧୂଳି ଲଗ୍ନକୁ ଯେମିତି ମୁଖସ୍ଥ କରୁଥିଲେ । ସୁନୟନା ତାଙ୍କ ଆଡ଼କୁ ବାରମ୍ବାର ଦୃଷ୍ଟି ଲମ୍ବଉଥିଲେ, କେତେବେଳେ ତୀକ୍ଷ୍ଣ ତ କେତେବେଳେ ତେରଛା । ତଥାପି ସୁନୟନାଙ୍କ ସ୍ମୃତି କେଉଁ ପୁରୁଣା ଗୀତର ସ୍ୱର ପରି ଲାଗୁଥିଲା ମଧୁର ଅଥଚ ଅବୋଧ । କିଛି ସମୟ ପରେ ଆଉ ଗୋଟେ ସିମେଣ୍ଟ ଚଉକିରେ ଯାଇ ବସିଲେ ସେ । ଗୋଧୂଳିର ଅପସୃୟମାଣ ଆଲୋକରେ ଭଦ୍ରମହିଳାଙ୍କ ଈଷତ୍ ଆଲୋକିତ ମୁହଁକୁ ବାରମ୍ବାର ଚାହିଁଲେ ଏବଂ ପ୍ରତି ଚାହିଁବା ଭିତରେ ହାବୁକାଏ ହାବୁକାଏ ମୃଦୁ ବର୍ଷାରେ ଭିଜିଲେ । ହଠାତ୍ ଭଦ୍ରମଳିହାଙ୍କ ବାଁ ଗାଲରେ ଥିବା ଦୁଷ୍ଟ ବ୍ରଣଚିହ୍ନ ପାଖରେ ବେଶ୍ କିଛି ସମୟ ପାଇଁ ତାଙ୍କ ଆଖି ଲାଖି ରହିଲା । ପୁଣି ଭଦ୍ରମହିଳାଙ୍କ ଗିରିଶୃଙ୍ଗର ଭ୍ରମ ସୃଷ୍ଟି କରୁଥିବା ନାସା, ଓହଳ ଓଠ ଓ ନିଟୋଳ ମୁହଁ ଯେମିତି ସୁନୟନାଙ୍କୁ ଅତୀତ ଆଡ଼କୁ ବାଟ କଢ଼ାଇନେଲେ । ତେବେ ସେ ଭଦ୍ରମହିଳାଙ୍କ ଚେହେରାରୁ କୋଡ଼ିଏଟି ଫଗୁଣ ମାଇନସ୍ କଲା ପରେ 'ୟୁରେକା'ର ଲାଳିତ୍ୟରେ ଶିହରିତ ହେଲେ । ନିଶ୍ଚିତ ହେଲେ ଯେ ସେ ଭଦ୍ରମହିଳା ତାଙ୍କ ସହପାଠିନୀ ବାଣୀବନ୍ଦନା ଛଡ଼ା ଆଉ କେହି ହୋଇ ନପାରେ ।

ସୁନୟନା ତାଙ୍କ ଭିତରେ ଉଛୁଳୁଥିବା ଉଚ୍ଛ୍ୱାସକୁ କିନ୍ତୁ ଚାପି ଧରିଲେ । କଲେଜରେ ପଢ଼ିବା ଦିନୁଁ ବଡ଼ିମାର ଅନ୍ୟନାମ ଥିଲା ବାଣୀବନ୍ଦନା । ସେ ଦେଖିବାକୁ ଅବଶ୍ୟ ଥିଲା ଖୁବ୍ ସୁନ୍ଦରୀ । ବିଶେଷକରି ତା'ର ଦୁଇଟି ଆୟତାକ୍ଷି ଯେମିତି ଥିଲେ ତା' ସୌନ୍ଦର୍ଯ୍ୟର ସିଂହଦ୍ୱାର । କିନ୍ତୁ ତା' ଚାଲିରେ କଲେଜ କ୍ୟାଂପସ୍ ଥରି ଉଠୁଥିଲା ତ ଅଦିନ ଝଡ଼ର ସୂଚନା

ମିଳୁଥିଲା ତା' କଥାବାର୍ତ୍ତାରୁ । ସେ ସମୟରେ କଲେଜକୁ ନିତି ପୋଷାକ ବଦଳାଇ ଆସୁଥିବା ଏକମାତ୍ର ଛାତ୍ରୀଜଣକ ଥିଲା ବାଣୀବନ୍ଦନା । ସେ ପୁଣି ଦୈନିକ କାର୍‌ରେ ଆସୁଥିଲା କଲେଜକୁ । ଥିଲା ମଧ କଲେଜ୍‌ର ସେ ଫେଶନ୍ କ୍ୱିନ୍ । ସହପାଠୀ ଓ ଯୁବ ଅଧ୍ୟାପକମାନଙ୍କର କ୍ୟୁ ଲାଗୁଥିଲା ତା' ପଛରେ । ବାଣୀ ହାତକୁ ସ୍ୱହସ୍ତରେ ପ୍ରସ୍ତୁତ ନୋଟ୍ ପ୍ରଦାନ କରି କେତେକ ଅଧ୍ୟାପକ ନିଜକୁ କୃତକୃତ୍ୟ ମନେ କରୁଥିଲେ । କିନ୍ତୁ ଜଣେ ବି ସହପାଠିନୀର ସେ ପ୍ରିୟଭାଜନ ନଥିଲା ।

ଯୋଗାଣ ବା ମୋଟର ଯାନ ନିରୀକ୍ଷକ ଜାତୀୟ ସ୍ୱଚ୍ଛଳ ଅଧିକାରୀ ଥିଲେ ବାଣୀବନ୍ଦନାର ବାପା । ଟଙ୍କା ଗଣିବାକୁ କୁଆଡ଼େ ବାଣୀବନ୍ଦନାର ତର ନଥାଏ, ସମୟ ବି ନଥାଏ ପାଠ ପଢ଼ିବାକୁ । ବାଣୀଙ୍କର ସେ କ'ଣ ବନ୍ଦନା କରିବ, ସେ ତ ସର୍ବଦା ନିଜ ବନ୍ଦନା କରେ । ତେବେ ଅଧ୍ୟାପକମାନେ ତା' ପାଶ୍‌ର ଦାୟିତ୍ୱ ବହନ କରିବାକୁ ଆଗଭର ହେଉଥିଲେ । ସେ ଅବଶ୍ୟ ବି.ଏ. ପାଶ୍ କଲା କିନ୍ତୁ ବିନା ଅନର୍ସରେ । ତା' ପର ଠାରୁ ବାଣୀ ସହିତ ଆଉ କେବେ ଭେଟ ହୋଇ ନଥିଲା ସୁନୟନାଙ୍କର । ସୁନୟନା ବାଣୀବିହାରରେ ଖବର ପାଇଲେ ଯେ ବାଣୀବନ୍ଦନାର ବାହାଘର ହୋଇ ଯାଇଛି ଜଣେ ହ୍ୟାଣ୍ଡସମ୍ ପୋଲିସ୍ ଅଫିସର୍ ସହିତ । ତାଙ୍କ କାନରେ ଆହୁରି ବାଜିଥିଲା ଯେ ବାଣୀର ବାହାଘର ପରି ଏଡ଼େ ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ଆଗରୁ କେବେ ବି ହୋଇ ନଥିଲା ତାଙ୍କ ଛୋଟ ସହରଟିରେ ।

କେବେ ଠୁଁ ରହୁଛି ଏ ଆପାର୍ଟମେଣ୍ଟରେ ବାଣୀ ?

ସୁନୟନା ଏହି ମାସେ ହେବ 'ସିକତା' ନାମକ ସେହି ଆପାର୍ଟମେଣ୍ଟରେ ରହୁଛନ୍ତି । ଡି.ଏ.ଭି. ସ୍କୁଲ୍‌କୁ ପାଖ ହୋଇଥିବାରୁ ଆପାର୍ଟମେଣ୍ଟଟି ତାଙ୍କ ମନକୁ ପାଇଥିଲା । ବିଶ୍ୱେଶ୍ୱରଙ୍କର ବି । ବଡ଼ ପୁଅ ମଣ୍ଟୁ ଷ୍ଟାଣ୍ଡାର୍ଡ ଟୁଏଲଭ୍‌ରେ, ପିଙ୍କି ଷ୍ଟାଣ୍ଡାର୍ଡ ଫାଇଭ୍‌ରେ । ସ୍କୁଲ୍ ପାଖ ଅଞ୍ଚଳରେ ଗୋଟେ ଭଡ଼ାଘରେ ରହୁଥିଲେ ସେମାନେ । ସ୍କୁଲ୍ ଏତେ ପାଖରେ ଯେ ପିଲାମାନଙ୍କୁ ସ୍କୁଲ୍‌କୁ ଛାଡ଼ିବା ଝିନ୍‌ଝଟ୍ ନଥାଏ । ବିଶ୍ୱେଶ୍ୱର ଭୁବନେଶ୍ୱର ଉପକଣ୍ଠ ଗୋଟେ ଆଡେଡ୍ କଲେଜ୍‌ର ରିଡର୍, ଇଂରାଜୀ ବିଭାଗରେ । ଏବେ ଉପାଧ୍ୟକ୍ଷ ହେଲେ ବି ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି । ସକାଳୁ କଲେଜ୍‌କୁ ବାହାରିଯା'ନ୍ତି ଯେ ଫେରିଲା ବେଳକୁ କେଉଁଦିନ ସଂଜ ତ ଆଉ କେଉଁଦିନ ରାତି । ବାଧବାଧକତାରେ ଦୁଇତିନି ଗ୍ରୁପ୍ ଟ୍ୟୁସନ୍ ବି କରୁଛନ୍ତି । ଆଜିକାର ପିଲାମାନେ ଗଣିତ ଅପେକ୍ଷା ସାହିତ୍ୟରେ ଅଧିକ ଦୁର୍ବଳ ।

ବାଣୀବିହାର ଛାଡ଼ି ନଥିଲେ, ଏ.ଜି.ରେ ଚାକିରି ପାଇଗଲେ ସୁନୟନା । ଏ.ଜି. ଅଫିସ୍‌ରେ ତାଙ୍କ ମନ ଲାଗିଗଲା । ସେ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଲେ ନାହିଁ । ଦିନ ଦଶଟାରେ ସେ ଏ.ଜି.ଅଫିସ୍ ବାହାରିଯା'ନ୍ତି । ପିଲା ଦୁହିଁଙ୍କୁ ସ୍କୁଲ୍‌ରେ ଛାଡ଼ିବ କିଏ ? ତେଣୁ ସ୍କୁଲ୍ ଏରିଆରେ ଘରଭଡ଼ା ନେବା ଛଡ଼ା ତାଙ୍କର ଅନ୍ୟ ଚଏସ୍ ନଥିଲା । ଏହି ସମୟ ଭିତରେ ନୂଆ ଆପାର୍ଟମେଣ୍ଟଟିଏ ତିଆରି ହେଲା ସେ ଅଞ୍ଚଳରେ । ସେମାନେ ଗୋଟେ ଘର ବୁକ୍ କରିଥିଲେ । ଘର ମିଳିବାକୁ ଲାଗିଗଲା ଦେଢ଼ ବର୍ଷ । ସାରା ଜୀବନ ସଞ୍ଚିତ ଦୁହିଁଙ୍କ ଅର୍ଥ ସାଙ୍ଗକୁ ବ୍ୟାଙ୍କ୍ ଲୋନ୍ ଓ ହାତ ଉଧାରିସବୁ ପଶିଗଲା ଘରର ଆଁ ଭିତରେ । ତଥାପି ବିଶ୍ୱେଶ୍ୱର ଚାହିଁଲେ ଇଣ୍ଟିରିଅର୍ ଡେକୋରେସନ୍ ଭଲରେ କରିବାକୁ ।

ଇଣ୍ଟରିଅର୍ ଡେକୋରେଟର୍ ବାବୁଟି ଘର ସଜେଇବା ଅପେକ୍ଷା କଥା ସଜେଇ କହିବାରେ ଥିଲା ଅଧିକ ପଟୁ । ସେ ତ ଲୋନ୍‌ଲାନ୍‌ରେ ସୁନୟନାଙ୍କୁ ଆକ୍ତାମାକ୍ତା କରିଦେଲା, ବିଶ୍ୱେଶ୍ୱର ହାତ ଉଧାର କରିକରି ବି ଥକ୍କି ଗଲେ । ମାସେରୁ ଦେଢ଼ ମାସ ଭିତରେ କାମ ସାରିବ ବୋଲି କହିଥିଲା ଯେ କିନ୍ତୁ ତିନିମାସରୁ ଅଧିକ ସମୟ ନେଲା । ସେଥିରେ ପୁଣି କେତେ ଜାଗାରେ ଭଙ୍ଗାଭଙ୍ଗି କରିବାକୁ ପଡ଼ିଲା । ଆପାର୍ଟମେଣ୍ଟରେ ପ୍ରାୟ ସମସ୍ତେ ରହିବାର ଦୁଇମାସ ପରେ ସେମାନେ ଗୃହ ପ୍ରବେଶ କଲେ । କଥା କହିବା, ହସିବା ଏପରିକି ଚାହିଁବାରେ ବି ମିତବ୍ୟୟତା ଅବଲମ୍ବନ କରୁଥିବା ଆପାର୍ଟମେଣ୍ଟବାସୀଙ୍କ ମଧ୍ୟରୁ କେତେଜଣ ଅବଶ୍ୟ ଥିଲେ ଆପାର୍ଟମେଣ୍ଟ କଲ୍‌ଚର୍‌ର ପରିପନ୍ଥୀ । ସେମାନଙ୍କ ସହିତ ଶୀଘ୍ର ସଂପର୍କ ବାନ୍ଧି ହୋଇଯିବା ସ୍ୱାଭାବିକ । ଲିଫ୍ଟ ଠାରୁ ଗ୍ରୋସେରି ଦୋକାନ, ପାର୍କ ଠାରୁ ଜିମ୍ ପୁଣି କମ୍ୟୁନିଟି ହଲ୍ ଠାରୁ କଫି ବାର୍ ପର୍ଯ୍ୟନ୍ତ ଦେଖାଦେଖି ଓ ମିଳାମିଶାର ସ୍କୋପ୍ ଥିଲା ବ୍ୟାପକ । ମାତ୍ର ଯୋଡ଼େ ତିନୋଟି ପରିବାର ନିଜନିଜକୁ ଚନ୍ଦ୍ର ବା ମଙ୍ଗଳ ନିବାସୀ ବୋଲି ମନେ କରୁଥିଲେ । ସୁନୟନାଙ୍କର ଆପାର୍ଟମେଣ୍ଟ କଲ୍‌ଚର୍ ସଂପର୍କିତ ପ୍ରାକ୍‌ଧାରଣା ଅଳ୍ପ କେତେଦିନ ମଧ୍ୟରେ ଭୁଲ୍ ପ୍ରମାଣିତ ହେଲା । ଖୁବ୍ ଭଲ ଲାଗୁଥିଲା ତାଙ୍କୁ ଆପାର୍ଟମେଣ୍ଟର ପରିବେଶ । ତେବେ ଅଳ୍ପ ଦିନର ଆପାର୍ଟମେଣ୍ଟ ସଂପର୍କ ଭିତରେ ବାଣୀବନ୍ଦନା କାହିଁକି ବାଦ୍ ପଡ଼ିଥିଲା, ସୁନୟନା ବୁଝିପାରୁ ନଥିଲେ । ଅବଶ୍ୟ ତା' ପରିବାର ଅନ୍ୟ ଏକ ବ୍ଲକ୍‌ରେ ରହୁଥିଲେ । କିନ୍ତୁ ସୁନୟନା ଭାବୁଥିଲେ ଅନ୍ୟ ବ୍ଲକ୍‌ରେ ରହିବା ଯୋଗୁ ବାଣୀ ଯେ ପଡ଼ୋଶୀମାନଙ୍କ ସହିତ ମିଶି ପାରି ନାହିଁ ତା' କଦାପି ସତ ହୋଇ ନପାରେ । ସତ ଏହା ହୋଇପାରେ ଯେ ବୟସ ବଢ଼ିବା ସତ୍ତ୍ୱେ ଆଟୋପର ଖୋଳପା ତା' ଚାରିପାଖରୁ ହଟି ନାହିଁ, ବରଂ ମଜବୁତ ହୋଇଛି । କିଛି ସମୟ ଡେରିରେ ହେଲେ ବି ତ ସେ ବାଣୀକୁ ଚିହ୍ନିଲେ, ବାଣୀ କ'ଣ ତାଙ୍କୁ ଚିହ୍ନି ପାରି ନଥିବ ? ଠିକ୍ ଚିହ୍ନିଥିବ, କିନ୍ତୁ ନ ଚିହ୍ନିବାର ବାହାନା କରୁଥିବ । "ତା'ହେଲେ ମୁଁ କାହିଁକି ଆଗେ ତାକୁ ଚିହ୍ନାଦେବି", ସୁନୟନା ନିଜକୁ ପଚାରିଲେ ଏବଂ ନିଜ ପ୍ରଶ୍ନର ଉତ୍ତରକୁ ଟାଳିଦେଲେ ।

**ସୁନୟନାଙ୍କର ଆପାର୍ଟମେଣ୍ଟ କଲ୍‌ଚର୍ ସଂପର୍କିତ ପ୍ରାକ୍‌ଧାରଣା ଅଳ୍ପ କେତେଦିନ ମଧ୍ୟରେ ଭୁଲ୍ ପ୍ରମାଣିତ ହେଲା । ଖୁବ୍ ଭଲ ଲାଗୁଥିଲା ତାଙ୍କୁ ଆପାର୍ଟମେଣ୍ଟର ପରିବେଶ । ତେବେ ଅଳ୍ପ ଦିନର ଆପାର୍ଟମେଣ୍ଟ ସଂପର୍କ ଭିତରେ ବାଣୀବନ୍ଦନା କାହିଁକି ବାଦ୍ ପଡ଼ିଥିଲା, ସୁନୟନା ବୁଝିପାରୁ ନଥିଲେ । ଅବଶ୍ୟ ତା' ପରିବାର ଅନ୍ୟ ଏକ ବ୍ଲକ୍‌ରେ ରହୁଥିଲେ । କିନ୍ତୁ ସୁନୟନା ଭାବୁଥିଲେ ଅନ୍ୟ ବ୍ଲକ୍‌ରେ ରହିବା ଯୋଗୁ ବାଣୀ ଯେ ପଡ଼ୋଶୀମାନଙ୍କ ସହିତ ମିଶିପାରି ନାହିଁ ତା' କଦାପି ସତ ହୋଇ ନପାରେ । ସତ ଏହା ହୋଇପାରେ ଯେ ବୟସ ବଢ଼ିବା ସତ୍ତ୍ୱେ ଆଟୋପର ଖୋଳପା ତା' ଚାରିପାଖରୁ ହଟି ନାହିଁ, ବରଂ ମଜବୁତ ହୋଇଛି । କିଛି ସମୟ ଡେରିରେ ହେଲେ ବି ତ ସେ ବାଣୀକୁ ଚିହ୍ନିଲେ, ବାଣୀ କ'ଣ ତାଙ୍କୁ ଚିହ୍ନି ପାରି ନଥିବ ? ଠିକ୍ ଚିହ୍ନିଥିବ, କିନ୍ତୁ ନ ଚିହ୍ନିବାର ବାହାନା କରୁଥିବ । "ତା'ହେଲେ ମୁଁ କାହିଁକି ଆଗେ ତାକୁ ଚିହ୍ନାଦେବି", ସୁନୟନା ନିଜକୁ ପଚାରିଲେ ଏବଂ ନିଜ ପ୍ରଶ୍ନର ଉତ୍ତରକୁ ଟାଳିଦେଲେ ।**

ବାଣୀବନ୍ଦନା ଆଉ କ'ଣ ହୋଇଗଲା କି? କଲେଜ କୁଇନ୍ ଥିଲା । ଏଇ ତ? ସେ ବୟସରେ ମର୍କଟୀ ତ ରମ୍ଭା ପାଲଟିଥା'ନ୍ତି । ବାଣୀ ଚେହେରାରେ ଆଉ ସେ ଚମକ ଅଛି କି? ମେଦବହୁଳତା ତାକୁ କେଡ଼େ କଦାକାର କରିସାରିଛି ସତେ! କଲେଜ୍ ବେଳର ତା' ମଦାଳସା ଆଖି ଯୋଡ଼ାକ ଏବେ ଯେମିତି ଦୁଇଟି ଅଗଭୀର କ୍ଷତ । ଅସଂଖ୍ୟ କ୍ଷତଚିହ୍ନ ପୁଣି ତା' ମୁହଁସାରା । ସେ ବୋଧେ ଚର୍ମରୋଗ ପୀଡ଼ିତା । ଆଉ ତା' ଷ୍ଟାଟସ୍? କି ଷ୍ଟାଟସ୍ ମ! ଗୋଟେ ପୋଲିସ୍ ଏ.ଏସ୍.ଆଇ. କି ବାହା ହୋଇଥିଲା । ଏ.ଏସ୍.ଆଇ.ରୁ ଉଠିଉଠି ତା' ବର ଖୁବ୍ ବେଶିରେ ଡି.ଏସ୍.ପି. ହୋଇଥିବ । ସେଥିରେ ଏତେ ଅହମିକା କାହିଁକି? ଆଇ.ପି.ଏସ୍. ବର ପାଇଥିଲେ ତ ସେ ସୂର୍ଯ୍ୟ ଚନ୍ଦ୍ର ମାନୁ ନଥା । ଛି, ସେଟା ତ ମୂଳରୁ ଅଲାଜୁକୀଟା । ତା ପହିଲି ପିଲାଟି ଝିଅ ହୋଇଥିଲେ ତାକୁ ବାହାହବା ବୟସ ହୋଇ ସାରିଥିବ ଅଥଚ ବାଣୀ ଆଖିରେ ବହଳ କଜ୍ଜଳ ତ ତା' ଓଠରେ ଡହଳ ବଳି ଲିପ୍ଷ୍ଟିକ୍‌ର ଆସ୍ତରଣ । ସୁନୟନା ଆଉ ଥରେ ଦୁଇଥର ଦୃଷ୍ଟି ଫିଙ୍ଗିଲେ ବାଣୀ ଆଡ଼କୁ । ମନକୁ ବୁଝାଇଲେ, 'ନା, ଆଉ ନୁହେଁ' ।

ଗୋଧୂଳି ଫିକା ଦିଶିବା ପୂର୍ବରୁ ସୁନୟନା ତାଙ୍କ ପ୍ରିୟ ଫ୍ଲାଟ୍ ନଂ ୯୦୩ କୁ ବାହୁଡ଼ି ଆସିଲେ । ମଣ୍ଟୁ ଓ ପିଙ୍କି ଷ୍ଟଡ଼ି ରୁମ୍‌ରେ ବସି ନିଜନିଜ ହୋମ୍ ଟାସ୍କରେ ବ୍ୟସ୍ତ ଥିଲେ । ବିଶ୍ୱେଶ୍ୱରଙ୍କ ଫେରିବା ଡେରିହେବ ବୋଲି ସେ ନିଶ୍ଚିତ ଥିଲେ । ଚା' କପେ ନପିଇଲେ ତାଙ୍କୁ ସଂଜ ପାଣିଚିଆ ଲାଗେ । କିନ୍ତୁ ଅନୁସନ୍ଧିତ୍ସାରେ ଆକ୍ରାମାକ୍ରା ତାଙ୍କ ମନ ଚା' କି ଟି.ଭି. ପାଖରେ ସ୍ଥିର ହୋଇ ରହିପାରୁ ନଥିଲା । ଆପାର୍ଟମେଣ୍ଟର ସବୁଠୁଁ ବୟସ୍କ ସିକ୍ୟୁରିଟି ଗାର୍ଡ ପ୍ରଧାନକୁ ସେ ଫୋନ୍ କଲେ । ବିଶ୍ୱସ୍ତ ପ୍ରଧାନ ହାଜର ହେଲାକ୍ଷଣି, ବାଣୀ ଚେହେରାର ଏକ ଦୀର୍ଘ ବିବରଣୀ ପ୍ରଦାନ କରି, ସେ କେଉଁ ବ୍ଲକ୍ ଓ କେତେ ନମ୍ବର ଫ୍ଲାଟ୍‌ରେ ରହେ ବୋଲି ଜାଣିବାକୁ ଚାହିଁଲେ ସୁନୟନା । ପ୍ରଧାନ କେବଳ ବିଶ୍ୱସ୍ତ ନୁହେଁ, ଅଭିଜ୍ଞ ମଧ୍ୟ । ଆପାର୍ଟମେଣ୍ଟଟା ତା' ନଖ ଦର୍ପଣରେ । ସୁନୟନାଙ୍କ କଥା ସରିଛି କି ନାହିଁ, "ଆପଣ ସେ ପୁଲିସି ବାବୁଙ୍କ ମାଡାମ୍‌ଙ୍କ କଥା କହୁନାହାନ୍ତି ତ!" ବୋଲି ଓଲଟି ପଚାରିଲା ପ୍ରଧାନ । ସୁନୟନା ହଁ କହିବାରୁ, "ସେ କୁକୁର ବିଲେଇ ମୋଟୀ ମାଡାମ୍ ବି ବ୍ଲକ୍‌ରେ ୩୦୩ ଫ୍ଲାଟ୍‌ରେ ରହନ୍ତି", ପ୍ରଧାନ ଉତ୍ତର ଦେଲା ଏବଂ ୩୦୪ ଫ୍ଲାଟ୍‌ଟି ବି ତାଙ୍କର ବୋଲି କହିଲା । ସୁନୟନା ଆହୁରି କିଛି ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିବାରୁ ଗପର ପେଡ଼ି ଖୋଲିଲା ପ୍ରଧାନ : ମୋଟୀ ମାଡାମ୍‌ଙ୍କ ବାବୁ ଏବେ କୋରାପୁଟ୍‌ରେ ଏସ୍.ପି. ଅଛନ୍ତି । ମାସରେ ଥରେ ଅଧେ ଭୁବନେଶ୍ୱର ଆସିବା ମୁସ୍କିଲ୍ । ବାଣୀ ବର ଏସ୍.ପି. ଥିବା କଥା ଶୁଣି ସୁନୟନାଙ୍କ ମୁହଁ ମୋଡ଼ି ହୋଇଗଲା । ପ୍ରଧାନ ମିଛ କହୁଛି, ନହେଲେ ଭୁଲ୍ କହୁଛି ବୋଲି ସେ ଧରିନେଲେ ।

ନିଜ ମନକଥାକୁ ମନରେ ରଖିଲେ ସୁନୟନା । ସେ ମୋଟୀ ମାଡାମ୍‌ଙ୍କ ବାବୁଙ୍କ ନାଁ କଣ? ସୁନୟନା ପଚାରିବାରୁ ପ୍ରଧାନ କହିଲା, 'ସାମନ୍ତରାୟ' । କହିଲା ପୁଣି, "ବାବୁଙ୍କ ବଡ଼ପୁଅ ବାହାଚୁରା ହୋଇନାହାନ୍ତି । ୩୦୪ରେ ରହନ୍ତି । ସବୁଠାରୁ ଦାମିକା ଗାଡ଼ି ଚଢ଼ନ୍ତି । କଟକ ରୋଡ୍‌ରେ ଗୋଟେ ବଡ଼ ବାର୍‌ର ସେ ମାଲିକ । ମାଡାମ୍‌ଙ୍କର ଅଲଗା ଗାଡ଼ି । ଦି'ଟା ଡ୍ରାଇଭର୍ ବନ୍ଧା । ତାଙ୍କ ଘରେ ତିନିଜଣ ଗ୍ରାମରକ୍ଷୀ ବେଠି ଖଟନ୍ତି । ମାସକୁ ଥରେ ଗ୍ରାମରକ୍ଷୀ ବଦଳନ୍ତି । ମାଡାମ୍‌ଙ୍କର ଯେଉଁ ଗାଳି, ତାକୁ ସହି ପାରିଲା ଭଳି ଲୋକଙ୍କର ସଂଖ୍ୟା କେତେ? ଆଉ ତାଙ୍କ ଝିଅଟି ବାହା ହୋଇସାରିଛି । ଜୋଇଁ ଭଲ ଦୁଧିଆଳୀ ଚାକିରି କରିଥିଲା । ତଡ଼ା ଖାଇଛି । ପୁଲିସି ସାର୍ ଝିଅ, ଜୋଇଁ ପୁଣି ସଖୀ କଣ୍ଢେଇ ପରି ଗୋଟେ କୁନି ନାତୁଣୀକୁ ପୋଷୁଛନ୍ତି । ଆଜ୍ଞାକୁ ଧନ୍ୟ କହିବ । ଏବେ ଝିଅ ପାଇଁ ଗୋଟେ ବିଉଟି ପାର୍ଲର୍ ଖୋଲି ଦେଇଛନ୍ତି । କିନ୍ତୁ କେଉଁଠି ସେ ପାର୍ଲର୍ ସେକଥା ମାଡାମ୍ କି ସାର୍ କେବେ କହନ୍ତି ନାହିଁ ।"

ପ୍ରଧାନ ହାତକୁ ଶହେଟଙ୍କିଆ ନୋଟ୍ ଖଣ୍ଡେ ବଢ଼େଇ ଦେଇ ସୁନୟନା କହିଲେ, "ରଖ, ଚା' ପିଇବ । ଡାକିଲେ ପୁଣି ଆସିବ ।" ବିନା ୟୁନିଫର୍ମରେ ପ୍ରଧାନ ଛୋଟ ସଲାମ୍‌ଟେ ଉପହାର ଦେଇ ଚାଲିଗଲା । ସୁନୟନା 'ସାମନ୍ତରାୟ' ଶବ୍ଦ ପାଖରେ ଅଟକିଥିଲେ । ପାଞ୍ଚବର୍ଷ ତଳେ ସାମନ୍ତରାୟ ନାମକ ଜଣେ ଆଇ.ଆଇ.ସି. ଭିଜିଲାନ୍ସ ଜାଲରେ ଫଶିଥିବା କଥା ସବୁ କାଗଜରେ ବାହାରିଥିଲା । ତା' ଅଚଳାଚଳ ଗୁପ୍ତ ସଂପତ୍ତି ଉପରୁ ପର୍ଦ୍ଦା ହଟିଥିଲା । ବାବୁଙ୍କୁ କୋଟିପତି ଆଖ୍ୟା ଦିଆ ଯାଇଥିଲା । ଜେଲ୍‌କୁ ବି ପଠା ଯାଇଥିଲା । ସେହି ସାମନ୍ତରାୟ ବାଣୀର ବର ନୁହଁନ୍ତି ତ? କେଜାଣି? ସୁନୟନାଙ୍କ ଅନୁସନ୍ଧିତ୍ସା ଆହୁରି ଗଭୀର ହେଲା – ଜେଲ୍ ଯାଇଥିବା ଦୁର୍ନୀତିଗ୍ରସ୍ତ ଅଫିସରଟି ଆଇ.ପି.ଏସ୍. ପାହ୍ୟାକୁ ଉନ୍ନୀତ ହେଲା କିପରି?

ସୁନୟନା ମନେମନେ ହସିଲେ । ଭାବିଲେ, ବାଣୀର ବର ପରି କରିତ୍‌କର୍ମା ଅଫିସର୍ କୋଟିଏରେ ଗୋଟିଏ । ସେଥିପାଇଁ ସିନା ବାଣୀର ଦେହ ଆଉ ମନ ଉଭୟ ଅତି ମୋଟା ହୋଇ ଫାଟିବାକୁ ବସିଲାଣି । ଛି, ଘୃଣାରେ ସୁନୟନାଙ୍କ ନାକ ଟେକି ହୋଇଗଲା । ଦିନ ଦ୍ୱି'ପ୍ରହରେ ଚୋରି କରୁଥିବା ପୋଲିସ୍‌ମାନେ ରାତିରେ ଚୋର ଧରନ୍ତି କିପରି?



ନିଜ ଅଜାଣତରେ ସେ ପୁନର୍ବାର ହସି ପକାଇଲେ ।

ବିଶ୍ୱେଶ୍ୱର କଲେଜ୍ ଓ ତା'ପରେ ଟ୍ୟୁସନ୍ ସାରି ଢେର୍ ରାତିରେ ଘରକୁ ଫେରିବା ପର୍ଯ୍ୟନ୍ତ ସୁନୟନା ଅନ୍ୟମନସ୍କ ଥିଲେ ।

ପରବର୍ତ୍ତୀ ଦିନମାନଙ୍କରେ ବାରମ୍ବାର ଭେଟ ହୁଏ ବାଣୀ ସହିତ ସୁନୟନାଙ୍କର । ସୁନୟନା ଚିହ୍ନି ନଚିହ୍ନିଲା ପରି ଅଭିନୟ କରନ୍ତି । ପାର୍କରେ କେତେବେଳେ ବାଟ ଭାଙ୍ଗି ଅନ୍ୟ ଟ୍ରାକ୍‌ରେ ଚାଲନ୍ତି ତ ଜିମ୍‌ରେ ଆମ୍ନାସାମ୍ନା ହୋଇଗଲେ ଆଖିରେ କିଛି ପଡ଼ିଯିବାର ବାହାନା କରି ମୁହଁ ଲୁଚାନ୍ତି । ଇତି ମଧ୍ୟରେ ସେ ସ୍ଥିର କରିସାରିଥିଲେ ଯେ ବାଣୀକୁ କଦାପି ସେ ଚିହ୍ନା ଦେବେନି ।

ସବୁ ଅହଙ୍କାର ଭିତରେ ବି ବାଣୀ ଗୋଟେ ଇମୋସନାଲ୍ ସୋଲ୍ । ନବପଲ୍ଲବ ପରି ଭାରି କୋମଳ ତା' ମନ । ଜୀବନରେ ତ ସେ କ'ଣ ବୋଲି କ'ଣ ଚାହିଁଥିଲା । ହେଲେ ପାଇଲା କ'ଣ ? ଗୋଟେ ଦୁର୍ନୀତିଗ୍ରସ୍ତ ସ୍ୱାମୀ ! ସିଏ ଡି.ଏସ୍.ପି. ହେଉ କି ଏସ୍.ପି., ନିଜ କଲିଗ୍, ବନ୍ଧୁବାନ୍ଧବ କାହାକୁ କ'ଣ ସେ ମୁହଁ ଦେଖାଇ ପାରୁଥିବ ? ତା' କାଳିମଖା ନିଜ ମୁହଁ ନିଜକୁ ସବୁବେଳେ ଦିଶିଯାଉଥିବ । ଡରାଉଥିବ । ଅଧସ୍ତନମାନେ ସାର୍‌ସାର୍ ହୋଇ ସଲାମ୍ ଠୁଙ୍କୁଥିବେ ସାମ୍ନାରେ, ଟିକେ ଆଡ଼ ହୋଇଗଲେ 'ଚୋର' କହି ମୁହଁ ମୋଡୁଥିବେ । ହାୟ... ବାଣୀର ଭାଗ୍ୟର ଏ କି ବିଡ଼ମ୍ବନା ! ପୁଅ ଝିଅ ବି ମଣିଷ ହୋଇଥା'ନ୍ତେ ଭଲା ? ପୁଅ ମଦ ବେପାର କରୁଛି ତ ଝିଅ କରୁଛି ରୂପ ବ୍ୟବସାୟ । ବାଣୀ ଚୋର ମା' ପରି ଆଖି ମଳିମଳି କାନ୍ଦୁଥିବ ଯାହା ।

ନିଜ ପରିଚୟ ଦେଇ ବାଣୀକୁ ଆଉ ଅଧିକ କନ୍ଦେଇବାକୁ ଚାହୁଁ ନଥିଲେ ସୁନୟନା । ଏକେ ତ ସେ ସଦା ଈର୍ଷାରେ ଜଳୁଥାଏ, ଗୋଟେ ସହପାଠିନୀର ପରିପୂର୍ଣ୍ଣ ସଂସାର, ପିଲାମାନଙ୍କ ସଫଳତା ଓ ସ୍ୱାମୀର ଖ୍ୟାତି ବିଷୟରେ ଅବଗତ ହେଲେ ସେ ପାଗଳୀ ହୋଇଯିବ ନାହିଁକି ? ଏ.ଜି. ଚାକିରି କରୁକରୁ ବିଶ୍ୱେଶ୍ୱରଙ୍କ ସହିତ ସୁନୟନାଙ୍କର ବିବାହ ହୋଇ ଯାଇଥିଲା । ବିଶ୍ୱେଶ୍ୱର ଥିଲେ ଇଂରାଜୀ ସାହିତ୍ୟର ବ୍ରିଲିଆଣ୍ଟ୍ ଛାତ୍ର । ଇଂରାଜୀ ସାହିତ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିଥିବା ରାଜ୍ୟର ଦଶ ଜଣ ଅଧ୍ୟାପକଙ୍କ ଭିତରେ ସେ ଆଜି ବି ଜଣେ । ଓଡ଼ିଆରେ ବି ତାଙ୍କ ଜ୍ଞାନ ଊଣା ନୁହେଁ । ଭଲ କବିତା ଲେଖନ୍ତି । ତା'ଠୁଁ ଭଲ ଭାଷଣ ଦିଅନ୍ତି । ଛାତ୍ରଛାତ୍ରୀଙ୍କ ଠାରୁ ଅଭିଭାବକଙ୍କ ପର୍ଯ୍ୟନ୍ତ, କିଏ ଭଲ ନପାଆନ୍ତି ତାଙ୍କୁ ? ଖବରକାଗଜରେ ନିୟମିତ ତାଙ୍କ ଲେଖା ବାହାରେ । ଲେଖାଟିଏ ବାହାରିଲା ପରେ ଲକ୍ଷେ ଫୋନ୍ । ଆଉ ସମ୍ମାନ, ସମ୍ବର୍ଦ୍ଧନା ? ଅସଂଖ୍ୟ ପ୍ରଶସ୍ତି ପତ୍ର ଓ ଭି.ଭି.ଆଇ.ପି.ଙ୍କ ସହିତ ଉଠିଥିବା ଫଟୋରେ ଭର୍ତ୍ତି ତାଙ୍କ ପଢ଼ାଘର ।

ମଣ୍ଟୁ ପୁଣି ତା' ବାପାଙ୍କ ଠୁଁ ବଳି ବ୍ରିଲିଆଣ୍ଟ୍ । ଗଣିତ ଓ ପଦାର୍ଥ ବିଜ୍ଞାନରେ ପଟୁ । କ୍ଲାସ୍‌ରେ ପାଞ୍ଚଜଣଙ୍କ ଭିତରେ ଜଣେ । ଓଡ଼ିଆ, ଇଂରାଜୀ, ସାଧାରଣ ଜ୍ଞାନରେ ବି ତା'ର ଦଖଲ କମ୍ ନୁହେଁ । ସମସ୍ତେ ଏହି ଦିନରୁ ପ୍ରେଡିକ୍ଟ କରୁଛନ୍ତି, ସେ ଆଇ.ଏ.ଏସ୍. ପାଇବ । ତା'ର କିନ୍ତୁ ଇଚ୍ଛା ସେ ବୈଜ୍ଞାନିକ ହେବ, ଏ.ପି.ଜେ. ଅବ୍‌ଦୁଲ୍ କଲାମ୍‌ଙ୍କ ପରି । ଅବଶ୍ୟ ସେ କ୍ଷେପଣାସ୍ତ୍ର ବିଜ୍ଞାନୀ ହେବାକୁ ଚାହେଁ ନାହିଁ, ଚାହେଁ ମହାକାଶ ବିଜ୍ଞାନୀ ହେବାକୁ । ପିଙ୍କି ତ ଦୁଇପତ୍ରରୁ ବାସିଲାଣି । ଅର୍ଦ୍ଧାଧିକ ଚାକିରି ଜୀବନ ବିତିଗଲା । କିନ୍ତୁ ଘର ଖଣ୍ଡେ ନଥିଲା ତାଙ୍କର । ଯାହା ବି ହେଉ ମହାନଗରୀର ଛାତି ଉପରେ ଘରଟେ ଅଛି ତ, ହେଉ ପଛେ ଆପାର୍ଟମେଣ୍ଟରେ । ସ୍କୁଟର୍ ଚଲେଇ ବିଶ୍ୱେଶ୍ୱର କଲେଜ ଯାଉଥିଲେ, ତାଙ୍କୁ ଛାଡ଼ି ଦେଉଥିଲେ ଏ.ଜି ଅଫିସ୍ ପାଖରେ । ଏବେ କିନ୍ତୁ ଭଲ ଗାଡ଼ିଟିଏ କିଣା ହୋଇଛି, ଲୋନ୍ ପାଇଁ ଅବଶ୍ୟ ଚିନ୍ତା ନାହିଁ । ଦୁଇ ଜଣଙ୍କର ସାଲେରି ମିଶିଲେ ଇନ୍‌କମ୍ ମୋଟା ନିଶ୍ଚୟ । ଲୋନ୍ ବରଂ ଇନ୍‌କମ୍ ଟ୍ୟାକ୍ସ ରିହାତିର ସହାୟକ ।

ଏସବୁକୁ କ'ଣ ସହିପାରିବ ବାଣୀ ?

ଦିନେ କି ଦୁଇଦିନ ପରେ ହେବ, ସୁନୟନାଙ୍କ ବିଶ୍ୱସ୍ତ ସିକ୍ୟୁରିଟି ଗାର୍ଡ ପ୍ରଧାନ ପହଞ୍ଚିଲା ତାଙ୍କ ଫ୍ଲାଟ୍‌ରେ । ସଂଜ ଗଡ଼ି ଯାଇଥିଲେ ବି ବିଶ୍ୱେଶ୍ୱର କଲେଜ୍‌ରୁ ଫେରି ନଥିଲେ । ପ୍ରଧାନ କହିଲା, "ମାଡାମ୍, ପୁଲିସି ବାବୁଙ୍କର ଆଜି ଆଉ ଗୋଟେ ଗାଡ଼ି କିଣା ହୋଇଛି । ତୃତୀୟ ଗାଡ଼ିଟି ତାଙ୍କ ଝିଅ ପାଇଁ । ଗାଡ଼ିଟି ଦାମୀ । କହୁଛନ୍ତି କୁଆଡ଼େ ପନ୍ଦର ଲକ୍ଷ । ମାଡାମ୍‌ଙ୍କ ଗାଡ଼ି ବି ବେଶ୍ ଦାମୀ । ହେଲେ ପୁଅଙ୍କ ଗାଡ଼ି କୁଆଡ଼େ ସବୁଠୁଁ ଦାମୀ – କୋଟିଏ ଟଙ୍କା ତା' ମୂଲ । ଶୁଣିବା କଥା, କିଏ କ'ଣ ତାଙ୍କ ରସିଦ୍ ଦେଖୁଛି ?" ଗୋଟେ ଛୋଟ ହାତୁଡ଼ିର ବଡ଼ ପାହାରଟେ ତାଙ୍କ ଛାତିରେ ପିଟି ହେଲା ପରି ଲାଗିଲା ସୁନୟନାଙ୍କୁ । ତେବେ ଆପାର୍ଟମେଣ୍ଟର ଆଉ ଜଣେ ଦୁଇ ଜଣଙ୍କର କୋଟିକିଆ ଗାଡ଼ି ଅଛି ବୋଲି ସେ ଜାଣିଥିଲେ । ଜଣେ ହେଲା ପଟ୍ଟନାୟକ – ଖଣି ବେପାରି । ଅନ୍ୟଜଣକ ଅଗ୍ରୱାଲ୍, ବିଲ୍‌ଡର୍ । ଆପାର୍ଟମେଣ୍ଟର ମହିଳାମାନେ ମେଳିକଲେ ତ ଫୁଟାଣିର ପିଚକାରୀ ମରାମରି ଚାଲେ । ସୁନୟନା ସବୁ ଶୁଣନ୍ତି, କିଛି କହନ୍ତି ନାହିଁ । କେତେକଙ୍କ ପିଲା ୟୁରୋପ୍‌ରେ ପଢୁଥିବା, କାହାର ପୁଅବୋହୂ ଆମେରିକାରେ ରହୁଥିବା ଚର୍ଚ୍ଚା ବି ଜୋର୍ ଧରେ । "ମୋ ଝିଅ ସିନେମାଷ୍ଟାର୍" ବୋଲି କହି ଗୋଟେ ଦରବୁଢ଼ୀ ବସନ୍ତମୁହିଁ ସ୍ତ୍ରୀଲୋକ ଶୂନ୍ୟରେ ବିଚରଣ କରେ । ଆଉ ଜଣେ ଆଇ.ଏ.ଏସ୍. ଅଫିସରଙ୍କ ଗୁଣ୍ଡୁଣୀହାତୀ ପରାୟ ପତ୍ନୀଟିର ଚାଲିରେ କଂକ୍ରିଟ୍ ଚଟାଣ ଧସି ପଡ଼େ । ସେସବୁରୁ ଯଥାସମ୍ଭବ ଦୂରରେ ରହନ୍ତି ସୁନୟନା ।

ଦାମୀ ଗାଡ଼ି କ'ଣ ଷ୍ଟାଟସ୍‌ର ଏକମାତ୍ର ସିମ୍ବଲ୍ ? ମନେମନେ ବାଣୀକୁ ଆକ୍ଷେପ କରି ଭାବୁଥିଲେ ସୁନୟନା । ନିରବତାରେ କିଛି ସମୟ ବିତିଲା । ନା ସୁନୟନା କିଛି କହୁଥିଲେ, ନା ପ୍ରଧାନ । ତେବେ ଠିଆଠିଆ ଚୁମ୍ବକରେ ପ୍ରଧାନ କହିଲା: "ମାଡାମ୍, ପୁଲିସି ମାଡାମ୍ ଆପଣଙ୍କୁ ଜାଣନ୍ତି ବୋଲି କହୁଥିଲେ । ଆପଣ କୁଆଡ଼େ ତାଙ୍କ ସାଙ୍ଗରେ ପାଠ ପଢୁଥିଲେ । ସେ ଆପଣଙ୍କୁ ଲିଫ୍ଟରେ ଦେଖୁଦେଖୁ ଚିହ୍ନି ପକେଇଲେ ।" "ଓଃ" ପରି ସଂକ୍ଷିପ୍ତ ଉଚ୍ଚାରଣ ଓ କୃତ୍ରିମ ହସ ମାଧ୍ୟମରେ ପ୍ରଧାନର କଥାକୁ ଗ୍ରହଣ କଲେ ସୁନୟନା । ପଚାରିଲେ, "ଆଉ କ'ଣ କିଛି କହୁଥିଲା କି ବାଣୀ ?" ପ୍ରଧାନ ଜାଣିଗଲା ଯେ ପୁଲିସି ମାଡାମ୍‌ଙ୍କ ନାଁ ବାଣୀ ଏବଂ ସେ କହିବାକୁ ଯାଉଥିଲା ତାକୁ କହିପାରୁ ନଥିଲା: "ମାଡାମ୍, ଆପଣଙ୍କ ମିତଣୀ କହୁଥିଲେ କି ତାଙ୍କ ହଜ୍‌ବ୍ୟାଣ୍ଡ୍ ବଡ଼ ପୋଲିସ୍ ଅଫିସର୍, ଆପଣଙ୍କ ସ୍ୱାମୀ ପ୍ରାଇଭେଟ୍ କଲେଜ୍‌ର ଜଣେ ମାଷ୍ଟର୍ । ତାଙ୍କର ଢେର୍ ସାରା ସଂପତ୍ତି ପୁଣି ଗାଡ଼ିଘୋଡ଼ା, ପିଅନ, ଚପ୍ରାସି, ଅର୍ଦ୍ଦଳି ଆଦି ମାନେ ଚବିଶ ଘଣ୍ଟା ତାଙ୍କ ପାଖରେ ଆତଯାତ । ଆଉ ପୁଲିସି ବାବୁଙ୍କର ତ ଭାରି ଖାତିର । ମନ୍ତ୍ରୀ, ହାକିମଙ୍କ ଠାରୁ ଚୋର ଡକେଇତ ପର୍ଯ୍ୟନ୍ତ ସମସ୍ତେ କୁଆଡ଼େ ତାଙ୍କୁ ମାନନ୍ତି । ଆପଣଙ୍କ ସ୍ୱାମୀଙ୍କୁ କିଏ ଚିହ୍ନେ ମାଡାମ୍ ? କଲେଜ୍ ପିଣ୍ଡା ଆଉ କେତେ ଜଣ ଛାତ୍ରଛାତ୍ରୀ । ବାସ୍ । ଆପଣଙ୍କ ଗାଡ଼ି କ'ଣ ଗାଡ଼ିକୁ ଲେଖା ?ମୁଁ କହୁନାହିଁ ମାଡାମ୍, ଆପଣଙ୍କ ମିତଣୀ କହୁଥିଲେ । ପୁଣି ଆପଣ ଝାଳନାଳ ହୋଇ ଅଫିସ୍‌କୁ ଯିବେ, ଅଫିସ୍‌ରୁ ଫେରି ରୋଷେଇ ଘରେ ପଶିବେ । ପୁଲିସି ମାଡାମ୍ ତ ଦିନସାରା ବସିବସି ସମୟ କାଟନ୍ତି, ଟି.ଭି. ଦେଖନ୍ତି ଆଉ ଅନ୍ୟମାନଙ୍କୁ ଖାଲି ଅର୍ଡର କରନ୍ତି । ମାଡାମ୍, ଆପଣଙ୍କ ମାଷ୍ଟର ଆଜ୍ଞା ଟ୍ୟୁସନ୍‌ରୁ ଫେରିବା ବାଟରେ ହାଟବଜାର କରି ଫେରନ୍ତି । କିନ୍ତୁ ପୁଲିସି ମାଡାମ୍‌ଙ୍କ ଘରେ ପନିପରିବା, ମାଛମାଂସ, ଅଣ୍ଡାଅମୁଲ ସବୁ ଆପେ ଆସି ପହଞ୍ଚିଯାଏ । ଆଉ ପୁଲିସି ମାଡାମ୍ ଯେମିତି ମହାରାଣୀ ।" "ଆରେ କ'ଣ ହେଲା କିଛି କହୁନ ଯେ( ?)", ସୁନୟନା ପଚାରିବାରୁ ପ୍ରଧାନ ଇତସ୍ତତଃ ହୋଇପଡ଼ିଲା । "ପୁଲିସି ମାଡାମ୍ କହୁଥିଲେ, ଜାଣିଲ ପ୍ରଧାନ, ମୋ ଷ୍ଟାଟସ୍ ପାଖରେ ମୋ ପାଠପଢ଼ା ସାଙ୍ଗ ହେଲେ ବି ସେ ମାଷ୍ଟର ସ୍ତ୍ରୀ କ'ଣ ଠିଆ ହୋଇପାରିବ ? ତାକୁ ମୁଁ ଚିହ୍ନା ଦେଲେ ତା' ମନକଷ୍ଟ ହେବନି ?ମୁଁ ତାକୁ ଚିହ୍ନା ଦେବି କାହିଁକି ?" ପୁଲିସି ମାଡାମ୍‌ଙ୍କ ଏମନ୍ତ କଥା କିଛି କିନ୍ତୁ ସୁନୟନାଙ୍କ ପାଖରେ ପ୍ରଧାନ କହିଲା ନାହିଁ । ହସିଦେଲା ଯାହା ।

# ଭ୍ୟାଲେଣ୍ଟାଇନ୍ ଡେ ପ୍ରେମ



# ସୁଜାତା ଶୁଭଦର୍ଶିନୀ ନାୟକ

ଅତିରିକ୍ତ ଉପଜିଲ୍ଲାପାଳ, କଟକ ସଦର
କଟକ-୭୫୬୦୦୧
ଫୋନ:୭୦୦୮୩୬୫୮୯୯

ଚିତ୍ର: ଈପ୍‌ସିତା ଦେ




ମନେ ପଡ଼ି ଯାଉଛି ଆରବର୍ଷ ଫେବୃଆରୀ ୧୪ତାରିଖ । ମତେ ଏକରକମ୍ ବାଧ୍ୟ କରିଥିଲା ମୋର ସବୁଠୁଁ ଭଲ ବାଲ୍ୟବନ୍ଧୁ ରୋହନ୍, ତା ସହ ଭାଲେଣ୍ଟାଇନ୍ ଡେ'ରେ ସଂଧ୍ୟା ବିତେଇବାକୁ । ମୁଁ ହଁ / ନା ?, ହଁ / ନା ଭିତରେ ହଠାତ୍ ଡ୍ରେସ୍ ଅପ୍ ହୋଇ ଘରର ଏରୁଣ୍ଡି ବନ୍ଧ ପାର୍ କରି ଯାଇଥିଲି । ଆଜି ବି ଆଖି ଆଗରେ ଭାସି ଯାଉଛି ମୋର, ତା ସହ ତାଳେ ତାଳେ ହିନ୍ଦୀ ଗୀତରେ ଅତି କେୟାରଲେସ୍ ଭାବେ ମୋ ଭଳି ରକ୍ଷଣଶୀଳ ପରିବାର ଝିଅର ନୃତ୍ୟ ଓ ଶେଷରେ ସମସ୍ତଙ୍କ ଆଗରେ ତଳେ ଆଣ୍ଠେଇ ଗୋଲାପ ଫୁଲ ସହ ତାର ପ୍ରେମ ନିବେଦନ । ତା କଥାରେ ଜୀବନରେ ପ୍ରଥମଥର ପାଇଁ ଚାଖିଥିଲି ମଦ ସହ ମାଂସ । ଘରେ ପହଞ୍ଚି ମୋବାଇଲ୍‌ରେ ରେକର୍ଡ଼େଡ୍ ସେ ଭିଡ଼ିଓଟିକୁ ବାରମ୍ବାର ଆମୂଳଚୂଳ ଦେଖି ଏତେ ବିଭୋର୍ ହେଇ ଯାଇଥିଲି ଯେ, ବାପା ବୋଉଙ୍କ ମାଡ଼, ଗାଳି, ମତେ କିଛି କାଟୁ କରି ନଥିଲା । ଦୁଇଦିନ ଭିତରେ ରୋହନ୍‌କୁ ଯିବାକୁ ପଡ଼ୁଥିଲା ନ୍ୟୁୟର୍କ ତା ପ୍ରୋଜେକ୍ଟ କାର୍ଯ୍ୟରେ, ଜଲ୍‌ଦି ଆସିବାର ଓ ମୋ ବାପା-ବୋଉଙ୍କ ସହ କଥା ହେବାର ପ୍ରତିଶ୍ରୁତି ଦେଇ ।

ସେଦିନ ଠାରୁ ଆଜି ପର୍ଯ୍ୟନ୍ତ ମୋର ପ୍ରତ୍ୟେକ ସଂଧ୍ୟା ତାର ପ୍ରତୀକ୍ଷାରତ । ଆମ ବାରିରେ ଗୋଲାପ ଫୁଲଟିଏ ଫୁଟିଲେ, ସେ ଫୁଲ ଭିତରେ ମୁଁ ତାକୁ ହିଁ ଭେଟେ । ଏମିତି ଚାହୁଁ ଚାହୁଁ ଗୋଟେ ବର୍ଷ ବିତି ଗଲାଣି । ସେ ଯିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଚାଲିଛି ମୁଁ, ତାକୁ ଏ ବର୍ଷ ଭ୍ୟାଲେଣ୍ଟାଇନ୍ ଡେ' ପୂର୍ବରୁ ନେଇ ଆସିବା ପାଇଁ । ପୁଣି ମୁଁ ସମାଜର ବାଧାବିଘ୍ନ ଡେଇଁ ତା ସହ ଏ ବର୍ଷ ବି ଭାଲେଣ୍ଟାଇନ୍ ଡେ' ସେଲିବ୍ରେଟ୍ କରିବାକୁ ଇଚ୍ଛା କରେ ।

ଠିକ୍ ଭାଲେଣ୍ଟାଇନ୍ ଡେ'ର ଚାରିଦିନ ପୂର୍ବରୁ ଆସୁଛି ସେ ସରପ୍ରାଇଜ୍ ଦେବାକୁ ବୋଧେ ମତେ ଏ ପର୍ଯ୍ୟନ୍ତ ଜଣେଇନି । ହେଲେ ଆମ କମନ୍ ଫ୍ରେଣ୍ଡ୍‌ମାନେ କୋଉ ଚୁପ୍ ବସିବେ ? ଶୁଣୁଶୁଣୁ ମତେ ଜଣେଇ ଦେଇଛନ୍ତି ।

ସେ ନ୍ୟୁୟର୍କରେ ଥିବା ବେଳେ, ମତେ ବିଶେଷ ଫୋନ୍ କରି ପାରେନି । ପ୍ରଥମେ ସବୁଦିନ କଥା ହେଉଥିଲୁ । ପରେ ତା'ର କାର୍ଯ୍ୟ ବ୍ୟସ୍ତତା ପାଇଁ ଆସ୍ତେ ଆସ୍ତେ କେବେ ସପ୍ତାହରେ ଥରେ, କେବେ ମାସରେ ଥରେ ଦୁଇ/ତିନି ମିନିଟ୍ ମୋତେ ସମୟ ଦେଇ ପାରୁଥିଲା । ଶେଷ ଦୁଇ ମାସରେ ତ ମୁଁ କେବଳ ପ୍ରତିଶ୍ରୁତି ପାଏ, କଥା ହେବାର (ହ୍ୱାଟ୍‌ସ୍‌ଆପ୍ କଲେ, ସେ ମେସେଜ୍ ପଠାଏ), ହେଲେ କଥାବାର୍ତ୍ତା ହୋଇ ପାରିନି ଏ ପର୍ଯ୍ୟନ୍ତ । ବେଳେବେଳେ ଖୁବ୍ ଡର ଲାଗେ, କାଳେ ସେ ବଦଳି ଯାଇ ନଥିବ ତ ? କିନ୍ତୁ ସାଙ୍ଗେ ସାଙ୍ଗ ମୋ ହୃଦୟ ମତେ ବୁଝାଏ ମୋ ଜିଗ୍ରି ଦୋସ୍ତ ରୋହନ୍ ପରି ପିଲା କେବେ ବଦଳି ପାରିବନି ।

ଆଜି ମୁଁ ଭୁବନେଶ୍ୱର ଏୟାରପୋର୍ଟରେ ଅପେକ୍ଷାରତ । ଆଶ୍ଚର୍ଯ୍ୟର କଥା ହେଲା, ରୋହନ୍ କି ତା ଘରଲୋକ କେହି ମୋ ବାପା, ବୋଉଙ୍କ ସହ କଥା ନହେଇଥିଲେ ମଧ୍ୟ, ଆମ ଘରେ ସ୍ୱାଦିଷ୍ଟ ଖାଦ୍ୟ ପଦାର୍ଥ ତିଆରି ଚାଲିଛି, ତାକୁ ସ୍ୱାଗତ / ଅଭ୍ୟର୍ଥନା କରିବାକୁ । ୩୬୫ଦିନ ହେବାକୁ ଆଉ ଚାରିଦିନ ବାକି ଅଛି । ସେଥିପାଇଁ ମୋ ହାତରେ ତା ପାଇଁ ଅଛି ୩୬୧ଟି ଲାଲ୍ ଗୋଲାପ୍ ।

"ଆରେ ! ରୋହନ୍ ଆସି ପହଞ୍ଚି ଗଲାଣି ଯେ ।" ମୁହଁରେ ସ୍ମିତହାସ୍ୟ । ମୁଁ ତା ପାଖକୁ ଦୌଡ଼ିଗଲି । ତାର ଠିକ୍ ପଛ ପଟେ ଚାଲୁଥିବା ଜଣେ ସୁନ୍ଦରୀ ଯୁବତୀ ତାର ବାମ ପାର୍ଶ୍ୱକୁ ଆସି ତା ବାହୁକୁ ଧରି ଚାଲିବା ଦେଖି ମୁଁ ଟିକିଏ ରହିଗଲି । ସେମାନେ ମତେ ଅତିକ୍ରମ କଲାବେଳେ ଅତି ଧିର ଗଳାରେ ଡାକିଲି, "ରୋହନ୍ ।" ସେ ବୁଲିପଡ଼ି ମତେ କହିଲା, "ଆରେ ପ୍ରିୟା ତୁ ? ମତେ ରିସିଭ୍ କରିବାକୁ ଆସିଛୁ ? ମୋ ଆସିବା କଥା ଅଜଣା ପ୍ରଚାର ନକରିବାକୁ ସାଙ୍ଗମାନଙ୍କୁ ଅନୁରୋଧ କରିଥିଲି । ହେଲେ, ସେମାନେ ସମସ୍ତଙ୍କୁ କହି ସାରିଥିବେ । ସରି । ମୁଁ ଗୋଟେ କଥା କହିବାକୁ

କାହାଣୀ ପଛର କାହାଣୀ

**ଈଶ୍ୱରଙ୍କ ସର୍ବୋତ୍ତମ ସୃଷ୍ଟି ନାରୀ ଆଜି ବି ସମାଜରେ ଅସୁରକ୍ଷିତ । କ୍ୱଚିତ୍ କେହି ନାରୀ ଥିବେ, ଯେଉଁମାନେ ଅନୁଭବ କରି ନାହାନ୍ତି, ନିନ୍ଦା, ଅପବାଦ ଓ ଧୋକା ଏହି ପୁରୁଷ ପ୍ରଧାନ ସମାଜରେ । ତିନୋଟି କ୍ଷୁଦ୍ର ଗଳ୍ପ ମାଧ୍ୟମରେ ଚତୁଃପାର୍ଶ୍ୱର ଏସବୁ ପରିସ୍ଥିତିକୁ ଉପସ୍ଥାପନା କରିବାକୁ ଏକ ଛୋଟ ପ୍ରୟାସ କରିଛି ମୁଁ । ମୋର ପ୍ରଥମ ଇଂରାଜୀ ଉପନ୍ୟାସ, 'ପାରାଡକ୍‌ସେସ୍ ଅଫ୍ ଲାଇଫ୍', ପାଠକଙ୍କ ମଧ୍ୟରେ ଉଚ୍ଚ ପ୍ରଶଂସିତ ହୋଇ ଚାଲିଛି । ଖୁବ୍‌ଶୀଘ୍ର ପ୍ରକାଶ ହେବାକୁ ଯାଉଛି ମୋର ଏକ ଓଡ଼ିଆ ଗଳ୍ପ ସଂକଳନ ।**

ଡ. ସୁଜାତା ଶୁଭଦର୍ଶିନୀ ନାୟକ

ଭୁଲିଗଲି । ମିଟ୍ ମାଇଁ ୱାଇଫ୍ ସିମ୍ରନ୍ । ସି ଇଜ୍ ଆମେଜିଙ୍ଗ୍ । ଆଣ୍ଡ ସିମ୍ରନ୍! (ସିମ୍ରନ୍‌କୁ ହାତରେ ଆସ୍ତେ ପାଖକୁ ଟାଣି ଆଣି) ଦିସ୍ ଇଜ୍ ଏ ଫ୍ରେଣ୍ଡ୍ ଅଫ୍ ମାଇନ୍, ପ୍ରିୟା ।" ସିମ୍ରନ୍ ଓ ମୁଁ ଏକ ହାଲ୍‌କା ହ୍ୟାଣ୍ଡସେକ୍ କଲୁ । ତାପରେ 'ମିଟ୍ ୟୁ ସୁନ୍ ପ୍ରିୟା! ଓକେ?" କହି ରୋହନ୍ ସିମ୍ରନ୍ ସହ ଅନ୍ୟମାନଙ୍କ ଆଡୁଆଳରେ ଉଭେଇ ଗଲା । ମୁଁ କିନ୍ତୁ ବହୁତ୍ ସମୟ ପାଇଁ ଫୁଲ ଧରି ସେଠି ସେମିତି ଠିଆ ହୋଇଥିଲି, ଗୋଟେ ଷ୍ଟାଚ୍ୟୁ ଭଳି ଚୁପ୍‌ଚାପ୍, ସେମାନଙ୍କ ଯିବା ବାଟକୁ ଅନେଇ ଅନେଇ ।

**ଅଙ୍କଲ୍**

ସେଦିନ ହୋଟେଲ୍ ହାଓ୍ୱତ୍‌ରେ ବହୁତ ଦିନ ପରେ ଗୋଟେ ଟେବୁଲ୍‌ରେ ଚୁପ୍‌ଚାପ୍ ଏକା ବସି କିଛି ନନ୍‌ଭେଜ୍ ଆଇଟମ୍ସ୍ ମଧ୍ୟାହ୍ନ ଭୋଜନରେ ଖୁସି ଖୁସି ଖାଇବା ବେଳେ କାହାର ଉପସ୍ଥିତିରେ ହଠାତ୍ ଚମ୍‌କି ପଡ଼ିଥିଲି । ସେ କହିବାକୁ ଲାଗିଲେ, "ଆମ ଝିଅ ବୋଧେ ରମାଦେବୀ ଓମେନ୍ସ୍ କଲେଜ୍‌ରେ ପଢୁଛି?"

ମୁଁ ପଚାରିଲି, "ମୁଁ ଆପଣଙ୍କୁ ଚିହ୍ନି ପାରୁନି, କିନ୍ତୁ ଆପଣ ମୋତେ କେମିତି ଜାଣିଲେ ।"

- ମତେ ଚିହ୍ନିଲା ଚିହ୍ନିଲା ପରି ଲାଗୁଛି । କିନ୍ତୁ ମୁଁ ଯାହା କଥା କହୁଚି, ସେ ଝିଅ ତୁମେ କି ନୁହଁ ଭାବି ପାରୁନି । ବାପାଙ୍କ ନାଆଁ କ'ଣ କହିଲ?"

- ବାପା ତ କେବେଠୁଁ ଚାଲିଗଲେଣି । ତାଙ୍କ ନାଆଁ ସୁବାସ୍ ମହାନ୍ତି ।

- ଓହୋ । ସୁବାସ୍ ଭାଇର ଝିଅ ତୁ? ସେଇ ନାକ, ସେଇ ଆଖି । ସେଥିପାଇଁ ମୋତେ ନିଜର ନିଜର ପରି ଲାଗିଲା । ସେ ମୋତେ ତାଙ୍କ ସାନ ଭାଇ ପରି ସ୍ନେହ କରୁଥିଲେ । ତାଙ୍କ ବିୟୋଗରେ ମୁଁ ପୂରା ଭଙ୍ଗି ପଡ଼ିଥିଲି । ଘରେ ସମସ୍ତେ ଭଲରେ ଅଛନ୍ତି ତ? ଏବେ କୋଉଠି ରହୁଛୁ କହିଲୁ? ବହୁତ୍ ଦିନ ହେଲାଣି, ଭାଉଜଙ୍କ ସହ ଦେଖା ହେଇନି ।

- ଆମେ ଭୁବନେଶ୍ୱରରେ ଆମ ଘରେ ହିଁ ରହୁଛୁ ।

- ହଉ । ମୁଁ ଦିନେ ଯିବି ତମ ଘରକୁ । ତୁ ନମ୍ବରଟା ଦେଇଥା ତୋର... କହି, ତାଙ୍କ ମୋବାଇଲ୍‌ଟା ବଢ଼ାଇ ଦେଲେ ଷ୍ଟୋର୍ କରିବାକୁ ମୋ ନମ୍ବର ।

- ହଉ ଅଙ୍କଲ୍ । ମୁଁ ଏବେ ଯାଉଛି । ମୋର କ୍ଲାସ୍ ଅଛି । ନମ୍ବରଟା ଫିଡ୍ କରି ଜଲ୍‌ଦି ବାହାରି ଆସିଲି ସେଠାରୁ ।

- ହଉ ଯାଆ । ହେଲେ ସବୁଦିନ ମତେ ଗୋଟେ କଲ୍ କରୁଥିବୁ । ମୁଁ ତୋ ନମ୍ବରକୁ ଗୋଟେ ମିସ୍ କଲ୍ କରୁଛି । ତୁ ସେଭ୍ କରିଦେ ।

ସେଦିନରୁ ଆରମ୍ଭ ହେଇଗଲା ଅଙ୍କଲଙ୍କ ସହ ମୋର ଫର୍ୱାର୍ଡ଼୍ ମେସେଜ୍ ଦିଆନିଆ ଓ ଚାଟିଙ୍ଗ୍ । ଚାରି ପାଞ୍ଚଦିନ ପରେ ଅଙ୍କଲ୍ ପଚାରିଲେ, "ତୁ ରାତିରେ କେତେଟାରେ ଶୋଉ?"

- ପଢ଼ାପଢ଼ି ସାରି ବାରଟାରେ ଶୁଏ । ମୁଁ କହିଲି ।

- ତେବେ ଶୋଇବା ପୂର୍ବରୁ ମତେ ସବୁଦିନ ଗୋଟେ କଲ୍ କରିବୁ । ନହେଲେ, ମୁଁ ଜମା ଶୋଇ ପାରିବିନି ଆଉ । ସେମିତି ଚେଇଁକି ରହିଥିବି ।

ମତେ ଅଙ୍କଲ୍‌ଙ୍କ କଥାବାର୍ତ୍ତା ଟିକେ ଅଜବ୍ ଲାଗିଲା । ହେଲେ, ସେଦିନ ତାଙ୍କୁ ଗୋଟେ କଲ୍ କଲି ଶୋଇବା ପୂର୍ବରୁ । କିନ୍ତୁ କ'ଣ କଥା ହେବି, ଭାବି ପାରିଲିନି । ତାପର ଦିନ ଆଉ କଲ୍ କଲିନି । ହେଲେ, ଦୁଇଦିନ ପରେ ସକାଳୁ ମତେ ଅଙ୍କଲ୍‌ଙ୍କ ଗୋଟେ ଫୋନ୍ କଲ୍ ଆସିଗଲା ।

- ତୁ ମତେ କଲ୍ କଲୁନି । ମତେ କାଲି ରାତିରେ ନିଦ ହେଇନି । ମୁଁ ଖାଲି କେବେ ତୋ ସହ ଆକାଶରେ ଉଡୁଛି ତ କେବେ ପାଣିରେ ବୁଡୁଛି । ଚତୁର୍ଦ୍ଦିଗରେ ତୁ ହି ତୁ ଦେଖା ଯାଉଛୁ । ମୁଁ ଖାଲି ତୋ କଥା ଭାବୁଛି । ତୋ ସହ କଥା ନହେଲେ, ମୁଁ ଆଉ ରହି ପାରିବିନି । ମୁଁ ତତେ ଦେଖା କରିବାକୁ ଚାହୁଁଛି ।

- କିନ୍ତୁ କାହିଁକି ଅଙ୍କଲ୍?

- ଅଙ୍କଲ୍ ବୋଲି ନଡାକିଲେ କ'ଣ ହେବନି? ମୋ ନାଆଁ କାର୍ତ୍ତିକ । ସେଇନାଆଁରେ ଡାକିବୁ ମୋତେ । ମୁଁ ଚୁପ୍ ରହିଲି ।

ମତେ ସେ ପୁଣି ପଚାରିଲେ, "କାଲି ଦେଖା କରିବାକୁ ଆସିବୁ ତ?" ମୁଁ ଫୋନ୍ କାଟିଦେଲି କିଛି ନକହି । ଅଙ୍କଲ୍‌ଙ୍କ ଦାନ୍ତଚିପା ଅଜବ ସ୍ୱରରେ କଥା ମୋତେ ଏଥର ଟିକେ ଝଟ୍‌କା ମାରିବା ପରି ଲାଗିଲା । କିଏ ଏହି ସାନ ଭାଇ ବାପାଙ୍କର? ଆଶ୍ଚର୍ଯ୍ୟ ହେଲି, ମୋ ସହ ଏ ଲୋକ ଦେଖା କରିବାକୁ ସାହସ କରିପାରୁଛି କେମିତି? କ'ଣ କହିବି? କାହାକୁ କହିବି? କହିଲେ, ନିଜେ ବଦନାମ ହେବା ହିଁ ସାର ହେବ । ଘରେ କହି ସମସ୍ତଙ୍କୁ ବ୍ୟସ୍ତ ବିବ୍ରତ କରିବାକୁ ଭଲ ଲାଗିଲାନି । ମୁଣ୍ଡଟା ଖାଲି ଚକ୍‌କର୍ ମାରିଲା । ଛାତି ଧଡ ଧଡ଼୍ । ପାଟି ଖନି ମାରି ଯାଉଥାଏ । ସେ ଲୋକର ଫୋନ୍ ନମ୍ବରଟା ବ୍ଲକ୍ କଲି ଓ ସାତଦିନ ପର୍ଯ୍ୟନ୍ତ ଘରୁ ବାହାରିଲିନି କି କଲେଜ୍ ଗଲିନି । ପ୍ରମିଜ୍ କଲି ଘରୁ- କଲେଜ୍ ଓ କଲେଜ୍‌ରୁ ଘରକୁ ଆସିବା ଛଡ଼ା ଆଉ କେବେ କୌଣସି କାମରେ ବାହାରକୁ ଯିବିନି ସାତଦିନ ପରେ ମଧ୍ୟ ।

**ଶବ୍ଦ**

ଯେ କୌଣସି ବ୍ୟକ୍ତି ବିରୁଦ୍ଧରେ ଯଦି ଅପପ୍ରଚାର ହୁଏ, ତାଠାରୁ ବଡ଼ ଦୁଃଖ ଓ ଶାସ୍ତି ତା ପାଇଁ କିଛି ନଥାଏ । ବ୍ୟକ୍ତି ବିଶେଷ ନିଜର କଥୋପକଥନ ସମୟରେ, ମୁହଁରୁ ନିଃସୃତ ଶବ୍ଦମାନଙ୍କୁ ଯଦି ନଭାବି ନଚିନ୍ତି ଉଚ୍ଚାରଣ କରନ୍ତି, ତେବେ ସେଇ ଶବ୍ଦମାନେ ମଣିଷକୁ ହତ୍ୟା କରିବାକୁ, ଅସ୍ତ୍ରଶସ୍ତ୍ରମାନଙ୍କ ଠାରୁ ବି ଅଧିକ ଶକ୍ତିଶାଳୀ ହେଇପାରନ୍ତି । ଯେମିତି ରୀତା କ୍ଷେତ୍ରରେ ଆସିଥିଲା, ଏକ ପରିସ୍ଥିତି । ତାଙ୍କ ସହରରେ ନବବର୍ଷ ଉପଲକ୍ଷେ ହୋଇଥିବା ବନ୍ଧୁମିଳନ ସମାରୋହ ପରେ ପରେ, କେବଳ କହିବା ଓ ବୁଝିବାର ମିଶ୍ ଅଣ୍ଡର୍‌ଷ୍ଟାଣ୍ଡିଙ୍ଗ୍ ପାଇଁ । ପୁଣି ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା, ଯେକି ମାମାର ଅତି ଘନିଷ୍ଠ, ଯାହାଙ୍କୁ କି ମାମା ମଉସା ବୋଲି ଡାକେ ।

ମନେଅଛି, ମାମା ସେଦିନ ମଉସାଙ୍କୁ ଦେଖି ନମସ୍କାରଟିଏ ପକେଇଥିଲ । ସେ କହିଲେ, "ଆଚ୍ଛା ମାମା । ସେ ଝିଅଟି ଯିଏ କାଲି ତୋ ସହ ଆମ କଲୋନୀରେ ନବବର୍ଷ ପାଇଁ ଉଦ୍ଦିଷ୍ଟ ପାର୍ଟି ଆରମ୍ଭ ପୂର୍ବରୁ ଗପସପ କରୁଥିଲା, ତୋ ସାଙ୍ଗ ନା?"

- ହଁ ମଉସା! କ'ଣ ହେଲାକି? କାହିଁକି ପଚାରୁଥିଲେ?

- ସେ କେମିତିକା ଝିଅ? ପାର୍ଟି ଛାଡ଼ି ଏକୁଟିଆ ପଳେଇଲା ଯେ? କିଛି ଖାଇନି ବି ।

- ସେ ବାଇଆଟା । ବଡ଼ ଦୁଷ୍ଟ(ହସିହସି...) ମତେ ସବୁ ବେଳେ ପାର୍ଟିରେ ଏମିତି ଛାଡ଼ିକି ପଳାଏ । କିଛି ସମୟ ପରେ ମଉସାଙ୍କ ବନ୍ଧୁ ପଚାରିଲେ ମଉସାଙ୍କୁ "ବୁଝିଲେ କି ସେ ଝିଅ ବିଷୟରେ?"

- ହଁ ବୁଝିଲି । ମହାନ୍ ଦୁଷ୍ଟ । ମୁଣ୍ଡ ଦୋଷ ଅଛି । ରାଜୁ ବାବୁଙ୍କ ପୁଅ ପାଇଁ ଅନୁପଯୁକ୍ତ ।

- ମାନେ?

- ଏତିକି ବୁଝି ପାରିଲେନି? ସେ ଦୁଷ୍ଟ ମାନେ ନିଶ୍ଚୟ ତାର ଅନ୍ୟ ପୁଅଙ୍କ ସହ ସମ୍ପର୍କ ଅଛି । ବାଇଆଟେ ବି । ମୁଣ୍ଡ ଦୋଷ ନଥିଲେ, ସେ କ'ଣ ତା ସାଙ୍ଗକୁ ଏମିତି ପାର୍ଟିରେ ଛାଡ଼ି ପଳାନ୍ତା?

- ମତେ ବି ତା ଜାତକରୁ ସେ ଗୋଟେ ପାଗଳ ଓ ବହୁଚାରିଣୀ ପରି ଲାଗୁଥିଲା ।


ଯେଉଁ ଝିଅ ବିଷୟରେ ସେଦିନ ପାର୍ଟିରେ ମାମାର ମଉସା ତାକୁ ପଚାରିଥିଲେ, ସେ ଝିଅ ରୀତାକୁ କଥୋପକଥନ ଆଉ ଅଛପା ରହିଲାନି । ସୋସିଆଲ୍ ସାଇଟ୍‌ରେ ତାର ଚରିତ୍ର ସଂହାର ହେଇ ଚାଲିଥିଲା । ରୀତା ତ ଡିପ୍ରେସନ୍‌କୁ ଚାଲିଗଲା । କୌଣସି ଝିଅର ଚରିତ୍ର ସଂହାର, କ'ଣ ସିଏ ସହି ପାରିବ?

ଏସବୁ ଦେଖି ମାମା ଦିନେ ପଚାରିଲା ତା ମଉସାଙ୍କୁ, "ଆପଣ ସେଦିନ ମୋର କହିଥିବା ଦୁଇଟି ଶବ୍ଦ, ଦୁଷ୍ଟ ଓ ବାଇଆକୁ ନେଇ ଏତେ ଅପପ୍ରଚାର କଲେ । କ'ଣ ସ୍ନେହ ଓ ଶ୍ରଦ୍ଧାରେ ସେ ଶବ୍ଦ ଦୁଇଟିର ବ୍ୟବହାର କରାଯାଏନି?"

ମଉସା କହିଲେ, "ମୁଁ ଜାଣି ପାରିଲିନି ଝିଅ । ମତେ କ୍ଷମା କର? ମୋର ବଡ଼ ଭୁଲ୍ ହେଇ ଯାଇଛି ।"

ମାମା କେବଳ ଆଖିରୁ ଦୁଇଧାର ପାଣି ବୁହାଇ ତା ମଉସାଙ୍କୁ ଅନେଇ ରହିଲା । କାରଣ, ଯେଉଁ ଅପପ୍ରଚାର ହେଇଛି, ତାକୁ ସୁଧାରିବା ଓ ରୀତାକୁ ଏକ ସ୍ୱାଭାବିକ ଜୀବନ ବଞ୍ଚିବାର ସୁଯୋଗ ଦେବା, ସମସ୍ତଙ୍କ କ୍ଷମତା ବାହାରେ ଏବେ ।


# ହୃଦୟବାନ ହୃଦାନନ୍ଦ



# ଦୂର୍‌ଦୂର୍ କୃତ୍ରିମ କବିତା: ପଣତ ତଳର ଅସାଡ଼ଲତା

**ଡକ୍ଟର ନଟବର ଶତପଥୀ**
ସି-୧୧୬୭, ସେକ୍ଟର-୬, ସିଡ଼ିଏ, କଟକ-୭୫୩୦୧୪
ଫୋନ: ୮୨୮୦୨୦୦୫୫୧

ଫଟୋ ସୌଜନ୍ୟ : ଲେଖକ



ଲେଖକ ଡକ୍ଟର ନଟବର ଶତପଥୀ

ଓଡ଼ିଆ କବିତା କେବେଠୁ ମୁହଁ ଫେରାଇଲାଣି ତଥାକଥିତ ସହରି ଶିକ୍ଷା ଶାଣିତ ଜୀବନ ପ୍ରତି ମୋହରୁ ଓ ନିଜନିଜ ପରିବେଶ ଆଡ଼କୁ ଗୋଟିଏ ମୁଗ୍ଧ ଦୃଷ୍ଟି ଦେଇ ନିଜକୁ ଆପଣା ପରି ଚିହ୍ନିବାକୁ । ଏକଦା ଏଲିୟଟ୍ ଥିଲେ ହୁଏତ ଗୁରୁ; ଏବେ ଗୁରୁ ନିଜେ ନିଜକୁ ଛାତ୍ର କରି ଗୋଟିଏ ଛାଇରେ ଉଭୟେ ଠିଆ ଓ ସୁଦୂରକୁ ଅଦୂର ବିନ୍ଦୁରେ ଦେଖିବାର ସ୍ପୃହା ନେଇ ଅବିଚଳିତ । ଭାବ ପରସିବା ପାଇଁ ଭାଷା ଅଭାବ ପଡୁନି, ପୁରାଣପୃଷ୍ଠା ଘଟଣା ବା ଚରିତ୍ରକୁ ମନେ ପକାଇ ସନ୍ତୁଳି ହେବାକୁ ପଡୁନି କବିକୁ । କବି ଏବେ ଆତ୍ମସ୍ଥ, ନିଜ ଠାରେ ନିଜେ ଓ ସେଥି ନିଜପଣରେ ତାର ସମଗ୍ର ସତ୍ତା ବିବର୍ତ୍ତମାନ ।

ଏ ଶୁଭକଥାଟି ଆମେ ଆବିଷ୍କାର କରିବା କବି **ହୃଦାନନ୍ଦ ପାଣିଗ୍ରାହୀ**ଙ୍କ କବିତା ବହି 'ଗାଆଁର ପଣତକାନି'ରେ । ପଣତ ତ ପଣତ, ମାଆର ପଣତ, ସ୍ମୃତିର ଗୋଟିଏ ବ୍ୟାଙ୍କ୍ ଖାତା, ପିଛିଲା ଦିନରେ ଜମା ଖର୍ଚ୍ଚର ଫର୍ଦ୍ଦ ଫର୍ଦ୍ଦ ହିସାବରେ ଭର୍ତ୍ତି; ଗୁଞ୍ଜନ ଓ ଶୋଭନ ଉଭୟ ସେଇ ଫର୍ଦ୍ଦରେ ଆତ୍ମସ୍ଥ ପରି ସୁରକ୍ଷିତ ।

ଆମ ପରିଚୟ ରହିଛି କୃଷିରେ, କୃଷି ସଂସ୍କୃତିରେ । ଏହାର ମୂଲ୍ୟବୋଧ କୃଷି ଆଧାରିତ । ଜମିରୁ ଉତ୍ପନ୍ନ ଫସଲ ଜୀବିକାର ମୂଳ କେବଳ ନୁହେଁ ସବୁ ବିଚାର ଓ ବେଭାରର କେନ୍ଦ୍ର ମଧ୍ୟ । ସଭ୍ୟତାର ଅଗ୍ରଗତିରେ କିନ୍ତୁ କୃଷି ଅବହେଳିତ । ବିକାଶର ସଙ୍ଗୀତ ଗାଉଥିବା ଗୋଟିଏ ଦେଶର ନଜର କୃଷି ଆଡ଼କୁ ଯେତିକି ଢଳିବା କଥା ତାହା ହୋଇନାହିଁ; ଫଳରେ ସଂକଟରେ କୃଷକ । ଉଜୁଡ଼ି ପଡୁଥିବା ତାର ଶ୍ରମ ତାକୁ ବିକଳ କରୁଚି- ଦେଖନ୍ତୁ କବି ହୃଦାନନ୍ଦଙ୍କ କବିତାରେ ଗୋଟିଏ କରୁଣ ଚିତ୍ର । ଚାଷୀ କହୁଛି:

ଯଉଁ ଜମିକି କରିଥିଲି ଷୋଳ ମୁହାଁସ
ସେଇ କ୍ଷେତର ଗୋଟେ କଣରେ
ମୁହଁମାଡ଼ି ପଡ଼ିଚନ୍ତି
ଚଢ଼େଇଗୋଡ଼ିଆ ମାରି ଯାଇଥିବା କିଛି ଧାନଗଛ । (ଧାନପାଚୁଛି)

ଅବେଳରେ ଋତୁର ଅତ୍ୟାଚାର ହେଉ ବା ଅନ୍ୟ କିଛି ବିତିପାତରେ ଧାନଫସଲ ନଷ୍ଟର ଏ ଚିତ୍ର । ପଦଟିରେ ଶବ୍ଦର ବ୍ୟବହାର ଚାଷୀର ସଂସ୍କୃତିଜାତ । 'ଷୋଳ ମୁହାଁସ' ପଦଟି ବ୍ୟଞ୍ଜନାଶ୍ରିତ- ଆଶା, ସ୍ୱପ୍ନ; ଭବିଷ୍ୟତ ଜୀବନ । 'ଚଢ଼େଇଗୋଡ଼ିଆ' ପଦଟି ସଂକେତ, ଲାଠି ପରି ଚଳତହୀନ । ଚଢ଼େଇ ପରି କଣ ଧାନଗଛ ? ଏ ପ୍ରଶ୍ନ ଯଦି କେହି କରନ୍ତି କବିଙ୍କ ଉତ୍ତର ହେବ: 'ହଁ' । ଚଢ଼େଇ ପରି ସ୍ୱାଧୀନ ଓ ମୁକ୍ତ ଆକାଶର ନୀଳ ସ୍ୱପ୍ନରେ ଅଧିର ନହେଲେ ବିକାଶ କାହିଁ ? ସେ ପଥରେ ବାଧା ଉପୁଜିଲେ ବିପର୍ଯ୍ୟସ୍ତ ହିଁ ଭବିଷ୍ୟତ । ଏଇ କବିତାର ଗୋଟିଏ ରୂପକଳ୍ପ ବ୍ୟବହାର ଦେଖାଯାଉ:

ଛାତି ଫାଟି ଯାଉଛି ଭାଇ
କୁଂଆ ଦା' ଖଣ୍ଡେ ମୁଁ
ପଡ଼ିରହିଛି ଏ ହିଡ଼ ମୁଣ୍ଡରେ ।

କୁଂଆ ଦା' ଖଣ୍ଡରେ ଚାଷୀର ଭବିଷ୍ୟତ ସୂଚିତ ହେଉଛି । 'କୁଂଆ' ପଦ ଦା'ର ବିଶେଷଣ ରୂପେ ତାର ସାମର୍ଥ୍ୟହୀନତା ପ୍ରକାଶ କରୁଛି । ଯୋଉ ଦା' ସ୍ୱପ୍ନ ଦେଖୁଥିଲା ରଚରଚ କାଟିବା ଧାନ, ସେ ଦା' ଏବେ ଅଦରକାରୀ, ଦାଢ଼ହୀନ । କବିତାକୁ ଏଇ ପଦଟି ଦେଇଛି ତାର ଭାବ ସଂଗଠନର ଶକ୍ତି । ଗଠନ ଦୃଷ୍ଟିରୁ ରୂପକଳ୍ପକ, ସଂଯୋଜକ ଓ ଗଭୀର ବ୍ୟଞ୍ଜନା ମୂଳକ । କବିତ୍ୱର ଗୋଟିଏ ଅପରୂପ ନିର୍ମାଣଶକ୍ତି । ପରବର୍ତ୍ତୀ ପଦ:

ଯେତେ ଘୋଡ଼ିଘୋଡ଼ି ହେଲେ ବି
 କାହିଁକି ଏ ଦେହରେ ପଶି ଯାଉଚି
  ଏତେ ଶୀତ,

ସୁନ୍ଦର ପରିଣତି, ଭାବ ଅପ୍ରତ୍ୟକ୍ଷ- କବିତା ଅନୁକୂଳ । ଏ ପଦଟି ନଦେଲେ କବିତାର ସାର୍ଥକତା ମିଳନ୍ତା ନାହିଁ । ଉପର ପଦାଂଶରେ ଜୀବିକା ଉଜୁଡୁଛି । ପର ପଦରେ ତାର ପ୍ରଭାବର ଚିତ୍ର ମିଳୁଛି । ଚାଷୀ ରକ୍ତଶୂନ୍ୟ, କଙ୍କାଳ, ତେଜହୀନ ତା ଦେହକୁ ଶୀତଲୁଗାର ଅଭାବ । ଯେତେ ଢାଙ୍କିଲେ ବି ହନୁମାନର ଲାଙ୍ଗୁଳ ପରି ନିଅଣ୍ଟ ।

ଆଉଏକ କବିତା: 'ଧୂଳିମାଟିର କବିତା'- ମାଟିର ସୁଗନ୍ଧ ରଚେ ମାଟିର ଇତିହାସ । କଣ ସେ ଇତିହାସ ? ମନଖୋଲା ହସ ଖେତଖଳାର । ଫୁଲଫୁଟା ମାଟିର, ନଈର ସୁଅ, ପବନର ଅକପଟ ଦାଗ, ପର୍ବପର୍ବାଣିର ହାଉଯାଉ

ଗହଳି । କେଉଁ ଅପଦେବତା ଛୁଇଁ ଦେଲା କେଜାଣି ସବୁ ଉଜୁଡ଼ିଗଲା । 'ସବୁଠି ଭର୍ତ୍ତି ହେଲେଣି ଡିଆଁଜୋକ' । ଡିଆଁଜୋକ ପ୍ରତୀକରେ ସର୍ବନାଶକାରୀ ଗୋଟିଏ ଅଦୃଶ୍ୟ କ୍ଷୟକାରୀ ଶକ୍ତି ଜୋକ ପରି ଡେଇଁ ଡେଇଁ ଶୋଷି ନେଉଛି ରକ୍ତ । ଡିଆଁ ସଂକ୍ରାମକ ଲକ୍ଷଣ, ଭୋକ ଡେଇଁ ଚାଲିଛି । ରକ୍ତ ପିଇବା ରହୁଚି ଅବ୍ୟାହତ । କବିତାର ଶେଷପଦ: ଉପସଂହାର ସଂକ୍ରାମକର–




ମିଛି ମିଛି ଛଳନା ଓ ବାହାନାରେ
ଝଲମଲ ନର୍କପରି ଦିଶେ ଏଇ
ମାଟିର ସରଣ ।

ମାଟିର ସରଣ ଥିଲା ଆମର ପୃଥ୍ୱୀ । ସବୁଥିଲା ଆନ୍ତରିକ, ବନ୍ଧନୀୟ । ଏବେ ସେଥିରେ ଲାଗିଛି ଛଳନା ବାହାନା । ବାହାନା ଗୋଟାଏ କରୋନା ଭୂତାଣୁ । ବାହାନାରେ ସଭିଏଁ ପୃଥକ, ବ୍ୟକ୍ତିଗତ ସୁଖରତ । ଫଳରେ ସଂପର୍କହୀନ, ଗୋଠହୀନ, ବିସ୍ମୃତ, ନରକ ପାଲଟିଛି ଗାଁ ଭୂଇଁ, ସରଗର ମମତା ଅମୃତ ଏବେ କଣିକାଏ ବିଷ ।

ଗାଁର ସଂସ୍କୃତିରେ 'ଚକୁଳିଆ ପଣ୍ଡା' କଥାଟି ବେଶ୍ ମୁଗ୍ଧକର । ତାର କାରଣ ଦୁଇଟି । ପ୍ରଥମତଃ ପଣ୍ଡାର ବେଶଭୂଷା ଭିକ ମାଗିବା ରୀତି । ଦ୍ୱିତୀୟତଃ ଗୀତର ଭାବାର୍ଥ । ପଣ୍ଡା ମହାଶୟ ଧର୍ମମାସଗୁଡ଼ିକରେ ଗାଁରେ ଆତ୍ମପ୍ରକାଶ କରନ୍ତି । କପାଳରେ ଚିତା, ମୁଣ୍ଡରେ ପଗଡ଼ି, ତାଳପତ୍ରର ଛତା, କାନ୍ଧରେ ଝୁଲା । ତୁଣ୍ଡରେ ସେଇ ଗମ୍ଭୀର ସ୍ୱର 'ଆହେ ଆପଣେ', ସେ ଗୀତ ଗାଇଗାଇ ଦାଣ୍ଡରେ ଯାଆନ୍ତି, ଲୋକେ ଡାକି କରି ଦିଅନ୍ତି– ଚାଉଳଠୁ ପନିପରିବା ଯାଏଁ । ଗୀତରେ ଥାଏ ଆହ୍ୱାନ– ଧର୍ମ ଓ ନୀତିବୋଧର । 'ଧର୍ମ ଦିଆଇବ, ଦେଇଥିଲେ ପାଇ– ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ଅତିଥି ସେବାର ପୁଣ୍ୟ ଭୁବନ ପ୍ରତ୍ୟେକ ଗୃହସ୍ଥର ଭୂମିରେ ଦାନର ମାହାତ୍ମ୍ୟ ଦାନର ଯେଉଁ ମହାନମନ୍ତ୍ର ସୃଷ୍ଟି କରେ ସେଥିରେ ସଂସ୍କୃତି ଜୀବନ୍ତ ହୋଇଉଠେ । କବି ହୃଦାନନ୍ଦ ଲେଖୁଛନ୍ତି:

"ଦାଣ୍ଡକୁ ମଂଡାଣ ଥିଲା ସେ ଡାକ / ମାଟି ସାଙ୍ଗରେ ଯୋଡ଼ି ଦେଉଥିଲା / ଆମ ଜନମ ମରଣର ଭାବ / ଗଢ଼ି ଦଉଥିଲା / ଉଦାର ସରଗଟିଏ / ଅସରଂତି ସୁଖର ।"



▲ ତରଳ ତାରୁଣ୍ୟର ତଟେ : କବି ହୃଦାନନ୍ଦ

ପଦର ଶବ୍ଦ ସଂଯୋଜନାରେ ଗ୍ରାମ୍ୟ ରୀତି– 'ଦାଣ୍ଡକୁ ମଂଡାଣ', ମାଟି ସାଙ୍ଗରେ ଯୋଡ଼ି ଦେଉଥିଲା ଆମ ଜନ୍ମ' ପରି ପଦର ଭାବ ଗୋଟିଏ କାଳରେ ସଂସ୍କୃତିର ଅବିକଳ ପ୍ରତିନିଧିତ୍ୱ କରିଥିଲା । ଜୀବନକୁ ଗଢ଼ିଥିଲା । ମୂଲ୍ୟବୋଧକୁ ଉଚ୍ଚାଟ ରଖିଥିଲା । ତାର ବିଲୋପ ଘଟିଛି । ଏବେ କବି ପାଣିଗ୍ରାହୀ ଅତୀତକୁ ସ୍ମୃତିରେ ରଖିବା ପରି କବିତାରେ ସାଇତିବାକୁ ଯତ୍ନଶୀଳ । କବିତା ତାଙ୍କ ଭିତରେ ଉଣ୍ଡାଳୁଛି ଅତୀତର ବର୍ଣ୍ଣଛଟା–ଜୀବନ ଯାତ୍ରାର ସୁଖଦ ଚିତ୍ର ସମୂହକୁ । ଗୋଟିଏ ଜାତିର ଜାଗ୍ରତ ସଂସ୍କୃତି ଦାନଧର୍ମରେ ନିଜକୁ ଦାତାପଣରେ ସଜାଏ । ଚକୁଳିଆ ପଣ୍ଡାର ଗୀତରେ ସେଇ ଉଦ୍‌ବୋଧନ ଥିଲା । ହେ ଗୃହସ୍ଥ ତୁମେ ଭୁଂଜ, ଅନ୍ୟକୁ ଭୁଂଜାଅ– 'ତେନ ତ୍ୟକ୍ତେନ ଭୁଞ୍ଜିଥା'– ଈଶାବାସ୍ୟ ଉପନିଷଦର ମର୍ମ ଓଡ଼ିଆ ଚଳଣି ଓ ଦର୍ଶନରେ ଜୀବନ୍ତ ହୋଇଥିଲା । ଏବେ ସେହି ମୂଲ୍ୟବୋଧ ବାରଛେଉଣ୍ଡତୁଲ୍ୟ ଅନାଥ । ଏହାର ଚିତ୍ର ମଧ୍ୟ କବି ପାଣିଗ୍ରାହୀ ଦେଉଛନ୍ତି:

"ସମୟ କାଢ଼ି ନେଇଚି
ସେ ଅନ୍ତର ଉଚ୍ଛୁଳା ଗୀତ
ଭାବର ଐଶ୍ୱର୍ଯ୍ୟ ।"

ପଣ୍ଡା ଶୁଣାଉଥିଲେ ଧର୍ମ, ତ୍ୟାଗ, ନୀତିବୋଧର ବାଣୀ । ଜୀବନ ଯେଉଁଠି ପରମ୍ପରାକୁ ଦେହର ବାସନା ତେଲ ପରି ବୋଳିହୁଏ, ସେଇଠି ପତନ ବିଳମ୍ବ ହୋଇପାରେ । ସଭ୍ୟତା କେବେ ପରମ୍ପରାକୁ ଅସ୍ୱୀକାର ବା ଅବମାନନା କରେନାହିଁ, କାରଣ ଜାତି ଯଦି ବୁଝିଥାଏ ସଭ୍ୟତା ବାହ୍ୟଭେକ ଓ ବଂଚିବାର ମାଧ୍ୟମ ସଜାଡୁଥିବା ଏକ ଅସ୍ତ୍ର; ତାହା ମନ ଗହୀରରେ ଅବା ମୂଲ୍ୟବୋଧକୁ ହରାଇ ବା ହଟାଇ ପାରିବ ନାହିଁ– ଅନ୍ତରରେ ରହିଛି ଯୁଗଯୁଗର ଅନୁଭୂତି, ସଂସ୍କାର ପିତୃପିତାମହଙ୍କର ତ୍ୟାଗ ଓ ସାଧନାର ଇତିହାସ । ଯେଉଁ ଜାତି ଏହା ଶିଖିଛି ସେ ଜାତି ପତନର ଦୁଆର ଦେଖେ ନାହିଁ ।

କ୍ରମ ଅବକ୍ଷୟର ଚିତ୍ର ଦେବାରେ କବି ସଫଳ, ଏଥିରେ ତାଙ୍କର ଅନୁଭୂତି ବା ଅନୁଧ୍ୟାନ ନିବିଡ଼ । ବିକାଶ ମାର୍ଗରେ ଯାତ୍ରୀ ଗାଁ ଏବେ ନାରଖାର–

"ସବୁଠି ହଟହଟା, ସବୁଠ ଛୁଟିଛଡ଼ା ଭାବ
କେଡ଼େ ଶ୍ରୀହୀନ ଦିଶୁଚି ସତେ
ଗାଆଁକୁ ଅନ୍ଧାରରେ ଜଗି ବସିଥିବା
ଗ୍ରାମ ଦେବତୀଙ୍କ ମୁହଁ ।"

ବିରୋଧାଭାସ ଫୁଟି ଉଠୁଛି । ସହର ସହ ତାଳ ଦେଇ ବଢ଼ୁଛି ଗାଁ । କେହି ଜଣେ ଇଂରେଜ କବି ଲେଖିଥିଲେ ବୋଧହୁଏ God made the village, man made the town, ଏଇ ଅର୍ଥରେ । ଉଦ୍ଦେଶ୍ୟ, ପ୍ରାକୃତିକତା ଓ କୃତ୍ରିମତା ଭିତରେ ଭେଦ । ଗାଁ ଉତ୍ପନ୍ନ କରେ ଦ୍ରବ୍ୟ, ସହରର ଦାୟିତ୍ୱ ତାହା ବିକିବା । ଯୋଗସୂତ୍ର ଏଇ ମର୍ମରେ ଆଧୁନିକ କାଳର ଶିଳ୍ପ ସଭ୍ୟତା ପ୍ରାରମ୍ଭ

ପୂର୍ବରୁ । ଶିଳ୍ପ ସଭ୍ୟତା ସହରକୁ ସଜାଇଲା ଓ ଟାଣିଲା ଗାଁକୁ । ଗାଁରୁ ଦ୍ରବ୍ୟ ଚାଲାଣ ହେଉହେଉ ମଣିଷ ବି ଚାଲାଣ ହୋଇଗଲା । ସଭ୍ୟତାର ଗ୍ରାସରେ ଲୁଟିଗଲା ଗାଁର ସ୍ୱାତନ୍ତ୍ର୍ୟ ଓ ଐତିହ୍ୟ । ଏବେ ସହର ମୂଲ୍ୟବୋଧକୁ ବିପଣୀ କରି ବିକୁଚି ଗାଁକୁ । ଶିଖାଉଛି ମନ୍ତ୍ର ଓ ମନର ମାନ୍ୟତା ଆଙ୍କୁଚି । ଏହା ହିଁ ବିଚିତ୍ର । ଏପରି ଏକ ବିଚିତ୍ର ଘଟଣାର ସୁନ୍ଦର କବିତା ହେଉଛି- 'ଦେଶ ଭକ୍ତିର ଗାଆଁ', ସମ୍ବାଦରେ ଚହଟିଲା ଖବର 'ସୋଲାନି' ଗାଁ ବିଷୟରେ । ଏଇ ଗାଁର ଯୁବକ ଔରଙ୍ଗଜେବ । ସେନାରୁ ଛୁଟି ନେଇ ଆସିଥିଲା ଗାଁକୁ । ଆତଙ୍କବାଦୀଙ୍କ ମୁହଁରେ ହାଣ ଖାଇା । ପ୍ରତିଶୋଧ ନେବା ପାଇଁ ଗ୍ରାମବାସୀ ଶପଥ ନେଲେ । କଣ ସୂଚାନ ମିଳୁଚି ଏଥିରୁ । ଗ୍ରାମ ଏକତାର ଭୂମି, ପ୍ରାଣ ଦିଆନିଆ ଭୂମି । ସହରରେ ମିଳେ କି ଏପରି ଏକତାର ମନ୍ତ୍ର । କବି ସଚେତନ- ସବୁ ଅବହେଳା, କୃତ୍ରିମତା, ବୈଷମ୍ୟ ଓ ଯାନ୍ତ୍ରିକ ସ୍ୱେଚ୍ଛାଚାର ସତ୍ତ୍ୱେ କେଉଁଠି ନା କେଉଁଠି ଲୁଚି ରହିଛି ପରସ୍ପରକୁ ଗୋଟିଏ ଛନ୍ଦରେ ନଚାଇବାର ସ୍ପୃହା । ଭାରତବର୍ଷ ବଂଚିଚି କ୍ଷୀଣ ହେଉପଛେ ତାର ମୂଲ୍ୟବୋଧକୁ ନେଇ । ଅବକ୍ଷୟର ମହାପ୍ରବାହ ତଥାପି ଗିଳିପାରିନି ପାରସ୍ପରିକ ସୌହାର୍ଦ୍ଦ୍ୟକୁ ଓ ପ୍ରଚଣ୍ଡ ଦାନବ ଶକ୍ତିକୁ ସମ୍ମୁଖୀନ ହେବାର ବ୍ରତାଚାରକୁ ।

କିଏ ଦେଲା ଏ ମନ୍ତ୍ର ଗାଁର କାନରେ ? ଏ ନୂଆ କ୍ରାନ୍ତି, ମାଟିର ବନ୍ଦନା ଗାଏ, ବିକ୍ଷୁବ୍ଧ ଅନ୍ତରକୁ ରକ୍ତର ଗୀତରେ ଚହଲାଏ । ଆକାଶକୁ ସେ ରକ୍ତର ଚହଲା ଦୃଶ୍ୟ ମୁଗ୍ଧ କରେ । ମାଟି, ନଈ, କ୍ଷେତ, ବଣ- ସବୁଠି ଆହ୍ୱାନ- ଏକ ମେଳରେ ଜୀବନକୁ ଭୋଗିବାର ଆକାଂକ୍ଷା । ତଥାପି ଲୁଚିଚି ସବୁ ସ୍ୱାର୍ଥ




ଭିତରେ କେଉଁଠି ନା କେଉଁଠି ଆତ୍ମୀୟତା । ଡରିଲେ ଡର ମାଡ଼ିବସେ, ନ ଡରିଲେ ଡର ପଳାଏ । ବିଷ୍ଣୁଶର୍ମା ସେଦିନ ରାଜା ପୁଅମାନଙ୍କୁ ଯାହା କହିଥିଲେ ସେଇଟି ଯଦି ଏକ ସାଂସ୍କୃତିକ ଚେତନାର କେନ୍ଦ୍ରବିନ୍ଦୁରେ ସଂଚିତ ହୁଏ ତ ମଣିଷର ଜୀବନରେ ପରିବର୍ତ୍ତନ ଗୋଷ୍ଠୀଗତ ମୂଲ୍ୟବୋଧକୁ ସମୃଦ୍ଧ କରିପାରେ । କବି ଏଇ ମର୍ମରେ କହିଲେ:

"ଦିନେ ଆମେ ସଂସାରରେ ନଥିବା ହୁଏତ
ହେଲେ ସେସବୁର ସଠିକ ମୂଲ୍ୟାୟନ କରୁଥିବ
ବସି ବସି ନିଭୃତରେ ମହାକାଳ । ବିପତ୍ତିବେଳା ।"

ଦୁଃଖର କାନି ଲମ୍ବି ଲଡ଼ିଯାଏ ଗାଁରେ- ପାଣି ପାଇଁ, ଦାନା ପାଇଁ, ଟିକେ ଦୟା ପାଇଁ ଚାହିଁ ରହେ ବିଚରା ଗ୍ରାମବାସୀ- ଓଡ଼ିଶା ନୁହେଁ ଭାରତ ସାରା ତୃଷାର୍ତ୍ତ ବିକଳ ଚିତ୍ର- ଗଣତନ୍ତ୍ରକୁ ଯେତେ ବୟସ ବଢୁଛି ପାଣି ପାଇଁ ଚିତ୍କାର ବଢୁଛି ସିନା ଛିଡୁନି । ପ୍ରଶାସନିକ ଅବହେଳାର ଗୋଟିଏ ଚିତ୍ର- ବ୍ୟଙ୍ଗର ସ୍ୱର-ଅଧିକାର ଶୁଣିବା ପାଇଁ ଗଢ଼ା ଶାସନ ଦରବାରରେ ଶୋଷିର ସ୍ୱର ପହଞ୍ଚି ପାରେନି ।





"ଏମାନଙ୍କୁ ନ୍ୟାୟ ଦେବାକୁ
କାହିଁ ଦିନେ ବସିଲା ନାହିଁ ଦରବାର
ଏତେ ଦୂରରୁ ଶୁଭିଲା ନାହିଁ ଏମାନଙ୍କ ଆପତ୍ତି
ସବୁବେଳେ ଅଧାବାଟରେ ହିଁ
ପବନରେ ମିଳେଇ ଯାଇଚି ଏମାନଙ୍କ ଗୁହାରି
ଅଗମ୍ୟ ରାସ୍ତା ଦେଇ ଗାଡ଼ି ଆସି ପାରେନି ।
ଏମାନଙ୍କ କଣ୍ଠଫଟା ଆକୁଳ ଚିତ୍କାର, ପାଣି ପାଇଁ ଯାତ୍ରା ।"

ଗଣତନ୍ତ୍ରର ସଫଳତା ପାଇଁ ପ୍ରଶାସନ ସବାତଳ ଲୋକକୁ ଭେଟିବାର ଏକ ତନ୍ତ୍ର । ଏ ତନ୍ତ୍ରର କଳାରେ କିନ୍ତୁ ସେଇ ତଳର ଲୋକଟି ସବୁଥିରୁ ବଂଚିତ, ମାତ୍ର ତାକୁ ଭୋଟ୍ ଦେବା ପାଇଁ ସଲାସୁତୁରା କରିବାରେ ଚତୁର ସମସ୍ତ ଗଣତନ୍ତ୍ରୀ ଭିକ୍ଷୁଦଳ । ଶାସନ ଓ ବ୍ୟବସ୍ଥା ମଧ୍ୟରେ ତଫାତ୍‌ର ଏଇ ଯୋଉ ଚିତ୍ର ମିଳୁଛି ତାହା ବିରୋଧାଭାସର । କବି ତ ଅସ୍ତ୍ର ଧରି ପାରିବ ନାହିଁ, ସେ ବି ଅସ୍ତ୍ର ଧରିବାକୁ ଶିକ୍ଷା ଦେବନାହିଁ, ଲୋକର ଦୁଃଖକୁ ଖବର କାଗଜରେ ବି ଲେଖିବ ନାହିଁ । କବିତାର ବେଦନା ଭିତରେ ସମବେଦନା ଚହଟାଇବ- ଏ ଶିକ୍ଷା ଆମ ସମାଜର, ଗଣତନ୍ତ୍ରର, ଆମ ବ୍ୟବସ୍ଥାର । କବି ପ୍ରାଣିଗ୍ରାହୀ ବିପ୍ଳବୀ ନୁହଁନ୍ତି, ସେ ଅନୁଭବୀ ମାତ୍ର । ତେଣୁ ସ୍ୱରରେ ସମବେଦନା- ଏ ସମବେଦନା କବିତାର, ଏକ ଅଚଳଶାସ୍ତ୍ରର, ଯାର ମୂଲ୍ୟ ଆମ ସମାଜରେ ଅଚଳ । ଏ କଥା କବି ନଜାଣନ୍ତି ନୁହେଁ, ଜାଣନ୍ତି, ଅନ୍ତତଃ ସାନ୍ତ୍ୱନା ଏତିକି ଯେ ନିଜ ଦୁଃଖ ଲାଘବ ହେଉ ।

'ପାଣିପାଇଁ ଯାତ୍ରା' କବିତାଟି ଉହଳ ବିକଳ ଜୀବନ ଯାତ୍ରାର ଗୋଟିଏ






ନିଦର୍ଶନ । ଏପରି କବିତା ସଂକଳନରେ ଅନେକ । ଦୁଃଖର ଚିତ୍ରର ଗୋଟିଏ ବଡ଼ ନିଦର୍ଶନ ସ୍ୱରୂପ ପଲ୍ଲିପଣତ ବିଚିତ୍ର କଳେବର, ମୁହ୍ୟମାନ ଧରିତ୍ରୀ ଏ ବିଶ୍ୱର କେଉଁଠି ନା କେଉଁଠି ଆର୍ତ୍ତ ଅବା ବିଚିତ୍ର । 'କ୍ଷମତା' କବିତାଟିରେ ଲୁହ ଓ ଲହୁ ସଂସ୍କୃତିରେ ଗଠିତ ଗୋଟିଏ ଦେଶର ବ୍ୟବସ୍ଥାକୁ ନେଇ କବି ପ୍ରତିବାଦୀ । ପ୍ରତିବାଦର ସ୍ୱର ମୂଳରେ କବିତାର ଅଭିଯୋଗ ଯେ ସେମାନେ ତିରସ୍କୃତ । ଟିକସ ଦାତା ହିଁ ଶ୍ରମଦାତା, ଶ୍ରମଦାତା ହିଁ ଦାନାଖାତା ଓ ଭୋଟ୍ ଦାତା । ଦାତାପଣରେ ଦେଶବାସୀ ଉତ୍ସର୍ଗୀକୃତ । ସଂସ୍କୃତି ସେମାନଙ୍କର ଦାନଶୀଳତାରେ ପରିଚିତ । ସେମାନଙ୍କ ଜୀବନମରଣ ଗଣତନ୍ତ୍ରର ମୂଲ୍ୟବୋଧ ନିର୍ଦ୍ଧାରିତ ଅଥଚ ଶାସନ ଓ ବିପଣୀ ସଂସ୍କୃତିରେ ସେମାନେ ତଳିତଳାନ୍ତ । ଏପରି ସ୍ୱର ଆଜିର ଓଡ଼ିଆ କବିତା ସ୍ପଷ୍ଟ ହେଲେ ହୃଦାନନ୍ଦଙ୍କ ବିଶେଷତ୍ୱ ହେଉଛି ଏପରି କବିତା ନେଇ ଗୋଟିଏ ସଂକଳନ ପ୍ରସ୍ତୁତ କରିବା । ଗାଁର ପଣତକାନି ରୂପକଟି କେବଳ ତାଙ୍କ ଗାଁର ହେଲେ ହେଁ ପ୍ରତୀକ ସ୍ତରକୁ ଉଠିବାର ଶକ୍ତି ସଂପନ୍ନ । ପରିବାରରେ ମା, ସମାଜରେ ଗାଆଁ (ଏଇଟି ଆମ କୃଷି ଭିତ୍ତିକ ଐତିହ୍ୟବୋଧର କଥା) ପରସ୍ପର ପରିପୂରକ, ତତୁଲ୍ୟ । ଜଣେ ବ୍ୟକ୍ତିକୁ ଲାଳନ କରେ, ଅନ୍ୟଟି ସମୂହକୁ । ମାଆର ପଣତ ପରି ଗାଆଁର ବି ଅଛି ପଣତ । ସେ ପଣତ ତଳେ ଅହଂତା ଶୂନ୍ୟ ବିଚାର, ଭେଦହୀନ ଦୃଷ୍ଟି ଓ ଗୋଟିଏ ମର୍ମପାଳିତ ଜୀବନ । ଏକାଶ୍ରୟ । ଗାଁ ମାଆ ହୋଇଗଲେ ସେ ପଣତ ହୋଇଯାଏ ସମାଶ୍ରୟୀ । ଗାଁକୁ ମୂଳ କରି ହିନ୍ଦୁ ଧର୍ମ ବା ସଭ୍ୟତାର ଇତିହାସ ଗଢ଼ା । ଏଣୁ ସଂସ୍କୃତିର ସମାର୍ଜନାବୋଧଟି ଗାଁମୂଳ । ଏପରି ଏକ ପଣତକାନିର ଚିତ୍ର ନଈନାଳ ବଣପାହାଡ଼, ଫସଲର ଗୀତ, ଚଢ଼େଇର ନାଚ । ମାତ୍ର କ୍ଷମତାନ୍ଧ ରାଜନୀତି ଗାଁର କୌଳିନୀକୁ କରିଛି କୁତ୍ସିତ । ଏଣୁ କବିର କ୍ରୋଧ, ଏ କ୍ରୋଧ ଇପ୍ସିତ ।

କବିତାର ପ୍ରାଣର ତନ୍ତ୍ରୀ ତେବେ କେଉଁଠି ? ଏ ପ୍ରଶ୍ନ ବିବେକୀ ସହୃଦୟ କରି ପାରନ୍ତି । ଉତ୍ତର ହେବ: ଶବ୍ଦରେ ଭାଷାରେ । ଶବ୍ଦ ଶକ୍ତି ଭାବର ମୂଳ । କବିତାରେ ଶବ୍ଦର ବ୍ୟବହାର ବ୍ୟଞ୍ଜନାର ପ୍ରତିଶ୍ରୁତିର ଏକ ଖେଳ । ଏ ଖେଳ କରିବାକୁ ସ୍ରଷ୍ଟା ପ୍ରସ୍ତୁତ ନଥିଲେ କବିତାର ସୃଜନ ଶକ୍ତି ପ୍ରକଟିତ ହୁଏ ନାହିଁ । ଏହି ବିଚାର ଦୃଷ୍ଟିରେ ଯେ କୌଣସି ଭାବଚିତ୍ର ଶବ୍ଦଚିତ୍ର ହେବା ସ୍ୱାଭାବିକ । ତେବେ 'ଗାଁର ପଣତକାନି' କବିତା ବହିଟି ଯେଉଁସବୁ ଶବ୍ଦ ଉପରେ ଭାବକୁ କେନ୍ଦ୍ରୀଭୂତ କରିଛି ତାହା ସାଧାରଣ ହୋଇପାରେ, ଅର୍ଥାତ୍ ଆମ ନିତ୍ୟ ଦୁନିଆର ଗଢ଼ା ଶବ୍ଦ ହୋଇଥାଏ । କବି ହୃଦାନନ୍ଦଙ୍କ ଏ କବିତା ଗୁଚ୍ଛରେ ପାଠକ ଦୁଇଶ୍ରେଣୀର ଶବ୍ଦ ବ୍ୟବହାର ଦେଖେ । ପ୍ରଥମଟି ସଂକ୍ଷିପ୍ତ କେତେକ ଅବ୍ୟୟପଦ, ଯେପରି କଉଁ, ଯଉଁ କଉଠି, ଯଉଁଠିରେ ପର୍ଯ୍ୟାପ୍ତ ବ୍ୟବହାର । ଏସବୁ ଶବ୍ଦର ସାଧୁରୂପ ଏକାର ଯୁକ୍ତ- କେଉଁଠି, ଯେଉଁଠି । ମାତ୍ର ଓଡ଼ିଶାର ଅଂଚଳ ଓ ବ୍ୟକ୍ତି ଭେଦରେ କଥିତ ରୂପର ସ୍ୱାତନ୍ତ୍ର୍ୟ ଧ୍ୱନିଗତ ଭେଦର କଥା । ଅର୍ଥଗତ ଭେଦ ନାହିଁ, ଧ୍ୱନିକ ଭେଦ ଅବଶ୍ୟମ୍ଭାବୀ । ଏହା ସ୍ୱାଭାବିକ ଓ ଅଦୋଷଣୀୟ । ଅର୍ଥାତ୍ ପଲ୍ଲି ବ୍ୟବହରରେ ଏହାର ସ୍ୱାଭାବିକତା ସ୍ୱୀକୃତ । ଅନୁରୂପ ଲ' ଓ ନ'ଭେଦ ଲାଉ ଓ ନାଉ, ଲଟା / ଲତା ଓ ନଟା, ଲୋକ ଓ ନୋକ ପରି ଧ୍ୱନିଭେଦର ବର୍ଣ୍ଣଭେଦ ଭିତରେ କବି ସ୍ୱାଭାବିକତା ପ୍ରତି ସଚେତନ । ଏହାବ୍ୟତୀତ କବିତାର ବହୁ ସ୍ଥଳରେ ପାଠକ ପାଇବେ ନୂଆ ଶବ୍ଦ- ଏ ଶବ୍ଦ ଆଂଚଳିକ । ଓଡ଼ିଆ ଲେଖକମାନେ ଭାଷାର ଆଞ୍ଚଳିକତାକୁ ଅନେକ ବେଳେ ନାକ ଟେକିଥାନ୍ତି । ଏପରି ଏକ ଗୁଣ ଓଡ଼ିଆ ଭାଷାକୁ ସ୍ୱାଭାବିକତାରୁ ଦୂରେଇ ନେଇଛି । ସାରଳା ଦାସଙ୍କ ସମୟରେ ଅର୍ଦ୍ଧତତ୍ସମ ଓ ଦେଶଜ ଭାଷା ଦେଶମୁଖୀନତା ଭାବ, ଘଟଣା, ଚିତ୍ର ଓ ଜୀବନାଶ୍ରୟୀ ଥିଲା ତାର ରୂପ ସେବେଳେ ଥିଲା ଅକୃତ୍ରିମ । ମାତ୍ର ଜଗନ୍ନାଥ ଦାସ ତାକୁ ବଦଳାଇ ଦେଲେ । ଭାଷା ହେଲା ସଂସ୍କୃତାଶ୍ରୟୀ । ସେ ଭାଷା ପଣ୍ଡିତର ଭାଷା, ସାଇଳାଙ୍କ ମୃତ୍ୟୁ ପିଣ୍ଡ ଉପରେ ଓଡ଼ିଶା ଆବୋରି ନେଲା ତଥାକଥିତ ଏକ ମାନକ ଭାଷା । ପରେପରେ ଓଡ଼ିଆ ଭାଷା ମରିଗଲା । ଆଜିର ଓଡ଼ିଆ ଏ ସଂସ୍କୃତ ଜାତ ଭାଷାର ରୀତିକୁ ନିଜର କହି ଓଡ଼ିଆ ବୋଲି ଗର୍ବ କରୁଛନ୍ତି । ତତ୍ତ୍ୱବିତ୍ ଲୋକମୁଖର ବା ଲୋକ ବ୍ୟବହାରର ଭାଷାକୁ ସ୍ୱାଭାବିକ କହି ଭାଷାର ନିୟମ ପ୍ରଣୟନ କରିବାକୁ ପାଣ୍ଡିତ୍ୟ ମନେ କରୁଛନ୍ତି । ଅପର ପକ୍ଷରେ ଭାଷାରେ ଲୋକଶକ୍ତି ଅର୍ଥାତ୍ ଲୋକଚିନ୍ତା ଉଜ୍ଜୀବନକାରିଣୀ ଓ ଜୀବନ ସନ୍ଧାନୀ ସ୍ୱଭାବ ସିଦ୍ଧ ଧ୍ୱନି ପ୍ରଣାଳୀ ଲୁପ୍ତ । ଏପରି ଏକ ସମୟରେ ଆମର କିଛି ଲେଖକ ଗାଁର ଅର୍ଦ୍ଧଶିକ୍ଷିତ ବା ଅଶିକ୍ଷିତ ଲୋକମୁଖର ଭାଷାକୁ ଚିହ୍ନଟ କରିବାରେ ପାରଦର୍ଶିତା ଦେଖାଇଛନ୍ତି । ସେପରି ଶବ୍ଦ ଭିତରେ କବିତାର ଭାବଚିତ୍ର ଅତି ସୁକୁମାର । ତେଲହଳଦୀ ବୋଳା ଗୁରୁଗୁରୁ ଦେହର ଆଭା, ପଲ୍ଲିର ଏଇ ଅକୃତ୍ରିମତା, ହୃଦାନନ୍ଦଙ୍କ କବିତାର ଏକ ବିଶେଷତ୍ୱ 'ନିଆଁ ହାଲୁହାଲୁ କାଂକସିଝା ଦେହ' (ପୃ.୮୦) ସହରର କସ୍‌ମେଟିକ୍ ଗନ୍ଧବାଉଳା ଲୋକ ପାଇଁ କେତେ ରୁଚିକର ନୁହେଁ ସତେ ? 'ଚହଲା ପବନ ପରି ତା ପରିଚୟ' । (ପୃ.୮୪)ଦୁଃଖର ଟାଣ ଖରା ପଲ୍ଲି ପରିବେଶକୁ ଯୋଗାଇଲେ ବନ୍ଦି କରିଦେବା ପରି ଚିତ୍ର ନୁହେଁ କି ? କୌତୁହଳ କ୍ରମେ କେତେକ ଶବ୍ଦ କବିତାର ଭାବକୁ କିପରି ସମୃଦ୍ଧ କରିଛି ତାର ଉଦାହରଣ ଦେଖାଯାଉ ।

ସଇଡ଼ା (୧୧୨), ପିପାଛ (୧୧୩), ଖଟିଆବସା (୧୧୯), ଅଭଡ଼ାବେଳ (୧୦୯), ଦୁଂଦୁଡ଼ି (୧୦୮), ମୁହଁ ଫରୁଡ଼ି (୧୦୭), ସିତୁଆ(୯୫), କଳାକାଂଟି(୯୩), ନାକୁଆ କାନ୍ଦୁଆ(୯୧), କାକପୋଇ(୮୬), ଭୁକିଯିବା(୮୬), ଜିତୁଆ(୮୭) ଆଦି ଆମର ଆଭିଧାନିକ ସଂପଦ । ଚିତ୍ରାତ୍ମକ ରୂପ ଦେଉ ଦେଉ ଏ ଶ୍ରେଣୀର ଶବ୍ଦସମୂହ ଅନ୍ୟକାଳକୁ ଯେଉଁ ସଂକେତ ଛାଡ଼ିଯାଏ ତାହା କେଉଁ ଏକ ଶୁଷ୍କ ଅପରାହ୍ନରେ କେତେ ବୁନ୍ଦା ଶୀତଳ ବର୍ଷାପାଣିର ଆହ୍ଲାଦ ପରି । ଜୀବନ ପାଇଁ ଭାଷାର ଏଇ କାରିଗରି ଆମର ଲେଖକମାନେ ଶିଖନ୍ତୁ ।


ଆକାଶବାଣୀର ରାଷ୍ଟ୍ରୀୟ କବି ସମ୍ମିଳନୀ




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

## ଓଡ଼ିଆ କବିତା :

# ୩ ସଂକଳନର ପ୍ରଶ୍ନାକୁଳତା



# ଉର୍ଜସ୍ୱିତ ସମ୍ବେଦନାର ମହକ: ତିନି ସଂକଳନର କାବ୍ୟସ୍ୱର


**ସୁଚେତା ମିଶ୍ର**

ଲିଡ୍ ବ୍ୟାଙ୍କ୍ ଲେନ୍, ପୋଲିସ ଲାଇନ,
ପୁରୀ-୭୫୨୦୦୧,
ଫୋନ:୯୯୩୭୧୫୯୮୯୧


ଫଟୋ ସୌଜନ୍ୟ : ଲେଖିକା

କବିତାର ସନ୍ଦର୍ଭ ହେଉଛି ଏହା କହୁକହୁ କିଛି ଲୁଚେଇ ଦିଏ ଓ କିଛି ଲୁଚେଇବାକୁ ଚେଷ୍ଟା କଲାବେଳେ ତାହା କହି ପକେଇଥାଏ । କବି, କବିତା ରଚନା କାଳରେ କେବଳ ଆପଣାର ପୀଡ଼ା, ପ୍ରଶ୍ନାକୁଳତା ଓ ଅସମାହିତ ବ୍ୟତିବ୍ୟସ୍ତତାକୁ ବିସ୍ତୃତି ଦେବାକୁ ଚେଷ୍ଟା କରେ ନାହିଁ ବରଂ ସେ ଯେଉଁ ଦ୍ୱନ୍ଦ୍ୱ ଭିତରେ ପଡ଼ି କଲବଲ ହେଉଥାଏ ତାହା ପାଠକ ପାଖରେ ପହଞ୍ଚିଯାଉ- ସେଇ କାମନା କରୁଥାଏ । ଏହା ହିଁ ହେଉଛି ଜଣେ ସଫଳ କବିର ପରିଚୟ ଓ ଏକ ନିରୁତା କବିତାର ଶାଶ୍ୱତପଣ । ଆଲୋଚନାରେ ଯେଉଁ ତିନି କବିଙ୍କର କାବ୍ୟମାନସର କଥା କୁହାଯାଇଛି ସେମାନେ ସମସ୍ତେ ମାନବୀୟ ସଂଘର୍ଷର ବହୁତ ପାଖରେ ପହଞ୍ଚି ଗୋଟିଏ ଗୋଟିଏ ମାର୍ମିକ ଉଚ୍ଚାରଣ ହୋଇ ଯାଇଛନ୍ତି, ଯେଉଁଥିରେ ପୀଡ଼ା ତ ଅଛି ତା ସହିତ ଅଛି ସମସାମୟିକ ବିସଂଗତିମାନଙ୍କ ପ୍ରତି ଏକ ଶାଣିତ କଟାକ୍ଷ । କହିବା ବାହୁଲ୍ୟ ସେମାନଙ୍କ ସ୍ୱରରେ ଅଛି ଯେଉଁ ଜୀବନଦାୟୀ ମୋହ ଓ ମୃତ୍ୟୁ ପ୍ରତି ସଦ୍‌ଭାବ ତାହା ହିଁ ଉଲ୍ଲେଖଯୋଗ୍ୟ । ଦୁଇ ହଜାର ଏକୋଇଶ ମସିହାରେ ପ୍ରକାଶିତ ଏ ତିନୋଟି କବିତା ସଂକଳନ ହେଉଛି: କବି **ଅଜୟ ପ୍ରଧାନ**ଙ୍କର 'ଅକ୍ଷର ଯଜ୍ଞ', କବି **ଶ୍ରୀଦେବ**ଙ୍କର 'ଚାଷବାସ' ଏବଂ କବି **ସଂଜିତ ବଳ**ଙ୍କର 'ଆହା' ।

ସମକାଳୀନ କବିତାରେ ଜୀବନ ପ୍ରତି ପ୍ରଚଣ୍ଡ ଭରସାର କଥା ଯଦି କିଏ ରୋକ୍‌ଠୋକ୍ କହିପାରେ ସେ ହେଉଛନ୍ତି କବି ଅଜୟ ପ୍ରଧାନ । 'ଭୂମିପର୍ବ' କବିତା ସଂକଳନରୁ ଆରମ୍ଭ କରି 'ରାମବାଣ କହିବେନିଟି' କବିତା ସଂକଳନରେ କବିତାର କାନ୍‌ଭାସ୍‌ରେ ଭିନ୍ନ ଭିନ୍ନ ବର୍ଣ୍ଣଛିଟା ସୃଷ୍ଟି କରିଥିବା କବି ଯେପରି । 'ବଇଦାନା ଓ ଅନ୍ୟମାନେ' କବିତା ସଂକଳନରେ 'ପୁରୀବୋଲି' ଓ ପୁରୀ ସଂସ୍କୃତିକୁ ନେଇ କବିତା ସୃଷ୍ଟି କରିପାରନ୍ତି ସେହିପରି 'ଅକ୍ଷର ଯଜ୍ଞ' କବିତା ସଂକଳନରେ ପାଠକକୁ ସ୍ତବ୍ଧ, ସ୍ଥାଣୁ ଓ ଧ୍ୟାନମଗ୍ନ କରେଇ ଦେଇ ପାରନ୍ତି । କବିତା ସଂକଳନର ଆଠ ପୃଷ୍ଠାର ଅଗ୍ରଲେଖରେ କବି ମଣିଷକୁ, ମଣିଷ ହେଇ ରହିବାର ଆହ୍ୱାନ ଦେଇଛନ୍ତି । ମାତୃଭାଷା, ମାଆ ତୁଲ୍ୟ । ଯିଏ ମାତୃଭାଷାକୁ କବିତାର ଅର୍ଘ୍ୟ ଦେଇପାରେ ସେ କଦାପି ମାଆର ହାତ ଛାଡ଼େନି । କବିର ଯାତ୍ରା ସହଜ ନୁହେଁ । ବହୁ ତାତ୍‌କାଳିକ ସମସ୍ୟା ତାର ପଥରୋଧ କରେ, ହେଲେ କବି, ମଣିଷ ଆଉ ମଣିଷ ହିଁ ପଶା ଖେଳିପାରେ, ଈଶ୍ୱର ନୁହନ୍ତି ।

କବିର ଏ ପଶାଖେଳ କାହା ବିପକ୍ଷରେ ? ନିଜର ଆସ୍ଥା ଓ ଅସ୍ତିତ୍ୱକୁ ଭରସା କରି ସେ ଦାନ ଡାକେ । ଗୋଟିଏ ଡାକରେ ଏ ସମାଜର ମୁହଁରୁ ମୁଖା ଖସେଇ ଦେଇପାରେ । ହେଲେ ସେମିତି ବେଳଟି କଣ କବିକୁ ସହଜେ ମିଳେ ? "ବେଳ ଆସେ / ମରୁଭୂଇଁରେ ଶହ ଶହ ମଣିଷ ଗାଈ ଗୋରୁ ଭାସେ / ଯୁଦ୍ଧରୁ ଲୁଚି ପଳେଇ ଆସନ୍ତି ଦେଶଭକ୍ତ ସୈନିକମାନେ / କୃଷକମାନେ ମରଣକୁ ବରଣ କରି ନିଅନ୍ତି ନିଜ ହାତେ + + + ବେଳ ଆସେ, ସେବା ଛଡ଼ା ସବୁକିଛିକୁ ଆନ୍ତର୍ଜାତୀୟ ସ୍ତରର କରିବାକୁ ବ୍ୟସ୍ତ ହ'ନ୍ତି ସରକାର ।" (ବେଳ ଆସେ)


ମଣିଷର ନୀରବ ଯାତନାର ଦସ୍ତାବିଜ କବି ପାଖରେ । ସେଇତକରୁ ସମ୍ବଳ ଖୋଜି ସେ ପହଞ୍ଚିଯିବାକୁ ଚାହେଁ ପ୍ରତିଟି ଦରଦୀ ମଣିଷ ପାଖରେ । "ସତ କହୁଛି ଏମିତି ଠେଲିପେଲି ଇ ଚାଲିଛି ମୁଁ ତମ ପାଖକୁ / ଯାଉଛି ମାନେ ତମ ପାଖକୁ ଯାଉଛି ।"(ମୁଁ ଯାଉଛି) କେଜାଣି କାହିଁକି ଅଜୟ ପ୍ରଧାନଙ୍କର କବିତାର ଧାରୁଆ ଧାଡ଼ିଗୁଡ଼ିକ ଅନ୍ତର୍ଭେଦୀ ପୀଡ଼ା ପାଲଟନ୍ତି । କେଜାଣି କାହିଁକି ଅତି ପାଖରେ ଆସି ପଚାରନ୍ତି- ବଞ୍ଚିଛୁ ତ ? ସେଇ ଶଗଡ଼ଗୁଳାରେ ଚାଲିଛୁ ନା ନିରେଖି ଦେଖୁଛୁ ତୋ ଭଳି ମଣିଷମାନଙ୍କୁ ? ଏତେ ଅତ୍ୟାଚାର, ଅନାଚାର ପରେ ବି କେଉଁଠି ଗୋଟିଏ ସ୍ପନ୍ଦନ ଅଛି ଆଉ କବିତା- କବିତା ବୋଲି ଉଚ୍ଚାରୁଛି । କବିଙ୍କର ବିଶ୍ୱାସ "ଅନେକ ଚିଠି ବଣ୍ଟା ନହୋଇ ପଡ଼ି ରହିଛି ଘରେ / ବାପାଙ୍କ କାଳରୁ ସେଗୁଡ଼ା ବାଣ୍ଟୁଛି କବିତାରେ ଧୀରେ ଧୀରେ / ପାଇବା ଲୋକ ଥାଉ ବା ନଥାଉ / ଦବାଲୋକ ଥାଉ ବା ନଥାଉ / ହଜିଯାଇନି ଭାଷା, ଅଛି ଅନ୍ତତଃ / ଏତିକିରେ ସମସ୍ତଙ୍କର ଆତ୍ମା ଶାନ୍ତି ପାଉ ।" (ଜଡ଼ ଭାରତ)

ବହୁତ କିଛି କରିବାର ଥିଲା କବିର । ଯାହା ଯାହା ତଥାକଥିତ ଓ ଯାହାସବୁ ସଫଳ ମଣିଷମାନେ କରନ୍ତି । ସେସବୁ ସେ କରି ପାରିଲାନି । ସେଇଧରାବନ୍ଧା ରାସ୍ତାରେ ସମସ୍ତଙ୍କ ପରି ଚାଲି ପାରିଲାନି । "ଗହଣାଗାଣ୍ଠି, ଫାଇବ୍ ଜି, ଉଡ୍‌ଲାଣ୍ଡ୍ ଜୋତା କି ଡେନିମ୍ ଜିନ୍‌ସ୍ / ସବୁ ସବୁ କୁଟୁମ୍ବଙ୍କର ଦାବି । ଭାବନ୍ତି ଲୋକଟା କିଛି ଆଣି ପାରିଲାନି ।"(ମୁହୂର୍ତ୍ତାୟନ) ହେଲେ କବିଙ୍କର ଅନ୍ତର୍ବେଦନାଟି ଏମିତି: "ମୋର ଟଙ୍କା ଆଣିବାର ଥିଲା ସୁନା ବିକି / ମୋର ହଳେ ଜୋତା ଆଣିବାର ଥିଲା ସଭାମାନଙ୍କୁ ଯିବା ଲାଗି / ମୋର ଗୋଟେ କଲମ ଆଣିବାର ଥିଲା / ଇଉଜ୍ ଏଣ୍ଡ୍ ଥ୍ରୋ + + + କାହିଁକି ଆଖି ମିଟି ମିଟି କରୁଚନ୍ତି ତାରାମାନେ / ସିଗାରେଟ୍ ଚେଙ୍କରେ କଣା ହେଇ ଯାଇଥିବା ସାର୍ଟ ଭିତରେ ?" (ମୁହୂର୍ତ୍ତାୟନ)



▲ ଲେଖିକା ସୁଚେତା ମିଶ୍ର

କୋଉ କାଳେସୀ ଲାଗେ ମଣିଷକୁ ଯେ ସେ କବି ହେଇଯାଏ । କବି ହେଇଯାଏ ତ ଫୁତ୍କାର କରି ଉଡ଼େଇ ଦିଏ ସବୁ ଅୟସ ଥାଉ ଆୟୁଷ । ଚରୈବତି-ଚରୈବତି କହୁଥାଏ ହେଲେ ସବୁ ଲୁହ ସବୁ ଲହୁ ପାଖରେ ଦଣ୍ଡେ ଅଟକି ଯାଉଥାଏ । ଆଉ କାହାର ମୃତ୍ୟୁକୁ ମରୁଥାଏ । ଆଉ କାହାର ସଂଘର୍ଷକୁ ନେଇ ଜିଉଁଥାଏ । ତା' ରାସ୍ତା ହୁଏତ ସେ ଗଢ଼ି ନଥାଏ, ତା' ରାସ୍ତା ତା' ପାଦରୁ ହିଁ ବାହାରିଥାଏ । "ନା, ନା, ଏ ପାଦରୁ ବାହାରିଛି ରାସ୍ତା / ଏ ରାସ୍ତା ଶେଷ ହେବ / ଶୋଷ ମୋର ମେଣ୍ଟିଯିବା ପରେ ।" (ଏଥି ଅନ୍ତେ) ହେଲେ ଦଲାଲି ଆଉ ବଜାରୀକରଣ ଭିତରେ ହଜିଲାଣି କବିତା । କବିତାର ଆତ୍ମାକୁ ଝୁରି ଝୁରି କବିର ଯେଉଁ ଦଶା, ତାହା ଜଣେ ସହୃଦ୍ ହିଁ ବୁଝିବ । କବିତା ଯଦି ମଣିଷର ସ୍ପନ୍ଦନରେ ନାହିଁ ତ ଅଛି କେଉଁଠି ? "କବିତା ଆଗାମୀ ନିର୍ବାଚନ ପାଇଁ / ଇସ୍ତାହାର ଲେଖୁଛି / କବିତା ବହୁରାଷ୍ଟ୍ରୀୟ କମ୍ପାନିଙ୍କ / ହେଫାଜତ୍‌ରେ ଅଛି / ଗର୍ଭ ନିରୋଧକ ବଟିକା ଖାଇ / କବିତା ଭାଗ ନେଉଛି ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ।" (ଶିଶୁ କବିତା)






କବି ଅଜୟ ପ୍ରଧାନଙ୍କ କବିତା କେବଳ ଭୂମିରୁ ଭୂମାକୁ ନୁହେଁ । ପାଠକର ମାର୍ମିକ ସଂସାରକୁ ଭିଜେଇଥିବା ଶ୍ୱାସକୁ ବି ସ୍ପର୍ଶ କରେ । ଏକଦମ୍ ପାରଦର୍ଶୀ ଓ ସମାନୁଭବୀ ଦର୍ଶନର ମାନଦଣ୍ଡରେ କବିତାଗୁଡ଼ିକୁ ଛିଡ଼ା କଲେ ସେମାନେ ଯେତିକି ଛଳଛଳ ଦୁଶନ୍ତି ତା'ଠାରୁ ଢେର୍ ବେଶୀ ସଶକ୍ତ ମନେ ହୁଅନ୍ତି । ପରିପାର୍ଶ୍ୱରେ ଉତ୍ପୀଡ଼ନକୁ ନେଇ ଅସରନ୍ତି କ୍ଷୋଭ ପୁଣି ନିଜର ଅସହାୟତାକୁ ନେଇ ଗ୍ଲାନି । ଏସବୁ ପରେ ବି ଏ ମାଟି, ପାଣି ପବନ, ଏ ପୃଥିବୀ ଏ ମଣିଷ ଏବଂ ସର୍ବୋପରି ମଣିଷ ହେବାର ଆସ୍ଥା ଉପରେ ଅଖଣ୍ଡ ବିଶ୍ୱାସ ହେଉଛି ଅଜୟ ପ୍ରଧାନଙ୍କର କାବ୍ୟସ୍ୱର । 'ଅକ୍ଷର ଯଜ୍ଞ'କୁ ଗୋଟେ ଭିନ୍ନ ସ୍ଥାନ ଦିଏ । ଗୋଟିଏ ପ୍ରଭାବୀ ଚମକ୍‌ଦାର ଏବଂ ମୌଳିକ ରଚନା ପ୍ରକ୍ରିୟାର ସାରାଂଶ ହେଉଛି 'ଅକ୍ଷର ଯଜ୍ଞ' । ସମୁଦାୟ ସଂକଳନଟିର ପ୍ରତିଟି କବିତାର ତର୍ଜମା କରିବା ଆମର ଉଦ୍ଦେଶ୍ୟ ନୁହେଁ । ବହୁତ କବିତା ଓ ଖଣ୍ଡବାକ୍ୟ ଯାହା ହୃଦୟରେ ନିଭୃତରେ ଉଚ୍ଚାରିତ ହେବାକୁ ଚାହାନ୍ତି, ଏକାନ୍ତରେ ପାଠକ ସହ କଥା ହେବାକୁ ଚାହାନ୍ତି, ସେସବୁ ଏଠାରେ ଉଦ୍ଧାରିଦେଇ ଆମେ କବିତାମାନଙ୍କର ଅପମାନ କରିବାକୁ ଚାହୁଁନାହୁଁ । କେବଳ ଏତିକି କହିବାର ଅଛି ଯେ 'ଅକ୍ଷର ଯଜ୍ଞ' କେବଳ ସୁଖପାଠ୍ୟ ନୁହେଁ ବରଂ ପ୍ରତିଟି ସଚେତନ ଓ ଅନୁଭବୀ, ଦରଦୀ ପାଠକ ଲାଗି କେତେବେଳେ ମହୌଷଧି ତ କେତେବେଳେ ଚେଙ୍କ ତାତି । କବିଙ୍କ ଭାଷାରେ: "ଦୂରରୁ ଦିଶିଲାଣି ଗୋଟିଏ ତାରାର ରାତି / ଫେରିବାର ବେଳ / ଅଜୟ ଫେରିବ / ଚାଲିଯିବ ପୁଣି ଚିଲିକା ଡେଇଁ / ତା' ସ' କିଏ ଯିବା ପାଇଁ ଇଚ୍ଛୁକ କି ?" (ମୁଁ ଅଜୟ ଓ ବ୍ରହ୍ମଗିରି) ଏ କେବଳ ପୁରୀରୁ ବ୍ରହ୍ମଗିରି କି ବ୍ରହ୍ମଗିରିରୁ ପୁରୀ ଯାଏଁ ଯାତ୍ରା ନୁହେଁ । ଏହା ଏକ ସୁଦୀର୍ଘ ସାରସ୍ୱତ ସାଧନା । କେତେଜଣ ଜାଣନ୍ତି ଯେ କବି ଶବ୍ଦମାନଙ୍କ ଠି ଶରଣ ପଶି ଆଜୀବନ ଆତ୍ମଜୀବନୀ ହିଁ ଲେଖୁଥାଏ ଆଉ ଏହା ଅତିନ୍ଦ୍ରିୟ, ଅପୂର୍ବ ଟିକକ କେବେ ଯେ ଧୋକା ଦେଇଦେବ ସେଇ ଆଶଙ୍କାରେ କହୁଥାଏ: "ମୋ ଉପରେ ଭର୍ସା ରଖିଥିବା ହେ ସତୀର୍ଥ ସହୋଦର / ଏ ପୃଥ୍ୱୀ ତମକୁ ଲାଗିଲା ।" (ବେଳ ଆସେ)


କବି ଅଜୟ ପ୍ରଧାନ ତାଙ୍କର 'ରକ୍ତ ଫୋଟକା' କବିତାରେ ଠାଏ କହିଛନ୍ତି 'ଆମର ଜମି ଆମର ନୁହେଁ ଯଦି ଆଉ କାହାର ?' ଏ ଅମୀମାଂସିତ ପ୍ରଶ୍ନର ଉତ୍ତର ଖୋଜି ଖୋଜି ଆମେ ପହଞ୍ଚିଲୁ କବି ଶ୍ରୀଦେବଙ୍କର 'ଚାଷବାସ' କବିତା ସଂକଳନର ପାଖରେ । କବି ଶ୍ରୀଦେବଙ୍କ ଠି ଜଣେ କବି ସହିତ, କବିତା, ସାହିତ୍ୟ, ନାଟ୍ୟକଳା, ସଂସ୍କୃତିର ଭାର ନେଇଥିବା ଜଣେ ସକ୍ରିୟ ସାହିତ୍ୟକର୍ମୀର ଛବି ରହିଛି । ଯେମିତି ଦୃଶ୍ୟକୁ ଶବ୍ଦରେ ବଦଳାଇବା ଅପେକ୍ଷା ଦୃଶ୍ୟ ସହ ଅଙ୍ଗାଅଙ୍ଗୀ ବଞ୍ଚିବାର କଳା ରହିଛି କବି ଶ୍ରୀଦେବଙ୍କ ଚେତନାରେ । ସମସାମୟିକ କବିତାରେ ଲୋକୋନ୍ମୁଖୀ କାବ୍ୟଚେତନାର ସ୍ୱରୂପକୁ ବେଶ୍ ଚିହ୍ନି ହୁଏ ତାଙ୍କ ରଚନାରୁ । ଜନ-ସମ୍ବେଦନାର ଜଟିଳ ଏବଂ କଠୋର ପଠାରେ କବିତାର ଉର୍ବର ପ୍ରଦେଶଟିଏ ତଲାସୁଥିବା ପାଠକଙ୍କୁ କବିତାର ଜାକଜମକ ସାମିଆନା ତଳୁ ଉଠି ଆସିବାକୁ ହେବ ଆଉ ପହଞ୍ଚିବାକୁ ହେବ ସେଇଠି, ଯେଉଁଠି ଫଟା ମାଟିକୁ ଚାହିଁ ମୁଣ୍ଡରେ ହାତ ଦେଇ ବସିଥିବ ମଣିଷ, କରଜ ସୁଝିବା ଆଗରୁ ଟିପଚିହ୍ନ ଦେଇ ସାରିଥିବ । "ଆଖିର ଆଲ ସରିଲାଣି / ଅନେଇ ଅନେଇ ଆକାଶକୁ / ଆମକୁ ଆଉ କିଛି ଜଣାନାହିଁ ଆଜ୍ଞା / ଠିପିଏ ବିଷରେ ପରା ହୁଏ / ଆମ ପରି ଚାଷୀଟିଏର ଜୀବନ ଛାରଖାର ।" (ଚାଷ)

ଚାଷୀଘର ପିଲାଟିଏ ନହେଲେ ଏତେ ଦରଦୀ ଓ ଶାଣିତ ବକ୍ତବ୍ୟ ଉତୁରିବନି ଶବ୍ଦରେ, କବିତାରେ । ସାହୁକାର ଆଉ ପାଣିପାଗର ପ୍ରହାର, ସରକାରଙ୍କର ବିଚିତ୍ର ନୀତି ନିଜ କାଙ୍ଗାଳପଣକୁ ରଫୁ କରିବାର ଅସଫଳ ପ୍ରଚେଷ୍ଟା ସବୁକିଛି ଜଳଜଳ ହୋଇ ଦିଶେ 'ଚାଷବାସ' କବିତା ସଂକଳନରେ । ପ୍ରଥମ ପଠନରେ ପାଠକ କଲବଲ ହେବ ନିଶ୍ଚୟ । ଦ୍ୱିତୀୟଥର ପଢ଼ିବା ବେଳକୁ ଭାବିବ ଯେ ଏତେ କମ୍ ଶବ୍ଦରେ ଏତେ ପୀଡ଼ା ଏତେ ଗଭୀରତା ପୁଣି ମୁକ୍ତି ଲାଗି ଛାତିଫଟା ନୀରବ ଡାକ କେମିତି ଭରିପାରିଲେ କବି । ଛାତି ଥରିଯାଏ, ଜକେଇ ଆସେ ଲୁହ ଯେବେ ପାଠକ ପଢ଼େ, "ଗୁର୍ଜୀ କହିଲେ / ନାଇଁରେ ବନମାଳୀ / ଘର ତ ଦେଲୁ / ତୋ ଟିର୍ଲା ଦେ / ଆଉ ଲକ୍ଷେ ନେ ।" (ବାସ)

ଧାନ ତ ଧାନ, ମୀନକୁ ନେଇ ବି ଶୋଷଣ । ଗରିବ ରେଖା ତଳେ ବଞ୍ଚୁଥିବା ମଣିଷ ପାଖରେ ସାରା ଜୀବନର ମୂଳଚାଲ । ତା ଫୁଙ୍ଗୁଳା ଦେହ, ତାର ସରଳତା, ତା ବିଶ୍ୱାସ, ତାର ଝାଳ-ଲୁହକୁ ନେଇ ବେପାର ଚାଲେ । ବିଚରା ସଳଖି ହେବା ବେଳକୁ ପୁଣି କେଉଁ ଅଦୃଶ୍ୟ କ୍ଷମତା ତାକୁ ଚାପି ପକାଏ । ସେ ଜାଣେନି କାହାକୁ ଦୋଷ ଦେବ, କାହା ଆଗରେ ଗୁହାରି ହେବ । ତାକୁ ଜଣାନାହିଁ ରକ୍ଷକ ହୋଇ ଆସିଥିବା ମଣିଷ ତା ପାଖରେ କେତେବେଳେ କେମିତି ଭକ୍ଷକ ପାଲଟିଯିବ । ଅନାବୃଷ୍ଟି ପଡ଼ିଲେ ସେ ତା ପିଲାକୁ ବଳିଦିଏ ଠାକୁରାଣୀ ପାଖରେ । ଏ ନୀତିନିୟମ, ଏ ସଂବିଧାନ, ଏ ନିଉଛଣିଆ ଜୀବନର ଅର୍ଥ କଣ ତାକୁ ଜଣାନାହିଁ । ଏସବୁ ସହିତ ପୁଣି ଆସିବ ଜାତି-ଅଜାତିର ବିଚାର: "କିଏ କଲା ଏ ନିୟମ / କଳା କଟକଟ ଅଛବମାନେ / ମାଛ ଧରିବେ ସମୁଦ୍ର ଭିତରେ / ଫେରିବେ ଯଦି / ମଲା ଦିହରେ / ମାସେ ଦି'ମାସ ପରେ କଫିନ୍

ଭିତରେ ।" (ପଟକ)

କବି ଶ୍ରୀଦେବଙ୍କ କବିତା ଆତ୍ମୀୟ ପରିବେଶରେ ବିସଂଗତିର, ପୀଡ଼ାର କଥା କହେ । ଏ କବିତା ସବୁ ଆପଣାର ମୂଳକୁ ଖୋଜି ହେଉଥିବା ମାଆ-ବାପା, ପୈତୃକ ପରଂପରା ଓ ଜୀବନର ଅନେକ ଅନ୍ତରଙ୍ଗ ଛବିର କଥା କହେ । ଗୋଟିଏ ଭରପୁର ସଂସାର ଓ ଏହାର ପୀଡ଼ା କବି ଶ୍ରୀଦେବଙ୍କର ରଚନାର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ । "ଘଂଟା ଘଂଟା ପୂଜା କଲା ମାଆ / ଠାକୁର କହି ପଥରକୁ / କେତେବେଳେ ଯାଇ / ମୋ ପେଟରେ ରହିଲା ପଥର / ପେଟ ଚିରା ହେଲାରୁ ବାହାରିଲା / ଛୋଟ ଛୋଟ ଅନେକ ଠାକୁର ।" (ମିଛ) ଈଶ୍ୱର ଯନ୍ତ୍ରଣା ଦିଅନ୍ତି କି ନାହିଁ ସେ ଅଲଗା କଥା, ହେଲେ ଈଶ୍ୱର ଯନ୍ତ୍ରଣା କଦାପି କାଢ଼ି ନିଅନ୍ତିନି, ଏମିତି ଭାବନ୍ତି କବି ।






ଦାରିଦ୍ର୍ୟ ଓ ଦୈନ୍ୟ କବିଙ୍କୁ ବ୍ୟାକୁଳ କରେଇଛି । ଏ ନେଇ କବିତାରେ ତାଙ୍କର ଯୁକ୍ତି ଅକାଟ୍ୟ । ସବୁ ଭାଷଣ, ଉପଦେଶ, ଯୋଜନା ପ୍ରଚାର ପରେ ସତଟି ହେଉଛି "ଥିଲେ ତ କିଛି ହାଣ୍ଡିରେ ଫୁଟିବ ଭାତ / ଭୋକ ମରି / ପୂରିବ ପେଟ / ବାରମାସ ।" ଇଂରାଜୀ କବି ଥୋମାସ୍ ଗ୍ରେଙ୍କର ଉକ୍ତିଟିଏ ମନେପଡେ: "Poetry is thoughts that breathe and words that burn." ଜୀବନ୍ତ ଚେତନାର ଜ୍ୱଳନ୍ତ ଶବ୍ଦ ସବୁକୁ ଭେଟିବାର ଅଛି ତ 'ଚାଷବାସ' ପାଖରେ ପହଞ୍ଚିବାକୁ ହେବ । ଯେମିତି 'ଦୌଡ଼' କବିତାରେ ଆହ୍ୱାନ ଦିଅନ୍ତି କବି ସମୁଦାୟ ମାନବଜାତି, ସଭ୍ୟ ଶିକ୍ଷିତବର୍ଗ, କବି, ଶିଳ୍ପୀ, ଚିତ୍ରକର, ଚିନ୍ତକ, ନାୟକ ସଭିଙ୍କୁ ଦୌଡ଼ିବାକୁ । ଦୌଡ଼ିବାକୁ ଗୋଟିଏ ଦୁର୍ଯୋଗ, ସ୍ଥାଣୁତା, ଅନ୍ୟାୟ ଓ ଆତଙ୍କ ପାଖରୁ । କବିଙ୍କ ଭାଷାରେ: "ଗୋଟିଏ ଯୌନ ବ୍ୟଭିଚାରୀ କମ୍ପାନୀର / ହିଲ୍‌ଟପ୍ ଫାଇରିଂରୁ ବଂଚିବା ପାଇଁ ଦୌଡ଼ / ଦଳେ ନକ୍ସଲଙ୍କ ଘେରାବନ୍ଦୀରୁ ବଂଚିବା ପାଇଁ ଦୌଡ଼ / ଦଳେ ଟେରୋରିଷ୍ଟଙ୍କ ଆତ୍ମଘାତୀ / ବୋମା ଫୁଟେଇବା ପୂର୍ବରୁ ଦୌଡ଼ / ବର୍ଣ୍ଣ-ଧର୍ମ, ଅର୍ଥ-ସ୍ୱାର୍ଥ-ବୈଷମ୍ୟର / ଗୁଳି ବାଜିବା ଆଗରୁ ଦୌଡ଼ । ଏ ଦୌଡ଼ ପଛରେ ଅଛି ମୁକ୍ତିର ଆହ୍ୱାନ । ହେଲେ ଇତର ଭଳି ବଞ୍ଚୁଥିବା ମଣିଷଟି "ଗ୍ରାଉଣ୍ଡ୍ ଜିରୋ / ରାଜଧାନୀର / କନ୍ନଟ୍‌ପ୍ଲେସ୍, ଜନ୍ତରମନ୍ତର / ପହଞ୍ଚିବା ବେଳକୁ / ପାଦର ବିଣ୍ଡି ଫାଟି ଝରୁଥାଏ ରକ୍ତ ।" (ଫାଶ)

ମାଟି ମଣିଷର ମର୍ମଭେଦୀ କାନ୍ଦଟିଏ ଅଛି ସାରା ବହିରେ, ଅଧିକାଂଶ କବିତାରେ । ଗୋଟିଏ ଭୟାନକ ଛଳନା ଉପରେ ଲାଖିଥାଏ ଚାରୁପୁଟ । "ପଚାରୁଥାନ୍ତି ସାଆନ୍ତେ / ବନମାଳୀକିରେ / ଆଉ ଭଲ ତ !" ମୁଣ୍ଡଝାଳ ତୁଣ୍ଡରେ ମାରି ମାଟି ସହ ମାଟି ହୋଇ ଶସ୍ୟ ଫଳଉଥିବା ବନମାଳୀମାନେ ଜାଣନ୍ତି କେବେବି କୌଣସି ମୁହୂର୍ତ୍ତରେ ସବୁକିଛି କୋରଖ ହେଇଯିବ । ଛାତିରୁ କଲିଜା ଓଟାରି ନେବା ଭଳି ଛଡ଼େଇ ନିଆଯିବ ଯାହା କିଛି ତା'ର ପ୍ରିୟ ଆଉ ତା'ର ସମ୍ବଳ । "ଚୌକିଆ ଲଗାଇଲା ନଟକା / ଭେଡ଼ା ତାଟିରେ / ନୋଟିସ୍ ଲଗାଇଲା ମୋ ଗୌରୀକୁ / ଯିବା ପାଇଁ ପାଇଟି କରିବାକୁ । (ନେତା)

ଓଡ଼ିଶା କହିଲେ କ୍ଷେତ ଆଉ ଶ୍ରୀମନ୍ଦିରର ନେତ । ସବୁ ବିକ୍ରି ସରିଛି । ସମସ୍ତେ ଜାଣି ବି ଅଜଣା । ଅନ୍ୟାୟକୁ ସହିବା ତ ଅସହାୟ ନାଚାର ମଣିଷର ଭାଗ୍ୟ । ହେଲେ ଯାହା ହାତରେ କ୍ଷମତା, ଯାହା ହାତରେ ଦସ୍ତଖତର ଶକ୍ତି, ଯିଏ ହାତ ମୁଠେଇ ପାରନ୍ତେ, ପରିବର୍ତ୍ତନ ଆଣି ପାରନ୍ତେ, ସବୁ ହଁ ଲାଗି ଦିନେ ଗୋଟେ 'ନା' କରି ପାରନ୍ତେ ସେମାନେ ସମସ୍ତେ ନୀରବ । ଅଭିମାନରେ ହାତ ଟେକି ଦେଉଛି ଚାଷୀ: "ନିଅ / ନବ କିଏ ନିଅ କ୍ଷେତ / ଶସ୍ୟଶୂନ୍ୟ ପଡ଼ିଛି କିଆରି / ଯେଉଁଠି / ନପୁଂସକ ଜମିବାଡ଼ି / ବିକ୍ରି ଅଛି ହୃତ୍‌ପିଣ୍ଡ ଓ / ପୁରୀର ଫର୍‌ଫର୍ ନେତ । (ବିକା)


ସଂପୂର୍ଣ୍ଣ ସଂକଳନଟିରେ ଅଛି ହୃଦୟବିଦାରକ ଡାକ, ପାଠକକୁ ହଲଚଲ କଲା ଭଳି କାନ୍ଦ ଓ ପ୍ରଚଣ୍ଡ ଛାତିଥରା କ୍ଷୋଭ । ଦେ-ଦେ କହୁଥିବା ସାହୁକାରଙ୍କ ଲାଗି ଯେଉଁ ଶେଷପଦକ ଓଗାଳିଛନ୍ତି କବି ସେ ହେଉଛି- "ଯଦିଓ ଶେଷ ଦସ୍ତଖତରେ କିଏ କେଜାଣେ / ଲେଖି ଦେଇଥିଲା କ୍ୟାମେରା ଲେନ୍ସରେ / ଆମ ହଳ ଆମ ମଳ / ଆମ ମୁର୍ଦ୍ଦାର କି ମୁଫତ୍ / ଶଳା ସର୍କାର ।" (ମଳ)

କବି ଶ୍ରୀଦେବଙ୍କର 'ଚାଷବାସ' ପାଖରୁ ଲେଉଟିବା ବେଳେ ଭେଟ ହୁଏ କବି **ସଂଜିତ ବଳ**ଙ୍କର 'ଆହା' କବିତା ସଂକଳନ ସହିତ । ୧୯୯୭ ମସିହାରେ ପ୍ରକାଶିତ ତାଙ୍କର ପ୍ରଥମ କବିତା ସଂକଳନ 'କବିତାରେ କଥାବାର୍ତ୍ତା' ଠାରୁ ସଦ୍ୟ ପ୍ରକାଶିତ 'ଆହା' ଭିତରେ ସମୁଦାୟ ଆଠଟି କବିତା ସଂକଳନର ସ୍ରଷ୍ଟା ସଂଜିତ୍ କୁମାର ବଳ । 'ଆହା' କବିତା ସଂକଳନ ମୂଳତଃ ଗୋଟିଏ ଖୋଜିବା, ପାଇବା ଓ ହରେଇବାର ଲୁଚକାଳି ଖେଳ । ପାଠକେ ଗୋଟିଏ ଛାଇ ଛାଇକା ଜହ୍ନ ଆଲୁଅରେ ହଜିବେ ପୁଣି ନିଜକୁ ଖୋଜିହେବେ, ଯେମିତି ଖୋଜି ହେଉଛନ୍ତି କବି ନିଜର ଅସ୍ତିତ୍ୱ ଓ କାବ୍ୟପୁରୁଷକୁ । କବିତା ପାଇଁ କବିତା ଲେଖା ଯାଇପାରେ କେମିତି ତାହା ଦର୍ଶାଏ 'ଆହା' ସଂକଳନ, ଯଦିଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ବହୁ ଘଟଣା ଓ ଦୁର୍ଘଟଣା ବି ତାଙ୍କ ଶବ୍ଦକୁ ମାଗି ନେଇଛନ୍ତି ।

ଏକାନ୍ତରେ କବିଟିଏ ନିଜେ ନିଜକୁ ପଚାରିଥିବ ଏ ପ୍ରଶ୍ନ ଏକାଧିକ ବାର ଯେ ସେ ଏମିତି କାହିଁକି । କାହିଁକି ଅନ୍ୟ ସଭିଙ୍କ ଭଳି ମାର୍ଚ୍ଚିଙ୍ଗ୍ କରି ଚାଲି ଯାଇପାରୁନି ସବୁ ଅନ୍ୟାୟ ଓ ବିସଂଗତି ଉପରେ । ଆଖପାଖର ସବୁ ପୀଡ଼ାଦାୟୀ ଦୃଶ୍ୟକୁ କାହିଁକି ସାଇତି ରଖୁଛି ମନ ଦର୍ପଣରେ । କାହିଁକି ପୁଣି ଖାଜି ଦେଉଛି ସେଇ ଆଘାତ, ସେଇ ପୀଡ଼ା, ଯାହା ଆଉ କାହାର ହୋଇ ବି କେବେଠୁ ନିଜର ହୋଇ ସାରିଛି । କବିଙ୍କ ଭାଷାରେ: "ବେଳେବେଳେ ଭାବେ / ତୁମେ ମୋତେ କାହିଁକି ଗଢ଼ିଲ ? / ଯଦିବା ଗଢ଼ିଲ ମୁଁ ଭାଙ୍ଗିଯିବା ଆଗରୁ / କାହିଁକି ଭାଙ୍ଗିଗଲ / ଯଦିବା ଭାଙ୍ଗିଗଲ / ତୁମ ଟୁକୁଡ଼ା ସବୁକୁ / ମୋ ଠୁଁ ଲୁଚେଇ ରଖିବାକୁ / କେମିତି ଭାବି ପାରିଲ ?" (ଦର୍ପଣ)

ନିଜକୁ ବୁଝେଇ ପାରେନା ବୋଲି ତ କବି ଲେଖି ଚାଲିଥାଏ । ତା'ର ସାରାଜୀବନର କବିତା ଗୋଟିଏ ସୁଦୀର୍ଘ ଆତ୍ମଜୀବନୀ କେବଳ । କିଏ ଜାଣିଲା- ନା ମଣିଷ, ନା ସହୃଦ୍ ନା ପାଣି-ପବନ-ପରିବେଶ ନା ତା ନିଜର କର୍ମ-ଭାଗ୍ୟ

ଯେ ସେ କି ପୀଡ଼ା ଭୋଗୁଥିଲା, କି ବୋଝ ବୋହିଥିଲା, କେବେ କାହାକୁ କହିଥିଲା ଟିକେ ରୁହ, ଟିକେ ଚାହଁ ମୋତେ, ମୁଁ ତୁମ ଭଳି ଏତେ କଠୋର ଏତେ ହୃଦୟହୀନ ନୁହେଁ । 'ବାସ୍ନା' କବିତାରେ କବି ସଂଜିତ କୁମାର ବଳ କହନ୍ତି: "ଏତେ ନିର୍ଦ୍ଦୟ ହ ନାରେ ଖରା / ମୁଁ କାହାକୁ ଚିହ୍ନାଇବି / କେମିତି ଯେ ତୁମେ ହିଁ / ଶ୍ରେଷ୍ଠ କାରିଗର ଝାଳବୁନ୍ଦାରେ / ଚିତ୍ରିତ ଅବସୋସର ।" ସାରା ଜୀବନ ଧରିଥିବା ଭିକ୍ଷାଥାଳ ଭଳି ଟେକା ଯାଇଥିବା କବି ଅନ୍ତରର ଆକୁଳପଣ ଲାଗି କାହାର ନିଘା ନାହିଁ । ସେ ଥାଳିରେ କେତେ କଣ ପଡ଼େ । ବେଶି ବିଫଳତା ବେଶି ପୀଡ଼ା ବେଶି ଅପମାନ ଆଉ ଅପ୍ରେମ । ସେସବୁ ତ ସେ ଫେରାଏନି । ଫେରାଏ କବିତା କରି ଅନ୍ୟର ପଞ୍ଜରା ହାଡ଼କୁ ଛୁଇଁବା ଭଳି ଶବ୍ଦରେ କେଉଁ ଲୁକ୍କାୟିତ ମାର୍ମିକ ଧ୍ୱନିରେ, କେଉଁ ଅଦୃଶ୍ୟପ୍ରାୟ କୋମଳ ସ୍ପର୍ଶରେ । କବି କହେ: "କିଏ ଧରେଇଲା ଥାଳ ମୋ / ଫାଙ୍କା ହାତ ଦେଖି ଓ କହିଲା / ପୂର୍ଣ୍ଣ କର / କରୁଣାରେ କରୁଣ ଦୃଶ୍ୟରେ / ମୃତ ଲୁହରେ ନା ଜୀବନ୍ତ କ୍ଷେତରେ ।" (ଅଭୀଷ୍ଟ)







ସଂକଳନରେ 'କାଶ୍ମୀର' କବିତାର ବଳିଷ୍ଠ ସ୍ୱର ନିଶ୍ଚିତ ଭାବରେ ପାଠକକୁ ଆନ୍ଦୋଳିତ କରିବ । ଯେତେବେଳେ କବି କହନ୍ତି: "କେହି ହେଲେ ତ ବୁଝ / ସୀମାନ୍ତରୁ ସରହଦ / ଘୂରି ବୁଲୁଥିବା ଶରଣାର୍ଥୀର / ମୁଁ ଯେ ରୁଟି ଖଣ୍ଡିକ । (କାଶ୍ମୀର) 'କାଶ୍ମୀର ଫାଇଲସ୍' ଚଳଚ୍ଚିତ୍ର ଏବେ ଦେଶକୁ ବ୍ୟତିବ୍ୟସ୍ତ କରି ରଖିଥିବା ବେଳେ କବିଙ୍କର 'କାଶ୍ମୀର' ଯେମିତି ଗୋଟେ ଆଶ୍ୱାସନା ଦେଉଛି । "ମୋ ଭିତରେ ନିରାପଦ ଜାଗା / ଖୋଜିଛି ଅନେକଥର / ଯିଏ ବି ପଚାରିଛି / କହିଛି ଅପେକ୍ଷା କର / ଏକାପରି ଶୁଭିବା ଯାଏ / ସମୂହ ନମାଜ୍ ପାଠ ଓ / ସମବେତ ପ୍ରାର୍ଥନାର ସ୍ୱର ।" (କାଶ୍ମୀର) ଏ ମୁହୂର୍ତ୍ତଟି କେବେ ଆସିବ ତା'ର ଖୋଜଖବର ହୁଏତ କବିଙ୍କ ପାଖରେ ନାହିଁ । କିନ୍ତୁ ଅଛି ଗୋଟିଏ ସୁଦୀର୍ଘ ଅପେକ୍ଷା ଆଉ ବଳିଷ୍ଠ ଆଶା । ଯେମିତି ଗୁଡ଼ାଏ ନୀରବତାକୁ ନେଇ ଗଢ଼ା ହୁଏ ଗୋଟିଏ ସ୍ୱର ଆଉ ସ୍ୱରର ରିଆଜରୁ ଉତୁରି ଆସେ ମଧୁର ଗୁଂଜନ, କବିର ସାଧନା ସେମିତି ଜାରି ରହିଥାଏ । ସବୁବେଳେ ଗୋଟେ ଅଟଳ ସମ୍ଭାବନାକୁ ଆଶ୍ରା କରି ସେ ବାଟ ଚାଲେ । ଝୁଣ୍ଟିବାର ଭୟ ଥାଇ ବି ସେ ଅଟକିଯାଏ ନାହିଁ । କାରଣ ନିଜର ଅସ୍ମିତାରେ ବିଶ୍ୱାସ ରଖିଥାଏ । କବି ଜାଣିଥାଏ ଯେ ସେ ହାରୁ ହାରୁ ଦିନେ ଜିତିଯିବ । ପୃଥିବୀର ଶ୍ରେଷ୍ଠ କବିତାଟି ଦିନେ ତାର କଲମରୁ ଫୁଟି ଉଠିବ, ଆଉ ସେ ଆଶ୍ୱାସନାର ଦୀର୍ଘଶ୍ୱାସଟେ ଟାଣି କହିବ 'ଆହା' । "ମୋର ତ ପାଦ ଖସିଯାଏ ସବୁବେଳେ / ଭୂଇଁରେ ପଡ଼ି ଫାଟିଯିବା ଆଗରୁ / ମୋ ସ୍ୱପ୍ନକୁ ମାଟି ଟେକି ଧରେ / ବୁଝି ପାରେ, ବେଳେବେଳେ / ତଣ୍ଟିରେ ଲାଖିଥିବା ପାଣି / କାହିଁକି ପଚାରେ / ମନେ ପକାଉଛି 'କେହି ଜଣେ ?' ।" (ଶିଉଳି)


ସଂଜିତ କୁମାର ବଳଙ୍କର କବିତାରେ ଏକ ବିଚିତ୍ର ବିରୋଧାଭାସୀ ମନଃସ୍ଥିତିର ଝଲକ ଦେଖିବାକୁ ମିଳେ । ସେଠି ଚଞ୍ଚଳତା ଏବଂ ନିସ୍ତବ୍ଧତା, ଗମ୍ଭୀରତା ଓ ମୃଦୁଳତା, ସାମାଜିକତା ଓ ନିଜତା ଏବଂ ଭାବୁକତା ଓ ତଟସ୍ଥତା ଏକ ସମୟରେ ପ୍ରକାଶିତ ହୋଇଥାଏ । ଏହି କାରଣରୁ ହଠାତ୍ ତାଙ୍କ କବିତାର ମଞ୍ଜି ପର୍ଯ୍ୟନ୍ତ ପହଞ୍ଚିବା ପାଠକ ଲାଗି ସାମାନ୍ୟ କଷ୍ଟକର ମନେ ହୋଇପାରେ । ହେଲେ ତାଙ୍କର ବିମ୍ବ ପ୍ରୟୋଗ ଏବଂ ଚିତ୍ରମୟତା କବିତାକୁ ଭିନ୍ନ ଏକ ମାନ୍ୟତା ଦେଇଥାଏ । ଯେମିତି ଠାଏ କବି କହନ୍ତି, "ଦୁଇ ଶବ୍ଦଙ୍କ ମିଳନ ବେଳେ / ଗପଗଛ ଦିଶେ ମୋ ଜେଜେଙ୍କ ଭଳି / ହୁଁ ସବୁ ଆମେ ବସିପଡୁ ଶବ୍ଦ ହୋଇ ।" (ଗପଗଛ) ପୁଣି ଅନ୍ୟଠି କହନ୍ତି: "ସେ ବୋଧେ ଜାଣିଛି / ପବନର ଛାତ ଉପରେ ମୁଁ / କେମିତି କାକର ମଂଜି ଶୁଖାଏ / ବୁଣିବାକୁ ଗଜାମରୁଡ଼ି ସମୟରେ ।" (ନବାନ୍ନ)

ତେବେ ଗୋଟିଏ କଥା ନିଶ୍ଚିତ ଯେ ଏକ ଭୟଙ୍କର ଅବସୋସରୁ ଜନ୍ମ ତାଙ୍କର କବିତା । ସଂକଳନର ପ୍ରତିଟି କବିତାରେ ଅଛି ସେହି ନପାଇବା ପଣର ଆର୍ତ୍ତି । କିନ୍ତୁ ସେହି ଅଭାବବୋଧକୁ ସେ ପାଳିଛନ୍ତି ଯତ୍ନରେ । ସେଇଥିରୁ ମିଳିବ ବୋଲି ମାର୍ଗ କବିତାର ସୁରମ୍ୟ ମହଲରେ ପହଞ୍ଚିବାକୁ । ଫରାସୀ କବି ଜିନ୍ କୋକ୍ୟୁଙ୍କ ଭାଷାରେ: "The Poet is a liar, who always speaks the truth." କବି ମିଥ୍ୟାବାଦୀ, ଯିଏ ସର୍ବଦା ସତ୍ୟ ହିଁ କହୁଥାଏ । ମିଥ୍ୟାବାଦୀ ଏଇଥିପାଇଁ ଯେ ସତ୍ୟର ତୀବ୍ର ଯନ୍ତ୍ରଣାକୁ ସେ ପ୍ରକାଶ କରେନି । ସ୍ୱାଭାବିକ ବଞ୍ଚିବା ଭିତରେ ଅକଥନୀୟ ଯାତନା ସହୁଥାଏ ଗୋପନରେ । ସେଥିପାଇଁ ତ କହୁଥାଏ: "ମୋର ସବୁଠୁ ବଡ଼ ଖୁସିକୁ / ରଖି ଦେଇଛି ପଞ୍ଜୁରୀରେ / ଛୋଟ ଛୋଟ ଦୁଃଖର ଦାନା / ତାକୁ ପରଷି ଦେବା ବେଳେ ।" (ମାୟାଧୂଳି) ବାସ୍ତବିକତାର ଚିତ୍ର ଆଙ୍କନ୍ତି କବି ସଂଜିତ୍ ବଳ । ସେଠି କଳ୍ପନା ଅପେକ୍ଷା ଅଧିକ କାରୁଣ୍ୟ, ଦାମ୍ଭିକତା ଠାରୁ ଅଧିକ ଥାଏ ଦାବି ଆଉ ଯାତନା ଠାରୁ ଅଧିକ ଥାଏ ଯଥାର୍ଥ । କବି ସେଲାଗି କହନ୍ତି: "ବହୁ କଷ୍ଟରେ ସଂଚିଥିଲି / ହସର ବିହନ ମୁଠାକ / ମାଟି କହିଲା ମୁଁ / ଲୁହ ଫଳାଏ ବେଶି ଭାଗ ।" (ହସ)

ନିଶ୍ଚିତ ଭାବରେ କୁହାଯାଇପାରେ ଆଲୋଚ୍ୟ ତିନି ସଂକଳନରେ ଅଛି ଏକ ଗୋପନ ପ୍ରଶ୍ନାକୁଳତା, ସଂବେଦନାର ଏକ ସିକ୍ତ ପ୍ରାନ୍ତର । ତିନୋଟିଯାକ ସଂକଳନରେ କବିତାମାନେ ଶାବ୍ଦିକ ସାଧାରଣତା ଭିତରେ ଅର୍ଥର ସମୃଦ୍ଧିକୁ ଦର୍ଶେଇଛନ୍ତି । ଦୁନିଆ ସେମିତି ଅଛି ଯେମିତି କାଲି ଥିଲା (ହୁଏତ ଆଉଟିକିଏ କାଙ୍ଗାଳ ଦିଶିଥାଇ ପାରେ) ସେଇ ପୃଥିବୀ, ସେଇ ଶୋଷଣ, ସେଇ ଅଶାନ୍ତି, ସେଇ ସମୃଦ୍ଧି ସେଇ ଅପୂର୍ଣ୍ଣତା । ହେଲେ ଏସବୁ ପଛରେ କିଛି ଗୋଟେ ଅଛି ଯିଏ ନିରନ୍ତର ବିଦ୍ରୋହ କରୁଛି, ବସ୍ତୁ ଓ ମଣିଷକୁ କିଛି ଅଲଗା ଭାବରେ ଦେଖୁଛି । ବହୁ ସୂକ୍ଷ୍ମ ଅନୁଭବ ଏ କବିତାମାନଙ୍କରେ, ଯାହା ପାଠକକୁ ଠାଏ ବିଚଳିତ ତ ଠାଏ ପ୍ରଶମିତ ଏବଂ କେଉଁଠି ଗଭୀର ବିରାଗ ଭିତରକୁ ଟାଣିନିଏ । କବିତାମାନେ ଗୋଟେ ମୁଲାଏମ ଜୀବନ ପାଇଁ ଜାଗା ଖୋଜୁଛନ୍ତି ଯେମିତି ଆଉ ମାନବୀୟ ସମ୍ବେଦନାକୁ ଅଭିନନ୍ଦିତ କରିଛନ୍ତି । କବିତାମାନଙ୍କ ଭିତରେ ଲୁଚିଥିବା ବ୍ୟାକୁଳତା, ପୁଣିଥରେ ଆମକୁ ଆମର କ୍ରୁରତା ଓ ବିଧ୍ୱଂସ ବିରୁଦ୍ଧରେ ସୃଜନ ସମ୍ବେଦନଶୀଳ ଅଭିବ୍ୟକ୍ତିମାନଙ୍କ ପାଖକୁ ନେଇ ଯାଉଛି । ସଂକଳନ ତ୍ରୟ ପାଠକପ୍ରିୟ ହେବ ନିଶ୍ଚିତ ।



ସାବଧାନ ! ସାବଧାନ !! ସାବଧାନ !!!
ରେଳପଥ ନିଯୁକ୍ତି
ଦଲାଲ / ଠକମାନଙ୍କ ପ୍ରତି
ସତର୍କ ରୁହନ୍ତୁ
ସାର୍ବଜନିକ ବିଜ୍ଞପ୍ତି
ସତର୍କ ରୁହନ୍ତୁ !
ମନେରଖନ୍ତୁ !
ରେଳପଥରେ ନିଯୁକ୍ତି ପାଇଁ କୌଣସି ବେଆଇନ୍ ମାର୍ଗ ଆପଣାନ୍ତୁ ନାହିଁ
କେବଳ ଯୋଗ୍ୟତା (Merit) ହିଁ ଆପଣଙ୍କୁ ରେଳପଥରେ ଚାକିରି ଦେଇପାରିବ ।
ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶୃତି ଦେଉଥିବା ଠକ ମାନଙ୍କ ପ୍ରତି ସତର୍କ ରୁହନ୍ତୁ ।
ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି ।
ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ ।
ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ ଭୋଗିବାକୁ ପଡ଼ିପାରେ ।
ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ :
www.rrbbs.gov.in | www.rrcbbs.org.in
ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶୃତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ ।
ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : sdgm@ecor.railnet.gov.in
ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017.
ଇ-ମେଲ୍ : cpro@ecor.railnet.gov.in
ହେଲ୍ପଲାଇନ୍ ନଂ. 8455885031
ଟେଲିଫୋନ ନଂ. 0674-2300230
0674-2301475
ଫାକ୍ସ ନଂ. 0674-2301328
INDIAN RAILWAYS
ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ
ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ ସାମାଜିକ ଗଣମାଧମ ବ୍ୟବହାର କରିପାରିବେ :
www.twitter/@EastCoastRail
www.facebook/@EASTCOASTRailway1




# ରମ୍ୟ ରମାରମଣ

# ମୋ ବାପା :
# ରଣଜୟୀ ରମାରମଣ

**ଡକ୍ତର ସିଦ୍ଧାର୍ଥ ଷଡ଼ଙ୍ଗୀ**
ଏମ୍‌ବିବିଏସ୍, ଏମ୍‌ଡ଼ି, ଏମ୍‌ସିଏଚ୍,
କାର୍ଡ଼ିଓ ଭସ୍କୁଲାର୍ ଓ ହାର୍ଟ ସର୍ଜନ, ଆମେରିକା

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ ଅଙ୍କନ: ସଂଜୟ ରାଉଳ

**ପିତାପୁତ୍ରର ସମ୍ପର୍କ ଏକ ଆବେଗାଶ୍ରିତ ବିରଳ ସମ୍ପର୍କ । ଯାହାକୁ ସଂଜ୍ଞାୟିତ କରିବା ଦୂରୁହ । ଏ କେବଳ ଅନୁଭବର ଏକ ଶିହରଣ । ଜଣେ ଅପରର ପରିପୂରକ । ରେବତୀ ଏହି ସମ୍ପର୍କକୁ ଧରି ରଖିବା ପାଇଁ ‘ମୋ ବାପା’ ଶୀର୍ଷକ ଏକ ବିଭାଗ ପ୍ରକାଶ କରିଥାଏ । ଏଥର ଡାକ୍ତର ସିଦ୍ଧାର୍ଥ ତାଙ୍କ ବାପା ଡାକ୍ତର ରମାରମଣଙ୍କ ସମ୍ପର୍କରେ ନିଜର ଅନୁଭବ ବଖାଣିଛନ୍ତି ।**





▲ ଡାକ୍ତର ସିଦ୍ଧାର୍ଥ ଷଡ଼ଙ୍ଗୀ

ଶହ ଶହ ଶବ୍ଦ ଭିତରେ ବାରି ହୋଇ ପଡୁଥିବା ଅନନ୍ୟ ଶବ୍ଦଟିଏ ବାପା, ଲକ୍ଷେ ମଣିଷ ଭିତରୁ ଅଲଗା ଦିଶୁଥିବା ଅବର୍ଣ୍ଣନୀୟ ମଣିଷଟିଏ ବାପା ଏବଂ ସହସ୍ର ସଂପର୍କ ଭିତରୁ ଉଜ୍ଜ୍ୱଳ ଦିଶୁଥିବା ଅତୁଳନୀୟ ସଂପର୍କଟିଏ ବାପା, ଯିଏ ମୋର ଶରୀରର ପ୍ରତିଟି ଜୀବକୋଷରେ, ହୃଦୟର ଅସୁମାରି ରକ୍ତକୋଷରେ ଏବଂ ଦେହର ଅସଂଖ୍ୟ ସ୍ନାୟୁ କୋଷରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଅକ୍ଷର ପରେ ଅକ୍ଷର ଯୋଡି ଦେଲେ ବି ଶବ୍ଦ ପରେ ଶବ୍ଦ ଖଞ୍ଜି ଦେଲେ ବି,  ବାକ୍ୟ ପରେ ବାକ୍ୟ ତିଆରି କରିଦେଲେ ବି ନିଅଣ୍ଟ ପଡିବ ବାପାଙ୍କର ସଂଜ୍ଞା । ସେଥିପାଇଁ କବିଙ୍କ ଭାଷାରେ, ‘ଆକାଶ ଠୁଁ ବଡ ପିତା ମାତା ବଡ ପୃଥିବୀ ଅପେକ୍ଷା ।’

ମା’ମାନଙ୍କୁ ସବୁବେଳେ ପୃଥିବୀ ସହ ତୁଳନା କରାଯାଇଥାଏ କାରଣ  ଧରିତ୍ରୀ ଭଳି ସେ ସର୍ବଂସହା । ମାଆ-ମାଟିରୁ ଆକାଶ ଯାଏଁ ଲମ୍ବିଥାଏ ତା’ର ପଣତକାନି, ଏବଂ ସନ୍ତାନମାନଙ୍କୁ ଏକ ରକ୍ଷା କବଚ ଭଳି ସେଇ ପଣତକାନି ଆବୋରି ରଖିଥାଏ । ମା’ମାନେ ସନ୍ତାନମାନଙ୍କର ପ୍ରତ୍ୟକ୍ଷ ଭାବରେ ଯତ୍ନ ନେଇଥାନ୍ତି ଏବଂ ଜୀବନ ରଙ୍ଗମଞ୍ଚରେ ମୁଖ୍ୟ ଭୂମିକାରେ ଅଭିନୟ କରିଥାନ୍ତି, କିନ୍ତୁ ଯେଉଁମାନେ ନେପଥ୍ୟରେ ରହି ଜୀବନ ନାଟକର ସମସ୍ତ ସୁମଧୁର ସଂଳାପ ଲେଖିଥାନ୍ତି, ସବୁ ଅଧ୍ୟାୟର ଅଭିନୟ ବେଳେ  କେବଳ ମଞ୍ଚ ଭିତରୁ ହିଁ ଦିଗ୍‌ଦର୍ଶନ ଦେଇଥାନ୍ତି ଏବଂ ନାଟକର ପ୍ରଥମ ଅଙ୍କରୁ ଶେଷ ଅଙ୍କ ଯାଏ ଏମିତିକି ପରଦା ପଡି ସାରିଲା ପରେ ମଧ୍ୟ ସବୁ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ପରୋକ୍ଷରେ ସୁରକ୍ଷା ପ୍ରଦାନ କରିଥାନ୍ତି, ସେ ହିଁ ବାପା ।

ଗୋଟିଏ  ଦମ୍ଭର ନାଁ ହେଉଛି ବାପା, ଯିଏ ସନ୍ତାନର ପଛପଟେ ସ୍ତମ୍ଭଟିଏ ପରି ଠିଆ ହୋଇ ତା’ର ସବୁ ଦୁଃଖ କ୍ଳେଶ ଓ ଯନ୍ତ୍ରଣାକୁ ଆଦରରେ ଆଉଜାଇ ନିଅନ୍ତି । ବାପା ଗୋଟିଏ ଅହଂକାରର ନାଁ ଯାହାଙ୍କର ଯଶ ନେଇ ସନ୍ତାନଟିଏ ଗର୍ବ କରେ, ବାପା ଗୋଟିଏ ଆଶ୍ରାର ନାଁ, ଏକ ସୁରକ୍ଷିତ ସ୍ଥାନର ନାଁ, ଯିଏ ଖରା ବର୍ଷା ଶୀତର ପ୍ରକୋପରୁ ସନ୍ତାନମାନଙ୍କୁ ସୁରକ୍ଷା ଦେଇଥାନ୍ତି ।

ବାପା ହିଁ ପିଲାମାନଙ୍କୁ ହାତ ଧରି ବାଟ ଚଲାଇଥାନ୍ତି, ଦୁର୍ଗମ ରାସ୍ତାରେ ଗଲାବେଳେ



ପାଦ ଖସିଗଲେ ନିଜକୁ ବିଛାଇ ଦିଅନ୍ତି ପିଲାଙ୍କ ପାଦ ତଳେ ଏକ କୋମଳ ଗାଲିଚା ଭଳି, ସେମାନଙ୍କ ପାଦରେ କଣ୍ଟା ଫୁଟି ରକ୍ତରେ ଭିଜିଯିବା ଆଗରୁ ନିଜକୁ ଗୋଲାପ ଫୁଲର ପାଖୁଡା ଭଳି ସଜାଇ ଦିଅନ୍ତି ତାର ଚଲା ରାସ୍ତାରେ । ବାପା ହେଉଛନ୍ତି ଘରର ଏବଂ ପରିବାରର ଏକ ଅପରିସୀମ ଅସ୍ତିତ୍ୱ ।

ମୋ ବାପା ଡାକ୍ତର ରମାରମଣ ଷଡଙ୍ଗୀ ଗୋଟିଏ ବିରଳ ବ୍ୟକ୍ତିତ୍ୱ । ସ୍ୱାଭିମାନ ଓ ସ୍ୱାଧୀକାରର ଏକ ସୁଦୃଢ ସମ୍ମିଶ୍ରଣ । ତାଙ୍କ ରକ୍ତରେ ଅନବରତ ବହମାନ ହେଉଥାଏ ସକାରାତ୍ମକ ଚିନ୍ତାଧାରା, ଏକ ସ୍ନିଗ୍ଧ ସ୍ରୋତସ୍ୱିନୀ ନଈଟିଏ ହୋଇ । ବଳିଷ୍ଠ ଉପସ୍ଥାପନା, ବଳିଷ୍ଠ ବାକ୍ୟ, ବଳିଷ୍ଠ ବ୍ୟକ୍ତିତ୍ୱର ଏକ ବୃହତ ବୃକ୍ଷ ହେଉଛନ୍ତି ବାପା । ମନରେ ଅସୀମ ଆକାଶକୁ ଛୁଇଁବାର ଇଚ୍ଛା ଏବଂ ହୃଦୟରେ ବହୁ ଉଚ୍ଚକୁ ଉଡିଯିବାର ଇଚ୍ଛା ତାଙ୍କର, ତେବେ ସ୍ୱପ୍ନବିଳାସୀ କବି ଭଳି ନୁହେଁ, ଏକ ବୃହତ ଚେତନା, ବୃହତ ସ୍ୱପ୍ନକୁ ସତ୍ୟରେ ପରିଣତ କରିବାର ଉଚ୍ଚ ଆଶା ନେଇ ସେ ତାଙ୍କର ଜୀବନ ଯାତ୍ରାରେ ଚାଲିଛନ୍ତି ଏବଂ ସେ ସ୍ୱପ୍ନକୁ ସାକାର କରିଛନ୍ତି ମଧ୍ୟ । ବାପା ଯଥାର୍ଥରେ ଜଣେ ମେଧାବୀ ଛାତ୍ର, କ୍ରୀଡାବିତ୍, ସୁସଂଗଠକ ଓ ଜଣେ ଦକ୍ଷ ହୃଦ୍‌ବକ୍ଷଶଲ୍ୟ ବିଶେଷଜ୍ଞ ମଧ୍ୟ ।

ଆଗରେ ପଡିଛି ରହି ଦୂର ପଥ ବହୁ କ୍ରୋଶ ବାକି, ଯାତ୍ରୀ ମୁଁ ଚାଲିଛି ପୁଣି ଚାଲୁଥିବି ନମୁଦୁଣୁ ଆଖି ।

ମୋ ବାପା ଦୁଇଟି ଉଜ୍ଜ୍ୱଳ ଅକ୍ଷରର ଉତ୍ତୁଙ୍ଗ ଉତ୍ତରଣ, ଏକ ପ୍ରଜ୍ଞାମୟ, ପ୍ରତିଜ୍ଞାର ପଥ ପ୍ରଦର୍ଶକ ପୁରୁଷ । ସବୁ କିଛି କରିବାର ଏକ ଦୃଢ ପ୍ରତିଶ୍ରୁତି ତାଙ୍କ ଆଖିରେ, କ୍ଷିପ୍ର ଭଳି ଦୃପ୍ତ ତାଙ୍କର ଚାଲି, ଆଉ ମୁହଁରେ ନିର୍ଭୟତାର ଦୃପ୍ତ ଠାଣି ।

ବାପା ରମାରମଣ ହେଉଛନ୍ତି ବିଶିଷ୍ଟ ଶିକ୍ଷାବିତ୍, ବରିଷ୍ଠ ଜ୍ୟୋତିଷ ବିଶାରଦ ତଥା କ୍ରୀଡାବିତ୍ ସ୍ୱର୍ଗତ ନାରାୟଣ ଚନ୍ଦ୍ର ଷଡଙ୍ଗୀଙ୍କର ସୁପୁତ୍ର । ଜେଜେବାପାଙ୍କ ଜୀବନ କେନ୍ଦୁଝରର ଅର୍ଦ୍ଧଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ବହୁଗ୍ରାମ, ମଧ୍ୟକଚ୍ଛରେ ଜନ୍ମ ହେଲେ ମଧ୍ୟ କେନ୍ଦୁଝରର ଡି.ଏନ ହାଇସ୍କୁଲରେ ଶିକ୍ଷକତା କରୁଥିଲେ । ଏକ ଲୋକପ୍ରିୟ ବିଜ୍ଞାନ ଶିକ୍ଷକ ରୂପେ କେନ୍ଦୁଝର ତଥା ଆଖପାଖ ଅଞ୍ଚଳରେ ସେ ପରିଚିତ । ତାଙ୍କର ଅନେକ ଛାତ୍ର ଓଡିଶା ଓ ଓଡିଶା ବାହାରେ ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଏବେ ମଧ୍ୟ ସେମାନେ ତାଙ୍କର ପାଠ ପଢାଇବାର ଶୈଳୀକୁ ଭୁଲି ନାହାନ୍ତି ।

ମା' ସ୍ୱର୍ଗତ ଉଷାରାଣୀ ଜଣେ ସୁଗୃହିଣୀ ଓ ସମାଜସେବୀ ଥିଲେ । ଦଶ ଭାଇଭଉଣୀଙ୍କ ମଧ୍ୟରେ ତୃତୀୟ ଥିଲେ ରମାରମଣ । କେନ୍ଦୁଝରରୁ ସ୍କୁଲ୍ ଜୀବନର ଆରମ୍ଭ, ଡି.ଏନ. ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକୁଲେସନ ପାଶ୍ ଓ କେନ୍ଦୁଝର ବିଜ୍ଞାନ କଲେଜରେ ପ୍ରଥମ ଶ୍ରେଣୀରେ ପ୍ରିପ୍ରଫେସନାଲ୍ ପାଶ୍ କରିଥିଲେ । ସେତେବେଳକୁ ବାପା ଜୁନିଅର ଫୁଟ୍‌ବଲ୍ ଟିମ୍‌ରେ ଅନେକ କୃତି ହାସଲ କରି ସନ୍ତୋଷ ଟ୍ରଫିରେ ଓଡିଶା ତରଫରୁ ବିଭିନ୍ନ ରାଜ୍ୟରେ ଖେଳୁଥିଲେ ଏବଂ ତତ୍‌ସଙ୍ଗେ ସଙ୍ଗେ ସଟ୍‌ପୁଟ୍ ଥ୍ରୋ, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ହାମର୍ ଥ୍ରୋ ଓ ରନ୍‌ରେ ପ୍ରଥମ ହୋଇ ଓଡିଶା ଅଲିମ୍ପିକ୍‌ର ରେକର୍ଡ ଭାଙ୍ଗିଥିଲେ । କହିବା ବାହୁଲ୍ୟ ତା' ପରେ ୫୦ ବର୍ଷ ଧରି ଓଡିଶା ଅଲିମ୍ପିକ୍‌ର ରେକର୍ଡ କେହି ଭାଙ୍ଗି ନଥିଲା । ସେ ଅଲିମ୍ପିକ୍ ଷ୍ଟାଇଲ୍‌ରେ ଜାଭ୍‌ଲିନ ଥ୍ରୋ କରୁଥିଲେ । ଏହା ସହ ସେ ଜଣେ ଅଲ୍‌ରାଉଣ୍ଡର୍ ଥିଲେ । ସେ ପାଠପଢାରେ ସବୁବେଳେ ପ୍ରଥମ ହୋଇ ସ୍କଲାରସିପ୍ ପାଉଥିଲେ ଏବଂ କେନ୍ଦୁଝର କଲେଜ୍‌ର ଜେନେରାଲ୍ ସେକ୍ରେଟେରୀ ମଧ୍ୟ ହୋଇପାରିଥିଲେ ।

ବାପା ନିଜ ଲକ୍ଷ୍ୟରେ ଏତେ ଅଟଳ ଥିଲେ ଯେ, କେବଳ ଡାକ୍ତରୀ ପଢିବେ ବୋଲି ସେ ପ୍ରିପ୍ରଫେସନାଲ୍ ପରେ ଆଉ କୌଣସି ବିଷୟରେ ଦରଖାସ୍ତ ପକେଇ ନଥିଲେ । ଜେଜେବାପା ତାଙ୍କୁ ପଚାରିଥିଲେ, "ଯଦି ତୁ ମେଡିକାଲ୍‌ରେ ସିଟ୍ ନ ପାଉ, ତେବେ କ'ଣ କରିବୁ ?" ବାପା କହିଥିଲେ ମୁଁ ନିଶ୍ଚୟ ଶ୍ରୀରାମଚନ୍ଦ୍ର ମେଡିକାଲ ଭଂଜ ମେଡିକାଲ କଲେଜ୍‌ରେ ହିଁ ସିଟ୍ ପାଇବି ଓ ପଢିବି । ଶ୍ରୀରାମଚନ୍ଦ୍ର



ଭଂଜ ମେଡିକାଲ କଲେଜ୍‌ରେ ଆଡ୍‌ମିଶନ୍ ନେଲା ପରେ ଭଲ ପଢିବା ସହ କଟକର ଜୟ ଦୁର୍ଗା ଓ ରାଇଜିଂଷ୍ଟାର୍ କ୍ଲବ୍ ତରଫରୁ  ଫୁଟ୍‌ବଲ୍ ଖେଳିବା ସହ ସିନିଅର ସନ୍ତୋଷ ଟ୍ରଫି, ଆଇ.ଏଫ୍.ଏ ଏବଂ ବହୁ ଇଣ୍ଟର୍ ନାସ୍‌ନାଲ୍ ମ୍ୟାଚ୍ ମଧ୍ୟ ଖେଳିଛନ୍ତି । ଏହାସହ ବାପା ବହୁତ ଭଲ ପାଠ ମଧ୍ୟ ପଢୁଥିଲେ ।

ସେ ଏସ୍.ସି.ବି ମେଡିକାଲ୍ କଲେଜ୍‌ରେ ଜେନେରାଲ ସେକ୍ରେଟାରୀ ଥିଲାବେଳେ ଛାତ୍ର ସଂସଦରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ । ଇସ୍ପାତ ଜେନେରାଲ ହସ୍‌ପିଟାଲ୍‌ରେ ଏମର୍ଜେନ୍ସି ସର୍ଜରୀରେ ଜୁନିଅର ମେଡିକାଲ୍ ଅଫିସର୍ ଥିବାବେଳେ ଅପରେସନ୍ କରିବା ସହ ସର୍ବଭାରତୀୟ ସ୍ତରରେ 'ହରିହର ମେମୋରିଆଲ ଟ୍ରଫି'ର ଆୟୋଜନ କରିଥିଲେ ଓ ସମସ୍ତ ତତ୍ତ୍ୱାବଧାନ କରିଥିଲେ । ଯେତେବେଳେ ବାପା ଓ ମା' ଏମ୍.କେ.ସି.ଜି ମେଡିକାଲ କଲେଜ୍‌ରେ ଥିଲେ ବାପା ମା' ଦୁହେଁ ଅଲ୍ ଇଣ୍ଡିଆ ପ୍ରତିଯୋଗିତାରେ ପି.ଜି.ଆଇ ଚଣ୍ଡୀଗଡ ଭଳି ଜାଗାରେ ଯଥାକ୍ରମେ ପି.ଜି ଓ ସୁପର ପି.ଜି କଲେ । ବାପା ମୋର ପ୍ରଥମ ଗୁରୁ ଓ ଜୀବନ ଚାଟଶାଳୀର ପ୍ରଥମ ଶିକ୍ଷକ । ତାଙ୍କ ଠାରୁ ହିଁ ମୁଁ ଡାକ୍ତରୀ ପଢିବା ପାଇଁ ପ୍ରେରଣା ପାଇଥିଲି ଏବଂ ପି.ଜି.ଆଇ. ଚଣ୍ଡୀଗଡରୁ ମୁଁ ମଧ୍ୟ ହାର୍ଟ ସର୍ଜରୀରେ ଏମ.ସି.ଏଚ୍ କଲି ।



ଚଣ୍ଡୀଗଡରୁ ଫେରିବା ପରେ  ଏସ୍.ସି.ବି ମେଡିକାଲ କଲେଜ୍‌ରେ ବାପାଙ୍କର ହାର୍ଟ ସର୍ଜରୀ ଓ ମା'ଙ୍କର ଗାଇନୋକୋଲୋଜି ଡିପାର୍ଟମେଣ୍ଟ୍‌ରେ ପୋଷ୍ଟିଂ ହୋଇଥିଲା । ପିଲାଦିନୁଁ ବାପା ମୋର ଓ ଭଉଣୀ ସୋନାଲିର ଖାଇବା ପିଇବା କଥା ବୁଝିବା ସହ ସେଫ୍‌ଟି ବା ନିରାପତ୍ତା ପାଇଁ ବେଶୀ ଧ୍ୟାନ ଦେଉଥିଲେ । ଆମେ ସ୍କୁଲ୍‌ରେ ପାଠ ପଢିବାବେଳେ, ବାପାଙ୍କର ଯେତେ ବିଜି ସେଡ୍ୟୁଲ୍ ଥିଲେ ମଧ୍ୟ ପୁଣି ଘରେ ଡ୍ରାଇଭର୍‌ଟିଏ ଥିଲେ ମଧ୍ୟ ସେ' ନିଜେ ଗାଡି ଡ୍ରାଇଭ୍ କରି ମତେ ଷ୍ଟୁଆର୍ଟ ସ୍କୁଲ୍, ସୋନାଲିକୁ ସେଣ୍ଟ୍ ଜୋସେଫ୍‌ସ୍ କନ୍‌ଭେଣ୍ଟ୍ ସ୍କୁଲ ଏବଂ ମା'କୁ ଗାଇନିକ୍ ଡିପାର୍ଟମେଣ୍ଟ୍‌ରେ ଛାଡନ୍ତି । ଫେରିବା ବେଳେ ହିଁ ଆମ ସହ ସ୍କୁଲ୍‌ରେ ଘଟିଥିବା ସମୟର ଟିକିନିଖି କଥା ବୁଝିଥାନ୍ତି । ତାଙ୍କ ଭାଷାରେ ପିଲାମାନଙ୍କ ସହ ଏଇ ସମୟରେ ଇଣ୍ଟର୍‌ଆକ୍‌ସନ୍ ହିଁ ସବୁଠାରୁ ବଡ କଥା ବୋଲି ସେ ଭାବନ୍ତି । କେବଳ ଆମକୁ ନୁହେଁ ମା' ଡାକ୍ତର ସରୋଜିନୀ ଷଡଙ୍ଗୀଙ୍କର ରାତି ଅଧରେ ଏମର୍ଜେନ୍ସି ସର୍ଜରୀ ବା ଡେଲିଭରି ପଡିଲେ ସେ ମା'ଙ୍କୁ ଗାଡିରେ ନେଇ ଛାଡନ୍ତି ।

ମୁଁ ସ୍କୁଲ୍‌ରେ ପଢିବା ବେଳେ ବାପା ଓପନ୍ ହାର୍ଟ ସର୍ଜରୀରେ ପ୍ରଫେସର୍ ମଳୟଙ୍କ ପାଖରେ ଉଚ୍ଚତର







ଟ୍ରେନିଂ ନେବା ପାଇଁ ନିଉଜିଲ୍ୟାଣ୍ଡର ଡୁନେଡିନ ହସ୍‌ପିଟାଲକୁ ଯାଇଥିଲେ । ମୁଁ ମା' ଓ ଭଉଣୀ ଦୁଇ ମାସ ଛୁଟିରେ ନିଉଜିଲ୍ୟାଣ୍ଡ ଯାଇଥିଲୁ । ସେତେବେଳେ ୱିକ୍ ଏଣ୍ଡରେ ଛୁଟି ନେଇ ବାପା ଆମକୁ ଡୁନେଡିନ୍‌ର ଅନେକ ସ୍ଥାନ ଯଥା ଅକ୍‌ଲ୍ୟାଣ୍ଡ, କ୍ରାଏଷ୍ଟ ଚର୍ଚ୍ଚ ଓ କୁଇନ୍‌ସ୍ ଟାଉନ୍ ଆଦି ବୁଲାଇଥିଲେ । ଓଡିଶା ଫେରିଲା ବେଳକୁ ସିଙ୍ଗାପୁରରେ କିଛିଦିନ ରହି ବୁଲିଥିଲୁ । ସେତିକି ବେଳେ ସିଙ୍ଗାପୁରରୁ ବାପା ଗୋଟିଏ ମୁଭି କ୍ୟାମେରା କିଣି ମତେ ଦେଇଥିଲେ ଓ ତାକୁ କେମିତି ଅପରେଟ୍ କରିବାକୁ ହୁଏ, ମତେ ଶିଖାଇଥିଲେ ଯାହା ପରବର୍ତ୍ତୀ ସମୟରେ ଡାକ୍ତର ହେବା ପାଇଁ ପ୍ରେରଣା ଯୋଗାଇଥିଲା କାହିଁକି ନା ମୁଁ ଅନେକ ବିରଳ ଅପରେସନ୍‌ର ଫଟୋ ସେଥିରେ ଉଠାଇଥିଲି ।


ଆମ ଦୁଇ ଭାଇଭଉଣୀଙ୍କ ଜୀବନକୁ ନିୟନ୍ତ୍ରଣ କରିବାରେ ବାପାଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆମର ଗଠନାତ୍ମକ ବୟସ ବା' ଫର୍‌ମେଟିଭ୍ ଇଅର୍‌ସ୍‌ରେ ଆମେ କେମିତି ନୂଆନୂଆ ଚିନ୍ତାଧାରାରେ ମଗ୍ନ ରହିବୁ ସେ ବିଷୟରେ ଉପଦେଶ ଦେଉଥିଲେ । ମୁଁ ଭଲ ପାଠ ପଢିବା ସହ କ୍ୟାମେରା, ଫଟୋଗ୍ରାଫି ଓ ମ୍ୟୁଜିକ୍‌କୁ ଭଲ ପାଉଥିଲା ବେଳେ ଭଉଣୀ ଗୀତ ଗାଏ ଓ ମ୍ୟୁଜିକ ଶୁଣେ । ସମୟ ନଷ୍ଟ ନକରି ଅବସର ସମୟରେ ବାପା ଆମକୁ ମାର୍କେଟ୍‌ରୁ ଭଲ ମ୍ୟୁଜିକ କ୍ୟାସେଟ୍ କିଣି ଦିଅନ୍ତି । ତେଣୁ ଆଡୋଲେସେନ୍ସ ଏଜ୍‌ରେ ସେ ଆମକୁ ବହୁତ କନ୍‌ଷ୍ଟ୍ରକ୍ଟିଭ ଆଇଡିଆ ଦେଇଥିଲେ । ବାପାଙ୍କର ଏକାଥରେ ଛଅଟି ଯାକ ଇନ୍ଦ୍ରିୟ ଖୁବ୍ ତୀକ୍ଷ୍ଣ ଓ ପ୍ରଖର । ସେ ଚଷମା ନଥାଇ ମଧ୍ୟ ବହୁ ଦୂର ଜିନିଷ ଦେଖିପାରନ୍ତି, ଦୂରରେ ଥାଇ ମଧ୍ୟ ସବୁ ଶୁଣି ପାରନ୍ତି । ଏମିତିକି ଶୋଇଥିଲେ ମଧ୍ୟ ସବୁ ଶୁଣିଥାନ୍ତି, ସଂକ୍ଷିପ୍ତରେ ସବୁ ଜିନିଷ ସ୍ୱଷ୍ଟ ଭାବେ କହିପାରନ୍ତି । ବହୁ ଦୂରରୁ ସେ ବାସ୍ନା ଆଘ୍ରାଣ କରିପାରନ୍ତି, ସ୍ୱାଦ ବାରିପାରନ୍ତି ଏବଂ ସବୁଠାରୁ ବଡ କଥା ହେଲା ତାଙ୍କର ଚେତନା ବା' ସିକ୍ସଥ୍ ସେନ୍‌ସ୍‌ଟି ଖୁବ୍ ସକ୍ରିୟ, ସେ ଯାହାକୁ ଦେଖିଲେ ବି ତାର ମନୋଭାବ ତଥା ସେ ଆଗାମୀ ଦଶବର୍ଷରେ କ'ଣ କରିବ ସେକଥା ଜାଣିପାରନ୍ତି । ତେଣୁ ଆମ  ଦୁଇ ଭାଇଭଉଣୀଙ୍କୁ ସେ ସେଇ ଢାଞ୍ଚାରେ ଗଢିଛନ୍ତି ।

ବାପା ନିଉଜିଲ୍ୟାଣ୍ଡରୁ ଓପନ୍ ହାର୍ଟ ସର୍ଜରୀରେ ଟ୍ରେନିଂ ନେଇ ଆସିବା ପରେ ଏସ୍.ସି.ବିରେ ପ୍ରଥମ ଓପନ ହାର୍ଟ ସର୍ଜରୀ ଆରମ୍ଭ କରିଥିଲେ । ଥରେ ଅକ୍ଟୋବର ମାସ ୨୩ ତାରିଖ ଦିନ ଏସ୍.ସି.ବି ମେଡିକାଲ୍‌ର କାଜୁଆଲଟିରେ କାମ କରୁଥିବା ବେଳେ ଜଣେ ଇଂଜିନିୟରିଂ ଛାତ୍ର ତାଙ୍କର ଡାହାଣ ହାତର କଟା ପାପୁଲି ନେଇ କାଜୁଆଲଟିରେ ପହଞ୍ଚିଲେ । ଗାଁ କଳିରୁ ବଚସା ହୋଇ ତାଙ୍କର ଡାହାଣ ହାତ ଉପରେ ଖଣ୍ଡା ଚୋଟ ବସିଥିଲା ଏବଂ ହାତ ପାପୁଲିଟି କଟି ଯାଇଥିଲା । ସେ ତାକୁ ବରଫ ଥଳିରେ ପୁରାଇ କାଜୁଆଲଟିରେ ପହଞ୍ଚିଲେ । ସେଦିନ ବାପାଙ୍କର ଜନ୍ମ ଦିନ ମଧ୍ୟ ଥିଲା । ସେ ସଙ୍ଗେ ସଙ୍ଗେ କହିଲେ, 'ଦି ହ୍ୟାଣ୍ଡ୍ ସୁଡ୍ ଗୋ ଇନ ଟୁ ଇଟ୍‌ସ୍ ଓରିଜିନାଲ୍ ପ୍ଲେସ୍ ।'

ବାପା ସାଙ୍ଗେ ସାଙ୍ଗେ ସିଦ୍ଧାନ୍ତ ନେଲେ ହାତଟିକୁ ଯୋଡିବା ପାଇଁ, ଗୋଟିଏ ଟିମ୍ ଅଫ୍ ଡକ୍ଟରର୍ସ ଯଥା ଆନାସ୍ଥେସିଷ୍ଟ (ନିଶ୍ଚେତକ), ଅର୍ଥୋପେଡିକ୍ସ, ପ୍ଲାଷ୍ଟିକ୍ ସର୍ଜରୀ, ନିଉରୋ ସର୍ଜରୀ ଓ କାର୍ଡିଆକ୍ ସର୍ଜରୀ ଗଠନ କରି ୧୪ ଘଣ୍ଟା ଧରି ଅପରେସନ୍ କରି କଟା ହାତ ଯୋଡିଲେ । ମୁଁ ସେତେବେଳେ ନବମ ଶ୍ରେଣୀରେ ପଢୁଥିଲି ଏବଂ ମତେ ୧୪ ବର୍ଷ ହୋଇଥିଲା । ମୁଁ ଅପରେସନ୍ ଥିଏଟର(ଓ.ଟି) ଭିତରେ ଘଣ୍ଟା ଘଣ୍ଟା ଧରି ମାସ୍କ ପିନ୍ଧି ମୁଭି କ୍ୟାମେରାରେ ସେ ଫଟୋ ସବୁ ଉଠାଇଲି ଯାହାର ନିଉଜ୍ ଇଲେକଟ୍ରୋନିକ୍ ଓ ପ୍ରିଣ୍ଟ୍ ମିଡିଆରେ ପ୍ରଚାରିତ ଓ ପ୍ରସାରିତ ହୋଇଥିଲା । ଏଥି ସହ ସାରା ଭାରତ ବର୍ଷରେ ଏହା ପ୍ରଥମ 'ରିଇମ୍‌ପ୍ଲାଣ୍ଟେସନ ସର୍ଜରୀ' ହିସାବରେ ଚହଳ ପକାଇଥିଲା । ଏଇ ଅପରେସନ୍‌ଟି ମୋ ଉପରେ ଏତେ ଗଭୀର ପ୍ରଭାବ ପକାଇଥିଲା ଯେ, ତା'ପରେ ମୁଁ ମେଡିକାଲ ପଢି ଡାକ୍ତର ହେବାର ତଥା ଜଣେ ହୃଦ୍‌ବକ୍ଷଶଲ୍ୟ ଚିକିତ୍ସକ 'ହାର୍ଟ ସର୍ଜନ' ହେବାର ଦୃଢ ପ୍ରତିଜ୍ଞା ନେଲି । ସେତେବେଳେ ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏ ଅସ୍ତ୍ରୋପଚାର ଦେଖି ବାପାଙ୍କୁ ଏସ୍.ସି.ବି ମେଡିକାଲ୍ କଲେଜ୍‌ର ଓପନ ହାର୍ଟ ସର୍ଜରୀର 'ପ୍ରାଇମ୍ ମୁଭର୍' ଭାବେ ଅପରେସନ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବାପାଙ୍କର ଆଦର୍ଶ, ବାପାଙ୍କର ଶାସନ, ବାହାରକୁ ଖୁବ୍ କଡା ଦିଶିଲେ ବି ସେ ଭିତରେ ଖୁବ୍ ନରମ, ଠିକ୍ ନଡିଆ ପରି । ସେ ଅତ୍ୟନ୍ତ ସ୍ନେହଶୀଳ ମଣିଷଟିଏ ଏବଂ ନିହାତି ଭାବରେ ପରିବାରପ୍ରେମୀ ପ୍ରାଣ ତାଙ୍କର । ଆମକୁ






*We Make*

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

ସ୍କୁଲ ଛାଡିବା ଆଣିବା ଠାରୁ ଆରମ୍ଭ କରି ଆମର ସବୁ ଜିନିଷ ଆମେ କହିବା ଆଗରୁ ପୂରଣ କରିଦିଅନ୍ତି । ଆଇ.ସି.ଏସ୍.ଇ. ଓ ପ୍ଲସ୍୨ ପରୀକ୍ଷାରେ ଖୁବ୍ ଭଲ ନମ୍ବର ସ୍କୋର୍ କଲା ପରେ ଯେତେ ଜଏଣ୍ଟ୍ ଏଣ୍ଟ୍ରାନ୍ସ ଓ ମେଡିକାଲ ଏଣ୍ଟ୍ରାନ୍ସ ସବୁ ମତେ ଦେବାକୁ ପଡିଥିଲା, ସେତେବେଳେ ପରୀକ୍ଷା ପାଇଁ ବାପା ହିଁ ମତେ ଗାଡିରେ ନେଇଯାଆନ୍ତି । ମା’ ଗାଇନୋକୋଲୋଜିଷ୍ଟ ହିସାବରେ ସବୁବେଳେ ବ୍ୟସ୍ତ ରହୁଥିବାରୁ ଯାଇ ପାରେ ନାହିଁ । ତେଣୁ ବାପା ପରୀକ୍ଷା ସମୟରେ ମତେ ପରୀକ୍ଷା ହଲ୍‌ରେ ଛାଡି ଘଣ୍ଟା ଘଣ୍ଟା ଧରି ବସି ରୁହନ୍ତି । ଏମିତିକି ଯେତେବେଳେ ମେଡିକାଲ୍‌ରେ ସିଟ୍ ପାଇଲି ସେତେବେଳେ ବାପା ହିଁ ନେଇ ଆଡ୍‌ମିଶନ୍ କରାଇଲେ ଏବଂ ଅଲ୍‌ଇଣ୍ଡିଆ ପି.ଜି.ରେ ସାରା ଇଣ୍ଡିଆରେ ଭଲ ମାର୍କ ରଖି ମୁମ୍ବାଇର ଗ୍ରାଣ୍ଟ୍ ମେଡିକାଲ କଲେଜ୍ ଓ ପି.ଜି ଆଇ. ଚଣ୍ଡୀଗଡରେ ହାର୍ଟ ସର୍ଜରୀରେ ଏମ୍.ସି.ଏଚ୍ କଲି । ସେତେବେଳେ ବାପାଙ୍କ ପ୍ରେରଣା ହିଁ ମୋ ପାଇଁ ସବୁ କିଛି ଥିଲା ।

ମୁଁ ଓ ବାପା ଏକାଠି ବହୁତ ହାର୍ଟ ଅପରେସନ୍ କରିଛୁ । ସେ ଖୁବ୍ କଷ୍ଟକର ହାର୍ଟ ଅପରେସନ୍‌କୁ ମଧ୍ୟ ଅତି ସହଜ ଭାବରେ କରିଥାନ୍ତି । ସେ  ଏବେ ବି ଆକ୍ଟିଭ୍‌ଲି ହାର୍ଟ ଅପରେସନ୍ କରୁଛନ୍ତି । ଏବଂ ଏବେ ମଧ୍ୟ ସେ ମତେ ବେଳେ ବେଳେ ଗାଇଡ୍ କରୁଛନ୍ତି । ସାରା ପୃଥିବୀରେ ମାତ୍ର ଅଳ୍ପ କେତୋଟି ବାପପୁଅ ପେୟାର୍ ଅଛନ୍ତି (ପାଞ୍ଚଜଣ ବାପ ପୁଅ ଏବଂ ସମସ୍ତେ ଭାରତୀୟ) ଯେଉଁଠି ଦୁହେଁ ଯାକ ହାର୍ଟ ସର୍ଜନ୍ । ବାପା ଗରିବ ଲୋକଙ୍କୁ ନିଜ ହାତରୁ ଔଷଧ କିଣି ଅପରେସନ୍ କରିଥାନ୍ତି । ବେଳେବେଳେ ନିଜ ଦେହରୁ ବ୍ଲଡ୍ ଡୋନେସନ୍ କରି, ତା’ ପରେ ହାର୍ଟ ଅପରେସନ୍ କରି ରୋଗୀଙ୍କୁ ବଞ୍ଚାଇଥାନ୍ତି । ଗରିବ






ଓ ଧନୀ ରୋଗୀଙ୍କ ଭିତରେ କିଛି ମଧ୍ୟ ବାଛବିଚାର ନ ରଖି ବାପା ସେମାନଙ୍କର ସେବା ଓ ଚିକିତ୍ସା କରିଥାନ୍ତି । ସେ ଜଣେ ଭଲ ପ୍ଲେୟାର୍ ହୋଇଥିବାରୁ ତାଙ୍କର ସେଇ ଖେଳୁଆଡ୍ ମନୋବୃତ୍ତି ସବୁବେଳେ ରହିଛି । ବହୁ ଦୁଃଖ କଷ୍ଟ ଓ କଠିନ ପରିସ୍ଥିତିରେ ମଧ୍ୟ ସେ ମାନସିକ ଚାପଗ୍ରସ୍ତ ହୁଅନ୍ତି ନାହିଁ ଏବଂ ନିଜକୁ ଓ ନିଜ ପରିବାରର ସମସ୍ୟାକୁ ପ୍ରଭୁଙ୍କ ପାଦ ତଳେ ସମର୍ପି ଦେଇ ସେ ସବୁ କଥାର ସମାଧାନ କରିଥାନ୍ତି ।


ମୋ ମା’ ଡାକ୍ତର ସରୋଜିନୀ ଷଡଙ୍ଗୀଙ୍କୁ ସେ ସବୁ କ୍ଷେତ୍ରରେ ସାହାଯ୍ୟ କରିଥାନ୍ତି । ବିଶେଷ ଭାବରେ ବ୍ୟକ୍ତିଗତ କ୍ଷେତ୍ରରେ ପେସାଗତ କ୍ଷେତ୍ରରେ ସେ ତାଙ୍କର ସବୁ ଯତ୍ନ ନେଇଥନ୍ତି । ମା’ଙ୍କ କବିତା ‘ମା’ ନୁହେଁ ପତିତା’ ନେଇ ସେ ଗୋଟିଏ ଫିଲ୍ମ ତିଆରି କରିଥିଲେ ଯାହା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଲାଭ କରିଥିଲା । ଏମିତିକି ‘ବେଷ୍ଟ୍ ପ୍ରଡକ୍ସନ ହାଉସ୍’ ହିସାବରେ ‘ଦାଦା ସାହେବ ଫାଲକେ ଆୱାର୍ଡ’ ପାଇଥିଲା । ଭାରତର ପୂର୍ବାଞ୍ଚଳରେ ଖ୍ୟାତି ଲାଭ କରିଥିବା ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜରେ ଦୀର୍ଘ ୨୫ ବର୍ଷ କାଳ ଚାକିରୀ କରି ଶେଷରେ ହାର୍ଟ ସର୍ଜରୀ ବିଭାଗର ମୁଖ୍ୟ ହୋଇ କାର୍ଯ୍ୟ କରିଥିଲେ ଏବଂ ଏସ୍.ସି.ବି.ର ପ୍ରିନ୍ସିପାଲ୍ ବା ଅଧ୍ୟକ୍ଷ ହିସାବରେ ମଧ୍ୟ ସୁଚାରୁ ଭାବେ ଦାୟିତ୍ୱ ସମ୍ପନ୍ନ କରି ଅବସର ନେଇଥିଲେ ।

ବାପା ଡାକ୍ତର ରମାରମଣ ସହଜରେ ନିଜ ପରାଜୟକୁ ସ୍ୱୀକାର କରନ୍ତି ନାହିଁ । ଅନ୍ୟାୟ ବିରୁଦ୍ଧରେ ସେ ଲଢନ୍ତି ଏବଂ ବିଜୟ ଲାଭ କରିଥାନ୍ତି । ତାଙ୍କ ସମୟର ଏକ ବହୁ ଚର୍ଚ୍ଚିତ ଅଧ୍ୟାୟରେ ଆଡ୍‌ହକ୍  ଆପଏଣ୍ଟ୍‌ମେଣ୍ଟ୍ ବିରୁଦ୍ଧରେ ଲଢି ସୁପ୍ରିମକୋର୍ଟରେ ବିଜୟ ଲାଭ କରି ସାରା ଭାରତ ବର୍ଷରେ ଏକ ଉଦାହରଣ  ଦେଖାଇଛନ୍ତି । ସତ୍‌ପଥରେ ଚାଲୁଥିବା ତଥା ଅନ୍ୟାୟ ସହ ସାଲିସ ନକରି ସଦର୍ପରେ ଓ ସଦମ୍ଭରେ ସମସ୍ତ ସକାରାତ୍ମକ ମନୋବୃତ୍ତି ନେଇ ଚାଲୁଥିବା ମଣିଷଟିଏ ମୋ ବାପା, ସେ ପ୍ରଭୁଙ୍କୁ ପ୍ରଣତି ଜଣାଇ ଗଭୀର ଆତ୍ମବିଶ୍ୱାସ ସହ ଲକ୍ଷ୍ୟ ପଥରେ ଚାଲୁଥିବା ଏକ ସାଲିସ୍ ବିହୀନ ରଣବୀର ସୈନିକଟିଏ । ବାପା ମୋର ପରମ ମିତ୍ର, ପରମ ବନ୍ଧୁ ଏବଂ ପଥ ପ୍ରଦର୍ଶକ । ମୁଁ ତାଙ୍କୁ ବାପା ଭାବେ ପାଇ ଗର୍ବ ଅନୁଭବ କରୁଛି, କାରଣ ସେ ହିଁ ତ ମତେ ଗୋଟିଏ ଦକ୍ଷ ହାର୍ଟ ଟ୍ରାନ୍ସପ୍ଲାଣ୍ଟ୍ ସର୍ଜନ୍ ହେବାର ଶାଣିତ ଅସ୍ତ୍ରଶସ୍ତ୍ରରେ ସଜାଇ ଦେଇଛନ୍ତି ।

ବାପା ମୋ ପାଇଁ ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା ଯାହାର ଚିରନ୍ତନ ରଶ୍ମୀ ମୋ ଜୀବନର ଯାତ୍ରାପଥକୁ ଆଲୋକିତ କରିରଖିବ । ପ୍ରତିଦିନ ପ୍ରଭାତରେ ପ୍ରଭୁଙ୍କୁ ପ୍ରଣାମ ଜଣାଉଛି ଯେ, ମୋ ବାପାଙ୍କୁ ସେ ଆହୁରି ଯଶସ୍ୱୀ, ଦୀର୍ଘଜୀବି ଓ ଆୟୁଷ୍ମାନ କରନ୍ତୁ ଏବଂ ମୋ ଭଳି ଅନେକଙ୍କର ଜୀବନର ସେ ପଥ ପ୍ରଦର୍ଶକ ହୋଇ ରହିଥାନ୍ତୁ ।


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

# ସର୍ବତ୍ର ସୁଖ



# ରୋନାଲିସାଙ୍କ ରୋଷେଇ



**ରୋନାଲିସା ପଣ୍ଡା**
ସହଦେବଖୁଣ୍ଟା, ବାଲେଶ୍ୱର
ଫୋନ: ୭୦୦୮୪୮୬୭୩୮
ଫଟୋ ସୌଜନ୍ୟ: ଲେଖିକା

## ପୁଦିନା ଦହି ସର୍‌ବତ୍

**ଆବଶ୍ୟକ ସାମଗ୍ରୀ :** ଦହି ୨କପ୍, ପୁଦିନା ଅଳ୍ପ, ଭଜା ଜିରା ୧ଚାମଚ, ଗୋଲ ମରିଚ ୧ ଚାମଚ, କଳାଲୁଣ ୧ଚାମଚ, କଂଚା ଲଙ୍କା ୧ଟା, ଚିନି ୧/୨ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟେ ଗ୍ରାଇଣ୍ଡର୍ ବଡ଼ ଜାର୍‌ରେ ପ୍ରଥମେ ଧୁଆ ପୁଦିନା ପତ୍ର, କଞ୍ଚାଲଙ୍କା, ଗୋଲମରିଚ, କଳାଲୁଣ, ଚିନି ଓ ଗୋଟା ଜିରା ପକାଇ ଭଲ ଭାବରେ ବାଟି ଦିଅନ୍ତୁ । ସେଥିରେ ଦହି ପକାଇ ଆଉଥରେ ଗ୍ରାଇଣ୍ଡର୍ ଚଳାନ୍ତୁ । ଏହାପରେ ପାଣି ଓ ବରଫ ପକାଇ ଘାଣ୍ଟି ଦିଅନ୍ତୁ ଓ ଗ୍ଲାସ୍‌ରେ ସର୍ଭ କରନ୍ତୁ ପୁଦିନା ସର୍ବତ ।



## ଦହି ଡିଲାଇଟ୍

**ଆବଶ୍ୟକ ସାମଗ୍ରୀ :** ଦହି ୨୦୦ଗ୍ରାମ, ବୁନ୍ଦି ୫୦ଗ୍ରାମ, ବେଡ଼ିନା ମଂଜି ୫୦ଗ୍ରାମ, ଚିନି ୨ ଚାମଚ, ଚାଟ୍ ମସଲା ୧ ଚାମଚ, ବିଟ୍ ଲୁଣ ୧/୨ ଚାମଚ, ଲଙ୍କା ଓ ଜିରା ଗୁଣ୍ଡ ୧ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଧା ଦହିରେ ବୁନ୍ଦି, ଲୁଣ ଜିରା ଲଙ୍କା ଗୁଣ୍ଡ ଓ ଟିକେ ଚିନି ପକାଇ ଘାଣ୍ଟି ଦିଅନ୍ତୁ । ବେଡ଼ିନା ମଂଜିରେ ଚାଟ୍ ମସଲା ଦେଇ ଗୋଳାଇ ଦିଅନ୍ତୁ । ଅଧା ଦହିରେ ଅଳ୍ପ ଚିନି ପକାଇ ଘାଣ୍ଟି ଦିଅନ୍ତୁ । ଗୋଟେ ଗ୍ଲାସ୍‌ରେ ପ୍ରଥମେ ଦହି ବୁନ୍ଦି ପରେ ମସଲା ବେଡ଼ିନା ମଂଜି ଓ ପରେ ପୁଣି ଦହି ପକାଇ ପରଷନ୍ତୁ ଦହି ଡିଲାଇଟ୍ ।



## ଧନିଆ ଦହି ସରବତ

**ଆବଶ୍ୟକ ସାମଗ୍ରୀ :** ଦହି ୨୫୦ଗ୍ରାମ, ଧନିଆ ପେଷ୍ଟ୍ ୧କପ୍, ଭଜା ଜିରା ୫ଚାମଚ, ଗୋଲମରିଚ ଗୁଣ୍ଡ ୫ ଚାମଚ, ଚାଟ୍ ମସଲା ୧ଚାମଚ, ଆମ୍ବ ଅଦା ଅଳ୍ପ ଟିକେ, କଂଚାଲଙ୍କା ୧ଟା, କଳାଲୁଣ ୨ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଦହିରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ, ଧନିଆ ପେଷ୍ଟ୍‌ରେ ଅଦା କଟା, ଲଙ୍କା କଟା ଓ ଚାଟ୍ ମସଲା ଗୋଲମରିଚ ଗୁଣ୍ଡ ଓ ପାଣି ଆଦି ପକାଇ ଭଲଭାବରେ ଗୋଳାଇ ଦିଅନ୍ତୁ । ଗୋଟେ ଗ୍ଲାସ୍‌ରେ ପ୍ରଥମଥର ଟିକେ ଦହି ଏହାପରେ ଧନିଆ ପେଷ୍ଟ୍ ଓ ପୁଣି ଦହି ପକାଇ ପରେ ଭଜା ଜିରା ଦେଇ ଥଣ୍ଡା କରି ଦିଅନ୍ତୁ ପିଇବା ପାଇଁ ।



## ମିଠା ଦହି ଫ୍ରୁଟ୍ ସାଲାଡ୍

**ଆବଶ୍ୟକ ସାମଗ୍ରୀ :** କ୍ଷୀର ୫୦୦ ଗ୍ରାମ, ଚିନି ୧୫୦ଗ୍ରାମ, ଦହି ୨ ଚାମଚ, କଟା ଶେଉ ୧ଟା, ଡାଳିମ୍ବ ମଂଜି ୧/୨ କପ୍, କଟା କଦଳୀ ୨ଟା, ଅଙ୍ଗୁର ଅଳ୍ପ, ଗୋଲାପ ଜଳ ୧ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** କ୍ଷୀରକୁ ଚିନି ପକାଇ ଭଲ ଭାବରେ ଫୁଟାଇ ଦିଅନ୍ତୁ । କ୍ଷୀର ଥଣ୍ଡା ହେଲେ ସେଥିରେ ଗୋଲାପ ଜଳ ଓ ଦହି ପକାଇ ୬ଘଣ୍ଟା ପାଇଁ ରଖି ଦିଅନ୍ତୁ । ଏହା ମିଠା ଦହି ହୋଇଯିବ । ସମସ୍ତ ପ୍ରକାର ଫଳକୁ ଦହିରେ ପକାଇ ପ୍ରସ୍ତୁତ କରନ୍ତୁ ମିଠା ଦହି ସାଲାଡ୍ । ଏଥିରେ ଅଳ୍ପ ଲୁଣ ଓ କଞ୍ଚା ଲଙ୍କା ପକାଇଲେ ମଧ୍ୟ ଭଲ ଲାଗେ ।



# ସର୍ଜନଶୀଳତାରେ ସମାନତା

ସର୍ଜନଶୀଳ କର୍ମରେ ଲିପ୍ତ ଲେଖକମାନଙ୍କ ଭିତରେ ଅନେକତ୍ର ମହତ ଗୁଣମାନ ପରିଲକ୍ଷିତ ହୋଇଥାଏ । ଯେହେତୁ ସର୍ଜନା ଏକ ମହତ୍ତର ଗୁଣ ଏବଂ ଏଇ ଗୁଣଟି ସମସ୍ତଙ୍କୁ ପ୍ରାପ୍ତ ହୋଇନଥାଏ, ତେଣୁ ଈଶ୍ୱରଦତ୍ତ ଏ ଗୁଣଟି ଥିବା ଯୋଗୁଁ ସେ ଅନ୍ୟ ସାଧାରଣ ବ୍ୟକ୍ତିଙ୍କ ଠାରୁ ଭିନ୍ନ ହୋଇଥାନ୍ତି । ପ୍ରକାରାନ୍ତରେ ଅସାଧାରଣ ବି କହିପାରନ୍ତି । ସର୍ଜନା ଏକ ଏମିତି କଳା, ଯାହାଦ୍ୱାରା ସୃଜନଶୀଳତାର ବିକାଶ ଘଟି ଜଣେ ଲେଖାଲେଖି ଜଗତରେ ପ୍ରବେଶ କରେ ଏବଂ ତଦନୁସାରେ ତା'ର ଲେଖକୀୟ ପ୍ରସିଦ୍ଧି ଆସିଥାଏ । ଯେହେତୁ ସର୍ଜନା ଏକ ଶାଶ୍ୱତ କର୍ମ, ସୁତରାଂ ଏହି କର୍ମରେ ଲିପ୍ତ ମଣିଷଟି ଅନେକ କାରଣରୁ ଉଦାର, ସହିଷ୍ଣୁ, ମହାନ ଓ ବିନୟୀ ହେବାର ଦେଖା ଯାଇଥାଏ । ପ୍ରସିଦ୍ଧି ଅର୍ଜନ କରିଥିବା ଆମ ସାହିତ୍ୟର ଅନେକ ମୁର୍ଦ୍ଧଣ୍ୟ ବର୍ଗର ଲେଖକଙ୍କ ଠାରେ ଏହି ପ୍ରକାର ସ୍ୱଭାବ ଦେଖିବାକୁ ମିଳେ ।

ଏହି ମର୍ମରେ ମୁଁ ଆମ ସାହିତ୍ୟର ଦୁଇଜଣ ଶିଖର ପୁରୁଷଙ୍କ ନାମ ଉଚ୍ଚାରଣ କରିବି । ଜଣେ ହେଲେ ଗଳ୍ପ ଓ ଉପନ୍ୟାସ ଜଗତର ବିଶ୍ୱବିଦିତ ଲେଖକ ମନୋଜ ଦାସ ଏବଂ ଆରଜଣକ ହେଲେ କାବ୍ୟ-ସ୍ୱଭାବରେ ଭିନ୍ନ ଜଣେ ବିଖ୍ୟାତ କବି ରାଜେଂଦ୍ର କିଶୋର ପଂଡ଼ା । ଏ ଦୁହିଁଙ୍କ ନାମ ଏଠାରେ ନେଉଛି ଏଇଥିପାଇଁ ଯେ, ଏମାନେ ସର୍ଜକ ସତ କିନ୍ତୁ ଏମାନଙ୍କ ପାଖରେ ଅନୁସରଣ କରିବା ପରି ବ୍ୟକ୍ତିତ୍ୱ ବିଦ୍ୟମାନ ।



ଆମେ ଯେଉଁମାନେ ଲେଖାଲେଖି ଜଗତରେ ବିଚରଣ କରୁ, ଆଚରଣ କରୁ, ଆମମାନଙ୍କ ଭିତରେ ଥିବା ଅନେକ ପ୍ରକାର ନକାରାତ୍ମକ ଗୁଣ ପ୍ରକାଶ ପାଇଥାଏ । ଅର୍ଥାତ୍ କହିବାର କଥା ହେଲା ଲେଖକଟିଏ ହୋଇଥିବାରୁ ଆମ ଭିତରେ ସଦ୍‌ଗୁଣ ତ ରହିବା ବିଧେୟ, ଯଦିଚ ନାହିଁ, ତଥାପି ଅସତ୍ ଗୁଣ ତ ରହିବା ଆଦୌ ଉଚିତ୍ ନୁହଁ । କାରଣ ଆମେମାନେ ଲେଖକଶ୍ରେଣୀର ହୋଇଥିବାରୁ ଆମମାନଙ୍କ ଲେଖାରେ ଥିବା ନିହିତ ବାର୍ତ୍ତା ଏବଂ ଆମମାନଙ୍କ ବ୍ୟକ୍ତିତ୍ୱରୁ ଫୁଟି ଉଠୁଥିବା ଗୁଣମାନ ଦ୍ୱାରା ସାଧାରଣ ଲୋକ ଏବଂ ଆମମାନଙ୍କ ଫ୍ୟାନ୍ ବା ପ୍ରଶଂସକମାନେ ପ୍ରଭାବିତ ହେବା ସ୍ୱାଭାବିକ । ସେଇ ଦୃଷ୍ଟିରୁ ଲେଖକଟିଏ ସଚେତନ ରହିବା ଜରୁରୀ ।

ସର୍ଜନଶୀଳତାରେ ଈର୍ଷା ଅସୂୟା, ଅସହିଷ୍ଣୁତା, ଅସମାନତା, କପଟତା, ଛଳନା, ମିଥ୍ୟାଚାର ଭଳି ସ୍ୱଭାବ ଓ ଆଚରଣ ସର୍ବାଦୌ ବର୍ଜନୀୟ ଅଟେ । କିନ୍ତୁ ଆଜିର ସମୟରେ ଆମେମାନେ ରାତି ପାହିଲେ ହିଁ ଅଭିବ୍ୟକ୍ତିର ଅଧିକାରକୁ ପାକୁଳି କରି ଅନ୍ୟର କୁତ୍ସା କରୁ, ଅନ୍ୟର ଦୋଷ ବାଛୁ, ଅନ୍ୟକୁ ଉପଦେଶ ଦେଉ । ଏସବୁକୁ ପ୍ରୋତ୍ସାହିତ କରେ ଆଜିର ଦିନରେ ଉପଲବ୍ଧ ଏକ ସାମାଜିକ ଗଣମାଧମ 'ଫେସ୍‌ବୁକ୍'ର ଅବାଧ ଗୋଚର ଭୂମି । ସେଠି ପିତାମାତା ନଥିବା ଏକ ସଂସାର ଭିତରେ ଆମେ ନିଜର ଅହଂ ଓ ବଡ଼ିମାକୁ ମନଇଚ୍ଛା ଝାଡୁ । ଫଳରେ ହୁଏ କ'ଣ ? ପରିବେଶଟି ନଷ୍ଟ ହୁଏ ଏବଂ ଲେଖକଙ୍କ ପ୍ରତି ଥିବା ଆଦରଭାବ ଲୋପ ପାଏ । ସାଧାରଣ ମଣିଷଟି ଲେଖକଟିକୁ ସମ୍ମାନ ଦେବାକୁ କୁଣ୍ଠା କରେ । ଏପରି ଆଚରଣକୁ କ'ଣ ଆମେ ପରିତ୍ୟାଗ କରିପାରିବା ନାହିଁ ?

ପ୍ରସଙ୍ଗକୁ ଆସିବି ଏଥର । ଥରେ ମନୋଜ ଦାସଙ୍କୁ ମୁଁ ନିବେଦନ କରିଥିଲି, ମୋତେ 'କୃଷ୍ଣବାବୁ' ଓ 'ଆପଣ' ବଦଳରେ କେବଳ 'କୃଷ୍ଣ' ଓ 'ତମେ' ସମ୍ବୋଧନ କରିବାକୁ । ଏହା କହିଥିଲି ଏଇଥିପାଇଁ ଯେ ମୋ ଆଗରେ ସେ ଥିଲେ ଶିଖର ପୁରୁଷ ଆଉ ମୁଁ ଛୋଟ ଏକ ଲେଖକ । ମୋ କଥାକୁ ଶୁଣି ସେ କେବଳ ହସିଥିଲେ ଆଉ କହିଥିଲେ, "କୃଷ୍ଣବାବୁ, ମୁଁ ଆପଣଙ୍କ ଭିତରେ ଥିବା ଲେଖକୀୟ ସତ୍ତାକୁ ସମ୍ମାନ କରେ । ତେଣୁ ଆପଣଙ୍କୁ ମୁଁ 'କୃଷ୍ଣବାବୁ' ହିଁ ଡାକିବି । ଆପଣଙ୍କ ଲେଖକୀୟ ସତ୍ତାର କୌଣସି ଛୋଟବଡ଼ ସୀମା ନାହିଁ । ସୁତରାଂ ଏପରି ବିଚାର ପରିହାର୍ଯ୍ୟ ।" ତାଙ୍କର ଏ ଅକାଟ୍ୟ ଯୁକ୍ତି ପାଖରେ ମୁଁ କେବଳ ନିର୍ବାକ୍ ହୋଇଗଲିନି, ବରଂ ମୁଁ ଜ୍ଞାନ ଓ ଚେତନା ସ୍ତରରେ କେତେ ନିମ୍ନରେ ଅଛି, ହୃଦୟଙ୍ଗମ କଲି । କହିବା ବାହୁଲ୍ୟ, ଏପରି ଅନୁରୋଧ ତାଙ୍କୁ ମୁଁ ଆଉ କରିନାହିଁ କି ମୃତ୍ୟୁ ପର୍ଯ୍ୟନ୍ତ ସେ ମୋତେ ସେଇ ସମ୍ବୋଧନ କରି ଆନନ୍ଦିତ ହେଉଥିବା ମୁଁ ଲକ୍ଷ୍ୟ କରିଛି । ଜଣେ ମହାମାନବ ଶ୍ରେଣୀର ଲେଖକ ସମକାଳର କନିଷ୍ଠ ଜଣେ ଲେଖକ ପ୍ରତି ଏତେ ସ୍ନେହଭାବ ଓ ସମ୍ମାନ ପ୍ରଦର୍ଶନ କରିପାରନ୍ତି, ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ।

ଆଉ ଏକ ସମୟର କଥା । ସାହିତ୍ୟ ଏକାଡ଼େମୀର ଏକ କାର୍ଯ୍ୟକ୍ରମରେ ଯାଇଥିବା ବେଳେ ବିଖ୍ୟାତ କବି ରାଜେଂଦ୍ର କିଶୋର ପଂଡ଼ାଙ୍କ ସହିତ ସଭା ଆରମ୍ଭ ପୂର୍ବରୁ କିଛି ସମୟ ବ୍ୟୟ କରିବାର ଏକ ଅନ୍ତରଙ୍ଗ ସୁଯୋଗ ମିଳିଥିଲା । ସାଥିରେ ଥିଲେ ମୋର ଅନ୍ୟତମ ବରେଣ୍ୟ କବି ଫନୀ ମହାନ୍ତି । ତେବେ ରାଜେଂଦ୍ର କିଶୋର ପଂଡ଼ା କଥା ଛଳରେ ଗୋଟିଏ ଚମତ୍କାର କଥା ଶୁଣାଇଥିଲେ, ଯାହା ମୋ ଭିତରେ ଗଭୀର ଭାବେ ରେଖାପାତ କରିଥିଲା । ତାଙ୍କ କହିବା କଥା ହେଲା, ଲେଖକକୁଳ ଭିତରେ ବଡ଼ସାନ ଭେଦ ରହିବା ଅନୁଚିତ । ମୋତେ ତୁମେ 'ସାର୍' ନଡାକି କେବଳ 'ରାଜେଂଦ୍ର' ବା ସଂକ୍ଷିପ୍ତରେ 'ଆର୍‌କେପି' ବୋଲି ଡାକିଲେ ମୋର କିଛି ଅଭିଯୋଗ ରହିବ ନାହିଁ । କାରଣ ସୃଜନଶୀଳ ପ୍ରତିଭାଟିର କୌଣସି ଛୋଟବଡ଼ ବୟସ ନଥାଏ । ଯାହା ପାଖରେ ଥାଏ, ସେ ଲେଖିପାରେ । ଏହା ହିଁ ତା'ର ପରିଚୟ । କେଡ଼େ ଉଦାର ଓ ପ୍ରଶସ୍ତ ସେ !

ଏସବୁ କଥାରୁ ଗୋଟିଏ କଥା ସ୍ପଷ୍ଟ ଯେ, ଲେଖକମାନେ ଏଥିପ୍ରତି ସମ୍ବେଦନଶୀଳ ଥାଆନ୍ତି । କିନ୍ତୁ ସମୟ ସମୟରେ ଲେଖକ ଲେଖକ ଭିତରେ ଅହଂଯୁଦ୍ଧ କାରଣରୁ ଛୋଟ ବଡ଼ କଥାଟି ଉଠିଆସେ । 'ମୁଁ ବେଶି ଜାଣିଛି, ତୁ କମ୍ ଜାଣିଛୁ'ର ବାହାସ୍ଫୋଟ ଚାଲେ । ଅନେକଥର ଯଶସ୍ୱୀ କବି ରମାକାନ୍ତ ରଥ କହିଥିବା ମନେ ଅଛି: "କୃଷ୍ଣ ଏ କବିତା ପରି ମୁଁ କଣ ଲେଖିପାରିବି ?" କିମ୍ବା କବିତାଟେ ପଠାଇ ଦେଇ ଚିଠିରେ ଲେଖିଥିବେ ଧାଡ଼ିଏ : "କୃଷ୍ଣ କବିତାଟି ଭଲ ନଲାଗିଲେ ଛାପିବନି ।" କେଡ଼େ ନମ୍ର ଓ ଉଦାର ସେ ! ପ୍ରକୃତରେ ଛୋଟବଡ଼ ଭେଦ ଆମ ମନର ଏକ ଭ୍ରମ । ନହେଲେ ଆମେ ସମସ୍ତେ ସମାନ । ସୁତରାଂ ଲେଖକ ମାତ୍ରେ ସମ୍ମାନର ଯୋଗ୍ୟ । ହଁ ବୟସରେ ସାନ ବଡ଼ ହେଲେ, ଆମେ ତଦନୁସାରେ ସମ୍ବୋଧନ କରିପାରୁ, ସ୍ନେହ ବା ପ୍ରଣାମ ଜଣାଇ ପାରୁ । ଅନ୍ୟଥା ସମସ୍ତଙ୍କୁ ସମାନ ଭାବିଲେ ସାହିତ୍ୟର ଏ ସଂସାରରେ 'ସମାନତା'ର ଏକ ମଧୁର ମଳୟ ପ୍ରବାହିତ ହେବ, ଏହା ନିଃସନ୍ଦେହ ।

Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

★★★HIGHLAND★★★
Group


Image: HIGHLAND AGRO PLANT, Balasore, Odisha














/ highlandagro

# HIGHLAND GROUP

**Corporate Office:** Alupur, Near Laxminaryan Temple, O.T. Road, Balasore, Odisha (India) - 756001
+91-6782 - 262550 I info@highlandgroups.com
www.highlandgroups.com

SUPRATIK INFRAVENTURES

# The best property in the town to live



Few Villas Available




2BHK, 3BHK & 4BHK Flats Available

## Ammenities



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL




**Supratik Infraventures Private Limited**

Branch Office: Alupur,Near Laxminaryan Temple, O.T. Road, Balasore - 756001

+91-7205330222 I sales@supratikinfraventures.com

www.supratikinfraventures.com

The **REBATI AMA MATIRA SWARA** ● April 2022 Vol - 4 Issue -6 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108




Stunning Waterfalls. Diverse Landscapes. Exotic Wildlife.
**When in Odisha, discover the secrets of nature's bounty.**

ODISHA
INDIA'S BEST KEPT SECRET.

odishatourismofficial odishatourismofficial odisha_tourism

Associate editor : **Krushna Kumar Mohanty** Editor : **Subasini Jena**